କିଶୋରୀ ଚରଣ ଦାସ

ଶାଳିଗାଳିଗାଳି ସାଧବ ବୋହୂ

ନାଲିଗୁଲୁଗୁଲୁ ସାଧବବୋହୂ

ଲେଖକ :

କିଶୋରୀଚରଣ ଦାସ

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ପ୍ରକାଶକ :
ମନୋଜକୁମାର ମହାପାତ୍ର
ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨

ମୁଦ୍ରକ :
ବଶୂକର ଦାସ
ବ୍ରଜେନ୍ଦ୍ର ପ୍ରେସ, ଗଙ୍ଗାମଢର, **କଟକ-୧**

ପ୍ରଥମ ମୁଦ୍ରଣ : ଜୁଲାଇ ୧୯୭୮
ଦ୍ୱିତୀୟ ମୁଦ୍ରଣ : ଜୁନ୍ ୧୯୯୫

ମୂଲ୍ୟ : ଟ ୩୫-୦୦

Digitized by srujanika@gmail.com

କୁମ,

ସକାଳ ସରନାହିଁ ନା ସଞ୍ଜ ବେଳେ ବେଳେ ସକାଳ ପରି ମନେହୁଏ ?

ଯାହାହେଉ, ଯେଉଁ ସକାଳର ଆବେଗରେ ଉଚ୍ଛନ୍ନ ହୋଇ "ଲକ୍ଷ ବିହଙ୍ଗ" ଭେଟି ଦେଇଥିଲି, ଆଜି ତାର ରଙ୍ଗ ଅନେକ ଅନ୍ତରଙ୍ଗ ପ୍ରୀତି ଓ ସ୍ମୃତିରେ ଦଗ୍‌ଧହୋଇ ଏତେ ସୁନ୍ଦର ଦେଖାଯାଉଛି ଯେ, ମନେହେଉଛି ଆଉ ଥରେ ଆଉ କିଛି— ହେଲା ଏବେ ଏଇ ନାଲିଗୁଲୁଗୁଲୁ ସାଧବବୋହୂଟିକୁ— ନଦେଲେ ମନ ପୂରିବ ନାହିଁ ।

ଅବଶ୍ୟ ମନ ପୂରିବ ନାହିଁ । ଆହୁରି ଅଧିକ କହିବାପାଇଁ, ଦେବା ପାଇଁ, ଏକାଠି ହେବାପାଇଁ, ଆତୁର ହେଉଥିବ ବଞ୍ଚିଥିବାଯାଏଁ । ପୂର୍ଣ୍ଣସ୍ୟ ପୂର୍ଣ୍ଣ-ମାଦାୟ·····ଇତ୍ୟାଦିର ଅମୃତ ଆମ ପତ୍ତରରେ ପଡ଼ିଲା ପରି ଦିଶୁନାହିଁ । ତା' ବୋଲି ଥକିଯିବ, ଅପୂରଣକୁ ମାନିନେବ କାହିଁକି ?

Digitized by srujanika@gmail.com

ନିଜକଥା

କେତୋଟି ନୂଆ ପୁରୁଣା ଗଳ୍ପକୁ ଏକାଠି କରି ଆଜି ଗୋଟିଏ ଗୁଚ୍ଛ ସଜାଇବାକୁ ମନହେଲା । ଶୈଳୀରେ ସାମାନ୍ୟ ତାରତମ୍ୟ ଥାଇପାରେ— କିନ୍ତୁ ଚିନ୍ତା ଚେତନାରେ ଗଡ଼ାଣି ଉଠାଣି ଥିବନାହିଁ ବୋଲି ମୋର ଧାରଣା । ମୂଳରେ ଶେଷରେ ଏକମେବ ଜଣେ, ଏକୁଟିଆ । ପ୍ରଥମଗଳ୍ପ "ଭଙ୍ଗାମୂନ"ର କବି ଶେଷ ଗଳ୍ପ "ପୁରସ୍କାର"ର କବିଠାରୁ ପ୍ରାୟ ଦଶବର୍ଷ ପୁରୁଣା; କିନ୍ତୁ ଦୁହେଁ କ'ଣ ଜଣେ ନୁହନ୍ତି ? ବାସ୍ତୁ ନୁହନ୍ତି ? ବୟସ ଓ ଅଭିଜ୍ଞତା ବଢ଼ିବା ସତ୍ତ୍ୱେ ବିଚରା ଶାନ୍ତ ହୋଇପାରିବ ନାହିଁ । ଆପଣା ଜ୍ୱାଳା ଓ ବଢ଼ିମାରେ ମରୁଛି । ତାକୁ ଦୟା ଦେଖାଇଲେ କେତେ, ଫୁଲମାଳା ପିନ୍ଧାଇଲେ କେତେ—ସେ ବଦଳିବାକୁ ଚାହେଁନାହିଁ ।

ଭଳିକିଭଳି ବେଶ ପିନ୍ଧି ଆସିଲେ ମଧ୍ୟ ଆପଣ ତା'ର ବାସ୍ତୁପଣକୁ ଚିହ୍ନିବେ, ହୁଏତ ଭଲପାଇବେ ବୋଲି ମୋର ବିଶ୍ୱାସ ।

କିଶୋରୀଚରଣ

Digitized by srujanika@gmail.com

ସୂଚୀ

୧ ।	ଭଙ୍ଗାମୁନ	୧
୨ ।	କାଠଘୋଡ଼ା	୯
୩ ।	ଶୃଙ୍ଗାରରସ	୧୯
୪ ।	ସାମାନ୍ୟ ସୂର୍ଯ୍ୟ	୩୩
୫ ।	ନାଲଗୁଲୁଗୁଲୁ ସାଧବବୋହୂ	୪୪
୬ ।	ମୁକ୍ତକେଶୀ	୬୦
୭ ।	କଆଁ ଓ ପାଉଁଶ	୬୩
୮ ।	ଅଳକର ଫୁଲ	୮୭
୯ ।	ପାହାଡ଼	୯୭
୧୦ ।	ମିଶ୍ରବାବୁ	୧୦୬
୧୧ ।	ପୁରସ୍କାର	୧୧୭

Digitized by srujanika@gmail.com

ଭଙ୍ଗାମୁନ

ମନୋରଞ୍ଜନବାବୁଙ୍କୁ ଯଥାକ୍ରମେ ଗୋଟିଏ ଏୟାର୍‌କଣ୍ଡିସନ୍‌ଡ୍ ରୁମ୍‌ରେ ବସିବାକୁ ପଡ଼ିଲା । ଏଥିପାଇଁ ସେ ପ୍ରସ୍ତୁତ ଥିଲେ । ଅଫିସର ବୃତ୍ତି ନିଭାଇବାକୁ ପଡ଼ିବ, ବାଇଶି-ପାହାଚ ଚଢ଼ିବାକୁ ପଡ଼ିବ; ମନ୍ଦିରେ ଅଟକିଗଲେ ଦୁଃଖ ନାହିଁ, କିନ୍ତୁ ଚଢ଼ିବାକୁ ପଡ଼ିବ । ଶେଷକୁ ଅବସର ଗ୍ରହଣ···ଆରାମ···କବିତା···ଦିନରାତି ଅସରନ୍ତି କବିତା···ଆଃ !

ଜାଣିବା ଉଚିତ ଯେ ମନୋରଞ୍ଜନବାବୁ ଅଫିସର୍ ହେଲେ ମଧ୍ୟ ଜଣେ କବି । କବି ହେଲେ ମଧ୍ୟ ସେ ଜଣେ ଅଫିସର୍ । ଏଭଳି କଥା ଶୁଣିଲେ ସେ ଚଢ଼ିଉଠନ୍ତି । କହନ୍ତି—ଯେ କବିତା ଲେଖିପାରେ ସେ ଚଣ୍ଡୀପାଠଠାରୁ ଜୋତା ସିଲେଇ ପର୍ଯ୍ୟନ୍ତ ସବୁ କରିପାରେ । ସେ ତ୍ରିକାଳଦର୍ଶୀ । ସେ ସୃଷ୍ଟିର ସାରତତ୍ତ୍ୱକୁ ଜାଣିପାରନ୍ତି, ବୁଝିପାରନ୍ତି ଏବଂ ଫୁଟାଇପାରନ୍ତି ।

ସେ ଏୟାର୍‌କଣ୍ଡିସନ୍‌ଡ୍ ରୁମ୍‌ର ଜମକୁ ସ୍ୱୀକାରକଲେ । ରୁମ୍‌ରେ ପାଦଦେଇ ମାତ୍ର କିଛିକ୍ଷଣ ସେ ତା'ର ନିବୁଜ ବନ୍ଦ ଝରକାଗୁଡ଼ିକୁ ଦେଖିଲେ, ଏୟାର୍‌କଣ୍ଡିସନର୍‌ର ଘର୍ଘରକୁ ଶୁଣିଲେ, ବଢ଼ିଉଠୁଥିବା ଶୀତଳଭାବକୁ ଅନୁଭବ କଲେ ଓ ଭାବିଲେ ଇଏ ବି ଗୋଟାଏ ରକମ, ଇଏ ବି ଗୋଟାଏ କାଇଦା । ବେଶ୍ ।

ସକାଳୁଆ ଫାଇଲ୍ କେତୋଟିକୁ ସାରଦେଲା ପରେ ସେ ସବୁଦିନ ପରି କଲମ ଧରିଲେ । ଯଥାର୍ଥ ଓ ସାର୍ଥକ କଲମ । କବିତା । ଅଫିସ୍ କାମର ଫାଙ୍କରେ ଅଳ୍ପ ବହୁତ କବିତା ନ ଲେଖିଲେ ସେ ନିଜକୁ ସାବାସ୍ ଦେଇପାରନ୍ତି ନାହିଁ । ବେଷ୍ଟନୀକୁ ଟପିଯିବାର ଗୋପନ ଆନନ୍ଦଟିକ ନ ପାଇଲେ କେମିତି ନିଜକୁ ପ୍ରମାଣ କରିହେବ ଯେ ସେ ଭିନ୍ନ ଧାତୁରେ ଗଢ଼ା ? ଯେ ସେ ଅଫିସର ହେଲେ ମଧ୍ୟ—?

ପ୍ରଥମେ ତାଙ୍କର ମନେହେଲା ଯେ ଆଜି କାଗଜଟି ଖୁବ୍ ଚିକ୍‌କଣ ହୋଇଯାଇଛି, କଲମ ଚର୍‌ଚର୍ ହୋଇ ଲେଖିଯିବ ।

ପ୍ରଥମେ ତାଙ୍କର ମନେହେଲା ଯେ ସୁଦୂର ସିନ୍ଧୁର ଶବ୍ଦ ଶୁଭୁଛି, ଅନ୍ତର୍ନିହିତ ଝରଣାକୁ ଟାଣିନେବ ।

ପ୍ରଥମେ ସେ ଶୀତଳ ଶାନ୍ତିର ସିଗାରେଟ୍ ଫୁଙ୍କିଲେ । ଆଜି କବିତାରେ ପର-ଲାଗିବ । ଅତଏବ ଆସ୍ତେ···ଆସ୍ତେ···

କିନ୍ତୁ ଠିକ୍ ପାଞ୍ଚମିନଟ୍ ଓ ପାଞ୍ଚଟି ଲାଇନ୍‌ର କଟାକଟି ପରେ ତାଙ୍କର ଭୟହେଲା ଯେ କଲମର ମୁନ ଭାଙ୍ଗିଯାଇଛି । ଯାହା ଉଠିଆସିବାକୁ ବିକଳ ହେଉଛି ତାହା ପଦାକୁ

Digitized by srujanika@gmail.com

ଆସିପାରୁନାହିଁ । ଅଧବାଟରେ ଜଡ଼ଜମାଟ ହୋଇ ବସିରହୁଛି, ମୋତେ କାହିଁକି ଡାକିଲି ବୋଲି ବିଲବିଲ ହୋଇ ଚାହୁଁଛି । କିରେ, କଣ ହେଲା ? ମୋତେ ନୂଆ ଦେଖୁଛୁ ନା କଣ ? ନା ମୋ ମାଙ୍ଗରେ ଖେଳୁନୁ ? କିରେ ମାଡ଼ଯା', ଖେଳଯା' । କେତେ ନୂଆଜନ୍ତୁ, କେତେ ନୂଆ ଇମେଜ୍, କେତେ ନୂଆ ଡାଇଲେକ୍‌ଟିକ୍‌ର ଚମକ ଦେଖାଇ ଖେଳଯା' । ଧାତ୍, ଆଜି କଣ ହୋଇଛି କେଜାଣି ? ମନୋରଞ୍ଜନବାବୁ କଲମ ରଖିଦେଇ ଆଜିର ଇତିବୃତ୍ତିକୁ ମନେ ପକାଇଲେ । ଭାବିଲେ ଆଜି କିଛି ଘଟିଛି, ଯାହା ଅଜାଣତରେ ଚିଦାକାଶରେ ମଇଳା ମେଞ୍ଚାଏ ଛାଡ଼ିଦେଇଯାଇଛି ।

ସେହି ମଇଳାକୁ ସଫା କରିବାକୁ ହେବ । ନହେଲେ ଭାବସମ୍ଭାବନାର ପ୍ରାଣୀଗୁଡ଼ିକ ଅନାୟାସରେ ଉଠି ଆସିପାରିବେନାହିଁ, ସ୍ୱଚ୍ଛନ୍ଦରେ ଖେଳି ପାରିବେ ନାହିଁ; କିନ୍ତୁ ସେ ମଇଳାଟିକ କଅଣ ? କେଉଁଠ ଲୁଚିଯାଇଛି ?

ମନୋରଞ୍ଜନବାବୁ ସକାଳୁ ଏପର୍ଯ୍ୟନ୍ତ ବିତିଆସିଥିବା ସମୟର ଧାରାକୁ ବିଶ୍ଳେଷଣ କଲେ—ପୁଅର ଜଙ୍ଘରେ ବିରାଟ ନାଲିଟହଟହ ବଥ ଉଠିଛି, ସେ ହଠାତ୍ ଅସମ୍ଭାଳ ହୋଇ ରଡ଼ି ଛାଡ଼ିଲା । ମୁଁ ବିବ୍ରତ ହେଲି, ଠିକ୍ କଲି ଯେ ତା'ର ରଡ଼ିକୁ ଖାତିର୍ ନକରି ବଥଟାକୁ ଚିପିଦେବା ଉଚିତ···କେଉଁ ଏକ ମୁହୂର୍ତ୍ତରେ ଶ୍ରୀମତୀଙ୍କ ମୁହଁ ଅତ୍ୟନ୍ତ ଶେତା ଦେଖାଗଲା । ମୁଁ ସ୍ଥିରକଲି ଯେ ତାଙ୍କର ଆତ୍ମପୀଡ଼ନର ମାତ୍ରା ବଢ଼ିଗଲାଣି । ଡାକ୍ତର ପାଖକୁ ନେଇ କିଛି ନୂଆ ଟନିକ୍ ଖୁଆଇବା ଉଚିତ ।···କୁକୁରର ଦେହରେ ଟିଙ୍କ ଦେଖିଲି—ପଶୁଡାକ୍ତରକୁ ଡାକିବାକୁ ପଡ଼ିବ ।···ଡ୍ରଇଂରୁମ୍‌ରେ ନେଳି ପରଦା ଓ ନାଲି ଗାଲିଚାର ବୈଷମ୍ୟ ଆଖିରେ ପଡ଼ିଲା—ଶୀଘ୍ର ବଦଳାଇବା ଉଚିତ ।···ଗୋଟିଏ ଅତି ଆଧୁନିକ କବିତା ପଢ଼ିଲି—କିଛି ବୁଝିପାରିଲି ନାହିଁ, କିନ୍ତୁ ଛାତି ଭିତର ଚକ୍‌ଟିହେଲା । ସ୍ଥିରକଲି ଯେ ଏଭଳି କବିତା ଲେଖି, ଅର୍ଥାତ୍ ଅର୍ଥକୁ ଇମେଜ୍‌ରେ ଘୋଡ଼େଇଦେଇ ପାଠକମାନଙ୍କୁ ଠକେଇବା ମୋଟେ ଉଚିତ ନୁହେଁ । ତେବେ କେତୋଟି ଶବ୍ଦଯୋଜନାର ସଙ୍ଗୀତକୁ ଟିପି ନେଲି । ଯଥା—ଗାମ୍ଭିର ଗମ୍ଭିର ଗନ୍ଧ, ଅବ୍ୟକ୍ତ ଓ ଅସଭ୍ୟ ନିଃଶ୍ୱାସ ଇତ୍ୟାଦି ।

ନାଃ, ଘଟଣା ଘଟିନାହିଁ । ଦୈନନ୍ଦିନ ଜୀବନର ମାମୁଲି ମଳଧୂଳି, ଯାହାକୁ ଫୁଙ୍କାରରେ ଉଡ଼େଇଦେବାକୁ ସମୟ ଲାଗିନାହିଁ । ଚିଦାକାଶ ନିର୍ମଳ ।

ତାହାହେଲେ ଆଜି କଅଣ ହୋଇଛି ?

ପରାସ୍ତ ହୋଇ ଝରକାର ଛାଡ଼ିବା ପୂର୍ବରୁ ସେ ଆବିଷ୍କାର କଲେ ଯେ ଝରକାରକୁ ଝରକାବାଟେ ଫିଙ୍ଗି ହେବନାହିଁ । ଗୃହଦ୍ୱାର ବନ୍ଦ ।

କିଛି ହେଲେ ଦେଇ ହେବ ନାହିଁ ଯେଉଁଥିରେ ହାଲୁକା ଲାଗିବ । କିଛି ହେଲେ ନେଇହେବ ନାହିଁ ଯେଉଁଥିରେ ବହିର୍ଜଗତର ପାଓ୍ୱାର ମିଳିବ । ଅତଏବ କେମିତି ମଣିଷ କବିତା ଲେଖିବ ? ଗଛ ନାହିଁ, ପକ୍ଷୀ ନାହିଁ, ମଣିଷ ନାହିଁ, ପ୍ରକୃତିନାହିଁ, କିଛିନାହିଁ ଏଠି । ଗୃହଟା କାନ୍ଥ ଆଉ ଏଇ ଏୟାର୍‌କଣ୍ଡିସନର୍ । ଗୃହଟା କାନ୍ଥ, ଆଉ ଏଇ ଶବ୍ଦାୟିତ ବସ୍ତୁ, ଘର୍-ଘର୍-ଘର୍-ଘର୍-ଘର୍-ଘର୍ ।

Digitized by srujanika@gmail.com

ବନ୍ଧଶାଳା ଏବଂ ଗୋଟିଏ ଅମାନବ ଗ୍ରହଣୀର ଖର୍-ଖର୍-ଖର୍-ଖର୍-ଖର୍-ଖର୍ ! ସତେ କ ସବୁ ଓଲେଇନେବ, ଓଲେଇନେବ, ଅଫିସର୍ ଚଂଶରେ ଢଳ-ଢଣ୍ଡୁଳଟିଏ ରଖେଇଦେବ ନାହିଁ !

ଭଙ୍ଗାମୁନର କାରଣ ଜାଣିବା ପରେ ମନୋରଞ୍ଜନବାବୁ ଉତ୍ଫୁଲ୍ଲ ହେଲେ; କିନ୍ତୁ ଚ୍ୟାଲେଞ୍ଜ୍ ଗ୍ରହଣର ଭାବରେ ତେଜି ଉଠିଲେ । ନିଜକୁ ଚେତାଇଦେଲେ ଯେ, ଯେଉଁ ଅଫିସର୍ ଗତ ପନ୍ଦର ବର୍ଷ ହେଲା ବିଭିନ୍ନ ଅଫିସରୁମ୍‌ରେ ବିଭିନ୍ନ ପରିବେଶରେ କବିତା ଲେଖିଆସୁଛି, ସେ ଏହି ନୂତନତମ ପ୍ରତିବନ୍ଧକକୁ ଟପିଯାଇ ପାରିବ, ପ୍ରମାଣ କରିଦେଇ ପାରିବ ଯେ ସେ ମୁଖ୍ୟତଃ ଓ ପ୍ରଥମତଃ କବି । ଯେତେ ବଡ଼ ଅଫିସର୍ ହେଲେ ମଧ୍ୟ···ସେ କଳ୍ପନା ଚକ୍ଷୁରେ ଦେଖିଲେ ଯେ ଭବିଷ୍ୟତର ଗୋଟିଏ ମଧ୍ୟାହ୍ନରେ ସେ ନିଉୟର୍କରେ ଥିବା ସିକ୍ୟୁରିଟୀ କାଉନ୍‌ସିଲ୍‌ର ସଭାଗୃହରେ ବସିଛନ୍ତି – ପଦ୍ମ ଧାଡ଼ିରେ ଆସନ ମାଡ଼ି ବସିଛନ୍ତି । ଯେଉଁଠି ବଳଶାଳୀ ଏସ୍କାର୍ କଣ୍ଡିସନର୍ ଚାଲିଛି । ବ୍ରାଜିଲ୍ କହୁଛି, କେନିଆ କହୁଛି, ଫ୍ରାନ୍‌ସ କହୁଛି । ଏଣେ କବିତା ଚାଲିଛି ।

ସଂକଳ୍ପ ଛାଡ଼ିବାକୁ ହେବନାହିଁ । ପୂର୍ଣ୍ଣଚ୍ଛେଦ ।

ମନୋରଞ୍ଜନବାବୁ କଲମକୁ ମୁଠେଇ ଧରିଲେ ଓ ପୁଣି କବିତା ଲେଖିବସିଲେ । ପୁନଶ୍ଚ ଅନାଗତକୁ ଡାକିଲେ । ଆ, ଉଠିଆ, ମୁଁ କହୁଛି ପରା ! ମୁଁ ସେଇ ମୁଁ, ସେଇ ପୁରୁଣା ମଉସା ।

ଯଥା ପୂର୍ବଂ ତଥା ପରଂ । କଲମ ମୁନ ଆଗେଇଲା ନାହିଁ ।

ସେଉଠୁଁ ଏକ ଅପୂର୍ବ କୌଶଳର ଆଲୁଅ ଝଲସିଉଠିଲା । ଆରେ, ମୁଁ କବିହୋଇ ଏତିକି ବୁଝିପାରିନଥିଲି ? ଯେଉଁ ଗ୍ରହଣୀ, ଯେଉଁ ଏସ୍କାରକଣ୍ଡିସନର୍ ମୋତେ ହଇରାଣ କରୁଛନ୍ତି ତାଙ୍କୁ ମନେ ମନେ ନିଷ୍ଟିହ୍ନ କରିପାରିବ ନାହିଁ ? କାଲି ଯେଉଁ ଖୋଲା ଝରକାର ଦୃଶ୍ୟ କଲମ ମୁନକୁ ସଂଚାଳିତ କରୁଥିଲା, ସେହି ଦୃଶ୍ୟକୁ ଅନ୍ତର୍ଦୃଷ୍ଟିରେ ଦେଖିନେଇ ପାରିବ ନାହିଁ ? ପାରିବ । ଯେଉଁ ଅବସ୍ଥାରେ ମୋର କବିତା ନିଳାସ୍ଥିତ ହେବାକୁ ଚାହେଁ, ମୁଁ ଠିକ୍ ସେହି ଅବସ୍ଥା ଫେରାଇ ଆଣିବ । ଠିକ୍ ସେହି ପୃଷ୍ଠଭୂମି – ଝରକାବାଟେ ଦିଶୁଥିବା ଉଡ଼ନ୍ତା ଚଢ଼େଇ, ଧଳାକଳା ମେଘ, ମିଲଟାରୀ ରୋଷେଇ ଘରୁ ଉଠୁଥିବା ଧୂଆଁ, କାଁ ଭାଁ ହ୍ରକୁମ୍‌ର ଠୋ-ଠା, କାଁ ଭାଁ କାଉର କା-କା, ଆଉ କାଠକଟାର କଟର୍ କଟର୍ (କଟର୍ କଟର୍ କଣ ସତରେ ଶୁଭୁଥିଲା ?)···

ନା, ନା, ସବୁ ଗୋଲମାଲିଆ ହୋଇଯାଉଛି । ଗୋଟିଗୋଟିକରି ଭାବିବାକୁ ପଡ଼ିବ, ସଜାଇବାକୁ ପଡ଼ିବ । ଗୁଡ଼ିକି ଆଣି ଆଖିଆଗରେ ଥୋଇଦେବାକୁ ପଡ଼ିବ ।

ତା'ହେଲେ ସିନା ବନ୍ଧଶାଳାର ଚହ୍ଲବର୍ତ୍ତି ରହିବ ନାହିଁ । ଏସ୍କାର୍ କଣ୍ଡିସନର୍‌ର ପରୀ ରହିବ ନାହିଁ । ଆଉ ଆଗଭଳି କବିତା ଅଜାଡ଼ି ହୋଇପଡ଼ିବ । ମୋର ନିଜସ୍ୱ କବିତା । କଡ଼ାମିଠା, କାଳିଦ ଗମ୍ଭୀର, କାଳିଦ ଛଳଛଳ ।

Digitized by srujanika@gmail.com

ମନୋରଞ୍ଜନବାବୁ ସ୍ମରଣ କଲେ । ଗ୍ରେଟରୁ ବଡ଼ ଯାଏ ଧାରାବାହିକ ଭାବରେ ପୁରୁଣା ରୁମ୍‌ରୁ ଦଶ୍ଥିବା ଦୃଶ୍ୟକୁ ମନେପକାଇଲେ । ଦୁଇମହଲାର ଗୋଟିଏ କୋଠରୀ । ଗତ ତିନ ବର୍ଷ ହେଲା ସେ ସେଇଠି କାମକରି ଆସିଛନ୍ତି ଓ କବିତା ଲେଖିଛନ୍ତି । ଡାହାଣ ପାଖ ଝରକା ପ୍ରାୟ ବନ୍ଦ ଥାଏ, କାରଣ ସେବାଟେ ସମାନ୍ତରାଳ କେତେଗୁଡ଼ିଏ ଅଫିସ୍ କୋଠରୀ ଦେଖିବାକୁ ମିଳେ । ବାଁପାଖର ଝରକା ବାଟେ ପ୍ରକୃତି । କବିତା ଲେଖିଲା-ବେଳେ ତାର ରୂପଗୁଣ କଲମ ମୁନକୁ ପ୍ରଭାବିତ କରେ । ମନୋରଞ୍ଜନବାବୁ ସ୍ମରଣ ଅନୁଯାୟୀ ଟିପିନେଲେ : ଅଫିସ ହତାରେ ଥିବା କାଠଚମ୍ପା ଗଛ । କାହା ଆଖିରେ ନ ପଡ଼ିବ ନାହିଁ । ଗଛମୂଳେ କେତୁଟା ଫୁଲ ଏଣେତେଣେ ପଡ଼ିଥାଏ ।

କାଉ । ଅଫିସ ହତାକୁ ଟପିଗଲା ପରେ ଗୋଟାଏ ମିଲିଟାରୀ ଗ୍ରାଉଣ୍ଡର ଘଚ୍ଛଆଡ଼ । ସିପାହୀମାନଙ୍କର ରୋଷେଇଘର, ରୋଷେଇଘର ସାମନାରେ ଖଦଖଦଡ଼ିଆ ଉଠାଣି ଉପରେ ପରତ୍ୟକ୍ତ ପାଣି ଓ ଅଇଁଠାର ଚେହେରା, ତଦୁପରି କଳାକଳା ଅନେକ କାଉ । କାଉମାନେ କାର୍ଯ୍ୟବ୍ୟସ୍ତ ଥାଆନ୍ତି, କେବଳ ମଝିରେ ମଝିରେ ପାଟିକରିଉଠନ୍ତି ।

ମଣିଷ । ମଣିଷମାନେ ଦଳଦଳ ହୋଇ ବୁଲନ୍ତି ନାହିଁ । ଜଣେଅଧେ କେଉଁଠୁ ବାହାରିଆସନ୍ତି ଓ ପିଟା ନାଲି ଗୋଡ଼ିର ରାସ୍ତା ଉପରେ ଠକ୍‌ଠକ୍ ହୋଇ ଚାଲିଯାଆନ୍ତି । ତାଙ୍କ ମୁହଁ ସବୁ ତାଙ୍କ ପୋଷାକପରି ଦେଖାଯାଏ, ଇସ୍ତ୍ରୀ କରା, ମଣ୍ଡଦିଆ । ସେମାନେ ପରସ୍ପର କଥା କହନ୍ତି ନାହିଁ । ବେଳେ ବେଳେ ଗୋଟାଏ ପୋଷାକ ଆଉ ଗୋଟାଏ ପୋଷାକକୁ ହୁକୁମ୍ ଦିଏ । ହୁକୁମ୍ ଦିଏ ନା ହଲ୍‌ଟ୍ ବୋଲି କହେ ? ନା ସାଲ୍ୟୁଟ୍ କରେ ? ଯାହାହେଉ ବେଳେବେଳେ ସେହି ଶବ୍ଦର ଠୋ-ଠା ଶୁଣାଯାଏ ।

ଗଛ ଓ କାଠ । ମିଲିଟାରୀ ଗ୍ରାଉଣ୍ଡର ତାରବାଡ଼ର ସେ ପାଖରେ, ବାଁହାତ, ବଡ଼ ବଡ଼ ଗଛ ଛିଡ଼ାହୋଇଛନ୍ତି । ମିଲିଟାରୀ ଇଞ୍ଜିନିୟର ଅନାବନା ଜଙ୍ଗଲ ସଫା କରା-ହେଉଛି । ଗଛମାନଙ୍କର ଉପରେ ପତ୍ରର ସାମାନ୍ୟ ଫୁରୁଫୁରୁ ହୁଏ; କିନ୍ତୁ ସେମାନେ ତାଙ୍କ ଡେଙ୍ଗା ଦେହକୁ କାଠକରି ରଖିଥାଆନ୍ତି, —ମାର୍, ମାର୍, ଆହୁରି ମାର୍···ମାର୍, ମାର୍, ଆହୁରି ମାର୍···। ନା, ନା, କଳ୍ପନା ଦୌଡ଼ିପଳାଉଛି । ଗଛକଟା ସରିଗଲାଣି । ଏବେ ଗଣ୍ଡିର ଖଣ୍ଡ ଖଣ୍ଡ ପଡ଼ିଛି, ତା' ଭିତରେ କରତ ଚାଲିଛି । କଟର କଟର··· କଟର କଟର (ଧାତ୍, କଟର କଟର କଣ ସତରେ ଶୁଣାଯାଏ ?)

ମନୋରଞ୍ଜନବାବୁ ଏଇଠି ହଠାତ୍ ରହିଗଲେ । ନିଜକୁ ଘନ ଘନ ପ୍ରଶ୍ନ ପଚାରିଲେ—ଆଉ କଅଣ ଅଛି ? ଆଉ କଅଣ ଅଛି ? ତା'ପରେ ସେ ନିଜକୁ ବୁଝାଇଲେ ଯେ ଏତିକିରେ ରହିଗଲେ ଚଳିବ ନାହିଁ । ଫଟୋଗ୍ରାଫ୍‌ର ଆହୁରି କେତେ ଅଂଶ ବାକୀ ଅଛି ।

ଆହୁରି ଅଛି । ରଙ୍ଗ । ଆକାଶର ରଙ୍ଗ ନାହିଁ ? ତା'ର ସିଲ୍‌ପଟ ନେଳିଆ ରଙ୍ଗ, ତା'ର ଗ୍ରାଇଗ୍ରାଇକା ମେଘୁଆ ରଙ୍ଗ, ତା'ର କଳାହାଣ୍ଡିଆ ଆଷାଢ଼ର ରଙ୍ଗ । ରାସ୍ତାର ଇଟା ନାଲି ରଙ୍ଗ । ରାସ୍ତା କଡ଼ରେ ଲାଗିଥିବା କ୍ରୋଟନ୍‌ର ଶାଗୁଆ-ହଳଦିଆ ରଙ୍ଗ । ଆଉ

Digitized by srujanika@gmail.com

ସେହି ଗଛମାନଙ୍କର ରଙ୍ଗ (ଗଛମାନଙ୍କର କଣ ରଙ୍ଗ ଥାଏ ? କଟା ହେବା ଆଗରୁ ଥାଏ ? ନାଁ କଟା ହେବା ପରେ ଥାଏ ?) କଳା ଝାଳୁଆ ଦେହର ରଙ୍ଗ···ଚେଇଁଲା, ଧାରୁଆ, ଚକ୍ ଚକ୍···

ଆହୁରି ଅଛି । କାଳେ ରହିଯିବେ ବୋଲି ମନୋରଞ୍ଜନବାବୁ ତରତର ହୋଇ ଆଗେଇଲେ । ଧ୍ୱନି ଅଛି । ଧ୍ୱନି କଥା କହୁନାହିଁ ଆଗରୁ ? ଘଣ୍ଟାପିଟାର ଠଂ ଠଂ । କାଁଭାଁ କା-କା । କାଁ ଭାଁ ଠୋ-ଠା । ଆଉ କାଠକଟାର କଟର କଟର (ପୁଣି ? କରତରେ କାଟିଲେ କଣ କଟର କଟର ହୁଏ ?)

ଆହୁରି ଅଛି । ବାସ୍ନା । କାଠଚମ୍ପାର ବାସ୍ନା । ଓଦା ଘାସରୁ ଉଠୁଥିବା ବାମ୍ପର ବାସ୍ନା । ମିଲିଟାରି ଚେକ୍‌ପୋଷ୍ଟ ଘରୁ ଉଠୁଥିବା ବଫଗ୍ରାର ବାସ୍ନା (ମିଛ !), କାଠରୁ ଝରୁଥିବା ଦେହରୁ ନିଗିଡ଼ିପଡୁଥିବା ବହଳିଆ ରସର ବାସ୍ନା (ଏକ୍‌ଦମ୍ ମିଛ) ।

ମନୋରଞ୍ଜନବାବୁ ସମ୍ପୂର୍ଣ୍ଣ ଛଗିତହେଲେ । ଭାବିଲେ ସେ ନିଜକୁ ଠକାଉଛନ୍ତି । ଅଭ୍ୟସ୍ତ ପୃଷ୍ଠଭୂମିକୁ ମନେପକାଇବାକୁ ଯାଇ ଛବିଆଙ୍କୁଛନ୍ତି, ଫଟୋ ନେଇ ପାରୁନାହାନ୍ତି । କଳ୍ପନାକୁ ରୋକି ପାରୁନାହାନ୍ତି । ଯେତେ କି ସେ ସେହି ଦୃଶ୍ୟ ଉପରେ କବିତା ଲେଖିବେ । ସେ ନିଜକୁ ପାଠ ପଢ଼େଇଲେ—ବାବୁ, ତା' ନୁହେଁ । ମୁଁ ଗୃହେଁ ସେହି ନିରପେକ୍ଷ ପୃଷ୍ଠଭୂମି, ଯାହା ପଛଅଡ଼େ ଥାଏ । ଯାହାକୁ ମୁଁ ସୃଜନର ଶେଷ ପାହାଚରେ ଅନାଇଦିଏ ଏବଂ ତା'ଠାରୁ 'କିଛି' ନେଇଆସି କ୍ଳାଇମାକ୍‌ସର ମୁଣ୍ଡି ମାରିଦିଏ । କ୍ଷଣକରେ ଏକ ଉନ୍ମାଦ-ଉଲ୍ଲାସ, ଜୀବନଆଗ୍ରହର ଏକ ପ୍ରଚଣ୍ଡ ନିର୍ଘୋଷ ମୋର ରକ୍ତକୁ ଚଞ୍ଚଳ କରିଦିଏ ଓ ମୋ କଲମ ଗ୍ରୁଏଁ ଗ୍ରୁଏଁ ମାଡ଼ିଯାଏ । ଉପଯୁକ୍ତ କ୍ଳାଇମାକ୍‌ସର ଶବ୍ଦସଙ୍ଗୀତ ଉପରେ ବିସ୍ମୟସୂଚକ ଚିହ୍ନ ଫରଫର ଉଡ଼େ । ଲାଇନ୍ ପୂରା ହୋଇଯାଏ, ଇମେଜ୍‌ରେ ଗୋଲବୁଲିଯାଏ ଓ ମୁଁ ଇଉରେକାର କୁହାଟ ମାରେ ।

ଯେତେବେଳେ ବ୍ୟକ୍ତି ଓ ଚଳମାନ ଜଗତ ମଧ୍ୟରେ ଏକ ବୈଦ୍ୟୁତିକ ସମ୍ପର୍କ ସ୍ଥାପିତ ହୁଏ ।

ସେହି 'କିଛି'ଟି କଅଣ ? ସେହି ଅନିର୍ଦ୍ଦିଷ୍ଟ ବସ୍ତୁଟିକୁ କେମିତି ମନେପକାଇବି ? ଏହି ଅବରୁଦ୍ଧ ଅଣ୍ଡା ଘରେ ସେହି ବିଜୁଳିଟିକୁ କେମିତି ଟାଣିଆଣିପାରିବି ?

ମନୋରଞ୍ଜନବାବୁ ନିରଶ ହେଲେ । ବୋଧହୁଏ ପହିଲି ଥର ପାଇଁ ସେ ଏହି ଅଜବ୍ କବିବୃତ୍ତିକୁ ଦୋଷଦେଲେ । ଭାବିଲେ ଯେ ଅନ୍ୟ ଯେକୌଣସି ବୃତ୍ତି ଯେକୌଣସି ଧନ୍ଦାରେ ଏଭଳି ସମସ୍ୟା ଦେଖାଦିଏ ନାହିଁ । କିଓ, ମଣିଷ ଅଛି, ଉପକରଣ ଅଛି । ଦେହ ମନ ଅଛି, କାଳିକଲମ ଅଛି । ଆଉ ଦରକାର କଅଣ ? ନା, ସେତିକିରେ ହେବ ନାହିଁ, ବିଧାତା ଦେହରୁ ଧାପେ ବିଜୁଳି ଲଗିବା ଦରକାର ! ହୁଁଃ !

ମନୋରଞ୍ଜନବାବୁ ! ନିରଶହେଲେ ଚଳିବ ନାହିଁ । ସତକଥା, କବିବୃତ୍ତି ସହଜ ନୁହେଁ, ସାଧାରଣ ନୁହେଁ; କିନ୍ତୁ ସେହି ହେଲା ତାର ଗୌରବର ମାପ— ବୁଝିଲ ?

ବୁଝିଲି । ଯାତନାର ଦ୍ରୁତରୋଧ କରିବାପାଇଁ ସେ ଆଖି ବୁଜିଲେ । ମୁଁ ହାରିବି ନାହିଁ ।

Digitized by srujanika@gmail.com

ଆଖି ବୁଜୁବୁଜୁ ତାଙ୍କର ଧାରଣା ହେଲା ଯେ ଆଖିବୁଜିବା ହିଁ ଶ୍ରେୟସ୍କର । ଅର୍ଥାତ୍ ପୃଷ୍ଠଭୂମିକୁ ମନେପକାଇବାକୁ ହେଲେ ଏହି ଅର୍ଦ୍ଧଚେତନ ଭାବଟି ଆସିବା ଆବଶ୍ୟକ, ଅର୍ଥାତ୍ କଳ୍ପନାକୁ ରୋକିବା ଦରକାର ନାହିଁ । ତାକୁ ଲଗାମ୍ ଛାଡ଼ିଦିଅ । ସେ ମନଇଚ୍ଛା ସେହି ଧ୍ୱନିବର୍ଣ୍ଣଗନ୍ଧର ବର୍ହିର୍ଜଗତରେ ବିଚରଣ କରୁ । ଗାତରେ ପଶୁ, ଗଛରେ ଚଢ଼ୁ, ସତକୁ ମିଛରେ ଗୋଳେଇପୋଳେଇ ଆତ୍ମହରା ହୋଇ କେଉଁଠି ହେଲେ ଚମକିଉଠୁ, ଯେମିତିକି ମୁଁ ଜାଣିବି ଯେ ଏଇଠି--ଏଇଠି— ! ଏଇଠି ସେ ବିଜୁଳିର ଛୁଆଁ ଲାଗୁଛି ଯେଉଁଥିରେ ମୋ କବିତା ମାତିଉଠେ— ପୂର୍ଣ୍ଣ ହୁଏ ।

ଭଲହେଲା । ଆଜି ସୁବିଧା ମିଳିଛି । ଆଜି ମୁଁ ସେହି ଅନିର୍ଦ୍ଦିଷ୍ଟ ଗୋପନ ମୋହନକୁ ଧରିବି ।

ତେଣୁ ମନୋରଞ୍ଜନବାବୁ ଆଖି ବୁଜି ରହିଲେ । ମନେପକାଇଲେ କିନ୍ତୁ ଭାବିଲେ ନାହିଁ, ଗଣିଲେ ନାହିଁ । ଗ୍ରହଣ କଲେ ।···ଶବ୍ଦ ଶୁଭୁଛି, ବାଜା ବାଜୁଛି, କା-କା, ଠୋ-ଠୋ, ଠକ୍-ଠକ୍···ମୋଡ଼ି ମୋଡ଼ି ହୋଇ ଧୂଆଁ ଉଠୁଛି, ସାପ ପରି, ଅନାବୃତ ପରିତ୍ୟକ୍ତ ସାପ···ରଙ୍ଗ ଲାଗୁଛି, ନେଳିଆରେ କଳା, ହାଣ୍ଡି କଳା, ଜାମୁକୋଳି କଳା··· ସୁଦୂର ଚଢ଼େଇମାନେ ନେଳିଆକୁ ଚୁମୁଟି ଦେଇ ପଳାଉଛନ୍ତି···ଗୁଲି ଯା, ଯା, ଗୁଲି ଯା,···

କାହିଁ ? କଣ ଅଛି ଏଠି ? ଗୋଟାଏ ପ୍ରାଣହୀନ ପରିବ୍ୟାପ୍ତି ଉପରେ ସାମାନ୍ୟ ଝିଣ୍ଟି ଝିଣ୍ଟି ଧ୍ୱନି, ବର୍ଣ୍ଣ ଓ ବାସ୍ନା, ଗାର ପକାଇ ଦାଗ ରଖିଯିବାର ନିଷ୍ଫଳତା । କେଉଁଠି ହେଲେ ଚେଉଁକିନା ଲାଗିଯାଉନାହିଁ ତ !···କେବଳ···କେବଳ ସେଇ କଟର କଟର··· ହଁ, କଟର କଟର ଶୁଭେ । ଯେଉଁ ଗଛମାନେ, ଯେଉଁ ବିଶାଳ ହୁଣ୍ଡା ପ୍ରାଣୀମାନେ ନିଃସହାୟ ହୋଇ ଦେହକୁ କାଠକରି ରଖିଥାଆନ୍ତି, ଆଉ ଯେଉଁ ଫୁଙ୍ଗୁଳା ମଣିଷ କୁରାଢ଼ିରେ ଚୋଟ ଦିଏ, ନଇଁକରି ଉଠେ, ପୁଣି ନଇଁକରି ଉଠେ, କଳା ଦେହରୁ ଝାଳ ନିଗିଡ଼ାଏ, ସେଇମାନେ କଟର କଟର ହୁଅନ୍ତି । ନା, ନା, ଯେତେବେଳେ ଗଛର ଦେହ ଖଣ୍ଡ ଖଣ୍ଡ ହୋଇ ପଡ଼ିଥାଏ ଓ ତା' ଭିତରେ କରତ ଚାଲେ, ସେତିକିବେଳେ··· ସେତିକିବେଳେ । ସେତିକିବେଳେ ରସ ଚପୁଡ଼ି ହୋଇଯାଏ, ରସ ନିଗିଡ଼ିପଡ଼େ । ସେତିକିବେଳେ ଆତ୍ମାର ଢାଙ୍କୁଣି ଖୋଲିଯାଏ ଓ ଆତ୍ମାଟାମ୍ ଚମକିଣ ଡେଇଁଉଠେ, ଡେଇଁଉଠେ ଓ କବିତାର ସାଧ ପୂରଣ କରେ···

ମନୋରଞ୍ଜନବାବୁ ବେପଥୁ ଅନୁଭବ କଲେ । ଆଖିକୁ ଖୋଲିବାକୁ ଦେଲେନାହିଁ ।

···ସେତିକିବେଳେ ରସ ନିଗିଡ଼ିପଡ଼େ କାହାର ? କାଠର ନା ମଣିଷର ? ଜୀବନ୍ତ ଯନ୍ତ୍ରଣାର କଟର କଟର କେଉଁଠୁ ଆସେ ? ସେହି କଳା ଫୁଙ୍ଗୁଳା ଦେହରୁ, ଯେଉଁ ଦେହ ସକାଳୁ ସଞ୍ଜ ଯାଏଁ ପଡ଼େ ଆଉ ଉଠେ, ପଡ଼େ ଆଉ ଉଠେ, ଝାଳରେ ଚକ୍ ଚକ୍ ହୁଏ ? ନା ସେହି କାଠପରି ଦେହରୁ ଯେ କଥା କହିପାରେ ନାହିଁ, ଧାଇଁ ଯାଇ ପାରେ ନାହିଁ, ଖଣ୍ଡ ଖଣ୍ଡ ହୋଇ ମରେ, ଟିକି ଟିକି ହୋଇ ମରେ ? ଦୁହେଁ ସମାନ । ଦୁହେଁ ଦୁହିଁଙ୍କୁ କଷ୍ଟ ଦିଅନ୍ତି । ସେଇଥି ପାଇଁ ତ ଏ ବଢ଼ିଆ କଟର କଟର !···

Digitized by srujanika@gmail.com

ମନୋରଞ୍ଜନବାବୁଙ୍କ ରୋମାଞ୍ଚ ତୀବ୍ରତର ହେଲା । ତାଙ୍କର ଭାରି ଇଚ୍ଛାହେଲା ଆଖିକୁ ଖୋଲିଦିଅନ୍ତେ ଓ କିଛି ଗୋଟାଏ କରନ୍ତେ; କିନ୍ତୁ ପ୍ରତିଜ୍ଞାବଦ୍ଧ ହେଲାପରି ସେ ଆଖିକୁ ବନ୍ଦକରି ରଖିଲେ ।

...କଷ୍ଟ ଓ ଜୀଅନ୍ତା ସଙ୍ଗୀତ । ମଚ୍ଛି ହୋଇଯିବାର ସଙ୍ଗୀତ । ଚପୁଡ଼ି ହୋଇ-ଯିବାର ସଙ୍ଗୀତ । ଏଇ ଦେଖ ଜୀବନରୁ ମରଣ ବାହାରିଲା । ମରଣରୁ ଜୀବନ ବାହାରିଲା । ଦେଖିପାରୁନାହଁ ? ଶୁଣି ପାରୁ ନାହଁ ? ଝାଳର ବାସ୍ନା ଆସୁନାହିଁ ? ରସର ବାସ୍ନା ଆସୁନାହିଁ ?

ମନୋରଞ୍ଜନବାବୁ ଆଉ ସହିପାରିଲେ ନାହିଁ । ଆଖି ଖୋଲିପକାଇଲେ ।

ସେ ଏୟାରକଣ୍ଡିସନଡ୍ ରୁମ୍‌ର ଗୃହଆଡ଼କୁ ଅନେଇଲେ ଓ ନିଜକୁ ସ୍ଥାପିତ କଲେ । କବିତା କାଗଜକୁ କଟମଟ କରି ଚାହିଁଲେ ଓ ନିଜକୁ ସର୍ବାଙ୍ଗରେ ଅନୁଭବ କଲେ । ଏଇ ମୁଁ ଆଉ ମୋର କବିତା । ମୁଁ ଆଉ ମୋର କବିତା ।

ଆମେ ସୁସ୍ଥ । ଜୀଅନ୍ତା ବୋଲି କହି ନାହିଁ, କହ ସଜୀବ । ମୁଁ ଯାହା ଦେଖିଲି ତାର ମାନେ ଯାହାହେଉ ପଛକେ –

କଣ ତା'ର ମାନେ ? ଜବାବ୍ ଦିଅ । ସେ କ୍ରୋଧାନ୍ୱିତ ହୋଇ ନିଜକୁ ପଚାରିଲେ । ଅନ୍ୟାନ୍ୟ କବିମାନଙ୍କ ମନରେ, ଅନ୍ତତଃ ଅଫିସର୍-କବିମାନଙ୍କ ମନରେ କଣ ଏଭଳି ଭାବକାତରତା ଆସେ ନାହିଁ ? ଆସିବାକୁ ମନା ? ସେ ଉତ୍ତର ନପାଇ ଶାନ୍ତ ହେଲେ । ନିଜର ସ୍ୱତନ୍ତ୍ର ସୁସ୍ଥପଣକୁ ସାଉଁଳିବାକୁ ଲାଗିଲେ ।

× × ସେଦିନ ସେ ଆଉ କବିତା ଲେଖିଲେ ନାହିଁ । ଲେଖିବାକୁ ଚାହିଁଲେ ନାହିଁ । ପୁରୁଣା ଫାଇଲ୍ ମଗାଇକରି ପଢ଼ିଲେ, କର୍ମଚାରୀମାନଙ୍କୁ ଡାକି ଆଲୋଚନା କଲେ । ଗ୍ୟାରେଜକୁ ଫୋନ୍ କଲେ—କାର୍ ମରାମତି କେଉଁଯାଏଁ ଗଲା ? ଆସନ୍ତା ମାସର ଟୁର୍ ପ୍ରୋଗ୍ରାମ ତିଆରିକଲେ । ଗୃହିଣୀଙ୍କୁ ଫୋନ୍‌କରି ଜଣାଇଲେ ଯେ ସେ ଆଜି ସହଳ ସହଳ ଫେରିବେ – ଲେକ୍‌ଆଡ଼େ ବୁଲିଗଲେ ମନ୍ଦ ହେବ ନାହିଁ । କାର୍ ଗ୍ୟାରେଜ୍‌ରେ ପଡ଼ିଛି ? ପଡ଼ିଥାଉ, ଟ୍ୟାକ୍‌ସିରେ ଯିବା ।

ଜୀବନନଦୀର ବହୁମୁଖୀ ସ୍ରୋତରେ ନିଜକୁ ଭସାଇଦେଇ ଗୋଟିଏ ଦିନ ପାରି କରି ନେଇଥିଲେ ହୁଏତ ଅବସ୍ଥା ସୁଧୁରି ଯାଇଥାଆନ୍ତା, କିନ୍ତୁ ତାହା ହେବାକୁ ଥିଲା ନାହିଁ ।

ରାତି ଅଧିରେ ସେ ଶୁଣିଲେ ।

ସ୍ଟୀରିଓଗ୍ରାଫିକ ବା କେଉଁ ପର୍ଯ୍ୟାୟରେ ଶୁଣିଲେ କହି ହେବନାହିଁ । ତେବେ ତାଙ୍କର ମନେହେଲା ଯେ ସବୁଥର ସେ ଏହି ସମସ୍ୟାକୁ ଶୁଣିପାରନ୍ତି, ଜାଣିପାରନ୍ତି ନାହିଁ । ଜାଣି ପାରନ୍ତି ନାହିଁ, କିନ୍ତୁ ପୃଷ୍ଠଭୂମିର ସେହି ଶବ୍ଦରେ କ୍ଲାଇମାକ୍‌ସ ପୂରା ହୋଇଯାଏ, ଉଲ୍ଲାସରେ ଜଳଉଠି ଭସ୍ମ ହୁଏ ।

Digitized by srujanika@gmail.com

ସେ ଶୁଣିଲେ—ରାମନାମ ସତ୍ୟ ହେ ! ରାମନାମ···

ଶୋଇବାଘରର ଝରକା ସେପଟେ ବଡ଼ରାସ୍ତା ଉପରେ ସେମାନେ ଯାଆନ୍ତି । ରାତିର ନୀରବତାକୁ ଚିରି ସେମାନେ ମଲାଦେହକୁ ଟେକିଧରନ୍ତି, ଚହ୍ଲେଇ ଦିଅନ୍ତି । ସେମାନେ ଧଇଁସଇଁ ହୁଅନ୍ତି, ସେମାନେ ବାଉଳା ହୁଅନ୍ତି । ସେମାନେ ହରିବୋଲ ପକାନ୍ତି । (ତା'ପରେ ବୋଧହୁଏ ଢୁଳେଇ ପଡ଼ନ୍ତି)

ମନୋରଞ୍ଜନବାବୁ ଲାଇଟ୍ ଜଳାଇଦେଲେ । କାମପୂର୍ଣ୍ଣା ସ୍ତ୍ରୀଙ୍କର ସୁପ୍ତପ୍ରିକୁ ଉପେକ୍ଷା କରି ନିଜର ଚେତନାକୁ ପ୍ରହାର କଲେ ।

ଆହୁରି ଗୋଟାଏ ଥିଓରି ବାହାରିଲା ? କଣ କବିତା ଲେଖିବାର ମାନେ ଯାହା, ସେକ୍ସ କାମ ସେଇଆ ? ଚମତ୍କାର ! ଆଉ · ତାର କ୍ଲାଇମାକସ୍ ପାଇଁ ଦରକାର ଗୋଟାଏ ମୃତ ଓ ଜୀବନ୍ତର ଧର୍ଷଣ, ଗୋଟାଏ ଯନ୍ତ୍ରଣା କଟର କଟର !

ଆଚ୍ଛା···ଶବମାନେ ଯଦି ଲୁଗା ପିନ୍ଧିଥାଆନ୍ତି, ମାଲିଭାଇମାନେ କଣ ଲଙ୍ଗଳା ହୋଇ ଗ୍ଭଲନ୍ତି ? ତା'ନହେଲେ କଟର କଟର ଆସିବ କେଉଁଠୁଁ ? □□□

Digitized by srujanika@gmail.com

କାଠଘୋଡ଼ା

"ତା' କାନକୁ ଧର୍, ମାଡ଼ି କରି ବସ୍, ଚଲ୍...ଚଲ୍ ଘୋଡ଼ା ଚଲ୍ ।"

"ଚଲ୍ ଘୋଡ଼ା ଚଲ୍ ।"

"ଜୋର୍‌ରେ, ଆହୁରି ଜୋର୍‌ରେ...ଯେତେ ଜୋର୍‌ରେ ଚଲେଇବୁ ସେତେ ଦୂରକୁ ଯିବୁ । ସାତସମୁଦ୍ର ପାରି ହୋଇ କୋଉଠି ବୋଲି କୋଉଠି ପହଞ୍ଚିବୁ । କେତେ ନୂଆ ସହର ଦେଖିବୁ । ଗଛମାନଙ୍କରେ ସୁନା ହୀରା ମଣିମାଣିକ ଫଳୁଥିବ, ଲୋକମାନେ ବାଜା ବଜେଇ ନାଚୁଥିବେ, ତୋତେ ଦେଖିଲେ ଘେରିକା କରି ତାଙ୍କ ରଜାଙ୍କ ପାଖକୁ ନେଇଯିବେ । ରଜା ତୋତେ କୋଳରେ ବସେଇ ଚକଲେଟ୍ ଖାଇବାକୁ ଦେବେ, କହିବେ— ଆରେ ମୋ' ଟିକିରଜା, ତୁ ଏତେଦିନଯାଏଁ କେଉଁଠି ଥିଲୁ ?"

ଟିକିରଜା ତା'ର ଦୁଧଖିଆ ଛୋଟ ଛୋଟ ଦାନ୍ତମାନଙ୍କୁ ଦେଖେଇ ଆନନ୍ଦରେ ହସି ଉଠିଲା ।

ମିଠୁକୁ ଅଢ଼େଇବର୍ଷ ହେଲାଣି । ଘୋଡ଼ା ମଟରଗାଡ଼ି ଆଦି ଖେଳଣା ଅନେକଦିନୁ କିଣିବାର ଥିଲା, କିନ୍ତୁ ଛଅ ମାସ ହେଲା ମିଠୁର ସାନଭାଇ ଜିତୁ ପହଞ୍ଚିଗଲାଣି । ଜିତୁ ରୋଗଣା ସୁକୁମାରିଆ ପୁଅ । ତା' ପାଇଁ ଟିଣଦୁଧ, ଫଳମୂଳ, ଔଷଧପତ୍ର ଯୋଗାଡ଼ କରିବାରେ ବାପା ବୋଉଙ୍କର ସମସ୍ତ ଅର୍ଜିଲା ନାହିଁ । ମାସୁଆରି ଟଙ୍କା କୁଲେଇଲାନାହିଁ । ଅଗତ୍ୟା ମିଠୁକୁ ପ୍ଲାଷ୍ଟିକର ବେଲୁନ୍ ବଲ୍ ଇତ୍ୟାଦିରେ ସନ୍ତୁଷ୍ଟ ହେବାକୁ ପଡ଼ିଲା । ଏଇ କେତେଦିନ ତଳେ ଆଈ ଆସିଲାରୁ ଘୋଡ଼ା ଆସିଛି । ଆଈ ବାପାବୋଉଙ୍କୁ ଡାଆଁରିଲେ, କହିଲେ—"ଦେଖୁନା, ପିଲାଟା କେମିତି ହାରିଗଲାଣି ? ବର୍ଷକ ତଳେ ଯୋଉ ଚେହେରା ଥିଲା ତା'ର ଅଧା ହୋଇଗଲାଣି । କେମିତି ହବନି ? ତମେ ଦି' ଜଣ ସବୁବେଳେ ସେଇ କାଳିଆ ଟୋକା ପଛରେ ଲାଗିଛ । ଜିତୁ ଗାଧୋଇବ, ଜିତୁ ଦୁଧ ପିଇବ, ଜିତୁ ହସିଲାଣି, ଜିତୁ କାନ୍ଦିଲାଣି...ଇଏ ତ' ପାଖକୁ ଗଲାକ୍ଷଣି ପାଟି କରୁଛ । ନାହିଁ ଗୁଲା, ଆଜି ମୁଁ ବଜାରରୁ ତା' ପାଇଁ ଗୋଟେ ବଡ଼ ଦୋଳି ଘୋଡ଼ା କିଣିଦେବି । ସେ ସେଇଥିରେ ବସି ଝୁଲୁଥିବ, ତମକୁ ହଇରାଣ କରିବ ନାହିଁ ।"

ଭଲକଥା । ବୋଉ ବଡ଼ନାତିକୁ ବେଶି ଦେଖିପାରନ୍ତି । ତାଙ୍କର ମନହେଲେ ସେ ତା' ପାଇଁ ହାତୀ ଘୋଡ଼ା ଆଣି ଦିଅନ୍ତୁ, କିଏ ମନା କରୁଛି; କିନ୍ତୁ ବେଶି ଗେହ୍ଲାକରି ବିଗାଡ଼ି ନଦେଲେ ହେଲା...ଦିନ ଶେଷରେ କ୍ଲାନ୍ତ ଅବଶ ଦେହକୁ ଶୋଇବା ଶେଯରେ ଲୋଟେଇଦେଇ ପଦ୍ମାବତୀ ଘୁଙ୍ଗୁଡ଼ି ମାରିଆସୁଥିବା ସ୍ୱାମୀଙ୍କୁ କହିଲେ । ଉତ୍ତର ପାଇଲେ

Digitized by srujanika@gmail.com

ନାହିଁ । ଅରପାଖରେ ଶୋଇଥିବା ପୁଅ ପୁଣି ଭେଁକନ କାନ୍ଦିଉଠିଲା । ପଦ୍ମାଦେବୀଙ୍କର ଇଚ୍ଛା ହେଲା ସେ ମଶଗାଆନ୍ତେ କିମ୍ବା କାହାକୁ ହେଲେ ମାରଦଅନ୍ତେ ।

ମିଶୁ ପାଖଘରେ ଶୁଏ । ତଳେ ଚଟାଣରେ ଗୃହକର୍ତ୍ତ୍ରୀ ସାନ ପୁଅବାବୁଙ୍କୁ ଜଗିବା ପାଇଁ ଶୁଏ । କିନ୍ତୁ ଦେଖାଗଲା ଯେ, ମିଶୁ କେତେଥର ନଦବାଭିଲାରେ ବାପାବୋଉଙ୍କ ଖଟରେ ଯାଇ ଅଜାଡ଼ିହୋଇ ପଡ଼ୁଛି, ଅଥଚ ସାନର ନଦ ଭାଙ୍ଗୁନାହିଁ । ଥରେ ମିଶୁ ଜିଗୁ ଉପରେ ଭୂଷ୍‌କିନା ପଡ଼ିଲା । ସେଇଠୁ ଜିଗୁର ଚିତ୍କାର, ସାମାନ୍ୟ ପ୍ରହାରସତ୍ତ୍ୱେ ମିଶୁର ବିପୁଳ ଚିତ୍କାର, କ୍ରମଶଃ ଜିଗୁର ବିକଳ କାନ୍ଦଣା ଓ ମିଶୁର କୋହ ରାତିପାହାନ୍ତା ଯାଏଁ ଲାଗି ରହିଲା । ସ୍ୱାମୀ ଭ୍ରମରବାବୁ କୌଣସିମତେ ଶୋଇପାରିଲେ ନାହିଁ । ତାଙ୍କର ଇଚ୍ଛା ହେଲା ସେ ସିଦ୍ଧାର୍ଥଙ୍କ ପରି ଏଇ ମୁହୂର୍ତ୍ତରେ ତଳକୁ ଓହ୍ଲାଇଯାଇ ବାଟ ଚାଲିବାକୁ ଆରମ୍ଭ କରନ୍ତେ । ଯାହାହେଉ ତା' ପରଦନ ସାନକୁ ବଦା କରାଗଲା ଓ ମିଶୁ ବାପାବୋଉଙ୍କ ପାଖରେ ଶୋଇବ ବୋଲି ସ୍ଥିର ହେଲା । ହେଲେ ଆଶ୍ଚର୍ଯ୍ୟର କଥା, ଶୋଇଲାବେଳକୁ ମିଶୁ ବାପାବୋଉଙ୍କ ଘରକୁ ଯିବାପାଇଁ ମୋଟେ ରାଜିହେଲା ନାହିଁ— ନିଜ ବିଛଣାରେ ଶୋଇବ ବୋଲି ଅଡ଼ିବସିଲା । ପଦ୍ମାଦେବୀ ମନ୍ତବ୍ୟ କଲେ ନିଜ ବିଛଣାକୁ ଏତେ ଲୋଭ ତ, ରାତିଅଧରେ ବାପା ବୋଉଙ୍କ ପାଖକୁ ପଳାଉଥିଲୁ କାହିଁକି ? ମିଶୁ କିଛି ଉତ୍ତର ଦେଲା ନାହିଁ, ଚର୍ଚ୍ଚିଲା ନାହିଁ, ଆପଣା ତକିଆକୁ କୁଣ୍ଢେଇ ଧରି ଆଖି ବୁଜିଦେଲା । ବାଧ୍ୟ ହୋଇ ପଦ୍ମାଦେବୀ ନୂତନ ବ୍ୟବସ୍ଥା ବାଢ଼ିଲେ ଯେ, ସେ ରାତିର ପ୍ରଥମ ଭାଗ ଜିଦଖିଆ ପୁଅପାଖରେ ଏବଂ ଦ୍ୱିତୀୟ ଭାଗ କାନ୍ଦୁରା ପୁଅ ପାଖରେ ଶୋଇବେ । ଭ୍ରମରବାବୁ କହିଲେ—ହୁଁଃ ! କିଛିକ୍ଷଣ ଉତ୍ତରୁ ଭାବିକନ୍ତେ କହିଲା ପରି କହିଲେ— ନନ୍‌ସେନ୍‌ସ୍ ! କିନ୍ତୁ ଭିନ୍ନ ଉପାୟ ବତେଇ ଦେଇପାରିଲେ ନାହିଁ ।

ଆଈ ଆସିବା ପରେ ପରିସ୍ଥିତି ସହଜ ହୋଇଗଲା । ଆଈ ଆଉ ଗୋଟିଏ ଖଟିଆ ପକେଇ ମିଶୁ ପାଖରେ ଶୋଇଲେ । ମିଶୁ କେବଳ ଥରେ ଉଠିପଡ଼ି କୁଆଡ଼େ ପଳାଉଥିଲା । ଆଈ ତାକୁ ଟାଣିଆଣି କୋଳରେ ପୂରେଇ ନାନାବାୟା ଗୀତ ଗାଇ ଶୁଆଇଦେଲେ । ତା' ପରଦନ ସକାଳେ ଗବର ସହିତ ନିଜର କୃତିତ୍ୱ ବଖାଣିଲେ ଓ ଝିଅକୁ ସ୍ମରଣ କରାଇଦେଲେ—ମନେଅଛି, ତୋ ପିଲାଦନେ ମୁଁ ତୋତେ ଘଣ୍ଟା ଘଣ୍ଟା ଧରି କେତେ ଓଡ଼ିଆ ବଙ୍ଗଳା ଗୀତ ଅଗଡ଼ମ୍ ବଗଡ଼ମ୍ ଶୁଣାଉଥିଲି ? ପଦ୍ମାଦେବୀଙ୍କର ମନେପଡ଼ିଲା ନାହିଁ କି ସେ ମନେପକାଇବାକୁ ଚାହିଁଲେନାହିଁ । ଚେତାହେଲା ଯେ ରେଡ଼ିଓ ଖଣ୍ଡେ ଥିଲା, ତାକୁ ବି ସେ ଅଳିଆଟୋକା ଟୋକା ମୋଡ଼ିମାଡ଼ି ଭାଙ୍ଗି ସାରିଲାଣି ।

ଘୋଡ଼ା ହୋଇ ଘରେ ରହିବ ବୋଲି ମିଶୁବାବୁ ଚାହିଁଲେ । ଆପତ୍ତିର କାରଣ ନାହିଁ, ବରଂ ପଦ୍ମାଦେବୀ ଆଶ୍ୱସ୍ତ ହେଲେ । ଘୋଡ଼ାର ଉଜ୍ଜ୍ୱଳ ନାଲିନେଳି ରଙ୍ଗ, ମୁନିଆଁ କାନ ଆଦି କିନ୍ତୁ ମୁହଁ ତାଙ୍କୁ ଭଲ ଲାଗୁ ନଥିଲା । ସତେକି ମାତୃତ୍ୱର ସବୁ ଅଶାନ୍ତ ଶବ୍ଦକୁ ନେଇ ଗୋଟାଏ ମୂର୍ତ୍ତିମନ୍ତ ତିରସ୍କାର !

ମିଶୁର ଚେତନାରେ ଘୋଡ଼ାର ମୁହଁ କିମ୍ବା ରଙ୍ଗ ଦସା ବାନ୍ଧି ନ ଥିଲା । ତାକୁ

Digitized by srujanika@gmail.com

ମାଡ଼ ବସି ଝୁଲିବାର, ଉଡ଼ିପଳାଇବାର ଅନୁଭୂତି ତା' ମନର ଗୃହପାଖରେ ଗୁଡ଼େଇ ହୋଇ ଯାଇଥିଲା । ପହିଲିଦିନ ଟିଭିରେ ତା' ଝିଅ ମୁଣ୍ଡରେ ଛୁଡ଼ାହୋଇଥିବା ଘୋଡ଼ାର ଉଡ଼ନ୍ତାପଣ ତାକୁ ଆକ୍ରମଣ କଲା, ଉଠେଇଲା ପକେଇଲା, ଖିଲି ଖିଲି କରି ହସେଇଲା, ତା' ହଦକୁ ଅସ୍ଥିର ଆନନ୍ଦରେ ନାରଖାର କରିଦେଲା ।

ଚଲ୍ ଘୋଡ଼ା ଚଲ୍···ମିତୁ ହସୁଛି, ଘୋଡ଼ା ହସୁଛି । ମିତୁ ଘୋଡ଼ାର କାନକୁ ଧରିଛି । ମିତୁ ବୋଉର ବୁଦୁକୁ ଧରିଛି, କାମୁଡ଼ି ଧରିଛି । ଆଈ ହସୁଛନ୍ତି, ରଜା ବାଜା ବଜାଉଛନ୍ତି । ଜିତୁ ତଳେ ପଡ଼ି କାନ୍ଦୁଛି କାଁ କାଁ କାଁ । ଚଲ୍ ଘୋଡ଼ା ଚଲ୍···

ଆଈ ଶୋଇଲା ପିଲାର ହଦକୁ ଅନେଇଥିଲେ । ତାଙ୍କର ମନେହେଲା ପୁଅ ହସୁଛି । ଘୋଡ଼ାଚଢ଼ା ପୁଅ, ତାକୁ କିଏ କଣ ପାଇଛ କି ? ନାତି ନୁହେଁ, ପୁଅ । ଆଈ ଆଖି ବୁଜି ଆଣିଲେ । ଏଭଳି ସଫଳତାର ସୁଖ କେଜାଣି କେତେ ବର୍ଷ ତଳେ ଆସିଥିଲା !··· ପିଲାଟାକୁ ସତରେ ଏଇ ବାପା ବୋଉ ଦି'ଜଣ ସାରିଦେଇଥିଲେ—କ'ଣ ନା ସେ ତା' ସାନଭାଇକୁ ସହି ପାରୁନାହିଁ, ସେଇଥିପାଇଁ ଜିଦ କରୁଛି । ଝିଅ କହିଲା—ଇଏ ହେଉଛି ସାଇକଲଜି । ସାଇକଲଜି···ନିଆଁ ଚୁଲି । କିଓ ଆମେ କଣ ପିଲା ଜନ୍ମ କରିନଥିଲୁ ? ପଦ୍ମା ତଳେ ସୁଷମା, ତିନି ବର୍ଷ ସାନବଡ଼ । ସୁଷମା କଣ ଜିଦ କରୁନଥିଲା ନା ପଦ୍ମା ଭାରି ଭଲପିଲା ଥିଲା ? ହେଲେ ଦିହିଙ୍କି ଦିହେଁ କିଏ ଯାଉଁଶୁ ଆସୁଣୁ ମୋଠୁଁ ଗେହ୍ଲା ଆଦାୟ କରି ନେଉନଥିଲେ ? ମୁହଁରେ ବାପଧନ କହିଲେ ଚଳିବ ନାହିଁ, ପୁଅର ମୁହଁକୁ ଛାତିରେ ଗୁଞ୍ଜି ଗେହ୍ଲା ନକଲେ ସେମାନଙ୍କର ମନ ଭରିବ ନାହିଁ । ଜିତୁର ଜନ୍ମ ପରେ ପଦ୍ମାର କଣ ରୋଗ ହେଲା କେଜାଣି ସେ ତା'ର ଦୁଧକୁ ଶୁଖେଇଦେଇଛି । ତା'ବୋଲି କଅଣ ଛାତିର ଉଷୁମ ନାହିଁ ? ସରାଗ ନାହିଁ ? ଆଈ ଅକାରଣରେ ତାଙ୍କ ଶାଢ଼ୀକୁ ଦେହରେ ସଜାଡ଼ିଦେଲେ । ନିଜକୁ କହିଲେ, କିଛି ନହେଲେ ମୁଁ ତା' ପାଇଁ ଘୋଡ଼ା ଆଣିଛି, ବଳବନ୍ତ ଘୋଡ଼ା ।

ଘୋଡ଼ା ଆସିବା ପରେ ଦେଖାଗଲା ଯେ ମିତୁ ବାପବୋଉଙ୍କ ଘର ମାଡୁ ନାହିଁ, ସାନଭାଇ ସାଙ୍ଗରେ ବାଦ କରୁନାହିଁ କିମ୍ବା କେଉଁଥିରେ ଅଳିଅଝଟ କନ୍ଦାକଟା କରୁନାହିଁ । ଯାହା ଖାଇବାକୁ ଦେଲେ ଖାଇଦେବ, ଗାଧୋଇବାକୁ କହିଲେ ଗାଧୋଇପଡ଼ିବ···କିନ୍ତୁ ସବୁଥିରେ ତରତର, କେମିତି କାମ ସରିଗଲେ ଘୋଡ଼ା ଚଢ଼ିବ ଘୋଡ଼ା ଚଢ଼ିବ ଓ ଆଈଙ୍କ ସାଙ୍ଗରେ ଗଡ଼ର ଗଡ଼ର ହେବ । ଦିନକର କଥା —

"ଆଈ ଘୋଡା ଲଣ୍ଡନ ଯିବ ?"

"ହଁ, ଲଣ୍ଡନ, ଦିଲ୍ଲୀ, କଲିକତା ଯେଉଁଠିକି କହିବୁ ସେଇଠିକି ଯିବ ।"

"ଜଙ୍ଗଲକୁ ଯିବ ?"

"ହଁ, ଜଙ୍ଗଲରେ ଯେଉଁ ବୁଢ଼ୀ ଅସୁରୁଣୀ ଅଛି ଜାଣିଛୁ ନା, ଘୋଡ଼ା ତାକୁ ଏମିତି ଲତେ ଦେବ ଯେ (ଆଈ ତାଙ୍କ ଶୁଷ୍କ ଶିରାଳ ହାତରେ ପବନକୁ ଲତ ମାରିଲେ) ବୁଢ଼ୀ ଅସୁରୁଣୀ ଖତମ ହୋଇଯିବ ।"

Digitized by srujanika@gmail.com

"ଘୋଡ଼ା ତମକୁ ନାତ ମାରିବ ?"

"ଆରେ ମତେ କାହିଁକି ଲତ ମାରିବ, ମୁଁ କଣ ବୁଢ଼ୀ ଅସୁରୁଣୀ ହୋଇଛି ?··· ଦୁଷ୍ଟ ପିଲା ।" ଆଈ ମିଛିମିଛିକା ରାଗ ଦେଖାଇଲେ ।

"ହିଃ, ହିଃ···ତରୁକୁ ନାତ ମାରିବ ?"

"ଛି, ସେମିତି କହନ୍ତି ନାହିଁ । ତରୁ ତୋ ସାନଭାଇ ପରା ! ତରୁ ବଡ଼ହେଲେ ସେ ବି ଘୋଡ଼ା ଚଢ଼ିବ, ତୋରି ପାଖରେ ବସିବ, ଦୁ' ଭାଇଯାକ ଏକାଠି ହୋଇ ଲଣ୍ଡନ ଯିବ ।"

ମିତୁର ମୁହଁ ଗମ୍ଭୀର ହୋଇଗଲା । ଘୋଡ଼ା କାନ ଉପରୁ ହାତ କୋହଳ ହୋଇଗଲା । ଝୁଲା ଅଟକିଗଲା । ଢିମା ଢିମା ଆଖି ଆଈଙ୍କଠି ଲାଖିରହିଲା-- ସତେକି ଗ୍ରେଟ ଝାଉଛି କି ନାହିଁ ବୁଝି ପାରୁନାହିଁ, ପ୍ରଶ୍ନ ପଚାରୁଛି— ତୁମେ ବି ଏମାନଙ୍କ ଭିତରୁ ଜଣେ ?

ଆଈ ପ୍ରମାଦ ଗଣିଲେ । ନା, ନା, ମୋର ଭୁଲ ହୋଇଛି । ତରୁ କଥା ତା' ବାପମାଆ ବୁଝିବେ-- ମୁଁ କିଛି କହିବ ନାହିଁ, ମୋଟେ କହିବ ନାହିଁ । ସେ ସାଙ୍ଗେ ସାଙ୍ଗେ ମିତୁ ପାଖକୁ ଟାଣିନେଇ ଦୁଇ ହାତରେ ତା' ଗାଲକୁ ଆଉଁସି କହିଲେ— ସେ ଗନ୍ଧିଆ ଟୋକା ଖାଲି ବିଛଣାରେ ମୁତୁଛି, ସେ କଅଣ ଘୋଡ଼ାରେ ଚଢ଼ିବ ମ ? ସେ କଅଣ ଆମ ମିତୁ ଭଳିଆ ବାହାଦୁର୍ ? ଧର୍, ଘୋଡ଼ା କାନକୁ ଧର୍, ଭଲକରି ମୁଠେଇ ଧର ! ଏଥିରେ ଚାଲ୍ ଯିବା ଆମେରିକା, ତୋ ମାମୁ ଯୋଉଠିକି ଯାଇଥିଲେ···ଚଲ୍ ଚଲ୍, ଘୋଡ଼ା ଚଲ୍···

ଘୋଡ଼ାର ଗତିକୁ ଫେରାଇ ଆଣିବାପାଇଁ ସମୟ ଲାଗିଲା । କିନ୍ତୁ ଘୋଡ଼ା ପୁଣି ଯେତେବେଳେ ଉଦ୍ୟତ ହେଲା, ଚୁହୁଁ ଚୁହୁଁ ଉଦ୍ଦାମ ଦୁର୍ନିବାର ହୋଇଉଠିଲା, ମିତୁର ମୁହଁ ଲାଲ ହୋଇଗଲା, ସତେକି ସେ ଘୋଡ଼ାକୁ ଅଟକେଇ ପାରୁନାହିଁ, ବଳୟାନ୍ତକୁ ରୋକିପାରୁନାହିଁ ।

ଆଈ ପାଟିକଲେ—ଆରେ ବାବୁ ଆସ୍ତେ, ସେତିକି ହେଲା ଆସ୍ତେ !

ଭ୍ରମରବାବୁ ଓ ପଦ୍ମାଦେବୀ ଅନେକ ଦିନ ପରେ ଗୋଟିଏ ବର୍ଷାମୁଖରିତ ରାତିରେ ମିଳିତ ହେଲେ । ବାହାରେ ପାଣି ପବନ ଯେତେ ଗଣ୍ଡଗୋଳ ଥାଉ ନା କାହିଁକି ଘର ଭିତରେ କିଛି ଗୋଳମାଳ ନାହିଁ । ତରୁ ଆରାମରେ ଶୋଇଛି । କେତେବେଳେ ହୁଏତ ନିଦଭଙ୍ଗା ସାମାନ୍ୟ କୁଁ କୁଁ ଶୁଣାଯାଇପାରେ, କିନ୍ତୁ ଚଗଦେଲାପରି ଚକ୍କାର ରାତିକୁ ନଷ୍ଟ କରିଦେବ ଏଭଳି ଆଶଙ୍କା ନାହିଁ । ତା' ଦେହର ଘା'ତକ ଶୁଖିଗଲାଣି । ପେଟର ଅହେତୁକ ଯନ୍ତ୍ରଣା କେବଠୁଁ କମିଲେଣି । ଆଉ ମିତୁ···ମିତୁ ବିଦେଶରେ ଥିଲାପରି ଲାଗୁଛି । କେତେଦିନ ହୋଇଗଲାଣି ସେ ରାତରେ ଗୋଟିଏ ହେଲେ କପ୍‌ପ୍ଲେଟ୍ ଭାଙ୍ଗିନାହିଁ, ବାସନଧୁଆ ସାଉଁଣ କାଦୁଅରେ ହାତ ଦଲବଲ କରି ବୋଉର ଶାଢ଼ୀକୁ ଟାଣିନାହିଁ, ସାନର ଦୁଧ ବୋତଲକୁ ମୁହଁରେ ଚୂପେଇ ନାହିଁ, କିଛି କରି ନାହିଁ । ଲକ୍ଷେଯୋଜନ ଦୂରରେ ଥିବା ଅନ୍ଧାର ଶାନ୍ତିରୁ ଉଠିଆସି ବୋଉକୁ ହିଇଟଣ କରିବାର କୌଣସି

Digitized by srujanika@gmail.com

ସମ୍ଭାବନା ନାହିଁ । ପଦ୍ମାଦେବୀ ମିଳନପର ଶାନ୍ତିକୁ ଉପଭୋଗ କରୁଥିଲେ, ଏଣେ ତାଙ୍କୁ ଅଣ୍ଡାଳୁଥିଲେ—ଏମିତ କେମିତ ହେଲା ?

କାନ୍ଥରେ ଟଙ୍ଗା ହୋଇଥିବା ଗୋଟିଏ ଛବି ଉପରେ ତାଙ୍କର ଆଖି ପଡ଼ିଲା । ନିଜ ହାତରେ ଅଙ୍କା ହୋଇଥିବା ଛବି, ଛୁଞ୍ଚିକାମ । କୁମାରୀ ଜୀବନର ଏକତମ କୃତିତ୍ୱ । ଗଛବୁଦୁଛ ଘେରଥିବା, ହଂସ ପହଁରୁଥିବା ପୋଖରୀର ସୂକ୍ଷ୍ମ କାରୁକାର୍ଯ୍ୟ ନେଳଆ ଘର- ଆଲୁଅରେ ବାରି ହେଉ ନ ଥାଏ; କିନ୍ତୁ ପଦ୍ମାଦେବୀ ଠଉରାଇଲେ—ପୋଖରୀ ମଝିରୁ ହଂସର ଅଣ୍ଟା ଉପରକୁ ଝୁଲି ଆସିଥିବା ଛୁଇଁ ନ ଛୁଇଁଲା ପରି କେତୋଟି କାଶତଣ୍ଡି ଫୁଲ । ତାକୁ ଗଢ଼ିବା ପାଇଁ କେତେ କଷ୍ଟ, କେତେ ସାଧନା ! ତାର ରୂପରେଖ ହାଲୁକାପଣ ଫୁଟିଉଠିଲା ପରେ କି ଉଲ୍ଲାସ ! କିନ୍ତୁ ତା'ପରେ ସେ କେବଳ ଛବି, ଛବିର ଚେନାଏ ହୋଇ କାନ୍ଥରେ ମିଶିଗଲା । ମୋ ସାଙ୍ଗରେ ତା'ର କିଛି ସମ୍ପର୍କ ନାହିଁ, ମନେପକାଇଲେ ଯାଇ ମନେପଡ଼ୁଛି, ନହେଲେ ତା'ର ମେ ଅଛି କ୍ୟାଲେଣ୍ଡର ସାଙ୍ଗରେ, ବଜାରରୁ କିଣା ହୋଇଥିବା କ୍ୟୁରିଓମାନଙ୍କ ସାଙ୍ଗରେ···ସବୁ ସାଧାରଣ ଶୋଭା, ସମ୍ପଦ···ଏମିତ କେମିତ ହେଲା ?

ତାକୁ ଥରେ ଅଧେ ମୋ ବିଛଣାକୁ ଆସି ମୋ କୋଳରେ ମୁଣ୍ଡ ଗୁଞ୍ଜିବାକୁ କିଏ ମନାକରୁଛି ?

ପଦ୍ମାଦେବୀ କଡ଼ ଲେଉଟାଇ ସ୍ୱାମୀଙ୍କ ଗୁଡିରେ ମୁଣ୍ଡ ଗୁଞ୍ଜିଲେ । ସ୍ୱାମୀ ତାଙ୍କୁ ସ୍ନେହରେ ଆଉଁସିଦେଲେ । ଉପରୁ ଝରୁଥିବା ଅଗଣିତ ଟପୁର୍‌ଟାପୁର୍ ତାଙ୍କୁ ଉତ୍ତର ଦେଲେ । ଆହୁରି ଉତ୍ତର ଦେବାପାଇଁ ଉତ୍ସୁକ ଆସିଲେ, କିନ୍ତୁ ମାଆର ମନ ବୁଝିଲା ନାହିଁ ।

···ବର୍ଷାରୁ ସରନଥିଲା । ଘୋଡ଼ା ଆସିବାର ମାସୁଟାଏ ହୋଇଛି କି ନାହିଁ, ଠିକା ଗୃହକର୍ତ୍ତ୍ରୀ—ଲେଖାଯୋଖାରେ ସାବୀର ବୁଢ଼ୀମା ହେବ—ଓଦା ଲୁଗାପଟା ଘର ଭିତରେ ଅଲୁଗୁଣି, ଚଉକିହାତ, ଆଲମାରୀ କାନ୍ଧ ଇତ୍ୟାଦି ଉପରେ ଶୁଖାଉଥିଲା । ପିଲାର ବିଚାର ଦିହୁଲା ଗ୍ରେଟ କନାଗୁଡ଼ାକୁ କେଉଁଠି ଶୁଖାଇବ ବୋଲି ତାକୁ ବୁଦ୍ଧି ଦିଶିଲାନାହିଁ । ସେଇଠୁ ସେ କଣ କଲା ନା ସେଥିରୁ ଯୋଡ଼ାଏ ଘୋଡ଼ାର କାନ ଉପରେ ଲଟକାଇ ଦେଲା । ହଠାତ୍ କେଉଁଟା ମୁନିଆଁ ନଖ ପଛଆଡ଼ୁ ତାର ଅଣ୍ଟାକୁ ବଦାଗ- ଦେଲା । ନଖ ପରେ ଦାନ୍ତ । ଇଲୋ ମାଆଲୋ ବୋଲି ପାଟିକରି ବୁଢ଼ୀ ବୁଲିପଡ଼ି ଦେଖିଲା—ଗ୍ରେଟବାବୁ । ଓଠ ଫୁଲି ଉଠୁଛି । ଆଖିରେ ଲୁହ ଜମିଆସୁଛି । ସର୍ବାଙ୍ଗ ଧନୁ- ଗୁଣ ପରି ଟାଙ୍କି ହୋଇ ରହିଛି—ସତେକି ଏଇ ଆରମ୍ଭ ହେଲା, ଏହା ପରେ କ'ଣ ହେବ କଳନା କରିହେବ ନାହିଁ । ଏଭଳି ଅପମାନ ତାକୁ ତା' ଜୀବନରେ କେହି କେବେ ଦେଇନଥିଲେ ।

କେବଳ ହାଁଟିଏ କରି ପଦ୍ମାଦେବୀ ପହଞ୍ଚିଗଲେ । ହାତ ଉଠେଇ ମଧ୍ୟ ପୁଅକୁ ମାରିପାରିଲେ ନାହିଁ । ବେଦନାରେ ଆଖିନାକ କୁଞ୍ଚେଇ ନେହୁରା ହେଲାପରି ବୁଢ଼ୀକୁ

Digitized by srujanika@gmail.com

ଚଆଉଲେ—ତେବେ ଆଉ କିଛି ମିଳିଲା ନାହିଁ ? ତୁ ତା'ର ଘୋଡ଼ା ଉପରେ ପିଲାର ମୂତକନା ଶୁଙ୍ଘେଇଲୁ ? ବୁଢ଼ୀ ମୁଣ୍ଡ ତଳକୁ କରି ଘୋଡ଼ାର କାନକୁ ଅନାଇଁଲା । କନା ଦୁଇଟାକୁ ଉଠେଇ ନେବାପାଇଁ ହାତ ଚଳିଲା ନାହିଁ, କାଳେ ଅଜାଣତରେ ଆଉ କଣ ପାପ କରି ବସିବ ।

ଆଉ ଦିନେ ବଜାରରୁ ବାପାବୋଉ ଫେରିଆସି ମିତୁ ହାତରେ ଗୋଟିଏ ଚକୋଲେଟ ଧରାଇଦେଲେ । ମିତୁ ନିଜ ଇଚ୍ଛାରେ ଚକୋଲେଟରୁ ଖଣ୍ଡେ ଖଣ୍ଡେ ସମସ୍ତଙ୍କୁ ଦେଲା, ଜିତୁକୁ ମଧ୍ୟ ଛାଡ଼ିଲା ନାହିଁ । ତା' ପାଖକୁ ଚାଲିଯାଇ ତା' ମୁହଁରେ ପୂରାଏ ଗୁଞ୍ଜିଲା, ଜିତୁ କାନ୍ଦିଉଠିବା ସତ୍ତ୍ୱେ ଆହୁରି ଗେଞ୍ଜିଲା । ଭ୍ରମରବାବୁ ମନାକରିବା ସତ୍ତ୍ୱେ ନିର୍ମମଭାବରେ ତା' ଉଠକୁ ଫାଡ଼ି ଖା, ଖା, ବୋଲି ପାଟିକଲା, ହାତଧରି ଟାଣି-ଆଣିଲାରୁ ଭ୍ରିଟିପିଟି ହେଲା । ଶେଷକୁ ଆଈ 'ଚଣ୍ଡିକନା' ଆସି ପୁଅକୁ ଉଠେଇନେଇ ଚାଲିଗଲେ । ପଦ୍ମାଦେବୀ ସାନପୁଅକୁ ଭୁନ କରିବାକୁ ଲାଗିଲେ ଓ ଗୁମୁଗୁମୁ ହେଲେ । କହିଲେ, ତା'ର ମନ ଖ୍ରୋଟ ନୁହେଁ, ସେ ନିଜ ଇଚ୍ଛାରେ ସାନଭାଇକୁ ଚକୋଲେଟ୍ ଖୋଇବାକୁ ଯାଇଥିଲା । ତା'ପରେ ସ୍ୱାମୀଙ୍କ ଚେହେରା ଉପରେ ଆଖି ପଡ଼ିଲାରୁ କହିଲେ —ଆରେ, ମୋ ଆଡ଼କୁ ସେମିତି ଚାହିଁଛ କାହିଁକି ? ମୁଁ କଅଣ କଲି ? ତା' ଆଈ ତାକୁ ମୁନ୍ଦ ଦେଇଛନ୍ତି, ଯାଉନା ତାଙ୍କୁ କହିବ ?

ଭ୍ରମରବାବୁ ଦୀର୍ଘ ନିଃଶ୍ୱାସଟିଏ ଛାଡ଼ି ସେଠୁ ବାହାରିଗଲେ । ଚାଲି ଯାଉଁ ଯାଉଁ କହିଲେ—ମୁଁ ତୁମ କଥା କହୁନାହିଁ କି ତା' ଆଈଙ୍କ କଥା କହୁନାହିଁ ।

ଏମିତି କେତୋଟି ଘଟଣା ପରେ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ବଚସା ହେଲା । ଶେଷ ଘଟଣାଟିକୁ ନେଇ ପଦ୍ମାଦେବୀ କହିଲେ—ମୁଁ ନିଜେ ଦେଖିଛି ପରା, ସେ ଜିତୁକୁ ହସଉଥିଲା । ଭ୍ରମରବାବୁ କହିଲେ,—ହସଉଥିଲା ତ କନ୍ଦେଇଲା କାହିଁକି ? ପଦ୍ମାଦେବୀ —ହସେଇଲାବେଳେ ଆଉ କେହି ପାଖରେ ନଥିଲେ, ମୁଁ ଚୁପ୍‌କରି ପଛରେ ଛିଡ଼ା-ହୋଇଛି ବୋଲି ବାବୁଙ୍କୁ ଜଣା ନ ଥିଲା । ଭ୍ରମରବାବୁ—ବୁଝିଲି । ଯେମିତି ବୋଉକୁ ଦେଖିଲା ଭାବିଲା ଯେ ତା'ର ଭଲପିଲା ହେବା ଉଚିତ ନୁହେଁ । ଯେମିତି ଦେଖିଲା ବୋଉ ମଧ୍ୟ ଖୁସି ହେଉଛି, ହସୁଛି, ତାଳିମାରୁଛି—ସେଇଠୁ ବିଚରା ସାନଭାଇର ଗାଲକୁ ଚିମୁଟିଲା···ଚମତ୍କାର ! ପଦ୍ମାଦେବୀ ଆଉ ସହିପାରିଲେ ନାହିଁ । ତାଙ୍କ ଆଖିରୁ କଅଁବାଣ ବାହାରିଲା । କହିଲେ—ପୁଅଟାକୁ ଘରୁ ନିକାଲିଦିଅ ତାହାହେଲେ···କହି ସେ ଭୁଲରେ ବାପାବୋଉଙ୍କ ଘର ମାଡ଼ିବ ନାହିଁ, ସେ ତା'ର ଆଈ ପାଖରେ ଥିବ, ତା' ବୋଉ ତା'ର କେହି ନୁହେଁ···ନୁହେଁ···ନୁହେଁ !

ଏଭଳି ଅସଙ୍ଗତ ପ୍ରତିକ୍ରିୟା ହେବ ବୋଲି ଭ୍ରମରବାବୁ ଭାବିନଥିଲେ । ସେ ବ୍ୟସ୍ତ ହୋଇ କହିଲେ—ଓଃ ! ତୁମେ ବୁଝିପାରୁନାହଁ, ତୁମ ଦୋଷ ନୁହେଁ, ଆଈଙ୍କ ଦୋଷ ନୁହେଁ, କାହାର ଦୋଷ ନୁହେଁ, ସବୁର ମୂଳ ହେଉଛି ସେଇ ଅପରିଚ୍ଛନ୍ନ ଘୋଡ଼ା ।

Digitized by srujanika@gmail.com

ଅନୁକୂଳ ମୁହୂର୍ତ୍ତିରେ ସୁବିଧା ଦେଖି ଭ୍ରମରବାବୁ ବିଶଦ ବ୍ୟାଖ୍ୟା କଲେ—ବୁଝିପାରୁନାହଁ ? ଘୋଡ଼ା ଆସିବା ଆଗରୁ ସେ ସାନଭାଇ ସାଙ୍ଗରେ ବାଦ୍‌କରୁଥିଲା, ସମାନ ଅଧିକାର ପାଇବା ପାଇଁ କାନ୍ଦୁଥିଲା, ଜିଦ୍ କରୁଥିଲା, ବାପାବୋଉଙ୍କୁ ରଖେଇ ଥୋଇ ଦେଉ ନଥିଲା । ଘୋଡ଼ା ଆସିବାରୁ କ'ଣ ହେଲା ? ଘୋଡ଼ାରେ ଚଢ଼ି ପୁଅ ଭାବିଲା ସେ ଉଡ଼ିପଳାଉଛି—ଆମେ ତା'ର କେହି ନୁହଁ । ଭାବିଲା ସେ ନିଜ ହାତରେ ଚଢ଼ିଦ ଯା', ସେଇ ହେଉଛି ରଜା । ସେ କାହିଁକି ଆମ ଘରକୁ ଆସିବ ? ସେ କାହିଁକି ସାନଟା ସାଙ୍ଗରେ ବାଦ କରିବ ? କିନ୍ତୁ ତା'ର ରାଜତ୍ୱକୁ ସମସ୍ତେ ମାନିବେ, ତା' ଘୋଡ଼ାରେ କେହି ହାତ ଦେବେ ନାହିଁ, ତା'ର ମରଜିରେ ସେ ସାନଭାଇ ପାଟିରେ ଚକୋଲେଟ୍ ମାଡ଼ିବ, ତାକୁ ହସେଇବ, କନ୍ଦେଇବ···

ରଜାମାନଙ୍କର ରାକ୍ଷସ ହେବାକୁ କେତେ ସମୟ ?

—କ'ଣ କହୁଛ ତୁମେ ? ପଦ୍ମାଦେବୀ ସ୍ୱର ଉଠେଇ ପ୍ରତିବାଦ କଲେ ।

—ମୁଁ ସତ କହୁଛି । ଭ୍ରମରବାବୁ ସ୍ମିତହାସ ଦେଇ ଦୋହରେଇଲେ—କିନ୍ତୁ ମୁଁ ତା'ର ଉପାୟ ଜାଣେ । ଆଉ କିଛିଦିନ ପରେ ତୁମ ବୋଉ ଫେରିଯିବେ । ମିତୁ ଏକୁଟିଆ ହେଲାରୁ ବାଧହୋଇ ଆମ ପାଖକୁ ଲାଗି ଲାଗି ଆସିବ । ସେଇଠୁ ମୁଁ ତା' ମନକୁ ଭିନ୍ନ ଦିଗରେ ଚଳେଇନେବି । ଉଡ଼ିବାର ଢଙ୍ଗ ଶୁଣ୍ଡ଼ି ବୁଡ଼ିବାର ବିଦ୍ୟା ଶିଖେଇବି । ମୁଁ ତା' ପାଇଁ ଛବି ଆଙ୍କିବା, ବ୍ଲକ୍‌ରେ ଘର ତିଆରି କରିବା, ରେଲଗାଡ଼ିର ଡବା ଯୋଡ଼ିବା ଏମିତି ଯେତେକ କ୍ରିଏଟିଭ୍ ଖେଳଣା ଆଣିଦେବି । କଅଣ ବୁଝୁଛ ନା ? ଦେଖିବ, ତୁମ ପୁଅ କେମିତି ଧୀରେ ଧୀରେ ବଦଳିଯିବ—ମଣିଷ ହେବ ।

ପଦ୍ମାଦେବୀ ନ ବୁଝିଲେ ବୋଲି କହିହେବ ନାହିଁ । ସାଇକଲଜିର ଲୀଳାଖେଳା ସେ ଜାଣନ୍ତି । କିନ୍ତୁ ପିଲା ମାଆ ପେଟରେ ଥିଲାବେଳେ କଅଣ ମନ୍ତ୍ର ଦେଇ ଆସେ, କେମିତି ମାଆକୁ ଡାହାଣୀ କରି ଗୁଡ଼ିଦେଇଯାଏ, ବାପ ସେଥିରୁ କଅଣ ବୁଝିବ ? ସେ ଘୋଡ଼ା ଚଢ଼ୁ, ହାତୀରେ ବସୁ, ଘର ତିଆରି କରୁ, ହେଲେ ମା' ହାତୁସନ୍ତର ନାହିଁ ନାଡ଼ିକୁ କିଏ ଛିଣ୍ଡେଇ ଦେଇ ପାରିବ ?

ଆଈ ଗଲାଦିନ କାନ୍ଦିଲେ ନାହିଁ । ଝିଅ ଆଗରୁ ଚେତେଇ ଦେଇଥିଲା, କହିଥିଲା ଯେ କାନ୍ଦିଲେ ମିତୁର ମନ ଉପରେ କଅଣ ଗୋଟାଏ ପ୍ରଭାବ ପଡ଼ିବ, ଭବିଷ୍ୟତକୁ ଭଲ ହେବ ନାହିଁ । ହେଉ ବାବୁ, ତୁମ କଥା ରହୁ । ତୁମ ପୁଅ ତୁମର, ମୁଁ ଯେତେହେଲେ ବାହାର ଲୋକ । ହେଲେ ସେ କ'ଣ ତା' ବଡ଼ଦିନେ ଆଈକୁ ମନେ ପକେଇବ ନାହିଁ ? ଯେଉଁ ଆଈ ଜଣକ ତା' ପାଇଁ ଘୋଡ଼ା ଆଣିଦେଇଥିଲେ, ଘୋଡ଼ାରେ ଚଢ଼େଇ ତାକୁ ଦୂରବିଦେଶକୁ ଉଡ଼େଇ ନେଇଥିଲେ···ଆଈ ଲୁଚେଇ ଲୁଚେଇ ଆଖିରୁ ଲୁହ ପୋଛିଲେ । ବିଦାୟ ମୁହୂର୍ତ୍ତିରେ କେବଳ ମିତୁକୁ ପାଖକୁ ଟାଣିଆଣି ତା' ମୁଣ୍ଡରେ ହାତ ବୁଲେଇ କହିଲେ—ଯାଉଛି, ପୁଣି ଆସିବି । ଆଈକୁ ଖୋଜିବୁ ନାହିଁ, ଭଲ ପିଲା ହେବୁ ।

ମିତୁ କିଛି କହିଲା ନାହିଁ । ତା' ଆଖିରୁ ଲୁହ ଟୋପେ ଝରିଲା ନାହିଁ । ପଦ୍ମାଦେବୀ

Digitized by srujanika@gmail.com

ଓ ଭ୍ରମରବାବୁ ପୁଅର ପୁରୁଷପଣ ଦେଖି ଖୁସି ହେଲେ ।

ଆଈ ଥିବା ଭିତରେ ମିଠୁର ଘୋଡ଼ାଚଢ଼ା କ୍ରମଶଃ କମିଆସିଥିଲା । ଆଈ ବିଦା ହୋଇଗଲା ପରେ ଆହୁରି କମିଗଲା । କେତେବେଳେ କେମିତି ଏକା ଏକା ଘୋଡ଼ା ଉପରେ ଚଢ଼େ, ହସ ନାହିଁ, ପାଟିତୁଣ୍ଡ ନାହିଁ, ଦି' ଗୁରିଥର ଝୁଲି ଓହ୍ଲାଇଆସେ—ସତେ କି ସେ ତା'ର ପୁରୁଣା ଅଭ୍ୟାସଟିକୁ ପରଖି ନେଉଛି ।

ଏଣେ ଭ୍ରମରବାବୁଙ୍କର ନବବିଧାନ ଗ୍ଲୁ ହୋଇଗଲା । ମିଠୁ ପାଇଁ କେତେ ନୂଆ ନୂଆ ଗଠନମୂଳକ ଖେଳଣା ଆସିଲା । ପୁଅର ଉତ୍ସାହ ଦେଖି ଭ୍ରମରବାବୁ ନିଜେ ଅନ୍ୟ କାମ ଛାଡ଼ି ପୁଅ ସାଙ୍ଗରେ ଏକାଠି ବସି ଖେଳିଲେ, ଭିବା ଯୋଡ଼ିଲେ, ଗଣ୍ଠି ପକେଇଲେ, ମାଳି ଗୁନ୍ଥିଲେ । ପଦ୍ମାଦେବୀ ଯାଉଣୁଆସୁଣୁ ବାପପୁଅଙ୍କ ଉଦ୍ୟମକୁ ଦେଖି ଆମୋଦ-ମଧୁର ହସଟିମାନ ଦେଇଯାଆନ୍ତି । ଭ୍ରମରବାବୁ ଆଖିମିଟିକାମାରି ଲଘୁକଣ୍ଠରେ କହନ୍ତି—ମୁଁ କହୁନଥିଲି !

ମନେହେଲା ଘୋଡ଼ା ଅକାମି ହୋଇଗଲାଣି । ଅନେକଦିନ ହେଲା ମିଠୁ କେବେ ଘୋଡ଼ାରେ ଚଢ଼ିଛି ବୋଲି କେହି କହିପାରିଲେନାହିଁ । ତେଣୁ ଭ୍ରମରବାବୁ ଦିନେ ପ୍ରସ୍ତାବ କଲେ ଯେ ଅନେକ ଆଲମାଲିକା ମିଠୁର ଘରେ ଭର୍ତ୍ତି ହୋଇଗଲାଣି, ପାଦ ପକେଇବାକୁ ଜାଗା ନାହିଁ, ଘୋଡ଼ାକୁ ପଛ ବାରଣ୍ଡାରେ ଅଖା ଘୋଡ଼େଇ ରଖିଦେଲେ ଭଲ ହେବ । ମିଠୁକୁ ପଚରାଯାଉ ।

ମିଠୁ କହିଲା—ନାହିଁ । ନୂତନତମ ଖେଳରେ ମଜ୍ଜିଗଲା ପରି ଦିଶୁଥିଲେ ମଧ୍ଯ ତା' ଉତ୍ତରରେ ମଲାଧୂଲି ନ ଥିଲା ।

ଭ୍ରମରବାବୁ ଈଷତ୍ ଆଶ୍ଚର୍ଯ୍ୟ ହେଲେ ଯେ ଏପର୍ଯ୍ୟନ୍ତ ପୁଅର ଘୋଡ଼ା ପ୍ରତି ମମତା ତୁଟି ନାହିଁ; କିନ୍ତୁ ସେ ବଳେଇଲେ ନାହିଁ । ଆଉ କିଛୁଦିନ ଯାଉ—ସମୟ ତା' କାମ କରିଯିବ । ପୁଅ ବଡ଼ ହେବ । କେତେଦିନ ଯାଏଁ ଏଇ ଅଖାଡୁଆ ଜିନିଷଟାକୁ ପାଖରେ ପୂରେଇ ଶୋଇବ ? ପଦ୍ମାଦେବୀ ପୁଅ ତରଫରୁ ସଫେଇ ଦେବା ଛଳରେ କହିଲେ—ସ୍ମୃତି—ପୁଅ ଆମର ତା' ପିଲାଦିନକୁ ମନେ ରଖିବାକୁ ଗ୍ହେଁ ।···ତିନିବର୍ଷ ହୋଇଛି କି ନାହିଁ ପୁଅଙ୍କର ପିଲାଦିନ ଆସିଗଲାଣି, ଏଇ ରସିକତାଟିକୁ ବାପମାଆ ବେଶ୍ ଉପଭୋଗ କଲେ ।

× ×ସମୟ ତା' କାମ କରିଗଲା । ମିଠୁ ଘରପାଖରେ ଥିବା ଗୋଟିଏ ନର୍ସରି ସ୍କୁଲରେ ନାଁ ଲେଖାଇ ବିଧିମୁତାବକ ଖେଳମିଶା ପାଠ ପଢ଼ିଲା । କେତେମାସ ପରେ ମାଷ୍ଟ୍ରାଣୀ ରିପୋର୍ଟ ଦେଲେ—ପିଲାଟି ଭଲ, କଥା ମାନେ, କଲିଗୋଳ କରେନାହିଁ; କିନ୍ତୁ ଉଚିତରୁ ଅଧିକ ଅନ୍ତର୍ମୁଖୀ, ନିଜ ଭିତରେ ନିଜେ ଥାଏ । ଭ୍ରମରବାବୁ ହସିଲେ । ବର୍ଷକ ତଳେ ବାବୁଙ୍କର ଯେଉଁ ପ୍ରତାପ ଥିଲା, ମାଷ୍ଟ୍ରାଣୀ ଯଦି ଦେଖିଥାଆନ୍ତେ !

ପ୍ରକୃତରେ ସ୍କୁଲ ରିପୋର୍ଟ ଯାହାହେଉ ନା କାହିଁକି ବାପମାଆଙ୍କର କୌଣସି ସନ୍ଦେହ ନ ଥିଲା ଯେ ଏଇ ବର୍ଷକ ଭିତରେ ମିଠୁର ଯଥେଷ୍ଟ ପରିବର୍ତ୍ତନ ହୋଇଛି ।

Digitized by srujanika@gmail.com

ବିଶେଷତଃ ସାନଭାଇ ସାଙ୍ଗରେ ତା'ର ବ୍ୟବହାର ସହଜସାଧାରଣ ହୋଇଯାଇଛି । ସେ ତା'ସାଙ୍ଗରେ ବାଦ କରୁନାହିଁ କି ତା'ଉପରେ ଆକ୍ରମଣ କରୁନାହିଁ । ତା'ପାଖକୁ ଯାଉଛି, ସେ ହସିଲା ବେଳେ ନିଜେ ହସୁଛି, ସେ କାନ୍ଦିଲେ କମ୍ପା ହଗିଲେ ମୁତିଲେ ବୋଉକୁ ଡାକିଆଣୁଛି, ବୋଉର ଅନୁରୋଧ ରକ୍ଷାକରି ମେ ଗୁରୁଣ୍ଡିଲାବେଳେ ତାକୁ ଜଗିରହୁଛି, ଇତ୍ୟାଦି । ପଦ୍ମାଦେବୀ ଭାବିଲେ ଯେ ହୁଏତ ମିତୁ କିତୁରି ଅନ୍ତର ନିକଟ ଅନ୍ତରଙ୍ଗ ହୋଇପାରନ୍ତା, ତା' ସାଙ୍ଗରେ ଶୋଇବସି ତାକୁ କୁଣ୍ଢେଇ ଧରି ଗେହ୍ଲା କରନ୍ତା— କିନ୍ତୁ ପିଲାଟାକୁ ତର କାହିଁ ? ଘରେ ବାପାଙ୍କର ପାଠ, ସ୍କୁଲରେ ମାଷ୍ଟ୍ରାଣୀଙ୍କ ପାଠ, କ'ଣ କରିବ ବିଚରା ?

ମିତୁ ବଢ଼ିବାକୁ ଲାଗିଲା । ତା'ର ଶୋଇବା ଘରେ ପାଠ-ଖେଳ ଛଡ଼ା କେତେ ନୂଆ ନୂଆ ବସ୍ତୁ ବିଭିନ୍ନ ସମୟରେ ମୁହଁ ଦେଖାଇଲେ—ଯଥା ରଙ୍ଗବେରଙ୍ଗ ବାଲିଗରଡ଼ା ଓ କାଚଖଣ୍ଡ, ଛିଣ୍ଡା ବ୍ୟାଡ୍‌ମିଣ୍ଟନ ର୍‌ୟାକେଟ୍, ବାପାଙ୍କ ପୁରୁଣା ପାଇପ୍, ବାସ୍ନା ଉଡ଼ିଯାଇଥିବା କର୍ପୂରମାଳା, ପ୍ଲାଷ୍ଟିକ୍ ବାଦୁଡ଼ି ଇତ୍ୟାଦି । ସେମାନେ ଆସିଗଲେ । ଦୃଶ୍ୟ ବଦଳିବାକୁ ଲାଗିଲା; କିନ୍ତୁ ଘୋଡ଼ାର ସ୍ଥାନ ଅକ୍ଷୁଣ୍ଣ ରହିଲା । ଯେତେବେଳେ ତାକୁ କାଢ଼ିବା କଥା ହୁଏ, ମିତୁ କ୍ଷଣକପାଇଁ ଭାବିଲାପରି ହୁଏ, ତା'ପରେ ମୁଣ୍ଡ ହଲାଏ । କହିବାକୁ ଗଲେ ଘୋଡ଼ାର ଉନ୍ନତି ହେଲା । କାରଣ ତା'ର ଅସୁନ୍ଦରପଣକୁ ଲୁଚେଇବା ପାଇଁ ବୋଉର ଗୋଟିଏ ଛିଣ୍ଡା ପାଟଶାଢ଼ିରେ ତାକୁ ଘୋଡ଼େଇ ଦିଆଗଲା । ମିତୁକୁ କୁହାଗଲା ଯେ, ନହେଲେ ଘୋଡ଼ାର ରଙ୍ଗ ଛାଡ଼ିଯିବ ।

ମିତୁକୁ ଗ୍ୟାରବର୍ଷ ପୂରିଗଲା । ସେ ବଡ଼ ସ୍କୁଲକୁ ଯାଇ ପ୍ରଥମ ଶ୍ରେଣୀର ଛାତ୍ର ବୋଲାଇଲା; କିନ୍ତୁ ପାଟଶାଢ଼ିପିନ୍ଧା ଘୋଡ଼ା ଗାଦି ମାଡ଼ିବସି ରହିଲା ।

କିତୁ ଠୁକୁ ଠୁକୁ ହୋଇ ଚାଲି ଶିଖିଲାଣି । ଯେଉଁଦିନ ତା'ର ପ୍ରଥମେ ଘୋଡ଼ା ସାଙ୍ଗରେ ସାକ୍ଷାତ ହେଲା, ମିତୁ ଘରେ ନଥିଲା । ପାଖରେ ଆଉ କେହି ନଥିଲେ । ଘୋଡ଼ା ପିଠିରେ ହାତ ରଖିବାରୁ ସେ ହଲିବାକୁ ଲାଗିଲା । କିତୁକୁ ଭଲ ଲାଗିଲା । ଉତ୍ସାହିତ ହୋଇ ସେ ଘୋଡ଼ାକୁ ହାତରେ ପିଟିଲା । ଭଲ ଲାଗିଲାନାହିଁ । ଭଲ ଲାଗିବା ନଲାଗିବାର କ୍ରମ କେଉଁଠି ପହଞ୍ଚିଥାଆନ୍ତା କେଜାଣି, ଏହି ସମୟରେ ତାକୁ ଗାଧୋଇବା ପାଇଁ ନେଇ ନିଆଗଲା ।

ପରବର୍ତ୍ତୀ ସାକ୍ଷାତବେଳେ ମିତୁ ସେଇ ଘରେ ଖଟ ଉପରେ ବସିଥିଲା; କିନ୍ତୁ ମନ ଦେଇ ପାଠବହିରେ ଥିବା ଗୋଟାଏ ରଙ୍ଗଢଙ୍ଗିଆ ଛବି ଦେଖୁଥିଲା । ସାନଭାଇର ଆବିର୍ଭାବ ତା' ଆଖିରେ ପଡ଼ିନଥିଲା ।

ଛବି ଉପରୁ ଆଖି ଉଠେଇଲାବେଳକୁ କିତୁ ଘୋଡ଼ାର ଅତି ନିକଟରେ ଛିଡ଼ା ହୋଇଛି । ମିତୁ ବହି ବୁଜିଦେଇ ସଜାଗ ଗୃହାଣିର ପ୍ରଶ୍ନ ପଚାରିଲା—ମତଲବ କ'ଣ ?

ଯୋଗ୍ୟତା ଥିଲେ କିତୁ ବୁଝେଇ ପାରିଥାଆନ୍ତା ଯେ, ମତଲବ ହେଉଛି ଯାହା ସେଦିନ ଅଧା ରହିଯାଇଥିଲା ତାକୁ ପୂରଣ କରିବା, ଜିନିଷଟିକୁ ଛୁଇଁବା, ଚଢ଼ିବା···

Digitized by srujanika@gmail.com

ମିତୁ କେମିତି ଜାଣିବ ଯେ, ଇଏ ପହିଲ ଦେଖା ନୁହେଁ ? କେମିତି ଜାଣିବ ଯେ, ଯେଉଁ ମଣିଷଟି ଆହୁରି ପାଖେଇ ଆସୁଛି, ପାଟଶାଢ଼ିର କଣା ଭିତରେ ହାତ ପୂରେଇ ଚିକ୍କା ଦେହକୁ ଛୁଉଁଛି, ତା'ର ଉଦ୍ଦେଶ୍ୟ ଅନୁଚିତ ନୁହେଁ ? ସେ କ୍ଷଣକପାଇଁ ନିଜକୁ ସମ୍ଭାଳି ନେଲି; କିନ୍ତୁ ଘୋଡ଼ା ହଲିଲବେଳକୁ ସେ ଝଟରୁ ଲମ୍ଫଦେଇ ଜିତୁକୁ ଧରିପକେଇଲି, ଘୋଡ଼ା ଦେହରୁ ଛଡ଼େଇ ଆଣିଲି । ସେ ନିଜର ବେଗ ଆବେଗକୁ କଳିପାରିଲନାହିଁ । ଜିତୁ ତଳେ କଗୃଡ଼ିହୋଇ ପଡ଼ିଲା । ଚିତ୍କାର କରି କାନ୍ଦିଉଠିଲା ।

ପ୍ରଥମେ ମିତୁ ଦେଖିଲି ଯେ ଜିତୁର ମୁଣ୍ଡରୁ ରକ୍ତ ବାହାରୁଛି ।

ଚିତ୍କାର ଶୁଣି ପଦ୍ମାଦେବୀ ଦଉଡ଼ିଆସିଲେ । ସେତେବେଳକୁ ଗଳ ଗଳ ହୋଇ ରକ୍ତ ବାହାରିଲଣି । ରାହା ଧରି ପାଟି ମେଲହୋଇ ରହିଛି, କାନ୍ଦଣାର ଶବ୍ଦ ଶୁଭୁନାହିଁ ।

'ରାକ୍ଷସ ମୋ ପୁଅକୁ ମାରିଦେଲି ଲୋ !'—ପାଗଳୀମାନଙ୍କ ପରି ଜିତୁକୁ କୋଳରେ ନେଇ ପଦ୍ମାଦେବୀ ସ୍ୱାମୀଙ୍କୁ ଡାକଗୁଡ଼ିଲେ ।

ଅବସ୍ଥା ସାଙ୍ଘାତିକ । ଲୁହାକଣ୍ଟର ମୁନିଆ କୋଣ ମୁଣ୍ଡ ଭିତରେ ପଶିଯାଇଛି କି କଅଣ, ତୁଳାକନା ଭେଦି ରକ୍ତ ବୋହିଗଲାଣି । ଭ୍ରମରବାବୁ କାଳ ବ୍ୟସ୍ତ ନ କରି ଜିତୁକୁ ଧରି ଡାକ୍ତରଖାନା ଏମରଜେନ୍‌ସିକୁ ବାହାରିଗଲେ । ପଦ୍ମାଦେବୀ ସାଙ୍ଗରେ ଯିବାକୁ ବସିଥିଲେ; କିନ୍ତୁ ସେ ମନାକଲେ । କହିଲେ—ମିତୁ ପାଖରେ ରହ । ଭଗବାନଙ୍କୁ ଡାକ । ମୁଁ ଫୋନ୍ କରି ଜଣେଇବ ।

ଚଟାଣରେ ବହଳ ହୋଇ ଧୀରେ ଧୀରେ ଗଡ଼ିଆସୁଥିବା ରକ୍ତଧାର ମିତୁର ପାଦକୁ ଛୁଇଁଲା । ସେ ପାଦ ଘୁଞ୍ଚେଇ ନେଲି; କିନ୍ତୁ ସେଠୁ ଗୁଲିଯାଇ ପାରିଲନାହିଁ । ସତେକି ତାକୁ ଶାସ୍ତି ଦିଆହୋଇଛି ଯେ ସେଇଠି ଛିଡ଼ାହୋଇ ରହିବ, ଆଉ ତା'ର ପୁରୁଣା ଘୋଡ଼ାକୁ ଅନେଇଥିବ ।

ଅନେଇଛି । ଅନେଇଥିବ । ମୋର ଘୋଡ଼ା ମୋତେ ସରଗକୁ ଉଡ଼େଇ ନେଉଥିଲା । ଜିତୁକୁ ମାରିଦେଲା—ଏକାବେଳକେ ମାରିଦେଲା । କାହିଁକି ? ମୁଁ ତାକୁ କଅଣ କହିଲି କି ?

ଫୋନ୍ ପାଖରୁ ଝଡ଼ପରି ଉଠିଆସି ପଦ୍ମାଦେବୀ ବଡ଼ପୁଅର ଜଡ଼ଭସ୍ମକୁ ଦେଖି ନ ଦେଖି କୁଣ୍ଢାଇ ଧରିଲେ । କହିଲେ—ନାଇଁ, ଭୁ ସୁନାପୁଅ, ରାକ୍ଷସ ହେଉଛି ସେଇ ଘୋଡ଼ା, କାଠଘୋଡ଼ା, ସଡସଢ଼କା କାଠ···(ଭାଙ୍ଗିପଡ଼ିବାର କୋହରେ) ବାଆଁଙ୍କ ପରି···

□□□

Digitized by srujanika@gmail.com

ଶୃଙ୍ଗାର ରସ

ବାହାରେ ଟୁପୁରୁଟୁପୁରୁ ବର୍ଷା ଓ ଘର ଭିତରେ ଶୃଙ୍ଗାର ରସର ପରିଚର୍ଯ୍ୟା ।

ପୁରାତନପନ୍ଥୀମାନେ କହିବେ ଯେ ପରିବେଶ ଅତି ଉତ୍ତମ, ଶାସ୍ତ୍ରସମ୍ମତ । କାଳି-ଦାସଙ୍କଠାରୁ ଆରମ୍ଭ କରି ବିଶ୍ୱକବି ରବୀନ୍ଦ୍ରନାଥଙ୍କ ପର୍ଯ୍ୟନ୍ତ କିଏ ଏହି ଝରିଲପାଣିକୁ ଦେଖି ଭୁନ ହୋଇ ରହିପାରିଛି ? କିଏ ତା'ର ଲେଖଣୀକୁ ଶୃଙ୍ଗାର ରସରେ ବୁଡେଇ କାବ୍ୟକବିତା ଲେଖିଯାଇନାହିଁ ? ପ୍ରଗତିପନ୍ଥୀମାନେ ଅବଜ୍ଞାର ହସ ହସିବେ । ପ୍ରକୃତି ଜଡ଼ । ମଣିଷ ବଡ଼ । ମଣିଷ ଯେଉଁଠି ଇଚ୍ଛା ସେଇଠି, ଯେତେବେଳେ ପାରେ ସେତେ-ବେଳେ ଶୃଙ୍ଗାର ରସକୁ ଡାକି ଆଣିପାରିବ । ପ୍ରକୃତି ବାଧ୍ୟହୋଇ ପାନମସଲା ଯୋଗାଇବ, ଚୁଆଚନ୍ଦନ ସଜାଡ଼ିଦେବ ?—ନ ଦେଇ ଯିବ କୁଆଡ଼େ ?

ଏଇ ଦୁଇ ମତ ଛଡ଼ା ଅନ୍ୟାନ୍ୟ ବିଭିନ୍ନ ମତ ଆଜିକାର ବୈଠକରେ ଶୁଣିବାକୁ ମିଳିବ । କିନ୍ତୁ ଏମାନେ ସମସ୍ତେ ସାହିତ୍ୟରେ ଆଗ୍ରହୀ ଏବଂ ସମସ୍ତେ ଏକମତ ଯେ ଶୃଙ୍ଗାର ରସ ହିଁ ଯଥାର୍ଥରେ ଆଦିରସ, ଶ୍ରେଷ୍ଠ ରସ । କେବଳ ସେତିକି ନୁହେଁ, ଆଲୋଚନାର ମୂଳ ଉଦ୍ଦେଶ୍ୟ ହେଲା ଯେ, "ଗୃହୁ ଚେତନା"ର ସମ୍ପାଦକଙ୍କ ପାଖକୁ ଗୋଟାଏ ଟାଣୁଆ ଜବାବ୍‌ର ଚିଠି ପ୍ରସ୍ତୁତ କରିବାକୁ ହେବ । କହିବାକୁ ହେବ ଯେ ଗତ ସଂଖ୍ୟାରେ ସେ ଯେଉଁ ବିଷ ଉଦ୍‌ଗାର କରିଥିଲେ, ଲେଖିଥିଲେ ଯେ ଶୃଙ୍ଗାର ରସର ଯୁଗ ଚାଲିଗଲାଣି, ସେଥିପାଇଁ ତାଙ୍କୁ ଧିକ୍ ଧିକ୍, ସହସ୍ରବାର ଧିକ୍ ।

ଜ୍ଞାନବାବୁଙ୍କ ଘରେ ବୈଠକ ବସିଛି । ସରକାରୀ କ୍ୱାର୍ଟର୍ସ୍, ବ୍ଲକ୍ ଏମ୍, ଟାଇପ୍ ସି-ସି-ଟୁ, ନମ୍ବର ୮୯ । ଘର ଭିତରେ ଚାରିଆଡ଼କୁ ଅନାଇଲେ ଜଣାପଡ଼ିବ ଯେ ଜ୍ଞାନବାବୁ ପରିବାରବର୍ଜିତ । ନଗ୍ନରମଣୀବିଦ୍ଧ ଆର୍ଟ ତଥା ବୃତ୍ତିନିଭୁକର ବକ୍ତବ୍ୟକୁ ନେଇ କାନ୍ଥ ଭାଙ୍ଗିପଡୁଛି, ଡ୍ରେସିଂଟେବୁଲ ଦବିଯାଉଛି, ରେଡ଼ିଓ ଟେପ୍ ଭରିଯାଇଛି; କିନ୍ତୁ କାନ୍ଥରେ କେଉଁଠି ହେଲେ ଗାରଟିଏ ପଡ଼ିନାହିଁ । ରେଡ଼ିଓ ଉପରେ ଛୁଞ୍ଚିକାମକରା ଖୋଳ ଲାଗିନାହିଁ । ଡ୍ରେସିଂଟେବୁଲ୍‌ର ନିଭୃତ କୋଣରେ ଧାରେ ଲମ୍ବା ବାସ୍ନା ମୁଣ୍ଡବାଳ ଲୁଚିଯାଇନାହିଁ ଏବଂ ତାଙ୍କର ଶୁଭ୍ର ଦନ୍ତପଙ୍‌କ୍ତି ବାରମ୍ବାର ହସୁଛି ।···ନିରାକାରବାବୁଙ୍କୁ ଏ ଦୃଶ୍ୟ ଅସହ୍ୟବୋଧହେଲା ।

ନିରାକାରବାବୁ ଆଉ ଖଣ୍ଡେ ଗୁଣ୍ଡିପାନ ପାଟିରେ ପକାଇ କହିଲେ, "ଜ୍ଞାନବାବୁଙ୍କ ମତ କଅଣ ? ସେ ତିନ ଚାରିଥର ଏଇ ପ୍ରଶ୍ନ ପଚାରି ସାରିଲେଣି; କିନ୍ତୁ ସେଥିପ୍ରତି କେହି ଗୁରୁତ୍ୱ ଦେଉନାହାନ୍ତି ।"

Digitized by srujanika@gmail.com

ଏଥର ନନ୍ଦିକାରବାବୁ ଗୁଡ଼ାଇଲେନାହିଁ—"ପ୍ରତ୍ୟେକର ବ୍ୟକ୍ତିଗତ ମତ ଜାଣିବା ଆବଶ୍ୟକ । ଜ୍ଞାନବାବୁ କେବଳ ହସିଦେଲେ ଚଳିବନାହିଁ ।" ଏହାର ଉତ୍ତରରେ ଜ୍ଞାନବାବୁ ପୁନର୍ବାର ହସିଲେ ଓ କହିଲେ, "ମୁଁ ଆଜ୍ଞା ପିଲାଲୋକ । ଶୃଙ୍ଗାର ବିଷୟରେ ମୋର ବ୍ୟକ୍ତିଗତ ଅଭିଜ୍ଞତା କଅଣ ଅଛି ? ତେଣୁ ଆପଣମାନେ ଯାହା କହିବେ—"

ନନ୍ଦିକାରବାବୁ ଜ୍ଞାନବାବୁଙ୍କର ଉତ୍ତରକୁ ମାଡ଼ିବସିଲେ । ତାଙ୍କ ହାଡ଼ୁଆ ମୁହଁରେ ଉତ୍ତେଜନାର ରଙ୍ଗ ଫୁଟିଉଠିଲା । କହିଲେ, "ନାହିଁ ବାବୁ, ସେ କଥା ହେବନାହିଁ । ଏଇଟା ସାହିତ୍ୟ ସଭା । ଜ୍ଞାନବାବୁ ପିଲା ହୋଇପାରନ୍ତି; କିନ୍ତୁ ସେ ଜଣେ ସାହିତ୍ୟିକ । ସେ ଗତକାଲି ରାତିରେ କଣ କଲେ ନ କଲେ ଆମେ ସେ କଥା ପଚାରୁନାହୁଁ । ସେ ଚିରଦିନ ଧୋବ ଫରଫର ବିଛଣାରେ ଶୋଇରହନ୍ତୁ, ଆମର କିଛି ଆପତ୍ତିନାହିଁ । ତଥାପି ଆଶା କରାଯାଏ ସେ ସ୍ପଷ୍ଟଭାବରେ କହିପାରିବେ ଯେ—"ଶୃଙ୍ଗାରର ତଥ୍ୟ କଅଣ, ତା'ର ମହତ୍ତ୍ୱ କେଉଁ ଧାତୁରେ ଗଢ଼ା, ଯାହାକୁ ପ୍ରମାଣ କରିବାପାଇଁ ଆଜି ଆମେ ଏଠାରେ ଏକାଠି ହୋଇଛୁଁ ।"

"ପ୍ରମାଣ ନୁହେଁ, ପ୍ରତିପାଦନ ।"—ବଳଦେବ ତ୍ରିପାଠୀ ସଂଶୋଧନ କଲେ । ବଳଦେବ ବାବୁ ସଂସ୍କୃତ ବିଶାରଦ ।

ନନ୍ଦିକାରବାବୁ ହାତ ହଲାଇ କହିଲେ, "ରଖ ତୁମ ବ୍ୟାକରଣ" ଏବଂ ସେ ଜ୍ଞାନବାବୁଙ୍କ ଆଡ଼କୁ ଉତ୍କଣ୍ଠ ଚାହାଣିରେ ଚାହିଁଲେ । ସେ ଦେଖୁଥିଲେ ଗୋଟିଏ ସ୍ୱଚ୍ଛ ତରୁଣ ମୁଖମଣ୍ଡଳ—ଯାହା ଫୁଲପରି ହାଲୁକା, ଚନ୍ଦ୍ରପରି ଧୋବ ଫରଫର, ବିଛଣାରେ ଚଳିପଡ଼େ । ଧୂଏତ କେବେ କେଉଁ ଉପଭୋଗ୍ୟା ଆସେ, ସୁଧା ପାନ କରାଇ ଫେରିଯାଏ; କିନ୍ତୁ ଧୋବ ବିଛଣାରେ ଆଞ୍ଚ ଲାଗେନାହିଁ । କାନ୍ଦଣା—ଚିତ୍କାରରେ ବସୁଧା ଫାଟିଯାଏ-ନାହିଁ । ଦେହର କଡ଼ା ମିଠା ବାସ୍ନାରେ କାମନା ଅଣନିଃଶ୍ୱାସୀ ହୋଇ···ଗୁଡ଼ ଏ କଅଣ ବୁଝିବ—ଯନ୍ତ୍ରଣା, ଯନ୍ତ୍ରଣା । ଯନ୍ତ୍ରଣା ବ୍ୟତୀତ ଶୃଙ୍ଗାର ହୋଇପାରେନାହିଁ । ଏଇ ଅବିବାହିତ, ଅଗୁଆଁ ର ଅଫିସର୍ କଅଣ ବୁଝିବ ?

ନନ୍ଦିକାରବାବୁ ଓ ଜ୍ଞାନବାବୁ ଏକଦା ସହପାଠୀ ଥିଲେ । ତେଣୁ ଜଣେ ଜଣକୁ ଛିଗୁଲେଇବାର ଅଧିକାର ଅଛି । ଏଇ ଧାରଣାର ବଶବର୍ତ୍ତୀ ହୋଇ ଅନ୍ୟମାନେ ଦୃଶ୍ୟଟିକୁ ସମ୍ୟକ୍‌ଭାବେ ଗ୍ରହଣ କଲେ । ଔପନ୍ୟାସିକ ତଥା ସାମ୍ବାଦିକ ନବୀନବାବୁ ରହି ରହି ଚଣ୍ଡିହସର ଟିପପ୍‌ଣୀ ଯୋଗାଇଲେ । ଆଧୁନିକ କବି ଝରୁ (ସ୍ୱାଟକ) ଦାନ୍ତ ପିଟି ବଜାଇଲେ । ଆଲୋଚନାର କ୍ରମ ଭଲଲାଗୁଚି; ଆମେ କେବଳ ସାହିତ୍ୟିକ ନୋହୁଁ, ଆମେ ପ୍ରତ୍ୟେକେ ସ୍ୱାଧୀନ, ସ୍ୱତନ୍ତ୍ର ଓ ବିଚକ୍ଷଣ । ବଳଦେବବାବୁ ନାରଦରେ ନୂତନତମ ଅଶୁଦ୍ଧିକୁ ଧରିବେ ବୋଲି ଜଗି ବସିଲେ । ସଦ୍ୟ ବି. ଏ. ପାସ୍ କରିଥିବା ସରୋଜ ଚୌଧୁରୀ ଅପଲକ ନୟନରେ ଦୃଶ୍ୟଟିକୁ ପିଇଗଲାପରି ମନେହେଲା । ସେ ଜଣେ ଉଦୀୟମାନ କବି—ଜ୍ଞାନବାବୁଙ୍କ ସୌଜନ୍ୟରେ ଏହି ସଭାରେ ଯୋଗଦେବାର ସୁଯୋଗ ପାଇଛନ୍ତି । ସେ ଦେଖିଲେ ଯେ ବୃହତ୍‌ଗଳ୍ପ "ଅଗ୍ନିକାଣ୍ଡ"ର ଲେଖକ ନନ୍ଦିକାର ମିଶ୍ର,

Digitized by srujanika@gmail.com

"ମତ୍ସ୍ୟକନ୍ୟା" କବିତାର ଲେଖକ ଜ୍ଞାନ ପଟ୍ଟନାୟକଙ୍କଠାରୁ କୈଫିୟତ୍ ମାଗୁଛନ୍ତି । ଏହି ଅପୂର୍ବ ମୁହୂର୍ତ୍ତର ମହିମା ଭୁଲିବାର ନୁହେଁ ।

କେହି ଲକ୍ଷ୍ୟକରିପାରିଲେନାହିଁ ଯେ ନାଟ୍ୟକାରବାବୁଙ୍କ ମୁହଁ କ୍ରମଶଃ କାନ୍ଦୁରି ହୋଇଆସୁଚି ଓ ଜ୍ଞାନବାବୁଙ୍କ ମୁହଁ ଶେତା ପଡ଼ିଆସୁଚି ।

କେହି ଜାଣିପାରିଲେ ନାହିଁ ଯେ ନାଟ୍ୟକାରବାବୁଙ୍କ ସ୍ମରଣରେ କେତେ ବିଗତ ଯାମିନୀ ଛନ୍ଦାଛନ୍ଦହୋଇ ପ୍ରବଳ ପ୍ରେମପ୍ରାଣ ବିଆର କରୁଚି—ଯନ୍ତ୍ରଣା ଘନୀଭୂତ ହେଉଚି—ବ୍ୟଙ୍ଗ-ନାଟକୀୟ ଭାବନା ରଚିତ ହେଉଚି—ନିସ୍ତାର ନାହିଁ । ମୋତେ ମାଡ଼ିବସିଛନ୍ତି ଛଅଟି ପିଲା, ପିଲାଙ୍କ ମାଆ । ପ୍ରତି ପଦରେ, ପ୍ରତି ରାତିରେ ସେମାନେ ମୋ ପାଟିକୁ ଖୋଲି ଶୃଙ୍ଗାର ରସ ପିଆଉଛନ୍ତି । କେଁ କାଁ, ଚେଁ ଚାଁ, ରାଗରୁଷା, ଝାଳନାଳ, ତେଲଲୁଣର ପାଚନପାଣିରେ ଆମର ଶୃଙ୍ଗାର ରସ କି ପ୍ରଚଣ୍ଡ ରୂପ ଧାରଣ କଲାଣି ! କି ନିବିଡ଼ ! କି ଅଫିମକଳା !! ହସ, ଲେଖକ, ହସ—ତୁମେ ନିଜକୁ ଥଟ୍ଟା କରି ହସ, ଗଳ୍ପ ଲେଖ, ପାନ ଖାଇ ଖାଇ ବୁଢ଼ା ହୁଅ । ତୁମେ କାନ୍ଦିପାରିବନାହିଁ । ଅଥଚ ଏକା ବୟସର (ଦଶବର୍ଷ ସାନ ପରି ଦେଖାଯାଉଚି) ଆଉ ଜଣେ ଲେଖକ ଦାୟିତ୍ୱହୀନ; ଦାନ୍ତ ନିକୁଟିବ, ପାଣିଚିଆ ଶୃଙ୍ଗାର ରସରେ ପହଁରି କବି ବୋଲାଇବ, ସଭା ଡାକିବ, ଚା ଜଳଖିଆ ଖୋଇବ ।

କେହି ବୁଝିଲେ ନାହିଁ ଯେ ଜ୍ଞାନବାବୁଙ୍କ ମନରେ ଏକ ଅସ୍ୱାଭାବିକ ଭୟ ଜାଗରିତ ହେଉଚି—ନାଟ୍ୟକାର ମିଶ୍ର ଦେଖୁଚି, ଦେଖିନେଉଚି । ବୋଧହୁଏ ସେଇଥିପାଇଁ ମୋ ସାଙ୍ଗରେ ଏମିତି ଜୋକପରି ଲାଗିଚି । ଲୋକଟା ଅତି ଅଭବ୍ୟ—ଦେଖୁ କଅଣ ଦେଖିବ । ସ୍ୱପ୍ନ ଉପରେ କାହାର ଅଧିକାର ନାହିଁ । ମୁଁ କାଲି ରାତିରେ ସେଉଁ ସ୍ୱପ୍ନ ଦେଖିଲି, ମୋର ଭଉଣୀ ମୂର୍ତ୍ତି ମୋ ଉପରକୁ ଅଣେଇ ହୋଇଗଲା ଓ ମୁଁ ତାକୁ—ହେଲା, ଭଲ ହେଲା, ମୁଁ କଅଣ କରିପାରିଥାଆନ୍ତି ? ମୂର୍ତ୍ତି ମୋ ନିଜ ଭଉଣୀ ନୁହେଁ । ତା'ଛଡ଼ା—ସେ ସୁନ୍ଦରୀ; ଅସୁନ୍ଦର ପତ୍ନୀ ସହିତ ଶୃଙ୍ଗାର କରିବାଠାରୁ ଯେକୌଣସି ସୁନ୍ଦରୀକୁ ସ୍ୱପ୍ନରେ ଧାଇଁବା ପବିତ୍ରତର, ନିର୍ମଳତର ବୋଲି ମୁଁ କହିବି । ମିଶ୍ରର ସ୍ତ୍ରୀକୁ ମୁଁ ଦେଖିଚି । ନଅଙ୍କିଆ ଚେହେରା, ଖାଲୁଆ ଆଖି, ଥୋମଣି ଆଗକୁ ବାହାରିଆସିଚି । ସ୍ୱାମୀ ଯେମିତି ସ୍ତ୍ରୀ ସେମିତି । କିନ୍ତୁ ଏଇ କଦାକାର ଲେଖକ କଣ ସତରେ କିଛି ଦେଖିପାରୁଚି ?? ତା ଓଠର କୋଣ ମୋଡ଼ି ହୋଇଯାଉଚି । ଆଖିରୁ ଜ୍ୟୋତି ବାହାରୁ ନାହିଁ, କଳା ବହଳିଆ ରସ ନିଗିଡ଼ି ଆସୁଚି···

ଦୁହିଁଙ୍କର ନିଷ୍ଫଳ ବାର୍ତ୍ତାଳାପ ମଝିରେ ଚା' ଜଳଖିଆ ଆସିଗଲା । ଚା' ଗରମ ଥିଲା । ଫୁ ଫୁ···ସୁଡ଼ୁ ସୁଡ଼ୁ···ତା ପରେ ଚକୁ ଚକୁ । ଓଠ ପୋଡ଼ିହେଲା । ଜଣେଅଧେ ହାକୁଟି ମାଇଲେ । ସେହିଠୁ ସେମାନେ ଆବିଷ୍କାର କଲେ ଯେ, ବର୍ଷା ସରିଗଲାଣି, ନାଲି ମାଟି କାଦୁଆ ହେଲାଣି, ଘର କଡ଼େ କଡ଼େ ଧୂଅ ଚାଲିଲାଣି ଓ କଳା କଳା ମେଘ ପୁଣି

Digitized by srujanika@gmail.com

ସାଜହୋଇଚ ଗାଲିବ ବୋଲି । ଖିଆଲ୍ ହେଲା ଯେ ସମସ୍ତ ସରୁନାହିଁ । କାମ ଆରମ୍ଭ ହୋଇନାହିଁ । ହରୁ ଦାସ ହାଇମାରିଲେ ଓ ହାତରେ ଚୁଟୁକି ବଜାଇଲେ ।

କିଏ ଅଧିକ ଶକ୍ତିମାନ୍—ସମସ୍ତ, ନା ଯେ ସମସ୍ତଙ୍କୁ ଧରିରଖେ ? କିଏ ଅଧିକ ବୁଦ୍ଧିମାନ୍—ମଣିଷ ନା ସାହିତ୍ୟିକ ? କାହାକୁ ଅଧିକ ଗୌରବମୟ ବୋଲି ମଣିବାକୁ ହେବ—ଆର୍ଟ ନା ଜୀବନ ? ଏଭଳି ପ୍ରଶ୍ନର ଉତ୍ତର ଜାଣିନଥିଲେ ଏହିପରି ଏକ ସଭାର ସୁନ୍ଦର ସ୍ୱରୂପକୁ ଦେଖିନଥ । ଦେଖିବ ଯେ ଏଥିରେ ଆଉ ଯାହା ଥାଉ ନ ଥାଉ ଚିରନ୍ତନର ଭାବ ବିଦ୍ୟମାନ । ଏ ସଭା ସରିଯିବା ପାଇଁ, ସମସ୍ୟାକୁ ଛୁଣ୍ଡେଇଦେବା ପାଇଁ ଗଢ଼ା ହୋଇନାହିଁ । ଏଥିର ଲୋକମାନେ ଆନନ୍ଦ ବ୍ୟତୀତ କ୍ରୋଧିତ ହୋଇପାରନ୍ତି, କିନ୍ତୁ ତାଙ୍କଠାରେ ଅମରତ୍ୱର ଅଚଞ୍ଚଳପଣ ଲେସିହୋଇଯାଇଚି । ଇଏ ନଈବାଲି ସଭା ନୁହେଁ—ସାହିତ୍ୟ ।

ବର୍ଷାର ଦ୍ୱିତୀୟ ଅସରା ଆରମ୍ଭ ହେଲାବେଳକୁ ନବୀନ ମଙ୍ଗରାଜ କେଉଁଠୁ ଖଣ୍ଡେ କାଗଜ ବାହାରକରି କହିଲେ—"ଆଚ୍ଛା ! ଆମେ କେଉଁଠି ଥିଲୁ ?" ତା'ପରେ ସେ ପଢ଼ି ବସିଲେ, "···ଶୃଙ୍ଗାର ରସ ସୃଷ୍ଟିର ପୂର୍ବରାଗ, ତେଣୁ ଏହା ସର୍ବପ୍ରଥମ । ଏହାକୁ ପଛରେ ପକାଇ ହେବନାହିଁ; ବରଂ ପ୍ରତି ଲେଖକ, ପ୍ରକାଶକ ଓ ସମ୍ପାଦକର କର୍ତ୍ତବ୍ୟ ହେଉଚି ଯେ ସେ ଏହି ରସର ମହାନ୍ ଅନୁଭବ ଜନମାନବଙ୍କୁ ବୁଝାଉ, ତା'ର ବ୍ୟାଖ୍ୟା କରୁ, ପ୍ରଚାର କରୁ, ଯେପରିକି ସମସ୍ତେ ତାକୁ ଦଉଁପରି ପୂଜିବେ, ପାତର ଦାନବ ମନେକରି ଡରିବେନାହିଁ । ଏହା ହିଁ ଭଗବାନଙ୍କର ଉଦ୍ଦେଶ୍ୟ । 'ଗୃହୁଚେତନା'ର ସମ୍ପାଦକ ଜଣେ ସାହିତ୍ୟିକ କି କଅଣ ଆମେମାନେ ଜାଣିନାହୁଁ; କିନ୍ତୁ ଆମର ବିଶ୍ୱାସ ଯେ ସେ ଅନ୍ତତଃ ଜଣେ ମଣିଷ ହୋଇଥିବେ ।"

ସସ୍ମିତ ସମ୍ମତିରେ ଅନେକଙ୍କ ମୁଣ୍ଡ ଉଠିଲା ପଡ଼ିଲା । କିନ୍ତୁ କବି ହରୁ ଦାସ ତାଙ୍କର ମୁଣ୍ଡକୁ ଏ ପାଖରୁ ସେ ପାଖକୁ ଓ ଶେଷକୁ ସହି ନ ପାରିଲାପରି ଆଖି ବୁଜି ଭୂରୁ କୁଞ୍ଚାଇ କହିଲେ, "ନା, ନା, ଦଉଁ ଭଗବାନ ଏ ସବୁ କାଟିଦିଅ, ମୋର ମତ ନାହିଁ ।"

"କିନ୍ତୁ ଦଉଁ ଓ ଦାନବ ଭଲ ଭଲ ଭଙ୍ଗୀରେ ଆପଣଙ୍କ କବିତାରେ ରୂପାୟିତ ହୋଇଛନ୍ତି,"—ବଳଦେବ ତ୍ରିପାଠୀ ନିଷ୍ଠିତଭାବରେ କହିଲେ ।

ହରୁ ବାସ ଅପ୍ରତିଭ ହେଲେ ନାହିଁ । ଆକ୍ରମଣମୂଳକ ଠାଣିରେ କହିଲେ, "ବେଶ୍, ଦଉଁକୁ ରଖ, ଆପତ୍ତି ନାହିଁ; କିନ୍ତୁ ଏଇ ଭଗବାନ୍ ଫଗବାନ୍ ଚଳିବନାହିଁ—ଅସମ୍ଭବ ।"

ନବୀନ ମଙ୍ଗରାଜ ଆଖିରୁ ଚଷମା କାଢି ଆଣିଲେ ଓ କିଂକର୍ତ୍ତବ୍ୟବିମୂଢ଼ ହୋଇ ହରୁ ଦାସଙ୍କୁ ଚାହିଁଲେ ।

ହରୁ ଦାସ ଅଧୀର ହେଲେ, ଆବେଗଭରା କଣ୍ଠରେ କହିଲେ, "ଆପଣମାନେ ବୁଝୁନାହାନ୍ତି । ଦଉଁ ଗୋଟାଏ ବିଗ୍ରହ, ପ୍ରତୀକ, ଶ୍ରେଷ୍ଠ ଅକ୍ଷରର ଗ-ଡ୍ । ମୁଁ ତାକୁ

Digitized by srujanika@gmail.com

ମାନେନାହିଁ । ତେବେ ତାଙ୍କୁ ନେଇ କଉତୁକ କରିହେବ, ରୂପକର ଖେଳ ଖେଳିହେବ । ବଡ଼ ଅକ୍ଷରରେ ଗ-ଓ୍‌ ମାନେ ଭଗବାନ୍, ମହାନ୍ ମିଥ୍ୟା, ସେଇ ଘୃଣିତ ମହାନତାକୁ ସହ୍ୟ କରି ହେବନାହିଁ । ତେଣୁ ମୋଟ ଉପରେ ତାଙ୍କୁ ସ୍ୱପ୍ନ ଭିତରକୁ ଆସିବାକୁ ଦିଅନ୍ତୁ ନାହିଁ—ପ୍ଲିଜ୍ ।"

ନବୀନବାବୁଙ୍କ ବିମୂଢ଼ତା ଆହୁରି ତଳେଇଗଲା ପରି ମନେହେଲା ।

ଅନ୍ୟମାନଙ୍କ ମନରେ ମଧ୍ୟ ସେହିଭଳି ଭାବ ଆସିଲା—ନା ବୁଝି ହେଉନାହିଁ । ନ ହେଲେ କି ଆଧୁନିକ କବି ! କିନ୍ତୁ ଅପ୍ରବୀଣ ସରୋଜବାବୁଙ୍କ କଳ୍ପନା ଅବାଟକୁ ମାଡ଼ିଗଲା । ତାଙ୍କର ମନେହେଲା ଯେ କବି ସ୍ୱରୁ ଦାସ ପ୍ରକୃତରେ ଜଣେ ଭକ୍ତ ଏବଂ ଔପନ୍ୟାସିକ ନବୀନ ମହାପାତ୍ର ଜଣେ ଭଗବାନ୍—ଦୁହେଁ ହଠାତ୍ ଭେଟାଭେଟି ହୋଇଛନ୍ତି । ଅତିଶୟ ପ୍ରେମ, ଅତିଶୟ ଘୃଣା, ନିଷ୍ଫଳ ଆସ୍ଫାଳନରେ ମୁଣ୍ଡ ଟେକିଚି ପୋଷା କୁକୁର ପରି ଏବଂ ଅବିଚଳିତ ଭଗବାନ୍ କ'ଣ କହିବେ ବୋଲି ମୂହୂର୍ତ୍ତ ଗଣିଛନ୍ତି !

ସରୋଜବାବୁଙ୍କ କଳ୍ପନା ଅବାନ୍ତର, ଅଶୋଭନୀୟ ।

ହୋଇପାରେ ଯେ, ସ୍ୱରୁ ଦାସ କ୍ଷୁଦ୍ରକାୟ, ତାଙ୍କର ସାନମୁହଁର ସରୁ ନାକ ପ୍ରବଣତାରେ ଥରେ, ତାଙ୍କ ଓଠ ଅଧିକାଂଶରେ ଗୋଜିଆ ଦରବୁଜା ହୋଇଥାଏ, ଘିଟି ନ ମାରିବାବେଳେ ଶୋଷିଲା ପରି ଦେଖାଯାଏ । ହୋଇପାରେ ଯେ ନବୀନ ମହାପାତ୍ର କଳେବରମୟ (ତାଙ୍କ ଉପନ୍ୟାସ ପରି); ତାଙ୍କ ମୁହଁ ପ୍ରଶାନ୍ତିରେ ଜୁଡ଼ୁବୁଡ଼ୁ ଏବଂ ତାଙ୍କର ଖଣ୍ଡିହସ ତଥା ଖଣ୍ଡକାଶ ବିଶ୍ୱନିୟନ୍ତାର ଲଘୁ ଆମୋଦ ପରି ମନେହୁଏ । କିନ୍ତୁ କିଏ ନ ଜାଣିଚି ଯେ ସ୍ୱରୁଦାସ ଜଣେ ଉଗ୍ରପନ୍ଥୀ ଅତି-ଆଧୁନିକ କବି, ଅତଏବ ସେ କଦାପି ଜଣେ ଭକ୍ତ ହୋଇନପାରନ୍ତି ! ସେ ସାରାଜୀବନ ଭଗବାନଙ୍କ ବିରୁଦ୍ଧରେ ଲଢ଼ିଛନ୍ତି, ଭକ୍ତମାନଙ୍କୁ ଛିଃ ବୋଲି କହିଛନ୍ତି । ପିଲାଦିନେ ତାଙ୍କ ସ୍କୁଲ ମାଷ୍ଟର ବାପା ଉଡ଼ାରି ଉନ୍ମତ୍ତ ହସ ହସୁଥିଲେ ଏବଂ ଗୀତର ଗ୍ରନ୍ଥ ଧରିଥିଲେ । କୀର୍ତ୍ତନରୁ ଫେରିଆସି କହୁଥିଲେ, "ସ୍ୱରୁ, ତୁ ଅସତ୍ ସଙ୍ଗ ବର୍ଜନ କର ! ମୁଁ ତୋ ବିଷୟରେ ନାନାଦି କଥା ଶୁଣିବାକୁ ପାଉଚି ।" ପୃଥୁଳକାୟା ମଧୁରଭାଷିଣୀ ମାଆ ଯାଉଣୁ ଆସୁଣୁ ମଙ୍ଗଳ କାମନା କରୁଥିଲା, ବେକରେ ମଫ୍‌ଲର୍ ଗୁଡ଼ାଇ ଦେଉଥିଲା, ଝାଳ ପୋଛିଦେଉଥିଲା—ଦୁର୍ବଳିଆ ପିଲାଟା ପରା ! ଏବଂ ବୋଧ ମମତାର ଶୀତଳ ପାହାଡ଼ ନିଃଶ୍ୱାସକୁ ରୁନ୍ଧି ଦେଉଥିଲା । ସ୍କୁଲ ଛାଡ଼ିବା ପୂର୍ବରୁ ସ୍ୱରୁ ଦାସ ସିଗାରେଟ୍ ଖିଆ ଆରମ୍ଭ କଲେ; କିନ୍ତୁ କିଛି ଲାଭ ହେଲାନାହିଁ । କଲେଜରେ ଅଭିଜାତ ପ୍ରଫେସର୍ ଓ ବୁର୍ଜୁଆ ଛାତ୍ରମାନେ (ସେତେବେଳକୁ ମାର୍କସ୍‌ଙ୍କ ସହିତ ଚିହ୍ନା ହେଲେଣି) ତାଙ୍କୁ ପଚାରିଲେନାହିଁ । ତା'ପରେ ଆସିଲା କବିତା । କବିତାର ଉଚ୍ଛୁଳା ସୁଅ । କେଉଁଠି ଏତେ ପାଣି, ଏତେ କାଠିକୁଟା, ଏତେ ଗର୍ଜନ ଥିଲା କେଜାଣି ! କେହି ରୋକିପାରିଲେ ନାହିଁ । ବାପା ମରିଯାଇଥିଲେ, ମାଆ କବିତା ପଢ଼ି କିଛି ବୁଝିଲାନାହିଁ । ସାଧାରଣ ପାଠକ ମଧ୍ୟ ବୁଝିଲେନାହିଁ । ତଥାପି ସ୍ୱରୁ ଦାସ ଆଗେଇଗଲେ । କ୍ରମଶଃ ଫ୍ରଏଡ୍, ସାର୍ତ୍ରେ ଇତ୍ୟାଦି କେତେ ମହାତ୍ମାମାନଙ୍କ ସହିତ ଚିହ୍ନାହେଲା ଏବଂ ତାଙ୍କ କବିତାରେ କେତେ କଚଡ଼ାଫିଙ୍ଗା,

Digitized by srujanika@gmail.com

ନେତେ ଅଦ୍ଭୁତ ଉପମାର ସୃଷ୍ଟି ହେଲା । ପାଠକମାନେ ସ୍ତମ୍ଭିତ ହେଲେ । ଘାରୁ ଦାସ କବି ହେଲେ । ଘାରୁ ଦାସ ଶାନ୍ତ ହେଲେ । ସାଧାରଣ ବି. ଏ. ପାଶ୍‌କରି ସାମାନ୍ୟ ଜୀବନବୀମା ଏଜେନ୍‌ସି ଦ୍ୱାରା ପେଟ ପୋଷିଲେ ମଧ୍ୟ ସେ ତାଙ୍କ ଅଣଓସାର ଗୁହଟକୁ ଫୁଲାଇ ରାଜପଥରେ ଚାଲିପାରିଲେ । ଏପରିକି ଜଣେ ବିଦୂଷୀ ନାରୀ ତାଙ୍କୁ ସ୍ୱଇଚ୍ଛାରେ ବରଣ କରି ବାହାହେଲେ ଓ ସିଗାରେଟ୍ ଅଭ୍ୟାସ ତଥା ମଦ୍ୟର ଲାଳସାରୁ ମୁକ୍ତ କଲେ । ତଥାପି ବେଳେ ବେଳେ ସେ ତାଙ୍କ ସ୍ତ୍ରୀ ନବମୀତାକୁ ଏପରି ଭାବରେ ଚାହାନ୍ତି ଯେ ମନେହୁଏ ଉତ୍ତମନ୍ନଳା ଭଗବାନଙ୍କ ପୁତ୍ରୀ । ତା'ବୋଲି କଣ ଘାରୁ ଦାସ ଭକ୍ତ ପାଲଟିଯାଆନ୍ତି ? ନା, ସେ ଅନ୍ତରେ ତାଙ୍କ ଅସୁସ୍ଥ ଚେତନାକୁ ଶାନ୍ତି ଦିଅନ୍ତି, ଶୃଙ୍ଗାରକବିତାରେ ହାଣି ଛିନ୍ନଭିନ୍ନ କରିଦିଅନ୍ତି । ସେହିପରି ଆଜି ସେ ଏହି ବପୁବାନ୍ ପ୍ରବୀଣ ପ୍ରସନ୍ନ ନବୀନବାବୁଙ୍କୁ ଚାହିଁଛନ୍ତି । ଭଗବାନଙ୍କୁ ସ୍ୱା ଭିତରକୁ ପୂରାଅନାଇଁ, ଏହି ସହଜ କଥାଟିକୁ ବୁଝାଉଛନ୍ତି, ନେହୁରା ହେଉଛନ୍ତି । ତା' ବୋଲି ସେ ଭକ୍ତ ନୁହନ୍ତି । ସେ ହାଣିବାକୁ ବସିଛନ୍ତି, ହାଣିବେ—ଅପେକ୍ଷା କର ।

ନବୀନ ମଙ୍ଗରାଜଙ୍କ ନୀରବତା ଓ ସଭାର ନୟରଙ୍କ ନବୋଧଭାକୁ କାଟିଦେଇପର ଘାରୁ ଦାସ ସ୍ୱର ଉଠାଇ କହିଲେ, "ମୋତେ ଅନୁମତି ଦିଅନ୍ତୁ । ମୁଁ ନିଜେ ଶଠା ଉଆର କରିବି ।" ତା'ପରେ ସେ ନବୀନ ମଙ୍ଗରାଜଙ୍କଠାରୁ କାଗଜ କଲମ ନେଇଆସି କିଛିସମୟ ଭାବିଲେ ଓ ଲେଖିବାକୁ ଲାଗିଲେ । ଲେଖିସାରି ସେ ସହକର୍ମୀମାନଙ୍କୁ ବିଜୟ ଉଲ୍ଲାସରେ ଚାହିଁଲେ ଓ ଓଠ ଚାଟିଲେ । ସେଇଠୁଁ ସେ ଆହ୍ୱାନ କଲେ—

"ଶୁଣନ୍ତୁ ! ଶୃଙ୍ଗାର ରସ ସର୍ବପ୍ରଥମ, ଜଣାଶୁଣା କଥା । ତେବେ ଆଦିରସ ଯେ ଶ୍ରେଷ୍ଠରସ ହେବ ତାହା ସ୍ୱତଃସିଦ୍ଧ ନୁହେଁ । କିନ୍ତୁ ଆମେ, ଅର୍ଥାତ୍ ଏ ଯୁଗର ମଣିଷ ତାକୁ ଶ୍ରେଷ୍ଠ ବୋଲି ମାନିବାକୁ ଚାହୁଁ । କାରଣ ଆମେ ନଗ୍ନ । ଆମେ ଏକୁଟିଆ । ଧର୍ମ, ନୀତି ଓ ସମାଜର ମିଛ ଖୋଳ ଆମ ଦେହରୁ ଖସି ଖସି ଯାଉଛି, ଖସିଗଲାଣି କି କଅଣ । ତେଣୁ ଆମେ କମ୍ପୁଚୁଁ । ନଗ୍ନ ଅପରେକ ନଗ୍ନକୁ ବିକଳରେ ଡାକୁଛି—ଆ, ମୋ ପାଖକୁ ଲାଗିଆ, ଆମେ କୁଣ୍ଢାକୁଣ୍ଢି ହେବା, ଛନ୍ଦାଛନ୍ଦି ହେବା । ଆସିବୁ ନାହିଁ ? ଆ-ଆ-ଆ···"

ଯୁଗପତ୍ ନଦ୍ୟକାରବାବୁ ଖିଙ୍କାରି ହସିଉଠିଲେ ଓ କାବ୍ୟକାର ବଳଦେବ ତ୍ରିପାଠୀ ଜଳଦଗମ୍ଭୀର ସ୍ୱରରେ କହିଲେ, "ଅଶ୍ଳୀଳତା ! ମୁଁ ଅଶ୍ଳୀଳତାର ବିରୋଧୀ ।"

"ଆପଣଙ୍କ କଥା ଛାଡ଼ିଦିଅନ୍ତୁ—ଆପଣ ଏ ଯୁଗର ମଣିଷ ନୁହନ୍ତି ।" ଘାରୁ ଦାସ ତୁରନ୍ତ ଜବାବ୍ ଦେଲେ ଓ ସସ୍ମିତ ଆତ୍ମୀୟତାରେ ଅନ୍ୟ ସଭାସଦ୍‌ମାନଙ୍କ ଆଡ଼େ ଆଖି ବୁଲାଇ ଆଣିଲେ ।

ବଳଦେବ ତ୍ରିପାଠୀଙ୍କ ଗୋଟିଏ ସୁଗୁଣ ଅଛି ଯେ ସେ ସହଜେ ଉତ୍ତେଜିତ ହୁଅନ୍ତି ନାହିଁ ଏବଂ ଯେତେବେଳେ ସେ ଉତ୍ତେଜିତ ହୁଅନ୍ତି, ତାଙ୍କ କୃଷ୍ଣବର୍ଣ୍ଣ ମୁହଁରେ କିମ୍ବା କଣ୍ଠର ଧ୍ୱନିରେ କୌଣସି ଅସଂଯମ ପରିଲକ୍ଷିତ ହୁଏନାହିଁ । କେବଳ ସେ ନିଜେ ଜାଣନ୍ତି ଯେ ଅଧିକ ଉତ୍ତେଜନାରେ ତାଙ୍କ ପେଟ ଭିତର ଆଉଣ୍ଡି ହୁଏ ଓ ତୁଣ୍ଡରୁ କ'ଣ ଉଠିଆସିଲାପରି

Digitized by srujanika@gmail.com

ଲାଗେ—ସତେକି ସେ ଗୋଟିଏ ମନଭାବକୁ ବହିଷ୍କାର କରିବାକୁ ଚାହୁଁଛନ୍ତି, ପାରୁନାହାନ୍ତି । ସେତେବେଳେ ସେ ପେଟରେ ହାତ ରଖି ଭୁଡ଼ାକୁ ଅତି ସନ୍ତର୍ପଣରେ ଚାଳନ କରନ୍ତି ।

ବର୍ତ୍ତମାନ ତାଙ୍କର ସେହି ଅବସ୍ଥା ହୋଇଆସୁଥିଲା ଏବଂ ସେ ଧୀରେ ଧୀରେ କହିଲେ, "ହରୁ ବାବୁଙ୍କ ଆକ୍ଷେପ ମୂଲ୍ୟହୀନ । ପ୍ରଶ୍ନ ହେଉଛି ଯେ ଶୃଙ୍ଗାର ରସର ଜୟଗାନ କରିବାକୁ ଯାଇ ଆମେ କଣ ଅଶ୍ଳୀଳତାକୁ ପ୍ରଶ୍ରୟ ଦେବା ? ମୁଁ କହୁଚି—ନାଁ । ଆପଣମାନେ କହନ୍ତୁ ।"

ସିଧାସଳଖ ପ୍ରଶ୍ନ । ଉତ୍ତର ନ ଦେଲେ ଚଳିବନାହିଁ । ପ୍ରଥମେ ଜ୍ଞାନବାବୁ । କାରଣ ସେ ମଧ୍ୟ ଜଣେ ଆଧୁନିକ କବି (ଯଦ୍ୟପି ଗୃହସ୍ଥବାଦୀ) ଏବଂ ପ୍ରତିକ୍ରିୟାଶୀଳ ନୁହନ୍ତି । ସେ କହିଲେ, "ହରୁ ବାବୁ କିଛି ଅଶ୍ଳୀଳ କଥା କହିନାହାନ୍ତି । ସେ ଗୋଟିଏ ଚମତ୍କାର ରୂପକର ସୃଷ୍ଟିକଲେ । ଦେହର ନଗ୍ନତା ଓ ସ୍ପିରିଚୁଆଲ ନଗ୍ନତାକୁ ଏକାଠି କରିଦେଲେ ।"

ନଟ୍ଵାକାରବାବୁ ଅକାରଣରେ ପୁଣି ହସିଉଠିଲେ । ମନ୍ତବ୍ୟ ଦେଲେ, "ଆଜ୍ଞା, ମୁନିଋଷି ଓ ଆଜନ୍ମ ନପୁଂସକମାନଙ୍କ ଛଡ଼ା କିଏ ଅଶ୍ଳୀଳ ନୁହେଁ କହିଲେ ଦେଖି ?"

ଏହି ସମୟରେ ବଳଦେବ ବାବୁ ଦୃଢ଼ଭାବରେ ପେଟ ଓ ଗ୍ଲାସର ମଝିକୁ ଚିପି ଧରିବାର ଦେଖାଗଲା ।

ସରୋଜବାବୁ ମଧ୍ୟ ତରତର ହୋଇ କହିପକାଇଲେ । ଯେପରିକି ଏହି-ଗୋଟିଏ ସୁଯୋଗ ମିଳିଚି, କାଳେ ହାତଛଡ଼ା ହୋଇଯିବ—"ଯାହା ଅସଭ୍ୟ, ତାହା ହିଁ ଅଶ୍ଳୀଳ । ତେଣୁ ମୋର ଧାରଣା ଯେ ହରୁ ବାବୁ ଯାହା କହିଲେ, ତାକୁ ନିନ୍ଦା କରିହେବନାହିଁ । କାହିଁକି ନା—" ତାଙ୍କ କଥା ଅଧାରୁ ରହିଗଲା । ନବୀନ ମଙ୍ଗରାଜ ଖଣ୍ଡିକାଶି ଦେଲେ । ଏଥର ସଭାପତି କିଛି କହିବେ ।

ନବୀନବାବୁଙ୍କୁ କେହି ସଭାପତିରୂପେ ବାଛିନାହିଁ । କିନ୍ତୁ କେଜାଣି କେମିତି ପ୍ରତି ଆଲୋଚନା, ପ୍ରତି ବୈଠକରେ ତାଙ୍କ ହାତକୁ କାଗଜ କଲମ ଚାଲିଆସେ ଓ ସେ ମଧ୍ୟବର୍ତ୍ତୀ ମଧ୍ୟସ୍ଥର କର୍ତ୍ତବ୍ୟ ପୂରଣ କରନ୍ତି । ଆଜି ମଧ୍ୟ ତଦ୍ରୂପ । ଆଲୋଚନା ଯେଉଁ ବିପଦ୍‌ଜନକ ଅବସ୍ଥାରେ ପହଞ୍ଚିଚି, ତାକୁ ସୁଧାରିବ କିଏ ? ପାରିଲେ ପାରିବେ ନବୀନ ମଙ୍ଗରାଜ—ଔପନ୍ୟାସିକ ତଥା ସାମ୍ବାଦିକ, "ଜାଗରଣ" ପ୍ରେସ୍ ତଥା "ନବୀନ ମଞ୍ଜରୀ" ଫାର୍ମ୍ (ତାଙ୍କ ସ୍ତ୍ରୀଙ୍କ ନାଁ ମଞ୍ଜରୀ)ର ମାଲିକ, ସ୍ୱାଭାବିକ ସଭାପତି ।

କିନ୍ତୁ ସେ ସ୍ପଷ୍ଟଭାବରେ କିଛି କହିଲେନାହିଁ—"ବିବାଦରେ ଲାଭନାହିଁ । ବଳଦେବବାବୁ ଗୋଟିଏ ସାରକଥା କହିଲେ···ଅବଶ୍ୟ ହରୁବାବୁ ଯାହା କହିଲେ, ତା'ର ଅନେକ ଅର୍ଥ କରିହେବ···ତେବେ ସାଧାରଣ ଲୋକେ ତା'ର କଦର୍ଥ କରିବା ବିଚିତ୍ର ନୁହେଁ···ତେଣୁ ମୁଁ ଭାବୁଥିଲି ଯେ ନଗ୍ନତା ଉପରେ ବିଶେଷ ଗୁରୁତ୍ୱ ନଦେଲେ ଚଳନ୍ତା —ନା କଅଣ ?"

Digitized by srujanika@gmail.com

ସମ୍ବାଦପତ୍ରମାନଙ୍କଠାରୁ ଆଉ କିଛି ଆଶାକରିବା ଅନୁଚିତ; କିନ୍ତୁ ଉପସ୍ଥିତ ସମ୍ବାଦଦାତାଗଣ ବିଶେଷ ଆପ୍ୟାୟିତ ହେଲାପରି ମନେହେଲାନାହିଁ । କ୍ରମଶଃ ନବୀନ ମଙ୍ଗରାଜଙ୍କ ଭାଷଣ ଯେତେବେଳେ ଆଡ଼ମ୍ବର ଗୋଳେଇ ହେଲା, ସେମାନେ ତାଙ୍କ ମୁହଁକୁ ନ ଚାହିଁ ତାଙ୍କର ଯତ୍ନରକ୍ଷିତ ଦେହ ଓ ଦେହର ପୋଷାକକୁ ଚାହିଁବାର ଦେଖାଗଲା । ଯେପରିକି ସେମାନେ ବ୍ୟକ୍ତିକୁ ପରିତ୍ୟାଗକରି ତା'ର ସାଜ ଓ ସଜ୍ଜାକୁ ଦେଖିବାକୁ ଚାହୁଁଛନ୍ତି । ଦେଖୁଛନ୍ତି । ନାପସନ୍ଦ କରୁଛନ୍ତି ।

ନବୀନ ମଙ୍ଗରାଜ ବୁଝିଲେ । ସେ ବୁଝିବାରେ କେବେହେଲେ ହେଳା କରିନାହାନ୍ତି । ବୁଝିଲେ ଯୁଝିବାକୁ ପଡ଼େନାହିଁ । ଗରିବ ଘର ପିଲା । ଆଉ କିଏ ହୋଇଥିଲେ ଲହୁଲୁହାଣ ହୋଇ, ଯଥାକ୍ରମେ ଶୃଙ୍ଖଳାକ୍ଷତକୁ ଭୁଲିଯାଇ କିରାଣିଗିରି କରୁଥାଆନ୍ତା । ଅକାଳେ ମକାଳେ ପ୍ରାଣକୁ ପୋଷିବାପାଇଁ କବିତା ଲେଖୁଥାଆନ୍ତା । କିନ୍ତୁ ନବୀନ ମଙ୍ଗରାଜ ମୂଳରୁ ବୁଝିଥିଲେ ଯେ ସମାଜକୁ କିଣି ହେବନାହିଁ ସିନା, କିଣି ହେବ । ପିଲାଦିନେ କିଣିବାର କେବଳମାତ୍ର ମୁଦ୍ରା ଥିଲା ମନ୍ଦ ମଧୁର ହସ ଓ ଲଳିତ ଲେଖନ । ସେଇଥିରେ ନବୀନବାବୁ କେତେ ଅବଧାନ, କେତେ ମାଷ୍ଟ୍ର, ଟିଚର ଓ ପ୍ରଫେସରଙ୍କୁ କିଣିପାରିଲେ, ପ୍ରଥମ ଶ୍ରେଣୀର ଛାତ୍ର ନହେଲେ ମଧ୍ୟ ଠିକଣା ଜାଗାରେ ଲଖିଯାଇ ପାରିଲେ । ନବୀନବାବୁ ପ୍ରଥମ ଶ୍ରେଣୀ ଖବର କାଗଜର ସାମ୍ବାଦିକ ହେଲେ, ତା' ସାଙ୍ଗକୁ କାଠ ବ୍ୟବସାୟ କଲେ । ସାହିତ୍ୟ ? ହଁ, ସେ ଅବିଳମ୍ବେ ବୁଝିଲେ ଯେ କବିତାଠାରୁ ଉପନ୍ୟାସ ଭଲ, ଚିନ୍ତାଠାରୁ ସେଣ୍ଟିମେଣ୍ଟ୍ ଭଲ, ଫୋଡ଼ିବାଠାରୁ ଆଉଁଶିବା ଭଲ । ସର୍ବୋପରି ସେ ଗୋଟିଏ ଧ୍ରୁବ ସତ୍ୟକୁ ଆଦରିଥିଲେ —ସଂଘର୍ଷଠାରୁ ସାଲିସ୍ ଭଲ । ଅତଏବ ଆଜି ପଞ୍ଚାଳିଶ ବର୍ଷ ନପୂରୁଣୁ ସେ ଜଣେ ଜନପ୍ରିୟ ଔପନ୍ୟାସିକ, ସାମ୍ବାଦିକ ଓ ବଡ଼ଲୋକ । ଅବଶ୍ୟ ମଞ୍ଜରୀ ଦେବୀ ଶୁଣିଲେ ଫୁତ୍କାରରେ ଉଡ଼ାଇଦେବେ, କହିବେ —ହୁଁଃ, ବଡ଼ଲୋକ କଅଣ ଏଇମାନଙ୍କୁ କହନ୍ତି ? ମଞ୍ଜରୀଦେବୀ ବଡ଼ଲୋକୀର ସନ୍ତକ, ବଡ଼ଲୋକୀର ସୋପାନ । ସେ ଜଣେ ପ୍ରସିଦ୍ଧ ଶିଳ୍ପପତି ତଥା ଦାନବୀରଙ୍କ ଝିଅ, ସେ ସମାଜକଲ୍ୟାଣରେ ଅଗ୍ରଣୀ, ସେ ଗଭର୍ଣ୍ଣରଙ୍କ ସ୍ତ୍ରୀଙ୍କୁ ବ୍ୟକ୍ତିଗତ ଭାବରେ ଜାଣନ୍ତି, ସବୁ ମନ୍ତ୍ରୀମାନେ ତାଙ୍କୁ ଭଲପାଆନ୍ତି । ଜଣେ ତରୁଣ ମନ୍ତ୍ରୀଙ୍କ (କେତେକ କହନ୍ତି ମନ୍ତ୍ରୀଙ୍କ ପି. ଏ.) ଭଲପାଇବା ନେଇ ନାନା କଥା ଶୁଣାଯାଏ । ନବୀନ ମଙ୍ଗରାଜ ସେଥିରେ ବିଚଳିତ ହୁଅନ୍ତିନାହିଁ । ଲୋକେ କହିବେ । ତେବେ—ଏଇ କାଲିକା କଥା— ସେ ମଞ୍ଜରୀ ଦେବୀଙ୍କ ସୁଗୋଲ ଗୌର ବାହୁକୁ ଆଉଁଶୁଥିଲେ । ହଠାତ୍ ତାଙ୍କର ମନେହେଲା ଯେ ଏ ହେଉଚି ଶକ୍ତିର ସ୍ୱର୍ଣ୍ଣ···ପୁରୁଷର ଶକ୍ତି ଅଛି···ଏହି ଶକ୍ତି ଭିନ୍ନଭାବରେ ଗଠ କରିପାରେ, ହୁଏତ ମଞ୍ଜରୀର କେଉଁ ଗୋଟିଏ ହୃଦୟ, କେଉଁ ଗୋଟିଏ ପ୍ରାଣ, କେଉଁ ଗୋଟିଏ ପ୍ରବଣତାକୁ ଚପିଦେଇ ପାରେ ! କିନ୍ତୁ···କିନ୍ତୁ ତା'ର କୌଣସି କ୍ଷତି ହେବନାହିଁ, ସେ ସେମିତି ହସିବ, ଖେଳିବ···ମୋର ଦାଗ ରହିଯିବ, ସମସ୍ତେ ଦେଖିବେ । ସେଇଠୁଁ ସେ ସ୍ତ୍ରୀଙ୍କ ଦେହକୁ ଦ୍ୱିଗୁଣ ବେଗରେ ଆଉଁଶିଥିଲେ ଓ

Digitized by srujanika@gmail.com

ମନ୍ତଶ୍ରୀ ଦେବୀ ସାମାନ୍ୟ ଆଶ୍ଚର୍ଯ୍ୟହୋଇ ପଚାରିଥିଲେ—ଆଜି ତୁମର କଅଣ ହୋଇଛି କି ?

ଯାହାହେଉ ନବୀନବାବୁ ବୁଝିଲେ । ଶୃଙ୍ଗାର ରସ ଯଥେଷ୍ଟ ନୁହେଁ, ସ୍ୱାରୁ ଦାସଙ୍କ ଅଶ୍ଳୀଳତା ସପକ୍ଷରେ ଭୋଟ ବେଶି । ମନ୍ତବ୍ୟର ମଙ୍ଗ ମୋଡ଼ିଦେବାକୁ ହେବ । ତେଣୁ ସେ କଥାକୁ ବାଗେଇଦେଲେ । କହୁ କହୁ କହିଲେ, "ଦେଖାଯାଉ -ସମାଲୋଚନାରେ ମଧ୍ୟ ଏକ୍ସପେରିମେଣ୍ଟ୍ ଆବଶ୍ୟକ । ସ୍ୱାରୁବାବୁଙ୍କ ଚିଠା ଗୃହୀତ ହେଉ । ଦେଖାଯାଉ 'ସ୍ୱରୁଚେତନା'ର ସମ୍ପାଦକ କଅଣ କହୁଛନ୍ତି, ଦେଖାଯାଉ ପବ୍ଲିକ୍ କଅଣ କହୁଚି ।"

ଅଳ୍ପ ସମୟ ପରେ ବଳଦେବ ତ୍ରିପାଠୀ ଉଠି ଠିଆହେଲେ । କହିଲେ, "କ୍ଲାନ୍ତ ଲାଗିଲଣି ।"

କ୍ରମଶଃ ବଳଦେବ ତ୍ରିପାଠୀ ଦାଣ୍ଡଦରଜା ଆଡ଼କୁ ମୁହାଁଇଲେ ଏବଂ ଦୁଆର-ବନ୍ଧରେ ଛିଡ଼ାହୋଇ ବର୍ଷାକୁ ଚାହିଁଲେ ।

ବଳଦେବବାବୁ ରାଗିଲେ କି ? ରୁଷିଲେ କି ? ତାଙ୍କର ପେଟବଥା ବଢ଼ିଗଲା କି ?

ଏପରି ଭାବିବା ଅନ୍ୟାୟ । ବଳଦେବବାବୁ କେବେହେଲେ ନିଜକୁ ଅଯୋଗ୍ୟ, ଦୁର୍ବଳ ବୋଲି ଭାବିନାହାନ୍ତି । ତ୍ରିପଣ୍ଡ କଳା ଚେହେରା, ବିଗତ ଜମିଦାରୀର ସଂସ୍କାର, ସଂସ୍କୃତ, ପୁରାତନତ୍ୱ, ବୟସ ଅଧା ନ ହେଉଣୁ ତୃତୀୟପକ୍ଷ ସ୍ତ୍ରୀ—ଏଇପରି କେତେ ଦୋଷଗୁଣ ଖୋଜାଯାଇପାରେ । କେଉଁଥିରେ ତାଙ୍କର ଅପାରଗତା ପ୍ରମାଣିତ ହେବ ନାହିଁ; ବରଂ ଆତ୍ମସାଧନର ନୂତନ ଦଗ ଦେଖିବାକୁ ପାଇବ ।

ଶୈଶବରୁ ତାଙ୍କ ମନରେ ଦୃଢ଼ ଧାରଣା ଜନ୍ମିଛି ଯେ ସେ ଅଲଗା, ଅନ୍ୟମାନଙ୍କ ପରି ନୁହନ୍ତି । ବାପମାଆଙ୍କର ପାଞ୍ଚଟି ପିଲାଙ୍କ ମଧ୍ୟରେ ଆଉ କେହି ତାଙ୍କ ପରି କଳା ନୁହନ୍ତି । ତାଙ୍କ ପରି ଆଉ କେହି ମୋଟା ନ ଥିଲେ; କିନ୍ତୁ ଯଥାସମୟରେ ସେ ସଂସ୍କୃତର ମାହାତ୍ମ୍ୟ ଉପଲବ୍ଧି କଲେ । ସଂସ୍କୃତ, ଅକଥିତ ଅସାଧାରଣ ଭାଷା । ଅସାଧାରଣର ଉଚ୍ଚାରଣ କର, ନିର୍ଭୀକ ସ୍ପଷ୍ଟ ଉଚ୍ଚାରଣ କର । ନିଶ୍ଚୟ ସେମାନେ ଆଖି ଖୋଲି ଦେଖିବେ, ସମ୍ମାନ ଦେବେ । କଳାପଣର ଉଚ୍ଚାରଣ କର, ପୁରୁଣାକାଳିଆ ବଡ଼ଲୋକଙ୍କର ଉଚ୍ଚାରଣ କର, ପ୍ରଥମ ପୁରୁଷର ଭେରି ବଜାଅ; ପାହୁଣ୍ଡ ପକାଇ ଚାଲ । ସେମାନେ ଜଳଜଳ ହୋଇ ଚାହିଁବେ, ମନେ ମନେ ନମସ୍କାର କରିବେ ।—ଲୋକଟାର କି ପାଣ୍ଡିତ୍ୟ—ଯେତେ ଯାହା କୁହ ଆଜିକାଲିକାର କେତେ ଜଣ ଏତେ ବଡ଼ କାବ୍ୟ ଲେଖିପାରିବେ ? କେତେଜଣ ଉପେନ୍ଦ୍ର ଭଞ୍ଜଙ୍କୁ ଟି. ଏସ୍. ଇଲିୟଟ୍‌ଙ୍କ ସହିତ ତୁଳନା କରିପାରିବେ ?—ସବୁ ଭାଇଯାକ ଚାକିରି କଲେ; କିନ୍ତୁ ଇଏ କହିଲେ ନା, ମୁଁ ବାଣୀପୂଜା ଛଡ଼ା ଆଉ କାହାର ପୂଜା କରିପାରିବି ନାହିଁ (ଅବଶ୍ୟ ସେ କେମିତି ଚଳନ୍ତି, ତାହା ତାଙ୍କ ସାହିତ୍ୟ ପରି ଦୁର୍ବୋଧ । କିଏ କହେ ଯେ ସେ ମ୍ୟୁଜିୟମ୍‌କୁ ପୋଥି ବିକନ୍ତି, କିଏ କହେ ଯେ କୁଳପତିଙ୍କୁ ବୁଦ୍ଧି ବିକନ୍ତି, ଖଳ ପ୍ରକୃତିର କେହି କେହି କହିବାର ଶୁଣାଯାଇଚି ଯେ

Digitized by srujanika@gmail.com

ସେ ଶ୍ରେଣୀରେ ଅଗ୍ନିମ ବିକଳ୍ପ ଇତ୍ୟାଦି···) ସ୍ତ୍ରୀଙ୍କର ତୃତୀୟ ପକ୍ଷ ନା ଚତୁର୍ଥ ପକ୍ଷ ? ଯେତେଦିନ ଜୀବନ, ସେତେଦିନ ଯୌବନ—ଲୋକଟାକୁ ଧନ୍ୟ କହିବ ।

ବଳଦେବବାବୁ ନବୀନ ମଙ୍ଗରାଜ ସମସାମୟିକ, ବୟସ ପଞ୍ଚାଳିଶ ପାଖାପାଖି । ତାଙ୍କର ଯୌବନ ନାହିଁ ବୋଲି କେହି କହିପାରିବ ନାହିଁ । କିନ୍ତୁ ଯେବେଠୁଁ ସେ ତୃତୀୟା ସ୍ତ୍ରୀ ସରଳାକୁ ବାହାହେଲେଣି, ତାଙ୍କ ମନରେ ସନ୍ଦେହ ଆସିଛି ଯେ ସବୁ ଧରଣର ଯୌବନ ସମାନ ନୁହେଁ । ସରଳାଗତ ଯୌବନ ନିକୃଷ୍ଟ ଧରଣର । ସେଥିରେ ଆଳାପଠାରୁ ପ୍ରଳାପ ବେଶି; ଅତ୍ୟଧିକ ଆନନ୍ଦ, ଅତ୍ୟଧିକ ଅଶ୍ରୁ, ଅପୂରଣ ଦାବି । ସରଳା ପରେ ଆଉ ଜଣେ ଆସିବ, ତାହା ସେ ଭାବିପାରନ୍ତିନାହିଁ । ଚତୁର୍ଥୀ ହୁଏତ ତୃତୀୟାଠାରୁ ଦୁଇଗୁଣ— । ତେଣୁ କେବେ କେଉଁ ଅକ୍ଷମ ଅଧରାତ୍ରିରେ ସେ ଆକୁଳିତ ହୁଅନ୍ତି । ସତେ କଣ ଏ ରାତି ଉଚ୍ଚାରଣହୀନ ! ନିସ୍ତ୍ରାହୀନ ! ସେହିଠୁଁ ସେ ଅଡପୁରୁଷ ସିଦ୍ଧାର୍ଥଙ୍କ ପରି ଶଯ୍ୟା ତ୍ୟାଗ କରନ୍ତି ଓ ନୂତନତମ କାବ୍ୟର ଦୁଇଧାଡ଼ି ଲେଖିବସନ୍ତି ।

ହଠାତ୍ ବଳଦେବବାବୁ ସଭାଘରକୁ ଲେଉଟିଗଲେ । ଏକ ସୁଚିନ୍ତିତ ବାର୍ତ୍ତା ଶୁଣାଇଲା ପରି କହିଲେ—

"ପଦ୍ମଭୂଷଣ ଆସିପାରନ୍ତି । ମୁଁ ତାଙ୍କୁ ଖବର ଦେଇଚି ।"

ବାର୍ତ୍ତାର ମହତ୍ତ୍ୱ ତତ୍‌କ୍ଷଣାତ୍ ସୂଚିତ ହେଲା ନାହିଁ । ଆଉ ଜଣେ କିଏ ଆସିବେ, ଆସନ୍ତୁ । ଘର ପଡ଼ିଚି, ସମୟ ଅଛି, ଆଲୋଚନା ଚାଲିଚି । ସ୍ୱରୂ ଦାସ ଶୃଙ୍ଗାରରସର ଅପରେକ ଗୁଣର ବ୍ୟାଖ୍ୟା କରୁଥିଲେ । ବ୍ୟାଖ୍ୟାର ଅଭିନବତ୍ୱରେ ନିଜେ ବିଭୋର ହୋଇ ପଡ଼ିଥିଲେ । ଏବେ ମାର୍କସଙ୍କ ପାଳି—ଶୃଙ୍ଗାର ରସ ରାଜଦରବାରର ସାମଗ୍ରୀ ନୁହେଁ, ବ୍ୟକ୍ତିର ବିଳାସ ନୁହେଁ । ସେ ଯୁଗ ଗଲାଣି । ବର୍ତ୍ତମାନ ଶୃଙ୍ଗାର ରସରେ କ୍ରାନ୍ତିର ଚେତନା ଦେଖାଦେଇଚି । ଆମେ ଯାହା ସୃଷ୍ଟି କରିବା ତାହା ସମସ୍ତଙ୍କର, ଜମିର ଧାନ ପରି, ନଈର ମାଛ ପରି, ଜଙ୍ଗଲର କାଠ ପରି···"

ପ୍ରଥମେ ସଚେତନ ହେଲେ ସରୋଜବାବୁ । ନିଦରୁ ଉଠିଲା ପରି ପଚାରିଲେ— "ପଦ୍ମଭୂଷଣ ? ମାନେ, ମାନେ—"

ତା' ପରେ ନିରାକାରବାବୁ—"ମାନେ ପଦ୍ମନାଭ ରାୟ ?"

"ସାହିତ୍ୟ-ସମ୍ରାଟ୍ !"

"ଗଛ ଓ ଗୁଇ !"

"ଅସମ୍ଭବ !"

ଆଲୋଚନା ଅପ୍ରକୃତ ରହିଗଲା । ସେମାନେ ଘୋର ବିସ୍ମୟରେ ଆକ୍ରାନ୍ତ ହେଲେ, ବଳଦେବ ତ୍ରିପାଠୀଙ୍କୁ ସନ୍ଦେହର ଦୃଷ୍ଟିରେ ଚାହିଁଲେ । କିଏ ବିଶ୍ୱାସ କରିବ ଯେ ସେହି ଜୀବିତ ଅନୁଷ୍ଠାନ ଶୁକ୍ଳକେଶମଣ୍ଡିତ କବି ଔପନ୍ୟାସିକ-ନାଟ୍ୟକାର, ଅଠେଇଶଟି ଭାଷାରେ

Digitized by srujanika@gmail.com

ଅନୂଦିତ "ଗଛ ଓ ଗୁରୁ"ର ଲେଖକ ପଦ୍ମଭୂଷଣ ପଦ୍ମନାଭ ମିଶ୍ର ବର୍ଷା ପାଗରେ ତାଙ୍କର ମୂଲ୍ୟବାନ୍ ସମୟ ନଷ୍ଟ କରି—? ଉଦ୍ଦେଶ୍ୟ କଅଣ ?

ବଳଦେବବାବୁ ଘୋଷଣାର ବ୍ୟାଖ୍ୟା କଲେ । କହିଲେ ଯେ କାଲି ପଦ୍ମଭୂଷଣଙ୍କ ସାଙ୍ଗରେ ଦୈବାତ୍ ନନ୍ଦନକାନନରେ ଦେଖାହୋଇଥିଲା । ଆଜିକାର ଏହି ବୈଠକ କଥା ପଢ଼ିବାରୁ ସେ ଆଗ୍ରହ ପ୍ରକାଶ କଲେ । ବଳଦେବବାବୁ ସାଦର ନିମନ୍ତ୍ରଣ ଜଣାଇବାରୁ ସେ କହିଲେ—ମୁଁ ଆସିବି—ଆସିବାପାଇଁ ଯଥାସମ୍ଭବ ଚେଷ୍ଟା କରିବି ।

ତଥାପି ସନ୍ଦେହ ଘୁଞ୍ଚିଲାନାହିଁ । ପଦ୍ମଭୂଷଣ କାହିଁକି ??

ଜଣେ ଅସାହିତ୍ୟିକ ସାଧାରଣ ନାଗରିକ ପକ୍ଷରେ ଏଭଳି ତୀବ୍ର ପ୍ରତିକ୍ରିୟାର କାରଣ ବୁଝିବା କଷ୍ଟକର ହୋଇପାରେ । ସେ ବୁଝିପାରିବନାହିଁ ଯେ, ପଦ୍ମଭୂଷଣ କେବଳ ପହିଲା ନମ୍ବର ସାହିତ୍ୟିକ ନୁହନ୍ତି—ସେ ପହିଲା ନମ୍ବର ବୁଢ଼ା ।

ସେ ମଙ୍ଗରାଜଙ୍କ ପରି କେବଳ ପ୍ରବୀଣ ନୁହନ୍ତି—ବଳଦେବ ତ୍ରିପାଠୀଙ୍କ ପରି କେବଳ ପୁରାତନ ନୁହନ୍ତି—ସେ ବୁଢ଼ା । ଯଶ, ମାନ ଓ ସାହିତ୍ୟରେ ବୁଢା । ସେହି ବୃଦ୍ଧତ୍ୱର ସମ୍ପର୍କରେ ଏ ସଭା ଥରଉଠିବନାହିଁ ? ସୁସ୍ଥତା କାନ୍ଦିଉଠିବନାହିଁ ? ଶୃଙ୍ଗାର ରସ ଅପମାନିତ, ଧର୍ଷିତ, ଲଜ୍ଜିତ ହେବନାହିଁ ?

କେତେବେଳକେ ସରୋଜ ଚୌଧୁରୀ ସାହସ ପାଇଲେ । ସେ ନିରାକାରବାବୁଙ୍କ କାନରେ କଣ ଫୁସ୍‌ଫୁସ୍ ହୋଇ କହିଲେ । ନିରାକାରବାବୁ ଚକ୍ଷୁ ବିସ୍ଫାରିତ କଲେ । କହିଲେ—"ସତେ ? ମୋତେ କିଏ କହୁଥିଲା ଯେ ତାଙ୍କ ସ୍ତ୍ରୀ ମରିଗଲା ।"

ଜ୍ଞାନବାବୁ ଶୁଣିଲେ । ଭ୍ରମ ସଂଶୋଧନ କରି କହିଲେ, "ନା, ନା, ସ୍ତ୍ରୀ ମରିନାହିଁ । ମୋର ବିଶ୍ୱାସ ଯେ ତାଙ୍କ ପୁଅ ମରିଗଲା ।"

"ମୁଁ କହୁନାହିଁ ?" ସରୋଜ ବାବୁ ଉତ୍‌ଫୁଲ୍ଲ ହୋଇ କହିଲେ, "ମୁଁ ନିଜେ ଶୁଣିଛି ପରା ! ତାଙ୍କର ଗୋଟିଏ ବୋଲି ପୁଅ ନିରଞ୍ଜନ, ମୋର କ୍ଲାସମେଟ୍ । କଲିକତାରେ ଏମ୍. ଏ. ପଢ଼ିବାପାଇଁ ଗଲା । ସେଠି ନକ୍‌ସାଲ୍‌ମାନଙ୍କ ସାଙ୍ଗରେ ପଡ଼ି କଣ ହେଲା କେଜାଣି, ପୁଲିସ୍ ଗୁଳିରେ ଏକାଥରକେ—"

କଥାର ଘେର ଖୋଲିଗଲାଣି । ବଳଦେବ ତ୍ରିପାଠୀ ବସିପଡ଼ିଲେଣି । ସେ ଜାଣିବାର ସ୍ମିତହାସ ଦେଇ କହିଲେ, "ପୁଅ ମରିନାହିଁ—ସେ ଆଲିପୁର୍ ଜେଲ୍‌ରେ ଘଣା ପେଲୁଛି ।"

ପୁତ୍ରର ଦୁରବସ୍ଥାରୁ ପିତାର ଚରିତ୍ର ବେଶି ଦୂର ନୁହେଁ । ଚରିତ୍ରରୁ ସାହିତ୍ୟ । ଜଣେ କିଏ କହିଲେ, "ଲୋକଟା ଗୁଡ଼ାଏ ଲେଖିଛି । ସାରା ଜୀବନ ଲେଖିଯାଇଛି; କିନ୍ତୁ ଗମ୍ଭୀରତାନାହିଁ ।"

"କେଉଁଠୁ ଆସିବ ?"

"ସ୍ପନ୍ଦନ ନାହିଁ ।"

Digitized by srujanika@gmail.com

"କିଏ ଆଣିଦେବ ?"
"ବୁଢ଼ାଙ୍କୁ କେତେ ବୟସ ହେବଣି ?,'
"ଧରନିଅ ଶହେ କୋଡ଼ିଏ ।"
"କିଓ, ତଥାପି ଶୃଙ୍ଗାର ରସ ଡାକୁଚ ?"
(ହାଃ ହାଃ, ହୋଃ ହୋଃ, ହିଃ ହିଃ···)
"ଆଚ୍ଛା, ସତରେ ତାଙ୍କ ପୁଅ ଘଣା ପେଲୁଚ ?"
"ବୁଢ଼ାଙ୍କୁ ବାନ୍ଧିଥିବ ।"
"ହୁଏତ ଗୋଟିଏ ନୂଆ ଉପନ୍ୟାସ ଲେଖିପାରନ୍ତେ—"
"ଧାନ ଓ ବାଲୁଙ୍ଗା ।"
(ହାଃ ହାଃ ହୋଃ ହୋଃ ହିଃ ହିଃ···)

ଏହିପରି ଭାବରେ ସେମାନେ ଗ୍ଲେଟ ପରେ ଗ୍ଲେଟ ହାଣିଲେ, ସହାନୁଭୂତି ଦେଖାଇଲେ, ଛିଗୁଲାଇଲେ ଓ ହସିଲେ । ସତେ କି ପଦ୍ମଭୂଷଣଙ୍କ ପୁଅ ଜେଲ ଯିବା ସଙ୍ଗେ ସଙ୍ଗେ ଟାଙ୍ଗି ହୋଇଥିବା ତନ୍ତୁ ଛିଣ୍ଡିଗଲା । ଖିରୁଡା ପଘା ଛିଣ୍ଡାଇ କୁଦି ବୁଲିଲା । ଆସ ପଦ୍ମଭୂଷଣ, ଆସ । ଏ ସଭାକୁ ଆସ । ଆମେ ତୁମ ବୃଦ୍ଧ ସାହିତ୍ୟର ମୁକାବିଲା କରିନେବା । ଆଚ୍ଛା, ପହିଲେ କହିଲ ଦେଖି, ତୁମ ପୁଅର କଅଣ ହେଲା ?

···ପଦ୍ମଭୂଷଣ ଆସିଲେ । କାର୍‌କୁ ଖଣ୍ଡେଦୂରରେ ବଡ଼ରାସ୍ତା ଉପରେ ଛାଡ଼ିଦେଇ ଚାଲି ଚାଲି ଆସିଲେ । ସେହି ଚିରପରିଚିତ ନଇଁଲା ଠାଣି, ଦବିଲା ପାଦର ଗତି, ବୁଜିଲା ଆଖି ଓ କ୍ଷଣିକ ଦୃଷ୍ଟିପାତ ।

"ସାର୍, ଗାଡ଼ିକୁ ଦୁଆରମୁହଁ ଯାଏ ନେଇ ଆସିଲେନାହିଁ ?···ଆମର ପରମ ସୌଭାଗ୍ୟ ଆପଣ ଏତେ କଷ୍ଟ କରି···ବର୍ଷାରେ ଭିଜିନାହାନ୍ତି ତ ?"···ଇତ୍ୟାଦିର କୌଣସି ଉତ୍ତର ନ ଦେଇ ପଦ୍ମନାଭ ରାୟ ଆଖି ବୁଜି ବୁଜି ଆସିଲେ ଓ ଡ୍ରଇଁ ରୁମ୍‌ର ପ୍ରଶସ୍ତତମ ଗୋଟିକିଆ ସୋଫାରେ ଆଉଜିଗଲେ ।

ସେମାନେ ଅନାଇଁ ରହିଲେ । ମନେ ହେଲା ଏହିକ୍ଷଣି ଘୁଙ୍ଗୁର ବାଜିବ, ପରଦା ଉଠିବ, ବୃଦ୍ଧଙ୍କର କ୍ଳାନ୍ତ ଭାଙ୍ଗିବ । ଆଖି ଖୋଲିବ ।

ପଦ୍ମନାଭ ରାୟ ଆଖି ଖୋଲିବା ମାତ୍ରେ କଥାବସ୍ତୁକୁ ଆକ୍ରମଣ କଲେ । କୁଞ୍ଚିତ ଶିଥିଳ ପାଦରୁ ନଯ୍ନଶିଖା ଜଳିଉଠିଲା ଓ ଭାପାର ବାଷ୍ପ ନିର୍ଗତ ହେଲା । ସେମାନେ ସଳଖିଗଲେ, ପଲଙ୍କକୁ ଟେକିଧରିଲେ । ସତେ କି କେହି ନାଆଁରୁ ଚେନାଏ କମ୍ବା ବାମ୍ଫରୁ ଧାପେ ଛାଡ଼ିବାକୁ ପ୍ରସ୍ତୁତ ନୁହନ୍ତି ।

"ବଳଦେବବାବୁ ମୋତେ କାଲି କହିଲେ, ଆସିବାକୁ ନିମନ୍ତ୍ରଣ କଲେ । ମୁଁ ଭାବିଲି ମୋର ଆସିବା ଉଚିତ । ଭାବିଲି ଯେ ମୋର ମଧ୍ୟ କିଛି କହିବା ଉଚିତ । ବିଷୟବସ୍ତୁ ଅସାମାନ୍ୟ—ଅସାଧାରଣ ।" (ପୁନଶ୍ଚ ଚକ୍ଷୁନିମୀଳନ)

Digitized by srujanika@gmail.com

(ଚକ୍ଷୁ ଉନ୍ମୀଳନ) "ଆପଣମାନେ କପର ଭାବରେ ଉତ୍ତର ଦେବାକୁ ସ୍ଥିର କରିଛନ୍ତି, ମୁଁ ଜାଣେନାହିଁ । ତଥାପି ମୁଁ କିଛି କହିବି—ଯଦି ଆପଣମାନେ ଅନୁମତି ଦିଅନ୍ତି । କହିବି ଯେ ଶୃଙ୍ଗାରର ଅର୍ଥ ସଂଯୋଗ । ଜଣେ ଆଉ ଜଣକୁ ପାଇବାକୁ ଚାହେଁ, ତା ସହିତ ସମ୍ପୂର୍ଣ୍ଣ ଭାବରେ ମିଶିଯିବାକୁ ଚାହେଁ । କାହିଁକି ? କାହିଁକି ନା ସେ ସଂଯୋଗରେ ମୁକ୍ତି ପାଏ । ନିଜଠାରୁ ମୁକ୍ତି ପାଏ । ନିଜର ନିଜତ୍ୱ ଅର୍ଥାତ୍ କ୍ଲୀବତ୍ୱରୁ ମୁକ୍ତିପାଏ... ଏହି ସାନ କଥାଟିକୁ ଭାବି ଦେଖନ୍ତୁ । ମୋର ଅନୁରୋଧ ।" (ସ୍ମିତହାସ)

ସେମାନେ କେହି ଭାବିଲା ପରି ଦିଶିଲେନାହିଁ ।

ପଦ୍ମଭୂଷଣ ଅପେକ୍ଷା କଲେ । ଅପେକ୍ଷା କରି କରି ଆଖି ବୁଜିଲେ ।...ମୁଁ କାହିଁକି ଏଠିକି ଆସିଲି ? ପୁଅର ଖବର ପାଇବା ଦିନଠାରୁ ମୁଁ କେତେ ଲୋକଙ୍କ ପାଖକୁ ଗଲିଣି, ଭଲାଭଲିକା କେତେ କଥା କହିସାରିଲିଣି । କିଛି ଲାଭ ହେଲା ? କିନ୍ତୁ ଏ ହେଉଚି ସାହିତ୍ୟ-ସଭା, ମୋର ସାମ୍ରାଜ୍ୟରୁ ଖଣ୍ଡେ । ଏଠି ମୋର ଛନ୍ଦ, ମୋର ଶୈଳୀ, ମୋର ଭକ୍ତ, ମୋର ପ୍ରଜା । ସେଇଲାଗି ତରତର ହୋଇ ଆସିଲି । ମାରୁବୋଉ ମନାକରୁଥିଲା—ସେ କିଛି ଜାଣେନାହିଁ । ନିହାତି ମୂର୍ଖୀ । ଥରେ ହେଲେ ମୋତେ ବୁଝିଲାନାହିଁ, ବୁଝିବାକୁ ଚେଷ୍ଟା କଲାନାହିଁ ।

"ଅଜ୍ଞା, ଚା' ନିଅନ୍ତୁ ।" ଚା' ଅଭୁକ୍ତ ରହିଲା । ପଦ୍ମଭୂଷଣ ଆଖି ଖୋଲି ପୁଣି ବୁଜି ଆଣିଲେ ।

ମୁଁ ଆସିଚି, ବେଶ୍ କରିଚି । ଯେତେଥର ଡ଼ାକିବେ, ସେତେଥର ଆସିବି । ମୁଁ ସାହିତ୍ୟକୁ ଛାଡ଼ିବିନାହିଁ, । କଦାପି ଛାଡ଼ିବି ନାହିଁ । ମାରୁବୋଉ ଗାଳିଦେଉ । କେହି ବୁଝନ୍ତୁ ନ ବୁଝନ୍ତୁ ।

ତା' ଛଡ଼ା ମୋର ଆଉ କିଏ ଅଛି ?

ବର୍ତ୍ତମାନ ତାଙ୍କ ମୁହଁରେ ଯେଉଁ କାରୁଣ୍ୟର ଉଦ୍ରେକ ହେଲା ତାଙ୍କୁ ଦେଖିଲେ ଲୁହ ଗଡ଼ିବ ନାହିଁ । ସେହି କାରୁଣ୍ୟରେ ଆଘାତ ଓ ପ୍ରତିରୋଧର ପ୍ରଚଣ୍ଡତା ଅଧିକତର ଦୃଶ୍ୟମାନ ହେଲା । ଯେତେବେଳେ ବୃଦ୍ଧ ଜଳଗର୍ଭ ମେଘ ଭିତରୁ ଟାଣ ଖରାବେଳ ଝରା ଆଖିକୁ ଝଲସାଇ ଦିଏ ଓ କ୍ଷଣକରେ ମେଞ୍ଚାଏ କଳା ଚଢେଇ ସେଇ ରଶ୍ମିକୁ ଚଞ୍ଚୁରେ ଖୁମ୍ପନ୍ତି, ନଖରେ ବିଦାରନ୍ତି...ତା'କୁ ଦେଖିଲେ ଲୁହ ଆସିବ କେଉଁଠୁ ?

"ସାର୍, ଚା' ଥଣ୍ଡା ହୋଇଗଲାଣି, ସରବତ୍ ଆଣିଦେବି ?"..."ମୁଁ ଭାବୁଚି ଆମେ ଯେଉଁ ଚଠା ତିଆରିକରୁଛୁ, ଆପଣଙ୍କ ହାତରେ ଦେଇଆସିବୁ, ଆପଣ ତାକୁ ସଂଶୋଧନ କରିଦେବେ"..."ଆପଣ ଟିକିଏ ବିଶ୍ରାମ ନିଅନ୍ତୁ ।"

ଏମାନେ ମୋତେ ଦୟା ଦେଖାଉଛନ୍ତି । ଚେତାଇ ଦେଉଛନ୍ତି ଯେ, ମୁଁ ବୁଢ଼ା, ମୋର ସାହିତ୍ୟ ମରିଗଲାଣି । ଏମାନେ ସମସ୍ତେ ଜାଣନ୍ତି ଯେ, ମୋ ପୁଅ ମୋତେ ଛାଡ଼ି ଚାଲିଯାଇଚି । ତେଣୁ ଭାବୁଛନ୍ତି ମୁଁ ଆହୁରି ଅକ୍ଷମ, ଆହୁରି ଅଧମ, ଅସ୍ପୃଶ୍ୟ—କିନ୍ତୁ ମୁଁ ଦେଖୁଚି—ମୁଁ ତୁମକୁ ସବୁ ଗୋଟି ଗୋଟି କରି ଦେଖୁଚି । ଏଇ ନବୀନ ମହାରାଜ, ନୀଳାଦ୍ରିବେ ତ୍ରିପାଠୀ, ତୁମେ କଅଣ ଭାବିଚ ବଡ଼ ସାହିତ୍ୟିକ ହେବନାହିଁ ? ବୁଢ଼ା ହେବ

Digitized by srujanika@gmail.com

ନାହିଁ ? ତୁମର ପୁଅ କି ଝିଅ କି ନାତି କେହି ମୁହଁ ମୋଡ଼ିଦେଇ ଚାଲିଯିବେ ନାହିଁ ? ମୁଁ ଜାଣେ ତୁମେ ବଡ଼ହେବ । ମୁଁ ତୁମକୁ ଆଶୀର୍ବାଦ କରୁଚି । ତୁମେ ଜ୍ଞାନବାବୁ, ତୁମେ ମଧ୍ୟ ବଡ଼ ହେବ । ରେଡ଼ିଓର ଜାତୀୟ ଅନୁଷ୍ଠାନରେ ତୁମ କବିତା ଝୁମୁଝୁମୁ ହୋଇ ପାଦ ପକାଇବ ଏବଂ ତୁମେ ସାରଳ ଦାସ, ତୁମେ କଅଣ ରକ୍ଷା ପାଇବ ବୋଲି ଭାବିଚ ? ସେମାନେ ତୁମ କବିତାକୁ ଧରି ରାସ୍ତା ମଝିରେ ନାଚିବେ, ପୋଷ୍ଟରରେ ତୁମ କ୍ଷୁଦ୍ରମୁହଁ ମହାତ୍ୟାଗୀଙ୍କ ମୁହଁ ପରି ଦେଖାଯିବ । ଭୟ ନାହିଁ ନଚିକେତା ! ତୁମର ଉକ୍ତିତା ଦାର୍ଶନିକତାରେ ପରିଣତ ହେବ । ତୁମେ କୁନ୍ଥେଇବାକୁ, ଛଟପଟେଇବାକୁ ବେଳ ପାଇବ ନାହିଁ···ଏ ଟୋକାଟି କିଏ ? ମୋର ପୁଅ ବୟସର ହେବ । ଛାଡ଼, ମୁଁ ତା' କଥା କାହିଁକି ଭାବୁଚି ? ସେ ଯାଉଚି, ଯାଉ । ମୁଁ ବଞ୍ଚିବ । ମୁଁ ସାହିତ୍ୟିକ । ମୁଁ ମୋର ବକ୍ତବ୍ୟ ଶେଷକରିବ ।

ଦୀର୍ଘ ନୀରବତା ପରେ ପଦ୍ମଭୂଷଣ ଯାହା କହିଲେ ତାହା ଅତ୍ୟନ୍ତ ବାଷ୍ପାକୁଳ ମନେହେଲା । କେବଳ ଶେଷ କେତୋଟି ପଦ ବୁଝିହେଲା—ମୁକ୍ତ । ସମ୍ଭୋଗରେ ମୁକ୍ତି । ଶୃଙ୍ଗାରରେ ମୁକ୍ତି । ଶୃଙ୍ଗାରର ଜୟ ହେଉ ! ଆପଣମାନେ ମନେରଖନ୍ତୁ··· ଲେଖିରଖନ୍ତୁ···

ତାଙ୍କୁ ଆଉ କିଛି କହିବାକୁ ଦିଆହେଲାନାହିଁ । ନବୀନ ମଙ୍ଗରାଜ ତାଙ୍କ ପାଖକୁ ଯାଇ କହିଲେ, "ସାର୍, ଡେରି ହେଲାଣି, ପୁଣି ଭୀଷଣ ମେଘ ଉଠାଇଲାଣି," ଏବଂ ତାଙ୍କ ଦେହରେ ହାତ ରଖିଲେ ।

ପଦ୍ମଭୂଷଣ କ୍ଷୁବ୍ଧ ହେଲେନାହିଁ । ସାହିତ୍ୟିକ କ୍ଷୁବ୍ଧ ବିଚଳିତ ହୋଇପାରେ ନାହିଁ । ସେ ଉଠି ଛିଡ଼ାହେଲେ ଓ ପୂର୍ବପରି ଆଖି ବୁଜିଲେ । ଯେମିତି ଆସିଥିଲେ ସେମିତି ଫେରିଗଲେ । ସହକର୍ମୀଗଣ ତାଙ୍କୁ କାର୍ ପର୍ଯ୍ୟନ୍ତ ପାଛୋଟି ନେଲେ, କାର୍‌ର ଦରଜା ଖୋଲି ବସିବା ପାଇଁ ଅନୁରୋଧ କଲେ ଏବଂ ଡ୍ରାଇଭରକୁ ଶୀଘ୍ର ଚଲାଇନେବା ପାଇଁ ଇଙ୍ଗିତ ଦେଲେ ।

କିନ୍ତୁ ଶୃଙ୍ଗାର ରସ ତଥାପି ତାଙ୍କ ମନରେ ଗୁଂଜରୁଥିଲା···ମୋର ଦିନ ସରିନାହିଁ । ମୁଁ ଶୃଙ୍ଗାର କରିପାରିବ । ମୁଁ ଇଚ୍ଛାକଲେ ପୁଣି ମୋର ସେଇ ହୃଣ୍ଡୀ ବୁଢ଼ୀ ସାଙ୍ଗରେ ଶୃଙ୍ଗାର କରିବି···ମୋର ନୂଆ ପୁଅ ଜନ୍ମହେବ···

ସେ ଚାଲିଗଲା ପରେ ଏକାଧିକ ସାହିତ୍ୟିକ ଦୀର୍ଘ ନିଃଶ୍ୱାସ ତ୍ୟାଗକଲେ । ସାରୁ ଦାସ କହିଲେ, "ବୃଦ୍ଧ ଆପଣମାନଙ୍କ ଭଗବାନ୍—ଦିଅଁ ନୁହେଁ, ଖୋଦ୍ ଭଗବାନଙ୍କ ସହିତ ମିଳିତ, ସଂଯୁକ୍ତ ହେବାକୁ ଚାହାନ୍ତି । କାହାରି କିଛି ଆପତ୍ତି ଅଛି କି ?"

ସେହିଠାରୁ ସଭିଏଁ ଉଚ୍ଚସ୍ୱରରେ ହସିଉଠିଲେ ।

ସେହିଦିନ ପାଇଁ ଶୃଙ୍ଗାର ରସର ଆଲୋଚନା ସ୍ଥଗିତ ରହିଲା । ସ୍ଥିର ହେଲା ଯେ ପରବର୍ତ୍ତୀ ବୈଠକ ବଳଦେବ ତ୍ରିପାଠୀଙ୍କର ନିବାସ "ଐରାବତ" ଠାରେ ବସିବ ।

□□□

Digitized by srujanika@gmail.com

ସାମାନ୍ୟ ସୂର୍ଯ୍ୟ

ଗୋଟିଏ ସୂର୍ଯ୍ୟ ବୁଡ଼ିଗଲେ ଆଉ ଗୋଟିଏ ସୂର୍ଯ୍ୟ କାଲି ସକାଳେ ମୁଣ୍ଡ ଟେକି ଉଠିବ । ଏଇ ସାନ କଥାଟିକୁ କିଏ ନ ଜାଣେ ? କିନ୍ତୁ ତରୁଣ ଅବସ୍ଥାରେ ମନେହୁଏ ଯେ ଏଇ ସୂର୍ଯ୍ୟଟି ଏକା ମୋର, ମୋରି ପାଇଁ । ଇଏ ଯଦି ବୁଡ଼ିଗଲା ତାହାହେଲେ ଆଉ ରହିଲା କଅଣ ? ଏ ଜୀବନର ମୂଲ୍ୟ କଅଣ ? ଇତ୍ୟାଦି ।

ମୁଁ ମୋର ଅଗଣିତ ସୂର୍ଯ୍ୟମାନଙ୍କୁ କବର ଦେଇସାରି ଏଯାଏଁ ବଞ୍ଚିଛି । ମୁଁ ଯଦି ସେମାନଙ୍କ ପାଖରେ ଥାଆନ୍ତି, ମୋର ହିତୋପଦେଶ ଶୁଣାଇ ପାରିଥାନ୍ତି, ତାହାହେଲେ ଘଟଣା ଏତେଦୂର ଯାଇ ନ ଥାଆନ୍ତା । ହେଲେ ତରୁଣିମା ମୋତେ କାହିଁକି ପଚାରିବ ? ମୁଁ ତା' ପାଇଁ କୋଉ ଆଟ ରଖିଯାଇଛି କି ?

ଘଟଣାଟି ମାରାତ୍ମକ ବୋଲି ମୁଁ କହୁନାହିଁ । ଆଉ କିଏ ହୋଇଥିଲେ ହୁଏତ ଉଚିତରୁ ଅଧିକ ଚା' ଖାଇଥାଆନ୍ତା, ସିଗାରେଟ୍ ଫୁଙ୍କିଥାଆନ୍ତା, ବଜାର ହାଟରେ ଘୂରି ବୁଲି ଥାଆନ୍ତା; ଅକାରଣରେ କାଳି ବଲେଇ ଉପରକୁ ଟେକା ଗୁଡ଼ଉଥାଆନ୍ତା କିମ୍ବା ସନ୍ତୁଷ୍ଟ ନୟନରେ ଚକ୍ ଚକ୍ କରୁଥିବା ରେଳଲାଇନ ଆଡ଼କୁ ଚାହିଁ ରହିଥାଆନ୍ତା । ଏମାନେ କଅଣ କଲେ ନା ଜଣରୁ ଦୁଇଜଣ ହେଲେ, ସେଇଠୁଁ ହା'ହୁତାଶିଆ ମନକଥାଗୁଡ଼ିକୁ ପରସ୍ପର ସମ୍ମୁଖରେ ଅଜାଡ଼ିଦେଲେ । ଅଜାଡ଼ି ଦେଲାରୁ ଭଲଲାଗିଲା । ଅନ୍ତଃସ୍ଥଳରୁ ଆନନ୍ଦର ଧ୍ୱନି ଉଠିଲା— ଥାଙ୍କ୍ ୟୁ, ଥାଙ୍କ୍ ୟୁ, ଥାଙ୍କ୍ ୟୁ । ଆନନ୍ଦ ରୂପାୟିତ ହେଲା ।

କହିବାକୁ ଗଲେ ଘଟଣାରେ କିଛି ନାହିଁ ।

ମନୁ ଓ ମୀନା ଭାଇଭଉଣୀ । ଏକା ମାଆ ପେଟରୁ ଜନ୍ମ ହୋଇନାହାନ୍ତି; କିନ୍ତୁ ମନୁର ବାପା ଓ ମୀନାର ମାଆ ଭାଇଭଉଣୀ । ଗୋଟିଏ ପରିବାରରେ ଚଳିନାହାନ୍ତି; କିନ୍ତୁ ହେଉ ପାଇଲା ଦିନଠାରୁ ପରସ୍ପରକୁ ଦେଖିଲେ ନିଜର ବୋଲି ମନେହୋଇଛି । ଏ ଜଣକ ମୋର ବୟସର, ମୋରି ପରି ଲାଜକୁଳା, ଅଯଥାରେ ବକର ବକର ହୁଏନାହିଁ, ହିନ୍ଦୀ ସିନେମାର ତାରାମାନଙ୍କୁ ନେଇ ଉଚ୍ଛୁଳି ଉଠେ ନାହିଁ, ଭାବଚନ୍ତି ବସେଇ ବସେଇ ଦରକାରି କଥା କହେ । ଇଂରେଜୀ ଉଚ୍ଚାରଣ ବି କୁଆଡ଼େ ମୋ ପରି, ଯେତେହେଲେ ସେ ମୋର ଭାଇ ପରା ! ମୋ ଭଉଣୀ ପରା !

ସ୍କୁଲ-ଜୀବନ ପରେ ଦେଖାସାକ୍ଷାତର କ୍ରମ ବଢ଼ିଗଲା । କାରଣ ଦୁହେଁ ଏକା ସହରରେ ଏକା କଲେଜରେ ପାଠ ପଢ଼ିବାକୁ ଗଲେ । ଜଣେ ପୁଅଙ୍କ ହଷ୍ଟେଲରେ, ଆର ଜଣକ ଝିଅଙ୍କ ହଷ୍ଟେଲରେ ରହିଲା । ବାପମାଆ କହିଲେ ଯାହାହେଉ ଭଲହେଲା ।

Digitized by srujanika@gmail.com

ଜଣେ ଜଣକୁ ସାହାଯ୍ୟ ହେବେ । ପହିଲିଥର ପାଇଁ ବାପ ମାଆଙ୍କଠାରୁ ଅଲଗା ରହି ହାଣ୍ଡିଟିବେ ନାହିଁ । ତା' ଛଡ଼ା ସେମାନେ ଭାବ ଖୁସିହେଲେ ଯେ ବଗିଡ଼ିଯିବାର ଭୟ କମିଗଲା ।

ଦୁଃଖର ବିଷୟ ଦୁହିଁଙ୍କୁ ଦୁହେଁ ବଗିଡ଼ିଗଲେ । କେବଳ ସେତକ ନୁହେଁ, ସେଇଥିରେ ସେମାନେ ପରସ୍ପରକୁ ପ୍ରୋତ୍ସାହିତ କଲେ ।

କଥା ହେଉଛି ଯେ, ବଗିଡ଼ିଯିବାର କ୍ରମରେ ତରୁଣଦ୍ୱୟ ଏକ ଅଭିନବ ନୂତନ ସୂର୍ଯ୍ୟ (ଯେଉଁଟାର ଯେଉଁଟା) ଆବିଷ୍କାର କଲେ, ଯେଉଁ ସୂର୍ଯ୍ୟର ଆଲୁଅ ବାପମାଆଙ୍କର ପୁରାତନ ଅନ୍ଧାରକୁ ଛୁଇଁପାରିବନାହିଁ । ନ ଛୁଇଁଲେ ନାହିଁ, ଆମେ କଣ କରିବୁ ? ଆମେ କଣ ଫିଡ଼ର ପିଲା ହୋଇଛୁ ? ଭଲ-ମନ୍ଦର ବିଚାର ଆମେ କଣ ଜାଣିନାହୁଁ ? ଇଏ ଯଦି ମନ୍ଦ ତାହାହେଲେ କାଳିଦାସ, ସେକ୍‌ସପିଅର, ମାର୍କସ, ଲେନିନ ଇତ୍ୟାଦି ମନୀଷୀମାନଙ୍କୁ ଅଳିଆଗଦାରେ ଫିଙ୍ଗିଦେବା କଥା । ନା, ବାପମାଆଙ୍କୁ ଦୋଷ ଦେଇ ଲାଭ ନାହିଁ । ସେମାନେ ଭାରତର ସ୍ୱାଧୀନତା ପରେ ଜନ୍ମହୋଇନାହାନ୍ତି ।

ତେଣୁ ଭାଇ ଭଉଣୀ ବିଭିନ୍ନ ଦିନ ସନ୍ଧ୍ୟାବେଳେ କଲେଜ ଲନ୍‌ର ବିଭିନ୍ନ କୋଣରେ ଏକାଠି ହେଲେ ଏବଂ ଅପଣା ଅଭିଯାନର ଦୈଦ୍ୟବୃତ୍ତାନ୍ତ ବର୍ଣ୍ଣିଲେ । ଥରେ ମୀନା କହିଲା, "ମନୁଭାଇ, ମୁଁ ତୁମ ଛଡ଼ା ଏସବୁ କଥା କଣ ଆଉ କାହାକୁ କହିପାରିଥାଆନ୍ତି ?" ସତୁଆ ମନୁ ନିଜ ଆଡୁ କହିଲା, "ମୁଁ ଯାହା କରୁଛି ନ କରୁଛି ମୋର ସାଙ୍ଗମାନେ ଅଳ୍ପ ବହୁତ ଜାଣନ୍ତି । କିନ୍ତୁ ତୋ ଛଡ଼ା କୌଣସି ସ୍ତ୍ରୀଲୋକକୁ କଣ ଏକଥା କହିପାରିଥାଆନ୍ତି ?" ମୀନା ମନୁଭାଇର ଉତ୍ତରକୁ ସମ୍ମାନ ଦେବ କି ନାହିଁ ସ୍ଥିର କରି ପାରିଲାନାହିଁ । ପୁରୁଷର ଅହମିକା । କୁସଂସ୍କାର । ସତେ ଯେମିତି ସ୍ତ୍ରୀଲୋକମାନେ ସ୍ୱଭାବତଃ ଅନାଡ଼ି । ମନୁଭାଇର ଗାର୍ଲ୍ ଫ୍ରେଣ୍ଡ୍‌ଟିଏ ଥିଲେ ସେ କଣ ତାକୁ କହି ନ ଥାଆନ୍ତା ? କିନ୍ତୁ ମନୁଭାଇର କେହି ଗାର୍ଲ୍ ଫ୍ରେଣ୍ଡ୍ ନାହାନ୍ତି । ବିଚରା ! ପ୍ରକୃତରେ ମୋ ଛଡ଼ା ଏଠି ତାର ନିଜର ବୋଲି ଆଉ କିଏ ଅଛି ?

ସେଇଠୁଁ ମୀନା ଗୋପନ ଆନନ୍ଦରେ ମନେପକାଇଲା । ମୁଁ ନବେନ୍ଦୁକୁ କହିଛି । କିଛି କ୍ଷତି ନାହିଁ । ମନୁଭାଇ କଣ ଅନୁମାନ କରିପାରିନଥିବ ?

ତିନି ବର୍ଷ କଟିଗଲା । ତିନି ବର୍ଷ ତଳେ ଯେଉଁମାନେ ଏ ଦୁଇଜଣଙ୍କୁ ଦେଖିଥିବେ, ସେମାନେ ଆଜି ସ୍ୱାଙ୍କୁ ଦେଖିଲେ ଭାବିବେ—ଏଁ, ଏ ଦୁଇଟାଙ୍କର କଣ ହୋଇଛି ?

ସେମାନେ ବିଶେଷ ଶୁଖିଯାଇଛନ୍ତି ବୋଲି କହିହେବ ନାହିଁ । ଚେହେରା କେଉଁଆଡ଼ୁ ଖରାପ ହୋଇଯାଇଛି ବୋଲି ଧରିହେବନାହିଁ । ମନୁ ସବୁଦିନେ ପାତଳା । ହୁଏତ ଅଳ୍ପ ଟିକିଏ ଧଡ଼ିଆ ହୋଇଯାଇଛି । ମୀନାର ଉଜ୍ଜ୍ୱଳତାଜ୍ଜ୍ୱଳପଣ ସାମାନ୍ୟ ଭାଙ୍ଗି ଯାଇଛି । ଆଜିକାଲିକା ଢଙ୍ଗରେ ଡାଏଟ୍ କରୁଥିବ । ମନୁ ଦାଢ଼ି ଛାଡ଼ିଛି, ମୁଣ୍ଡ ବାଳ ଲୁଚୁରା । ହିପି ଧୂତରେ ଚଳେ । ମୀନାର ମୁହଁରେ ...ଏକ ବ୍ରଣ—ବୟସ-ଦୋଷ ।

Digitized by srujanika@gmail.com

ସେମାନଙ୍କର ଚେହେରା ନଷ୍ଟ ହୋଇ ଯାଇଛି, ସେମାନଙ୍କୁ ଅକାଳବାର୍ଦ୍ଧକ୍ୟ ଘୋଟିଲାଣି, ଏଭଳି ଆଶଙ୍କା ମନକୁ ଆସୁନାହିଁ; କିନ୍ତୁ ମନେହେଉଛି ଯେ ତିନି ବର୍ଷ ତଳେ ଏଇ ବର୍ଷେ ଛଅମାସ ତଳେ—ଯେଉଁ ବିଜୁଳି ଛଟିକ ପଡୁଥିଲା, ଯେଉଁ ରସ ଉଚ୍ଛୁଳି ଉଠୁଥିଲା, ଯେଉଁ ନିଜସ୍ୱ ମନୁଗୁଣ ମୀନାଗୁଣ ବିକଶି ଉଠୁଥିଲା, ତାକୁ ଯେମିତି କିଏ ମୋଡ଼ିମାଡ଼ି ନଷ୍ଟ କରିଦେଇଛି ।

ମନୁ ଏମିତି ଆକାଶକୁ ଅନେଇଁ ଅନେଇଁ ବାଟ ଚାଲିବାର କେହି କେବେ ଦେଖିଥିଲା ? ତାକୁ ଦେଖିଲେ ମନେହୁଏ ଯେ ତା'ର ଚାହାଣି ମୁନ ତୁମର ଭିତର ଚେତନାରେ ଗଳିଯିବ; କିଛି ଗୋଟାଏ ନିହାତି ଭଲ କଥା କହୁନାହୁଁ କାହିଁକି, କିଛି ଭଲ କାମ କରୁନାହୁଁ କାହିଁକି ବୋଲି ପଚାରିବ । ସତେ ଯେମିତି ସେ ବିଧାତାଙ୍କ ପିଆଦା ! ସେ ଆଜି ଏମିତି ନିରକ୍ତିଆ ଶୂନ୍ୟ ଆକାଶକୁ ଖୋଜୁଛି କାହିଁକି ? ଖୋଜୁ ନାହିଁ ତ, ମିଶିଯିବାର ସରିଯିବାର ବାଟ ଅଣ୍ଡାଳୁଛି ।

ମୀନା ମୁହଁ ପୋତି ବାଟ ଚାଲୁଛି । ଯାହାକୁ ଦେଖିଲେ ମନେହୁଏ ଯେ ସେ କହୁଛି ତୁମେ ସୁନ୍ଦର, ମୋର ସରାଗ ଛନଛନ ଚାହାଣି ତଳେ ଯିଏ ଆସିବ ସିଏ ସୁନ୍ଦର, ସେ ଜନମାନବଠାରୁ ଲୁଚିଲା ପରି ତଳକୁ ଅନେଇଛି କାହିଁକି ? ସତେ କି ରାସ୍ତାର ମାଟିଗୋଡ଼ିମାନଙ୍କୁ ବିକଳରେ ଡାକୁଛି— ମୋତେ ନିଅ, ମୁଁ ତୁମର ଭିତରୁ ଜଣେ ।

ତା'ଛଡ଼ା ସେମାନଙ୍କୁ ଖରାବେଳଟାରେ ନିରୁଛିଆ ରାସ୍ତାରେ ଏକାଠି ହୋଇ ଧୀରେ ଧୀରେ ପାହୁଣ୍ଡ ପକାଇ ଚାଲିବାର କିଏ ଦେଖିଥିଲା ? ସେ କାଳର ସଞ୍ଜ ସମୀରଣ ଆମ ପାଇଁ ନୁହେଁ, ଆମେ ଅଯୋଗ୍ୟ, ନିର୍ବାସିତ, ଏଇଯା ଜଣାଇବାକୁ ଚାହାନ୍ତି ?

ସେମାନଙ୍କୁ ସହାନୁଭୂତି ଦେବା ଦୂରର କଥା; ବିଳମ୍ବିତ ଦୃଷ୍ଟିର ଅବଦାନ ଦେବା ପାଇଁ କେହି ନ ଥିଲେ । ରାସ୍ତାକଡ଼ର କୁଡ଼ିଆ ଘରମାନଙ୍କରେ ଯେଉଁମାନେ ଶୋଇ ନ ପଡ଼ି ବଢ଼ନ୍ତା ଦିନକୁ ଚାହିଁଥିଲେ, ସେମାନେ ଭିନ୍ନ ଶ୍ରେଣୀର ଲୋକ । ବାବୁଘର ଟୋକା-ଟୋକୀ ଦୁଇଜଣ ଆପଣା ସଉକରେ କୁଆଡ଼େ ବୋଲି କୁଆଡ଼େ ଯାଉଛନ୍ତି - ଯାଆନ୍ତୁ ସେମାନଙ୍କ କଥା ନିଆରା ।

କେତେବେଳେ ମନୁ ବସେଇ ବସେଇ କହିଲା – ବାପା ମରିଗଲେ ବୋଲି ମୁଁ କଅଣ ପୋକ ହୋଇଗଲି ?

ମୀନା ମନୁଭାଇ ଆଡ଼କୁ ଚାହିଁଲା । ତା'ର ଚାହାଣିରେ କେବଳ କରୁଣା ନଥିଲା, ପ୍ରତିବିମ୍ବର ବେଦନା ଥିଲା । ମନୁଭାଇ ଯଦି ପୋକ, ତାହାହେଲେ ମୁଁ କଅଣ ? ତାକୁ ବିପ୍ଳବ ଫେରାଇଦେଲା, ଆଉ ମୋତେ ଫେରାଇଦେଲା କିଏ ନା ଗୋଟିଏ ମଣିଷ ,ନବେନ୍ଦୁ ଚୌଧୁରୀ । କାହିଁକି କାହିଁକି ଏମିତି ହେଲା ? ମୁଁ କଅଣ ତାକୁ ଡାକିବାକୁ ଯାଇଥିଲି ?

ସମବେଦନାରେ ମନୁର ମନୋବୀଣା କାନ୍ଦିଉଠିଲା - ମୁଁ କଅଣ ବିପ୍ଳବକୁ ଡାକିବାକୁ ଯାଇଥିଲି ?

Digitized by srujanika@gmail.com

ମନୁର ମନେପଡ଼ିଲା ଦୁଇବର୍ଷ ତଳର କଥା । ୟୁନିଭର୍ସିଟି ପାଟେଖ୍ଣ ସେପଟେ ଚକ୍କାର କରୁଥିବା ଅନାଧୁନିଆ ଷ୍ଟାର୍ କଫି ହାଉସ୍, ଯେଉଁଠିକି ପାଠୁଆ ଭଲପିଲାମାନେ ଯାଆନ୍ତିନାହିଁ, ଯେଉଁଠି ବେକାରଦଳ ପାଟିତୁଣ୍ଡ କରନ୍ତି, ଯେଉଁଠି ପୁଲିସ କେତେଥର ବୋମା, ପାଇପ୍‌ଗନ୍ ଉଦ୍ଦେଶ୍ୟରେ ଖାନତଲାସ କଣସାରିଲଣି, ମନୁ ତାର ପାଖ ମାଡ଼ୁ ନଥିଲା । କିନ୍ତୁ ଦିନେ ସ୍ୱଳ୍ପଭାଷୀ ପୋଷ୍ଟଗ୍ରାଜୁଏଟ୍ ଛାତ୍ର ଅଭିମନ୍ୟୁ ରାତି ଦଶଟା ବେଳକୁ ତା' ରୁମ୍‌ରୁ ବାହାରି ଦେଖିଲା, ମନୁ ଏକୁଟିଆ ବାଲ୍‌କନିରେ ଛିଡ଼ାହୋଇଛି । ବନ୍ଧୁଭାବର ଆବେଗ କେମିତି ଜାଗିଉଠିଲା କେଜାଣି, ସେ ମନୁର କାନ୍ଧରେ ହାତ ପକାଇ କହିଲା— ହ୍ୟାଲୋ ୟଙ୍ଗମ୍ୟାନ୍, ହ୍ୱାଟ୍ ଏବାଉଟ୍ ଏ କପ୍ ଅଫ୍ କଫି ? ମନୁ ବିସ୍ମୟ ଆନନ୍ଦରେ ରାଜି ହୋଇଗଲା । କିନ୍ତୁ ଦେଖିଲାବେଳକୁ ସେ ୟୁନିଭର୍ସିଟି ପାଟେଖ୍ଣ ପାରି ହୋଇ ଷ୍ଟାର୍ କଫି ହାଉସ୍ ଆଡ଼କୁ ମୁହାଁଇଲା । ମନୁ ପ୍ରତିବାଦ କରି ପାରିଲା ନାହିଁ; ଟାଣିହୋଇଗଲା । ସେଇଠି ତେଇଶିଆ ଦଦରା ବେଞ୍ଚ ଉପରେ ବସି ଧୂଆଁରେ ଅଣନିଃଶ୍ୱାସୀ ହୋଇ ସେ ଆବିଷ୍କାର କଲା ଯେ ଏଠିକି ଯେଉଁମାନେ ଆସନ୍ତି ସେମାନେ ସାଧାରଣ ନୁହନ୍ତି । ସେମାନେ ପେଟପୋଷା ପାଠ ପଢ଼ିବାକୁ ଆସିନାହାନ୍ତି । ସେମାନେ ଦେଶ ପାଇଁ ଭାବନ୍ତି । ନୂତନ ସୂର୍ଯ୍ୟ ଦେଖିବା ପାଇଁ ଛଟପଟ ହୁଅନ୍ତି, ହୁଏତ ବୋମା ତିଆରି କରନ୍ତି ।

ସେଇଠି ଅଭିମନ୍ୟୁ ନାଏକ—ଭକ୍ତମାନଙ୍କର ଭାଇନା—ନିଜେ ତା' ହାତ ଧରି କହିଲା, "ମନୋରଞ୍ଜନ, କିଛି କଥା କୁହ । ତୁମ ଆଖିରେ ଯେଉଁ ନିଆଁଟିକ ଜୁଳୁଜୁଳୁ ହେଉଛି ତାକୁ ଜଳିବାକୁ ଦିଅ ।"

ଭାଇନା ମୋତେ ଡାକିଲା । ବିପ୍ଳବ ମୋତେ ଡାକିଲା । ମୁଁ ତାର ଡାକ ଶୁଣି ନ ଆଅନ୍ତି କେମିତି ?

ନବେନ୍ଦୁ ମୋତେ କହୁଥିଲା ଯେ ସେ କୁଆଡ଼େ ତା'ର ପିଲାଦିନୁ ମୋତେ ନ ଦେଖିବା ଆଗରୁ ଖୋଜୁଛି । ମୀନା ବଙ୍କା ହସଟିଏ ଟେରଚ୍ଚୀବା ମୂର୍ତ୍ତିକାରେ ମିଶେଇ ଦେଇ ଭାବୁଥିଲା । ମୋର ଘର ଓଠ, ମୋର ପର ଗୃହାଣି, କଥାକୁହା ଢଙ୍ଗ ଇତ୍ୟାଦିକୁ ନେଇ ସେ କୁଆଡ଼େ ଗୋଟିଏ ପ୍ରେମିକା ଗଢ଼ିଥିଲା । କେଉଁଦିନ ଗଢ଼ିଥିଲା ସେ କଥା ତା'ର ମନେଅଛି । ଯେଉଁଦିନ ସେ କେଉଁ ଏକ ନଈକୂଳିଆ ଓସ୍ତଗଛ ତଳିଆ ଭଙ୍ଗା ଦେଉଳରେ ଜନୈକା ହାତ ନାକକଟା ଦେବୀଙ୍କୁ [illegible] । ଦେଖିଲା ଓ ଦେବୀଙ୍କୁ ଜୀବନ୍ୟାସ ଦେଲା । ମନୋମତ ଗଢ଼ିନେଲା । [illegible] ବସିଆ ମନରେ କଣ ଗଢ଼ିଲା ଭଗବାନ ଜାଣନ୍ତି । ଯାହାହେଉ ସତରେ [illegible] ହୋଇଥାଏ—ନବେନ୍ଦୁ ମିଛ କଥା କୁହେ ନାହିଁ—ଆଉ ମୁଁ ସେଇ ଦେବୀଙ୍କ ରୂପ ଧରି ତା' ଜୀବନରେ ଆସିଲି, ତାହାହେଲେ ସେ କେମିତି ନିଜକୁ ଛଡ଼େଇନେଲା ? ଏଇକ୍ଷଣି ପୁଣି କଅଣ ଆଉ ଗୋଟିଏ ଦେବୀପ୍ରତିମା ତିଆରି କରିବ ? କରିପାରିବ ?

Digitized by srujanika@gmail.com

ହଠାତ୍ ମନୁ ବୁଲିପଡ଼ି ମୀନା ଆଡ଼କୁ ଚାହିଁଲା । ଆଉ କିଛି କହିବାକୁ ଥିଲା, କହିଦେଏ, ଏହି ଭାବରେ କହିଲା, "ମୀନା, ଥରେ ନବେନ୍ଦୁ ଆମ କଫି ହାଉସକୁ ଆସିଥିଲା । ସେତେବେଳେ ତୋ ସାଙ୍ଗରେ ତା'ର ଅନ୍ୟ ସମ୍ପର୍କ ଅଛି ବୋଲି ମୁଁ ଜାଣିନଥିଲି । ସେ ଟେବୁଲରେ ଏକୁଟିଆ ବସି କଫି ଖାଉଥିଲା । ଆମେ ଯାହା ସବୁ ଗପୁଥିଲୁ, ଉପୁରିଆ ଯୁକ୍ତିତର୍କ କଳିଝଗଡ଼ା —ଆମର ଅସଲ କାରବାର ଅନ୍ୟ ଜାଗାରେ (ସ୍ମିତ ମଧୁର ହସ) —ସବୁ ଶୁଣିନେଲା ପରି ଦିଶୁଥିଲା । ତା'ର ସରଳ ସୁନ୍ଦର ଚମ୍ପାପୁଅ ମୁହଁ, ନେଳିଆ ଆଖିଡୋଳାର ମୁଗ୍ଧ ଚାହାଣିକୁ ଦେଖି ମୋର କଣ ଇଚ୍ଛା ହେଲା କହିବ ? ଇଚ୍ଛା ହେଲା ତାକୁ ଟାଣିଓଟାରି ଆମ ଦଳରେ ମିଶେଇବି । କାହିଁକିନା ତାରି ପରି ଲୋକ ଶହୀଦ ହେବା ପାଇଁ ଯୋଗ୍ୟ । ପୁଲିସ ଗୁଳିରେ ସେମାନେ ଢଳିପଡ଼ିଲେ ଲୋକେ ମାତିଉଠିବେ, ବିପ୍ଳବ ହାତପାହାନ୍ତାକୁ ଆସିଯିବ···"

ମୀନାର ରାଗିବା କଥା । ନବେନ୍ଦୁକୁ ସେ ଭଲପାଉଥିଲା । କିନ୍ତୁ ସେ ନିଜ ଭାବନାରେ କିଛିତ ଆମୋଦିତ 'କିଛିତ ଲଜ୍ଜିତ ହେଲା ପରି ଦିଶିଲା । ମୁଁ ଜାଣେ, ଜାଣେ । ନବେନ୍ଦୁ ତୁମ ପରି ନୁହେଁ । ତାକୁ କାନ୍ଥ ତଳେ ଘୋଡ଼େଇ ନ ରଖିଲେ ତୁମ ପରି ବୀର ପୁରୁଷମାନଙ୍କର ନଜର ଲାଗିଯିବ । ସେଇଥିପାଇଁ ମୁଁ ଭଗବାନଙ୍କୁ ଡାକୁଥିଲି ଯେ ସେ ତୁମମାନଙ୍କ ସାଙ୍ଗରେ ନ ମିଶୁ···ମୁଁ କେତେ ସ୍ୱାର୍ଥପର ତୁମେ ଜାଣିନାହଁ, ମନୁଭାଇ !

ମନୁ ତାର ସ୍ୱୀକାରୋକ୍ତି ଶେଷ କରି ପାରିଲା ନାହିଁ । ସବୁ ସତ କହିଲି ? ସେତେବେଳେ ମୁଁ ଅବଶ୍ୟ ପୁରାପୁରି ଜାଣିନଥିଲି ଯେ ମୀନା ଓ ନବେନ୍ଦୁ ପ୍ରେମରେ ମଜ୍ଜିଗଲେଣି; କିନ୍ତୁ ମୋ ମନରେ କଣ ସନ୍ଦେହ ଆସିନଥିଲା ? ହୋଇଥିବ । ତା' ବୋଲି ମୋର କଣ ନବେନ୍ଦୁ ପ୍ରତି ଅହେତୁକ ଥିଲା ନା କଅଣ ?

ପୁଣି ସେଇ ନୀରବ ଗୁମ୍‌ସୁମ୍ ପଥଚଲା । ଯେତେକି ଯେତେ ତାତି ଆସିବ, ଯେତେ ଝାଳ ବହିବ, ସେତେ ଭଲ । ଅନ୍ତହୀନ ନିରାଶାର ରକ୍ତମାଂସ ଝଡ଼ିଯିବ, ହାଡ଼ ଦି'ଖଣ୍ଡ ଜଳଜଳ ଦିଶିବ । ଧୋବଲା ହାଡ଼ ଦି'ଖଣ୍ଡକୁ ନେଇ ଆମେ ଭାଇଭଉଣୀ ଯେଇ ଯେଇ ହେବୁ । ସୁଖୀ ସଂସାର ତାଲିମାରିବ ।

ରାସ୍ତା କଡ଼ରେ ଥିବା ଗୋଟିଏ ନାଲି ନେଳି ବୋତଲର ସରବତ ଦୋକାନ ଦୁହିଁଙ୍କ ଆଖିରେ ପଡ଼ିଲା । ଛୋଟିଆ ଦୋକାନ । ଶୋଷ ମେଣ୍ଟାଇବାକୁ ଇଚ୍ଛା ହେଲା । ଏକ ଅପରକୁ ଇଙ୍ଗିତ ଦେଇ ଗୋପୀଦାଦା ଦୋକାନରେ ପହଞ୍ଚିଲେ ।

ଗୋପୀଦାଦା ଦୁହିଁଙ୍କ ମନପସନ୍ଦ ସ୍ପେଶାଲ ଲେମ୍ବୁଚପୁଡ଼ା ଆମ୍ବକଷିଦିଆ ସରବତ ତିଆରି କରି ଦେଲା । ସେ ମଧ୍ୟ ଏମାନଙ୍କୁ ଥରେ ହେଲେ ପଚାରିଲା ନାହିଁ ଯେ ଏଭଳି ଖରାରେ ବୁଲିବାର ଉଦ୍ଦେଶ୍ୟ କଅଣ ? ସେ କଣ ଅନେକ ଟୋକା-ଟୋକୀଙ୍କୁ ଆମ ପରି ଏମିତି ବୁଲିବାର ଦେଖିଛି ? ସେମାନେ କଅଣ ଭାଇ ଭଉଣୀ ? ସରବତରେ ଶୋଷ ମେଣ୍ଟିଲା; କିନ୍ତୁ ଗୋପୀଦାଦାର ଭଦ୍ରୋଚିତ ବ୍ୟବହାର ଭଲ ଲାଗିଲା ନାହିଁ ।

Digitized by srujanika@gmail.com

ସରବତ୍ ପିଇସାରିଲା ପରେ ମନେହେଲା ଯେ ଖସ୍‌ତେଜ କ୍ରମଶଃ ମଉଳି ଆସୁଛି । ତାକୁ ଇଚ୍ଛା କଲେ ମଧ୍ୟ ଅଟକେଇ ରଖି ହେବ ନାହିଁ ଏବଂ ଧାରଣା ବଢ଼ିଲା ଯେ ଏଇ ଭାଇଭଉଣୀଙ୍କ ସମବେଦନା ବୁଝିବା ପାଇଁ କାହାର ଗରଜ ପଡ଼ିନାହିଁ ।

ନବେନ୍ଦୁ ଆମପରି ଉଗ୍ର କଞ୍ଚା-ଖଟା ସରବତ୍ ପିଇବାକୁ ଭଲ ପାଏ ନାହିଁ । ପିଲାଙ୍କ ପରି ମିଲ୍‌କଶେକ୍ ନହେଲେ କେବଳ ଥଣ୍ଡା ଦୁଧ ପିଇବାକୁ ଚାହେଁ । ନବେନ୍ଦୁର ରୁଚି ଆମଠାରୁ—ମୋଠାରୁ ସମ୍ପୂର୍ଣ୍ଣ ଭିନ୍ନ । ସେଥିପାଇଁ ତ ମୁଁ ତାକୁ ଭଲପାଉଥିଲି···ସେ ଏତକ ବୁଝିଲା ନାହିଁ କାହିଁକି ? ମୀନା ବିଫଳ ପ୍ରେମର ନୂତନତମ ପ୍ରଶ୍ନ ପଚାରିଲା । ହେଲେ ପୂର୍ବପରି ଗ୍ଳାନି କୋରି ହେଲା ପରି ଲାଗିଲା ନାହିଁ । ସତେକି ପ୍ରଶ୍ନର ମୂନ ଘୋରି ହୋଇଯାଇଛି । ଉତ୍ତର ସହଜ ହୋଇଆସିଲାଣି ।

ନବେନ୍ଦୁ ଗରିବଘର ପିଲା ନୁହେଁ । ହୁଏତ ଟିକିଏ ମଫସଲିଆ । "ଆଲିବାବା" ପରି ଉଚ୍ଚଦରର ରେସ୍ତୋରାଁରେ ବଡ଼ପାଟିରେ କଥା କୁହେ, କଣ୍ଟା ଚାମୁଚକୁ ଧରି ଖେଳେ, ବିଦେଶୀ ଗାନ ବାଜଣାରେ ମୁଣ୍ଡ ହଲାଏ; କିନ୍ତୁ ତାର ବନ୍ଧୁ ବିସର୍ଗ ବୁଝିପାରେନାହିଁ । ସେଇଥିପାଇଁ ତ ମୁଁ ତାକୁ···

ନା, ନା, ସେଇଥିପାଇଁ ନୁହେଁ, ତା' ସତ୍ତ୍ୱେ ମୁଁ ତାକୁ ଭଲପାଉଥିଲି । ମୁଁ ତା'ର ସରଳ ହୃଦୟକୁ ମୋ କାନି ତଳେ ଘୋଡ଼େଇ ରଖିବାକୁ ଚାହିଁଥିଲି । ସେଥିରେ କ'ଣ ମୋର ଭୁଲ ହେଲା ?

ମୁଁ ଯେଉଁଦିନ ପ୍ରଥମେ ତାଙ୍କ ଘରକୁ ଯାଇଥିଲି, ତାଙ୍କ ଘରର ଦୃଶ୍ୟ ଦେଖି କାବା ହୋଇଗଲି । ସଜାସଜି ବୋଲି କିଛି ନାହିଁ । ଗୁଡ଼ାଏ ଲୋକ, ଏତେ ଭଳି ଉଦ୍‌ଗତ ଉଦ୍‌ବୃତ୍ତ ଆଳମାଲିକା—ଯଥା ଅଲଗୁଣିରୁ ଝୁଲିପଡ଼ିଥିବା ଲୁଗାପଟା, ଶାଗ୍ ପିଞ୍ଜରାରୁ ଖସିପଡ଼ୁଥିବା ଅଇଁଠା, ଭଙ୍ଗା ସିଲଟ, ଫୁସ୍‌କି ଯାଇଥିବା ରବର ବେଲୁନ, ପଚାଶ ନେତା ଦେବତାଙ୍କ ଫଟୋ ଇତ୍ୟାଦିର ମେଳରେ କେମିତି କାରବାର ହେଉଛନ୍ତି ଦେଖି ବିଚିତ୍ର ଲାଗିଲା । ହେଲେ ମୁଁ ଭାବିଲି ଯେ ଏଇ ଘରେ ଗୋଟିଏ ନିର୍ଜନା ନିଭୃତରଙ୍ଗ କୋଣ ମୁଁ ବାଛି ନେଇ ପାରିବି, ଯେଉଁଠି କେବଳ ମୁଁ ଓ ନବେନ୍ଦୁ—ସର୍ବସାଧାରଣଙ୍କ ପ୍ରବେଶ ନିଷେଧ । ଭାବିଲି···ପୂରାପୂରି ଆଶ୍ୱସ୍ତ ହୋଇ ପାରିଲି ନାହିଁ । ନବେନ୍ଦୁର ମାଆ । ସର୍ବସାଧାରଣ ନୁହଁନ୍ତି । ତାଙ୍କ ଲମ୍ବା ଚଉଡ଼ା ଦେହରେ ଖଞ୍ଜା ହୋଇଥିବା ଭାରି ଗଳାର ଶବ୍ଦ ଆମର ଦୁଇଜଣିଆ ଗୁମ୍ଫା ଭିତରେ ପଶି ଆସିବ—ନବ, ତୁ ଚୁଡ଼ା ଖାଇବୁ ନା ମୁଢ଼ି ମୁଆଁ ଖାଇବୁ ? ନବ, ଜାଣିଛୁ, ଆଜି ତୋ ମଇନା ହେ-ରାମ ବୋଲି, କହିଲା, ବିଚରା ଶୀଘ୍ର ଗାନ୍ଧୀ ମହାତ୍ମା ବନିଯିବ । (ହୋ-ହୋ)···ନବ, ପ୍ରଫେସର ସେନ୍‌ଗୁପ୍ତର ମୋଗଲ ଆର୍ଟ ପଢ଼ିଲୁ, ଗ୍ରେପା ଲେଖିଛି, ରଜା ରାଣୀ ପ୍ରେମ କରୁଛନ୍ତି, ରଜା ରାଣୀ ଶିକାର କରୁଛନ୍ତି ଖାଲି ଏଇ ଛବି ଗୋଡ଼ରୁ ମୁଣ୍ଡ ଯାଏଁ । ନବେନ୍ଦୁର ଆହାର, ନବେନ୍ଦୁର ମଇନା, ନବେନ୍ଦୁର ପାଠ, ସବୁଥିରେ ତାଙ୍କର ଦଖଲ । ମୁଁ ଆସିଲେ ସେ କଣ ଘୁଞ୍ଚିଯିବେ ? ବିଶ୍ୱାସ ହେଲା ନାହିଁ ।

Digitized by srujanika@gmail.com

ମୋ ମାଆ କଣ ମୋତେ ଭଲ ପାଏ ନାହିଁ । ନା, ମାଈଁ ମନୁଷ୍ୟଙ୍କୁ ଭଲ ପାଆନ୍ତି ନାହିଁ ? ବାତ୍ସଲ୍ୟ ମାନେ କଣ ଜନ୍ମିତଙ୍କୁ ମାତ୍ରୁବସିବା ? ସେଥିରେ ସ୍ନିଗ୍ଧତା, ଶାଳୀନତା, ଭଦ୍ରତା ବୋଲି କଛି ନାହିଁ ?

ତଥାପି ମୁଁ ନବେନ୍ଦୁକୁ ଭଲପାଇଥିଲି···ମିଛକୁହେଁ···ମିଛ ନୁହେଁ···ମୀନା ଦୋହରେଇ ହେଲା, ପହିଲିଥରପାଇଁ ତାର ମନେହେଲା ଯେ ଗୋଡ଼କୁ କାଟିଲାଣି, ଫେରିଯିବା ।

ଫେରିବା ପୂର୍ବରୁ ଆଖିରେ ପଡ଼ିଲା କୁଞ୍ଜବନ । ଏଇ ନୂଆ ସହରରେ ଅଟାଙ୍ଗା ହୋଇ ପଡ଼ିଥିବା ଅଯାଏ ଜଙ୍ଗଲ । ଜଙ୍ଗଲର ସରକାରୀ ନାଁ ନାହିଁ, କାରଣ ସରକାର ତାକୁ ଶୀଘ୍ର ଲଣ୍ଡା କରି ଘର ତୋଳିବାକୁ ଚାହାନ୍ତି । ହେଲେ ୟୁନିଭର୍ସିଟିର ପିଲାମାନେ ତାକୁ କୁଞ୍ଜବନ ବୋଲି କୁହନ୍ତି । ନଈନାଳବିହୀନ ନୀରସ ନଗରୀ ମଝିରେ ଟେନାଏ ଅନାବନା ପ୍ରକୃତି, ବିସ୍ତୃତ ଘାସ, ନଗ୍ରେଲା ଗଛଡ଼ାହାଡ଼, କେବଳ ସାମୟିକ କାନ୍ଦା ସିମ୍ଫୁଡ଼ି, ସାମୟିକ ସାନ ଜନ୍ତୁ ଜନିତ ଖସ୍‌ଖାସ୍ । ତେଣୁ ଘାଇଲେଉଥାଣି ବେଳକୁ ଏଠିକି ତରୁଣ ତରୁଣୀ ଆସନ୍ତି । ଯେତିକି ସମ୍ଭବ ସେତିକି ପ୍ରେମ କରି ଅନ୍ଧାର ଏବଂ ଭୟ ଘନେଇ ଆସିବା ପୂର୍ବରୁ ଆପଣା ଘର ହଷ୍ଟେଲକୁ ବାହୁଡ଼ିଯାଆନ୍ତି ।

ମୀନା ଓ ନବେନ୍ଦୁ ଥରେହେଲେ ଏଠିକି ଆସିନାହାନ୍ତି । ନବେନ୍ଦୁ ଥରେ ପ୍ରସ୍ତାବ କରିଥିଲା; କିନ୍ତୁ ମୀନା ଦୃଢ଼ସ୍ୱରରେ ଛିଃ ବୋଲି କହିଥିଲା । ସେଇଥିରୁ ନବେନ୍ଦୁ ବୁଝିଥିବ ଯେ ଆମ ପ୍ରେମର ଗୁଣ ଦୋଷରି···ମୀନା ମନେପକାଇଲା ।

ଥକିଯାଇଥିବା ହେତୁ ମୀନା ବସିବାକୁ ଚାହିଁଲା । ଅନ୍ୟମନସ୍କ ଭାବରେ ମନୁ କହିଲା—ହେଉ । କିନ୍ତୁ ସେମାନେ କୁଞ୍ଜବନ ଭିତରକୁ ଗଲେନାହିଁ, ଯିବାର ପ୍ରଶ୍ନ ଉଠୁ ନାହିଁ । କୁଞ୍ଜବନ ସୀମାରେ ଗୋଟିଏ ଗଛକୁ ଆଉଜି ବସିପଡ଼ିଲେ । ସାମ୍ନାରେ ରାସ୍ତା ।

ମନୁ ପ୍ରାୟ ନିଜକୁ ବୁଝେଇ ସାରିଲାଣି ଯେ ସେ କାପୁରୁଷ ନୁହେଁ । ଷ୍ଟାର୍ କଫି ହାଉସ୍‌ରେ ନବେନ୍ଦୁର ଚେହେରା ଦେଖି ଯେଉଁ ପ୍ରବୃତ୍ତି ଜନ୍ମିଲା ସେଥିରୁ କିଛି ଖିଅ କାଢ଼ିବାର ନାହିଁ । ନିଜେ ଭାଇନା ଦିନେ କହୁଥିଲା ଯେ ଆମକୁ ସାବଧାନ ହେବାକୁ ପଡ଼ିବ, ତୁଙ୍ଗ ସାଥୀମାନଙ୍କୁ ବଞ୍ଚେଇବାକୁ ପଡ଼ିବ । ଫେବୃୟାରୀ ନଅ ତାରିଖଦିନ ସେକ୍ରେଟେରିଏଟ୍ ଆଗରେ ଯେଉଁ ଆନ୍ଦୋଳନ ଗଢ଼ାହେଲା, ଠିକଣା ବେଳେ ବୋମା ଛାଡ଼ିବାର ନିଷ୍ପତ୍ତି କରାଗଲା, ସେଥିପାଇଁ ନିର୍ଦ୍ଦିଷ୍ଟ ହେଲେ ଅନ୍ୟମାନେ, ମୁଁ ନୁହେଁ । ମୋର ଜିଜ୍ଞାସୁ ଚାହାଣିକୁ କାଟିଦେଇ ଭାଇନା କହିଲା, "ନା, ମନୋରଞ୍ଜନ ! ମୁଁ ତୁମକୁ ଅନ୍ୟକାମ ଦେବି ।" କଣ କାମ ମୁଁ ବୁଝିଲି । ନେତୃତ୍ୱ । ରାତିଅଧରେ ଭାଇନା ସମେତ ଛଅ ସାତଜଣ ବଡ଼ପଣ୍ଡାମାନଙ୍କ ସାଙ୍ଗରେ ଗୋପନ ଗମ୍ଭୀର ମନ୍ତ୍ରଣା—ଗରିଲା ଯୁଦ୍ଧର ଖସଡ଼ା । ଭାଇନା ମୋତେ କୌଣସି-ମତେ ତାର ଗଦ ପାଖରୁ ଛାଡ଼ିବାକୁ ଚାହେଁ ନାହିଁ । ଏଇଥିରୁ କଣ ସ୍ପଷ୍ଟ ବୁଝାପଡ଼ୁନାହିଁ ଯେ ଭାଇନା ମୋତେ କେବେହେଲେ ଭୀରୁ ଦୁର୍ବଳ ବୋଲି ମନେକରିନାହିଁ ?

Digitized by srujanika@gmail.com

ଅବଶ୍ୟ ବାପା ମଲା ପରେ ମୁଁ ଯେତେବେଳେ ଭାଇନା ପାଖକୁ ଗଲି, ଆଉ ସେ ମୋର ଅନ୍ତରଙ୍ଗ ବଡ଼ଭାଇ ପରି ବାପାଙ୍କ ମୃତ୍ୟୁ କାହାଣୀ ଶୁଣିବାକୁ ଚାହିଁଲା, ସେତିକିବେଳେ ମୁଁ କଅଣ କହୁ କହୁ କାନ୍ଦିପକେଇଥିଲି । କିଣ ହେଲା ସେଇଠୁଁ ? କୋଉ ପୁଅ ତା' ବାପାଙ୍କୁ ହରେଇ ନକାନ୍ଦି ରହିଛି ?

ତା'ପରେ ମୁଁ ବହୁବାର ପରିଷ୍କାର ଭାବରେ ଜଣେଇଦେଇଛି ଯେ ବ୍ୟକ୍ତିଠାରୁ ସମାଜ ବଡ଼ । ବାପଠାରୁ ବିପ୍ଳବ ବଡ଼ । ବାପା ବିପ୍ଳବରେ ବିଶ୍ୱାସ କରୁନଥିଲେ, ଖବର-କାଗଜରେ ଆମ ଦଳର କାର୍ଯ୍ୟକଳାପ ଦେଖି ରାଗି ଦାନ୍ତ କଡ଼ମଡ଼ କରୁଥିଲେ । କହୁଥିଲେ—ହ୍ୟାପ୍, କେଇଟା ଅଜାତିଆ ଖଚଡ଼ା ଟୋକା ଭାବିଛନ୍ତି ଏଇଥିରେ ସରକାରକୁ ଡରେଇ ଦେବେ, ପୃଥିବୀକୁ ଓଲଟେଇ ପକେଇବେ ! ଶଳାଙ୍କୁ ନିର୍ମୂଳ ନକଲେ ଦେଶର ମଙ୍ଗଳ ନାହିଁ । ସେଇଠୁ ମୋ ଆଡ଼କୁ ତର୍ଜନୀ ଦେଖାଇ କହୁଥିଲେ—ହୁସିଆର୍, ତୁ ସେମାନଙ୍କ ପାଖ ମାଡ଼ିବୁ ନାହିଁଟି ! ଭୁଲିବୁ ନାହିଁ ତୁ କାହା ପୁଅ, କାହା ନାତି···ଇତ୍ୟାଦି ।

ବାପା ବଞ୍ଚିଥିଲାବେଳେ ମୁଁ ତାଙ୍କ କଥା ମାନି ନାହିଁ । ବାପା ମରିଗଲାପରେ ତାଙ୍କ ସ୍ମୃତିକୁ ସମ୍ମାନ ଦେବା ଛଳରେ ମୁଁ ମୋ ଜୀବନର ଆଦର୍ଶ, ଆଭିମୁଖ୍ୟ ଭୁଲିଯିବି ? ଏହା କେବେହେଲେ ସମ୍ଭବ ହୋଇପାରେ ? ମୁଁ କଅଣ ଏଭଳି ଗୋଟିଏ ଭାବତରଳ ବୁର୍ଜୁଆ ?

ଅସମ୍ଭବ । ଭାଇନା ସେମିତି ଭାବିନଥିବ । ଯଦି ଭାବିଥିବ ତାହାହେଲେ ମୁଁ କହିବି ଯେ ସେ······ ମନୁ ସାହସ କରି ଛାଣ୍ଡେଇ ଦେଇ ପାରିଲା ନାହିଁ; କିନ୍ତୁ ସେ କ୍ରୋଧରେ ଜେଗ୍ କରି ବସିଲା—ତାହାହେଲେ କଣ କହିବାକୁ ଚାହୁଁ ଯେ ଦି'ପହର ଖରାବେଳେ ସରବତ୍ ପିଇବା ବୁର୍ଜୁଆର ଲକ୍ଷଣ ? କୁଞ୍ଜବନର ଛାଇତଳେ ବସିବା ବୁର୍ଜୁଆର ବିଳାସ ? ଛାଇତଳୁ ଗୋଟିଏ ରଙ୍ଗବେରଙ୍ଗ ଜୁନି ଚଢ଼େଇର ଚଞ୍ଚୁକୁ, ଚଞ୍ଚୁର ଚୁଁ ଚୁଁ ଖେଳକୁ ନିରେଖିବା ବୁର୍ଜୁଆଗତ ରୋମାଣ୍ଟିକବାଦ ?

ତାହାହେଲେ କହୁନା ଯେ ମୋର ଭଉଣୀ ହେଉ ପଛେ, କୋମଳାଙ୍ଗୀ ଗୋଟିଏ ଯୁବତୀ ନାରୀ ପାଖରେ ବସି ମନକଥା କୁହାକୁହି ହେବା, ହୃଦୟ-ହୃଦୟ ଛୁଆଁ ଛୁଇଁ ହେବା ଅନୁଚିତ ? ବୁର୍ଜୁଆ ତ ବିକୃତି ?

ମନୁ ଭାଇନାର ଅଥବା ସେମାନଙ୍କର ମନୋଭାବ ପ୍ରତି ବିଦ୍ରୂପର ହସଟିଏ ଛାଡ଼ିଦେଇ ମୀନାର ହାତ ପାପୁଲିକୁ ଚାପି ଧରିଲା । ସେମାନେ ଆମକୁ ବୁଝି ପାରିବେ ନାହିଁ । ଆମ ଚେତନାକୁ, ସୁନ୍ଦରପଣକୁ ଠଉରେଇ ପାରିବେନାହିଁ ।

ମୀନା ଗ୍ରହଣ କଲା । ସମ୍ବେଦନା । ମୋ ନିଜ ଲୋକ ମନୁ ଭାଇ···ଯେ ମୋତେ ପିଲାଦିନୁ ଜାଣେ, ମୋର ସୁଖ ଦୁଃଖର ଭାଗମାପ ସୀମାସରହଦ ସବୁ ଜାଣିପାରେ । ମୁଁ ମଧ୍ୟ ତାକୁ ଜାଣେ । ତା'ର ଛଟପଟର ଛବି ମୋତେ ଜଳଜଳ ହୋଇ ଦିଶିଯାଉଛି । କରୁଣାସ୍ନିତ ଚାହାଣୀରେ ମୀନା ମନ ମନୁ ଆଡ଼କୁ ଚାହିଁଲା ।

ହାତରୁ ହାତ ଖସିଆସିଲା ପରେ ମୀନା ଘାସ ଫୁଲଟିଏ ଛାଣ୍ଡେଇ ମନୁ ହାତକୁ ଦେଲା । ପାହାଡ଼ ପରି ଦୁଃଖର କଡ଼ରେ ଘାସଫୁଲଟିର ନଉନ ଅନୁରାଗ—ଆସ୍ପର୍ଦ୍ଧାକୁ

Digitized by srujanika@gmail.com

ଦେଖି ଦୁହିଁଙ୍କୁ ଦୁହେଁ ହସିଉଠିଲେ । ଖୁସି ହେଲା ପରି ହସିଉଠିଲେ ।

ନବେନ୍ଦୁ କଣ କରୁଥିବ ଏଇକ୍ଷଣି ? ତାର ନୂତନତମ ମାନସୀ ଦେବୀଙ୍କର ନାକ ଆଖି ଯୋଡୁଥିବ ? ଏଥର କଣ ଦେବୀମୂର୍ତ୍ତି ଅଲ୍ପ ବହୁତ ତାର ଶକ୍ତିମୟୀ ମାଆଙ୍କ ପରି ଦେଖାଯାଉଥିବେ ? ମୀନା ମନେପକାଇଲା ।

ବିଚରା ! ମୋତେ ଛାଡ଼ିଲାବେଳେ ତା' କଣ୍ଠ ଶୋକରେ ରୁନ୍ଧହୋଇଯାଉଥାଏ । ମୁହଁ ସଞ୍ଜରେ ଲାଇବ୍ରେରୀ ହତାର ଗୋଟିଏ କୋଣରେ ଥିବା ଜଣେ ଦାତାଙ୍କର ପଥର ଦେହକୁ ଧରି, ସାକ୍ଷୀକରିପରି କହିଲା—ମୀନା, ମୋତେ କ୍ଷମାକର । ମୋତେ ଭୁଲିଯାଅ । ମୋ ମାଆ ସାଙ୍ଗରେ ତୁମେ ମିଶିପାରିବନାହିଁ । ମିଶିଲେ ମଧ୍ୟ ଭଲ ଦିଶିବନାହିଁ । ଖୋଲା କାଠନିଆଁ ଆଉ ନିଅନ୍ ଆଲୁଅ···ନା, ମୀନା, ମୁଁ ତୁମକୁ ଅସୁଖୀ କରିପାରିବିନାହିଁ ।

ମୁଁ ଭାଙ୍ଗିପଡ଼ିଲି । କିଛି ଉତ୍ତର ଦେଇପାରିଲିନାହିଁ । ନବେନ୍ଦୁ, ତୁମର ବୁଝିବା ଭୁଲ୍, ତୁମ ମାଆଙ୍କ ଆଲୁଅରେ ମୋ ଆଲୁଅ ମିଶିଯାଉ, କିଛି କ୍ଷତି ନାହିଁ ବୋଲି କହି ପାରିଲିନାହିଁ । କାହିଁକି ଏମିତି ଭାବିଲ ବୋଲି ପଚାରିପାରିଲି ନାହିଁ ।

ନବେନ୍ଦୁର ଛାତିରେ ମୁହଁ ଗୁଞ୍ଜି ନାହିଁ ନାହିଁ ନାହିଁ ଏମିତି ହୋଇପାରିବ ନାହିଁ ବୋଲି ଚିତ୍କାରିଥିଲେ କଣ ହୋଇଥାଆନ୍ତା ? ସେଇ ମସ୍ୱୀସ୍ୱିନୀ ନାରୀ କଅଣ ତାହାହେଲେ ମୋ ଜୀବନରେ ଆସିଥାଆନ୍ତେ ଏବଂ କେଉଁ ଏକ ମିଳନ ରଜନୀର ପାହାନ୍ତାରେ ସ୍ନେହ-ବିଗଳିତ ଚିତ୍କାର ଛାଡ଼ି ମୋତେ କୁହନ୍ତେ ମୀନା, ତୁ ସେଇ ଟାବ୍‌ଲେଟ୍ ମନେକରି ସବୁଦିନେ ଖାଉଛୁ ତ ? ନହେଲେ ମୁଁ ତୋତେ ତୋର ସ୍ତନଦୁଧ ସାଙ୍ଗରେ ମିଶେଇକରି ଦେବି···ଉଣେଇଶଶହ ଚଉରାଶୀପରେ ଭାରତର ଜନସଂଖ୍ୟା କେତେ ହେବ ଜାଣିଛୁ ? (ହୋ-ହୋ) ।

ସେଥିପାଇଁ ନୁହେଁ, କଥା ହେଉଛି ଯେ ମୋର ତ କିଛି ଆତ୍ମସମ୍ମାନ ଅଛି । ମୋର ଭଉଣୀ ରୀନା, ମନୁଭାଇଙ୍କ ଭଉଣୀ ନୀଲୁଅପା, ଏଇ ପରିସ୍ଥିତିରେ କଅଣ କରିଥାଆନ୍ତେ ? ନା, ଯାହା ହେବାର ହୋଇଯାଇଛି । ମୁଁ ଭୁଲ କରିନାହିଁ । ମୀନା ସର୍ବଂସହା ଗରବିଣୀ ପୃଥିବୀ ପରି ଦୀର୍ଘନିଃଶ୍ୱାସ ଛାଡ଼ିଲା । ଦେଖିଲା କୁଞ୍ଜବନରେ ଛାଇ ବଢ଼ିଲାଣି । ଆଉ ଗୋଟିଏ ଯୋଡ଼ି ସହଳ ସହଳ ଆସିଗଲେଣି, ପଡିର ମଡ଼ ମଡ଼ କରି ଭିତରକୁ ମାଡ଼ିଗଲିଛନ୍ତି ।

ମନୁ ତା'ର ବିପ୍ଳବ ଗୁରୁକୁ ତଥାପି ଜେରା କରିଚାଲିଥାଏ—ଯେତେ ଯେପରି ସଞ୍ଜ ବୁଡ଼ିବା ଆଗରୁ ଫଇସଲା ହୋଇଯିବା ଉଚିତ । ହୋଇପାରେ ସେ ମହାନେତା, ଦୁର୍ଜ୍ଜୟ ଦ୍ରୋଣାଚାର୍ଯ୍ୟ; କିନ୍ତୁ ତାକୁ ମାନିବାକୁ ପଡ଼ିବ ଯେ ଏକଲବ୍ୟ ନୀଚ ନୁହେଁ ।

ବାପା ମରିବା ପରେ ଘରୁ ଫେରିଆସି ମୁଁ ପ୍ରତ୍ୟେକ ଆଡ୍‌ଡ଼ା, ମିଟିଙ୍ଗ ଓ ଗୋପନ କାର୍ଯ୍ୟ ସାଧନ କମିଟିର ବୈଠକରେ ଯୋଗଦେଇଛି । ଆପଣା ମତାମତ ଦେଇଛି । ନିଷ୍ପତ୍ତି ହୋଇଗଲାପରେ ଉପଯୁକ୍ତ ଦାୟିତ୍ୱ ନେବାପାଇଁ ଆଗଭର ହୋଇଛି ! କେଉଁଥିରେ ପଛଘୁଞ୍ଚା ଦେଇନାହିଁ; କିନ୍ତୁ ସବୁବେଳେ ମୋର ସନ୍ଦେହ ହୋଇଛି ଯେ ଭାଇନା ମୋର

Digitized by srujanika@gmail.com

ପ୍ରତି ଗତିବିଧି ଲକ୍ଷ୍ୟ କରୁଛି, ମୋର ବିପ୍ଳବୀ ଆତ୍ମା ପ୍ରକୃତିରେ କେତିକି ଡିଟକା, ନାଲି ଅଛି କି ନାହିଁ ବୋଲି ଦେଖୁଛି ।

ମୁଁ ତାକୁ ସ୍ପଷ୍ଟଭାବେ କହୁଛି ଯେ ମୋର ସିଦ୍ଧାନ୍ତ ଅପରିବର୍ତ୍ତନୀୟ । ପରିବାର ଦରିଦ୍ର ହୋଇଯାଇଛି, ହେଉ । ମା'ଆର ଆଖିରୁ ଲୁହ ଶୁଖୁନାହିଁ, ନ ଶୁଖୁ । ଏମ୍. ଏ. ପଢ଼ିବା ନହେଲା ନାହିଁ । ମୁଁ ବିପ୍ଳବକୁ ଛାଡ଼ିବି ନାହିଁ ।

ସେ ଯଦି ମୋତେ କୌଣସି ଦୋଷତ୍ରୁଟି ଦେଖାଇ ଦଳରୁ ନିକାଳି ଦେଇଥାଆନ୍ତା ତାହାହେଲେ ମୁଁ ବୁଝିଥାଆନ୍ତି, କିମ୍ବା ଯଦି ମୋ ଆଖିରେ ଆଖି ରଖି କହିଥାଆନ୍ତା— ମନୋରଞ୍ଜନ, ତୁମ ଖୁଣ୍ଟ କ୍ଷୁଣ୍ଣ ହୋଇ ଯାଇଛି—ଯତ ନା ମିଛ ? ବିଦ୍ରୋହର କାରଣ ତୁଟିଯାଇଛି ସତ ନା ମିଛ ? ବାପାଙ୍କ ପୁଅ ସ୍ୱପ୍ନରୁ ଉଠି ଆଖି ମଳମଳ ଦେଖୁଛି ଯେ ଏଇ ଝିଅନା ଆଉ ତାର ଲୋକମାନେ ଭିନ୍ନ ସଂସାରର ଜୀବ···ତାହାହେଲେ ମୁଁ ଠିକଣା ଉତ୍ତର ଦେଇଥାନ୍ତି । କିନ୍ତୁ ସେ କିଛି ପଚାରିଲାନାହିଁ । ବୈଠକ ସରିଲା ପରେ ଏକୁଟିଆ ପାଇ କେବଳ ପଦୁଟିଏ କହିଲା—ମନୋରଞ୍ଜନ, ତୁମେ ନିଜକୁ ଆଉ କଷ୍ଟ ଦିଅନାହିଁ, ବୁଝିଲ ! ଗୁଡ୍‌ନାଇଟ୍ !

ଗୁଡ୍‌ନାଇଟ୍ ! ଠିକ୍ ଅଛି । ମୋର କଣ କିଛି ଆତ୍ମସମ୍ମାନ ନାହିଁ ?

ଝିଅନା, ମୁଁ ତୁମକୁ ଉତ୍ତର ଦେବି । ଦିନେହେଲେ ଠିକଣା ଉତ୍ତର ଦେବି । କହିବି ଯେ ମୁଁ ବିପ୍ଳବୀ ହେଲେ ହେବି ନହେଲେ ନହେବି; କିନ୍ତୁ ତୁମେ ମୋ ବାପାଙ୍କ ପରି ନୁହ । ତୁମେ ବାପାଙ୍କ ପରି ଚିଡ଼ିପାରିବନାହିଁ । ଅବାଧ୍ୟ ପୁଅକୁ ଚଟିରେ ପିଟିପିଟି ଶୁଆଇଦେଇପାରିବନାହିଁ । ପିଟି ସାରିଲା ପରେ ଆଖି ଛଳ ଛଳ କରି ଗେହ୍ଲାକରି ପାରିବ-ନାହିଁ । ବୋମାଫିଙ୍ଗାଳି ଟୋକାମାନଙ୍କୁ ଅକଥ୍ୟ ଭାଷାରେ ଗାଳିଦେଲେ ମଧ୍ୟ ଭାରତ ଚୀନ ଯୁଦ୍ଧବେଳେ ଦେଶପାଇଁ ସୁନାଗହଣା ସଁପି ଦେଇ ପାରିବନାହିଁ । ବଜାର ଯାଇରେ ଏଣୁତେଣୁ ମାଲ୍ କିଣି ଆସିଲେ ମଧ୍ୟ ପରଶୀତାକୁ ଯୁଆଗରେ ପୋଡ଼ିଦେଇ ପାରିବ ନାହିଁ । ସାମନ୍ତ-ସେନାପତିପଣର ଶେଷ କଥା, ଶେଷ ମାଧୁରୀ ତୁମ ମୁଣ୍ଡରେ ପଶିବନାହିଁ ।

ତୁମ ବିପ୍ଳବରେ ହିଂସା ନାହିଁ, ପ୍ରେମ ନାହିଁ, ପ୍ରାଣ ନାହିଁ, ରଙ୍ଗ ନାହିଁ ।

ତୁମେ ଆମ ବାପାମାନଙ୍କ ପରି ହୋଇପାରିବ ନାହିଁ ।

ଝିଅନା, ମୁଁ ହାରିଯାଇନାହିଁ । ଏଇ ମୋର ଗୋଲବସର ସୁନାନାଖୀ ଭଉଣୀଟି, ତାକୁ ତାର ମେରୁଦଣ୍ଡବିହୀନ ପ୍ରେମିକ ଛାଡ଼ିଦେଇଛି ବୋଲି ତାର ଜୀବନ କଣ ଅକାମି ହୋଇଯିବ ନା ମୋର ଆଦର୍ଶ ମାଟିହୋଇଯିବ ?

ସେଇଠୁଁ ମନୁ ଯାହା କଲା ସେଥିପାଇଁ ସେ ନିଜେ ପ୍ରସ୍ତୁତ ହୋଇନଥିଲା । ବୋଧହୁଏ ଅସହାୟତାରୁ କ୍ରୋଧ ବଳିପଡ଼ିଲା, କିମ୍ବା ସେ ଝିଅନା-ବିରୋଧୀ ବେପରୁଆପଣର ନମୁନା ଦେଖାଇବାକୁ ଚାହିଁଲା—ଏଇ ଦେଖ, ମୁଁ ଆଉ ମୋ ଭଉଣୀ ମୀନା—ଆମେ ବଞ୍ଚିବୁ ।

Digitized by srujanika@gmail.com

ସେ ମୀନାକୁ ଟାଣିଆଣି ତା'ର ଓଠରେ ଚୁମାଟିଏ ଦେଲା ।

ମୁଁ କହୁନଥିଲି ? ଘଟଣାରେ କିଛି ନାହିଁ । ଭାଇ ଭଉଣୀ ଲାଜରେ ସଢ଼ିଗଲେ, ଫେରନ୍ତା ବାଟରେ ପରସ୍ପରକୁ ପଦେ କଥା କହିପାରିଲେ ନାହିଁ । ଅନେକ ଦିନ ପର୍ଯ୍ୟନ୍ତ ଦେଖାସାକ୍ଷାତ ମଧ୍ୟ କରିବାକୁ ଚାହିଁଲେନାହିଁ ।

ଯାହାହେଉ ଯଥାକ୍ରମେ ମନୁ ଗଣତାନ୍ତ୍ରିକ ଯୁବସାମ୍ମୁଖ୍ୟ ବୋଲି ଗୋଟିଏ ପ୍ରଗତି-ଶୀଳ ସଂସ୍ଥାରେ ନିଜକୁ ନିୟୋଜିତ କଲା ଏବଂ ମୀନାକୁ ରଙ୍ଗନାଥ ପାଣ୍ଡେ ନାମକ ଜଣେ ଖେଳୁଆଡ଼ ଭଲପାଇଲା । ମୀନା ସେମାନଙ୍କ ଡ୍ରଇଂରୁମ୍‌ରେ ବସି ରଙ୍ଗନାଥର ମା' ମୃଦୁଭାଷିଣୀ ମିସେସ୍ ପାଣ୍ଡେଙ୍କ ସହିତ ସିଲେଇ, ରନ୍ଧା, ସଂସ୍କୃତିର ଆନନ୍ଦ ଅନୁଭବ କଲା । କେବଳ ତାଙ୍କର ଦେହଦଶା ବିରାଟ ଆଲସେସିଆନ୍ କୁକୁରର ଗନ୍ଧ ସହିପାରିଲାନାହିଁ··· କିନ୍ତୁ ତାର ବିଶ୍ୱାସ ଯେ କ୍ରମଶଃ ଗନ୍ଧ ବଦଳିଯିବ ।

□ □ □

Digitized by srujanika@gmail.com

ନାଲିଗୁଲୁଗୁଲୁ ସାଧବବୋହୂ

ଗୀତା ସକାଳୁ ଉଠି ବଂଶୀଭାଇଙ୍କର ପ୍ରଶସ୍ତ ଘାସପଡ଼ିଆ ବନାମ ଲନ୍‌ରେ ବୁଲୁଥିଲା । ଭାଇ ଭାଉଜ ଏପର୍ଯ୍ୟନ୍ତ ଉଠିନାହାନ୍ତି । ସେମାନେ ଡେରିରେ ଉଠନ୍ତି । ବୋଧହୁଏ ସେମାନଙ୍କର ଏହି ଅଭ୍ୟାସ ଜାଣିଲାଦିନଠାରୁ ଗୀତାର ନିଦ ମହଲ ମହଲ ଭାଙ୍ଗିଯାଉଛି ଏବଂ ସେ ବଡ଼ସକାଳୁ କାହାକୁ ନ କହି ରବର ଚଟି ପାଦରେ ଗଳାଇ ପଦାକୁ ବାହାରି ଆସୁଛି । ଲନ୍‌ର ଏମୁଣ୍ଡରୁ ସେମୁଣ୍ଡ ଦାଣ୍ଡ ଫାଟକରୁ ବାରଫାଟକ ଯାଏ ଘୂରି ବୁଲୁଛି । ଫାଟକର ଦେହରେ ଆଉଜି ସକାଳକୁ ଦେଖୁଛି । ଫାଟକ ଖୋଲିବ ନାହିଁ ସିନା, ଛୁଇଁଲେ କ୍ଷତି କଅଣ ? ପୁଣି ଗୁଣୁଗୁଣୁ ହୋଇ ଗୀତ ବୋଲୁଛି ।

ଆଜି ସେ ଗୋଟିଏ ନୂଆ ଆନନ୍ଦର ଆବିଷ୍କାର କଲା ···ସାଧବବୋହୂ ପୋକ ! ଘାସରେ ନାଲିରଙ୍ଗ ଛୁଞ୍ଚି ଲୁଚି ଲୁଚି ଧାଇଁଛନ୍ତି । ଓଃ ! ଭାରି ଖାର, ସତେ ଯେମିତି ତାଙ୍କୁ କେହି ଧରିପାରିବେ ନାହିଁ । ଗୀତା ଗୋଟିକୁ ଉଠେଇଆଣିଲା । ତା ପରେ ଆଉ ଗୋଟିଏ, ତାପରେ ଆଉ ଗୋଟିଏ । ଏମିତି କେତେଗୁଡ଼ିଏ ପାଇଲା ପରେ ସେ ଦେଖିଲା ଯେ ହାତରେ ଜାଗା ହେଉନାହିଁ, କାନିରେ ବାନ୍ଧିବାକୁ ପଡ଼ିବ । ସେଇଠୁ ସେ କାନିପାରିଦେଇ ପ୍ରାଣୀଗୁଡ଼ିକୁ ସଜାଡ଼ିଲା । ଥରି ଥରି କରି ଗଣ୍ଠି ପକାଇଲା ଓ ଭଗବାନଙ୍କୁ ଡାକିଲା ଯେ ସେମାନେ ବଞ୍ଚିରହନ୍ତୁ ।

ଏହି ଆବେଗଭରା ଉଠାପଡ଼ା, କାନିଫିଟା ଓ କାନିବନ୍ଧାର କ୍ରିୟାପ୍ରକ୍ରିୟାରେ ତା'ର ଶାଢ଼ି କଅଁଳି ହୁଗୁଳିଗଲା । ଫଳରେ ଖୋଲା ପିଠିର ଚେନାଏ ପଦାକୁ ଦିଶିଲା ।

ଗୀତା ଜାଣିପାରିଲା ନାହିଁ । ପ୍ରକୃତରେ ସକାଳର ଏହି ସମୟଟିକ ବଡ଼ ବିପଜ୍ଜନକ । ଏତିକିବେଳେ ଯେତେକ ଦୁର୍ଘଟଣା ଘଟେ । କାରଣ ସେ ଭୁଲିଯାଏ ଯେ ତାକୁ ଆସି ଷୋଳ ବର୍ଷ ହେଲାଣି, ଷୋଳ ପୂରି ସତର । ଭୁଲିଯାଏ ଯେ ସେ ନିଜ ସହର ଓ ନିଜ ଲୋକଙ୍କ ଗହଣକୁ ଫେରିଆସିଛି । ଏଠି ଏଣୁତେଣୁ ଅଜାଡ଼ିଆ ପିଲାଙ୍କ ପରି ଖେଳିବା ବୁଲିବା ଉଚିତ ନୁହେଁ । ଗ୍ରେଟ ସହରର ପ୍ରଭାବରେ ପ୍ରକୃତିର କାରବାର ତାକୁ ନୂଆ ଦେଖିଲା ପରି ଲାଗେ ଓ ତା'ର ପ୍ରବଣତା ଦଗବାଦଗ ଅମୁହାଁ ଧାଇଁଯାଏ । ଏଇ ଚଢ଼େଇ ଧନଟା ଗୋଟିକ ପରେ ଗୋଟିଏ ଗଛଉପରେ ବସିଲେ । ଚଞ୍ଚୁ ଖୋଲିଲେ । କେଁ କାଁ ହେଲେ, ଖୁମ୍ପାଖୁମ୍ପିହେଲେ, ତା'ପରେ ଉଡ଼ିଗଲେ । କାହିଁକି ? ମୁଁ ଯଦି ଚତୁର୍ଥ ଚଢେଇ ହୋଇ ସେଠି ବସନ୍ତି, ତାଙ୍କୁ କେତେ ବୁଦ୍ଧି ବତେଇ ଦିଅନ୍ତି, କେତେ ନୂଆ ଖେଳ ଶିଖେଇ ଦିଅନ୍ତି ।······ଥାଇ ଥାଇ ଶୁଭୁଛି—ଟୁବ୍, ଟୁବ୍ ଟୁବ୍ । ବାଡ଼ିପଟ କେଉଟସାହି ପୋଖରୀରେ ଟେକା ପଡ଼ୁଛି । ମୋତେ ଛାଡ଼ିଦେଲେ ମୁଁ ବ' ଟେକା ପକାନ୍ତି ।

Digitized by srujanika@gmail.com

ଝୁବ୍ ଝୁବ୍ ଗମ୍ଭୀରକୁ, ଆହୁରି ଗମ୍ଭୀରକୁ । ଗମ୍ଭୀରରେ ବଟବଟ କାଦୁଅ । ଶୀତଳ କାଦୁଅ ମାଛମାନେ ତା'ରି ଭିତରେ ଖସ୍‌ଖାସ୍ ହୁଅନ୍ତି । ମୋତେ କହିଲେ ମୁଁ ତାଙ୍କ ସଙ୍ଗରେ ଫୁସ୍‌ଫାସ ହୁଅନ୍ତି ।···ସିର ସିର ସିର, ଝର୍ ଝର୍ ଝର୍—ନଈଆଗଛର ପତ୍ର ଉପରେ ଏ ପାଖକୁ ଚାଲୁଛି, ତା'ପରେ ସେ ପାଖକୁ । ଅମାନିଆ ଚଗଲା ପିଲାଗୁଡ଼ାକ । ମୁଁ ଯଦି ତାଙ୍କ ମାଆ ହୋଇଥାନ୍ତି···

ମନର ଏହି ଅବସ୍ଥାରେ ଦୁର୍ଘଟଣା ଘଟିବ ନାହିଁ କେମିତି ? ଥରେ ସେ ମହିମାଉସୀଙ୍କ ଘରେ ଝରାଫୁଲ ଓ ଶିଉଳି ମଝିରେ କଚଡ଼ାଏ ଖାଇଲା, ଆଉ ଥରେ ସେ ନେତ ଶାଇଠାରୁ ନାଡେ ଖାଇଲା, ଶାଢ଼ିରୁ ଫାଳେ ଚିରିଗଲା । ଗୃହକର୍ତ୍ତାଙ୍କର ସାହିପଡ଼ିଶା ସମସ୍ତେ ଶୁଣିଲେ, ମୁରୁକି ମୁରୁକି ହସିଲେ ଓ କୁହାକୁହି ହେଲେ । ଯିଏ ସେ କ୍ଷଣକ ପାଇଁ ଗଉଡୁଣୀ ଝିଅ ବୁଧୀର ହାତ ଧରିପକାଇ ଥେଇ ଥେଇ ହୋଇ ନାଚିଥିଲା, ଏମିତି ମଧ୍ୟ ଶୁଣାଯାଏ ।

ତେଣୁ ଆଜି ସକାଳେ ଯାହା ଘଟିଲା, ଅଭିନବ ସାଧବବୋହୂଜନିତ ଉତ୍ସାହରେ ଶାଢ଼ି ଖସିଯାଇ ପିଠିରୁ ଟିକିଏ ଦେଖାଗଲା, ସେଥିରେ ଗୀତାର ହାତ ନ ଥିଲା । ତାକୁ ବାଲୁତ ସକାଳର ଦୋଷ ବୋଲି କହିବାକୁ ହେବ ।

ସାଧବବୋହୂ ତୋଳିବା ପର୍ବ ସହଜେ ସରିଲା ନାହିଁ । କାନର ଗଣ୍ଠିକୁ ବାରମ୍ବାର ଖୋଲି ବାନ୍ଧିବାକୁ ପଡ଼ିଲା । ପାଟପିନ୍ଧା ସୁନ୍ଦରୀମାନେ ଏତେ ବୁଲୁଛନ୍ତି, ଚଢ଼ୁ'ଛନ୍ତି ଗୁଡ଼ୁରୁ ହେଉଛନ୍ତି, ତାଙ୍କୁ ମନଇଚ୍ଛା ଧରିଆଣିବାର ଲୋଭ ସହଜେ ତୁଟିଲା ନାହିଁ ।

ଖେଳ୍ କଟିଗଲା ପରେ ସେ ଫେରିଆସିଲା । ବଢ଼ିଲା ଆଲୁଅର ତେଜରେ ପିଠିର ଅନାବୃତ ଅଂଶଟି ପରିସ୍ଫୁଟ ହେଉଥିଲା ।

ସବୁଦିନ ପରି ଗୀତାର ବଇଁଶୀଭାଇ ଦାଣ୍ଡପିଣ୍ଡାରେ ଗୋଟିଏ ବେତ ଚଉକିରେ ବସି ଶୂନ୍ୟକୁ ଚାହିଁଥିଲେ ଓ ସିଗାରେଟ୍ ଫୁଙ୍କୁଥିଲେ । ଭାଉଜବୋହୂ ପାଖରେ ଛିଡ଼ାହୋଇ କେବଳ ଶୂନ୍ୟକୁ ଚାହିଁଥିଲେ । ଦୁହିଁଙ୍କ ଦୃଷ୍ଟିଭଙ୍ଗୀ ସମାନ; କିନ୍ତୁ ଦୃଷ୍ଟିଗୁଣରେ ଯଥେଷ୍ଟ ପାର୍ଥକ୍ୟ ଥିଲା । ବଂଶୀଧରବାବୁଙ୍କ ଚାହାଣୀରୁ ମନେହେଉଥିଲା ଯେ ସେ ପୃଥିବୀକୁ ଦେଖୁଛନ୍ତି, ପୂରାପୂରି ଦେଖିପାରୁ ନାହାନ୍ତି ଓ ସେଇଥିପାଇଁ ଚିଡ଼ୁଛନ୍ତି । ଚିଡୁଛନ୍ତି ଓ ବିରକ୍ତିକୁ ଦବାଇବାକୁ ଯାଇ ସିଗାରେଟ୍‌ରେ ଟାଣ ଦେଉଛନ୍ତି । ତାଙ୍କ ବୟସ ତିରିଶ । ତାଙ୍କ ସ୍ତ୍ରୀ ସୁଖଲତା ଦେବୀଙ୍କର ଚାହାଣୀରୁ ଜଣାପଡ଼ୁଥିଲା ଯେ ସେ ପୃଥିବୀକୁ ପରୀକ୍ଷା କରୁଛନ୍ତି । ଏଇ ଗୋଟାଏ ରାତି ଭିତରେ କଣ ଅଦଳବଦଳ ହାନିଲାଭ ହୋଇଗଲା, ତାର ହିସାବ ମାଗୁଛନ୍ତି । ଉଚିତ ହିସାବ ନ ପାଇ ଭୂରୁ କୁଞ୍ଚାଉଛନ୍ତି । ତାଙ୍କ ବୟସ ପଇଁତିରିଶ ।

ଗୀତାକୁ ପାଖେଇ ଆସିବାର ଦେଖି ଦୁହିଁଙ୍କୁ ଦୁହେଁ ସଜାଗ ହୋଇଉଠିଲେ । ଦୁହିଁଙ୍କ ଓଠରେ ସ୍ମିତହାସ୍ୟ ଫୁଟିଉଠିଲା, ବିରକ୍ତି ଅଥବା ଅସନ୍ତୋଷ ମିଳେଇଗଲା ପରି ଦିଶିଲା । ବଂଶୀଧରବାବୁ ପ୍ରଥମେ ପଚାରିଲେ, "କିଲୋ, ଏତେବେଳଯାଏ କୁଆଡ଼େ ବୁଲୁଥିଲୁ ?"

Digitized by srujanika@gmail.com

ଗୀତା ତରବର ହୋଇ ତା କାନର ଗଣ୍ଠି ଖୋଲିଦେଲା ଓ କହିଗ୍ଲଲା—"ଜାଣିଛ ? ଜାଣିଛ ? ମୁଁ ଆଜି କେ-ତେ ସାଧବବୋହୂ ଧରିଛି··· । ତାଙ୍କୁ ମୁଁ ନିଜ ପାଖରେ ରଖିବି, କାଠଡ଼ିବା ଭିତରେ । ଦେଖ, ଦେଖ, ନାଲି ଗୁଲୁଗୁଲୁ ସାଧବବୋହୂ ! ହାତମାରି ଦେଖିଲି, ତାଙ୍କ ଦେହ କେତେ ନରମ । ଇସ୍ !···ଆଚ୍ଛା, ତାଙ୍କୁ କ'ଣ ଖାଇବାକୁ ଦେବା ? ଡବାରେ ଘାସ ଭର୍ତ୍ତି କରିଦେଲେ ଖାଇବେ ତ ?" ତା'ପରେ ସେ ନଇଁପଡ଼ି ଟେବୁଲ ଉପରେ ଖୋଲାଇ ହୋଇଯାଇଥିବା ନାଲି ପୋକମାନଙ୍କୁ ଧ୍ୟାନର ସହିତ ଦେଖିଲା । ନିଜକୁ ବିଶ୍ୱାସ ଯୋଗାଇଲା ଯେ ସେମାନେ ବଞ୍ଚିବେ, ନିଶ୍ଚୟ ବଞ୍ଚିବେ ।

ଇତିମଧ୍ୟରେ ଭୁଜଙ୍ଗବୋହୂ କେତେ ଥର ତା'ଆଡ଼କୁ ଆଖିମିଟିକା ମାରିଲେଣି, ଆଖିରୁ ମିଚ୍ଛିମିଚ୍ଛିକା ଷ୍ଫୁଲିଙ୍ଗ ବାହାରକଲେଣି ଓ ନିଷେଧଭାବରେ ମୁଣ୍ଡ ହଲାଇଲେଣି, ଗୀତା ସେଥିରୁ କିଛି ବୁଝିଲାନାହିଁ । ସୁଖଲତା ଦେବୀ ଆଉ ପାରିଲେନାହିଁ । ସେ ତା' ପାଖକୁ ଗ୍ଲଲିଯାଇ ଓଠ ପାକୁପାକୁ କଲେ । ତଥାପି ଗୀତାର ସାଧବବୋହୂଗତ ଚେତନା ଚଙ୍କିବାକୁ ନାରାଜ । ସେ ଭାବିଲା ଭୁଜଙ୍ଗ ବୋହୂ ଏହି ପ୍ରାଣୀଗୁଡ଼ିକ ବିଷୟରେ କିଛି ମଧୁର ମନ୍ତବ୍ୟ ଦେଲେ—ଭାଇଙ୍କର ଶୁଣିବା କଥା ନୁହେଁ ।

ସୁଖଲତା ଦେବୀ ପୁଣି ଥରେ କହିଲେ । ଏଥର ସେ ସ୍ୱରକୁ ସାମାନ୍ୟ ଉଚ୍ଚେଇ କରି କହିଲେ । ସେହିଠୁ ଗୀତା ଶୁଣିଲା ଓ ବୁଝିଲା । ଚକିତ ଚ୍ହାଣିରେ ଭୁଜଙ୍ଗବୋହୂଙ୍କ ଆଡ଼କୁ ମୁହୂର୍ତ୍ତେ ଚ୍ହିଁଲା ଓ 'ମୁଁ ଆସୁଛି' ବୋଲି କହି ସାଧବବୋହୂମାନଙ୍କୁ କୌଣସି ମତେ ଗୋଟେଇନେଇ ଘର ଭିତରକୁ ପଳେଇଗଲା ।

···ଭୁଜଙ୍ଗବୋହୂ କହିଲେ—ତମ ଦେହ ଦିଶୁଛି ମ ! ସେ ଏମିତି କାହିଁକି କହିଲେ ? ମୁଁ ଗୁନିଆ ହୋଇ ଦେଖିଲାବେଳକୁ କ'ଣ ନା ପିଠିରୁ ଟିକିଏ ଲୁଗା ଖସି ଯାଇଛି । ଏମିତି କ'ଣ ଟିକିଏ ଖସିଯାଏ ନାହିଁ ?

ଆଜି ନୂଆ ନୁହେଁ । ଗୀତା ଭାବିଲା ଓ ଆଶ୍ଚର୍ଯ୍ୟ ହେଲା ଏବଂ ମନେ ମନେ ତା'ର ଅଙ୍ଗପ୍ରତ୍ୟଙ୍ଗକୁ ସବୁ ଚଟକଣି ମାରି ଖୁସିହେଲା ।

ଦର୍ପଣ ଆଗରେ ଛିଡ଼ାହୋଇ ସେ ତା'ର କେଶରାଶିକୁ ଖୋଲିଦେଲା ଓ କେତୋଟିଏ ହାତରେ ନେଇ ଥୁ ଥୁ କଲା । ଭୁଜଙ୍ଗବୋହୂ ଏମିତି କରନ୍ତି । କହନ୍ତି ନଜର ଲାଗିଯିବ । କିନ୍ତୁ ମୁଁ କଣ କରିବି ? ଏତେ ଗହଳିଆ, ଏତେ କଳା ଆଉ ଏତେ ଲମ୍ବା ବାଳ ଆଉ କାହାର ନ ଥିଲେ ମୁଁ କଣ କରିବି ? ସେହିଠୁଁ ସେ ତା'ର ନାକକୁ ଦେଖିଲା । ନାକ ଡେଙ୍ଗା ନ ହେଲେ ମଧ୍ୟ ଚେପ୍‌ଟା ନୁହେଁ, ମୋଟା ନୁହେଁ, ଏହି ଆଶ୍ୱାସନା ପୁନର୍ବାର ନିଜକୁ ଦେଲା । ତା'ର ଆଖିକୁ ଢଳ ଢଳ କୁହନ୍ତି, ଚ୍ହାଣିକୁ ସରଳ କୁହନ୍ତି, ଅମୁକ ଫିଲ୍ମଷ୍ଟାର୍‌ର ଆଖି ସାଙ୍ଗରେ ତୁଳନା କରନ୍ତି ବୋଲି ମନେପକାଇଲା ।···ଭ୍ରୂଲତା ଆଉ ଟିକିଏ ଘଞ୍ଚ ହୋଇଥିଲେ ବୋଧହୁଏ ଭଲହୋଇଥାଆନ୍ତା । ନହେଉ, ଏମିତିକା ଟଣା ଭ୍ରୂଲତା—ଶୀଲ କହୁଥିଲା—ଧନୁ ପରି—ଆଉ କାହାର ଅଛି ?···ଗୋଲାପିଆ ଓଠ,

Digitized by srujanika@gmail.com

ସରୁ ଓଠ, ଗୋଲମି ଓଠର କମନୀୟତାକୁ ହେଜିବାକୁ ଯାଇ ତା'ର ପାଟି ଈଷତ୍ ମେଲା ହୋଇଗଲା । ସତେ କି ସେ ଏତେ ଅଧିକ ପ୍ରଶଂସାରେ ହତବାକ୍ ହୋଇଯାଉଛି, ଅସହାୟତା ଦେଖାଇବା ଛଡ଼ା ଅନ୍ୟ ଗତି ନାହିଁ । ସେତିକି ନୁହେଁ—ସେ ନିଜକୁ ଚେତାଇଲା । ଚହଟ ଗୋରା ରଙ୍ଗ । ମୁହଁ ଯେମିତି, ହାତ ସେମିତି, ଗୋଡ଼ ସେମିତି । ପିଠି ମଧ୍ୟ ସେମିତି ।

···ସତରେ ଏ ପିଠିକୁ ପଦାରେ ପକାଇବା ମୋଟେ ଉଚିତ ନୁହେଁ । ପୁଣି ବଉଁଶୀଭାଇଙ୍କ ଆଗରେ—ଛି ! ଭାଉଜବୋହୂ ଆଗରୁ କାହିଁକି କହିଲେ ନାହିଁ ?

ସକାଳରୁ ଦିନ ଆସିଯାଇଥିଲା । ଗୀତାର ଶୋଇବାଘରେ ଆଲୁଅ ବ୍ୟାପି ଯାଇଥିଲା; କିନ୍ତୁ ଏହିକ୍ଷଣି ସେ ଜ୍ୟୋତିର କିଛି କାମ ନଥିଲା । ଯେହେତୁ ଏ ଯୌବନର ପ୍ରକୋଷ୍ଠ । ଭାରି ଓ ନିବିଡ଼, ନିବିଡ଼ ଓ ନିଭୃତ । ଏଠି କିଏମୋଲା କେବଳ ଶିଶୁଙ୍କର କ୍ରୀଡ଼ା କରିପାରନ୍ତି, ପୁରୁଷ ପରି ତେଜ ଦେଖାଇବା ମନା ।

× × ଆଜି କଲେଜ୍ ଛୁଟି । ମଧ୍ୟାହ୍ନରେ ଦେଖାଗଲା ଯେ ଗୀତା ସେହି ଘରେ ଅଛି । ଗାଧୋଇପାଧୋଇ ଖାଇପିଇ ସାରି କପାଳରେ କୁଙ୍କୁମ ଓ ଆଖିରେ କଜ୍ଜଳ ଲଗାଇ ଖଟ ଉପରେ ଲେଟିଯାଇଛି । ତକିଆର ଦୁଇପାଖରେ କେତୋଟି ବହି ଓ ଖାତା ବିଶୃଙ୍ଖଳ ଅବସ୍ଥାରେ ପଡ଼ିରହିଛି । ଇକନମିକ୍ସ ଖାତା ଉପରେ ପୋଏଟ୍ରି ବହି ଓଲଟି ଯାଇଛି । 'ଝଙ୍କାର'ର ପ୍ରଚ୍ଛଦପଟ ପବନରେ ଫଡ଼ଫଡ଼ ହେଉଛି । କଲମ ଖୋଲା ହୋଇ ଉପରକୁ ଅନେଇଛି । ସହଜ କଥା, ଗୀତାର ପଢ଼ିବାକୁ ମନନାହିଁ ।

ସେ ଜାଣେ ତା'ର ବି. ଏ. ପାସ୍ କରିବା ଉଚିତ । ନା ପଢ଼ିଲେ ବି. ଏ. ଭଲ ଦେଖାଯାଏ । କିନ୍ତୁ ସେ ବିଚଳିତ ନୁହେଁ, ଉଦ୍‌ବିଗ୍ନ ନୁହେଁ । ସେ କାଲି ବି. ଏ. ପାସ୍ କରିବ । କାଲି ବାହାହେବ । ଦୁଇଟି ମଧୁର ଫଳ ଲଭ । କିନ୍ତୁ ତା' ବୋଲି କ'ଣ ଅନିଦ୍ରା ହୋଇ ପାଠପଢ଼ିବାକୁ ହେବ ନା ଅନ୍ୟମାନଙ୍କ ପରି ବାଡ଼େଇପିଟି ହୋଇ ବର ଖୋଜିବାକୁ ହେବ ? ଗୀତାର ମନରେ ସେଭଳି ତାଡ଼ନା ଆସି ପାରୁନଥିଲା । ଏଇ ସେଦିନ ମନ୍ଦ ମାଉସୀ କହୁଥିଲେ ପରା— କ'ଣ ମିଳୁଛି ଗୋ ତା' ପାଠପଢ଼ାରୁ ? ଏଇ ଦେଖ, ବର୍ଷେ ନ ପୂରୁଣୁ କେତେ ଆଇ. ଏ. ଏସ୍. ବର ତା' ଗୋଡ଼ତଳେ ପଡ଼ିବେ, ରଖେଇଥୋଇ ଦେବେ ନାହିଁ । ପ୍ରକୃତରେ ଏଭଳି ରୂପବତୀ ଗୁଣବତୀ ଝିଅ ପୃଥିବୀରେ ଆଉ କେଇଟା ଅଛନ୍ତି କହିଲ ଭଲା ?···ଗୀତା ବୁଝିଥିଲା ଯେ ଦୁଃଖିଙ୍କର ଅର୍ଥ ଏମାନେ, ସେମାନେ ନୁହନ୍ତି । ଏମାନେ ଆପଣା ଜାତି, ଆପଣା ଲୋକ । ଏମାନଙ୍କ ମଧ୍ୟରେ ତା'ର ନିର୍ଦ୍ଦିଷ୍ଟ ସୁନେଲି ଭବିଷ୍ୟତ, ଯେଉଁଥିପାଇଁ ବାପମାଆ ତାକୁ ଏଇଠି ଛାଡ଼ି-ଦେଇଯାଇଛନ୍ତି ।

ଷ୍ଟେସନ୍ ପ୍ଲାଟଫର୍ମରେ ଗୋଡ଼ ଦେଲା ବେଳଠାରୁ ତା'ର ଧାରଣା ହୋଇଛି ଯେ ଏମାନେ ତାକୁ ଅପେକ୍ଷା କରି ରହିଛନ୍ତି । କାହିଁକି ନା ସେ ଘରଝିଅ । କାହିଁକି ନା ସେ ସୁନ୍ଦର ।···ଆ ଅ-ଲୋ ଝିଅ, ଏତେ ଦିନଯାଏଁ କୁଆଡ଼େ ଥିଲୁ ? ତୋ ବାପଟାର କିଛି

Digitized by srujanika@gmail.com

ବୁଝି ହେଲା ନାହିଁ, ଏମିତକା ସୁନାନାଖି ଝିଅଟୁ କୁଆଡ଼େ ଖରାରେ ତରାରେ ବୁଲଉ ଥିଲ !···କଉ ମିସ୍ ଗୀତା, ଆମ କଥା ମନେଅଛ ନା ! ଖାଉମତ ମଡ଼ର୍ଣ୍ଣ ୟଙ୍ଗ୍ ଲେଡ଼ି ହୋଇଗଲାଣି, କଥା କହିବାକୁ ଡର ଲାଗୁଛି ।···ତୁ ମାଉସୀ ଘରେ ଅନ୍ତତଃ ମାସଟାଏ ରହିବୁ । ପୁନୁର ବାହାଘରେ ଏଇ ଅଣିଣ ମାଦରେ, ସେ ଗୀତା ଅପାକୁ ଦେଖିବ ବୋଲି ଝୁରୁଛି । କଲେ, ସେମିତି ନାକକାନ୍ଦୁରୀ ଅଛୁ ନା କିଛି ବଦଳିଛୁ !···ଗୀତା ଅପା, ମୁଁ ତୋପାଇଁ ଖୁଆପେଡ଼ା ରଖିଛି । ତମର ସେଠି ଖୁଆପେଡ଼ା ମିଳେ !···ଏମିତି କେତେ ସ୍ନେହବୋଳା କଥା । କେତେ ମାଉସୀ, ପିଉସୀ, ଖୁଡ଼ୀ, ବଡ଼ମା, ଭାଉଜ, କେତେ ଲେଖାରେ କେତେ ଭାଇ ଭଉଣୀ, ପୁତୁରା, ଝିଆରୀ, ଭଣଜା ଭାଣିଜୀଙ୍କର ସାଦର ଅଭ୍ୟର୍ଥନା । ଜେମାଦେଈ ଫେରି ଆସିଛି ରାଣୀ ହେବାପାଇଁ ।

ସେହି ଷ୍ଟେସନ ପ୍ଲାଟଫର୍ମରେ ଆଉ କେତେ ପ୍ରକାରର ମନ୍ତବ୍ୟ ଶୁଣିବାକୁ ମିଳିଲା, ଯାହା ତାକୁ ଅଡୁଆ ଲାଗିଲା । ଯଥା—ଏଥିରୁ ଗୋଟାଏ କଣ ହାତରେ ନାଇଛୁ ? କାଚ ନା ପ୍ଲାଷ୍ଟିକ୍ ? ଛିଃ ଛିଃ ! ମୁଁ ତୋ ମାଆକୁ କହୁଛି ତୋ ପାଇଁ ସୁନାର ଗଢ଼େଇଦେବ । ଗୀତା ଅପା ମୁଣ୍ଡ ବାଳକୁ କେମିତି ଫୁଲେଇଛି ଦେଖ ! ଆମ କଲେଜରେ ଜଣେ ପଞ୍ଜାବୀ ଝିଅ ପଢ଼େ, ସେ ଏମିତି ବେଶ ହୁଏ ।···ଏ ନଖଟା ବଢ଼େଇଛ କାହିଁକି ? ସିଠି କୁଣ୍ଡେଇ ହେବ ?···ଇତ୍ୟାଦି । ପୁଣି କଏ ବାକ୍ୟବ୍ୟୟ ନକରି ତା' ଶାଢ଼ି ପଣତକୁ ଉତ୍ତମ ରୂପେ ଘେରାଇ ଆଣିଲା । ସାନ ଦେହଟିକୁ ପୂରାପୂରି ଘୋଡ଼େଇଦେଲା । କିନ୍ତୁ ସେ ଖୁଣ୍ଡ ହେଲାନାହିଁ । ଏସବୁ ଏଠିକାର ନିୟମ, ରାଣୀ ହେବାର ନିୟମ । ମାନି ନେଲେ କ୍ଷତି କଅଣ ?

ଯାହାହେଉ ସେ ବର୍ତ୍ତମାନ କିଛି ପଢ଼ୁନାହିଁ କି ଭାବୁନାହିଁ । ଅନ୍ୟ ଦିନ ହୁଏତ ତା' କଳ୍ପନାର ଦିଗ ଦୃଷ୍ଟିଥାଏ, ଆଜି ସେତକ ମଧ ନାହିଁ । ଯେପରିକି ସେ କେବଳ ବିଭୋର ହେବାକୁ ଚାହେଁ, ନିଜକୁ ଆଗମନର ଆବେଶରେ ବୁଡାଇ ଦେବାକୁ ଚାହେଁ । ଯେପରିକି ସେ ଗତ ବର୍ଷଟିଏ ଧରି ସଯତ୍ନରେ ଲାଳିତପାଳିତ ରାଣୀ ଭାବରେ ଲେଟିଯିବାକୁ ଚାହେଁ···ପିପାସାକୁ ଦୂରରୁ ଦୂରକୁ ନେଇଯିବାକୁ ଚାହେଁ···ଶେଷଯାଏଁ···

କିଛି ସମୟ ପରେ ତା'ର ଦୃଷ୍ଟି ନିବଦ୍ଧ ହେଲା ଥାକ ଉପରେ କାଚଡ଼ବା ଭିତରେ ରଖା ହୋଇଥିବା ସାଧବବୋହୂମାନଙ୍କ ଉପରେ । ନା, ସେଥିରୁ ଗୋଟିକ ଉପରେ । ସେହି ହେଉଛି ଚରମ ରୂପକ, ଶେଷର ବିନ୍ଦୁ ।

ସାଧବବୋହୂମାନେ କଣ ରାଣୀ ହୁଅନ୍ତି ?

ଶ୍ରେଷ୍ଠ, ଶ୍ରେଷ୍ଠରୁ ଶ୍ରେଷ୍ଠ···ରେଶମୀ ଶ୍ରେଷ୍ଠ···ନମିତା, ନିବେଦିତା···ବନ୍ଦନା, ବନ୍ଦିତା···ସେମାନଙ୍କୁ ମାଡ଼ି ବସି ଧରି ଆଣିବା କଥା···ତା'ପରେ—ତା'ପରେ ତାଙ୍କୁ ଆଉଁଷିଦିଅ, ଚିପିଦିଅ···ମଜା !

ଗରବଣୀ କେଉଁ ଧାତୁରେ ଗଢ଼ା ? ଅାପଣା ସୁନ୍ଦର ଆତିଶଯ୍ୟରେ ନିରୀହ ପୋକ-ଗୁଡ଼ିକ ସାଙ୍ଗରେ ଏମିତି ଖେଳ ଖେଳିବାକୁ କଅଣ ଭଲ ଲାଗୁଛି ? ହୋଇ ନଥିବ ପରା ।

Digitized by srujanika@gmail.com

ଦେଖୁନା, ସେ ଯେତେବେଳେ ଆଖି ବୁଜି ଆଣିଲା, ଲମ୍ବା ଲମ୍ବା ଆଖିପତା କ୍ଷଣକ୍ଷଣକେ ଲଦେଇ ଯାଇ ମୁଖମଣ୍ଡଳରେ ମ୍ଳାନ ହୋଇଗଲା, ଓଠ ଦୁଇଟିର ଗୃପ ହୁଗୁଳିଗଲା, ସେତେବେଳେ ତା, ଶୋଇଲା ମୁହଁରୁ ଚତୁରତାର ଆଭାସ ମିଳିଲା ନାହିଁ ତ ! ବରଂ ମନେ ହେଉଥିଲା ଯେ ସେ ଶିଶୁପରି ବ୍ୟଥା ପାଉଛି ଓ ବ୍ୟଥାର ସନ୍ଧାନ ନପାଇ କୋଳ ଖୋଜୁଛି ।

ଗୀତାକୁ ଘୁଇନିଦ ଲାଗିଆସିଥିଲା ।

× × × ×

ବଂଶୀଧର ବାବୁଙ୍କ ଘର ସହରର ମଝିଅମଝି । ସେ ଗୀତାର ମଝିଆ ବଡ଼ବାପାଙ୍କ ପୁଅ । ଭଡ଼ା ଘର, ଅଫିସ ପାଖ । ନିଜ ଘର ପାଇଁ ବ୍ୟବସ୍ଥା କରାହେଉଛି, ପାଚେରି ବୁଲି ଗଲାଣି, ନିକଟରେ ନିଅଁ ପଡ଼ିବ । ପୈତୃକ ଘରେ ଗୀତାର ଶ୍ରୁତିଶକ୍ତିହୀନ ବୃଦ୍ଧ ବଡ଼ବାପା ଅଛନ୍ତି; ତାଙ୍କର ଜୀବିତାବସ୍ଥାରେ ସେହି ଘରର ଭବିଷ୍ୟତ ସମ୍ପର୍କରେ କୌଣସି ଚିନ୍ତା କରାଯାଇ ପାରୁନାହିଁ । ଏହାଛଡ଼ା ଗୀତାର ଦୁଇଜଣ ଦାଦା ଏହି ସହରରେ ଭଡ଼ାଘର ନେଇ ଅଛନ୍ତି । ଜଣେ ଓକିଲ, ଅନ୍ୟଜଣକ କଣ୍ଟ୍ରାକ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ଏଜେନ୍ସି ନେଇଛନ୍ତି । ପୁଣି ଏଠି ଅଛନ୍ତି ବିଭିନ୍ନ ଜ୍ଞାତି କୁଟୁମ୍ବ । ସେମାନଙ୍କ ନିକଟତ୍ୱ ନିରୂପଣ କରିବା ଅସମ୍ଭବ । ଧର, ଗୀତାର ବଡ଼ଦାଦାଙ୍କର ଶଳା ଅର୍ଜ୍ଜୁନବାବୁ । ତାଙ୍କ ସ୍ତ୍ରୀଙ୍କର ଭଉଣୀକୁ ଗୀତାର ମାମୁ-ପୁଅ-ଭାଇ ସୁରେଶବାବୁ ବାହା ହୋଇଛନ୍ତି । ସୁରେଶବାବୁଙ୍କର ମାଉସୀଙ୍କର ଝିଅକୁ ଗୀତାର ଜଣେ ଦୂରସମ୍ପର୍କୀୟ ପିଉସା ବାହା ହୋଇଛନ୍ତି । ସେହି ପିଉସାଙ୍କର କେଉଁ ଗୋଟିଏ ପୁତୁରା ସାଙ୍ଗରେ ଗୀତାର ବାହାଘର ପ୍ରସ୍ତାବ ପଡ଼ୁଛି । ପୁଣି ଧର, ଗୀତାର ଭଣେଇ ଲାଲମୋହନବାବୁ, ଯେ ଗୀତାର ସାନ ବଡ଼ବାପାଙ୍କର ଝିଅ ମାଳତୀର ସ୍ୱାମୀ । ଲାଲମୋହନବାବୁଙ୍କର ଭଉଣୀକୁ ଗୀତାର ଜନୈକ ଦୂରସମ୍ପର୍କୀୟ ମଉସା ବାହା ହୋଇଛନ୍ତି । ସେହି ମଉସା ଜଣକ ବାହା ହେବା ପରଠୁଁ ଗୀତାର ଭୂମିଷ୍ଠ ପ୍ରଣାମ ଗ୍ରହଣ କରନ୍ତି, ଅଥଚ ତାକୁ ଶାଳୀ ବୋଲି ଥଟ୍ଟା କରନ୍ତି । ଏହିପରି କେତେ ସୂତ୍ରରେ ଛନ୍ଦାଛନ୍ଦି ହୋଇ, ହାତ ଧରାଧରି ହୋଇ, ମୁହଁ ଚୁହାଁଚୁହିଁ ହୋଇ ଗୀତାର ଲୋକମାନେ ଏହି ସହରରେ ବସବାସ କରନ୍ତି । କିଏ ଭଡ଼ାଘରେ ଅଛି, କିଏ ନିଜ ଘରେ ଅଛି, କିଏ ସରକାରୀ ଘରେ ଅଛି । କିଏ କାର୍ କିଣିଲାଣି, କିଏ କିଣିବ ବୋଲି ହେଉଛି ଏବଂ କିଏ ରିକ୍‌ସାରେ ଯାତାୟାତ କରୁଛି । କାହାର ଘରେ ବାଲ୍‌କନି ଅଛି, କାହାର ବଡ଼ ବାରି ଅଛି ଏବଂ କିଏ ଏକମାତ୍ର ବଖରାରେ ଶୟନ, ଭୋଜନ ଓ ରୋଦନ କରେ । କିଏ ଉଠିଲାଣି, କିଏ ଉଠୁଛି । କିଏ ପଡ଼ିଲାଣି, କିଏ ନିଜକୁ ସମ୍ଭାଳି ରଖିଛି । କିନ୍ତୁ ସର୍ବୋପରି ପ୍ରଦେଶବ୍ୟାପୀ ଗୋଟିଏ ଜାତି, ଚତୁର୍ବର୍ଣ୍ଣ ବହିର୍ଭୂତ ଗୁଣକର୍ମ ବିବର୍ଜିତ ସମ୍ଭ୍ରାନ୍ତ ଜାତି, ଯାହାର ପେଣ୍ଠ ଏହି ସ୍ୱନାମ ଧନ୍ୟ ସହର ।

ଗୋଟିଏ ପତାକାମଣ୍ଡିତ ଦୁର୍ଗ । ବିରାଟ ପାଚେରି, ବିସ୍ତୃତଗଡ଼ ଖାଇ । କାହାର ସାଧ ନାହିଁ ତା ଭିତରକୁ ପଶିବ । ସଭ୍ୟତା ? ହଁ, ସଭ୍ୟତାର ନାଇଲନ୍-ଟ୍ରାନ୍‌ଜିଷ୍ଟର ଆସୁ, କିଛି କ୍ଷତି ନାହିଁ; କିନ୍ତୁ ସଭ୍ୟତାର ଅସଭ୍ୟତା, ଅର୍ଥାତ୍ ସ୍ୱାଧୀନ ମତର ଫିରିଙ୍ଗି ପଶି ଆସିବ ନାହିଁ । ଦାରୁ—ନାହିଁ, ନାହିଁ, ନାହିଁ । ଆମେ ମଶିବୁ ନାହିଁ ।

Digitized by srujanika@gmail.com

କେତେ କଏ ବାହାରକୁ ଯାଇଥିଲେ, ଫେରଆସିଛନ୍ତି । ଯଥାସମୟରେ ଫେର-ଆସିବେ । ଗୀତାର ପୁନରାଗମନରେ କିଛି ବିଶେଷତ୍ୱ ନାହିଁ । ଗୀତାର ବୃଦ୍ଧ ବଡ଼ବାପା କହନ୍ତି—ଏ ମାଟି ଡାକୁଛି ପରା ! ନେଉଳର ଦେହପରି ମାଟିର ରଙ୍ଗ । ବର୍ଷାଦିନେ ଜଲବତ୍ କାଦୁଅ, ଅନ୍ୟ ଦିନେ ଜଗନ୍ନାସ୍ଥ ଧୂଳି ।

ବଂଶୀଧରବାବୁଙ୍କ ଘର କେବଳ ମଝିଆମଝି ନୁହେଁ, ଉଞ୍ଚ ଭୂଇଁରେ । ତେଣୁ ଚଢ଼େଇଟିଏ ତା'ର ମଥାନ ଉପରକୁ ଉଠିଗଲେ ଅନେକ କିଛି ଦେଖିପାରିବ । ଅବଶ୍ୟ ସାର ଲୋକମାନଙ୍କ କାରବାର ବାଛିନେବାକୁ ହେବ, ନହେଲେ ଦୃଷ୍ଟିକୁ ବାଧିବ ।

ଶ୍ରାବଣର ଏହି ଏକ ପୂର୍ବାହ୍ନରେ ଯେତେବେଳେ ଗୀତାକୁ ନିଦଲାଗିଆସୁଥିଲା, ସେତେବେଳେ ଦେଖାଯାଇଥାଆନ୍ତା ଯେ ବିମ୍ବାଧରବାବୁଙ୍କ ସ୍ତ୍ରୀ ସପ୍ତଅପା ରିକ୍‌ସାରେ ଧୋବଣୀ ପୋଲ ଉପରକୁ ଉଠୁଛନ୍ତି । ପୋଲ ପାରି ହୋଇଗଲେ ବଂଶୀବାବୁଙ୍କର ଘର ପାଞ୍ଚମିନଟ୍‌ର ରାସ୍ତା; କିନ୍ତୁ ବର୍ତ୍ତମାନ ସପ୍ତଅପା ଝାଳରେ ଭିଜିଗଲେଣି, ରିକ୍‌ସାବାଲା କ୍ଳେଶରେ ହାଁପଉଛି । ରିକ୍‌ସାବାଲାର ଆଶା ଅଛି ଯେ ବାବୁଆଣୀ ଅନ୍ତତଃ ପାଞ୍ଚଅଣା ପଇସା ଦେବେ,—ଭାରି ସବାରି, ଉଠାଣି ରାସ୍ତା । ସପ୍ତଅପା ଆଶା କରୁଛନ୍ତି ଯେ ତାଙ୍କୁ ବଂଶୀବାବୁଙ୍କ ଘରେ ସିଡ଼ି ଚଢ଼ିବାକୁ ପଡ଼ିବ ନାହିଁ । ତେବେ ସେ ଦୃଢ଼ପ୍ରତିଜ୍ଞ ଯେ ଏଥର ଗୀତାକୁ ଦେଖିବେ—ଭଲକରି ଦେଖିବେ ।

ସମସାମୟିକ ଦୃଶ୍ୟ । ଧନେଶ୍ୱରବାବୁଙ୍କ ନବବିବାହିତା ସ୍ତ୍ରୀ ଅଞ୍ଜଳି ଦେବୀ ଘରର ବାଲ୍‌କନି ଉପରେ ତାଙ୍କ ଦିଅର ରଙ୍ଗନାଥକୁ ଚଢ଼ାଉଛନ୍ତି । ସ୍ୱାମୀ କାମକୁ ଗଲା ପରେ ତରୁଣ ଦିଅରଙ୍କୁ ଯଥାସମ୍ଭବ ଚଢ଼ାଇବାକୁ ପଡ଼େ, ଗୃହିଣୀର ଧର୍ମ । ଆଜି ଥଟ୍ଟା ନକଲର ମାତ୍ରା ଅଧିକ; କାରଣ ଦିଅର କୁଆଡ଼େ କାହାକୁ ଜଣାଇଛନ୍ତି ଯେ ସେ ଗୋଟିଏ ସୁନ୍ଦରୀକୁ ବାହା ହେବାକୁ ଚାହାନ୍ତି ଏବଂ ସୂଚନା ଦେଇଛନ୍ତି ଯେ ସୁନ୍ଦରୀ ହେଉଛି ବଂଶୀବାବୁଙ୍କର ସେହି ଯେଉଁ ଭଉଣୀଟି ବିଦେଶରୁ ଆସିଛି— । ରଙ୍ଗରସର ଆଚ୍ଛୁ-ଆଲରେ ଅଞ୍ଜଳି ଦେବୀଙ୍କ ନାକପୁଡ଼ା ମଝିରେ ମଝିରେ ଫୁଲିଉଠୁଛି । କିନ୍ତୁ ସେ ସିଦ୍ଧାନ୍ତ କଲେ ଯେ ଆଜି ବଂଶୀମାମୁଙ୍କ ଘରକୁ ଯିବେ, ବଂଶୀବାବୁ ସ୍ତ୍ରୀଙ୍କ ଝିଅଡ଼ୀଙ୍କର ଭାଇ ହିସାବ ହୁଅନ୍ତି—ଓ ସେହି ବିଦେଶିନୀର ଗୋଡ଼ରୁ ମୁଣ୍ଡଯାଏ ଦେଖିବେ ।—ଦେଖିବ, ବିଦେଶିନୀର କେଉଁ ଝଣ୍ଡିକ କେଉଁ ଫାଳଟା ଏତେ ମହକୁଛି ।

ସେହି ସମୟର ଅନ୍ୟ ଏକ ଦୃଶ୍ୟ ଅପରିସ୍ଫୁଟ; କିନ୍ତୁ ତାକୁ ଉପେକ୍ଷା କରିବାର ନୁହେଁ । ଅତି ନିକଟରେ ବଂଶୀବାବୁଙ୍କ ଘର ସମ୍ମୁଖରେ ଶୋଭାପାଉଥିବା ଗାର୍ଲସ୍‌ସ୍କୁଲ୍ ହଷ୍ଟେଲର ଗୋଟିଏ ଝରକା ଭିତରୁ ମଧ୍ୟବୟସ୍କା ଶିକ୍ଷୟିତ୍ରୀ ପ୍ରଭା ଦେବୀ ବାରମ୍ବାର ବାହାରକୁ ଚାହୁଁ-ଛନ୍ତି । ଚାହୁଁଛନ୍ତି ଓ ଦୀର୍ଘନିଃଶ୍ୱାସ ଛାଡ଼ୁଛନ୍ତି । ପରୀକ୍ଷା ଖାତା ଦେଖିବାରେ ବ୍ୟାଘାତ ହେଉଛି । ସେ ଭାବୁଛନ୍ତି ଯେ ଅବିଳମ୍ବେ ମାନଭଞ୍ଜ ଉବକୁଷ୍ଠ ପାଇଁ ପାଉଡ଼ର ଖୋଜିବାକୁ ପଡ଼ିବ । ଶୁଣାଯାଏ ଯେ ଲୋକର ନଣନ୍ଦଟି ଦେଖିବାକୁ ଭଲ । କିନ୍ତୁ ଦେହର ସୌନ୍ଦର୍ଯ୍ୟ କେତେଦୂର ? ତା' ମୂଲ୍ୟ କଅଣ ? (ଦୀର୍ଘଶ୍ୱାସ) ତାହାହେଲେ ମୁଁ ନିଜେ ଯାଇ

Digitized by srujanika@gmail.com

ଦେଖି ଆସିବ ? ଯିବ ? ଯିବ ?? ବିଷମ ସମସ୍ୟା । ଚିରକୁମାରୀ ପ୍ରଶ୍ନ ଦେବୀ ତାଙ୍କ ସାନଭାଇ ପାଇଁ ଗୋଟିଏ ସୁନ୍ଦରୀ ଝିଅ ଦେଖିବାକୁ ଯିବେ କି ନାହିଁ । ନଗଲେ ଅନ୍ୟାୟ ହେବ, ଗଲେ ଆତ୍ମସମ୍ମାନରେ ବାଧା ଆସିବ ।

ବସ୍ତୁତଃ ତିନିଙ୍କି ତିନିହେଁ ଆସିଲେ । ମଧ୍ୟାହ୍ନର ବିଭିନ୍ନ ସମୟରେ ଆସିଲେ ଓ ସୁଖଲତା ଦେବୀଙ୍କର ଆତିଥ୍ୟ ସ୍ୱୀକାର କଲେ ।

ପ୍ରଥମେ ଆସିଲେ ସଞ୍ଜଅପା । ସେ ଆସିବାମାତ୍ରେ ଘୋଷଣା କଲେ ଯେ ସେ ଗୀତାକୁ ଦେଖିବାକୁ ଆସିଛନ୍ତି । ମାଆଙ୍କେତ୍ତଣ୍ଡ ନରେନ୍ଦ୍ର କହୁଛି ଯେ ବଡ଼ମା (ସଞ୍ଜ ଅପା) ଯାହା କହିବେ ତାକୁ ସେ ମାନିନେବ । ନରେନ୍ଦ୍ରଟି ଭାରି ଭଲ ପିଲା, ନରେନ୍ଦ୍ରକୁ ବାହା କରିଦେଲେ ସେ ଏଥର କାଶୀ ଯିବେ, ଆଉ ଡେରି କରିବେ ନାହିଁ, ଇତ୍ୟାଦି ।

ସୁଖଲତା ଦେବୀ ସଞ୍ଜଅପାଙ୍କ ଇଚ୍ଛାକୁ ସ୍ୱୀକାର କଲେ । ପରିଦର୍ଶନକାରିଣୀମାନେ ଏମିତି ଆସିବେ । ଏହି ପ୍ରଥମ ନୁହେଁ, ଏହି ଶେଷ ନୁହେଁ । ମୁଁ ମୋର କର୍ତ୍ତବ୍ୟ କରିଯିବି ।

ଗୀତାକୁ ଡାକିବାକୁ ଯାଇ ସେ ଦେଖିଲେ ଯେ ଗୀତା ଶୋଇଯାଇଛି । ସୁଖଲତା ଦେବୀ ମୁହୂର୍ତ୍ତିକ ପାଇଁ ଅଟକିଗଲେ ।

ମୁହୂର୍ତ୍ତିକ ପାଇଁ ସେ ଏକ ଅପୂର୍ବ ଆବେଗରେ ଆକ୍ରାନ୍ତ ହେଲେ । ତାଙ୍କର ମନେ ହେଲା ଯେ ଗୀତାକୁ ଏମିତି ଦୂରରୁ ଦେଖିବା କଥା । ହାତ ଯୋଡ଼ିଲେ ମଧ୍ୟ ଭୁଲ ହେବନାହିଁ ଏବଂ ତାଙ୍କୁ ଭୟ ଲାଗିଲା । ସିନ୍ଦୂରବୋଳା ପଥର, ମୃତ ଦେହ ଓ ପୂର୍ଣ୍ଣଗର୍ଭିଣୀ ଯେମିତି ବେଳେ ବେଳେ ମଣିଷକୁ ଡରାଇଦିଏ, ଅତ୍ୟନ୍ତ ପୂର୍ଣ୍ଣତାର ପରିହାସ କରେ ।

ସୁଖଲତା ଦେବୀ ନିଜକୁ ସମ୍ଭାଳି ଗୀତା ପାଖକୁ ଗଲେ । ନିବିଷ୍ଟ ଭଙ୍ଗୀରେ ତାର ପିନ୍ଧା ଶାଢ଼ୀକୁ ସଜାଡ଼ିଲେ, ଝୁଲିପଡ଼ିଥିବା କେତୋଟି ମୁଣ୍ଡବାଳକୁ ଫେରାଇ ଆଣିଲେ ଓ ଦେହର ଏଆଡ଼େ ସେଆଡ଼େ ହାତ ବୁଲାଇଲେ—ସତେ କି ସେ ତାର ଶ୍ରାନ୍ତାପଣକୁ ଛୁଇଁବାକୁ ଚାହୁଁଛନ୍ତି । ଅନୁକମ୍ପା ଦ୍ୱାରା ଭୟକୁ ଜିଣିବାକୁ ବସିଛନ୍ତି । ନିଜକୁ କହୁଛନ୍ତି ଯେ ଗୀତା ଠାକୁରାଣୀ ନୁହେଁ; ସେ ଡାହାଣୀ ନୁହେଁ, ସେ ମୋର ଝିଅ ନଣନ୍ଦ । ଶେଷକୁ ସେ ବିରକ୍ତ ହେଲା ପରି ଭାବିଲେ—ଝିଅଟି ଏତେ ସୁନ୍ଦର ନହୋଇଥିଲେ କ'ଣ ଚଳି ନଥାଆନ୍ତା ?

ସେ ଠିକ୍ କଲେ ଯେ ସଞ୍ଜଅପା ଏମିତି ଦେଖନ୍ତୁ, ସେ ଗୀତାକୁ ଉଠେଇବେନାହିଁ ।

(ଇତିମଧ୍ୟରେ ଗୀତାର ସ୍ୱପ୍ନଦେଖା ଆରମ୍ଭ ହୋଇଗଲାଣି । ଗ୍ରୁଇ ଆଲୁଅର ସ୍ୱପ୍ନ । ଚେତନ ଅଚେତନର ବିଭ୍ରାନ୍ତ ରାଗମାଳା । ଭଉଜବୋହୂ ଆସିବା ଆଗରୁ ସେ ଦେଖୁଥିଲା ଯେ ସେ ଗୋଟିଏ ନରମ ଶେଯରେ ଶୋଇଛି । ଶେଯ ଅତି ନରମ, କିନ୍ତୁ ଖସିପଡ଼ିଲା ପରି ଲାଗୁଛି । ତା' ପରେ ସେ ଦେଖିଲା ଯେ ଜଣେ କିଏ ପାଖକୁ ଆସିଲେ । ମାଆ ? ନା ଆଉ କିଏ ? ସେ ଆସିଲେ ଓ ଦେହସାକ ଘଷାପଷା କରି ଜଣ ବୋଲି-ଦେଇଗଲେ । କିଛି ବାକୀ ରଖିଲେ ନାହିଁ । ବୋଲି ଦେଇ କହିଲେ—ହୁଏ ଲୋ ମାଆ, ଏମିତି ହୁଏ । ବାହାଘର ଆଗରୁ ଏମିତି କରିବା କଥା ।)

Digitized by srujanika@gmail.com

ସତ୍ତଅପା ଆବର ଭ୍ରାନ୍ତ ହେଲେ ଏବଂ ଗୋଟିଏ ଚଉକିରେ ଲଥ୍‌କିନା ବସିପଡ଼ିଲେ । କ୍ଳାନ୍ତ ନୁହେଁ, ବାଟ ସରସିବାର ଭାବ । ଲଭ୍ୟ ବସ୍ତୁ ହାତପାହାନ୍ତାରେ ରହିଛି—ବାସ୍ ।

କେତେବେଳକେ ତାଙ୍କ ପାଟିରୁ କଥା ବାହାରିଲା, "ଶୋଇ ପଡ଼ିଛି, ନା ?" ସୁଖଲତା ଦେବୀ ମୁଣ୍ଡ ଟୁଙ୍ଗାରିଲେ ।

କିଛି ସମୟ ପରେ—"ବୋଧହୁଏ ପାଦରେ ଅଲତା ଲଗେଇଛି । ଭଲ, ଭଲ ।" ସେହିଠୁଁ ସେ ନିର୍ନିମେଷ ନୟନରେ ଗୀତାର ଅଲତାଲଗା ପାଦକୁ ଅନାଇଁ ରହିଲେ ।

ସୁଖଲତା ଦେବୀ ପ୍ରମାଦ ଗଣିଲେ । ଏବେ ଅଲତା ଲଗେଇଛି; କିନ୍ତୁ ତାର ଚିହ୍ନ ଲିଭି ଲିଭି ଗଲଣି । କହନ୍ତି ଏ ଭଲ ଲକ୍ଷଣ ନୁହେଁ । ସତ୍ତଅପା କଣ ଭାବୁଛନ୍ତି କେଜାଣି ?

ସତ୍ତଅପା ହଠାତ୍ ଚଉକିରୁ ଉଠିଯାଇ ଗୀତାର ପାଖକୁ ଗଲେ । ଆଖି ପୂରାଇ ଝୁଙ୍କିପଡ଼ି ତା'ର ପାଦ ଯୋଡ଼ିକୁ ଦେଖିଲେ ।

"ବାଃ । ଇଏତ ଲକ୍ଷ୍ମୀପାଦ । ଗୋଟିପଣେ ଲକ୍ଷ୍ମୀପାଦ । ଜାଣିଛୁ ? ମୋ ମାଆର ଏମିତିକା ପାଦ ଥିଲା । ବାହା ହୋଇ ଆସିବାର ଦୁଇମାସ ନ ଯାଉଣୁ ରାଜୁ ସାହୁ ଯୋଡ଼ାଏ ଝାଡ଼ାରେ ନଷ୍ଟହୋଇଗଲା (ସମ୍ୟକ୍ ହସ୍ତ ସଂଗୃଳନ) । ଆଉ ସେମାନେ ଆମ ଘର ସାଙ୍ଗରେ ଯେଉଁ ମାମଲା ଚଳେଇଥିଲେ ସବୁ ଫସରଫାଟିଗଲା (ହାବୁକାଏ ହସ) । ମୋ ମାଆ କହୁଥିଲା···" ସତ୍ତଅପା ଅନର୍ଗଳ କହିଚାଲିଲେ । ସୁଖଲତା ଦେବୀ ଆଶ୍ୱସ୍ତ ହେଲେ ।

ସେତିକିରେ ସରି ନ ଥିଲା । ସତ୍ତଅପା ତା' ପରେ ଗୀତାର ଅପର ପାଖକୁ ଗଲେ । ତା' ବେକ ମୂଳର ଭଉଁଡ଼ି ପାଖରେ କିଛି ସମୟ ଅଟକି ରହିଲେ ଓ ସୁଖଲତା ଦେବୀଙ୍କ ମନରେ ପୁଣି ଆଶଙ୍କା ଜନ୍ମାଇଲେ । ସେହିଠୁଁ ସେ ତା'ର ପିଠିକୁ ଟିକିଏ ଆଉଁସି ଦେଲେ । ଫେରିବା ଆଗରୁ ସେ ତା'ର ଗ୍ରୀବା ପ୍ରତି ଧାପେ ଦୃଷ୍ଟି ପକାଇଲେ ଓ ତତ୍‌କ୍ଷଣାତ୍ ଦୃଷ୍ଟିକୁ ଓଟାରି ଆଣିଲେ । ଯେତେ କି ସେ ନିଜକୁ ଚେତାଇଦେଲେ,—ଏତିକି—ଆଉ ନୁହେଁ ଆଉ ନୁହେଁ ।

(ଗୀତାର ନିଦ ଭାଙ୍ଗିଲା ନାହିଁ । ମୁଁ ଉଠିବି ନାହିଁ । ଚେଇଁଲା ଆଖିକୁ ଦେଖିଲେ ସେମାନେ କଣ ବୋଲି କଣ କରିପକାଇବେ । ନା-ନା—ମୁଁ ଶୋଇରହିବି, ମୋଟେ ଉଠିବି ନାହିଁ । ହେଇ କିଏ ଆସୁଛି, ସଁ ସଁ ହେଉଛି, ମୋ ପାଦକୁ ଶୁଙ୍ଘୁଛି ; ମୋ ବେକକୁ ଶୁଙ୍ଘୁଛି । ମୋ ମୁହଁ ପାଖକୁ ଆସିଗଲଣି । ନା, ମୁଁ ଆଖି ଖୋଲିବି ନାହିଁ । ମୋ ଦେହ ଖୋଳାପଡ଼ୁଛି—ମାଆ କଣ ବୋଲିଦେଇ ଯାଇଛି ପରା । କାହିଁକି ସେଥିରେ ଲାଗୁଛି ? ଲାଗୁଛି । ଲାଗ, ମୁଁ ଶୋଇଯାଇଛି, ମୁଁ ଉଠିବି ନାହିଁ···)

ସତ୍ତଅପା ଚାଲିଗଲା ପରେ ଅଞ୍ଜଳି ଦେବୀ ଆସି ପହଞ୍ଚିଗଲେ । ସେ ଅଭଦ୍ରଙ୍କ ପରି ତାଙ୍କ ଅଭିପ୍ରାୟ ଜଣାଇଲେ ନାହିଁ । ପ୍ରଥମେ ପାନ ଖାଇଲେ ଓ ନାନାଦି ବିଷୟରେ

Digitized by srujanika@gmail.com

ଗପସପ ହେଲେ । କଥାର ଫାଙ୍କରେ ଅଳକଳା ପରି କହିଲେ—"ମାଇ ମ ! ତମେ କ'ଣ ସବୁ ନୂଆ ନୂଆ ଫିଲେଇ କରଛ ଦେଖେଇଲ ନାହିଁ ? ତମ ନଣନ୍ଦଟି କେତେ କଥା ଶିଖିଯିବଣି—ନୁହେଁ ?"

ସୁଖଲତା ଦେବୀ ବୁଝିପାରିଲେ ଓ ମୃଦୁ ମୃଦୁ ହସିଲେ । କହିଲେ—"ଆସୁନା, ଦେଖିବ ଆସ ।" ସ୍ମିତହାସ ସତ୍ତ୍ୱେ ତାଙ୍କର ନିଜ ପ୍ରତି କ୍ଷଣିକ ଅଶ୍ରଦ୍ଧା ଆସିଲା । ତାଙ୍କର ମନେହେଲା ଯେ ଭଗବାନ ତାଙ୍କୁ ଏଭଳି କାମକରିବା ପାଇଁ ସୃଷ୍ଟି କରିନାହାନ୍ତି । କିନ୍ତୁ ମୁଁ ନ କଲେ ଆଉ କରିବ କିଏ ? ଗୀତାର ଏଠି ବାପମାଆ ନାହାନ୍ତି । ମୁଇଁ ତା'ର ସବୁ... । ସେ ଅଞ୍ଜଳି ଦେବୀଙ୍କୁ ଗୀତାର ଶୋଇବା ଘରକୁ ଡାକିନେଲେ । ସେଠି ନୂତନତମ ଛୁଞ୍ଚିକାମର ନମୁନା କାନ୍ଥରୁ ଝୁଲୁଛି ।

ଏ ! କଅଣ ? ସୁଖଲତା ଦେବୀଙ୍କର ଚକ୍ଷୁ ସ୍ଥିର ହୋଇଗଲା । କାରଣ ସେ ଦେଖିଲେ ଯେ ଗୀତା ପୂର୍ବ ଅବସ୍ଥାରେ ନାହିଁ । ତା'ର ଗୋଟିଏ ଗୋଡ଼ ଖଟର ବାହାରକୁ ଲମ୍ବିଛି ଓ 'ଶାଢ଼ି ଆଣ୍ଠୁ ଯାଏଁ ଉଠିଆସିଛି । ତା' ଛଡ଼ା—ତା'ଛଡ଼ା ତା' ଛାତିରୁ ଶାଢ଼ୀ ଖସିଯାଇଛି—ଅବଶ୍ୟ ପୂରା ଖସି ନାହିଁ; କିନ୍ତୁ ସେତିକିରେ ଆଭାସ ମିଳୁଛି, ଆକାର ପ୍ରକାର ବାରି ହୋଇଯାଉଛି ।...କ'ଣ କରିବ ? ଉଠେଇଦେବ ? କାହିଁକି ମ' ମୁଁ ଧାଉଁଥିଲି ବସି ମ୍ୟାଙ୍କର ଘରେ ବନ୍ଧ କରିବାକୁ ! ପୁଅର ଯୋଉ ରୂପ ତ...

ଅଳ୍ପ କେତୋଟି ଛୁଞ୍ଚିକାମ ଦେଖାଇଲା ପରେ ସୁଖଲତା ଦେବୀ ପରିଦର୍ଶନ-କାରିଣୀଙ୍କୁ ତରତର କଲେ । କହିଲେ, "ଆହୁରି ଅଛି, ଆହୁରି କେତେ ଅଛି, ଚାଲ ଆର ଘରକୁ ଯିବା ।" କିନ୍ତୁ ଅଞ୍ଜଳି ଦେବୀ ଧାବିତ ହେଲେନାହିଁ । ମୋର ଉଦ୍ଦେଶ୍ୟ ଭିନ୍ନ, ଏହିଭାବରେ ସିଧାସଳଖ ପଚାରିଲେ—

"ଇଏ ତମ ନଣନ୍ଦ ?"

"ହୁଁ ।"

"ଅନେକ ଦିନ ବିଦେଶରେ ରହିକରି ଆସିଛି—ନା ?"

"ହୁଁ ।" ସେ ବିଦେଶରେ ରହି ଆସିଛି—କ'ଣ ହେଲା ସେଇଠୁ ? ସେ କ'ଣ ଏଇ ଘରର ନୁହେଁ, ଏଇ କୁଳର ନୁହେଁ ? ଶୋଇଲାବେଳେ କ'ଣ ଟିକିଏ ଖସିଖାସି ଯାଏ ନାହିଁ ?...ସୁଖଲତା ଦେବୀ ମନେ ମନେ କୁହୁଳିଲେ ।

ସୁଖଲତା ଦେବୀ ଜାଣିପାରିଲେ ନାହିଁ ଯେ ପ୍ରଶ୍ନକାରିଣୀ ନିଜେ କୁହୁଳୁଥିଲେ । ଅଞ୍ଜଳି ଦେବୀ ଅନୁମାନ କରିଥିଲେ ଯେ ଝିଅ ନିଶ୍ଚୟ ସୁନ୍ଦରୀ ହୋଇଥିବ; କିନ୍ତୁ ସେ ଦେଖିଲେ ଯେ ଏଇ ଯେଉଁ ଝିଅଟି ଶୋଇଛି, ସେ କେବଳ ସୁନ୍ଦର ନୁହେଁ, ସେ ଗୋଟିଏ କଢ଼ି କମ୍ପା ଫରୁଆ ।...ଭିତରେ ଅନେକ ଅଛି, ଅନେକ ଅଛି—ସବୁ ଫୁଟି ବାହାରିବ । କ'ଣ ବାହାରିବ—ଅମୃତ ନା ହଳାହଳ ?...ସେଇଠୁ ସେ ଦିଅର ରଙ୍ଗନାଥର ଚେହେରା, ତା'ର କଳା ଚମଡ଼ା, ଛାତିରେ ଗୁଡିଏ ବାଳ, ମାଣ୍ଡିଆ ନାକ ଓ ବଡ଼ ଆଖିକୁ ମନେପକାଇଲେ । ମନେପକାଇଲେ ଓ ଅସ୍ଥିର ହେଲେ । ସତେ କି ଯେ ଏଇ ଝିଅର

Digitized by srujanika@gmail.com

ଅଶୋଭନୀୟ ସୁନ୍ଦରପଣ ଓ ହଅରର ଅସୁନ୍ଦର ମରଦପଣିଆକୁ କଳିପାରୁ ନାହାନ୍ତି, ସଂଯୋଗର ଫଳାଫଳ କ'ଣ ହେବ ବୁଝିପାରୁନାହାନ୍ତି । ଦାୟିତ୍ୱରେ ଆଞ୍ଚ ଆସୁଛି, ମମତ୍ୱରେ ସରପଡ଼ିଯାଉଛି ।

ଲଳମାଇଁଙ୍କର ଭ୍ରୂକୁଞ୍ଚନକୁ ଭ୍ରୂକ୍ଷେପ ନ କରି ଅଞ୍ଜଳି ଦେବୀ ଗୀତାର ଖଟ ପାଖକୁ ଆସିଲେ ଓ କିଛି ନା କିଛି ବାହାନା କରି ତାର ଶୃଙ୍ଗ ହଗରେ ସୂରି ବୁଲିଲେ । ମନ୍ତବ୍ୟରୁ ମନ୍ତବ୍ୟକୁ ଡେଇଁଲେ । ଯାହାର ଅର୍ଥ—ରୁହ, ମୁଁ ସବୁ ଦେଖିନେବି, କିଛି ଛାଡ଼ିବି ନାହିଁ ।

"ୟାର କ'ଣ ଇକନମିକ୍ସ ଅଛି ? ମୋର ବି' ଇକନମିକ୍ସ ଥିଲା ।"···ନାକ ଅଗରେ ଝାଳ । ନାକ ଯେମିତି କିଛି ସୁନ୍ଦର ନୁହେଁ, କିନ୍ତୁ ସାନ ବୋଲି ବୋଧହୁଏ ସେଥିରେ ବେଶି କଶ୍ୱାସ ଆସିଲା ପରି ଲାଗୁଛି । ଭିତରଆ ନିଃଶ୍ୱାସ···

"ଏଠି ହର୍ଲିକସ୍ କାହିଁକି ଥୁଆ ହୋଇଛି ଗୋ ? ଇଏ କ'ଣ ରାତିରେ ହର୍ଲିକସ୍ ଖାଏ, ନିଦ ହୁଏ ନାହିଁ ?" ଶୋଇଲା ଆଖିରେ ନିଦ ଅଛି, କିନ୍ତୁ ଏତେ ସରଳ, ନା ନିର୍ବୋଧଙ୍କ ପରି ଦେଖାଯାଉଛି କାହିଁକି ? ଏଭଳି ନିର୍ବୋଧତାରେ ପୁରୁଷମାନେ ମୋହି ହୋଇଯାଆନ୍ତି, ତାଙ୍କ ପୁରୁଷତ୍ୱ ପ୍ରଖର ହୁଏ । ମୁଁ ଜାଣେ···ମୁଁ···ଜାଣେ···

"ଏଇଟି କ'ଣ ? ସାଧବବୋହୂ ପୋକମାନେ ସାଇତା ହୋଇଛନ୍ତି ? ଚମତ୍କାର ।" (ଖଣ୍ଡିତ ହସି)···ପିଲାଳିଆମିର ଗୋଟାଏ ସୀମା ଅଛି । ଆମେ କ'ଣ ପିଲା ହୋଇ ନଥିଲୁ ? ତା ବୋଲି ବାହାହେବାକୁ ବସିଛି, ଏଣେ ସାଧବବୋହୂ ପୋକଙ୍କୁ ଧରି— ! ଛି !

ସୁଖଲତା ଦେବୀ ଚନ୍ଦପ୍ରତିମା ପରି ଠିଆହୋଇଥିଲେ । ସେ ସହିପାରିଲେ ନାହିଁ, ଯେତେବେଳେ ଅଞ୍ଜଳି ଦେବୀ ନୃଶଂସ ଆବେଗର ଭଙ୍ଗୀରେ ସେହି ଡବାକୁ ଖୋଲିଲେ ଓ ହାତପୂରାଇ ପୋକମାନଙ୍କୁ ଛୁଇଁଲେ, ଖେଳାଇଲେ । ତାଙ୍କର ଇଚ୍ଛାହେଲା ଡାକ ପକାଇଦେବେ—ଦେଖ୍ ଲୋ ଗୀତା, ଦେଖ୍ ସେ ତୋ ଜନ୍ମପରେ ଲାଗୁଛି । ତା'' ଅପନା ହାତ ପୂରାଇ ତୋ କୁମାରୀତ୍ୱକୁ ଛୁଇଁଛି, ତାକୁ ନଷ୍ଟ କରିବାକୁ ବସିଛି । ମୁଁ କିଛି କରି ନାହିଁ । ମୋ ଦୋଷ ନୁହେଁ ।

(ସୁଖଲତା ଦେବୀଙ୍କର ପାଟିକରି ଉଠିବା ଆବଶ୍ୟକ ନଥିଲା । ଗୀତା ସହୁଥିଲା । ସେ ବର୍ତ୍ତମାନ ସ୍ୱପ୍ନ ଦେଖୁଥିଲା ଯେ ସେମାନେ ସଦଳବଳେ ଆସିଗଲେଣି, ଜଣେ ନୁହେଁ ଦୁଇଜଣ ନୁହେଁ—ଆସି ତା'ର ଶୃଙ୍ଗପାଖରେ ରୁଣ୍ଡ ହୋଇଛନ୍ତି ଓ ତା'ର ଫୁଙ୍ଗୁଳା ଦେହରୁ ଫାଳେ ଫାଳେ ବାଣ୍ଟି ନେଉଛନ୍ତି ହସୁଛନ୍ତି । ଶେଷକୁ ଜଣେ କିଏ ସାଧବବୋହୂମାନଙ୍କୁ ତା'ର ଦେହ ଉପରକୁ ଛାଡ଼ିଦେଲା । କହିଲା—ଏଇମାନେ ତା'ର ମିତ ପରା ! ଏଇମାନଙ୍କୁ ଲଗେଇ ଦିଅ, ବଳେ ବଳେ ଠିକ୍ ହୋଇଯିବ । ···କଣ ଠିକ୍ ହେବ ? କେମିତି ଠିକ୍ ହେବ ? ହଉ, ମୁଁ ସହିବି, ମୁଁ ସହିବି, ମୁଁ ପଢ଼ିରହିବି ।)

ଘଡ଼ିକ ପରେ ଅଞ୍ଜଳି ଦେବୀ କହିଲେ ଓ ସୁଖଲତା ଦେବୀ ଶୁଣିଲେ, "ତମର

Digitized by srujanika@gmail.com

ଯଦି କିଛି ଆପତ୍ତି ନଥାଏ ଝିଅର ଜାତକ ପଠାଇଦେବ । ଆମର ରଙ୍ଗନାଥ ପାଇଁ— ବୁଝିଲ ?'' କାହାର ଗୃହାଣିରେ ସହାଗ ନଥିଲା ।

ଅଞ୍ଜଳି ଦେବୀ ଭିତର ଘରେ ଥିଲାବେଳେ ପ୍ରଭା ଦେବୀ ଆଗମନ କଲେ ଓ ଦାଣ୍ଡ ଘରେ ବସି ରହି ଦ୍ବଣାର ସଦ୍ଧୃତ ଗୋଟିଏ ସିନେମା ମ୍ୟାଗାଜିନ୍‌ର ପୃଷ୍ଠା ଓଲଟାଇବାକୁ ଲାଗିଲେ ।

ଇତ୍ୟବସରେ ପ୍ରଭା ଦେବୀ ଭାବି ଭାବି ସ୍ଥିର କଲେ ଯେ ସେ ଗୀତାକୁ ଦେଖିବେ, କିନ୍ତୁ ସୁନ୍ଦର-ଅସୁନ୍ଦରର ମାପକାଠି ଦେଇ ଦେଖିବେ ନାହିଁ, ଭଲମନ୍ଦର ବିଗ୍ଭର କରିବେ ନାହିଁ । କେବଳ ଠିକେ ଠିକେ ଦେଖିବେ ଓ ଭବ ଆଗରେ ବର୍ଣ୍ଣନା କରିବେ,—ତା'ର ଉଚ୍ଚତା, ବର୍ଣ୍ଣ, ଗଠନ, ଅଙ୍ଗପ୍ରତ୍ୟଙ୍ଗର ଆକାର ଓ ଆୟତନ । ନିର୍ଭୁଲ ଜ୍ୟାମିତି ଚିତ୍ର ।···ତେଣିକି ଭବ ବୁଝିବ, ମୋର କିଛି କହିବାର ନାହିଁ ।

ଅଞ୍ଜଳି ଦେବୀ ବିଦାୟ ନେଲେ । ସୁଖଲତା ଦେବୀ ବିଧ୍ୱସ୍ତ ତଥା ଦୁର୍ବିନୀତ ଗୃହାଁଣିରେ ଅପର ଜଣକ ଆଡ଼କୁ ଅନାଇଲେ । ''କିଲୋ, କ'ଣ ଖବର ?''

ପ୍ରଭା ଦେବୀ ଉତ୍ତର ଦେଲେନାହିଁ । ସହପାଠିନୀର ଗମ୍ଭୀରତାକୁ ହାସ୍ୟାସ୍ପଦ ବୋଲି ମନେକଲେ ।···କେବେ କେଉଁ ଯୁଗରେ ଲିତା ଏକା ସ୍କୁଲରେ ଏକା କ୍ଲାସରେ ପାଠ ପଢୁଥିଲା । ପଛ ବେଞ୍ଚ୍‌ରେ ବସୁଥିଲା । ପାନ ଖାଉଥିଲା । ମୁଣ୍ଡରେ ଫୁଲ ଖୋସିକରି ଆସୁଥିଲା, ହୋମ ଓ୍ୱାର୍କ ନକରି ଗାଳି ଖାଉଥିଲା, ସେ ପୁଣି ଆଜି ଏମିତି ମୁହଁ କରୁଛି, ସତେ କି କେଉଁ କଲେଜର ପ୍ରିନ୍‌ସିପାଲ !···

କୁଶଳ ସମ୍ଭାଷଣକୁ ପଛରେ ପକାଇ ପ୍ରଭା ଦେବୀ ପ୍ରଶ୍ନକଲେ, ''ଲିତା, ତୋ ନଣନ୍ଦ କଣ କରୁଛି ?''

ସୁଖଲତା ଦେବୀଙ୍କ ମୁହଁରେ କୌଣସି ପ୍ରତିକ୍ରିୟା ଦେଖାଗଲା ନାହିଁ । ଯନ୍ତ୍ରଚାଳିତ ପରି ସେ କହିଲେ, ''ସେ ଶୋଇଛି, ଦେଖିବୁ ଯଦି ଚାଲ ।''

ପ୍ରଭା ଦେବୀ ପହଞ୍ଚିଲାବେଳକୁ ଗୀତାର ଆଖି ଖୋଲି ଆସୁଛି । ତା'ର ଶିଥିଳ ବେଶଭୂଷା ଆପେ ଆପେ ସଂଯତ ହୋଇଆସୁଛି । ସେ ଆଗନ୍ତୁକାଙ୍କୁ ଦେଖିଲା । ସନ୍ତର୍ପଣରେ ଉଠି ଠିଆହେଲା ଓ ନମସ୍କାର କଲା; କିନ୍ତୁ ତା'ର ପୂରାପୂରି ଚେତା ଆସିଲାପରି ମନେ ହେଲାନାହିଁ ।

''ଏ କିଏ ? ମୁଁ କଅଣ ସ୍ୱପ୍ନ ଦେଖୁଥିଲି ? ଦେହ ଭିତରଟା ଏମିତି ଖାଲି ଖାଲି ଲାଗୁଛି କାହିଁକି ? ସତେ ଯେମିତି କିଏ ସବୁ ଶୋଷିନେଇଛି । ହେଲେ ଇଏ ମୋ ଆଡ଼କୁ ଏମିତି ଅନେଇଛନ୍ତି କାହିଁକି ?···

ପ୍ରଭା ଦେବୀ ତଥାପି ଅନାଇଁ ରହିଥିଲେ ।

ଦୁଃସ୍ୱପ୍ନ, ଆଉ କିଛି ନୁହେଁ । ମୁଁ ଯାହା ଥିଲି ସେଇୟା ଅଛି; କିନ୍ତୁ ଏ କିଏ ? ମୁଁ ଯାଙ୍କୁହିଁ କ'ଣ ସ୍ୱପ୍ନ ଦେଖୁଥିଲି ? ନା, ଆହୁରି କେତେ ଜଣ ଥିଲେ । ସେମାନେ ଗଲେଣି, ଏଇ ଏକା ରହିଯାଇଛନ୍ତି । ଶେଷ ଜଣକ । ମୋତେ ଗାଳିଦେବେ ବୋଲି ବସିଛନ୍ତି । ଭାଉଜବୋହୂ କିଛି କହୁନାହାନ୍ତି କାହିଁକି ? ମୁଁ କଅଣ ଭୁଲ୍ କରିଛି ?···

Digitized by srujanika@gmail.com

ଏହାପରେ ପ୍ରଭାଦେବୀ ଯାହା କହିଲେ, ତାହା ଗୀତାକୁ ମର୍ମାନ୍ତିକ ଦୁଃସହ ଗାଳିପରି ଲାଗିଲା । ସେଥିପାଇଁ ତା'ର ସ୍ୱପ୍ନଲଗା ମନୋଭାବ ନଷ୍ଟପ୍ରାୟ ଦାୟୀ; କିନ୍ତୁ ପ୍ରଭା ଦେବୀଙ୍କର ପ୍ରଭାବ, ତାଙ୍କର ଉତ୍ତୋଳିତ ଓ ଉଜ୍ଜୀବିତ ସ୍ଥାପତ୍ୟକୁ ଅସ୍ୱୀକାର କରିହେବନାହିଁ । ତାଙ୍କର ଗୃହପୃଷ୍ଠ ଉଚ୍ଚ କୃଶ ଶରୀର ଦଣ୍ଡବତ୍ ଛିଡ଼ାହୋଇଥିଲା । ତାଙ୍କର ଗୌରତନୁ ନିର୍ଗୁଣ ବର୍ଣ୍ଣହୀନତାରେ ବିଶ୍ରାମୁଥିଲା । ତାଙ୍କର ସମତଳ ଉପରିଭାଗ ସମତାଳରେ ଉଠି ଆସିଲାପରି ବୋଧ ହେଉଥିଲା । ତାଙ୍କର ନିଷ୍କମ୍ପ ଗ୍ରେଟ ଆଖିରୁ ଅବଲୋକନର ରମ୍ଭ ଚପୁଡ଼ି ହୋଇଯାଉଥିଲା । ମୋଟ ଉପରେ ମନେହେଉଥିଲା ଯେ ତାଙ୍କ ବ୍ୟକ୍ତିତ୍ୱର ଜ୍ୟୋତି କେଉଁ ଏକ ବଜାଗାପ୍ତ ପ୍ରଚଣ୍ଡ ଆଲୁଅ ପଦ୍ଧତି ଲଢେଇ କରୁଛି, ପାରୁନାହିଁ କିନ୍ତୁ ମାନୁନାହିଁ । ଏ ନୁହେଁ, ଏ ନୁହେଁ, ଏ ନୁହେଁ !

ଏ ଜ୍ୟାମିତି ଚନ୍ଦ ନୁହେଁ । ଏହାକୁ ବର୍ଣ୍ଣନା କରିହେବ ନାହିଁ । ଅତି ସୁନ୍ଦର ? ନା ତା' ନୁହେଁ, କେବଳ ତା' ନୁହେଁ । କହିବାକୁ ଗଲେ ଅତି ଅସୁନ୍ଦର । ଗୋଟାଏ ଜ୍ୟୋତିର୍ମୟ ପିଣ୍ଡୁଳା, ସେଥିରେ ଧାର ନାହିଁ, ମୁନ ନାହିଁ, ଖୁଣ ନାହିଁ । ତୁଚ୍ଛା ପ୍ରକୃତି । ତୁଚ୍ଛା ନାରୀ । ଯାହାହେଉ ମୁଁ ତାକୁ ଦି'ପଦ କହିବ, ଉପଦେଶ ଦେବ । ମୋର କର୍ତ୍ତବ୍ୟ ।...

କର୍ତ୍ତବ୍ୟର ଅନୁରୋଧରେ ପ୍ରଭା ଦେବୀ କହିଚାଲିଲେ । ପ୍ରତି କଥାର ସନ୍ଧରେ ଗୀତା ଭିନ୍ନ ଅର୍ଥରେ ବୁଝିଲା ଓ ବିଦଗ୍ଧ ହେଲା—

"ଶୋଇଥିଲୁ ? ଖରାବେଳଟାରେ ଶୋଇଥିଲୁ ? ଶୁଣ୍, ମୁଁ ତୋ ଭଲପାଇଁ କହୁଛି । ଦିନରେ ଶୋଇବୁ ନାହିଁ । (ଶୋଇଲାବେଳେ କଣ ଖରାପ କାମ କରିଛୁ, ଜାଣିଛୁ ?) ସ୍ୱାସ୍ଥ୍ୟହାନି ହେବ । ତା'ଛଡ଼ା ଆତ୍ମାର କ୍ଷତି ହେବ । ଆତ୍ମା ଭଗବାନଙ୍କ ଅଂଶ । ତାକୁ ଯତ୍ନରେ ରଖିବାକୁ ହେଲେ କବରୋଲା ସମସ୍ତଙ୍କ ଚେଇଁରହିବାକୁ ପଡ଼ିବ । ବୁଝିଲୁ ? (ତୋ ଆତ୍ମାକୁ ମୁଁ ଦେଖି ନେଇଛି । ସେଥିରେ କିଛି ନାହିଁ । ସାଧବବୋହୂ ପିଠିପରି ପାଲିସ୍, ଅଦରକାରୀ । ସେଥିରେ ଭଗବାନ ଆସିବେ କେଉଁଠୁ ?) ତୁ ଏବେକ୍ଷଣି ପିଲା ଅଛୁ । ଗୁହୁଁ ଗୁହୁଁ ଦିନ ଚାଲିଯିବ । ତୁ ପଛକୁ ଫେରିକରି ଦେଖିବୁ—ଆରେ ମୋ ଦିନଗୁଡ଼ାକ କୁଆଡ଼େ ଗଲା ? କାହିଁକି ଗଲା ? କାହିଁକି ମୁଁ ଧରି ରଖିପାରିଲି ନାହିଁ ? (ତୁ ବୁଢ଼ୀ ହେବୁ । ରାଣୀ ହେବୁ କି ନାହିଁ କହିପାରୁନାହିଁ, କିନ୍ତୁ ନିଶ୍ଚୟ ବୁଢ଼ୀ ହେବୁ । ତା'ପରେ ପଛକୁ ଫେରି କଣ ଦେଖିବୁ ଦେଖୁଥା) ତେଣୁ ସମୟର ସଦ୍‌ବ୍ୟବହାର କରିବାକୁ ଶିଖ, ମନ ଦେଇ ପଢ଼ । ଜ୍ଞାନର ସୀମା ନାହିଁ । ତା'ର ବାଲ୍ୟ ନାହିଁ, ଯୌବନ ନାହିଁ, ଜରା ନାହିଁ । ତାକୁ ଆବୃରିଥିଲେ ତୋତେ କିଛି ବାଧିବ ନାହିଁ । (ତୁ ପାଠ ନ ପଢି ଯିବୁ କୁଆଡ଼େ ? କାହିଁକିନା ତୋର ରୂପ ଯୌବନ ହଜିଯିବ, ମରିଯିବ, ସଡ଼ିଯିବ ।) ତୁ ପାରିବୁ । ତୁ କେତେ ଦେଶବିଦେଶ ବୁଲି ଆସିଲୁଣି; କିନ୍ତୁ ତୁ ଆମ ଜାତିର, ଆମ କୁଳର ଝିଅ । ତୁ ତା'ର ମାନ ରଖିବୁ । (ସାବଧାନ ତୁ ଆମ କୁଳର ଝିଅ । ଭୁଲିଯାଇ ପାରିବୁନାହିଁ । ଭୁଲିବାକୁ ବସିଲେ ମୁଁ ଅଛି, ଅନ୍ୟମାନେ ଅଛନ୍ତି । ତୋ ସ୍ୱପ୍ନକୁ

Digitized by srujanika@gmail.com

ନାରଖାର କରିଦେବୁ ।) ଭଗବାନ୍ ତୋର ମଙ୍ଗଳ କରନ୍ତୁ । (ଏକା ଭଗବାନ ତୋର ସାହା ଭରସା ।)"

ପ୍ରଭା ଦେବୀ ଧଇଁସଇଁ ହେଲେ, ଯେପରିକି ସେ ପ୍ରାଣବିକଳରେ ଏତେଗୁଡ଼ାଏ କଥା କହିଲେ, ଆହୁରି କହିଥାଆନ୍ତେ; କିନ୍ତୁ ବଳ ପାଉନାହିଁ । ସୁଖଲତାଦେବୀ ଅଧିକତର କ୍ଷୁବ୍ଧ ଦେଖାଗଲେ । ଗୀତା ବିମୂଢ଼ତାର ପ୍ରତିମୂର୍ତ୍ତି ରୂପେ ଛିଡ଼ାହୋଇରହିଲା ।

ପ୍ରଭା ଦେବୀ ହଠାତ୍ 'ଯାଉଛି' ବୋଲି କହି ବିଦାୟ ନେଲାବେଳକୁ ଫୋନ୍ ବାଜିଉଠିଲା । ସୁଖଲତା ଦେବୀ ଫୋନ୍ ଧରିବାକୁ ଗଲେ ଓ ମିନିଟିକ ପରେ ହସ ହସ ହୋଇ ଫେରିଆସିଲେ ।

ଫେରିଆସି ଗୀତାର ହାତ ଧରିପକାଇଲେ ଓ କହିଲେ, "ଗୀତା, ସୁନାଟି ପରି । ଯା, ଜଲ୍‌ଦି ପିନ୍ଧାପିନ୍ଧି କରିପକା । ମୀରୁ ଆସୁଛି ! ମୀରୁ, ମୀରଜା ମ—ତୋ ସାଙ୍ଗ ।"

ଗୀତା ଆନନ୍ଦିତା ହେଲା । ମୀରୁ ତା'ର ପରମବନ୍ଧୁ ନ ହେଲେ ମଧ୍ୟ ସମବୟସୀ, ସହପାଠିନୀ । ଏଠିକା କଲେଜରେ ପଢ଼ିଲା ପରେ ଏଇ ଜଣେ ସାଙ୍ଗ ମିଳିଛି, ଯାହାକୁ ଦେଖିଲେ ତତ୍‌କ୍ଷଣାତ୍ ହାଲ୍‌କା ଲାଗେ, ଗୀତ ଗାଇବାକୁ ଇଚ୍ଛା ହୁଏ । ଝିଅଟା ସବୁବେଳେ କୁରୁକୁରୁ ହୋଇ ହସୁଥାଏ, ଭଲକି ଭଲି ବେଶ ହୋଇ ଫୁଲେଇ ହୁଏ, ହାତ ଗୋଡ଼ ହଲେଇ କଥା କହେ । ଅନ୍ୟମାନେ ପଛରେ କେତେ କ'ଣ ଥଟ୍ଟା କରନ୍ତି; କିନ୍ତୁ ଗୀତାର ମନେହୁଏ ଯେ ମୀରୁ ପାଖରେ ତା'ର ନଜର କାଛ ଅଂଶ ଅଛି, ଦପ୍ ଦପ୍ ହୋଇ ଅମାନିଆ ହୋଇ ଜଳିଉଠୁଛି—ତାକୁ ଭଲନପାଇ ରହିହେବନାହିଁ ।...ତେବେ ଭାଉଜବୋହୂ ଏମିତି ଖୁସି ହେଉଛନ୍ତି କାହିଁକି ?

ସୁଖଲତା ଦେବୀ ନିର୍ଦ୍ଦେଶ ଦେଲେ, "ସିବୁଟି ଯା, ମୁହଁ ଧୋଇପକା । ପୁଣି ଥରେ କଲା, ପାଉଡର୍ ଫାଉଡର୍ ଲଗେଇକରି ଆ ।" ଶାଢ଼ିଟା ବଦଳେଇ ଦେ ।...ଗୋଟାଏ କଥା କର, ଭାଇ ଅଫିସରୁ ଫେରି ନ ଥିବେ । ତୁ ସେହି ସଲ୍‌ଓ୍ୱାର୍ କାମିଜ୍ ପିନ୍ଧିନୁ, ସେଆଡ଼େ ଯାହାକୁ ପିନ୍ଧିଥିଲୁ !"

ସଲ୍‌ଓ୍ୱାର୍ କାମିଜ୍ ? ଗୀତାର ଆଖି ଖୋସିହୋଇଗଲା । ଆଜକାଲିକା ଚପା ସଲ୍‌ଓ୍ୱାର୍ କାମିଜ୍, ଯେଉଁଥିରେ ଦେହର ଉଚ୍ଚନୀଚ ବାରିହୋଇଯାଏ ? ସେ ତାକୁ ଏଠିକି ଆସି ଥରେମାତ୍ର ପିନ୍ଧିଥିଲା, ଆଉ ଭାଉଜବୋହୂ ଜିଭ କାମୁଡ଼ିଥିଲେ, ହସିଥିଲେ, ଗୃହକରବାକର କିଏ ଦେଖିପକେଇବେ ବୋଲି କବାଟ ବନ୍ଦକରି ଦେଇଥିଲେ । ସେହି ଭାଉଜବୋହୂ ପୁଣି !

"ମୁଣ୍ଡବାଳ ଖୋଲିଦେ', ଖେଲାଇଦେ । ନହେଲେ ସେହି ଯେଉଁ ଉଚ୍ଚ ଖୋସା, ଭଲ୍ଲା ସାହେବଙ୍କ ଝିଅ ଯେମିତିକା ଖୋସା କରେ—"

ଭାଉଜବୋହୂଙ୍କର କ'ଣ ହୋଇଛି ?

"ଗୋଟାଏ ବଡ଼ ନାଲି ପଥର ମୁଦି ପିନ୍ଧିବୁ, ମୁଁ ଦେବି । ଡାହାଣ ହାତରେ ଗୋଛାଏ ନାଲିଚୁଡ଼ି ପିନ୍ଧିବୁ, ବାଁ ହାତରେ ରିଷ୍ଟଓ୍ୱାଚ୍ । ଏଇ ସୁନାହାରଟା କାଢ଼ିଦେ, ବେକକୁ ଭରି ଲାଗୁଥିବ..."

Digitized by srujanika@gmail.com

ଗୀତାର ଇଚ୍ଛାହେଲା ସେ ଭୁଜଙ୍ଗବୋହୂଙ୍କ ପାଟି ବନ୍ଦ କରିଦେବ । କହିବ— ତମେ ନିଜକୁ କଷ୍ଟ ଦିଅନାହିଁ —ମୁଁ ଜାଣେ । ମିରୁ ମୋର ସାଙ୍ଗ ହୋଇପାରେ; କିନ୍ତୁ ତାର ଜଣେ ଭାଇ ଥିବ । ସେ ଭାଇର ଜଣେ ମାଆ ଥିବେ, ସେ ମଧ୍ୟ ଆସୁଛନ୍ତି ।

ଗୀତାର ମନକଥା ଜାଣି ଅଭୟ ଦେଲାପରି ସୁଖଲତା ଦେବୀ କହିଲେ, "ମିରୁ ମାଙ୍ଗରେ ତା'ର ମାଆ ଆସୁଛନ୍ତି—ମିସେସ୍ ମହାନ୍ତି—ଭାରି ମଡ଼ର୍ଣ୍ଣ—କିନ୍ତୁ ଅତି ଭଲ ଲୋକ ।"

× × ଅପରାହ୍ଣ ସରିଲାବେଳକୁ ମିରୁ ଓ ତା' ମାଆ ତାଙ୍କ ବଡ଼କାର୍‌କୁ ବଂଶୀ-ବାବୁଙ୍କ ଘର ସାମ୍ନାରେ ଲମ୍ବେଇଦେଲେ ଓ ଉଚ୍ଛୁଳା ସ୍ନେହର ପରିବେଶ ସୃଷ୍ଟି କରି ଓହ୍ଲାଇଆସିଲେ । ଗୀତା ଭୁଜଙ୍ଗବୋହୂଙ୍କ ବିବାଦ ମୁତାବକ ନିଜକୁ ସଜେଇଥିଲା । କିନ୍ତୁ ତା' ସାଙ୍ଗକୁ ଏକ ଅସ୍ୱାଭାବିକ ଔଦ୍ଧତ୍ୟର ମୁଖା ପିନ୍ଧିଲା ପରି ଦିଶୁଥିଲା । ମିରୁ ଲକ୍ଷ୍ୟକଲା, କହିଲା, "ହ୍ୟାଲୋ ଗୀତା ଦାସ୍, କାହା ଉପରେ ରାଗିଛ ନା କଅଣ ?···ଚାଲ୍ ତୋ ବେଡ୍‌ରୁମ୍‌କୁ ଯିବା । ନିରୋଳାରେ ବସି ଗୀତ ଗାଇବା । କ'ଣ କହୁଛୁ ?"

କିନ୍ତୁ ଗୀତା ମିଶିଯାଇ ପାରିଲାନାହିଁ—ସଙ୍ଗିନୀର ଚପଳ କ୍ରୀଡ଼ାରେ ନିଜକୁ ମିଶାଇ ଦେଇପାରିଲା ନାହିଁ । ସେ ଗୀତ ଗାଇବାକୁ ମନାକଲା । ମିରୁର ମଜା କଥାରେ ହସିପାରିଲା ନାହିଁ ।

ତା'ର କାରଣ ସେ ଅପେକ୍ଷା କରିଥିଲା କେତେବେଳେ ମିସେସ୍ ମହାନ୍ତି ତାକୁ ଭଲଭାବରେ ଦେଖିବାକୁ ଆସିବେ ।

ଆସନ୍ତୁ, ମୁଁ ମଧ୍ୟ ତାଙ୍କୁ ଦେଖିବି । ତାଙ୍କ ଆଖିରେ ଆଖି ରଖିବି । କୁଳର ପୁରୁଣାକାଳିଆ ଗରାଖମାନେ ଆସିଥିଲେ, ମୋ ସ୍ୱପ୍ନକୁ ମାଡ଼ିବସିଲେ, ମୋ ଦେହଯାକ ତାଙ୍କ ଗୃହିଣୀର ବିଷ ବୋଳିଦେଇଗଲେ । ତାଙ୍କ ଭିତରୁ ଜଣେ ଦାନ୍ତନାମୁଣ୍ଡ ଅଭିଶାପ ଦେଇ ପଳେଇଲେ । ଦେଖାଯାଉ ଏ ନୂଆ ଗରାଖ, ମଡ଼ର୍ଣ୍ଣ ଗରାଖ କ'ଣ କରୁଛନ୍ତି ? ମୁଁ ପ୍ରସ୍ତୁତ । ମୋ ଦେହର ପସରା ସରିଯାଇନାହିଁ ।

ମୁଁ ମୋ ଗ୍ରନ୍ଥିକୁ ପୋଡ଼େଇଦେଇ ପାରିବି, ଖୋଲିଦେଇ ପାରିବି । ମୁଁ ସୁନ୍ଦରୀ !···

ମିସେସ୍ ମହାନ୍ତି ଘରକୁ ଫେରିବା ଆଗରୁ ଝିଅକୁ ଡାକି ନେବାପାଇଁ ଆସିଲେ । ଉଦାରମଧୁର ହସର ଐଶ୍ୱର୍ଯ୍ୟ ବିତରଣ କରି ବସେଇ ବସେଇ କହିଲେ, "କ'ଣ ଦି'ଜଣ ଯାକ ଭାରି ମଉଜ କଲ ? ମୋତେ ଟିକିଏ ଡାକିଲ ନାହିଁ ? ଆସନ୍ତା ରବିବାରକୁ ଚାଲ ଆମ ଘରେ ଏକାଠି ହେବା । ଏକାଠି ଲଞ୍ଚ୍ ଖାଇବା, ତା' ପରେ ମୁଁ ତୁମକୁ ସିନେମା ଦେଖାଇନେବି । ମିସେସ୍ ଦାସଙ୍କର କିଛି ଆପତ୍ତି ଅଛି ?"

ଗୀତା ତାର ଧମକାଣ ପୂରା କରିପାରିଲାନାହିଁ । ତଳକୁ ମୁହଁ ପୋତି ଛିଡ଼ାହେଲା; କିନ୍ତୁ ତା'ର ରଙ୍ଗାମୁହଁରେ ବିନୟ ବା ଲଜ୍ଜା ଥିଲା ବୋଲି କିଏ କହିବ ? ଭାଙ୍ଗିପଡ଼ିବାକୁ, ବିଦୀର୍ଣ୍ଣ ହେବାକୁ ନଥିଲେ କ'ଣ ଏତେ ରକ୍ତ ଜମିଯାଇପାରେ ?

Digitized by srujanika@gmail.com

···ସେମାନେ ଯିବାର ପରେ ପରେ ଦିନ ସରିଆସିଲା । ଗୀତା ଭାଉଜବୋହୂଙ୍କ ନାନାଦି ଆଦର ପ୍ରଶ୍ନକୁ ଆଡ଼େଇଦେଇ ତା' ଶୋଇବା ଘରର ଝରକା ପାଖରେ ଛିଡ଼ା ହେଲା । ଅନ୍ଧାର ଘୋଟିବା ଆଗରୁ ଅପର ଜନମାନବର ଚହଲ, ଚାଲି ଓ ଗହଳିକୁ ନିରେଖି ଦେଖିଲା ।

ଝରକା ଭିତରୁ ବଇଁଶୀବାବୁଙ୍କ ବାରି ଅଗଣା ଦେଖାଯାଏ, ରାସ୍ତା ଦିଶେ ନାହିଁ । କିନ୍ତୁ ଗୀତାର ଦୃଷ୍ଟିଶକ୍ତି ସାମାନ୍ୟ ନୁହେଁ । ସେ ଦେଖିଲା ଯେ ବାରିର ଶେଷମୁଣ୍ଡକୁ ଫାଙ୍କଟିଏ ଅଛି । ଫାଙ୍କବାଟେ ଗୋଟିଏ ଗଳି କଣ୍ଥିତ୍ ଉଙ୍କିମାରୁଛି । ଗଳି ଉପରକୁ କାହା ଚାଳର ବାଉଁଶ ଖଣ୍ଡେ ଖାଉଁକିନି ଗୋଡ଼େଇ ଆସିଛି । ହେଉ । ସେଇ ଅବାକ ଭୂଇଁରେ ଚାଲୁଥିବା ଲୋକର ପାଦ ଦିଶୁଛି । ଲୋକ ଚାଲି ଚାଲି ଯିବ ବଡ଼ ରାସ୍ତାକୁ ସେଠି ଆଉ କେତେ ଲୋକ ଯାଉଛନ୍ତି, ଆସୁଛନ୍ତି । ସରବତ୍ ଦୋକାନରେ ହସ ଚାଲିଛି, ମନ୍ଦିର ମୁହାଣରେ ଭକ୍ତ ଓ ଭିକାରି ଠେଲାପେଲା ହେଉଛନ୍ତି । ରିକ୍ସାବାଲା, ବସବାଲା, ଚିନାବାଦାମବାଲା, ଖବରକାଗଜବାଲା, ପୃଥିବୀଯାକର ଯେତେକ 'ବାଲା' ପରସ୍ପରକୁ ଡକାଡକି ହେଉଛନ୍ତି, ଉଚ୍ଛୁଳୁଛନ୍ତି । ଗୀତା କଳ୍ପନାରେ ଅନେକ କିଛି ଦେଖିପାରିଲା ଓ ଦୃଷ୍ଟିର ପରିସରକୁ ବଢ଼େଇଲା, ଆହୁରି ବଢ଼େଇଲା । ଚେନାଏ ଗଳିବାଟେ ଚାଲି ଚାଲି ଯାହା ଦେଖିଲା, ଘରମାନଙ୍କ ମଥାନ ଉପରେ ଡେଇଁ ଡେଇଁ ଆହୁରି କେତେ କଣ ଦେଖିଲା । ଚଢ଼େଇ ସାଙ୍ଗରେ ଉଡ଼ି ଉଡ଼ି କେତେ ବଜାର, କେତେ ମେଳାର ମଝିକୁ ଝାମ୍ପ ମାରିଲା । ସତେ କି ସେ ଗୋଟାଏ ଦୁର୍ଦ୍ଦାନ୍ତ ଶୃଙ୍ଖଳାବାଧକୁ ମୁକୁଳେଇଦେଇଛି—ଖେଦି ଯା'—ଘର ବାହାର ରାସ୍ତାଘାଟ ଖେଦିଯା'— ! ଅନ୍ୟ ମଣିଷ ଅଛନ୍ତି, ଶହ ଶହ ମଣିଷ । ସେମାନେ ତୋ ଦେହକୁ ପ୍ରେମ କରିବେ । ନଷ୍ଟ କରିବେ ନାହିଁ ।

ସୁନ୍ଦରୀର ଅହମିକା ସେତିକିରେ ସରିଲା ନାହିଁ । ଏ କୁଳର ଝିଅ ହୋଇ ଏତେ କୁତ୍ସିତ ଭାବନା ତା'ମନକୁ ଆସିବ ବୋଲି କିଏ ଜାଣିଥିଲା ? ଗୀତା ଯେଉଁ ମଣିଷମାନଙ୍କୁ ଖୋଜିଲା, ଦେଖିଲା, (ପାଇଲା) ସେମାନେ କେବଳ ପୁରୁଷ !

ପୁରୁଷ ବାପା ନୁହେଁ, ଭାଇ ନୁହେଁ ଏଇ ସ୍ତ୍ରୀଲୋକମାନଙ୍କର କେହି ନୁହେଁ । ଏମାନଙ୍କ ଭିତରୁ କେହି ନୁହେଁ । ଅସମ୍ଭବ । ଆଲୋ ହୃଣ୍ଡୀ, ତା' ହେଲେ ତା ଚେହେରା କେମିତିକା ? ଚଉଡ଼ାଛାତି, ଜଳଜଳ ଆଖି, ଟାଣୁଆ ହାତ ନା ଆଉ କଅଣ ? ରାମଙ୍କ ପରି, କୃଷ୍ଣଙ୍କ ପରି, ନା ଶିବଙ୍କ ପରି ? ଗୀତା ତା'ର ଉତ୍ତର ଦେଇପାରି ନଥାନ୍ତା; କିନ୍ତୁ ସେ ସେହି ନିରାବରଣ ପହିଲି ପୁରୁଷର ନିକଟସ୍ପର୍ଶ ପାଉଥିଲା ଓ ତାକୁ ଛାତିରେ ଜାବୁଡ଼ି ଧରି ଭେଁ ଭେଁ ହୋଇ କାନ୍ଦୁଥିଲା ।

ଏତିକିବେଳେ ସୁଖଲତା ଦେବୀ ଘର ଭିତରକୁ ଆସିଲେ ଓ ପଚାରିଲେ, "କିଲୋ, ଅନ୍ଧାରରେ ଏମିତି ଛିଡ଼ାହୋଇଛୁ କାହିଁକି ? କ'ଣ କରୁଛୁ ?"

"କିଛି ନାହିଁ ।" କିନ୍ତୁ ଗୀତା ସଚେତନ ହେଲା ଏବଂ କିଛି କରିବାକୁ ଗଲା । ଭାଉଜବୋହୂ ଅଛନ୍ତି କି ଗଲେଣି ଖିଆଲ ନ କରି ସେ ତାର ଥାକରୁ କାଚଢ଼ିବାଟିକୁ ନେଇ ଆସିଲା । ତାକୁ ଖୋଲି ସାଧବବୋହୂମାନଙ୍କୁ ବାହାରକରି ଆଣିଲା ଓ ଝରକା-ବାଟେ ତଳକୁ ଛାଡ଼ିଦେଲା । ପତନର ସୁଖକୁ ଗଣିଲା ପରି ଗୋଟି ଗୋଟି କରି ଛାଡ଼ିଲା—ଏକ···ଦୁଇ···ତିନି··· □□□

Digitized by srujanika@gmail.com

ମୁକ୍ତକେଶୀ

ସୁପ୍ରିୟା ଦରଜା ପାଖରେ ତାଙ୍କର ଗ୍ଲେଟିଆ ମୁହଁଟି ଦେଖାଇ ଏବଂ କରୁଣ ଅବସ୍ଥାର ଆତଙ୍କରେ ଆଖି ନଚାଇ କହିଲେ—"ଶୁଣୁଛ ? ଅପା ଆସିଲେଣି ।"

"କୋଉ ଅପା ?" ସରସୀ ପ୍ରସ୍ତୁତର ଭଙ୍ଗୀରେ ଅଣ୍ଟାରେ କାନି ବାନ୍ଧୁଥିଲେ । ହାତରେ ଇତିହାସ ବହି, ନୋଟଖାତା । ସ୍କୁଲବେଳ ହୋଇଗଲାଣି । ଅପାମାନଙ୍କ ସାଙ୍ଗରେ କଥା କହିବାକୁ ବେଳ ନାହିଁ ।

"ବିନୁ ଅପା ! ତୁମ ଗେହ୍ଲା ନଣନ୍ଦ !" ଶ୍ଳେଷାତ୍ମକ ହସଟିଏ ଛାଡ଼ିଦେଇ ସୁପ୍ରିୟା ଫେରିଗଲେ ।

ଅନ୍ୟ କେହି ହୋଇଥିଲେ ଶିକ୍ଷୟିତ୍ରୀ ସରସୀ ମହାନ୍ତି ଧପ୍ ଧପ୍ ହୋଇ ପାହାଚ ଓହ୍ଲାଇ ଅପେକ୍ଷା କରିଥିବା ରିକ୍ସାରେ ବସି ପ୍ରଭାଦେବୀ ବାଳିକା ବିଦ୍ୟାଳୟକୁ ଯାଇଥାଆନ୍ତେ । ମାତ୍ର ପାଞ୍ଚ ମିନିଟ୍ ଅଛି । ମୋର ଛାତ୍ରୀମାନେ ଅପେକ୍ଷା କରିଥିବେ । ଯେ କୌଣସି ଅପା ହୁଅନ୍ତୁ ପଛେ—

କିନ୍ତୁ ବିନୁଅପା ଯେକୌଣସି ଅପା ନୁହଁନ୍ତି । କାରଣ ମନେରଖିବାକୁ ହେବ ଯେ ମୁଁ ତାଙ୍କର ଅମଙ୍ଗୁଳିଆ ଭାଉଜ । ଯେତେଦିନ ମୁଁ ଏଇଠି ଅଛି, ମହାନ୍ତି ବଂଶର ଦାନାପାଣି ଖାଉଛି (ମୋର ଦରମା ଗଣ୍ଡାକ ସମୁଦ୍ରକୁ ଶଙ୍ଖେ ପାଣି ବୋଲି କୁହାଯାଏ), ମୋତେ ସ୍ୱୀକାର କରିବାକୁ ହେବ ଯେ ମୁଁ ତାଙ୍କ ଭାଇକୁ ଖାଇଛି । ଅଲିଭା ଶୋକରେ ଜଡ଼ସଡ଼ ହୋଇ ଶୁଖିଲା ହସର ସ୍ୱାଗତ ଜଣାଇବାକୁ ପଡ଼ିବ—କିଏ, ଅପା କି ? କେତେବେଳେ ଆସିଲ ? ବସ ବସ···କୁନିକୁ ସାଙ୍ଗରେ ଆଣିଛ ନା ? ବୋଉ ସେଦିନ ତମ ଘରୁ ଫେରି ବ୍ୟସ୍ତ ହେଉଥିଲେ, କହୁଥିଲେ ତାକୁ ଭାରି କାଶ ସର୍ଦ୍ଦି, ଭଲକରି ଗଣ୍ଡାଏ ଖାଉନାହିଁ··· ଏଇକ୍ଷଣି କେମିତି ଅଛି ? ଇତ୍ୟାଦି ଇତ୍ୟାଦି । ଅପାଙ୍କ ମୋଟି ଝିଅର ସ୍ୱାସ୍ଥ୍ୟ ପ୍ରତି ଯଥେଷ୍ଟ ସହାନୁଭୂତି ଦେଖାଇ, ତାଙ୍କ ସ୍ୱାମୀ ବ୍ୟବସାୟୀ ଜୁଲୁ ମହାପାତ୍ରଙ୍କ ଅକ୍ଳାନ୍ତ ପରିଶ୍ରମର ପ୍ରଶଂସା କରି, ଆପଣା ପୋଡ଼ାକପାଳର ପରିଚୟ ସ୍ୱରୂପ ଅନ୍ତତଃ ଦୀର୍ଘଶ୍ୱାସଟିଏ ତ୍ୟାଗକରି ବିଦାୟ ନେବାକୁ ହେବ—ଅପା, କିଛି ମନେ କରିବ ନାହିଁ । ମୋର ସ୍କୁଲ-ବେଳ ହୋଇ ଗଲାଣି । ଡେରିହେଲେ ଆମ ପ୍ରିନ୍‌ସିପାଲ୍ ଖପ୍‌ପା ହୋଇଯିବେ । ହାତଧରି ପୁଣି ଥରେ କହିବାକୁ ପଡ଼ିବ, କିଛି ମନେକରିବ ନାହିଁ । ସେଇଠୁଁ ଯାଇ ରକ୍ଷା ।

ଅପାଙ୍କଠାରୁ ବିଶେଷ କିଛି ଉତ୍ତର ନମିଳିପାରେ । ମୋଠାରୁ କୁଶଳ ସମ୍ଭାଷଣ ପାଇବାତକ ସେ ମୋର ଦେହମୁହଁକୁ ଚାହୁଁଥିବେ । ଗତବାର ସାକ୍ଷାତହେବା ଦିନଠାରୁ

Digitized by srujanika@gmail.com

କିଛି ମଣିଦର୍ପନ, ସାଜଶୃଙ୍ଗାରର ଗୋପନ ଅପଚେଷ୍ଟା ଧରାପଡ଼ୁଛି କି ନାହିଁ ବୋଲି ଖୋଜିହେଉଥିବେ । ତଥାପି ମୋତେ ମୋର ପାର୍ଟ ପୂରା କରିବାକୁ ହେବ । ଉପାୟ ନାହିଁ ।

ବିଦ୍ରୋହର ସମୟ ଆସିନାହିଁ ।

ସରସୀ ମହାନ୍ତି ଗ୍ରୀବାକୁ ଭଲଭାବରେ ଘୋଡ଼େଇ ପାହାଚ ଗଣି ଗଣି ତଳକୁ ଓହ୍ଲେଇଲେ ।

ସ୍କୁଲରେ ଥିବାଯାଏଁ ଯୌବନଚେତନାର ପତ୍ତା ମିଳେନାହିଁ । ଗ୍ରେଟରୁ ବଡ଼ ଛାତ୍ରୀମାନଙ୍କର ଉଚ୍ଛୁଳାପଣ, ଇତିହାସ ଆକାଶରେ ଡେଣା ମେଲିଥିବା ହରେକ କିସମର ଚଢ଼େଇ, ରାଜାରାଣୀ, ମନ୍ତ୍ରୀ, ସେନାପତି ଓଗେର ଏବଂ ତଳେ ଛେଉଁଛେଳୁଥିବା ସାଧାରଣ ସଭ୍ୟତାର ଯୁଦ୍ଧ, ଶାନ୍ତି, ଅଦଉତି । ସରସୀର କାମ ହେଲା ପିଲାମାନଙ୍କୁ ଅତୀତର ବାଇସ୍କୋପ ଦେଖାଇବା । ସେମାନେ ଅଳ୍ପବୟସୀ । "ମିସ୍" ମହାନ୍ତିଙ୍କୁ ଭଲପାଆନ୍ତି ।···ମିସ୍ ମହାନ୍ତି ଖୁସିହେଲା ପରି ପଢ଼ାନ୍ତି, ସତେକି ସେ ଆମକୁ ବୁଢ଼ୀମା' କାହାଣୀ ଶୁଣାଉଛନ୍ତି । ବେଳେ ବେଳେ ତାଙ୍କ ଆଖି ବଡ଼ ବଡ଼ ହୋଇଯାଏ । ସହଜେ ଭରା ଆଖି; କଜଳ ଲଗେଇଥିଲେ ମାଆ ଦୁର୍ଗାଙ୍କ ପରି ଦେଖାଯାଆନ୍ତେ । ବେଳେବେଳେ ତାଙ୍କ ଓଠ ଥରିଉଠେ, ସରୁ ଉପର ଓଠ ପରିପୂର୍ଣ୍ଣ ତଳଓଠକୁ ଛୁଇଁପାରେ ନାହିଁ । ଲିପ୍‌ଷ୍ଟିକ୍ ଲଗେଇଥିଲେ ଶର୍ମିଳା ଟାଗୋରଙ୍କ ପରି ଦେଖାଯାଆନ୍ତେ । କିନ୍ତୁ ଶର୍ମିଳା ଟାଗୋରଙ୍କ-ଠାରୁ ତାଙ୍କ ଦାନ୍ତ ସୁନ୍ଦର, ଧାଡ଼ି ଧାଡ଼ି ହୋଇ—ଲିପ୍‌ଷ୍ଟିକ୍ ନ ହେଲା ନାହିଁ, ପାନ ଖାଇ ଓଠ ରଙ୍ଗେଇବାକୁ କିଏ କ'ଣ ମନା କରିଛି ? କଥାକଥାକେ ତାଙ୍କ ହାତ ଝୁଲି-ପଡ଼ୁଥିବା ଚୂନାବାଳକୁ ସଜାଡ଼ିଦିଏ । ଚୂନାବାଳ କାହିଁ ? ସବୁତକ ତ ଉପରକୁ ଟଣା ହୋଇ ଅନାମଧେୟ ଖୋସାରେ ବନ୍ଧାହୋଇଛି । ମିସ୍ ମହାନ୍ତି ଅନ୍ୟ ମାଷ୍ଟ୍ରାଣୀଙ୍କ ପରି ନୁହଁନ୍ତି । ବିଶେଷ ଗୋରା ନହେଲେ କଅଣ ହେବ, ସୁନ୍ଦର—ଆମର ଅମୁକ ଅପାଙ୍କ ପରି ।···ସରସୀଙ୍କ ଅଜାଣତରେ ସେମାନେ ତାଙ୍କର ଯୌବନକୁ ଭଲପାଆନ୍ତି, କିନ୍ତୁ ମୁହଁ ଖୋଲି କିମ୍ବା ଇଙ୍ଗିତରେ କିଛି କହିବାକୁ ସାହସ କରି ପାରନ୍ତି ନାହିଁ । କିଏ ନ ଜାଣିଛି ଯେ ବାହାଘରର ଦୁଇବର୍ଷ ନ ପୂରୁଣୁ ସେ ତାଙ୍କର ସ୍ୱାମୀଙ୍କୁ ହରେଇଛନ୍ତି ଏବଂ ସ୍ମୃତିସମ୍ବଳ ପୁଅଟିକୁ ମଣିଷ କରିବା ପାଇଁ ପାଠ ପଢ଼ାଉଛନ୍ତି ? ଭାବ କାବା ହୁଅନ୍ତି, ଆମ ଓଡ଼ିଶା ଦେଶ କେତେ ଆଗେଇଲାଣି । ସେ କାଳର ବିଧବା ହୋଇଥିଲେ ବିଚାରୀ କେତେ ହୀନସ୍ତା ହେଉନଥାଆନ୍ତେ !

କିନ୍ତୁ ସ୍କୁଲରେ ଥିବାଯାଏଁ ସରସୀ ମହାନ୍ତିଙ୍କ ମନରେ ସଫଳ-ବିଫଳ ଯୌବନର ଛାଇ ପଡ଼େନାହିଁ । ସେ ପାଠ ପଢ଼େଇବାର ଆନନ୍ଦରେ ଭାସିଯାଆନ୍ତି ।

କେବଳ ଦିନେ ଜଣେ ଛାତ୍ରୀ ଚତୁର ପୂରୁଖାପଣ ଦେଖାଇ ତାଙ୍କୁ ପଚାରିଥିଲା—

"ମିସ୍ ମହାନ୍ତି, ଆପଣଙ୍କୁ ମିସ୍ ମହାନ୍ତି ନ ଡାକି ମିସେସ୍ ମହାନ୍ତି ଡାକିଲେ ଭଲ ହେବ, ନୁହେଁ ?"

ଅବିଚଳିତ ଭଙ୍ଗୀରେ ସରସୀ ମହାନ୍ତି ଉତ୍ତର ଦେଇଥିଲେ, "ତୁମକୁ ଯାହା ଭଲ

Digitized by srujanika@gmail.com

ଲାଗୁଛି ।" କିନ୍ତୁ ସେ ମନ ଭିତରେ ଚେଇଁ ଚମକିଉଠୁଥିଲେ । ଯେଉଁ ସ୍କୁଲରେ ବିବାହିତା ଅବିବାହିତା ମାଷ୍ଟ୍ରାଣୀ ସମସ୍ତଙ୍କୁ "ମିସ୍" ବୋଲି ଡାକନ୍ତି, ସେଠି ଏଭଳି ପ୍ରଶ୍ନ ପଗ୍ଭରିବାର ଅର୍ଥ ଯେ ମୋତେ ଚେତାଇ ଦିଆଯାଉଛି—ବିଧବା । ଯୁବତୀ ବିଧବା । କାହିଁକି ? ଏଠି ମଧ୍ୟ ରିନୁଅପାଙ୍କ ପରି ଝିଅ ଅଛନ୍ତି ?

ଜଣେ ଅଧେ ଥିଲେ ଥାଇପାରନ୍ତି, ସେଥିରେ ମୁଁ ହାରିଯିବିନାହିଁ । ପ୍ରଭାଦେବୀ ବାଳିକା ବିଦ୍ୟାଳୟରୁ ମୋତେ କେହି ଛଡ଼େଇ ନେଇପାରିବେ ନାହିଁ । ଏଇଠି ମୋର ମୂଲ୍ୟ, ମୋର ଆନନ୍ଦ ।' ସରଗୀ ମହାନ୍ତି ଅବଲମ୍ବେ ନିଜକୁ ସଜାଡ଼ିନେଲେ । ଇତିହାସର ଖିଅ ଧରିଲେ—ହଁ, ଆମର କ'ଣ କଥା ପଢ଼ୁଥିଲି···ଅଶୋକ କଅଣ ଆମର କଳିଙ୍ଗ ଦେଶରେ ରକ୍ତ ବୁହାଇ ନ ଥିଲେ ଧର୍ମାଶୋକ ହୋଇ ପାରି ନ ଥାଆନ୍ତେ—ନା ସେଥିରେ ଆଉ କିଛି ରହସ୍ୟ ଥିଲା ? (ରକ୍ତ ଆଉ ଲୁହ ମଧ୍ୟରେ ପ୍ରଭେଦ କଅଣ ? ଗାନ୍ଧିଜୀ କଅଣ ଏଇ ଦେଶ ମଣିଷର ଲୁହ ଦେଖି ତରଳି ଯାଇ ନ ଥିଲେ, ସଂକଳ୍ପ କରି ନ ଥିଲେ ? ନା-ନା, ମୋ' ମନରେ ଦୁର୍ଭାବନା ଆସୁଛି । ଏଠି ମୋର ରାଗ ନାହିଁ, ଆଖିରେ ଲୁହ ନାହିଁ ! ମୋ' ଛାତ୍ରୀମାନେ ମୋ'ପାଇଁ ଅପେକ୍ଷା କରିଛନ୍ତି, ଶିଖିବା ପାଇଁ, ଖୁସି ହେବାପାଇଁ···) ।

ସ୍କୁଲରୁ ଫେରିବା ପରେ ଶ୍ୱଶୁରଙ୍କର ସିମେଣ୍ଟ ରଙ୍ଗର ଦୁଇ ମହଲା କୋଠା । ଉପର ମହଲାର ଗୋଟିଏ କୋଠରୀ । ଆଶ୍ରୟ । ଝରକାବାଟେ ଦୂରକୁ ଅନେଇଲେ କାଠଯୋଡ଼ି କୂଳ ଦେଖାଯାଏ, ମଶାଣି କେଉଁଠି ଥିବ ବୋଲି ଅନୁମାନ କରିହୁଏ । ଘର ଭିତରକୁ ଗ୍ଭହିଁଲେ ପ୍ରଥମେ ଆଖିରେ ପଡ଼େ ସ୍ୱର୍ଗତ ସ୍ୱାମୀ ଗଜେନ୍ ମହାନ୍ତିଙ୍କର ଫଟୋ । ବାସିଫୁଲ ବଦଳା ହୋଇଛି ତ ?···ଆଶ୍ଚର୍ଯ୍ୟ, ଫଟୋ ସଜାହେବାର ପାଞ୍ଚ ଛଅ ବର୍ଷ ହୋଇଗଲାଣି, ତଥାପି ଏଭଳି ଆଶଙ୍କା କେଉଁଠୁ ଆସେ ? ସକାଳୁ ପୂଝାରୀଙ୍କର କାମ ହେଲା ବଗିଚାରୁ ଫୁଲ ତୋଳିଆଣି କିଛି ଠାକୁରଘରେ ଏବଂ ଆଉ କିଛି ବଡ଼ ବୋହୂମାଆଙ୍କ ଘରେ ଦେଇ ତା'ପରେ ଯେଉଁ କଥା । ସ୍ୱଭାବତଃ ବଡ଼ବୋହୂମାଆଙ୍କର ପ୍ରଥମ କାମ ଆଉ ଅସଲ କାମ ହେଲା—ମାଳା ଗୁନ୍ଥି, ବାସି ଫୁଲମାଳା କାଢ଼ିଦେଇ, ସଜ ଫୁଲମାଳା "ତାଙ୍କ" ଗଳାରେ ପିନ୍ଧାଇ ପ୍ରଣାମ କରିବା । ମୁଁ ସେଥିରେ ହେଳା କରିନାହିଁ । ବୋଉ କି ସୁପୁର କିମ୍ବା ଦେବାନ୍ତ ରିନୁ ଅପା କାହାରି ଆଖିରେ ବାସି ଫୁଲମାଳାର ଅସହ୍ୟ ଦୃଶ୍ୟ ଦେଖାଯିବ, ଏଭଳି ଆଶଙ୍କା ଅମୂଳକ । ତଥାପି କାହିଁକି ଭୟଲାଗେ ?

ଭୟ ଲାଗେ (ଇଚ୍ଛା ହୁଏ) ମାଳା ବଦଳେଇବି ନାହିଁ । ବାସୀ ଫୁଲକୁ ମଉଳି ସଢ଼ିବାକୁ ଛାଡ଼ିଦେଇ ଦେଖିବି ସେମାନେ ମୋର କଅଣ କରିବେ । କାହିଁତ କଅଣ କରିବେ ? ଏଇ ଘର ମୋର ଆପଣାର ସମ୍ପଦ, ସ୍ମୃତି, ମୋର ସବୁ, ତେବେ ମୁଁ ତାକୁ କେମିତି ସଜେଇବି, କେମିତି ଉଜେଇବି, ସେଥିରେ ସେମାନଙ୍କର ଯାଏ କେତେ, ଆସେ କେତେ ?

ବାସିଫୁଲ ଆଖିରେ ପଡ଼ିବ ସିନା, ମୋର ପ୍ରଣାମକୁ ଦେଖୁଛି କିଏ ? ଧର ଯଦି ମୁଁ ପ୍ରଣାମ ନ କରେ···??

Digitized by srujanika@gmail.com

ମୋତେ କ୍ଷମା କର । ସରସୀ ଅବେଲାରେ ଦ୍ୱିତୀୟବାର ସ୍ୱାମୀଙ୍କ ଫଟୋକୁ ଗୃହିଁ ପ୍ରଣାମ କଲେ । କାଲେ ରାଗିଥିବେ ପରା ବୋଲି ଓଠରେ ହସ ଫୁଟେଇ କହିଲେ— ଇଏ ହେଉଛି ମୋର ଚଗଲାମି, ଦୁଷ୍ଟାମି, ଆଉ କିଛି ନୁହେଁ । ବୁଝିପାରୁନାହଁ ?

ତୁମେ ଗୋଟିଏ ଦୁଷ୍ଟ ପିଲା, ସର ଗୋଟିଏ ଦୁଷ୍ଟ ପିଲା···ମନେପଡୁନାହିଁ ?

ନିଜର ମନେପଡ଼ିଲା । ଏଇ ଗୋପନ ଗେହ୍ଲା କଥା କେତେବେଳେ କେଉଁ ଅବସ୍ଥାରେ କୁହାଯାଉଥିଲା ମନେପଡ଼ିଲା । ସବୁଥରପରି ଦେହ ଶୀତେଇ ଉଠିଲା । ଥାଉ, ସ୍ମୃତିର ସଳିତା ଅପ୍ରକାଶ ଲିଭିଯାଉ । ପୋଡ଼ିଯାଉ । ଏତିକିବେଳେ କେହିହେଲେ ମୋ' ଘର ଭିତରକୁ ପଶିଆସନ୍ତା ନାହିଁ !

କିଏ ଆସିବ ? ପୁଅର ଆସିବା ବେଳ ହୋଇନାହିଁ । ବାପା ବୋଉଙ୍କର ଆସିବା ପ୍ରଶ୍ନ ଉଠୁନାହିଁ । ଏଇ ଘର ମୋର 'ବିଧବା ମନ୍ଦିର' ହେବା ଦିନଠାରୁ ସେମାନେ ତିନି ଚାରିଥର ଆସିଥିବେକି ନାହିଁ ସନ୍ଦେହ । ଆସିଲେ ଆସିବେ ସୁପୁର···କିନ୍ତୁ ଆଜି କି ବାର ? ଶୁକ୍ରବାର ନୁହେଁ ତ ? ହଁ, ତାହେଲେ ସ୍ୱାମୀ ସ୍ତ୍ରୀ ଦି'ଜଣିଆ ହୋଇ କୁଆଡ଼େ ବୁଲି ବାହାରି ଯାଇଥିବେ, ଶୁକ୍ରବାର ଦିନ ସେମାନଙ୍କର ବାହାଘର ହୋଇଥିଲା । ଶୁକ୍ରବାର ସନ୍ଧ୍ୟା ସେମାନଙ୍କର ହନ୍ତାକିଆ ହନିମୁନ୍ । ସର୍ବସାଧାରଣଙ୍କର ପ୍ରବେଶ ନିଷେଧ । ବିଗ୍ରି ସରଅପା ସହିତେ···

ଧାଉ, ଆଖିରେ ଲୁହ । ଲୁହ କେଉଁଥିପାଇଁ, ପଛ କଥା ମନେ ପଡ଼ି ସ୍ମୃତି ଭିତର କରିତ ହେଉଛି ନା ମୋତେ କେହି ପଗ୍ରୁରୁ ନାହାନ୍ତି ବୋଲି ବାଧୁଛି । ବିଗ୍ରିର କରିବା, କାହାରିକୁ ପଚେଇଦେବା, ଅନାବଶ୍ୟକ । ରାଗିବାକୁ ଇଚ୍ଛା ହେଉଛି । ଜଣକ ଉପରେ ରାଗିବା କଥା । ରାନୁ ଅପା, ଯେ ମୋତେ ଦୁଇ ଆଖିରେ ଦେଖିପାରନ୍ତି ନାହିଁ । ଗଜେନ୍ ମହାନ୍ତିଙ୍କର ମଡ଼ା ପାଖରେ ବସି ପୃଥିବୀ କମ୍ପାଇ ଫପୁଥିଲେ—ସେଇ ଅମଙ୍ଗୁଳୀ ଅରକ୍ଷିତଆଣୀ ମୋ' ଭାଇକୁ ଖାଇଦେଲା ଲୋ !

ରାନୁ ଅପା । ରାନୁ ଅପା । ବାରମ୍ବାର ସେଇ ଲୋକଟି ଉପରେ ରାଗ, ଦିନେ-ହେଲେ ବିଦ୍ରୋହ କରି ଉଠିବି, ପ୍ରତିଶୋଧ ନେବି—ଏଇ ସଙ୍କଳ୍ପଟିକୁ ଦୋହରାଇଲେ ମଧ୍ୟ ଶାନ୍ତି ନାହିଁ । ମନେହେଉଛି କ୍ରୋଧ ଅତିରଞ୍ଜିତ, ନାଟକୀୟ । ଯେତେହେଲେ ସେ ବାହାହେଲା ନଣନ୍ଦ, ସେ ତାଙ୍କ ସଂସାରରେ ଅଛନ୍ତି । ମଝିରେ ମଝିରେ କେତେବେଳେ ଆସି ବାପା ବୋଉଙ୍କ ଆଗରେ ମୋ ନାଁରେ ମିଛ ସତ କହି ମୋର ଅମଙ୍ଗୁଳୀପଣକୁ ଶାଣେଇ ଦେଇଯାଆନ୍ତି—କ'ଣ ହେଲା ସେଇଠୁଁ ? ସେ ଗଲାପରେ ବୋଉ ମୋ ପ୍ରତି ଆହୁରି ଉଦାସୀନ ହୋଇଯାଆନ୍ତି । ମୁଁ କିଛି ଯାଚିବାକୁ ଗଲାରୁ 'ଥାଉ, ମୋର ଦରକାର ନାହିଁ' ବୋଲି କୁହନ୍ତି । କିନ୍ତୁ କିଛିଦିନ ଉତ୍ତାରୁ ଅବସ୍ଥା ପୁଣି ସାଧାରଣ ହୋଇଯାଏ । ମୁଁ ମୋ ଘରେ ଥାଏ, ସେମାନେ ତଳମହଲାରେ ତାଙ୍କ ଘରେ ଥାଆନ୍ତି । ପୁଅକୁ ନେଇ ପଦେଅଧେ କଥା କହିବାକୁ ପଡ଼େ, ଶାଶୁ ଶ୍ୱଶୁରଙ୍କ ଖାଇବଦିଆନିଆବେଳେ ସୁପୁରଙ୍କ କାନ ଧରି ବୋଲହାକ ଶୁଣିବାକୁ ହୁଏ । ସେଇ ସମୟରେ ହାବ୍‌ହାବ୍ ମାସକୁ ଦୁଇଥର ଶ୍ୱଶୁରଙ୍କ ଉଚ୍ଚ ମନର ଉଚ୍ଚତା ଦେଖିବାକୁ ପଡ଼େ । ବୃଦ୍ଧ ପିତା ପୁତ୍ରଶୋକରେ ସନ୍ତପ୍ତ

Digitized by srujanika@gmail.com

ହୋଇ ଅଙ୍ଗେଇ ଅଙ୍ଗେଇ ଭୀଷଣ ଯନ୍ତ୍ରଣା—ବୁଝିଲୁ ବୋହୂ ! ଗଜେନ୍ ଆଉ ଫେରିବ ନାହିଁ, ସେ ଆମକୁ ଉପେଇଦେଇ ଚାଲିଗଲା; କିନ୍ତୁ ତୋର ଭାଗ୍ୟ, ତୋ ପାଇଁ ଝୁନୁନାକୁ ଛାଡ଼ିଦେଇଯାଇଛି । ସେଇ ହେଉଛି ଆମର ବଡ଼ପୁଅ, ନାତି, ବଂଶର ଦୀପ । ତାକୁଇ ମଣିଷ କରିବା ତୋର କର୍ତ୍ତବ୍ୟ । ସେଇଥିପାଇଁ ମୁଁ କାହାର କଥା ନମାନି କହିଲି ମୋର ବି. ଏ. ପାସ୍ ବୋହୂ ପାଠ ପଢ଼େଇବ, ସେଥିରେ ତାର ମନ ସ୍ଥିରରହିବ, ନିଜ ଉପରେ ବିଶ୍ୱାସ ଆସିବ···ଆମେ ବୁଢ଼ାବୁଢ଼ୀ ଆଉ କେତେଦିନ ? ଆମେ ଚାଲିଗଲା ପରେ ତୁ ନିଜ ଗୋଡ଼ରେ ଛିଡ଼ାହୋଇ ଝୁନୁନାକୁ ମଣିଷ କରିପାରିବୁ, ବଂଶର ମାନ ରଖିବୁ···ଆଉ କଅଣ, ଭବିଷ୍ୟତ ଭଗବାନଙ୍କ ହାତରେ···ସୁପୁରି ଲୋ, ଦେଲୁ ମା' ଆଉ ଟିକିଏ ଶାଗ ଦେଇଗଲୁ ?

'ସରି ଲୋ, ଦେଲୁ ମା' ଆଉ ଟିକିଏ ଶାଗ ଦେଇଗଲୁ' କୁହନ୍ତି ନାହିଁ ବୋଲି ତାଙ୍କର ଉପରେ ରାଗିବ ? ହୁଁ, ସେ ମୋର ବାପା ନୁହନ୍ତି, ଶ୍ୱଶୁର । ମହାନ୍ତି ବଂଶର ମୁରବି । ମୋର ବାପା ଗରିବ, ଶ୍ୱାସ ରୋଗରେ କେବେଠୁଁ ଶେଯ ଧରିଲେଣି, ତଥାପି ସେ ମୋତେ ନେଇଯିବାକୁ କହିଥିଲେ; କିନ୍ତୁ ଏମାନେ ମନାକଲେ । କହିଲେ—ବଂଶର ବୋହୂ ଆମ ଘରେ ରହିବ । ବଡ଼ପଣ ଦେଖାଇଲେ । ଆଉ କ'ଣ କରିଥାଆନ୍ତେ ? ମୋ ବୋଉ କେବେଠୁଁ ଗଲଣି, ଗରିବ ବାପା ମୋତେ ଫେରାଇ ନେଇ ଗଳାରେ ବାନ୍ଧିଥାଆନ୍ତେ କାହିଁକି ? ତା' ଛଡ଼ା ଆଧୁନିକ ସମାଜ ଏମାନଙ୍କୁ ଛି଼ ବୋଲି କହି-ନଥାଆନ୍ତା ?

ତାହାହେଲେ କଅଣ ସମାଜ ଉପରେ ରାଗିବ ? 'କଉ, ଏତେ ଆଧୁନିକ ଯଦି ମୋତେ କାହିଁକି ଆଉ ଥରେ ବାହା ଦେଲ ନାହିଁ' କହିବ ? ସରସୀ ପ୍ରଶ୍ନର ନିର୍ଲଜ୍ଜତାରେ ହସିଉଠିଲେ । ସମ୍ଭ୍ରାନ୍ତ କରଣ ଘରର ବୋହୂ, ବାଳବିଧବା ନୁହେଁ, କୋଳରେ ଛଅ ସାତ ବର୍ଷର ପୁଅ, ତାକୁ ପୁଣି ବାହାଘର ମଡ଼ୁଛି ? ଏଇ ହେଉଛି ତା'ର ବିଦ୍ରୋହ, ଜଗନ୍ନାଥଙ୍କ ଦେଶରେ ଉଇମେନ୍ସ୍ ଲିବ୍ ?

ତୁମେ ଗୋଟିଏ ଦୁଷ୍ଟ ପିଲା, ସରି ଗୋଟିଏ ଦୁଷ୍ଟ ପିଲା···

ସେଉଠୁଁ ସରସୀ ହଠାତ୍ ଭାଙ୍ଗିପଡ଼ିଲେ । ଆଖିରେ ଲୁହ ସମ୍ଭାଳି ହେଲାନାହିଁ । ସେ ତକିଆରେ ମୁହଁ ଗୁଞ୍ଜି କାନ୍ଦିଲେ ଏବଂ ଅଯଥାରେ କିଛି ନ ପାଇଲାରୁ ତାଟିଆ କାମୁଡ଼ିଲା ପରି ନିଜକୁ କହିଲେ—ମୁଁ ଜଣକ ଉପରେ ରାଗିବି—ଯିଏ ମୋତେ ସବୁଠାରୁ ବେଶି ଭଲ ପାଆନ୍ତି, ଯାହାଙ୍କ ସ୍ନେହ ଶ୍ରଦ୍ଧା ମୋତେ ଏଠି ବାନ୍ଧେଇ ରଖିଛି । ମୋର ଆଦରଣୀୟା ସାନ ଜାଆ ସୁପ୍ରିୟା, ଗେହ୍ଲା ନଆ ସୁପୁରି, ତାଙ୍କର ଉପରେ ରାଗିବି··· ସୁପୁରି ଏଇକ୍ଷଣି କ'ଣ କରୁଥିବେ ? ଦୁଇଜଣଯାକ କାଠଯୋଡ଼ି କୂଳରେ କେଉଁ ନିରୋଳା ଥାନରେ ବସି କ'ଣ କରୁଥିବେ ? କପୋତ କପୋତୀଙ୍କ ପରି ଖୁମ୍ପାଖୁମ୍ପି ହେଉଥିବେ ?

ଝୁନୁନାର ଆସିବାବେଳ ହୋଇଗଲାଣି । ସରସୀ ତକିଆରୁ ମୁହଁ କାଢ଼ି ଆଖିରୁ ଲୁହ ପୋଛିଦେଲେ । ନ ହେଲେ ପୁଅ ଯାଇ ଜେଜେମାଆଙ୍କ ଆଗରେ କହିବ ଯେ

Digitized by srujanika@gmail.com

ବୋଉ କାନ୍ଦୁଥିଲା । ମୋତେ କୁହାହୋଇଛୁ । ପୁଅ ଆଗରେ କାନ୍ଦିବ ନାହିଁ । ସୁପୁରିଙ୍କ ପ୍ରଫେସର୍ ବିର ବ୍ରଜେନ୍ ମଧ୍ୟ ସାବଧାନ କରିଦେଇଛନ୍ତି, ପୁଅର ସାଇକୋଲଜି ଖରାପ ହୋଇଯିବ ।

ବ୍ରଜେନ୍ ଆଉ ତୁମ ସାଇକୋଲଜି । ତୁମର କେଉଁ ସାଇକୋଲଜି ପାଠରେ ଅଛି ଯେ କ୍ୟାଲେଣ୍ଡର ଦେଖି ପ୍ରତି ଶୁକ୍ରବାର ଦିନ ସ୍ତ୍ରୀଙ୍କୁ ସାଙ୍ଗରେ ଧରି ବୁଲି ନ ଗଲେ ପ୍ରେମ ପ୍ରମାଣିତ ହୁଏନାହିଁ ?

(ପୁଅ ଘଣ୍ଟାଏ ଦି' ଘଣ୍ଟା ମାଆ ପାଖକୁ ଆସେ । ତା'ର ଆବିର୍ଭାବଦ୍ୱାରା ସରସୀଙ୍କ ଭାବଧାରା ବିଶେଷ ପରିବର୍ଦ୍ଧିତ କିମ୍ବା ପରିବର୍ତ୍ତିତ ହୁଏ ବୋଲି ମନେହୁଏନାହିଁ । ତେଣୁ ମାତୃସ୍ନେହର ସେଇ ଶୁଭ ଘଡ଼ି ବର୍ଣ୍ଣନା ନ କଲେ ଚଳିବ । ସେ ତଳ ମହଲରେ ଜେଜେମାଆଙ୍କ ପାଖରେ ଥାଏ, ତାଙ୍କରି ପାଖରେ ଶୁଏ । ସନ୍ଧ୍ୟାବେଳେ କିଛି ସମୟ ମାଆ ପାଖରେ କଟାଇବା ଉଚିତ ବୋଲି ସେ ଯଥାସମୟରେ ଆସେ, ଗେହ୍ଲା ହୁଏ ଏବଂ ଫେରିଯାଏ । ସରସୀ ତାକୁ ଚୁମାଦିଅନ୍ତି । ସେ ମାଆକୁ ଚୁମାଦିଏ । ମାଆ କୋଳରେ ବସି ଆଜି କ'ଣ ହେଲା ନ ହେଲା ଗପିଯାଏ । ତା'ର ଦେହରେ ହାତ ବୁଲାଇ ସରସୀ ଅନୁଭବ କରନ୍ତି ଯେ ଇଏ ମୋର ପୁଅ, ମୋର ପୁଅ ଅଛି···ହେଲେ ରାଗଲୁହର ବିଭିନ୍ନ ରୂପ ପୁଣି ତାଙ୍କ ଚେତନାରେ ଉଙ୍କିମାରେ । ଭାବଧାରା ପୁଅକୁ ଛାଡ଼ିଦେଇ ଆପଣା ବାଟରେ ଗଡ଼ିଚାଲେ । ପୁଅ କେତେବେଳେ 'ଯାଉଛି' ବୋଲି କହି ଚାଲିଗଲାଣି ତାଙ୍କର ଖିଆଲ ରହେନାହିଁ ।)

ସରସୀ ଆସନ୍ତା କାଲିର କ୍ଲାସ୍‌ରୁମ୍, ନୂତନ ଅଧ୍ୟାୟ, ଅମୁକ ଛାତ୍ରୀର ପ୍ରଖର ବୁଦ୍ଧି, ଅମୁକର ଫାଜିଲାମି, ଅମୁକର ଶୁଖିଲାମୁହଁ, ସେଇ ସମସ୍ତ ଜୀବନ୍ତ ଉଦ୍ୟତ ଉଦ୍ୟାନର ଚେହେରାକୁ ମନେପକାଇଲେ । କାଲି ସକାଳେ କେଉଁ କିଆରିରେ ପାଣି ଦେବାକୁ ହେବ, କେଉଁ ଗଛର ଉଦ୍‌ବୃତ୍ତ ଅମାନିଆ ଡାଳକୁ କାଟିଦେବାକୁ ପଡ଼ିବ, ନୂଆ ଅଣାହୋଇ ଆସିଥିବା କେଉଁ ଫୁଲ ଚାରାଟିକୁ ଦମ୍ଭ ଦେଇ ଧାଡ଼ିରେ ମିଶେଇ ଦେବାକୁ ହେବ···ସେମାନେ ମୋତେ ଅପେକ୍ଷା କରିଛନ୍ତି—ଏଇ ଆନନ୍ଦ ଆବେଗକୁ ଡାକିହାକି ଧୀରେ ଧୀରେ ଆଖି ବୁଜି ଆଣିଲେ ।

କେମିତି ବିରକ୍ତ ଲାଗିବ ନାହିଁ, ଏତିକିବେଳେ ସୁପୁରି ଘର ଭିତରକୁ ପଶିଆସି ଖିଲିପାନରଙ୍ଗା ଓଠରେ ହସି ହସି, ପାନ ମସଲା ଆଉ କୁଲ୍‌ଫୁଲ ବାସ୍ନାର ଚହଲ ପକାଇ କହିଲେ—ସରିଅପା, ସରିଅପା ମ, ଶୋଇପଡ଼ିଲଣି କି ? ଜାଣିଛ, ଆଜି କ'ଣ ହେଲା ?

କେବଳ ସୁପୁରି ହୋଇଥିଲେ ତାଙ୍କୁ ଠେଲିଦେଇ ହୁଅନ୍ତା । କହିହୁଅନ୍ତା—ଆଚ୍ଛା ହେଉ, ରାତି ଉଚ୍ଚୁର ହେଲାଣି—କାଲି କଥାବାର୍ତ୍ତା ହେଲେ କିଛି ଆପତ୍ତି ଅଛି ? କିନ୍ତୁ ସୁପୁରିଙ୍କ ପଛେ ପଛେ ବ୍ରଜେନ୍ ଆସି ପହଞ୍ଚିଗଲେ । ବ୍ରଜେନ୍ ତାଙ୍କ ଚପଳା ସ୍ତ୍ରୀର ମୁହଁ ସତେ ବନ୍ଦ କରିବାର ଢଙ୍ଗ ଦେଖାଇଲେ—ନୂଆବୋଉ, ତା' କଥା ମୋଟେ ଶୁଣିବ ନାହିଁ । ଶୁଣିଲେ ମଧ୍ୟ ବିଶ୍ୱାସକରିବନାହିଁ ।

Digitized by srujanika@gmail.com

ସରସୀ ଶୁଣିଗଲେ ବ୍ରଜେନ୍ ବାବୁଙ୍କ ରୋମାଣ୍ଟିକ୍‌ପଣର ନୂତନତମ କାହାଣୀ । କେମିତି ସେ ରଙ୍ଗା ଚୂନା ମେଘର ବ୍ୟାକ୍‌ଗ୍ରାଉଣ୍ଡରେ ସ୍ତ୍ରୀଙ୍କ ପଣତ ଉଠାଇ ଠିଆହେବାକୁ କହିଲେ । କିନ୍ତୁ ଫଟୋ ନେବା ପୂର୍ବରୁ ପ୍ରଥମେ ଗୋଟିଏ ଷଣ୍ଢ, ତା'ପରେ ଜଣେ ବାବାଜି ମଝିରେ ପଶିଆସି କାମ ଭଣ୍ଡୁର କରିବାକୁ ବସିଲେ । ବ୍ରଜେନ୍‌ବାବୁ ନଟ୍ରେଡ଼ବନ୍ଦା···କାହାଣୀର ଶେଷଯାଏଁ ଶୁଣିବାକୁ ଧୈର୍ଯ୍ୟ ରହିଲିନାହିଁ । ବାବୁ, ତୁମ ଦୁଇଜଣଙ୍କ ଛଡ଼ା ପୃଥିବୀରେ କ'ଣ ଆଉ କେହି ବାହା ହୋଇ ନାହାନ୍ତି ? ନା ତୁମେ ସର୍ବଶ୍ରେଷ୍ଠ ରୋମାଣ୍ଟିକ୍ ଯୋଡ଼ି ବୋଲି ସ୍ୱର୍ଣ୍ଣପଦକ ପାଇବାକୁ ଆଶା କରୁଛ ?

ତା' ଛଡ଼ା, କେତେ ମହଣ ରୋମାନ୍‌ସ ଘିଅ ଢାଳିଲେ ତୁମର ନାଆଁ ଜଳିଉଠେ କହିଲ ଦେଖି ? ଯେଉଁମାନଙ୍କର ଘିଅ ଲୋଡ଼ା ହୁଏନାହିଁ, କିମ୍ବା ବଖତ୍ ବେଳେ ଅଳ୍ପକରେ ଚଳିଯାଏ, ସେମାନେ କଅଣ ମଣିଷ ନୁହନ୍ତି ?

ବ୍ରଜେନ ବାବୁ ନୂଆବୋଉଙ୍କର ଗୃହାଣିରେ ଗ୍ରହଣ ନକରିପାରିବାର ଲକ୍ଷଣ ଦେଖି ପାରିଲେ । ସେ ସୁପ୍ରିୟାଙ୍କୁ ଟାଣିଆଣି କହିଲେ—ନାଇଁ ଚାଲ ଯିବା, ସତରେ ବହୁତ ଡେରି ହେଲିଣି, ନୂଆବୋଉଙ୍କର କାଲି ସକାଳେ କ୍ଲାସ ଅଛି ।

ସରସୀ ଓଠରେ ହସ ଅତୁଟ ରଖି ସେମାନଙ୍କର ଫେରନ୍ତା ବାଟକୁ ଚାହିଁରହିଲେ । କିଛି ମିଛର ଆଶା ଅଙ୍କୋ ଥିଲି ଦରି ମନେ ମନେ କହିଲେ—ମୁଁ ତୁମ ଦୁଇଜଣଙ୍କର ସୁଖ କାମନା କରୁଛି ।

ଶୁକ୍ରବାର ହପ୍ତାକରେ ଥରେ ଆସେ । ତା' ବୋଲି ଅନ୍ୟ ଦିନେ ଯେ ସୁପ୍ରିୟା-ବ୍ରଜେନ୍ ସନ୍ଧ୍ୟାରେ ଘରୁ ବାହାରି କୁଆଡ଼େ ଯାଆନ୍ତିନାହିଁ, ତା' ନୁହେଁ । ଦେଖିବାକୁ ଗଲେ ଆଜିକାଲି ଅଧିକାଂଶ ଦିନ କିଛି ନା କିଛି ବାହାନାରେ ବାହାରିଯାଉଛନ୍ତି । କାହାର ଅନ୍ନପ୍ରାଶନ, କାହାର ବାହାଘର ଅଥବା କେଉଁ ବିଶ୍ୱବିଖ୍ୟାତ ସିନେମା ଛବି ନ ଦେଖିଲେ ଚଳିବନାହିଁ, ବୋଉଙ୍କୁ କିଛି ଗୋଟାଏ କାରଣ ଦେଲେ ହେଲା । ସେମାନେ ସରଅପା ନୂଆବୋଉଙ୍କୁ ସାଙ୍ଗରେ ନେବାକୁ ଚାହାନ୍ତି—କିନ୍ତୁ କେଉଁଠିକି ନେବେ ? କାହା ନିମିତ୍ତ ? ବ୍ରଜେନ୍ ବାବୁ ଅବଶ୍ୟ ବୋଉଙ୍କ ଆଗରେ ପଦ୍ଧିଲେ ପଦ୍ଧିଲେ ଦାବିକରିଥିଲେ—ନୂଆବୋଉ କାହିଁକି ଯିବେନାହିଁ ? ସେ କଅଣ ପାପ କରିଚନ୍ତି ନା ଅଛୁଇଁ ? ଅସ୍ପୃଶ୍ୟତା ମଧ୍ୟ ଆମ ସମ୍ବିଧାନରେ ମନା, ଜାଣିଛୁ ତ ? ବୋଉଙ୍କର ନିଜ ମତ ଯାହା ଆଉ ପଛେ, ସେ ପୁଅକୁ ଉଚିତ କାରଣ ଦର୍ଶାଇ ବୁଝାଇଦେଇ ପାରିଲେ । କହିଲେ, ମୁଁ କଅଣ ମନାକରୁଛି; କିନ୍ତୁ ସେଠି ଯଦି କେହି ତାକୁ ପଦେ ଅପମାନିଆ କଥା କହିଦେଲେ ତାକୁ କେତେ ବାଧିବ ବୁଝିପାରୁନୁ ! କ୍ରମଶଃ ଏମିତି ହେଲା ଯେ ରୋଗରେ ଭୋଗୁଥିବା ବାପାଙ୍କୁ କେବେ କେମିତି ଦେଖିଆସିବା ଛଡ଼ା ବଡ଼ବୋହୂର ଆଉ କେଉଁ ବନ୍ଧୁବାନ୍ଧବ ସାହିପଡ଼ିଶାଙ୍କ ଘରକୁ ଏକୁଟିଆ କିମ୍ବା ଶାଶୁ-ନଣନ୍ଦ-ଯାଆଙ୍କ ଗହଣରେ ଯିବାର ପ୍ରଶ୍ନ ଉଠିଲା ନାହିଁ । ଅପମାନ ଭୟ ପରିବାରକୁ ମାଡ଼ିବସିଲା । ସରସୀ ଅପେ-

Digitized by srujanika@gmail.com

ଆପେ ମନାକଲେ । ସିନେମା ? ଏଇ କେତେ ମାସ ତଳେ ସୁପ୍ରିୟା-ବ୍ରଜେନ୍ ବାଧ କରି ତାଙ୍କୁ ଗୋଟିଏ ପ୍ରେସିଡେଣ୍ଟ-ପୁରସ୍କାରପ୍ରାପ୍ତ ଓଡ଼ିଆ ସିନେମା ଛବି ଦେଖାଇବାକୁ ନେଇଯାଇଥିଲେ । ଦୁର୍ଭାଗ୍ୟ, ସେଇ 'ସୋ'ରେ ତାଙ୍କୁ ଶାଶୁ ନଣନ୍ଦ ସମେତ ଛବି ଦେଖିବାକୁ ଆସିଥିଲେ । ତା' ପରଦିନ ଏଠିକି ଆସି କାନ୍ଦି କାନ୍ଦି କହିଲେ—ବୋଉଲୋ, ମୋ ମୁହଁ ପୋଡ଼ିଗଲା । ସରସୀ ଆମ ସାମ୍ନାରେ ବସିଥିଲା । ଯେଉଁ ଶାଢ଼ି, ଯେଉଁ ଫେସନ···ମୋ ଶାଶୁ ଆମ ଘରକୁ ନେଇ ଯାହା କହିଲେ ତୁଣ୍ଡରେ ଧରିହେବନାହିଁ । ମୁଁ ବାହାହେଲା ଝିଅ, ମୋର ବାପଘରେ ଅଧିକାର ନାହିଁ । ମୋ ଭାଗ୍ୟରେ ଅଛି ମୁଁ ସେଇ···ଭାଗ ପାଇଁ ଗଞ୍ଜଣା ଶୁଣିବି । ହୋଇପାରେ ତାଙ୍କୁ ମଫସଲ, ବଡ଼ବୋହୂ ପରି ଏତେ ପାଠଶାଠ ପଢ଼ିନାହିଁ; ହେଲେ ଶାଶୁଘରେ ତା'ର ମାନସମ୍ମାନ ତ ଆମକୁ ଦେଖିବାକୁ ପଡ଼ିବ ! ବୋଉ ସାନପୁଅ ଓ ବୋହୂଙ୍କୁ ବୁଝାଇଦେଲେ । ବ୍ରଜେନ୍‌ବାବୁ ପ୍ରତିବାଦ ଆରମ୍ଭ କରିଥିଲେ, ଶେଷ କରିପାରିଲେନାହିଁ । ନୂଆବୋଉଙ୍କ ତରଫରେ ସେ ଅନେକ ଯୁକ୍ତି କରିଛନ୍ତି; କିନ୍ତୁ ଯେଉଁଠି ତାଙ୍କୁ ସମ୍ପୃକ୍ତ, ସେଠି କଥା ବଢ଼େଇଲେ ଚଳିବ ନାହିଁ, ଶାନ୍ତିରକ୍ଷା କରିବାକୁ ପଡ଼ିବ । ଏହିପରି ଭାବରେ ଅକାଳେ ସକାଳେ ତାଙ୍କର ସିନେମା ଦେଖା ମଧ୍ୟ ବନ୍ଦହୋଇଗଲା । ଅଗତ୍ୟା ଆଜିକାଲି ଦୋକାନ ବଜାରକୁ ଯିବା ଛଡ଼ା ଆଉ କେଉଁଥିପାଇଁ ସରିଅପା ନୂଆବୋଉଙ୍କୁ ଡାକି ହେଉନାହିଁ । ଡାକିଲେ ସେ ଠୋସ୍‌କରି ମନାକରିଦେବା ସ୍ୱତଃସିଦ୍ଧ । ତଥାପି ସେମାନେ ଡାକନ୍ତି—କିନ୍ତୁ ସରସୀ ମନାକରିଦିଅନ୍ତି । କଥା ଛିଣ୍ଡିଯାଏ ।

ସରସୀ ବୁଝନ୍ତି ଯେ ବାହାକୁ ବୁଲିଆସି ରାତି ଡେରିରକୁ ଫେରୁଆ ନ କରି ତାଙ୍କୁ ଏମିତି ମାଡ଼ିବସିବା ଢଙ୍ଗ, ବାହାରକୁ ନସିବାଦନର ସନ୍ତମାନଙ୍କରେ ସୁପୁରିଙ୍କର ବଢ଼ନ୍ତା ହାସ୍ୟଭରା ରସଭରା ବାଗ୍ମିତା (ସ୍ୱଳ୍ପଭାଷୀ ମିଷ୍ଟହାସୀ ବ୍ରଜେନ୍ ମଧ୍ୟ ବେଳେବେଳେ ଯୋଗଦେବାକୁ ଆସନ୍ତି)—ଏହା ପଛରେ କେବଳ ସେମାନଙ୍କର ଭଲପାଇବାନାହିଁ, ଅଛି କ୍ଷତିପୂରଣର ବିଶେଷ ଉଦ୍ୟମ ।

କାହିଁକି ? ଏତେ ଦୟା କାହିଁକି ? ତୁମ ସମାଜର ବନ୍ଧୁବାନ୍ଧବଙ୍କୁ ଶଙ୍ଖୁଳି ନପାରିଲେ ମୋର ଆତ୍ମା କ'ଣ କାନ୍ଦି ଉଠୁଛି ? ନା ଏଇ ବଜାରଘାଟରୁ ବୁଲିଆସିଲେ ସିନେମା ଦେଖିଲେ ମୋର ଜୀବନ ସାର୍ଥକ ହୋଇଯିବ ? ହେଲେ ତୁମେ ଦୁଇଜଣ ଯେତେବେଳେ ପାରୁଛ ମୋ ପାଖକୁ ଆସ । ଯାହା ଇଚ୍ଛା ତାହା ଗପିଯାଅ—ମୁଁ ଶୁଣିଯିବି । ତୁମେ ଥିବାଯାଏ ମୁଁ ଅନ୍ତତଃ ନିଜ କଥା ଭାବିବନାହିଁ, ରାଗ ଲୁହକୁ ପ୍ରଶ୍ରୟ ଦେଇପାରିବି-ନାହିଁ । ଆଜିକାଲି ମୁଁ ଲାଇବ୍ରେରିରୁ ବହି ଆଣି କେତେ ପଢ଼ାପଢ଼ି କରୁଛି । ଫଟୋକୁ ଚାହିଁବାକୁ ପଡ଼ୁନାହିଁ, ଝରକାବାଟେ କାଠଯୋଡ଼ି କୂଳକୁ, କୂଳରୁ ଅକୂଳକୁ ହେଜିବାକୁ ପଡ଼ୁନାହିଁ । ତଥାପି ମୁଁ ବେଳେ ବେଳେ ପାରୁନାହିଁ ।

ସରସୀ ବୁଝନ୍ତିନାହିଁ । କାରଣ ଏବଂ କ୍ରିୟାର ସଂଯୋଗ ଠଉରେଇ ବୁଝିପାରନ୍ତି ନାହିଁ ଯେ ସୁପୁରି—ବ୍ରଜେନ୍‌ଙ୍କ ସଙ୍ଗସୁଖ ପରେ ସେଦିନ କାହ୍ନା ତା' ପରଦିନ ଏକୁଟିଆ

Digitized by srujanika@gmail.com

ମୁହୂର୍ତ୍ତରେ ଅଶାନ୍ତିର ଢେଉ କାହିଁକି ଆହୁରି ଉଞ୍ଚକୁ ଫଣା ଟେକି ଉଠେ, ବିଷଫେଣ ଅଜାଡ଼ି ଦେବାକୁ ବସେ । ମୁଁ ସେମାନଙ୍କୁ ଚାହେଁ, ସେମାନେ ହସନ୍ତୁ ହସାନ୍ତୁ, ସେମାନଙ୍କର ଜୀବନ ସୁଖମୟ ହେଉ ବୋଲି ଦୋହରେଇ ହୋଇ ଶୁକ୍ରବାରଠାରୁ ଶନିବାର ଯାଏଁ, ଶନିବାରରୁ ରବିବାର ଯାଏଁ ଅପେକ୍ଷା କରନ୍ତି ।

ଶନିବାର । ସୁପ୍ରିୟାଙ୍କର ଚେହେରା ରଙ୍ଗଢଙ୍ଗକୁ ଅନୁଧ୍ୟାନ କରି ସରସୀ ହସି-ଉଠନ୍ତେ, ଏକୁଟିଆ ଘରକୁ ଚମକେଇ ହସିଉଠିଲେ—କେତେ ସାନ ମଜାର ମଣିଷଟିଏ ! ପାଗଳୀଟିଏ ! (ଜନ୍ତୁଟିଏ ! କ୍ୟାଲେଣ୍ଡରର କମ୍ପା ଚଢ଼ିଆ ଖାନାରେ ଦେଖିଥିବା ଗୋଟିଏ ଧୂସର ସାନ ଜନ୍ତୁଟିର ଚେହେରା ମନେପଡ଼ିଲା । ଖୁସିବାସିଆ, ଖେଳପାଳିଆ । ଦେହରେ ଟେକା ପଥର ବାଜିଲେ 'ଏଏ କଅଣ ହେଲା' ବୋଲି ଗୋଲ୍ ଗୋଲ୍ ଆଖିରେ ଅନାଏ, କଷ୍ଟ ପାଇ ଭୁଲିଯାଏ, ନହେଲେ ମରିଯାଏ) ଚେହେରାରେ କିଛିନାହିଁ । ମୁଣ୍ଡରେ କିଛି ନାହିଁ । ଯାହାଙ୍କୁ ଭଲ ପାଏ । ତାଙ୍କ ଆଗରେ ସବୁକଥା···ନ କହିବା କଥା, ଗପିଯାଏ । ଯାହାଙ୍କୁ ଡରେ—ଯଥା—ବିନୁ ଅପା, ତାଙ୍କ ଆଗରେ ପାଟି ଫିଟେନାହିଁ । ସାମାନ୍ୟ କଥାରେ ସଭି ମଝିରେ କାନ୍ଦିପକାଏ, ସାମାନ୍ୟ କଥାରେ ହିଷ୍ଟିରିଆ ହେଲା ପରି ହସିହସି ଗଡ଼ିଯାଏ ।

ଧର ଯଦି ଓଲଟା ହୋଇଥାଆନ୍ତା—ମୁଁ ବ୍ରଜେନ୍ ମହାନ୍ତିଙ୍କୁ ବାହା ହୋଇ ଥାଆନ୍ତି— ଆଉ ସୁପୁରି ଗଜେନ୍ ମହାନ୍ତିଙ୍କୁ ବାହା ହୋଇଥାଆନ୍ତେ ! ସୁପୁରି ବଞ୍ଚିପାରି ଥାଆନ୍ତେ ?

ଛିଃ, ଏଭଳି ଧାରଣା କାହିଁକି ମନକୁ ଆସୁଛି ? ଏମିତି ହେବାର ଥିଲା । ଯେ ଦୁର୍ବଳ, ରୂପଗୁଣରେ ସାନ, ତାକୁ ଭଗବାନ୍ ଘଣ୍ଟି ଘୋଡ଼େଇ ରଖନ୍ତି । ନହେଲେ ତାକୁ ଚିଲ ଝଟେଇ ନେଇ ଖାଇଦେବ । ······ଆଉ ଯେ ଦୁର୍ବଳ ନୁହେଁ, ରୂପଗୁଣ ସମନ୍ୱିତା ତାକୁ ଚିଲ ଖାଇପାରିବ ନାହିଁ । ନଖ ଦନ୍ତରେ ବିଦାରି ଲହୁ ଲୁହାଣ କରି ଛାଡ଼ିଦେବ । ତା'ର ରୂପ ନଷ୍ଟ ହୋଇଯିବ । ତା'ର ଗୁଣ ଫୁଟିପାରିବନାହିଁ, କାହିଁକିନା ତାକୁ ବାରମ୍ବାର କାନ୍ଦିବାକୁ ରାଗିବାକୁ ପଡ଼ିବ । ଭଗବାନଙ୍କ ବିଚାର ମନ୍ଦ ନୁହେଁ ।

ମାନିନିଅ, ଈଶ୍ୱର ଯାହା କରନ୍ତି ମଙ୍ଗଳ ପାଇଁ । ହେଲେ ସୁପୁରି ତୁମର କିଛି ନ ହେଉ, ତୁମର କାଚ ବଜ୍ର ହୋଇ ରହୁ, ମଥାରେ ସିନ୍ଦୂର ଦପ୍ ଦପ୍ ହୋଇ ଜଳୁଥାଉ ସବୁଦିନେ—ମୁଁ ଏତିକି ଭଗବାନଙ୍କୁ ଡାକୁଛି । ତୁମର ଭଲପାଇବା ବଦଳରେ ମୁଁ ଆଉ କ'ଣ ଦେଇପାରିବି ?

ସତରେ ତୁମକୁ ବ୍ରଜେନ୍ ଅତି ଭଲପାଆନ୍ତି, ନୁହେଁ ?

କିନ୍ତୁ ସେଇ ଅତିପଣଟି କେଉଁଠୁ ଆଣିଦେଲ, ତୁମର ସେଇ ସାନ କଳାଦେହରେ (ତୁମେ ମୋଠୁ ମଧ୍ୟ କଳା, ଯିଏ ଯାହା କହୁ ପଛେ) ତୁମର ସେଇ ହାଲୁକା ଫୁଲୁକା ଶୂନ୍ୟ ମନରେ କେଉଁ ଗୋପନ ଧନ ଲୁଚେଇକରି ରଖିଛ କହିପାରିବ ? ବ୍ରଜେନ୍ କେବଳ ଭଦ୍ରଲୋକ ନୁହନ୍ତି, ପ୍ରଫେସର ନୁହନ୍ତି । ସେ ମଧ୍ୟ ପୁରୁଷ, ତାଙ୍କ ବଡ଼ଭାଇଙ୍କ ପରି ।

Digitized by srujanika@gmail.com

ପୁରୁଷର ଭଲପାଇବା ଭିନ୍ନ ଧାତୁରେ ଗଢ଼ା । ବ୍ରଜେନ୍ ସାଇକୋଲଜି ପଢ଼ିଛନ୍ତି, ସେ କଅଣ ଜାଣନ୍ତି ନାହିଁ ?

ତାହାହେଲେ କେଉଁଠି କ'ଣ ଲୁଚେଇ କରି ରଖିଛ ଟିକିଏ କହିଦିଅନା ? କେଉଁଠି ? ତୁମ ମିଞ୍ଜିମିଞ୍ଜି ଆଖିରେ କିଛି ଥାନ ନାହିଁ ଯେ କହିବି ସେଇଠି କିଛି ଥାଇପାରେ । ତୁମର ସମତୁଲ ଗ୍ରୀବ ଭିତରେ ପ୍ରେମର ଯୋଗଷଷ୍ଟିଏ ରହିପାରିବ ବୋଲି ଅନୁମାନ କରିହେଉନାହିଁ । ତାହାହେଲେ କେଉଁଠି ? ତୁମର କୁଞ୍ଚିକୁଞ୍ଚିଆ ଝାଉଁସିଆ କେଶ ଭିତରେ ?···ନାଇଁ ମ ସୁପୁରି, ମୁଁ ତୁମକୁ ଚିଡ଼ଉନାହିଁ—ଦୋଷ ଦେଉନାହିଁ । ତୁମ ଚେହେରା ପାଇଁ କଅଣ ତୁମେ ଦାୟୀ ? ମୋର ଖାଲି ଜାଣିବାକୁ ଇଚ୍ଛାହେଉଛି ଯେ ତୁମ ଦୁଇଜଣଙ୍କ ଅସାଧାରଣ ପ୍ରେମର ତତ୍ତ୍ୱ କେଉଁ ଗୁହାରେ ନିହିତ ଗୁପ୍ତ ହୋଇ ଅଛି । ଓହୋ—କହିବାକୁ ଚାହୁଁ ଯେ ତୁମର ପ୍ରେମ ଅଦେଖା ରୋମାଣ୍ଟିକ୍ ପ୍ରେମ, ସେଥିରେ ମନର ସୁନ୍ଦରପଣ ଦେଖିବାକୁ ପଡ଼ିବ ? ବେଶ୍, କେଉଁଠି ସେଇ ମନୋହର ମଣି ? ମୋ ଜାଣିବାରେ ସେଥିରେ ସାହିତ୍ୟର ଗନ୍ଧ ଇ ପଡ଼ିନାହିଁ, ଡିଟେକ୍ଟିଭ ଓଡ଼ିଆ ଉପନ୍ୟାସକୁ ଯଦି ସାହିତ୍ୟ ବୋଲି ଧରାନଯାଏ । ସେଥିରେ ସିନେମା ସଙ୍ଗୀତ ଛଡ଼ା ଆଉ କେଉଁ ସଙ୍ଗୀତ, ବେହାଗ, ମାଲକୋଷ, ବର୍ଷାମଙ୍ଗଳ ଅଥବା ପ୍ରକୃତିର କୂଜନକାକଳି ଧ୍ୱନିତ ହେଉନାହିଁ (ହୋଇଥିଲେ ତୁମେ ଆନନ୍ଦରେ ନାଚିଲା କୁଦିଲାବେଳେ ମୋତେ ଶୁଣାଇ ନ ଥାଆନ୍ତି ?) ରାଜନୀତି ଗୁଡ଼ । ଆଉ କେଉଁଠି କ'ଣ ରହିଲା ? ରନ୍ଧାବଢ଼ା, ସିଲେଇ, ଘରକରଣା । ସ୍ୱାମୀ କେତେ ଦରମା ପାଆନ୍ତି ଜାଣନାହିଁ, ଜମା ଖର୍ଚ୍ଚ ହିସାବ କରିବାକୁ ହେଲେ ତୁମ ମୁଣ୍ଡ ବଥାଏ । ହଁ, ମାଛ ଛେଞ୍ଚଡ଼ା, ମୁଗ ଡାଲଣା ଇତ୍ୟାଦି କେତୋଟି ଦେଶୀ ଜିନିଷ ଭଲ ରାନ୍ଧିପାର, ସ୍ୱେଟର୍ ବୁଣିପାର ତକିଆ ଖୋଳ ସିଲେଇ କରିପାର···

ସ୍ୱାମୀ-ସୋହାଗିନୀ ସେଦିନ କହିଲେ କ'ଣ ନା 'ସିଏ' ତାଙ୍କପାଇଁ ଖୋଜାଲୋଡ଼ା କରି ଭଲକ ଭଲ ଯେଉଁ ଫୁଲ ଆଣିଦିଅନ୍ତି, ସେଥିରେ ବିଭିନ୍ନ ଅର୍ଥ ଅଛି । ଜୁଇଫୁଲ ହେଲା ସୁପୁରିଙ୍କ ସ୍ପେଶାଲ୍ । ସେ କୁଆଡ଼େ ରୂପ ରସ ଗନ୍ଧରେ ଜୁଇଫୁଲ ପରି । ତା' ଛଡ଼ା ଗୋଲାପ ଆସେ ଯେତେବେଳେ ସଞ୍ଜ ନରମ ଥାଏ । କେବଳ ଗେହ୍ଲେଇ ହେବାକୁ ଇଚ୍ଛାହୁଏ । ଚମ୍ପାଫୁଲ ଆସେ, ଯେତେବେଳେ ଆକାଶ ଖରା ଥାଏ, ମାଟି ଓଦା ଥାଏ । ଗେହ୍ଲାକୁ ଆହୁରି ଉଚ୍ଛୁମେଇବାକୁ ମନହୁଏ । ଗଙ୍ଗଶିଉଳି ଆସେ ଯେତେବେଳେ ପିଲାଙ୍କ ପରି ଏକାଠି ଖେଳ କୁରୁକୁରୁ କରିବାକୁ ଲୋଭ ହୁଏ ଇତ୍ୟାଦି ।

ଆଜି ଦି'ଜଣଯାକ ତାସ୍ ଖେଳିବାକୁ ଆସିବେ ବୋଲି କହୁଥିଲେ । ପଚାରିଲେ ହେବ—ବଜାରଗିରି କରିବାକୁ ହେଲେ କେମିତିକା ଫୁଲ ଦରକାର ହୁଏ ? କାହିଁକି ପଚାରିବି ନାହିଁ ? ଦିଅର ଯାଆଙ୍କୁ ଏଭଳି ଥଟ୍ଟା ନକଲ କରିବା ମନା ? ହଁ ମନା । ବିଧବା ଭାଉଜ ପକ୍ଷରେ ଶୋଭାପାଏନାହିଁ । ସୀମା ଟପିବା ଉଚିତ ନୁହେଁ । ବିଧବାର ସିଂହାସନ ନଆର୍, ସେ ତା'ର ପ୍ରେମସୁଖ ଅଙ୍ଗେ ନଷ୍ଟଇଯାଉଛି, ହଜମ କରିପାରୁଛି ।

Digitized by srujanika@gmail.com

ଏଇକ୍ଷଣି ତାର କାମ ସାନମାନଙ୍କର ସୁଖରେ ସୁଖୀ ହୋଇ ମୃଦୁ ମୃଦୁ ହସିବା, ଶୁଭକାମନା କରିବା । ଆଚ୍ଛା କଥା, ମୁଁ କ'ଣ ସେଇଆ କରୁନାହିଁ ? ମୋଠାରୁ ବଳି ବେଶି କିଏ ତାଙ୍କର ଶୁଭ ମନାସୁଛି ? ତା' ବୋଲି ମୁଁ କ'ଣ ଖାଲି ସ୍କୁଲ ମାଷ୍ଟ୍ରାଣୀ, ଆଉ କିଛି ନୁହେଁ ? ମୋର ବୟସର କ୍ୟାଲେଣ୍ଡର ହଜିଯାଇଛି ? ମୁଁ ନାରୀ ନୁହେଁ ?

ମୁଁ କ'ଣ ବାହା ହୋଇ ନ ଥିଲି ? କାଲି ସକାଳେ ଆମେ ଦୁଇବର୍ଷ ପ୍ରେମ କରି ନଥିଲୁ ? ସୁପୁରି ଯାହା ସବୁ ଗପନ୍ତି, ଦୁଇଜଣଯାକ ଯେଉଁ ପ୍ରେମର ଫୁଲଟର ଦେଖେଇ ହୁଅନ୍ତି, ସେଥିରେ ମୋର କିଛି ମନେପଡ଼ିବନାହିଁ ? ଶୁଣିଆସୁଥିବା କ୍ଷତ ଚନ୍ ଚନ୍ କରିଉଠିବନାହିଁ ।

ଅଭାବ । କ୍ଷତ ନୁହେଁ । ହଁ; କ୍ଷତ ନୁହେଁ ।

ଗଜେନ୍ ମହାନ୍ତି ମଧ୍ୟ ସରସୀଙ୍କୁ ପ୍ରେମ କରିଥିଲେ । କରିଥିଲେ ।

ଫଟୋ ଅଛି, ସ୍ମୃତି ଅଛି, ଗଜେନ୍ ମହାନ୍ତି ଅଛନ୍ତି । ଅଛନ୍ତି ।

ଗଜେନ୍ ମହାନ୍ତି ତାଙ୍କ ସାନଭାଇ ପରି ନୁହନ୍ତି କି ସରସୀ ସୁପ୍ରିୟା ପରି ନୁହେଁ । ପ୍ରତି ଯୋଡ଼ି ନିଜ ଭାବରେ ପ୍ରେମ କରନ୍ତି, ସେଥିରେ ମୁଣ୍ଡ ଘୂରେଇବା ନିରର୍ଥକ । କିଏ ମୁଣ୍ଡ ଘୂରଉଛି ? ତୁମେ ଗୋଟିଏ ଦୁଷ୍ଟପିଲା, ସେ ଗୋଟିଏ ଦୁଷ୍ଟପିଲା ।

ନା—ନା—ନା—ସବୁ ମନେପଡ଼ିଲେ ପଡ଼ୁ, ସେଇ ପଦକ ମନରେ ନଆସୁ ! ଗଜେନ୍ ମହାନ୍ତି କଣ୍ଟ୍ରାକ୍ଟରେ ବେଶ୍ ରୋଜଗାର କରୁଥିଲେ । ଶାଢ଼ି ଗହଣା କିଣେଇ ଦେଇଥିଲେ; କିନ୍ତୁ କେବେହେଲେ ଫୁଲଟିଏ ଆଣିଦେଇନାହାନ୍ତି । ନହେଲି ନାହିଁ—ସ୍ତ୍ରୀ ସାଙ୍ଗରେ ଦୁଇ ମିନିଟ୍‌ରୁ ବେଶି ଗପିବା ତାଙ୍କ ଜାତକରେ ନଥିଲା । କାମରୁ ଫେରିଲେ ସାଙ୍ଗମାନଙ୍କ ସାଙ୍ଗରେ ଆଡ୍‌ଡ଼ା କରିବା କଥା, ହୁଇସ୍କି ବିଅର୍ ମିଳିଲେ ଆହୁରି ଭଲ । ଦୁ'ଦିନିଆ ଛୁଟି ମିଳିଲେ ରାତାରାତି ଶିକାର । ସେଠି ସ୍ତ୍ରୀର ସ୍ଥାନ ନାହିଁ । କିଛି କ୍ଷତି ନାହିଁ । ତାକୁ କହନ୍ତି ମରଦପଣିଆ । ସ୍ତ୍ରୀର ମଝିରେ ମଝିରେ ଅଭିମାନ କରିବା କଥା, ମୁଁ କରିଛି ଓ ସେ ମାନଭଞ୍ଜନ କରିଛନ୍ତି···ରାତିରେ । ରାତିରେ ସେ ଆସିଛନ୍ତି, ସହସ୍ରବାର ଆସିଛନ୍ତି । ମୋର ସୁନ୍ଦରପଣରେ ମୋହହୋଇ ଆସିଛନ୍ତି । ବାଉଳା ହୋଇ ମୋତେ ନେଇଛନ୍ତି । ହେଲେ ସେଇ ପଦକ···ସେଇ ପଦକ ତାଙ୍କ ଭୋକର ଗୀତ, ଭୋକ ମେଣ୍ଟି ସରିବାର ଗୀତ । ମୋର ଭରାଯୌବନ, ଦେହ ଓ ଦୁଷ୍ଟାମିର ସ୍ତୁତି । ତାକୁ ଶୁଣିଲେ ମୋର ଦେହବନ୍ଧଅଁ ଚହିଁଙ୍କିଉଠେ, ପ୍ରସନ୍ନହେବା ଦୂରରକଥା । ଗୀତ ଭିତରେ ଗୋଟାଏ ଚିତ୍କାର ଶୁଭିଯାଏ । ଶିକାର ଚିତ୍କାର । ସତେକି ମୁଁ କେବଳ ନାରୀ, ବାଘିଣୀ । ସେଇ ହେଉଛି ପ୍ରେମର ମୂଳକଥା, ଇତକଥା । ଗଜେନ୍ ମହାନ୍ତି ମୋତେ ତା'ଠାରୁ ଅଧିକ କିଛି ଦେଇ ପାରିବେନାହିଁ କି ମୁଁ ଦିଆଇ ପାରିବିନାହିଁ । ଯେ ଯେତେବେଳେ କାର୍ ଆକ୍‌ସିଡେଣ୍ଟ୍‌ରେ ହଠାତ୍ ମରିଗଲେ, ମୋତେ ଶୋକ ଭିତରେ ଅଦ୍ଭୁତ ଉଶ୍ୱାସ ଲାଗିଲା । ମୁଁ ଆଉ ସେ ପଦକ ଶୁଣିବିନାହିଁ, ସେ ଏଥର ମୋ ପାଖକୁ ଅନ୍ୟ ଭାବରେ ଆସିବେ । ସେ ସେକ୍‌ସ ସହିତ ସମ୍ମାନ ଦେବେ । ପ୍ରେମର ନମସ୍କାର କରିବେ ।

Digitized by srujanika@gmail.com

ସେ ଆଉ ଆସିବେ ନାହିଁ, କେବଳ ସୁପୁର ଓ ବ୍ରଜେନ୍ ତାଙ୍କର ଅଲୌକିକ ସତ୍ୟ-ଶିବ-ସୁନ୍ଦର ମଣ୍ଡିତ ପ୍ରେମର ବାସ୍ନା ଉଡ଼େଇ ଆସିବେ । ଶ୍ରେୟା ! ସରସୀ ମହାନ୍ତି ଇଚ୍ଛାକଲେ ବର୍ତ୍ତମାନସୁଦ୍ଧା ଦେଖାଇଦେଇପାରେ ତା'ର ଦେହ ଯୌବନର କସ୍‌ରତ ।

ସେଦିନ ସଞ୍ଜରେ ସରସୀ ଗୋଟିଏ ନୂଆ କାମ କଲେ । ନିଜକୁ ସଜାଇଲେ । ଏମିତି ଭାବରେ ସଜାଇଲେ ଯେ ରାତିର ଆଲୁଅରେ କେହି କହିପାରିବନାହିଁ, ନିରେଖି ନ ଦେଖିଲେ କହିପାରିବ ନାହିଁ ଯେ, ବିଧବା ତା'ର ଧର୍ମ ପାଳନ କରିନାହିଁ । ଆଖିରେ ସରୁ କଜ୍ଜଳ, ଓଠରେ ହାଲୁକା ନ୍ୟାଚୁରାଲ୍ ଲିପ୍‌ଷ୍ଟିକ୍ । ଗଜେନ୍ ମହାନ୍ତି ଆଣିଥିବା କେଉଁ ଇମ୍ପୋର୍ଟେଡ୍ ଅତରର ଆଭାସ । ସବୁଧଡ଼ି ଲାଗିଥିବା ପାତଳା କନିଅର ରଙ୍ଗର ଶାଢ଼ି, ସ୍ଫୀତ ବକ୍ଷ ଲୁଚୁଛି ନା ଦିଶୁଛି । ସବାଶେଷକୁ ସେ ତାଙ୍କର ଘନ କଳା ରେଶମୀ କେଶର ଖୋସାକୁ ଖୋଲି ଦେଲେ; ନିତମ୍ବକୁ ଛୁଆଁଇ ଲମ୍ବେଇ 'ଦେଲେ । ଦର୍ପଣରେ ନିଜକୁ ଦେଖିଲେ । ମୁକ୍ତକେଶୀ । ମୋହିନୀ । ସବାଖାଇ, ବିନାଶିନୀ, ପ୍ରଳୟରୂପିଣୀ । ତାକୁ ଦେଖି କିଏ ନିଜକୁ ବନ୍ଧେଇ ରଖିପାରିବ ? ପାରିବ ତୁମେ ଅଧ୍ୟାପକ ବ୍ରଜେନ୍ ମହାନ୍ତି ?

ତୁମେ ରଙ୍ଗଛୁଆଁ ଚୂନାମେଘରେ ଭୁଲିଯାଇଥିଲ । ଗମ୍ଭୀର ଶୁମାମି ମେଘରେ ରଙ୍ଗ ଚଢ଼ିଥିଲେ ତା'ର ଦାଉ ସହିପାରିବ ? ପାରିବ ?

ସେମାନେ ଆସିଲେ । ତାସ୍ ଖେଳ ବିଶେଷ ଜମିଲାପରି ମନେହେଲା ନାହିଁ । ହାଇଁକି ନା ବ୍ରଜେନ୍‌ବାବୁ ବାରମ୍ବାର ଭୁଲ୍ କଲେ । ରଙ୍ଗ ବଦ୍‌ରଙ୍ଗ ମନେରଖି ପାରିଲେ ନାହିଁ । ରଙ୍ଗ ଥାଇ ମଧ୍ୟ ପାସେଇଲେ ଇତ୍ୟାଦି । ତିନିକଣିଆ ଖେଳରେ ସୁପୁର ତାଙ୍କର ପାର୍ଟନର୍ ହୋଇଥିଲାବେଳେ ଚିଡ଼ିଉଠିଲେ । ସରସୀ ପାର୍ଟନର୍ ହୋଇଥିଲେ ମଧ୍ୟ ହସି ଉଠିଲେ (ସାରଅପାଙ୍କର ଆଜି କ'ଣ ହୋଇଛି ବୋଲି ସୁପୁର ଆଶ୍ଚର୍ଯ୍ୟ ହେଲେ) ଭୁଲ୍ ଜଣାପଡ଼ିଲାରୁ ବ୍ରଜେନ୍‌ବାବୁ ବାରମ୍ବାର ଲାଜେଇଲେ । ଖେଳ ଭାଙ୍ଗିଦେବାକୁ ହେଲା । 'ଗ୍ଲଲ ଗପ କରିବା' ବୋଲି ପ୍ରସ୍ତାବ ହେଲା; କିନ୍ତୁ ଗପ କେଉଁ ଆଡ଼କୁ ହେଲା ନାହିଁ । ସୁପୁର ମସଲା ଯୋଗାଇ ପାରିଲେ ନାହିଁ । ସରସୀ ଏଣୁତେଣୁ ପୁରାଣ କଥା, କଚ ଦେବଯାନୀଙ୍କ କଥା, ତାରା-ସୁଗ୍ରୀବଙ୍କ କଥା ପକାଇଲେ, ଯାହାର ପୂର୍ବାପର ବୁଝିହେଲା ନାହିଁ । ବ୍ରଜେନ୍‌ବାବୁଙ୍କ ପାଟିରୁ କଥା ବାହାରିଲା ନାହିଁ । ବେଳେବେଳେ ମନେହେଲା ସେ ନିଜ ଉପରେ କି କାହା ଉପରେ ରାଗୁଛନ୍ତି ।

ସରସୀ ଲକ୍ଷ୍ୟ କଲେ । ପୁରୁଷର ଗିଳିଲା ପରି ଚାହାଣି ଏବଂ ଭଦ୍ରଲୋକର ଛଟପଟକୁ ଲକ୍ଷ୍ୟ କଲେ । ସନ୍ତୁଷ୍ଟ ହେଲେ ।

କିନ୍ତୁ ସେମାନେ ଫେରିଗଲା ପରେ ସରସୀ ସ୍ୱାମୀଙ୍କ ଫଟୋ ସମ୍ମୁଖରେ ଅଜାଡ଼ି-ହୋଇ ପଡ଼ିଲେ । ମୁଁ ପ୍ରକୃତରେ ଦୁଷ୍ଟ । ନୀଚ । ସୁପୁରଙ୍କୁ ବ୍ରଜେନ୍ ଏତେ ଭଲପାଆନ୍ତି, କାରଣ ତାଙ୍କର ଆଉ ଯାହା ଥାଉ ନ ଥାଉ ସେ ଭଲପିଲା । ମୁଁ ଭଲ ନୁହେଁ - ନୁହେଁ, ନୁହେଁ ।···ହେଲେ କହିବଟି, ମୋତେ ସମୟ ଦେଲ କେଉଁଠି ? ତୁମେ ବଞ୍ଚିରହିଥିଲେ

Digitized by srujanika@gmail.com

ମୋର ମର୍ମନ୍ତୁ ବ୍ୟକ୍ତିତ୍ୱକୁ ଢଳ ଢଳ କରି ଦିନ ମାସ ବର୍ଷ ବର୍ଷ ଧରି ତୁମକୁ ସଁପି ଦେଇ ପାରିଥାଆନ୍ତି । ତୁମକୁ ବଦଳେଇ ଦେଇ ପାରିଥାଆନ୍ତି । ତୁମର ରୁକ୍ଷ ରୂଢ଼ମୁହାଁ ମରଦ-ଜାନୁଆରପଣକୁ ଲଭେଇ ସୁନ୍ଦର କରିଦେଇଥାଆନ୍ତି । ସେଇଠୁଁ ଆମେ ଦୁହିଁଙ୍କୁ ଦୁହେଁ କେତେ ଭଲପାଇଥାଆନ୍ତେ ।

ବ୍ୟସ୍ତ ହୁଅ ନାହିଁ ଗଜେନ୍‌ବାବୁ । ସମସ୍ତ ଗଢ଼ିଯିବ । ମୁଁ ଦିନେ ଚମ୍ପମାପିଙ୍କା ବଡ଼ ମାଷ୍ଟ୍ରାଣୀ ହେବି । ଝୁଙ୍କୁନାର ପୁଅକୁ ମୁଣ୍ଡରୁ ପାଚିଲାବାଳ କାଢ଼ିବାକୁ କହିବି । ସେତେବେଳେ ମୁଁ ତୁମକୁ ଭଲପାଇବି ଯେ··ନିଷ୍ପସ୍ତ ଭଲପାଇବି । କାହିଁକି ନା ସେତେ-ବେଳେ ତୁମେ ସ୍ୱାମୀନାମକ ସ୍ତ୍ରୀ ଛନାମକ ଏକ ଚମତ୍କାର ଧାରଣା, ଇମେଜ୍ ହୋଇ ସାରିଥିବ । ସେଥିରେ ଦେହ କି ମନ, ମଳି କି ଧୂଳି, କିଛି ନ ଥିବ ।

ରାତ୍ରୁ ଦେଇ କାଲି ସକାଳେ ଆସିଥିଲେ, ପୁଣି ଆଜି ରାତିରେ ଆସି ପହଞ୍ଚିଯିବେ ବୋଲି କିଏ ଭାବିଥିଲା ? କହିଲେ ପାଖରେ ସ୍ୱାଙ୍କ ସାଙ୍ଗ ମାରୁଆଡ଼ି ରସିକଲାଲ୍ ଘରେ ନିମନ୍ତ୍ରଣ ଥିଲା, ମନହେଲା ବୋଉକୁ ଟିକିଏ ଦେଖିଯାଏ । ବୋଉଙ୍କ ସାଙ୍ଗରେ ଦେଖା ହେଉ ନହେଉଣୁ ସେ ପାଦ ଚପିଚପି ଉପର ମହଲାକୁ ଆସିଥିଲେ । ଫେରିଯାଇ ବୋଉଙ୍କୁ କହିଲେ—

"ସରସୀ କ'ଣ ଉପରୁ ଦେଖୁଥିଲା କି ମୁଁ ଆସୁଛି ବୋଲି ?"

"କାହିଁକି ?"

"ବୋଉଲେ, ମୁଁ କି ଅପୂର୍ବ ଦୃଶ୍ୟ ଦେଖିଆସିଲି । ତୋ ପାଠୋଇ ବୋହୂକୁ କେତେ ସୁନ୍ଦର ଜଣାଅଛି ଲେ !!"

□□□

Digitized by srujanika@gmail.com

ନଅଁ ଓ ପାଉଁଶ

ରାଣୀ ଦେବୀ ପ୍ରେମବହ୍ୱଳ ହୋଇ ତାଙ୍କ ସ୍ୱାମୀଙ୍କ ବାହୁକୁ ଚୁଚୁମିଲେ । ଚୁଚୁମି ଚୁଚୁମି ଦେହର ସେହି ଅଂଶଟିକୁ ନାଲି କରିଦେଲେ । ତା'ପରେ ସେ ଆହୁରି ଉପରକୁ ଘୁଞ୍ଚି ଆସି ମୁହଁରେ ମୁହଁକୁ ଗଡ଼ାଇଲେ, ଘଷିହେଲେ ଓ ଚୁମା ଦେଲେ । ନବବାବୁଙ୍କ ପଡ଼ିଥିବା ବହିଖଣ୍ଡିକ ଛିଟିକି ଯାଇ ଦୂରରେ ପଡ଼ିଲା, ସେଥିର ଗୋଟିଏ ଯୋଡ଼ିଏ ପୃଷ୍ଠା ନଷ୍ଟପ୍ରାୟ ଛିଣ୍ଡିଯାଇଥିବ ।

ନବବାବୁ କଥା କହିବାକୁ ସମୟ ପାଇଲେ ନାହିଁ ।

କେତେ ସମୟ ପରେ ସେ ସିଧା ହୋଇ ବସିଲେ ଓ ଶୋଇରହିଥିବା ସ୍ୱାମୀଙ୍କ ମୁହଁକୁ ଅନାଇଲେ । ସ୍ୱାମୀଙ୍କ ନଡ଼ୁଆ ଆଖି, ତାଙ୍କ ଅଡୁଆ ଉଡୁଆ କେଶର ଗହଳି, ତାଙ୍କ ଓଠରେ ଥିବା ସରୁ ସରୁ ଗାରକୁ ମନଦେଇ ଦେଖିଲେ । ଯେପରିକି ସେ ନିଜ ଭଲ ପାଇବାର ପ୍ରତ୍ୟେକ କାରଣକୁ ଚିହ୍ନି ରଖୁଛନ୍ତି—ଆହୁରି ଥରେ, ପୁଣି ଥରେ ।

ତା'ପରେ ସେ ନବ ବାବୁଙ୍କ ଜାମାର ବୋତାମକୁ ଖୋଲିଲେ ଓ ଛାତିର ରୋମ-ଗୁଡ଼ିକୁ ଖୁସ୍ ଖୁସ୍ କରି କହିଲେ, "ଆଜି ଦେଇଛୁ ପାନେ । ବୁଝିଲ ? ତାଙ୍କ ବାପଅଜା ଚଉଦପୁରୁଷ କେହି ଏମିତିକା ଗାଳି ଶୁଣି ନ ଥିବେ । ପ୍ରଥମେ ସେ କାବା ହୋଇଗଲେ, ଶେଷକୁ ବିଚରା କାନମୁଣ୍ଡା ଆଉଁଶି ଘରକୁ ଗଲେ । ଆସିଥିଲେ ମୋତେ ବୁଦ୍ଧି ବତାଇବାକୁ !"

ସହଜ ବିଜୟ । ରାଣୀ ଦେବୀ ତାଙ୍କ ହାତ ଉପରକୁ ନେଲେ, ସ୍ଥାନେ ସ୍ଥାନେ ଚୁମୁଟିଲେ ଓ ହସିଲେ, ଯେପରିକି ତାଙ୍କ ଗାଳି ଓ ବର୍ତ୍ତମାନର ଏହି ପ୍ରେମକ୍ରିୟା ଗୋଟିଏ ସୂତାରେ ଗୁନ୍ଥା—ତାଙ୍କ ସ୍ୱତନ୍ତ୍ର ଜୀବନର କୃତି ।

ନବବାବୁ ଉପଭୋଗ କରୁଥିଲ ପରି ମନେହେଲା । ସେ ନିଷ୍କ୍ରିୟତାର ବିଳାସରେ ତାଙ୍କ ଆଖି ବୁଜିଆଣିଲେ, 'ମୁଁ ମଧ୍ୟ ତୁମକୁ ଭଲପାଏ' ଏହି ଭାବରେ ସ୍ତ୍ରୀଙ୍କ ହାତକୁ ଅଳସରେ ଆଉଁଶିଲେ ଓ ସ୍ମିତହାସ ଦେଲେ । କେବଳ ସାମାନ୍ୟ କୌତୂହଳରେ ପଚାରିଲେ, "କିଏ ? ପଟ୍ଟନାୟକାଣୀ ?"

"ନା ।"

"ମିଶ୍ରିତେ ?"

"ନା । ସେ ତ ଦାଣ୍ଡଜରରେ ପଡ଼ିଛନ୍ତି । ତା' ଛଡ଼ା ତାଙ୍କର ଏତେ ସାହସ ହେବ କେଉଁଠୁ ?"

Digitized by srujanika@gmail.com

"ଆଉ କିଏ ? ସେ ନୂଆ କୋଠାର ମାଲିକ ? ଚୁଙ୍ଗୁଚୁଙ୍ଗିଆ ଟୋକା, ତା' ନାଁ କଣ ତ—"

"ଧାତ୍, ସେଇଟା ଉରୁଆ ତୁପ୍‌ସଇତାନ୍ । ସେ ସ୍ତ୍ରୀଲୋକମାନଙ୍କ ଆଡ଼କୁ କଣେଇ କଣେଇ ଚାହେଁ; କିନ୍ତୁ ତା' ଆଡ଼କୁ ଅନାଇଲେ ମୁହଁ ତଳକୁ କରିଦିଏ । ଦିନେ କ'ଣ ହେଲା ନା—"

ନବ ବାବୁ ଗପ ଶୁଣିବାକୁ ଚାହିଁଲେନାହିଁ । ସେ ପୁଣି ପଚାରିଲେ, "ତା'ହେଲେ କିଏ ନା କିଏ ? କେଉଁଟିଘର ? ଶୋଭନ୍ ଖାଁ । କଣ୍ଟ୍ରାକ୍ଟର ? ସ୍କୁଲ୍ ହେଡ୍‌ମାଷ୍ଟର ?…"

ସେ ଆଖପାଖରେ ଥିବା ବିଭିନ୍ନ ଶ୍ରେଣୀର ଲୋକମାନଙ୍କୁ ମନେପକାଇଲେ । ଯେଉଁମାନଙ୍କୁ ସେ ଜାଣନ୍ତି, ଯାହାଙ୍କ ସାଙ୍ଗରେ ରାଣୀର କଳି କରିବା ବିଚିତ୍ର ନୁହେଁ । କିନ୍ତୁ ରାଣୀ ଦେବୀ ମୃଦୁ ମୃଦୁ ହସି ରହିଲେ ଏବଂ ରହସ୍ୟର ମାହାତ୍ମ୍ୟ ବଢ଼ାଇଲେ ।

ଶେଷକୁ ନବ ବାବୁ ଅସ୍ଥିର ହୋଇ ଉଠିପଡ଼ିଲେ । ତାଙ୍କ ମନରେ ଆଶଙ୍କା ହେଲା । ସତେ କି ରାଣୀ ଖୋଦ୍ ଜିଲା ମାଜିଷ୍ଟ୍ରେଟ୍ କିମ୍ବା ପୋଲିସ୍ ସାହେବଙ୍କ ସାଙ୍ଗରେ କଳି କରି ଆସିଛି ! ଅସମ୍ଭବ ନୁହେଁ । ରାଣୀପକ୍ଷରେ ସବୁ ସମ୍ଭବ । ସେ ରାଣୀ ଦେବୀଙ୍କ ଚଗଲା ହାତକୁ ମୁଠେଇ ଧରି ଜରୁରୀ ଉତ୍ତର ଅପେକ୍ଷା କଲାପରି ପଚାରିଲେ—

"କୁହ । କିଏ ?"

ରାଣୀ ଦେବୀ ଆଉ ଟାଳିଦେଇ ପାରିଲେନାହିଁ । ସ୍ୱାମୀଙ୍କ ଆଖିରେ ଆଖି ରଖି ହସକୁ ଗୋଟାଇ ଆଣି ଓଠରେ ଚାପିଦେଲା ପରି କହିଲେ, "ସେ ହେଉଛନ୍ତି—ସେ ହେଉଛନ୍ତି ତୁମର ବଡ଼ପଣ୍ଡା—ରାହାସ ଚୌଧୁରୀ ।"

"ଏଁ ?" ନବ ବାବୁଙ୍କ ଚକ୍ଷୁ ସ୍ଥିର ହୋଇଗଲା । କଳ୍ପନାତୀତ ! ରାହାସବାବୁ କେବଳ ବଡ଼ଲୋକ, ସାହିର ମୁଖିଆ ନୁହନ୍ତି, ସେ ଭଲମଣିଷ । ସେ ଦୁଃଖସୁଖରେ ସାହାଯ୍ୟ କରନ୍ତି, ପରାମର୍ଶ ଦିଅନ୍ତି, ସାହିର ଉନ୍ନତି ପାଇଁ ପ୍ରାଣପଣେ ଚେଷ୍ଟା କରନ୍ତି । ରାଣୀ ଶେଷକୁ ତାଙ୍କ ସାଙ୍ଗରେ କଳି କରି ବସିଲା !

କିନ୍ତୁ ରାଣୀ ଦେବୀ ସ୍ୱାମୀଙ୍କ ଆଶ୍ଚର୍ଯ୍ୟ ବିମୂଢ଼ ଭାବ ଦେଖି ଦବିଗଲେ ନାହିଁ । ସେ ଗୁଳିଖିଆ ବାଘୁଣୀ ପରି କ୍ଷତର ବେଦନାକୁ ଚହଲାଇଲେ । ସ୍ୱରକୁ ଉଞ୍ଚେଇ କହିଲେ, "କାହିଁକି କହିବି ନାହିଁ ? ସେ କିଏ କହିବାକୁ ଯେ ମୁଁ ଲାଇନ୍ ଭାଙ୍ଗିଦେଇଛି ? ସେ ଦେଖିଥିଲେ ? ମୁଁ ସକାଳପହରୁ ରେସନ୍ ଦୋକାନ ଆଗରେ ଛିଡ଼ାହୋଇଛି । ତୁମର ଅଫିସ୍ ଯିବା ବେଳକୁ ଟିକିଏ ଚାଲିଆସିଥିଲି ତୁମ ଖାଇବା ଖବର ବୁଝିବାପାଇଁ । ପଣ୍ଡିତ ଘର ଚାକରାଣୀକୁ କହିଦେଇ ଆସିଥିଲି । ଫେରିକରି ମୋ ଜାଗାକୁ ଗଲାବେଳକୁ ଇଏ କେଉଁଠି ଥିଲେ ମୋ ଆଡ଼କୁ ହାତ ଦେଖାଇ ଭଲେଇ ହେଉଛନ୍ତି—କିଏ ଲାଇନ୍ ଭାଙ୍ଗୁଛି—ପଛକୁ ଚାଲିଆସ । ଏ ଭଦ୍ରପଡ଼ା, ଏଠି ସେସବୁ ଚାଲିବ ନାହିଁ ।' ମନେ ମନେ ସେଇ ଏକା ଭଦ୍ରଲୋକ !…ମୁଁ କହିବି, ହଜାରବାର କହିବି । ମୋତେ ଅଯଥାରେ କେହି କହିଲେ ମୁଁ ନିଶ୍ଚୟ କହିବି !"

Digitized by srujanika@gmail.com

ରାଣୀର କ୍ରୋଧ । ନବ ବାବୁ ବୁଝିଲେ । ତା' କାରଣ ଅଛି, ସବୁଥର ରହିଆସିଛି ।

ନବ ବାବୁ ଦୋଷ ଦେଇପାରିଲେ ନାହିଁ । ସେ ରାଣୀ ଦେବୀଙ୍କ ମୁହଁକୁ ଅନାଇଁ ରହିଲେ । ତା'ର ଗୃହିଣୀ ଆହୁରି କେତେ କଥା କହିବ ବୋଲି ହେଉଛି । ଯେମିତିକି ସେ ରାତି ପାହିବା ଯାଏଁ ବୁଝାଇ ଦେଇ ପାରିବ ସେ କାହିଁକି ରହାସ ଚୌଧୁରୀଙ୍କ ସାଙ୍ଗରେ କଜିଆ କଲା । ଅଙ୍କସିବ ନାହିଁ ।

କିନ୍ତୁ ପ୍ରୌଢ଼ ରହାସ ଚୌଧୁରୀ । ସୌମ୍ୟ ସୁଶାନ୍ତ ମୁଖମଣ୍ଡଳ । ସେ ନେତା । ଅନ୍ୟ ପାଇଁ ଭାବନ୍ତି । ତାଙ୍କ ଗୋରା ମୁହଁ କଥା କହୁ କହୁ ନାଲି ହୋଇଯାଏ, ଭିତର ରୂପ ସହିପାରେ ନାହିଁ । ତାଙ୍କୁ କଣ ସହିବାକୁ ପଡ଼ିଲା ? ସେ କ'ଣ ଭାବିଥିବେ ?

ତେଣୁ ସେ ଖିରୁ କଣ୍ଠରେ ପଚାରିଲେ, "ତୁମେ କଣ କହିଲ ?"

ଏହାପରେ ଯାହା ଘଟିଲା ସେ ସେଥିପାଇଁ ପ୍ରସ୍ତୁତ ନ ଥିଲେ । ରାଣୀ ଦେବୀ ହିଂସ୍ର ହୋଇଉଠିଲେ । ସେ ଖଟରୁ ଉଠି ଛିଡ଼ାହେଲେ, ସ୍ୱାମୀଙ୍କ ଆଡ଼କୁ ଝୁଙ୍କିପଡ଼ିଲେ ଓ ଗୃହାଣିରୁ ନାଆଁ ଝରାଇଲେ । ଟାଣୁଆ ଗର୍ଜିଲା କଥାର ସୁଅ ଅଜାଡ଼ି ହୋଇପଡ଼ିଲା; ସେଥିରେ ଭାଷା ଓ ବ୍ୟାକରଣର ସଂଯମ ନାହିଁ । ତାକୁ ରୋଧିବାର କ୍ଷମତା ନବ ବାବୁଙ୍କର ନ ଥିଲା । ସେ ମଝିରେ ମଝିରେ 'ଓଃ, ମୁଁ ସେକଥା କହୁନାହିଁ !', 'ଆଚ୍ଛା ମୁସ୍କିଲ ।', 'ଏତେ ରାଗିବାର କଅଣ ଅଛି ?' ଇତ୍ୟାଦି କହୁଥିଲେ; କିନ୍ତୁ ତା'ର କୌଣସି ପ୍ରଭାବ ପଡ଼ୁନଥିଲା ।

ରାଣୀ ଦେବୀ ଯାହା କହିଲେ ତା'ର ସାରାଂଶ ଏହି ପ୍ରକାର :

ମୁଁ ଯା'ଇଚ୍ଛା ତା' କହୁଛି, ବେଶ୍ କରୁଛି—ତୁମ ଦେହକୁ କାହିଁକି ଲାଗିଯାଉଛି ? ତୁମେ ଭୂଆସୁଣୀ ହୋଇ ଘରକଣରେ ପଶିଥିବ ବୋଲି ଭାବନାହିଁ ଯେ ମୁଁ ବି ସେମିତି ହେବ । ମୋ ଜୀବନରେ କଣ କିଛି ସୁଖ ନାହିଁ ? ଦିନରାତି ଖାଲି ରୁକରାଣୀ ପରି ଖଟୁଥିବ ? (ଏହି ମନ୍ତବ୍ୟର ପୂର୍ବାପର ସମ୍ବନ୍ଧ ବୁଝିହେଲାନାହିଁ)…ତୁମ ରହାସବାବୁ ତୁମପାଇଁ ବଡ଼ ହୋଇପାରନ୍ତି, ତା' ବୋଲି ମୁଁ ତାଙ୍କୁ ସଲାମ୍ କରିବ, ସେ କଥା ହେବ ନାହିଁ । ତୁମକୁ ଯଦି ଏତେ ଦୁଃଖ ଲାଗୁଛି, ଯାଅ, ପାଳଦଉଡ଼ି ବେକରେ ପକାଇ କ୍ଷମା ମାଗି ଆସ । କହିବ—ମୋ ସ୍ତ୍ରୀ ଭାରି ଖରାପ । ତୁମେ ପାରିବ, ମୁଁ ଜାଣେ । ତୁମ ସ୍ତ୍ରୀର ଅପମାନ ହେଲେ ତୁମର କ'ଣ ଯାଉଛି ? ତା'ର ଇଜ୍ଜତ୍ ପଦାରେ ପଡ଼ୁ, ତୁମକୁ ସମସ୍ତେ ବାଃ ବାଃ କହିବେ । (ଏଇଠି ନବବାବୁ କହିଲେ—ଆଚ୍ଛା ମୁସ୍କିଲ !)…ମୁଁ ଏ ଘର ଚଳାଇ ପାରିବ ନାହିଁ । ତୁମେ ଦି'ଗଣ୍ଡା ରୁକର ରଖ, ମୁଁ ମୋର ଘରେ ବସି ଉଲ୍ ବୁଣିବ, ନଭେଲ୍ ପଢ଼ିବ । ମୋତେ କେହି କହିବାକୁ ନଥିବେ କି ମୁଁ କାହାକୁ ପଦେ କହିବ ନାହିଁ । ତୁମେ ଶାନ୍ତିରେ ରହିବ । (ରାଣୀ ଦେବୀ କଥା ମଝିରେ ରହିଯାଇ ଧଇଁସଇଁ ହେଲେ ଓ ନବ ବାବୁ କହିଲେ—ଏତେ ରାଗିବାର କଅଣ ଅଛି ?) ମୁଁ ପାରିବ ନାହିଁ—ବୁଝିଲ ? ତୁମେ ତୁମର ବନ୍ଧୁ ମିତ୍ର କୁଣିଆଁ, ଅମୁକ ବାବୁ, ସମୁକ ବାବୁଙ୍କୁ ନେଇ ଥାଅ, ମୁଁ ଯାଉଛି ।

Digitized by srujanika@gmail.com

କହିହେବ ନାହିଁ ଯେ ଠିକ୍ କେଉଁ ପଦକ ପରେ ସେ ଥକିଯାଇ ପୁଣି ଖଟ ଉପରେ ବସିପଡ଼ିଲେ ଓ ଗୁମ୍‌ସୁମ୍ ହୋଇ କାନ୍ଥଆଡ଼କୁ ଅନାଇଁରହିଲେ ।

କ୍ରମଶଃ ମନେହେଲା ଯେ ରାଣୀ ଦେବୀଙ୍କ ହୃଦୟରେ କିଛି ଜମାଟ ବାନ୍ଧୁଛି—ଦୁଃଖ, ଅଭିମାନ, ବଳକା କ୍ରୋଧ, ଆତ୍ମଗ୍ଲାନି କିମ୍ବା ଆଉ କିଛି; କିନ୍ତୁ ତାଙ୍କ ନିର୍ବାକ୍ ନିଷ୍ପନ୍ଦ ଭାବ ଏତେ ସମୟ ଧରି ତିଷ୍ଠିରହିଛି କେମିତି ? ନବ ବାବୁ ପ୍ରମାଦ ଗଣିଲେ । ସେ ନିଜେ ଶୂନ୍ୟକୁ ଅନାଇଁଥିଲେ; ଅର୍ଥାତ୍ ଅପର କାନ୍ଥରେ ଝୁଲୁଥିବା ବଂଶୀଧାରୀ ଶ୍ରୀକୃଷ୍ଣଙ୍କ ଛବି ଓ ଅଲଗୁଣିରେ ଟଙ୍ଗାହୋଇଥିବା ରାଣୀର ବ୍ଲାଉଜ୍ ଇତ୍ୟାଦିକୁ ଦେଖୁଥିଲେ । ତାଙ୍କୁ ଛଟପଟ ଲାଗିଲା । ରାଣୀର କଣ ଆଉ କିଛି କହିବାକୁ ବାକି ଅଛି ? ପୁଣି ଥରେ ଝଡ଼ର ସୃଷ୍ଟିହେବ ? ନା, ଏ ହେଉଛି ଜଳିବା ଶେଷର କୁହୁଳା ନିଆଁ, ଲିଭି ଲିଭି ଯାଉଛି, ପାଉଁଶ ହୋଇଯିବ ? ଯାହାହେଉ ସବୁଥର ପରି ସେ ନିଜକୁ ନିରୁପାୟ ମନେକଲେ, ଭାବିଲେ ଯେ କିଛି କହିବାକୁ କରିବାକୁ ଗଲେ ତା'ର ଫଳ ଓଲଟା ହେବ ।

ନବ ବାବୁ ଅଲଗୁଣିର ବ୍ଲାଉଜ୍‌କୁ ନିରେଖି କରି ଦେଖିଲେ । ତା'ର ପୋଇଗୁଲିଆ ରଙ୍ଗ, ସେଥିରେ ଅଙ୍କାହୋଇଥିବା ଫୁଲର ଡିଜାଇନ୍‌କୁ ଅନୁଧ୍ୟାନ କଲେ, ଯେପରି କି ସେ ପାନର ଅଭାବରେ ସଙ୍କେତର ଆଶ୍ରା ନେଉଛନ୍ତି, ପିନ୍ଧା ବ୍ଲାଉଜ୍‌ର ଜରିଆରେ ଅନୁରାଗିଣୀକୁ ଖୋଜୁଛନ୍ତି । ରାଣୀ ମୋତେ ଭଲପାଏ—କିନ୍ତୁ ସେ ଏତେ ରାଗେ କାହିଁକି ?

ଗୋଟିଏ ମୁହୂର୍ତ୍ତ । ରାଣୀ ଦେବୀ କଡ଼େଇ ଚାହିଁଲେ ଓ ସ୍ୱାମୀଙ୍କୁ ଦେଖିଲେ । କ'ଣ ଦେଖିଲେ କେଜାଣି, ତା' ପରେ ତାଙ୍କ ନାକପୁଡ଼ା ଫୁଲିଉଠିଲା ଓ ସେ ସ୍ୱାମୀଙ୍କ ଉପରେ ଅଜାଡ଼ିହୋଇ ପଡ଼ିଲେ । ତାଙ୍କ ଛାତିରେ ମୁହଁ ଗୁଞ୍ଜି ଭଙ୍ଗା ଭଙ୍ଗା ପଦରେ କହିଲେ, "ମୁଁ କଳିହୁଡ଼ୀ, ନିହାତି ଖରାପ । କିନ୍ତୁ ତୁମେ ମୋତେ ଦୂରେଇ ଦେବ ନାହିଁ । ତା' ହେଲେ ମୁଁ ମରିଯିବି । ସତ କହୁଛି ମୁଁ ମରିଯିବି । ବଞ୍ଚିପାରିବି ନାହିଁ । ଯେ ଯାହା କହିଲେ କହନ୍ତୁ, ମୁଁ ସହିଯିବି; କିନ୍ତୁ ତୁମକୁ ଛାଡ଼ି ରହିପାରିବି ନାହିଁ···"

ନବ ବାବୁ ସ୍ତ୍ରୀଙ୍କ ମୁଣ୍ଡକୁ ଆଉଁଶିଲେ । ସେ ଛାତିରେ ଗରମ ଲୁହର ସ୍ପର୍ଶ ଅନୁଭବ କଲେ । ସମବେଦନାରେ ଅଭିଭୂତ ହୋଇ ତାଙ୍କୁ କାନ୍ଦଲାଗିଲା ।

···ଏହି ଯେଉଁ ନାଟକ ଅଭିନୀତ ହେଲା, ତାକୁ ଦେଖିବା ପାଇଁ କେହି ନଥିଲେ । ମାଗୁଣିସାହିର ଗୋଟିଏ ଛୋଟିଆ ପକ୍କାଘରେ ଯୋଡ଼ିଏ ବଖରା । ସମୟ ଅଫିସରୁ ଫେରିବା ପରର ଉପରବେଳା । ଆଉ କିଛି ସମୟ ପରେ ଗଉଡ଼ ଦୁଧ ଦୁହିଁବାକୁ ଆସିବ, ହୁଏତ ବଣିଆଘରର ମୁରଲୀମା' ଆତ୍ମକଥା ଶୁଣାଇବାକୁ ଆସିବ; କିମ୍ବା ରଫ୍ୟୁଜିପଡ଼ାର ନିରଞ୍ଜନ ବଡ଼ୁଆ ତାସ୍ ଖେଳିବାକୁ ଡାକିବ । କିନ୍ତୁ ବର୍ତ୍ତମାନ କେହି ନାହାନ୍ତି । ଶୋଇବାଘରର ଝରକା କବାଟ ଖୋଲାପଡ଼ିଛି । ଗୋଟିଏ ସାହସୀ କାଉ ନଳାରୁ ଅଇଁଠା ଭାତ ଖୁଣ୍ଟିସାରି ପିଣ୍ଡା ଉପରକୁ ଉଠିଆସିଛି, ଅଙ୍କାବଙ୍କା ହୋଇ ଚାଲୁଛି ଓ ଏ ଦୁହିଁଙ୍କୁ ଅନାଇଛି ତା'ଚାହାଣିରେ ଲଜ୍ଜାନାହିଁ ।

Digitized by srujanika@gmail.com

ଲକ୍ଷାରେ ଜଡ଼ସଡ଼ ହୋଇଥାଆନ୍ତେ । ସେମାନେ ସାହିର ବାସିନ୍ଦା—ପଟ୍ଟନାୟକ ଘର, ପଣ୍ଡିତଘର, ଶୋଭାନ୍ ଖାଁ ଇତ୍ୟାଦି । ମୁହଁ ଫେରାଇ ନେଇଥାଆନ୍ତେ । ଏଇଥିପାଇଁ ଯେ ଏଭଳି ହୀନତା, ଦୁର୍ବଳତା, କାପୁରୁଷତା ଆଖିରେ ନ ପଡ଼ୁ । ଏମିତିକା ସ୍ତ୍ରୀଙ୍କୁ ଜବତ୍ କରିବାର କଥା, ନହେଲେ ଏ ମଣିଷ ଜାତି ଉଧେଇବ ନାହିଁ ।

ସେମାନେ କହୁଛନ୍ତି । କ୍ରମଶଃ ସେମାନଙ୍କ ଅଭିଯୋଗ ବଢ଼ିଚାଲିଛି । ଦିନେ ବୁଢ଼ା କବିରାଜ ନୀଳମଣି ପଣ୍ଡିତ ଗଳା ସଫା କରି ପାଖକୁ ମୁହଁ ଆଣି କହିଲେ, 'ତୁମ ସ୍ତ୍ରୀଙ୍କ କଥା । ମୁଁ ଦୁଃଖିତ । ସହ୍ୟ କରିବାର ଗୋଟିଏ ସୀମା ଅଛି । ସେଦିନ ସେ କ'ଣ କଲେ ଜାଣନ୍ତି ? ଦୋକାନ ଘରେ ସବୁ ସମ୍ମୁଖରେ ମୋତେ ଅପମାନ ଦେଲେ । କହିଲେ— ଆପଣଙ୍କ ଔଷଧ ଫେରାଇ ନିଅନ୍ତୁ, ଏ ଔଷଧ ନୁହେଁ ବିଷ, ଆପଣଙ୍କ ସ୍ତ୍ରୀଙ୍କୁ ଦେବେ । କେତେ ଆସ୍ପର୍ଦ୍ଧା ! ମୁଁ ବୋଲି—'······ଆଉ ଦିନେ ଶୋଭାନ୍ ଖାଁ କହିଲା, 'ବୁଝିଲ ନବବାବୁ, ତମର ସ୍ତ୍ରୀ ନ ହୋଇଥିଲେ ମୁଁ ସେଦିନ ମଜା ଦେଖାଇଦେଇଥାଆନ୍ତି । ତମ ଗାଈ ମୋ ଘରକୁ ପଶିଆସିଲା, ମୋ ବଗିଚା ବର୍‌ବାଦ୍ କରିଦେଲା । ମୁଁ ତାକୁ ବାଡ଼େଇ ନଥାଆନ୍ତି ଆଉ କ'ଣ ପ୍ୟାର୍ କରିଥାଆନ୍ତି ? ତା 'ବୋଲି ସେ ମୋତେ ଶୁଣେଇ ଶୁଣେଇ ମୋ ଚାକରକୁ କହିବେ ଯେ ମୁଁ ଚୋର, ଅନାଡ଼ି, ହେଡ଼ାଖିଆ । ମୁଁ ଖାଲି ତମ ଖାତିର୍‌ରେ ଚୁପ୍ ରହିଲି, ନହେଲେ— ।'··· ପଟ୍ଟନାୟକାଣୀ ତାଙ୍କ କବାଟ ଆଢୁଆଳରୁ ଝିଙ୍ଗାସି ଥିଲେ, 'ଆମେ କ'ଣ ଟୋକୀ ହୋଇନଥିଲୁ ନା ପାଠ ଦି ଅକ୍ଷର ପଢ଼ିନାହୁଁ ? ସେ ନିଜେ ମୋ ପୁଅକୁ ଡାକନେବ, ଖୋଇବ ପେଇବ, ଆଉ ପିଲାଟା ଗୋଟାଏ ଫୁଲଦାନୀ ଭାଙ୍ଗି ଦେଲା ଯେ ସେଥିପାଇଁ ଏତେ କଥା ଶୁଣିବ ? କ'ଣ ନା ସେ ବାଲୁଙ୍ଗା, ଛତରା, ସତ୍ୟା-ନାଶିଆ ।'···କିଛିଦିନ ତଳେ ପ୍ରଗତିଶୀଳ ହେଡ୍‌ମାଷ୍ଟର ଯୁଗଳ ବାବୁ ପାଖରେ ବସେଇ କହିଲେ, 'ନବ ବାବୁ, ମୁଁ ତୁମ ସ୍ତ୍ରୀଙ୍କୁ ପ୍ରଶଂସା କରେ । ସେ ନିଜ ହାତରେ ସବୁ କାମ କରନ୍ତି, ବାହାରକୁ ବାହାରି ଦଶ ଲୋକଙ୍କ ସାଙ୍ଗରେ କାରବାର ହୁଅନ୍ତି । ଡର ନାହିଁ, ବାଛବିଚାର ନାହିଁ । ଆମ ଦେଶର ସ୍ତ୍ରୀମାନେ ଏମିତି ହେବା ଉଚିତ; କିନ୍ତୁ ଗୋଟାଏ କଥା, ତାଙ୍କ ମୁହଁ ଭାରି ଖରାପ । ସେଥିପ୍ରତି ଦୃଷ୍ଟି ନଦେଲେ ତୁମର ନିଜର ଅନିଷ୍ଟ ହେବ, ତୁମେ ବିପଦରେ ପଡ଼ିବ ।'

ପଡ଼ୋଶୀମାନଙ୍କ କଟୂକ୍ତି ଓ ଅଭିଯୋଗ ତାଙ୍କ ମନରେ ଦୁଃଖ ଦିଏ; କିନ୍ତୁ କ'ଣ କରାଯିବ ? ସେମାନେ ରାଣୀର ହୃଦୟକୁ ବୁଝିବେନାହିଁ, ବୁଝିପାରିବେନାହିଁ ଏବଂ ରାଣୀର କ୍ରୋଧ—ତାକୁ କେମିତି ବନ୍ଦ କରିହେବ ? କେଉଁ ନିର୍ବୋଧ ସୂର୍ଯ୍ୟକୁ କହିବ ଯେ ସେ ତାତି ନଦେଇ କେବଳ ଆଲୁଅ ଦେଉ ? ଅସମ୍ଭବ, ଏହି ଅର୍ଥରେ ସେ ମନେ ମନେ ମୁଣ୍ଡ ହଲାନ୍ତି । ପଡ଼ୋଶୀମାନଙ୍କୁ ପ୍ରବୋଧନା ଦିଅନ୍ତି—ଛାଡ଼ ସେ କଥା···ପଡ଼ୋଶୀମାନଙ୍କ ଭିତରେ ଏମିତି ଟିକିଏ କଳିକଜିଆ କ'ଣ ହୁଏନାହିଁ ?···ଇତ୍ୟାଦି ।

ତଥାପି ଦୈନିକ ଏକାଧିକବାର ତାଙ୍କ ମନକୁ ଆସେ—ରାଣୀ କାହିଁକି ଏତେ ରାଗେ ? ଥରେ ତାଙ୍କର ଧାରଣାହେଲା ଯେ ହୁଏତ ଘରେ ପିଲାଟିଏ ଥିଲେ ରାଣୀର ସ୍ୱଭାବ

Digitized by srujanika@gmail.com

ଆପେ ଆପେ ନରମିଯାଆନ୍ତା । ତେଣୁ ସେ ଆଦରରେ ପଚାରିଲେ—ରାଣୀ, ମୁଁ ଭାବୁଛି—ମୁଁ ଭାବୁଛି ଯେ ଆମ ବାହାଘର ଛଅବର୍ଷ ହୋଇଗଲାଣି, ଏଣିକି ଥୁଣ୍ଟା ହୋଇ ନ ରହି ଗୋଟିଏ ଗ୍ରେଟିଆ (ଦୁର୍ବଳ ହସ) ମଣିଷକୁ ପୃଥିବୀକୁ ଆଣିଲେ କେମିତି ହୁଅନ୍ତା ?'' ଏହାର ଉତ୍ତରରେ ରାଣୀଦେବୀ ଭୂତ ଦେଖିଲାପରି ସ୍ୱାମୀଙ୍କ ଆଡ଼କୁ କିଛି ସମୟ ଚାହିଁଲେ ଓ କହିଲେ, ''ଅଚ୍ଛା ! ପିଲା ନାହିଁ ବୋଲି ସ୍ତ୍ରୀ ଗନ୍ଧଉଛି ? ଘର କରିବାକୁ ପିତାଲାଗୁଛି ? ବେଶ୍, ମୋତେ ବିଦାୟ ଦିଅ, ତୁମେ ଆଉ ଗୋଟିକୁ ବାହା ହୁଅ । ମୋର କିଛି ଆପତ୍ତି ନାହିଁ ।'' ଏହା ପରେ ସେ ପ୍ରଶ୍ନ ଆଉ ଉଠିନାହିଁ ।

···ଦିନେ ସକାଳୁ ସାହିର ପିଲାମାନେ ଦେଖିଲେ ଯେ ତାଙ୍କ ଦାଣ୍ଡ କବାଟରେ ଯେଉଁ କାଠପଟା ଖଣ୍ଡିକ ଲଗା ହୋଇଥିଲା, ସେଥିରେ ଲେଖାଥିଲା —'ନବକିଶୋର ତ୍ରିପାଠୀ, ବି. ଏ.,— ତାକୁ କାଢ଼ି ନିଆହୋଇଛି । କ୍ରମଶଃ ଖବର ହୋଇଗଲା ଯେ ନବ ବାବୁ ଘର ଛାଡ଼ୁଛନ୍ତି । କେତେଜଣ କହିଲେ ଯେ ଶ୍ରୀମତୀଙ୍କର ଘରବାଲା ସାଙ୍ଗରେ କ'ଣ କଜିଆ ଲାଗିଲା ଯେ ସେଇଥିପାଇଁ ଏହି ଅବସ୍ଥା । ଜଣେ ଥଟ୍ଟାକରି କହିଲେ ଯେ ନବ ବାବୁ ତାଙ୍କ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଜଳବାୟୁ ପରିବର୍ତ୍ତନ କରୁଛନ୍ତି, ଏଠି ସ୍ତ୍ରୀଙ୍କ ମୁଣ୍ଡ ଠିକ୍ ରହୁନାହିଁ । କିନ୍ତୁ ଜାଣିବା ଶୁଣିବା ଲୋକେ କହିଲେ ଯେ ନବ ବାବୁ ପ୍ରମୋସନ୍ ପାଇଲେ, କିରାଣିରୁ ସୁପରିଣ୍ଟେଣ୍ଡେଣ୍ଟ ହେଲେ, ତେଣୁ ସେ ଅଫିସ୍ ପାଖରେ ରହିବାପାଇଁ ଉପଯୁକ୍ତ ଘର ଖୋଜିକରି ଯାଉଛନ୍ତି ।

ଯାହାହେଉ ନବ ବାବୁ ଓ ରାଣୀଦେବୀ ମାଗୁଣି ସାହିରୁ ବିଦାୟ ନେଲେ । ଯିବା ପୂର୍ବରୁ ସେମାନେ ରହାସ ଚୌଧୁରୀଙ୍କଠାରୁ ଆରମ୍ଭ କରି ସବୁ ଜଣାଶୁଣା ସାହିପଡ଼ିଶାଙ୍କ ସାଙ୍ଗରେ ଦେଖାକରି ଗଲେ । ସମସ୍ତେ ଦୁଃଖପ୍ରକାଶ ଓ ଶୁଭକାମନା କରିଥିଲେ । ରାଣୀଦେବୀଙ୍କର ମନେଅଛି ଯେ ସେଦିନ ଶାମ୍ବଦଶମୀ ହୋଇଥିଲା, ପଟ୍ଟନାୟକାଣୀ ନିଜ ହାତରେ କରିଥିବା ଛୁଞ୍ଚିପତରର ନ ଖୋଇ ଛାଡ଼ିଲାନାହିଁ ।

ପ୍ରଥମେ ସେମାନେ କାନ୍ଦି ନ ଥିଲେ ବା ଆଖି ଛଳଛଳ କରି ନ ଥିଲେ; କିନ୍ତୁ ସାହିର ଦେବୀମେଳ ଟପିଲାବେଳକୁ ରାଣୀଦେବୀଙ୍କୁ କାନ୍ଦ ଲାଗିଲା ଓ ସେ କହିଲେ, ''ମୋତେ ମୋଟେ ଭଲ ଲାଗୁନାହିଁ ।'' ତା' ପରେ ସ୍ୱାମୀଙ୍କ ବିଷୟ ଘୁଞ୍ଚାଇବାକୁ ଯାଇ କହିଲେ, ''ସେଠି ମୋତେ ଭାରି ନିଛାଟିଆ ଲାଗିବ, ତମେ ସବୁବେଳେ ଅଫିସ୍‌ରେ ବସି ରହିଥିବ ମୁଁ କ'ଣ କରିବି ?'' ନବ ବାବୁ ସ୍ତ୍ରୀଙ୍କ ଭଲପାଇବାକୁ ଗ୍ରହଣ କଲେ ଓ ହସି କରି ତାଙ୍କ ହାତରେ ହାତ ରଖିଲେ ।

···ନୂଆଘରେ ପହଞ୍ଚି ରାଣୀଦେବୀ ପ୍ରଥମେ ଦେଖିଲେ ଯେ ଆଖିପାହାନ୍ତାରେ କେତେ ନେଳି ନେଳି ପାହାଡ଼ ପୃଥିବୀରୁ ଆକାଶକୁ ଉଠିଛି । ନବ ବାବୁ ଚିହ୍ନାଇଦେଲେ ଯେ ପାହାଡ଼ର ସେପାଖେ ବ୍ରହ୍ମପୁର, ଆଧୁନିକ ସହର, ବଡ଼ ଫ୍ୟାକ୍ଟରୀ, ଧାଡ଼ିଧାଡ଼ି କ୍ୱାର୍ଟର୍ସ । ରାଣୀଦେବୀ ଶୁଣୁନଥିଲେ । ତାଙ୍କୁ ଏହି ପାହାଡ଼ ନୂଆ ଲାଗିଲା, ଯେପରିକି ସେ ତାକୁ

Digitized by srujanika@gmail.com

କମ୍ବା ଆଉ କେଉଁ ପାହାଡ଼କୁ ଆଗରୁ ଦେଖି ନଥିଲେ । ଯେମିତ କେଉଁ ଗୋଟିଏ ଦିନର ସକାଳ ମଣିଷକୁ ଅବାକ୍ କରିଦିଏ, ମନେହୁଏ ସେ ନିଜର ସଦ୍ୟଜାତ ଶିଶୁ, କିଛି ଗୋପନ ଜରୁରୀ କଥା କହିବବୋଲି ଅସିଛି । ଯେତେବେଳେ ହୃଦତଳ ଭରି-ହୋଇଯାଏ । ନୂତନକୁ ଗ୍ରୁଡରେ ଲଗାଇବାକୁ, ମାଡ଼ିବସି ଗେହ୍ଲାକରିବାକୁ, ତା' କୋଳରେ ମୁହଁ ଗୁଞ୍ଜିବାକୁ ଇଚ୍ଛା ହୁଏ,—ଯାହା କହିବାର ଅଛି କହିଦେ', ସମୟ ନାହିଁ, ମୁଁ ଏଇ ଛଟପଟ ସହିପାରିବି ନାହିଁ । ଟଣୀ ଦେବୀ ନିଜର ଏହି ମୁଗ୍ଧ-ବିଦଗ୍ଧ ଭାବକୁ ବୁଝିପାରିଲେ ନାହିଁ, ପ୍ରକାଶ କରି ପାରିଲେନାହିଁ । ଅବାନ୍ତର ପ୍ରଶ୍ନ ପଚାରିଲେ, "ଏ ପାହାଡ଼ କେତେ ଉଚ୍ଚ ? ଏ କଣ ସବୁବେଳେ ଏମିତି ନେଳିଆ ଦିଶୁଥାଏ ?"

ତାଙ୍କ ପ୍ରଶ୍ନର ଉତ୍ତର ଯେ ଦେଲା ତାକୁ ମଧ୍ୟ ସେ ଆଗରୁ ଦେଖିନଥିଲେ । ତାଙ୍କୁ ଜଣାନାହିଁ ସେ କେତେବେଳେ ମରିବରେ ଗାଡ଼ିରୁ ଜିନିଷପତ୍ର ବୋହିବାକୁ ଆରମ୍ଭ କଲାଣି । ସେ ପ୍ରବଳ ପ୍ରଗଲ୍‌ଭ ହସରେ ତାଙ୍କ ପ୍ରଶ୍ନର ଉତ୍ତରଦେଲା । କହିଲା, "ଆପଣ ଏ ସହରରେ କେତେ ବର୍ଷ ରହିଲେଣି ? ଆଚ୍ଛା ହେଉ, ଦିନେ ଆପଣଙ୍କୁ ଓ ନବ-ଭାଇନାଙ୍କୁ ନେଇଯିବି ତା' ଉପରକୁ । ବ୍ୟସ୍ତ ହୁଅନ୍ତୁନାହିଁ ।"

ଆଶ୍ଚର୍ଯ୍ୟ ଏବଂ ବିରକ୍ତହୋଇ ଟଣୀଦେବୀ ଅଗନ୍ତୁକକୁ ଚାହିଁଲେ । କିଏ ଏ ଲୋକଟା ? ନବ ବାବୁ ବନ୍ଧୁର ପରିଚୟ ଦେଲେ, "ଯାହାର କଥା କହୁଥିଲି ସେଦିନ ? କୁଞ୍ଜ ପତି । ଏଇଠି ପାଖରେ ଥାଏ । ଯା'ର ଯୋଗୁ ଏ ଘର ମିଳିଲା । ଯାକୁ ଅଫିସରେ ସମସ୍ତେ ଡରନ୍ତି; କିନ୍ତୁ ଯା'ବିନା ଦଣ୍ଡେ ଚଳିପାରନ୍ତି ନାହିଁ ।"

କୁଞ୍ଜବାବୁ ଆତ୍ମପରିଚୟ ସ୍ୱୀକାର କଲାପରି ଗୋଟିଏ ଲମ୍ବା ଚଉଡ଼ା ସ୍ମିତହାସ ଦେଲେ ଓ ରାଣୀ ଦେବୀଙ୍କୁ ନମସ୍କାର କଲେ । ରାଣୀଦେବୀ ପ୍ରତିନମସ୍କାର କଲେ; କିନ୍ତୁ ତାଙ୍କ ମୁହଁର ବିରାଗଭାବ କୋହଳି ହେଲା ନାହିଁ ।

କାରଣ ସେ ଭାବିଲେ ଯେ ଏଭଳି ଲୋକ ସାଙ୍ଗରେ ସହଜ ହୋଇ ହସି କଥା କହିବା ଉଚିତ ନୁହେଁ । ସେ କେବଳ ଅଭଦ୍ର ନୁହେ, କୁତ୍ସିତ ।

କୁତ୍ସିତପଣର ସଜ୍ଞା ଦେଇହେଉନାହିଁ । ଲୋକର ଚେହେରାରେ ବିଶେଷ କିଛି ଖୁଣିବାକୁ ନାହିଁ । କେବଳ ତା'ର ଆଖି ଦୁଇଟା ଗହ୍ୱରିଆ କୋରଡ଼, ମୁନିଆଁ ଚାହାଣି । ପଥରରେ ଖୋଳାହେଲାପରି ଦିଶୁଛି, ଅଥଚ ପଥରକୁ ଫଟେଇଦେବ ବୋଲି ମନେ ହେଉଛି । ଯାହାହେଉ ରାଣୀଦେବୀ ନିଜର ଧାରଣାକୁ ଦୃଢ଼କଲେ ଯେ କୁଞ୍ଜ ପତି ପରି ଲୋକକୁ କୁତ୍ସିତ ଛଡ଼ା ଆଉ କିଛି କୁହାଯାଇପାରେନାହିଁ ।

ଜିନିଷପତ୍ର ରଖାଥୁଆ ହେଲା । କୁଞ୍ଜବାବୁ ସାହାଯ୍ୟ କରିବାର କ୍ରମରେ ପଦେ ଅଧେ କଥା ଛାଡ଼ିଦେଉଥାଆନ୍ତି,—ଏ ଅଇନା ଟେବୁଲ୍ କେଉଁଠି ରଖାହେବ ? ଏଇଠି ଥାଉ ଏହିକ୍ଷଣି, ପରେ ଭାଉଜ ଦେଖି ଚାହିଁ ଠିକ୍ କରିବେ । ତମ ଖଟ ଏଇଠି ପଡ଼ୁ, ଝରକାରୁ ଦକ୍ଷିଣାପବନ ପାଇବ ଏ ଧୂପଦାନୀଟି ସୁନ୍ଦର ହୋଇଛି, କେଉଁଠୁ ଆଣିଲ ?—ଇତ୍ୟାଦି । ସାଧାରଣ କଥା; କିନ୍ତୁ ଟଣୀଦେବୀଙ୍କର ମନେହେଉଥାଏ ଯେ ସେ ସାଧାରଣ

Digitized by srujanika@gmail.com

କଥା କହିବାର ଢଙ୍ଗ କରୁଛୁ, ସେ ସାଦାସିଧା ମଣିଷ ନୁହେଁ । ହେଉ, ସେ ଯଦି ପୁଣି ଥରେ ସେମିତି ହସେ କିମ୍ବା ଅଖାଡ଼ୁଆ କଥା କୁହେ, ତାହାହେଲେ ମୁଁ ତାକୁ ଦେଖିନେବି—ଏହି ମର୍ମରେ ସେ ଚୁପ୍ ହୋଇ ରହିଲେ ।

କୁନ୍ତବାବୁ ଫେରିଗଲା ପରେ, ଏପରିକି ରାତିରେ ଶୋଇବାକୁ ଯିବାଯାଏଁ, ରାଣୀଦେବୀ ଅସ୍ୱସ୍ତି ବୋଧକଲେ । ଶୋଇଲାବେଳେ ସେ ସ୍ୱାମୀଙ୍କୁ କୌତୁକରେ ପଚାରିଲେ, "ତୁମେ ଏମିତି ଗୋଟିଏ ସାଙ୍ଗ କେଉଁଠୁ ଯୋଗାଡ଼ କଲ ?" ନବ ବାବୁ ହସିକରି କହିଲେ, "କିନ୍ତୁ ଲୋକଟା ଭଲ ।"

ରାଣୀଦେବୀ ମାନି ନେଇ ପାରିଲେ ନାହିଁ । ତାଙ୍କର ଇଚ୍ଛାହେଲା କହିବେ—ସେ ଭଲ ହୋଇପାରେନାହିଁ । ସେ ଭିନ୍ନ ପୃଥିବୀର ଲୋକ । ତଥାପି ରାଣୀଦେବୀ ଆହୁରି ଜାଣିବାକୁ ଚାହିଁଲେ । ପ୍ରଶ୍ନ କଲେ, "କୁନ୍ତ ବାବୁଙ୍କ ପିଲାପିଲି କଅଣ ଏଇଠି ଥାଆନ୍ତି ?"

"ସେ ବାହା ହୋଇନାହିଁ ପରା !" ନବ ବାବୁ ଗୋଟିଏ ସର୍ବଜନବିଦିତ କଥା ଶୁଣାଇଲା ପରି କହିଲେ, "ସେ କୁହେ କଣ ଜାଣ—ଯେ ତା' ପାଇଁ ଯୋଗ୍ୟ ଝିଅ ଏ ଦେଶରେ ମିଳୁନାହାନ୍ତି—ମିଳିବା କଷ୍ଟ ।"

ରାଣୀ ଦେବୀ ଆମୋଦିତ ହେଲେନାହିଁ, ବରଂ ତାଙ୍କର କ୍ରୋଧ ବଢ଼ିଲା । ସେ ସ୍ଥିରକଲେ ଯେ ଏ ଲୋକଟାକୁ ଦିନେ ପୂରାପୂରି ଗାଳି ନ ଦେବାଯାଏଁ ତାଙ୍କ ମନରେ ଶାନ୍ତି ଆସିବ ନାହିଁ ।

...ଏଠି ନବବାବୁଙ୍କୁ ଭଲଲାଗିଲା, ସେ ଅଫିସରେ ବେଶି କାମ କରିପାରିଲେ ଓ ଘରକୁ ଫେରି କୌଣସି ପଡ଼ୋଶୀର ଦୌରାତ୍ମ୍ୟ ଶୁଣିବାକୁ ପାଇଲେନାହିଁ, ଅଥଚ ରାଣୀଦେବୀ ଯଥାବିଧି ପ୍ରେମ କରୁଥିଲେ । ଆଜିକାଲି ପ୍ରେମକ୍ରିୟାର ତୀବ୍ରତା, ଚୁମ୍ବନଟା କାମୁଡ଼ା ଇତ୍ୟାଦି କମିଗଲା ପରି ଲାଗୁଛି, କିନ୍ତୁ ନବ ବାବୁ ଭାବୁଥିଲେ ଯେ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ—ଏ କେବଳ ଧାରାର ପରିବର୍ତ୍ତନ ।

ପୁଣି ଦେଖାଗଲା ଯେ ରାଣୀଦେବୀ ବସି ବସି ଛବି ଆଙ୍କୁଛନ୍ତି । ବାହାଘର ପୂର୍ବରୁ ତାଙ୍କର ଏ ଦିଗରେ ସ୍ପୃହା ଥିଲା ବୋଲି ସେ କହନ୍ତି । ନବ ବାବୁ ତାଙ୍କର ଏହି ପୁନର୍ଜୀବିତ ଉତ୍ସାହ ଦେଖି ଖୁସିହେଲେ, ତାଙ୍କୁ ଭଲ ରଙ୍ଗ, ତୂଳି, କାଗଜ ଇତ୍ୟାଦି ଯୋଗାଇ ଦେଲେ ଓ ବାରମ୍ବାର କହିଲେ ଯେ କେତୋଟି ଛବି ଅତି ଉଚ୍ଚକୋଟୀର, ତାକୁ ସେ କାନ୍ଥରେ ଟାଙ୍ଗିବେ ।

ଦିନେ ନବବାବୁ ଅଫିସରେ ଥିଲେ ଓ ରାଣୀ ଦେବୀ ରୋଷେଇ ଘରେ ଥିଲେ, ଏହି ସମୟରେ କୁନ୍ତବାବୁ ପହଞ୍ଚିଯାଇ ଡ୍ରଇଂରୁମ ଟେବୁଲ ଉପରେ ପଡ଼ିଥିବା ଖବରକାଗଜ, ମ୍ୟାଗାଜିନ୍‌ଗୁଡ଼ିକର ପୃଷ୍ଠା ଓଲଟାଇଲେ । କିଏ ଜାଣିଥିଲା ଯେ କାଗଜପତ୍ର ଭିତରେ ଗୋଟିଏ ପୁରୁଣା ଲମ୍ବା ଖାତା ରହିଯାଇଥିବ ଓ କେତେ ଦିନ ତଳେ ରାଣୀଦେବୀ ତାର

ଗୋଟିଏ ପୃଷ୍ଠାରେ ପେନ୍‌ସିଲରେ ଗାରଉ ଗାରଉ ପ୍ରକୃତିର ଦୃଶ୍ୟ ପରି କ'ଣ ଆଙ୍କି ଦେଇଥିବେ ? ରାଣୀଦେବୀଙ୍କର ମନେପଡ଼ିଲାବେଳକୁ ଡେରି ହୋଇଗଲାଣି । ସେ କବାଟ ପାଖକୁ ଆସିଲାବେଳକୁ କୁନ୍ତଳବାବୁ ନିର୍ନିମେଷନୟନରେ ଛବିକୁ ଦେଖୁଛନ୍ତି ଓ 'ବାଃ !' 'ଚମତ୍କାର' ବୋଲି ପାଟିକରୁଛନ୍ତି ।

ଅଭଦ୍ରତାର ଗୋଟାଏ ସୀମା ଅଛି । ରାଣୀଦେବୀ ଭାବିଲେ—ଏଥର ଆଉ ରକ୍ଷାନାହିଁ, ଶୋଧିବ ପରସ୍ତେ—ଯାହା ମନକୁ ଆସିବ କହିଚାଲିଯିବ ।

କିନ୍ତୁ ସେ ଅଟକିଗଲେ ଓ ଅନାଇଁ ରହିଲେ । ଯେପରି କି ସେ ଏହିପରି ଗୋଟିଏ ମୁହୂର୍ତ୍ତର ଅପେକ୍ଷା କରିଥିଲେ, ଯେବେ ଏହି ଭଦ୍ରଲୋକ ତାଙ୍କ ଛବିକୁ ଆସି ଦେଖିବେ, ପରଖିବେ ଓ କିଛି କହିବେ । ସେ ଡରୁଥିଲେ, କିନ୍ତୁ ଅପେକ୍ଷା କରିଥିଲେ । ରାଣୀଦେବୀ ତାଙ୍କ ଭିତରର ଶବ୍ଦ ଶୁଣିବାକୁ ପାଇଲେ ଏବଂ ତାଙ୍କର ଇଚ୍ଛାହେଲା ଯେ ସେ ଛବି ସମେତ ଏହି ମୁହୂର୍ତ୍ତ ଓ ମଣିଷକୁ ମୋଡ଼ିମାଡ଼ି ଫୋପାଡ଼ି ଦେବେ ।—ଏ ଲୋକଟା ଏମିତି କ'ଣ କି ? ମୋର ପରୀକ୍ଷା ଖାତା ଦେଖିଲା ପରି ମୁହଁ କରୁଛି କାହିଁକି ?

କେତେବେଳକେ କୁନ୍ତଳବାବୁ ଛବିରୁ ମୁଣ୍ଡ ଟେକିଲେ ଓ ପୁଣି ଥରେ କହିଲେ, "ଚମତ୍କାର ! କିଏ ଆଙ୍କିଛି ଯେ୍ୱାକୁ ? ଭାରତ ନିଶ୍ଚୟ, ନବଭାଇନାଙ୍କଦ୍ୱାରା ଏ ସବୁ ହେବନାହିଁ ।"

ଅଜାଣତରେ ରାଣୀଦେବୀଙ୍କ ଓଠରେ ସ୍ମିତହାସ ଦେଖାଦେଲା ଓ ସେ ଲାଜେଇଲାପରି କହିଲେ, "ଛିଃ, କ'ଣ ଗୋଟାଏ ଗାରଉ ଗାରଉ ଆଙ୍କିଦେଇଥିଲି, ଆପଣଙ୍କୁ ତାକୁ ଦେଖିବାକୁ କିଏ କହିଲା ?"

କୁନ୍ତଳବାବୁ ତାଙ୍କର ସ୍ୱାଭାବିକ ପ୍ରଚଣ୍ଡ ହସ ହସିଲେ ଓ କହିଲେ, "କ୍ଷମାକରିବେ ।" ତା'ପରେ ସେ ମନ୍ତବ୍ୟ ଦେଲେ, "ଛବିଟି ଭାରି ସୁନ୍ଦର ହୋଇଛି; କିନ୍ତୁ ଜଣାପଡ଼ିଯାଉଛି ଯେ ଯେ୍ୱାକୁ ଜଣେ ନାରୀ ଆଙ୍କିଛି । ନହେଲେ ମେଘସବୁ ଏମିତି ଗୋଲ ଗୋଲ ଫୁରୁଫୁରିଆ ହୋଇ ଉଡ଼ୁ ନ ଥାଆନ୍ତେ । ପର୍ବତ ଶିଖରୀ ଏତେ ବର୍ତ୍ତୁଳ ଓ କୁହୁଡ଼ିଆ ହୋଇ ନଥାଆନ୍ତା । ଗଛମାନେ ପତର ଫୁଲରେ ଝୁଙ୍କିପଡ଼ୁ ନ ଥାଆନ୍ତେ । ସେ ଯେ୍ୱାକୁ ଆଙ୍କିଛି ସେ କେବଳ ନାରୀ ନୁହେଁ, ଅତି-ନାରୀ । କୋମଳ ଭାବରେ ଜୁଡ଼ୁବୁଡ଼ୁ ! (ହସ) ମୁଁ ଆଙ୍କିଥିଲେ ମୋ ପେନ୍‌ସିଲ ମୁନ ଭାଙ୍ଗିଯାଇଥାଆନ୍ତା । କାହିଁକି ଜାଣନ୍ତି ? କାହିଁକି ନା ମୋର ପୃଥିବୀ ହୋଇଥାଆନ୍ତା ବଙ୍କାତେଢ଼ା, ଲୁଖୁରା ଆଉ ଥୁଣ୍ଟା । ଦିନେ ଆପଣଙ୍କୁ ଆଙ୍କି କରି ଦେଖାଇବି—ଚିଡ଼ିବେ ନାହିଁ ତ ?"

ରାଣୀଦେବୀ କୁନ୍ତଳବାବୁଙ୍କ ସାଙ୍ଗରେ ହସିଲେ ଓ ସେଠୁ ଚାଲିଆସିଲେ । ଭାବିଲେ—ପାଗଳଟାଏ !

କିନ୍ତୁ ତାଙ୍କୁ ଭଲଲାଗିଲା ଏବଂ ତାଙ୍କ ମନରେ ଆସିଲା—ମୁଁ କ'ଣ ଜାଣିଶୁଣି ମୋ ଛବିକୁ ମଧୁରିଆ କରି ଗଢ଼ିଥିଲି ଯେ ସେ ତାକୁ ଦେଖି ଏମିତିକା କଥା କହିବେ ? ......ଧାତ୍ !

Digitized by srujanika@gmail.com

ସେହିଠୁଁ ସେ କୁଞ୍ଜବାବୁଙ୍କୁ ମନେ ମନେ ଛିଗୁଲାଇଲେ—ସେ ନିଜେ ଯେମିତି, ଆଙ୍କିଆଆନ୍ତେ ସେମିତି । ବଙ୍କାଟେଢ଼ା, ଲୁଖୁରା, ଆଉ ଥୁଣ୍ଟା ! ଆଦ୍ଭୁତ ଅଛି । ନିଦା ଗଣିଆ···କାହାପର ?

···କୁଞ୍ଜବାବୁଙ୍କ ଯିବା ଆସିବା ବଢ଼ିବାକୁ ଲାଗିଲା । ସେ ନବବାବୁଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ଭାଉଜଙ୍କ ଖବର ବୁଝିବେ, ତାଙ୍କୁ ଏକୁଟିଆ ମନମାରି ବସିରହିବାକୁ ଦେବେନାହିଁ ।

କ୍ରମଶଃ ରାଣୀଦେବୀ ଓ କୁଞ୍ଜବାବୁ ପରସ୍ପରକୁ 'ଆପଣ' ପରିବର୍ତ୍ତେ ତୁମେ ବୋଲି ଡାକିଲେ । ରାଣୀଦେବୀ ଥରକୁଥର ଚା' ଜଳଖିଆ ଦେବାକୁ ବାଧହେଲେ ଓ ସ୍ୱାମୀଙ୍କ ଉପରେ ଚଡ଼ିଲେ—ମୁଁ କ'ଣ ଏଠି ଧର୍ମଶାଳା ଖୋଲିଛି ? ତମ ବନ୍ଧୁ ଯେତେବେଳେ ଇଚ୍ଛା ସେତେବେଳେ ଆସି ଭୋଜନ ପକାଇବେ ?

କୁଞ୍ଜବାବୁ ଚୁପ୍ ହୋଇ ବସନ୍ତିନାହିଁ—ହସନ୍ତି, କଥା କହନ୍ତି ଓ ଘରର ଚାରିଅଡ଼େ ଘୂରିବୁଲନ୍ତି—ସତେ କି ଏ ଘରଟା ତାଙ୍କର । ସେ ତା'ର ଭଲମନ୍ଦ ବୁଝିବା ପାଇଁ ନିଯୁକ୍ତ ହୋଇଛନ୍ତି । ତାଙ୍କର ପରାମର୍ଶ ନିର୍ଦ୍ଦେଶପରି ଲାଗେ । ଯଥା—ଭାଉଜ, ଦେଖିଲଣି ଏଠି କେତେ ଅଳନ୍ଧୁ ଲାଗିଛି—ନାଇଁ ନାଇଁ ଦିଅ ମୋ ହାତକୁ ଦିଅ, ମୁଁ ଝାଡ଼ିଦେବି । ତୁମେ ଅବଳା, ତୁମର କାମ ହେଉଛି ରାନ୍ଧିବା ଓ ଛବି ଆଙ୍କିବା ।···ତୁମେ ଏଇ ଗୋଲାପ ଗଛର ଯତ୍ନ ନେଇନାହଁ । ତାକୁ ଶୋଭାକଲେ ଚଳିବନାହିଁ କାଟିକୁଟି ଦବେଇ ଦେବାକୁ ହେବ । ତା' ହେଲେ ଦେଖିବ ସେ କେମିତିକା ଡଉଲଡାଉଲ ଫୁଲ ଫୁଟେଇବ । ତୁମେ ପାରିବନାହିଁ । ତୁମକୁ ଶାସନ କରି ଆସେନାହିଁ···ଚା' ବେଶି ମିଠା ହୋଇଗଲା । କ'ଣ ଭାବିଛ ଯେ ବେଶି ଚିନି ଦେଇଦେଲେ ମୁଁ କହିବି ଯେ ଆମ ଭାଉଜଙ୍କ ହାତ ଭାରି ମିଠା ?···

ଏମିତିକା କଥା କ'ଣ ଶୁଣିବାକୁ ଭଲଲାଗେ ? ନା । ଏ ସବୁ ପ୍ରଶଂସା ନୁହେଁ, ବିଦ୍ରୂପ । ସେ କ'ଣ ସତରେ ଭାବନ୍ତି ଯେ ମୁଁ ଏତେ କୋମଳା ନାରୀ ଭାବାପନ୍ନା ? କାହିଁକି ? ଏ କଥାତ କେହି ମୋତେ ଆଗରୁ କହି ନ ଥିଲେ ? ରାଣୀଦେବୀ ମନେ ମନେ ଏହାମାନ ଆଲୋଚନା କରନ୍ତି । ବେଳେବେଳେ ତାଙ୍କର ଶୋଇପଡ଼ୁଥିବା ପ୍ରତିଜ୍ଞା ଚେଇଁଉଠେ—ସେ ମୋର ପ୍ରତାପ ଦେଖିନାହାନ୍ତି । ଦିନେ ତାଙ୍କୁ ଶୁଣେଇବି, ନିଶ୍ଚୟ ଶୁଣେଇବି ।

ଚାହିଁ ଚାହିଁ ଚାରିମାସ ହୋଇଗଲା । ସୁରୁଖୁରୁରେ ଦିନ କଟିଯାଉଛି । ନବବାବୁ ବେଶି କାମ କରୁଛନ୍ତି ଓ ଖୁସି ଅଛନ୍ତି । କୁଞ୍ଜବାବୁ ଭାଉଜଙ୍କୁ ଖୁସି କରାଇବା ପାଇଁ ପ୍ରାୟ ପ୍ରତିଦିନ ଆସୁଛନ୍ତି । ରାଣୀଦେବୀ ନେଳିଆ ପାହାଡ଼ର ଶୋଭା ଦେଖୁଛନ୍ତି, ଛବି ଆଙ୍କୁଛନ୍ତି ଓ ଭାବୁଛନ୍ତି ଯେ ଏ ନୂତନ ଜୀବନ ମନ୍ଦ ନୁହେଁ ।

କିନ୍ତୁ କେବେ କେମିତି ରାଣୀଦେବୀ ଗୋଟିଏ ଅଦ୍‌ଭୂତ ଭାବରେ ଆନମନା ହେଉଛନ୍ତି ଓ ତାଙ୍କୁ ଭୟ ଲାଗୁଛି । ତାଙ୍କର ମନେହେଉଛି ଯେ ଏହି ନୂଆ ଜୀବନ ପଛରେ କିଛି ଗୂଢ଼

Digitized by srujanika@gmail.com

ଅଭିସନ୍ଧ ଅଛି । ସେମାନେ ମୋତେ ବଦଳେଇବାକୁ ବସିଛନ୍ତି । ମୁଁ କଣ ସତରେ ବଦଳି ଯାଉଛି ? ସତ ନା ମିଛ ?···ନିଜକୁ ନିରେଖିବାର ଦାୟିତ୍ୱରୁ ଉଦ୍ଧାର ପାଇବାପାଇଁ ସେ ଦର୍ପଣରେ ମୁହଁ ଦେଖନ୍ତି । କାହିଁ କିଛି ବଦଳିନାହିଁ ତ ! ମୋର ସରୁ ଲମ୍ବା ନାକ, ମୋର ଚଲ ଶାମୁକା ଆଖି, ମୋର ସାନ ପାଚିଲ ଧାରୁଆ ଓଠ (ଧାରୁଆ !), ମୋର ଗୋଲେଇ ଗୋରା ଗାଲ, ମୋର ସ୍ୱାସ୍ଥ୍ୟ, ଯୌବନ, ଜ୍ୟୋତି ସବୁ ସେମିତି ଅଛି । ମୁଁ କ'ଣ କରି-ପାରୁଥିଲି, କ'ଣ ଭାବିପାରୁଥିଲି ଯାହା ଆଜି ପାରିବିନାହିଁ ? ବୋଧହୁଏ ମୁଁ ଏଠି ବେଶି ଅଲସୁଆ ହୋଇଯାଉଛି । ମୁଁ ଆଉ ଛବି ଆଙ୍କିବି ନାହିଁ । ତା'ଛଡ଼ା ସେ ଲୋକଟା କାହିଁକି ଏତେଥର ମୋ ଘରକୁ ଆସିବ ?

—ବଇଶାଖୀ ପବନରେ ଆଦୌ କୋମଳତା ନାହିଁ । ଲୋକେ କହନ୍ତି ଯେ ସେ ଦିନଯାକ କଷ୍ଟଦିଏ ସିନା, ସଞ୍ଜବେଳେ ଆଉଁସିଦିଏ । ରାଣୀଦେବୀଙ୍କ ମତରେ ଏହି ଧାରଣା ପୂରାପୂରି ଭୁଲ । ସଞ୍ଜୁଆ ପବନରେ ତାତି ନ ଥାଇପାରେ, ହେଲେ ତା'ର କୋପ କିଛି କମ୍ ନୁହେଁ । ତା'ର ଶୁଖିଲାପଣ ଦେହରେ ପିଟି ହୁଏ । ମନେହୁଏ ସେ କେବଳ ତୁମ ପାଖକୁ ଆସିଛି, ତୁମକୁ ଟାଣି ନେବ, କେଉଁ ଅଶାନ୍ତ ଓ ଆନନ୍ଦରେ ବୁଡ଼ାଇଦେବ । ନା, ସେ ମୋଟେ ନରମ ନୁହେଁ ଏବଂ ତା'ର ଉଦ୍ଦେଶ୍ୟ ଭଲନୁହେଁ ।

ଏହିପରି ଗୋଟିଏ ସଞ୍ଜରେ ରାଣୀଦେବୀ ବାରପଟେ ଏକୁଟିଆ ବସିଥିଲେ । ପବନକୁ ପ୍ରତ୍ୟାଖ୍ୟାନ କରି ସେ ନିଜର ବ୍ୟକ୍ତିତ୍ୱକୁ ମନେପକାଇଲେ ।···ମୋର ବ୍ୟକ୍ତିତ୍ୱ ଅଛି । ଅସାଧାରଣ । ପିଲାଦିନୁ ସେମିତି—ବାପମା' ଜାଣନ୍ତି, ଭାଇଭଉଣୀ ଜାଣନ୍ତି, ସାଙ୍ଗପଡ଼ିଶା ଜାଣନ୍ତି । 'ସେ' ଜାଣନ୍ତି । ମୁଁ ଭାରି ଜିଦଖୋର, ରାଗୀ, କିନ୍ତୁ ଖାଣ୍ଟିକଥା କହେ ଏବଂ ମୁଁ ଯାହାକୁ ଭଲ ପାଏ, ପ୍ରାଣଭରି ଭଲ ପାଏ, ଅତି ବେଶି ଭଲ ପାଏ । ମୋର କେହି କିଛି ଅନିଷ୍ଟ କରିପାରିବେ ନାହିଁ ।

ତେନ୍ତୁଳି ଗଛର ଶୁଖିଲା ପତ୍ର ଝଡ଼ି ଝଡ଼ି ଯାଉଛି । ଚୂନା ଚୂନା ପତ୍ର । ତା'ର ଜୀବନ ଏତେ ହାଲୁକା କେମିତି ହେଲା ? ଗୁହାଳଘରେ ବାଛୁରି ଓ ଗାଈ ସ୍ନେହର ଖେଳ ଖେଳୁଛନ୍ତି, ମରମର ହେଉଛନ୍ତି । କେଉଁ ଅଜାଡିଆ ଫୁଲର ବାସ୍ନା ନିଜର ଉଦ୍ଧତପଣ ଘୋଷଣା କରୁଛି ।

'ସେ' କେତେବେଳେ ଆସିବେ ? ସବୁଦିନେ ଏତେ ଡେରି ନକଲେ କ'ଣ ହୁଅନ୍ତା ନାହିଁ ? ଆଜିକା ତରକାରି ତାଙ୍କ ମନଲାଖି ହୋଇଛି; କିନ୍ତୁ କିଛି ଲାଭନାହିଁ । ଯାହାକିଛି ରାନ୍ଧିଥିଲେ ମଧ୍ୟ ସେଇ ଏକାକଥା । ସେ ନୀରବ ହସଟିଏ ହସିବେ ଓ ଗୁଣ୍ଡାଏଭାତ ପାଟିକୁ ନେଇସାରିଲା ପରେ ପଚାରିବେ—ଆଜି କ'ଣ ଖବର ? ସତେ ଯେପରି ସେ କେଉଁ ବନ୍ଧୁ ଘରକୁ ନିମନ୍ତ୍ରଣ ଖାଇ ଆସିଛନ୍ତି । ଆଚ୍ଛା, ମୋତେ ବାହା ନହୋଇ ଆଉ କାହାକୁ ବାହା ହୋଇଥିଲେ ସେ କ'ଣ ଏତେ ଭଦ୍ର, ଭଲ, ସୁନାପୁଅ ହୋଇ ରହିଥାଆନ୍ତେ ?

···ପ୍ରେମ ଅପରିବର୍ତ୍ତନୀୟ । ଅବଚେତନରେ ଏହି ଭାବର ଦାମ୍ଭ ଓ ଆଶ୍ୱାସନା ନେଇ

Digitized by srujanika@gmail.com

ରାଣୀଦେବୀ ସେଦିନ ରାତିରେ ଯୋଉ ଖଟକୁ ଗଲେ ଏବଂ ସ୍ୱାମୀଙ୍କୁ ଆକ୍ରମଣ କରିବାକୁ ଚାହିଁଲେ ।

ଉପକ୍ରମଣିକା ଛଳରେ ସେ ଆରମ୍ଭ କଲେ, "ତୁମ ବନ୍ଧୁ କାହିଁକି କେତେଦିନ ହେଲା ଆସିନାହାନ୍ତି ?"

ନବବାବୁ କହିଲେ, "କିଏ···କୁଞ୍ଜ ? କାହିଁକି ଆସିନାହିଁ ? ମୁଁ କାଲି ତାକୁ ଅଫିସ୍‌ରେ ପଚାରିବି ।—ସେ ଏଠି ଅଛୁ ବୋଲି ସିନା, ନ ହେଲେ ତୁମକୁ ଘର ଏକୁଟିଆ ଲାଗୁଥାଆନ୍ତା—ନୁହେଁ ?"

କେଜାଣି କାହିଁକି ରାଣୀଦେବୀଙ୍କୁ ଏଭଳି ଉତ୍ତର ଶୁଣିବାକୁ ଭଲ ଲାଗିଲା ନାହିଁ । ଉତ୍ତର ଯାହା ହେଉ ପଛକେ ତାଙ୍କ ମନରେ ଆଶା-ଆଶଙ୍କା ଥିଲା ଯେ ସେ ସ୍ୱାମୀଙ୍କ ମୁହଁରେ କିଛି ନୂଆ ଲକ୍ଷଣ ଦେଖିବେ । ସାମାନ୍ୟ କୁଞ୍ଚନ, କମ୍ପନ, ଆଲୋଡ଼ନ—କିଛି ହେଲେ ଦେଖିବେ—କିନ୍ତୁ ସେ ଦେଖିଲେ ନାହିଁ ।

ଅନ୍ୟ କଥା ପଡ଼ିଲା । ଯଥାକ୍ରମେ ଆଲୁଅ ଲିଭାଇଦେଇ ଶୋଇପଡ଼ିବାର ବେଳ ଆସିଲା । ରାଣୀଦେବୀ ଚଞ୍ଚଳ ହେଲେ । ଏଥର—

କିନ୍ତୁ ସେ ଆଗେଇ ପାରିଲେ ନାହିଁ । ସ୍ୱାମୀଙ୍କର ପରିଚିତ ମସୃଣ ଦେହ, ଖୋଲା ଝରକା ଦେଇ ପଶିଆସୁଥିବା ପବନର କାନକୁହା ଏବଂ ଦୂର ପାହାଡ଼ କନ୍ଦରରୁ ଶୁଭୁଥିବା କେଉଁ ଉଚ୍ଚ ହସର ଧ୍ୱନି ତାଙ୍କ ବାଟ ଓଗାଳିଲା । ତାଙ୍କୁ ନିଜକୁ ନିଉନ ଲାଗିଲା ।

ସେ କ'ଣ ଥରେହେଲେ ଆରମ୍ଭ କରିବେ ନାହିଁ ।

ସେ କ'ଣ କେବେହେଲେ ପ୍ରଥମେ ରାଗିବେ ନାହିଁ ?

ସେ କ'ଣ ପ୍ରଥମେ ପ୍ରେମ କରିପାରିବେ ନାହିଁ ? ମାରି ପାରିବେ ନାହିଁ, ତାରି ପାରିବେ ନାହିଁ ?

ନା—ନା—ନା—ସେ ଆଉ କାହାପରି ନୁହନ୍ତି । ମୁଁ ଏମିତି ଭାବୁଛି, ମୋତେ ଧର୍ମ ସହିବ ନାହିଁ । ରାଣୀଦେବୀ ନିଜ ଅଭିଯୋଗର ତାପରେ ଝାଉଁଳି ପଡ଼ିଲେ । ସେଦିନ ଆଉ କିଛି କରିପାରିଲେ ନାହିଁ; କିନ୍ତୁ ଶୋଇବାପୂର୍ବରୁ ବହୁବାର ଅସ୍ପଷ୍ଟ ସ୍ୱରରେ କହିବାକୁ ଲାଗିଲେ—ମୁଁ ତୁମକୁ ଭଲପାଏ—ମୁଁ ତୁମକୁ ଭଲପାଏ--

ଏହା ପରେ କେଉଁଟା ଦିନ (ନା କେଉଁଟା ମାସ ?) ପରେ କୁଞ୍ଜବାବୁ ଦିନ ଦି'ପହରେ ଝଡ଼ ପରି ଆସି ଖବର ଦେଲେ, "ନବଭାଇନାଙ୍କ ଦେହ ହଠାତ୍ କ'ଣ ହୋଇଗଲା । ଆମେ ତାଙ୍କୁ ଡାକ୍ତରଖାନା ନେଇଯାଇଛୁ । ଆଉ ମୁଁ ତୁମକୁ ନେଇଯିବି ।"

ରାଣୀଦେବୀ ନିର୍ବାକ୍ ହୋଇ ଖବର ଶୁଣିଲେ ଓ କୁଞ୍ଜବାବୁଙ୍କ ସାଙ୍ଗରେ ଗଲେ । ଯିବା ବାଟରେ ତାଙ୍କର ମନେହେଲା ଯେ ସେ ଆଶ୍ଚର୍ଯ୍ୟ ହୋଇପାରୁନାହାନ୍ତି—ଯେପରିକି ସେ ଜାଣିଥିଲେ, କେବେଠୁଁ ଜାଣିଥିଲେ ।

ହାର୍ଟ କରୋନାରି ଥ୍ରମ୍ବୋସିସ୍ । ଅତ୍ୟଧିକ ପରିଶ୍ରମ । କାରଣ ପରିଣାମ ବିଷୟରେ

Digitized by srujanika@gmail.com

ଡାକ୍ତର କେତେ କ'ଣ ବଖାଣିଲେ; କିନ୍ତୁ ରାଣୀଦେବୀ ଭାବିଲେ ସେ ଆଗରୁ ଶୁଣିଛନ୍ତି, ଆଗରୁ ଜାଣିଛନ୍ତି—ଏମିତି ହେବାର ଥିଲା ।

ସେମାନେ ସମସ୍ତେ ଜଳଜଳ ହୋଇ ଚାହିଁଛନ୍ତି—ଚାହାଁନ୍ତୁ । ସେମାନେ କ'ଣ ଜାଣନ୍ତି ମୋ କଥା, ମୋ ଭଲପାଇବାର କଥା ? ଏ ଶୋକ, ଏ ଟ୍ରାଜେଡ଼ି ମୋ ଜୀବନରେ ଆସିବାର ଥିଲା । ଏ ଶାସ୍ତି ପାଇବାର ଥିଲା । ଏମାନେ କ'ଣ ବୁଝିବେ ? ରାଣୀଦେବୀ ସେମାନଙ୍କୁ ଉପେକ୍ଷା କଲେ ଓ ସ୍ୱାମୀଙ୍କ ମୁଣ୍ଡପାଖରେ ବସିରହିଲେ ।

ଶେଷ ମୁହୂର୍ତ୍ତରେ ମଧ୍ୟ ସେ ଭାଙ୍ଗିପଡ଼ିଲେ ନାହିଁ ।

ଘରେ ପହଞ୍ଚିଲା ବେଳକୁ ଲୋକେ ହାଉ ହାଉ ହେଉଛନ୍ତି । ରାଣୀଦେବୀଙ୍କର ମନେହେଲା ଯେ ସେମାନେ ମୃତ ଦେହକୁ ଦେଖିବାକୁ ଆସିନାହାନ୍ତି, ଜୀବନ୍ତା ବିଧବାକୁ ଦେଖିବାକୁ ଆସିଛନ୍ତି । ଏତେ ଲୋକ କେଉଁଠି ଥିଲେ ? ଏମାନେ ସବୁ କ'ଣ ଅଫିସ ଲୋକ, ପଡ଼ୋଶୀ ନା ଦେଖଣାହାରୀ ? କେତେଜଣ ବିକୃତ ମୁହଁ କରି ଯନ୍ତ୍ରଣା ଭୋଗୁଛନ୍ତି । କେହି କେହି ଲୁହ ପୋଛୁଛନ୍ତି । କେତେଜଣ ଦୁଃଖର ସୀମା ନିରୂପଣ କଲାପରି ଘୂରି ଘୂରି ଚାରିଆଡ଼କୁ ଚାହୁଁଛନ୍ତି ଏବଂ କେତେଜଣ ତତ୍ପର ହୋଇ 'ବ୍ୟବସ୍ଥା' କରୁଛନ୍ତି ।···କିନ୍ତୁ ସମସ୍ତେ ଥରକୁଥର ମୋତେ ଦେଖୁଛନ୍ତି କାହିଁକି ? ଦେଖ ଆଖିପୂରାଇ ଦେଖ । ମୁଁ କାନ୍ଦିବି ନାହିଁ, ପାଟି କରିବି ନାହିଁ, କିଛି କହିବି ନାହିଁ ।

ସମ୍ମୁଖରେ ଜଣେ ଲୋକର ରୂପ ଓ ଛାଇ । ସେ ସୁପରିଚିତ । ହଠାତ୍ ରାଣୀ-ଦେବୀଙ୍କ ମନରେ ଆସିଲା—ମୋର ତାଙ୍କୁ କିଛି କହିବାର ଅଛି ।

ତା' ପରେ ସେ କହିଲେ । କହିବା ସାଙ୍ଗେ ସାଙ୍ଗେ ସେ ରାଗିଲେ ଓ କ୍ରମଶଃ କାନ୍ଦିବାକୁ ଲାଗିଲେ । ଝରି ଝରି କାନ୍ଦଣା ଭିତରେ ଲୁହ ପୋଛି ଓ ହାତ ହଲାଇ ସେ ଗାଳିବୃଷ୍ଟି କଲେ—

"ତମେ ଏଠି କାହିଁକି ରହିଛ ? ମଜା ଦେଖିବାକୁ ? ତମେ ହିଂସୁକୁଟିଆ, ତମେ ମୋ ସୁଖ ସହିପାରିଲ ନାହିଁ । ତମେ ସତ୍ୟାନାଶିଆ, ତମେହିଁ ମୋ ସଂସାରକୁ ଜାଳିପୋଡ଼ି ଦେଲ । କାହିଁକି ଛିଡ଼ାହୋଇଛ ମୋ ଆଗରେ ? ଲଜ୍ଜା ଲାଗୁନାହିଁ ?—ତମରିଯୋଗୁ ସେ ଏଠିକି ଆସିଲେ । ତମେ ତାଙ୍କୁ ମିଛ ସତ କହି ନେଇଆସିଲ । ମୋ ଘରେ ଆସି ମାମ୍‌ଲତ୍‌କାରୀ କଲ, ଆଉ ତାଙ୍କୁ କହିଲ ଅଫିସ୍‌ରେ ବସି ଖଟିବାକୁ । ଦେଖେଇଦେଲ— କ'ଣ ନା ମୁଁ ଖବର ବୁଝୁଁଛି—ଦରଦ ! ତମ ଦରଦ ମୁହଁରେ ନିଆଁ । ତମକୁ ଦେଖିଲେ ଅମଙ୍ଗଳ, କଥା କହିଲେ ଆଇଷ କମିଯିବ—ମୁଁ ଲେଖିଦେଉଛି । ମୁଁ ଅଭିଶାପ ଦେଉଛି— ତମେ ଜୀବନରେ କେବେହେଲେ ସୁଖ ପାଇବ ନାହିଁ ! ତମେ ଯାଅ, ଚାଲିଯାଅ ଏଠୁ । ମୁଁ ତୁମ ମୁହଁ ଦେଖିବାକୁ ଚାହେଁନାହିଁ—"

କୁଞ୍ଜବାବୁ ଚାଲିଗଲେ ନାହିଁ । ଅନ୍ୟମାନେ କାଠପରି ଛିଡ଼ାହୋଇ ରହିଲେ ।

Digitized by srujanika@gmail.com

ରାଣୀଦେବୀ ଗାଳି ଦେଇ ସାରିଲେ ଓ ମୁହଁ ତଳକୁ କରି କହିଁ କହିଁ କାନ୍ଦିଲେ; କିନ୍ତୁ ଯାହାକୁ ଗାଳି ଦେଲେ ତା'ର ଚେହେରା ବଡ଼ ହୋଇ ତାଙ୍କ ଆଖିକୁ ଦିଶିଲା । ସେ ସୁନ୍ଦର କୁତ୍ସିତ—ପାହାଡ଼ ପରି, ପୁରୁଷ ପରି । ସେ ଛୁଡ଼ି ଚାଲିଯିବ ନାହିଁ, ମୁହିଁ ହାରିଯିବ ।

ଯାହାହେଉ ମୁଁ ତାକୁ ଗାଳିଦେଇଛି, ମନବୋଧ କରି ଗାଳି ଦେଇଛି । ହିସାବ ନିକାଶ କରିଦେଇଛି । ଏଣିକି ମୋ ଦୋଷ ନୁହେଁ ।

ରାଣୀଦେବୀ ଶାନ୍ତ ହେଲେ ।

□□□

Digitized by srujanika@gmail.com

ଅଲକର ଫୁଲ

ମୁଁ ମୋର ଓଡ଼ନମହଲାରେ ଥିବା ଅଫିସ ପ୍ରକୋଷ୍ଠରୁ ନମ୍ନର ପୃଥିବୀକୁ ଦେଖୁଥିଲି । କଲିକତାର୍ ଚୌରଙ୍ଗୀ ଅଞ୍ଚଳରେ ଗୋଟିଏ ବଜାର ରାସ୍ତା, ଗୋଟିଏ ପଟେ ଦୋକାନ ଧାଡ଼ି, ଅପର ପଟେ କର୍ପୋରେସନର ପାର୍କ । ପାର୍କର ପ୍ରବେଶ ଦ୍ୱାରରେ ତିଣି ପଟାର ତୋରଣ, ସେଥିରେ ଲେଖାହୋଇଛି—ବିପଦ୍‌ସୂଚକ ପ୍ରଥ ସାବଧାନ ।

ସେଦିନ ମୁଁ ପାର୍କକୁ ଲଗି ରହିଥିବା ଫୁଟ୍‌ପାଥ୍ ଆଡ଼କୁ ଚାହିଁଥିଲି । ରାସ୍ତା ତୁଳନାରେ ଫୁଟ୍‌ପାଥ୍‌ର ଦୃଶ୍ୟବହୁଳତା କିଛି କମ୍ ନୁହେଁ । ସେ ସମସ୍ତ ଦୃଶ୍ୟକୁ କେବଳ ଦାରିଦ୍ର୍ୟତାର ଧାରା ବୋଲି କହି ମୁହଁ ଫେରାଇ ନେବା ଉଚିତ ହେବନାହିଁ । ଯଥା ଦୁଇଜଣ ଲଙ୍ଗଳା ପିଲା ଯେତେବେଳେ ବିପଣୀର ଦାଗରୁ ଆସି ବଡ଼ ପେଟର ଲଢ଼େଇ କରନ୍ତି, ତାକୁ କେମିତି ଗରିବର ଖେଳ ମନେକରି କାଟିଦେଇ ହେବ ? କିମ୍ବା ଧର ଯେତେବେଳେ ଗୋଟିଏ ତେର ଚଉଦ ବର୍ଷର ବାଳକ ଜଣେ ଭଦ୍ରମହିଳାଙ୍କ ପଛରେ ଅଙ୍ଗଭଙ୍ଗୀ କରି ଖଟେଇହୁଏ ବା ବୁଢ଼ୀଟିଏ ମାଟି ସରାରେ ଗୁ' ପିଉ ପିଉ ମନକୁ ମନ ହସେ, ସେତେବେଳେ ଦାରିଦ୍ର୍ୟତା ଫୁଟି ଉଠେ ନାହିଁ କି ଜଳି ଉଠେନାହିଁ, ବିଚିତ୍ର ସୃଷ୍ଟିର ପଣତରେ ଖଞ୍ଜିହୋଇଯାଏ । ମୁଁ ସ୍ମିତହାସ ଦେଇ ମୋ ମନର ଟିପାଖାତାରେ ଲେଖି ରଖେ ।

କିନ୍ତୁ ମୁଁ ସେଦିନର ଅଭିନବ ଦୃଶ୍ୟ ପାଇଁ ପ୍ରସ୍ତୁତ ନଥିଲି ।

ମୁଁ ଗୋଟିଏ ସ୍ତ୍ରୀକୁ ଦେଖିଲି । ସେ ନିଃସନ୍ଦେହରେ ତରୁଣୀ । ଫୁଟ୍‌ପାଥ୍‌ର ତରୁଣୀ । ତା'ର ଛିଣ୍ଡା ମଇଳା ଶାଢ଼ୀ, ତାର ଅଖାବାଉଁଶ ଘର, ତା' ପାଖରେ ଥୁଆ ହୋଇଥିବା ଦୁଇଖଣ୍ଡ ଆଲୁମିନିୟମ ବାସନ ଇତ୍ୟାଦି ତା'ର ସ୍ଥିତି ସ୍ୱରୂପକୁ ଚିହ୍ନାଇ ଦେଉଥିଲା । ସେ ଗୋଡ଼ ଲମ୍ବାଇ ବସିଥିଲା, ଗୋଟିଏ ବୁଲା କୁକୁରକୁ ମଝିରେ ମଝିରେ ତଡ଼ାଉଥିଲା ଓ ଶୂନ୍ୟଦୃଷ୍ଟିରେ ବଜାରକୁ ଅନାଉଥିଲା । ମୁଁ ଅନୁମାନ କଲି ଯେ ସେ ତୃପ୍ତ ଅଛି, ବୋଧହୁଏ ନିକଟ ଅତୀତରେ ପେଟ ପୂରାଇ ଖାଇଛି ।

ତା ମୁହଁରେ କୋମଳତା ନଥିଲା । ମୋର ଦୃଢ଼ ଧାରଣା ହେଲା ଯେ ସେ ହଠାତ୍ ରାଗିଯାଇପାରେ ଓ ଗାଳି ବୃଷ୍ଟି କରିପାରେ । ପୁଣି ଦେଖିଲି ଯେ ତାର ପାଟି ନାଲି, ସେ ପାନ ଖାଇଛି ।

ତା' ମୁହଁ କଦାପି ସୁଦୃଶ୍ୟ ନୁହେଁ—ଅଥଚ ବଳଶାଳୀ । ତାର ନାକ ଚେପ୍‌ଟା ନୁହେଁ, ଚଉଡ଼ା । ଧୂଳିଆ-କଳିରା ଆଖି, ତୀକ୍ଷ୍ଣ ଚାହାଣୀ । ପ୍ରଶସ୍ତ ଓଠର ଦୁଇଦିଗ ସାମାନ୍ୟ ଉପରକୁ ଉଠିଛି । ଟାଣୁଆ ଚିବୁକ । ଇସ୍—ସେ ମୁହଁ ବୁଲାଇ ପୁଣି ମେଞ୍ଚାଏ

Digitized by srujanika@gmail.com

ପାନସିକ ଗ୍ଳାନିଦେଲା ଗୋଟାଏ ଶକ୍‌ସାର ଚକ ଉପରକୁ ଏବଂ କାଉ ପର ଶବ୍ଦବନ୍ଧନ ଧ୍ୱନି କରି ପାଖ ଲୋକଙ୍କ ମଧ୍ୟରୁ କାହାକୁ ଡାକିଲା ।

କୁତ୍ସିତ, ଅଶ୍ଳୀଳ, ଅସୁନ୍ଦର ଇତ୍ୟାଦି ଅନେକ ବିଶେଷଣ ତା' ଉଦ୍ଦେଶ୍ୟରେ ପ୍ରୟୋଗ କଲି ।

ଯେତେହେଲେ ସମାଜଛଡ଼ା, ତା' ଦୋଷ ନୁହେଁ ବୋଲି କହି ମୋର ବିରାଗର ମାତ୍ରା ଊଣା କରିବାକୁ ଚେଷ୍ଟାକଲି ।

ମୁଁ ମୋର ଦୃଷ୍ଟି ବଦଳାଇବାକୁ ଯାଉଛି, ଏହି ସମୟରେ ଦେଖିଲି ଯେ ସେ ହାତ ପଛକୁ ନେଇ ତା'ର ନୁଖୁରା କେଶରେ ଗୋଟିଏ ଗଣ୍ଠି ପକାଇଲା ଓ ସେଥିରେ ଫୁଲଟିଏ ଖୋସିଦେଲା । ଫୁଲ ଅଜାତିଆ କିନ୍ତୁ ସଜ, ରକ୍ତବର୍ଣ୍ଣ ଓ ବିରାଟ ।

ସେହିଠୁଁ ମୁଁ ଆଶ୍ଚର୍ଯ୍ୟ ହେଲି ଓ ଭାବିଲି—କାହିଁକି ?

ଏ ପ୍ରଶ୍ନର ସହଜ ଉତ୍ତର ହୋଇପାରେ ଯେ ରମଣୀ ମାନେ ହିଁ ଫୁଲରେ ସାଜି ହେବାକୁ ଭଲପାଆନ୍ତି, ରାଜଦୁଲାରୀ ହେଉ ବା ଭିକାରୁଣୀ ହେଉ । ତେବେ ରାଜଦୁଲାରୀର ବିଳାସ ଓ ଭିକାରୁଣୀର ଆସ୍ପର୍ଦ୍ଧା ଦୁଇ ବିଭିନ୍ନ ବସ୍ତୁ । ଏ ସ୍ତ୍ରୀଲୋକର ଯୌବନ ଅଛି, କିନ୍ତୁ ଆଉ କିଛି ନାହିଁ । ତଥାପି ସେ ତା' ମୁଣ୍ଡରେ ଫୁଲ ଖୋସିଦେଲା କାହିଁକି ?

କାରଣ ଖୋଜିବାର ଅଳସ ଲହରୀରେ ଭାସି ଭାସି ଯାଇ ମୁଁ ସ୍ମୃତିର କେଉଁ ଏକ ବେଳାଭୂମିରେ ପହଞ୍ଚିଲି, ଯେଉଁଠି ଇଉ-ଡ଼ି-କୋଲନର ଗନ୍ଧ ମୋତେ ଆକ୍ରମଣ କଲା । କ୍ରମଶଃ ମୋର ମନେହେଲା ମୁଁ ଆଉ ଜଣକୁ ଦେଖୁଛି, ଆଉ ଜଣେ ରମଣୀଙ୍କୁ, ତାଙ୍କର ଯୌବନ ନାହିଁ କିନ୍ତୁ, ଆଉ ସବୁ ଅଛି ।

···ତାଙ୍କ ନାଁ ମିସ୍ ଆଶା ସରକାର । କେତେ ବର୍ଷ ତଳେ ସେ ମୋର ପ୍ରତିଦିନର ସଂସାର ମଧ୍ୟରେ ଥିଲେ । ଅର୍ଥାତ୍ ପ୍ରାୟ ପ୍ରତିଦିନ ମୁଁ ତାଙ୍କୁ ମୋ ଅଫିସରେ ଦେଖୁଥିଲି—ନ ଦେଖି ଗତି ନ ଥିଲା, ସେ ଥିଲେ ମୋର ଜୁନିଅର ସହକର୍ମିଣୀ ।

ମୁଁ ଯେବେ ବଦଳିହୋଇ ପ୍ରଥମେ ଦିଲ୍ଲୀରେ ପହଞ୍ଚିଲି, ସେ ପାଛୋଟିବା ପାଇଁ ଷ୍ଟେସନକୁ ଆସିନଥିଲେ । ଅଫିସର ଅନ୍ୟମାନେ ଆସିଥିଲେ । ସେମାନେ କହିଲେ ଯେ ମିସ୍ ସରକାର ଆମ ପାଇଁ ରାନ୍ଧିବାରେ ବ୍ୟସ୍ତ ଅଛନ୍ତି ଏବଂ ଅନୁରୋଧ କରିଛନ୍ତି ଯେ ଆମେ ସିଧାସଳଖ ତାଙ୍କ ଘରକୁ ଯିବୁ, ସେଠି ରାତ୍ରିଭୋଜନ ସାରି ଆମ ନୂଆ କ୍ୱାଟରକୁ ଯିବୁ । ମୋର ସ୍ତ୍ରୀର ଆପତ୍ତି ଶୁଣାଗଲାନାହିଁ । ସେମାନେ ସମସ୍ତେ କହିଲେ ଯେ ନହେଲେ ସେ ମନଦୁଃଖ କରିବେ, ସେ ନିଜେ ଡାକି ନେଇ ଯାଇଥାଆନ୍ତେ, କିନ୍ତୁ ରନ୍ଧାର ଦାୟିତ୍ୱ ଆଉ କାହାକୁ ଦେଇହେବନାହିଁ ।

ମୁଁ ଅଭିଭୂତ ହେଲି । ନାରୀ-ଅଫିସରମାନଙ୍କଠାରେ ଏପରି ନାରୀସୁଲଭ ଗୁଣ କ୍ୱଚିତ୍ ଦେଖିବାକୁ ମିଳେ । ବାଟରେ ଏକୁଟିଆ ପାଇ ମୋ ସ୍ତ୍ରୀ କହିଲେ—ଦେଖୁଛି ତୁମ ମିସ୍ ସରକାର ପକ୍କା ଘରଣୀ । କଣ ପାତ୍ର ଖୋଜୁଛନ୍ତି ନା ବୟସ ଗଡ଼ିଗଲାଣି ?

Digitized by srujanika@gmail.com

ମିସ୍ ସରକାରଙ୍କୁ ଦେଖିବାମାତ୍ରେ ହିଁ ସେ ତାଙ୍କ ପ୍ରଶ୍ନର ଉତ୍ତର ପାଇପାରିଥିବେ । ବୟସ ଗଡ଼ିଗଲାଣି । ଆଉ ସରକାର କୌଣସି ପୁରୁଷର ଅପେକ୍ଷାରେ ନାହାନ୍ତି, ଯାହାକୁ ସେ ଖୁଆଇ ପିଆଇ ମଣିଷ କରିବେ । ସେ ସ୍ୱାଧୀନ, ସ୍ୱାମୀସ୍ୱାଧୀନ, ସ୍ୱୟଂସମ୍ପୂର୍ଣ୍ଣ ହୋଇ ବଞ୍ଚିରହିବେ ।

ବୟସ ଗଡ଼ିଗଲାଣି କହିଲେ ମନେହେବ ଯେ ମଞ୍ଚଉପରୁ ଜଣେ ବିଦାୟ ନେଇଗଲା, ଆଉ ଜଣେ ଆସିଛି । ଯେ ଆସିଛି ସେ ମଧ୍ୟ ତୃପ୍ତ, ସୁଶୋଭିତ, ଜୀବନର ଖେଳ ଖେଳିପାରିବ; କିନ୍ତୁ ଏ କ୍ଷେତ୍ରରେ ଠିକ୍ ତାହା ନୁହେଁ । ନିରୀକ୍ଷଣ କଲେ ଦେଖିହେବ ଯେ ମିସ୍ ସରକାରଙ୍କ ଯୌବନ ଉଚିତ ସମୟରେ ଏବଂ ଆପଣାଛାଏଁ ଗଡ଼ିଯାଇନାହିଁ, ତାକୁ କିଏ ଟାଣି ଘୋଷାଡ଼ି ନେଇଯାଇଛି । ତେଣୁ ସେହି ଘୋଷଡ଼ା ଚିହ୍ନ, ସେହି କୁଣ୍ଠିତ ବିଦାୟର କେତେଗୋଟି ଲକ୍ଷଣ ରହିଯାଇଛି । ଯେପରିକି ସୂର୍ଯ୍ୟାସ୍ତ ପରେ ଚେନାଏ ଚେନାଏ କଳା ନାଲି ମେଘ ଆକାଶକୁ ଜଡ଼ାଇ ଧରିଛି, ତାକୁ ଅପରିଚ୍ଛନ୍ନ କରି ରଖିଛି । ତାଙ୍କ କପୋଳ ଉପରେ ଝୁଲିପଡ଼ୁଥିବା କେତେଏ କେଶ—କାହିଁକି ଅଛି ? କପୋଳ ଚହଟୁ ନାହିଁ । ତାଙ୍କ ସରୁ ଓଠ ଥରକୁଥର ଅଧାମେଲା ହୋଇଯାଉଛି; କିନ୍ତୁ ଓଠ କଳା ପଡ଼ିଗଲାଣି । ବହଳିଆ ଆଖିପତା ଘନଘନ ସଞ୍ଚାଳିତ ହେଉଛି । ହେଲେ ଚାହାଣିରେ ଜ୍ୟୋତି ନାହିଁ ।

ପ୍ରଥମ ଦେଖାରେ ମିସ୍ ସରକାର ମୋ ସ୍ତ୍ରୀଙ୍କୁ କୁଣ୍ଢାଇପକାଇଲେ; ବ୍ୟବହାରରେ ଜଣାଇଦେଲେ ଯେ ସେ ତାଙ୍କ ସାନ ଭଉଣୀ ପରି । କଥା କଥାକେ ଆଶ୍ୱାସନା ଦେଲେ ଯେ ସବୁ ସଜାଡ଼ି ହୋଇଯିବ । ନୂଆ ଜାଗାରେ ବସା ବାନ୍ଧିବାର ଯାବତୀୟ ମୁଣ୍ଡବ୍ୟଥା, ପିଲାଙ୍କ ପାଇଁ ସ୍କୁଲର ବ୍ୟବସ୍ଥା, ନୂଆ ଫର୍ନିଚର ଯୋଗାଡ଼ କରିବା, ଉଚିତ୍ ଦରରେ ଜିନିଷପତ୍ର କିଣିବାର ଉପାୟ ଇତ୍ୟାଦି ସମସ୍ତ ଦାୟିତ୍ୱ ସେ ନିଜେ ତୁଲାଇନେବେ । ଶେଷକୁ ସେ କହିଲେ (ଆଦେଶ ଅମାନ୍ୟ କଲା ପରି ମୋ ଆଡ଼କୁ ଚାହିଁ ଦେଇ) ଯେ ଦିଲ୍ଲୀର ଆନନ୍ଦ ଅତୁଳନୀୟ ।

ତାଙ୍କ ଆତିଥ୍ୟର ଅଜସ୍ର ପରିଶ୍ରମ ଆମ ପାଖରେ ପଡ଼ିଲା । ବିଭିନ୍ନ ଚର୍ବ୍ୟ, ଚୋଷ୍ୟ, ଲେହ୍ୟ, ପେୟରେ ଟେବୁଲ ଭରିଯାଇଥାଏ, ଭୋଜିଭାତ ପରି ମନେହେଉଥାଏ । ଅବଶ୍ୟ ରନ୍ଧାରେ କିଛି ବିଶେଷତ୍ୱ ଥିଲା ପରି ଲାଗିଲା ନାହିଁ ଏବଂ ବେଳେବେଳେ ଭ୍ରମ ହେଲା ଯେ ଗୋଟିଏ ବ୍ୟଞ୍ଜନକୁ ଅକାରଣରେ ଉନବିଂଶ କରାହୋଇଛି । ଯାହାହେଉ ବଡ଼ କଥା ହେଉଛି ଯେ ମିସ୍ ସରକାର ପ୍ରାୟ ସବୁ କିଛି ନିଜ ହାତରେ ରାନ୍ଧିଥିଲେ । ଯେକୌଣସି ବ୍ୟଞ୍ଜନ ଭଲହୋଇଛି ବୋଲି କହିଲେ ସେ ବିନୟ ମଧୁରଭାବରେ ଗଦ୍‌ଗଦ୍ ହେଉଥିଲେ—ଥ୍ୟାଙ୍କ୍ ୟୁ—ମୋର ଡର ହେଉଥିଲା ଆପଣଙ୍କୁ ଭଲଲାଗିବ କି ନାହିଁ—ମସଲା ଭାଜିଲାବେଳେ ଫୋନ୍ ଆସିଲା······ମାଂସ ନରମ ପଡ଼ିଲା ନାହିଁ···ଲଙ୍କାଗୁଣ୍ଡରେ ବାସ୍ନା ନାହିଁ ଇତ୍ୟାଦି ଏବଂ ପୁଣିଥରେ ନେବାପାଇଁ ବଳାଉଥିଲେ—ଦେଖୁଛି ଆପଣ କିଛି ଖାଉନାହାନ୍ତି କେବଳ ମୋ ମନ ରଖିବାପାଇଁ କହୁଥିଲେ···

Digitized by srujanika@gmail.com

ତାଙ୍କ ଘର ସଜାଇବାରେ ରୁଚି ଓ ସଂଯମ ଥିଲା । ଡ୍ରଇଂରୁମ୍‌ରେ ମାତ୍ର ଯୋଡ଼ାଏ ଛୋଟ କୁଲି ଚିତ୍ର, ଶୋଇବାଘରେ ତାଙ୍କ ସ୍ୱର୍ଗୀୟ ପିତାଙ୍କର ଫଟୋ, ଡାଇନିଂ ରୁମ୍ ଟେବୁଲ ଉପରେ ଗୋଟିକିଆ ମହମବତି, କାରୁକାର୍ଯ୍ୟବିହୀନ ଧୂସର ଗାଲିଚ୍ଚ ଇତ୍ୟାଦି ଜଣାଇ ଦେଉଥିଲା ଯେ ମିସ୍ ସରକାର ଅତିଶଯ୍ୟତା ପସନ୍ଦ କରନ୍ତି ନାହିଁ । ତାଙ୍କର ବହି ଥାକରେ ମଧ୍ୟ ବଛାବଛା କେତୋଟି କ୍ଲାସିକାଲ୍ ଉପନ୍ୟାସ, ସେକ୍‌ସପିୟର, ମହାତ୍ମାଗାନ୍ଧି ଓ ନେହେରୁଙ୍କ ଜୀବନୀ ଓ ଅକ୍‌ସଫୋର୍ଡ଼ ଡିକ୍‌ସେନାରୀ ବ୍ୟତୀତ ବିଶେଷକିଛି ଥିଲା ବୋଲି ମନେ ହେଲାନାହିଁ । ସେ ମୋତେ ବିଭିନ୍ନ ଲାଇବ୍ରେରୀର ସନ୍ଧାନ ଦେଲେ ଓ ଦୁଃଖ କରି କହିଲେ ଯେ ଆଜିକାଲି ଅଫିସ୍‌ରେ ବେଶି କାମ ପଡୁଥିବାରୁ ସେ ଲାଇବ୍ରେରୀକୁ ଯାଇ-ପାରୁନାହାନ୍ତି ।

ସେ ଥରେ ଦୁଇଥର ମୋର ଅତି ନିକଟ ହୋଇ ଯାତାୟାତ କଲେ । ସେତେ-ବେଳେ ଅଗାଧୁଆ ଦେହ, ବାସି ଲୁଗା ଓ ଇଉ ଡିକୋଲନ୍‌ର ମିଶାମିଶି ଗୋଟିଏ ବାସ୍ନା ଆସିଲା । କେଜାଣି କାହିଁକି ମୋର ଧାରଣା ହେଲା ଯେ ଅବିବାହିତା ନାରୀ ଅଫିସର-ମାନଙ୍କଠାରେ ଏହିପରି ବାସ୍ନା ଥାଏ; ରହିବା କଥା ।

ଘରକୁ ଫେରିବା ପରେ ମୋ ସ୍ତ୍ରୀ ତାଙ୍କୁ ମୁକ୍ତକଣ୍ଠରେ ପ୍ରଶଂସା କଲେ । କହିଲେ, ତୁମ ମିସ୍ ସରକାରଟି ବେଶ୍ ସାଦାସିଧା, ଘରୋଇ, ମେଳାପି । ନୁହେଁ ? ମୁଁ ଏକମତ ହେଲି । ତାଙ୍କ ଓଠରେ ଲିପ୍‌ଷ୍ଟିକ୍ ନାହିଁ, ତାଙ୍କ ଭ୍ରୂଲତା କଳା ପେନ୍‌ସିଲ ସାହାଯ୍ୟରେ ଲମ୍ବିଯାଇନାହିଁ, ତାଙ୍କ ପିନ୍ଧା ଶାଢ଼ି ଝଲମଲ ନୁହେଁ । ଯୌବନ ଗୁଣରୁ ଯେତିକି ବଳି-ପଡ଼ିଛି ତାହା ତାଙ୍କର ନିଜସ୍ୱ । ତାକୁ ହୁଏତ ଛାଡ଼ିଦେବାକୁ ସେ ଚାହୁଁନାହାନ୍ତି; କିନ୍ତୁ ସେକଥା ଅଲଗା ଏବଂ ତାଙ୍କ ଘରୋଇପଣ ଓ ମେଳାପି ଭାବର ଯଥେଷ୍ଟ ପ୍ରମାଣ ଆଜି ମିଳିଗଲାଣି ।

ତଥାପି ମୁଁ ତାଙ୍କର ସହଜ ନିଷ୍ପୀଡ଼କ ଭାବକୁ ସୁସ୍ୱାଗତ ଜଣାଇ ପାରିଲିନାହିଁ । ମୋର ମନେହେଲା ଯେ ଏହି ସୁବୋଧ ପାଠ ପଢ଼ିବା ବୁଦ୍ଧିମାନର କାର୍ଯ୍ୟ ନୁହେଁ । ମୋର ଆଶଙ୍କା ହେଲା ଯେ ଦିନ ପରେ ଦିନ ଏହି ଲୋକଟି ପାଖରେ କାମ କରିବା, ତା'ର ଉପର ହାକିମ ହୋଇ ବସିବାରେ ସୁଖ ଲାଗିବ ନାହିଁ । କାଳକ୍ରମେ ମୁଁ ମଧ୍ୟ ସେମିତି ହୋଇଯିବି—ସାଦାସିଧା, ଘରୋଇ ଓ ମେଳାପି ! .

ତେଣୁ ମୁଁ ଗମ୍ଭୀର ହେଲି । ଅଫିସ୍‌ରେ ଥିଲାବେଳେ ଇଙ୍ଗିତରେ ଜଣାଇଦେଲି ଯେ ମୁଁ ପ୍ରୟୋଜନୀୟ କଥା ଶୁଣିବାକୁ ଚାହେଁ, ଫାଇଲ୍ ସମ୍ବନ୍ଧୀୟ କଥା । ତୁମ ଖୁଡ଼ୀଙ୍କର ଭାଇ ବଡ଼ ଡାକ୍ତର, ଭିଏନାରେ ମଧ୍ୟ ତାଙ୍କର ସୁଖ୍ୟାତି ଅଛି, ତୁମ ଭଉଣୀଙ୍କ ଝିଅ ଅତି ବୁଦ୍ଧିମତୀ, ଚାରିବର୍ଷ ବୟସରୁ ଶୁଦ୍ଧ ଇଂରାଜୀରେ କଥାବାର୍ତ୍ତା କରିପାରେ; ତୁମ ବାପା ତୁମକୁ ଭାରି ଭଲପାଉଥିଲେ, ତୁମରି ନାଁ ଉଚ୍ଚାରଣ କରି ଦେହତ୍ୟାଗ କଲେ—ଏସବୁ ଶୁଣି କିଛି ଲାଭନାହିଁ । ପୁଣି ମୋ ଘରକୁ ଯେତେବେଳେ ଆସିବ, ମୋ ସ୍ତ୍ରୀଙ୍କ ସହିତ

Digitized by srujanika@gmail.com

କଥାବାର୍ତ୍ତା କର । ଜାଣିରଖ, ମୁଁ ପୁରୁଷଲୋକ, ମୋର ସଂସାରଭିନ୍ନ । ମୁଁ ତୁମ ଘରୋଇ ଗପରେ ଆଗ୍ରହୀ ନୁହେଁ ।

ସେ ବୋଧହୁଏ ମୋର ଅକୁହା ନିର୍ଦ୍ଦେଶ ବୁଝିପାରିଲେ । କାରଣ କିଛିଦିନ ଉତ୍ତାରୁ ଦେଖାଗଲା ଯେ ସେ ମୋର ସ୍ତ୍ରୀଙ୍କ ସହିତ ଅଧିକ ସମୟ ବିତାଉଛନ୍ତି । କେବେ କେମିତି ଦୀର୍ଘକାଳ ଘରୋଇ ଗପ ଗପିସାରିଲା ପରେ ସେ ମୋ ସ୍ତ୍ରୀଙ୍କୁ କହନ୍ତି—ଏକ୍‌ସକିଉଜ୍ ମି. ଓ ମୋ ପାଖକୁ ଉଠିଆସନ୍ତି । ଅଫିସ ସମ୍ବନ୍ଧରେ ପଦେ ଦି'ପଦ କଥା କହନ୍ତି ଓ ପରାମର୍ଶ ନିଅନ୍ତି । ମୋ ସ୍ତ୍ରୀ ମୁଗ୍ଧ ଦୃଷ୍ଟିରେ ଚାହିଁରହନ୍ତି—କୌଣସି ଜରୁରୀ ଓ ଗୁରୁତର କଥା ହୋଇଥିବ ପରା ! ମିସ୍ ସରକାର ମଧ୍ୟ ଜଣେ ଅଫିସର୍ ।

କ୍ରମଶଃ ଆମର ଦିଲ୍ଲୀ ରହଣି ପୁରୁଣା ହୋଇଆସିଲା । ଆମେ ଦିଲ୍ଲୀ ସମାଜର ବର୍ଣ୍ଣମାଳା ଚିହ୍ନିଗଲୁ । ପାର୍ଟି କେମିତି ଦେବାକୁ ହୁଏ, କେମିତି ଜମେଇବାକୁ ହୁଏ, କାହା ସାଙ୍ଗରେ କାହାକୁ ଯୋଡ଼ିବାକୁ ହୁଏ, କନଟ୍‌ପ୍ଲେସରେ ଘୂରି ବୁଲିବାର ବିଶିଷ୍ଟ ଶୈଳୀ; ଉଚ୍ଚାଙ୍ଗ ରାଜନୀତି ଚର୍ଚ୍ଚା ଯେଉଁଥିରେ ମନ୍ତ୍ରୀ ଓ ସେକ୍ରେଟାରୀମାନଙ୍କର ଡାକ ନାଁ ଏବଂ ତାଙ୍କ ଘରବାର ଚରିତ୍ର ଜାଣିବାକୁ ହୁଏ, ଦିଲ୍ଲୀର ଦାରୁଣ ଗ୍ରୀଷ୍ମ ଓ ଶୀତର ମହତ୍ତ୍ୱ—ଏ ସମସ୍ତ ବିଷୟ ଆମେ କିଛି କିଛି ଜାଣିଲୁ ଓ ପସନ୍ଦ କଲୁ । ମୋଟଉପରେ ଆମେ ରାଜଧାନୀର ସର୍ବଭାରତୀୟ ଅର୍ଥାତ୍ ସରକାରୀ ସଂସ୍କୃତିକୁ ଭଲପାଇଲୁ । ମିସ୍ ସରକାର ଯାହା କହିଥିଲେ ମିଛ ନୁହେଁ ।

ଦିନେ ମୁଁ ଅଫିସକୁ ଯିବା ପାଇଁ ବାହାରୁଛି, ଏହି ସମୟରେ ମୋ ସ୍ତ୍ରୀ ପଚାରିଲେ, "ମିସ୍ ସରକାର ଅଫିସ କାମରେ କେମିତିକା ?"

ମୁଁ ତାଙ୍କ ପ୍ରଶ୍ନର ଉଦ୍ଦେଶ୍ୟ ବୁଝିପାରିଲି ନାହିଁ; କିନ୍ତୁ ତାଙ୍କ ଜିଜ୍ଞାସାରେ ଧାର ଥିଲା । ମୁଁ କହିଲି, "ସାଧାରଣ" ।

ସେତିକିରେ ସେ ମୁହଁ ମୋଡ଼ିଲା ପରି କହିଲେ, "ହୁଁଃ, କିନ୍ତୁ ସେ ମୋତେ ପାଠ ପଢ଼େଇବେ ନ୍ୟାପ୍‌କିନ କେମିତି ଭାଙ୍ଗିବାକୁ ହୁଏ, ସାଲାଡ଼୍‌ରେ କେଉଁ ଶସ ପଡ଼ିବ, କେଉଁ ରଙ୍ଗର ପରଦା କନା ଘରକୁ ଭଲଦେଖାଯିବ ! କିଓ ତୁମେ ତୁମ କାମ କର, ଏସବୁଥିରେ ମୁଣ୍ଡ ପୂରାଉଛ କାହିଁକି ? ସେଦିନ ମିସେସ୍ ନନ୍ଦୀ ମଧ୍ୟ ସେଇ କଥା କହୁଥିଲେ । କହୁଥିଲେ ମୁଁ ତାଙ୍କୁ ଅଯଥା ପ୍ରଶ୍ରୟ ଦେଉଛି । ମୁଁ ବରଂ କହିଲି ଯେ, ନାଇଁ ଲୋକଟି ଭଲ; କିନ୍ତୁ ସେ ଟିକିଏ ଘରଣୀ ବନିବାକୁ ଚାହାନ୍ତି । ଆଉ ଦିନେ ମିସେସ୍ ଦତ୍ତ ଓ ମୁଁ ହସି ହସି ଗଡ଼ିଗଲୁ । ମିସ୍ ସରକାର କହିଲେ ଯେ ଶାଗକୁ ନ ସିଝାଇଲେ କୁଆଡ଼େ ତାର ସୁଆଦ ଆସେନାହିଁ ।···

ମୋର ଆଉ ଶୁଣିବାକୁ ଧୈର୍ଯ୍ୟ ନଥିଲା । ଶ୍ରୀମତୀଙ୍କର ଏହି ମତ ପରିବର୍ତ୍ତନ ମୋତେ ଭଲ ଲାଗିଲାନାହିଁ । ସେ ନିଜେ ତ ପୁଣି କହୁଥିଲେ—

ଅଥଚ ଶ୍ରୀମତୀଙ୍କଠାରୁ ସାହାସ ପାଇଲାପରେ ମୁଁ ଅଫିସରେ ମୋ ହାକିମ ମିଜାଜ ଦେଖାଇଲି । ମିସ୍ ସରକାରଙ୍କ ଫାଇଲ ଦେଖିଲାବେଳେ କଡ଼ାଭାଷାର ନୋଟ୍ ଲେଖିଲି

Digitized by srujanika@gmail.com

ଯେ କେସ୍‌ର ଆଲୋଚନା ଠିକ୍‌ଭାବେ ହୋଇନାହିଁ, ମୁଁ ଏହାଠାରୁ ଅଧିକ ଆଶା କରିଥିଲି, ଇତ୍ୟାଦି । ଲେଖିସାରି ଶ୍ରୀମତୀଙ୍କ ଉଦ୍ଦେଶ୍ୟରେ ମନେ ମନେ କହିଲି—ଏଥର ହେଲା ! ଏଥର ତୁମ ମନ ମାନିଲା ! ହେଲା ଏବେ ମିସ୍ ସରକାର ଜଣେ ଅତି ସାଧାରଣ ଅଫିସର ଓ ହାସ୍ୟାସ୍ପଦ ଘରଣୀ । ତା' ସତ୍ତ୍ୱେ କ'ଣ ସେ ଜୀବନର ସୁଖ ପାଇପାରିବେ ନାହିଁ ?

ଏହାର କିଛି ଦିନ ପରେ ଆମେ ତାଙ୍କ ଘରକୁ ଯାଇଥିଲୁ । ସେଦିନ ଗୋଟିଏ ପ୍ରଚଣ୍ଡ ଧୂଳିଝଡ଼ ହୋଇ ଥମିଯାଇଥାଏ । ପବନରେ ଥକିଲା ଶାନ୍ତଭାବ ଥାଏ । ମିସ୍ ସରକାରଙ୍କ ଲନ୍ ଘନଶ୍ୟାମଳ ଦେଖାଯାଉଥାଏ, କ୍ୟୋଟି ଗୁଳିଯାଇ ରଙ୍ଗ ବୋଳିହେଲା ପରି ଦିଶୁଥାଏ । ବେତଚଉକି ପକାଇ ଆମେ ତିନିଜଣ ଲନ୍‌ରେ ବସିଥିଲୁ, ସଞ୍ଜର ଅନ୍ଧାରକୁ ଅପେକ୍ଷା କରିଥିଲୁ ।

ଅପେକ୍ଷାର କ୍ଳେଶ ବହନ କରି ମିସ୍ ସରକାର ମଧ୍ୟ ଅଳ୍ପ କଥା କହୁଥାଆନ୍ତି; କିନ୍ତୁ ଆତିଥ୍ୟରେ ତ୍ରୁଟି କରିନଥାନ୍ତି । ଗ୍ଲାସରେ ସରବତ ଥରକୁ ଥର ଭରିଦେଇ ଯାଉଥାଆନ୍ତି ଓ ପଚାରୁଥାନ୍ତି, "ଆପଣଙ୍କୁ କଷ୍ଟ ହେବଣି । ଘରକୁ ଯିବା ? ଆଜି ପବନ ମୋଟେ ନାହିଁ । ପଙ୍ଖା ତଳେ ହୁଏତ···"

କ୍ରମଶଃ ସଞ୍ଜ ହେଲା ଓ ପବନ ବହିଲା । ନାସ୍ତିଦ୍ୱୟ ଗପିବାକୁ ଆରମ୍ଭ କଲେ ।··· ଯେମିତି ସବୁଥର ଗପନ୍ତି ଓ ମୁଁ ଦୋଷମୁକ୍ତ ହୋଇ ନୀରବରେ ବସିରହିବାର ସୁଯୋଗ ପାଇଲି ।

ସେମାନଙ୍କ ଗପରେ ପ୍ରବାହ ଓ ଉପଭୋଗ ଥିଲା, କାରଣ ସେମାନେ ଅନ୍ୟମାନଙ୍କ ବିଷୟ ଗପୁଥିଲେ । କୌଣସି ଯୁକ୍ତି ବା ଭ୍ରମରେ ଝୁଣ୍ଟିପଡ଼ିବାର ଭୟ ନ ଥିଲା । କେବଳ ବର୍ଣ୍ଣନା ଓ ହସ ।

ମୁଁ ଅଧାଶୁଣା ହୋଇ ଶୁଣିଲି । ଶୁଣୁଶୁଣୁ ମୋତେ ଲାଗିଲା ଯେ ସେମାନଙ୍କ କଥାକୁହାର ଛନ୍ଦରେ ଅବଚ୍ଛିନ୍ନ କୁଳୁକୁଳୁ ବା ସମନ୍ୱୟ ନାହିଁ । ଶ୍ରୀମତୀ ଯେପରି ଭାବରେ ଗପୁଛନ୍ତି, ସେଥିରେ ସୁଲଭ କ୍ରମ ଅଛି, ତାହା ଦୈନିକ ଜୀବନର ଆବେଗରେ ମିଶିଯାଉଛି—କଫି ତିଆରି କରିବା, ସଞ୍ଜରେ ବଜାର ବୁଲିଗଲାପରି; କିନ୍ତୁ ମିସ୍ ସରକାର ସମାନଭାବରେ ତାଳ ଦେଇପାରୁନାହାନ୍ତି । ସେ ହୁଏତ ମାତ୍ରାବସି କଥାରେ ଲଥା ଯୋଡ଼ୁଛନ୍ତି, ବେଶି ଜୋରରେ ହସୁଛନ୍ତି; କିନ୍ତୁ ସେ ଉତ୍ସାହରେ ଅଛି ଆତ୍ମପୀଡ଼ନର ଭାବ, ଅପରାହ୍ନର ଭର୍ତ୍ସନା ଓ ଉଦ୍ଦୀପନା । ଯେପରିକି ହାଟତଳର ଶାଗବାଲୀ ରହି ରହି ପାଟିକରି ଉଠୁଛି; ବୟୋଜ୍ୟେଷ୍ଠ ଫସାଖି ଉଚ୍ଚକଣ୍ଠରେ ଗୀତା ପଢୁଛି; ପ୍ରତ୍ୟୁଷରେ ପୌଢ଼ ଏକମୁହାଁ ହୋଇ ବଡ଼ ପାହୁଣ୍ଡ ପକାଇ ଭ୍ରମଣ କରୁଛି । କାହିଁକି ? କାହିଁକି ଏହି ବ୍ୟାକୁଳ ଉଚ୍ଚାରଣ ?

ବାର୍ତ୍ତାଳାପର ହାଇଫେନ ବେଳେ ମୁଁ ତାଙ୍କୁ ଲକ୍ଷ୍ୟ କଲି । କଲୋନୀର ରାସ୍ତା ଆଲୁଅ ତାଙ୍କ ଦେହମୁହଁର କିୟଦଂଶ ପ୍ରକାଶିତ କରୁଥିଲା । ସେତିକରୁ ମୋର ଧାରଣା

Digitized by srujanika@gmail.com

ହେଲା ଯେ, ସେ ପ୍ରକୃତପକ୍ଷେ ଆଗ୍ରହ ନେଉନାହାନ୍ତି, ନେଇ ପାରୁନାହାନ୍ତି, ତାଙ୍କର ଓଠ ଦୁଇଟି ଦୃଢ଼ଭାବରେ ପରସ୍ପରକୁ ଟାଣିଧରିଛି, ତାଙ୍କର ଆଖିପତାର ସଞ୍ଚାଳନ ଦ୍ରୁତଗତିରେ ବଢ଼ିଗଲାଣି । ବୋଧହୁଏ ସେ ନିଜ ଉପରେ ରାଗୁଛନ୍ତି ଯେ ସେ ନିଜକୁ ଉଚିତଭାବରେ ଜଣାଇପାରୁନାହାନ୍ତି । ତାଙ୍କର ଯୌବନ ନାହିଁ ସିନା, ବାକି ସବୁ ଅଛି ।

ସେହିଠୁ ମୋ ମନର କୋମଳ ଅଙ୍ଗ ତାଙ୍କୁ ଛୁଇଁବ ଛୁଇଁବ ବୋଲି ହେଲା । ମୁଁ ଭାବିଲି ବଡ଼ ଅଫିସର, ଛୋଟ ଅଫିସର, ପୁରୁଷ, ସ୍ତ୍ରୀ, ଏ ସବୁ ଭେଦଭାବ ନିରର୍ଥକ । ମୋର ଇଚ୍ଛାହେଲା କହିପକାଇବି—ମୁଁ କିଛି ସାହାଯ୍ୟ କରିପାରେ କି ?

ସେଦିନ ଶୋଇବାକୁ ଯିବା ପୂର୍ବରୁ ମୋ ସ୍ତ୍ରୀ ରହସ୍ୟବିଦ୍ରୂପର ଭଙ୍ଗୀରେ କହିଲେ—"ଜାଣିଛ ? ମୁଁ ଆଜି ଦେଖିଲି ଯେ ମିସ୍ ସରକାରଙ୍କ ବିଛଣାରେ ଗୋଟିଏ ରସରସିଆ ବହି ପଡ଼ିଥିଲା—ଟ୍ରୁ ରୋମାନସ୍ ।" ମୁଁ ଉତ୍ତର ଦେଲି—"ବେଶ୍, ଭଲ କଥା । ତୁମେ କ'ଣ ସେମିତିକା ମ୍ୟାଗାଜିନ୍ ପଢ଼ନାହିଁ ନା ମୁଁ ପଢ଼େନାହିଁ ? ମିସ୍ ସରକାର ବିଚାରୀ କି ଦୋଷ କରିଛନ୍ତି ?" ଶ୍ରୀମତୀ ହସିଲେ, ଭାବିଲେ ମୁଁ ପରିହାସରେ ଯୋଗଦେଉଛି ।

...ଏହା ପରେ ଗୋଟିଏ ଖରାଦିନିଆ ପାର୍ଟିର କଥା । ସେଣ୍ଟ୍ରାଲ୍ ସେକ୍ରେଟେରିଏଟ୍‌ର ଜଣେ ପରିଚିତ ଅଫିସର ତାଙ୍କର ଆସନ୍ନ ବିଦେଶଯାତ୍ରା ଉପଲକ୍ଷରେ ବିଦାୟ-କକ୍‌ଟେଲ୍ ଡାକିଥିଲେ । ଅତିଥିଗଣ ତାଙ୍କ ପ୍ରଶସ୍ତ ଲନରେ ଖେଳାଇହୋଇଯାଇଥିଲେ ।

ପୋଷାକି ପାର୍ଟି । ତେଣୁ ସବୁ ପୁରୁଷମାନେ ସମବେଶାପନ୍ନ—ଧଳା ଟପା କମ୍ବା ଖୋଲା କୋର୍ଟ ଓ କଳା ପ୍ୟାଣ୍ଟ—ପାଖକୁ ନଗଲେ କିଏ ବୋଲି ଜାଣିବା କଷ୍ଟ । କିନ୍ତୁ ସ୍ତ୍ରୀ ଲୋକମାନେ ନିଜ ନିଜର ବିଶିଷ୍ଟ ଭଙ୍ଗୀ ଓ ଭାରତର ବିଭିନ୍ନ ଶୈଳୀରେ ସଜ୍ଜିତା । ଏହି ଯେଉଁ ଶାଗୁଆରଙ୍ଗର ମୋଟା ସିଲକ୍ ଶାଢ଼ି, ମୋଟା କଜଳଗାର ଓ ଝାଗ୍ରର କାନଫୁଲ୍ ଦେଖୁଛ ସେ ନିଶ୍ଚୟ ହୋଇଥିବେ ବତ୍ସଳା ରାଘବନ । ତାଙ୍କ ସାଙ୍ଗରେ ଯେ ଗପ କରୁଛନ୍ତି, ଖୋଲା ଗୋରା ପିଠି, ଉତ୍ତୁଙ୍ଗ ଖୋସା ଓ ଲେଟିଲା ନାଇଲନ୍ ଶାଢ଼ୀ, ସେ ନିଶ୍ଚୟ ହୋଉଥିବେ ବାଣିଜ୍ୟ-ସେକ୍ରେଟେରୀ ମିଷ୍ଟର ଖନ୍ନାଙ୍କ ଝିଅ, ମିସ୍ ମୀନା ଖନ୍ନା । ସେହିପରି ବାରିହୋଇଯାଉଛନ୍ତି ମିସେସ୍ ଦତ୍ତ, ବିହଳିଆ ଲିପିଷ୍ଟିକ୍ ସାଙ୍ଗକୁ ବଡ଼ ସିନ୍ଦୂରଟୋପା । ମିସେସ୍ ଆପ୍ଟେ, କଳା କୁଙ୍କୁମ, ତନ୍ତ ଶାଢ଼ୀ ଓ ଖୋଲା ବବ୍ ବାଳ । ମିସେସ ଅଗରୱାଲ, ଉତ୍କଟ ନାଲିରଙ୍ଗର ଶାଢ଼ୀ ଉପରେ ଲମ୍ବା ସୁନା ହାର—ଇତ୍ୟାଦି ।

ଏକରୁ ଅନେକଙ୍କୁ ପଦେଅଧେ କଥା କହିଦେଇ ମୁଁ ଘୂରିବୁଲୁଥିଲି, କକ୍‌ଟେଲ ପାର୍ଟିରେ ଯେମିତି ହୁଏ ଏବଂ ଦେଖିବାରେ ଆନନ୍ଦ ପାଉଥିଲି । ହଠାତ୍ ମୋ ଆଘ୍ରାଣରେ ଗୋଟିଏ ପରିଚିତ ବାସ୍ନା ଆସିଲା ଓ ଜଣେ ସୁଦୀର୍ଘା ନାରୀ ମୋ ପାଖ ଦେଇ ଚାଲିଗଲେ । ମୁଁ ତାଙ୍କ ପଛରୁ ଦେଖିଲି—ତାଙ୍କ ଅଳକରେ ଗୋଟିଏ ନାଲି ଗୋଲାପଫୁଲ । ମୁଁ ଅନୁମାନ କଲି— ଏ ହୋଇଥିବେ ମିସେସ୍ ଗୁପ୍ତା...ନା ମିସେସ ଚନ୍ଦ...ନା...

Digitized by srujanika@gmail.com

ମୋର ସନ୍ଦେହ ଦୂରକରି ସେ ବୁଲିପଡ଼ିଲେ ଓ ହାତଧରି ଗିଲାସରେ ଗମ୍ଭୀର ଚୁମୁକ ଦେଲେ । ମୁଁ ଦେଖିଲି ଆଉ କେହି ନୁହେଁ—ଆଶା ସରକାର !

ଅସାଧାରଣ ନୁହେଁ । ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ତଥାପି ମୁଁ ତାଙ୍କ ଆଡ଼କୁ ଅଭଦ୍ରଙ୍କ ପରି ଚାହିଁରହିଲି ।

ମୁଁ କଅଣ ଦେଖୁଛି—କାର୍ଟୁନ ନା କଳ୍ପନା ?

ମୁଁ ଉଦ୍ୟତ ହେଲି, କେଉଁଥିପାଇଁ କହିପାରିବି ନାହିଁ । ମୋର ମନେହେଲା ଯେ ପ୍ରତ୍ୟୁତ୍ତର ଆବଶ୍ୟକ । ପାଣିରେ ଢେଙ୍କା ପଡ଼ୁଛି । ମିସ୍ ସରକାର ଅଳକରେ ଫୁଲ ଖୋସିଛନ୍ତି । ସେଇ ଘଟଣାର ଚେତନା ତାଙ୍କ ମୁହଁରେ ଫୁଟିଉଠୁଛି । ସେ ଜାଣିଶୁଣି ଏହି କାମ କରିଛନ୍ତି । ମୁଁ କିଏ କହିବାକୁ ଯେ ଏହା ଅସାଧାରଣ ନୁହେଁ, ଯେ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ?

ମୁଁ ମୋ ପାନୀୟରେ ଚୁମୁକ ଦେଇ ଭଙ୍ଗା ସ୍ୱରରେ କହିପକାଇଲି, "ହ୍ୟାଲୋ, କେତେବେଳେ ଆସିଲେ ?" ଏବଂ ପାଖେଇଗଲି ।

ତାଙ୍କ ଚେହେରା ବିଶେଷ କିଛି ବଦଳି ନାହିଁ । ହୁଏତ ଓଠରେ ଟିକିଏ ନାଲି ରଙ୍ଗର ଆଭା; କିନ୍ତୁ ତା'ର ଧୂସର ପୃଷ୍ଠଭୂମି ଦିଶିଯାଉଛି । ବୋଧହୁଏ ;ଛାତିର ମର୍ଯ୍ୟାଦା ପାଇଁ ଶାଢ଼ିକୁ ଅଣ୍ଟା ପାଖରେ ଖୋସି ଦିଆହୋଇଛି; କିନ୍ତୁ ସେଥିଯୋଗୁଁ କୌଣସି ପରିବର୍ତ୍ତନ ସୁଦୃଶ୍ୟ ହେଉନାହିଁ । ନା, ଏଗୁଡ଼ିକ ବୟସଗତ ସାମାନ୍ୟତା । କେବଳ ସେହି ଅଳକର ଫୁଲ !

ସେ କ'ଣ ଚାହାନ୍ତି ? କେଉଁଥିପାଇଁ ଏହି ପତାକା ପୋତିଛନ୍ତି ? ଏ କେଉଁ ଧରଣର ଅସ୍ତ୍ର ? ମୁଁ ଆହୁରି ପାଖକୁ ନ ଯାଇ ରହିପାରିଲି ନାହିଁ । "କହିଲି—ଆପଣଙ୍କ ଗିଲାସ ସରି ଆସିଲାଣି । ଆଉ ଗିଲାସେ ଆଣିଦିଏ ?"

ମୋର ମନେହେଲା ଯେ ସେ ମୋର ଯାଚନାକୁ ସ୍ୱୀକାର କରୁଛନ୍ତି—ଯେପରିକି ମୋର ଏପରି କହିବାର କଥା । ସେ ତାଙ୍କ ଉତ୍ତୋଳିତ ଗ୍ରୀବାରେ ଆଖି ନ ଆଣି ଈଷତ୍ ହସି କହିଲେ—'ନୋ, ଥ୍ୟାଙ୍କ୍ ୟୁ ।' ମୁଁ ଉତ୍ତେଜିତହେଲି । ଭାବିଲି ଯେ ଏହି ନୂତନତ୍ୱ, ଏହି ଅଭିନବ ପତାକାର ଫରଫରକୁ ମୁଠେଇ ଧରିବ । ପ୍ରହସନରେ ଯୋଗଦେବ ।

କିନ୍ତୁ ପୁଣି ସେହି ପ୍ରଶ୍ନ ଆସୁଛି—କାର୍ଟୁନ୍ ନା କଳ୍ପନା ? ମୋତେ ଲାଗିଲା ଯେ ଉପହାସର ତଳେ ତଳେ ଗୋଟିଏ ଅଦ୍ଭୁତ ଅନୁରାଗ ଚେଇଁଉଠୁଛି । ମୁଁ ମନଶ୍ଚକ୍ଷୁରେ ଦେଖୁଛି ଆଉଜଣକୁ । ତା'ର ଚଞ୍ଚଳ ଆଖିପତାରେ ନାଚିବାର କ୍ରୀଡ଼ା, ତା'ର ଚୂର୍ଣ୍ଣ-କୁନ୍ତଳରେ ଅମାନିଆପଣ, ତା'ର ଅଧାମେଲା ଓଠରେ ପାଖୁଡ଼ାର ରଙ୍ଗ ଓ ଅପେକ୍ଷା । ଯେପରିକି ଅଳକର ଫୁଲ ଜଳିଉଠିଲା ଯାଦୁକରର କାଆଁପରି ଏବଂ ତା'ର ଦୁଃସାହସ, ତା'ର ସ୍ପର୍ଦ୍ଧା, ତା'ର ବିରାଟ ଛଳନାରେ ତରୁଣୀ ଆଶା ସରକାର ଫେରିଆସିଛନ୍ତି । ସେ ମୋ ଆଡ଼କୁ ଚାହିଁଛନ୍ତି ।

Digitized by srujanika@gmail.com

କହିଲି, "ଆପଣଙ୍କୁ ବେଶ୍ ମାନୁଛି ।" କ'ଣ ମାନୁଛି ? ଶାଢ଼ି, ଭ୍ୟାନିଟି ବ୍ୟାଗ୍, ନା ଆଉ କଅଣ ? ମିସ୍ ସରକାର ଟିକିଏ ଲାଜେଇଗଲେ । ମୋତେ ଅଡ଼ୁଆ ଲାଗିଲାନାହିଁ ।

ମୁଁ ଫେରିଯାଇ ପାରିଥାନ୍ତି; କିନ୍ତୁ ମୁଁ ଭାବିଲି ଯେ ଫେରିଯିବାର ଅର୍ଥ କାପୁରୁଷତା । ମୁଁ କ'ଣ ମଣିଷ ନୁହେଁ ? ତାଙ୍କର ଫୁଲ ଲଗାଇବା କ'ଣ ଏତେ ଅକାରଣ ? ମୁଁ ଏହି ନୂତନାଙ୍କୁ ଖୁସି କରିପାରିବି, ଆଘାତ ଦେଇପାରିବି, ଦୟା ଦେଖାଇ ପାରିବି । ଅପସରି ଯିବାର ପ୍ରଶ୍ନ ଉଠୁନାହିଁ ।

ତେଣୁ ମୁଁ ତାଙ୍କ ପାଖ ଛାଡ଼ିଲିନାହିଁ । ପଚାରିଲି—"ଆପଣ ଅମୁକ ଫିଲ୍ମ ଦେଖିଛନ୍ତି ? ଫିଲ୍ମରୁ ସାହିତ୍ୟ, ସାହିତ୍ୟରୁ ଆର୍ଟ, ଦିଲ୍ଲୀରେ ଚାଲିଥିବା ଆର୍ଟ ଏକ୍‌ଜିବିସନ, ମଡ଼ର୍ଣ୍ଣ ଆର୍ଟ ।

ସେ କହିଲେ—"ମୁଁ ମଡ଼ର୍ଣ୍ଣ ଆର୍ଟ କ'ଣ ବୁଝେନାହିଁ; କିନ୍ତୁ ଯେତେବେଳେ ବୁଝେ ମୋତେ ଭାରି ଡରଲାଗେ ।"

"ଠିକ୍ କହିଛନ୍ତି", ମୁଁ କହିଲି, (ମୋର ମନେହେଲା ଯେ ଏପରି ସାରଗର୍ଭକ କଥା ସେ ଆଗରୁ କେବେ କହିନଥିଲେ) "ମଡ଼ର୍ଣ୍ଣ ଆର୍ଟ ଜୀବନ୍ତ-ଜ୍ୱଳନ୍ତ ସତ୍ୟକୁ ଚହଲାଇ ଦିଏ, ଦେହ ଭିତରର ହାଡ଼ ମାଂସକୁ କାଢ଼ି ଦେଖାଇ ଦେଲା ପରି......ଆଉ ଗିଲାସେ ଆଣିଦେବି ?"

"ନୋ, ଥ୍ୟାଙ୍କ୍‌ସ ।" ସେ ତଥାପି ସସ୍ମିତା; କିନ୍ତୁ ପୂର୍ବର ଦମ୍ଭ ଥିଲା ପରି ଲାଗୁ ନାହିଁ । ମୁଁ ପୁଣି କହିଚାଲିଲି—

"ଧରନ୍ତୁ ନାରୀର ଚାହାଣି । ସାଧାରଣ ଆର୍ଟ ସେଥିରେ ଜଣାଶୁଣା ହସକାନ୍ଦର ରୂପ ଦେଖାଏ; କିନ୍ତୁ ମଡ଼ର୍ଣ୍ଣ ଆର୍ଟ ଦେଖାଏ ଅଭ୍ୟନ୍ତର ଓ ମହାକାଶ । ପୃଥିବୀ ତଳର କାଦୁଅ, ଲମ୍ବା ଓ ମଳି ଦେହ କମ୍ପା ସ୍ୱର୍ଗ, ଉଡ଼ନ୍ତା ଗ୍ରହ ଉପଗ୍ରହ ।"

"ମୁଁ ଆସେ—ମିସେସ୍ ନାରାୟଣନ୍ ଡାକୁଥିଲେ—" ସେ କ'ଣ ମୋଠାରୁ ଖସି ପଳାଇବାକୁ ଚାହୁଁଛନ୍ତି ? ମୁଁ କ'ଣ ତାଙ୍କର ଚାହାଣି କଥା କହୁଥିଲି ?

ମୁଁ ତାଙ୍କୁ ଯିବାକୁ ଦେଲି ନାହିଁ । ସେ ଡରୁଛନ୍ତି, ନିଜକୁ ଡରୁଛନ୍ତି । ମୋର କଳ୍ପନା ପୁଣି ବଳିଷ୍ଠ ହୋଇଉଠିଲା । ମୁଁ ଭାବିଲି କେଉଁ ବେତସବନର ଚକିତା ମୃଗୀ ଥାଉ ଥାଉ ନାହିଁ ନାହିଁ କହୁଛି, ପଳାୟନର ମିଛବାଟ ଖୋଜୁଛି । ବନ୍ଦିନୀ !

କାଜୁବାଦାମ ଓ କବାବର ଟ୍ରେ ଆସିଲା । ତା'ପଛକୁ ଆଉ ଜଣେ, ହାତରେ ପାନୀୟର ଟ୍ରେ । ମୁଁ ଆଉ ଅପେକ୍ଷା କଲି ନାହିଁ । ତାଙ୍କ ହାତରୁ ଖାଲି ଗିଲାସ ନେଇଆସି ଗୋଟିଏ ଭରା ଗିଲାସ ହାତକୁ ବଢ଼ାଇଦେଲି ।

ଦୁଇଟି ହାତର ଛୁଆଁଛୁଇଁ । ମୁଁ ତାଙ୍କ ଶିହରଣ ଦେଖିଲି । ନା ମୁଁ ନିଜେ ଥରି ଉଠିଲି ? ତତ୍ସହିତ ସେହି ଫୁଲର ବାସ୍ନା ଉତ୍କଟ ବୋଧହେଲା—ସତେକି ଫୁଲଟା ଅତର୍‌ରେ ବୋଳିହୋଇ ଆସିଛି, ଇଉ-ଡ଼ି-କୋଲନକୁ ଜିଣିବ ବୋଲି ।

Digitized by srujanika@gmail.com

କିଏ କହୁଛି ମୁଁ ପୁଣି ତାଙ୍କ ହାତରେ ହାତ ଦେଲି ? ମିଛ । ସେ ନିଜେ ମୋ ହାତକୁ ଧରିପକାଇଲେ । ମୁଁ କେମିତି ଜାଣିବି ଯେ ସେ ବଳ ପ୍ରୟୋଗ କରି ଖୋଲିଯିବାକୁ ଚାହାନ୍ତି ? ପାନୀୟ ଢାଳି ହୋଇଗଲା ମୋର ଗଳାବନ୍ଧ କୋଟ୍ ଉପରେ । ସେ ଆତଙ୍କିତ ଧ୍ୱନି କରି ରୁମାଲ୍ କାଢ଼ିଲେ । ମୁଁ ଆଶ୍ୱାସନା ଦେଲି । ତାଙ୍କ ଶରୀରର ଅଙ୍ଗବିଶେଷ ମୋ ଦେହକୁ ଛୁଇଁଲା । ସେଇଠୁଁ କ'ଣ ହେଲା ?

ସେଇଠୁ ପରିସ୍ଥିତି ଅସହ୍ୟ ହୋଇଉଠିଲା । ମୁଁ ଭାବିଲି ଯେ ଆଉ ମୁହୂର୍ତ୍ତିକପରେ ମୁଁ ଧାରରୁ ଖସିପଡ଼ିବି, ନିର୍ବୋଧତାର ଶୁଖିଲା କୂଅରେ ଗଳିପଡ଼ିବି । ସାଙ୍ଗରେ ଥିବେ ମିସ୍ ସରକାର । ଅନ୍ୟମାନେ ଆମକୁ ଦେଖି ହସିବେ, ତାଳି ମାରିବେ—ଏଇ ଦେଖ କାର୍ଟୁନ । ଗୋଟିଏ ନୁହେଁ, ଯୋଡ଼ିଏ । ଏମାନଙ୍କ ବୟସ କେତେ ? ଏମାନେ କି କାମ କରନ୍ତି ?

ତା'ପରେ ସେ କ'ଣ କହିଲେ ଓ ମୁଁ କ'ଣ କହିଲି ଏବଂ ଆମେ କିପରି ଭାବରେ ଅଲଗା ହୋଇଗଲୁ ମୋର ମନେପଡ଼ୁନାହିଁ ।

ତା' ପରଦିନ । ମୋର ଅଫିସ୍ ଟେବୁଲ । ସମ୍ମୁଖରେ ମିସ୍ ସରକାର । ଅଳକ ପୁଷ୍ପ-ବିହୀନ । ଲମ୍ବା କଠିଣ ମୁହଁ ସବୁଦିନ ପରି ସାଦା ଏବଂ ସେଥିରେ ଦୁର୍ବଳ ହସ । ମୁଁ ମଧ୍ୟ ଅନୁରୂପ ସ୍ମିତହାସ ହସିଲି । କାଲି ରାତିର ସ୍ମୃତି ମନରେ ଅଛି । ଆଉ କ'ଣ କରି ହୁଅନ୍ତା ।

ହଠାତ୍ ମୋତେ ବୁଦ୍ଧି ଜୁଟିଲା । ମୁଁ କହିଲି, "ଆଚ୍ଛା, କାଲି ମିଷ୍ଟର ରହିମ୍ ପାର୍ଟିକୁ ଆସିଥିଲେ, ମିସେସ୍ ରହିମ୍‌ଙ୍କୁ ତ ଦେଖିଲି ନାହିଁ ? ସେ ଦୁଇଜଣଙ୍କର କ'ଣ ସତରେ ପଡ଼ୁନାହିଁ ?"

ତାଙ୍କ ମୁହଁ ଉଦ୍ଭାସିତ ହେଲା । ଆଗ୍ରହଭରା କଣ୍ଠରେ ସେ କହିଲେ, "ଆପଣ ଜାଣନ୍ତି ନାହିଁ ? ଏବେ ଆଉ ଗୋଟିଏ ପାର୍ଟିକୁ ମୁଁ ଯାଇଥିଲି । ସେଠି କେବଳ ମିସେସ୍ ରହିମ୍ ଆସିଥିଲେ । କହିଲେ, ମିଷ୍ଟର ଆସିପାରିଲେ ନାହିଁ, ତାଙ୍କ ମୁଣ୍ଡ ଭାରି ବଥଉଛି । ଆଉ ଥରେ—"

ଏହିପରି ଭାବରେ ଆଳାପ ପ୍ରସାରିତ ହେଲା ଏବଂ ମୁଁ ନିଜକୁ ଶାନ୍ତି ଦେଲି ।

□□□

Digitized by srujanika@gmail.com

ପାହାଡ଼

ନିଜକଥା କହିବ କାହାକୁ ? କିନ୍ତୁ ନ କହିଲେ ଚଳିବନାହିଁ । ସେ ଯେଉଁ ଚଠି ଖଣ୍ଡିକ ଦେଇଛି ତାର ଠିକଣା ଉତ୍ତର ଦେବାକୁ ହେଲେ—ଉତ୍ତର ଦେବ କଅଣ ମୁଁ ତାକୁ ଟିକି ଟିକି କରି ଛିଣ୍ଡେଇ ଚୁଲି ନିଆଁରେ ଭସ୍ମ କରିଦେବି—ମୋତେ ସେଇ କଳଙ୍କିତ ରାତର କାହାଣୀ ଶୁଣାଇବାକୁ ପଡ଼ିବ । ତାହାହେଲେ ଯାଇ ମୁଁ ନିଶ୍ଚିନ୍ତ ହେବି । ଜାଣିବି ଯେ ଅନ୍ଧରାତ ଫେରି ଆସିବ ନାହିଁ ।

ଆମ ଦୁଇଜଣଙ୍କ କଥା ! ଆମେ ଯୁବକ-ଯୁବତୀ । ବିଦ୍ରୋହୀ । ଆମେ ଶଠ ବୁର୍ଜୁଆ ସମାଜର ପାପପୁଣ୍ୟ ବିଗ୍ରହକୁ ଗୋଇଠା ମାରି, ବେଲ ଉଣ୍ଡି ଗୋଇଠା ମାରି ହସିବାକୁ ଚାହୁଁ । ନନ୍ଦା ମଲ୍ଲିକ ମଉନମୁହାଁ, ସମାଜ ପ୍ରତି ତାର ଧାରଣା କଅଣ ସେ ମୋତେ କହିନାହିଁ; କିନ୍ତୁ ଜାଣିରଖନ୍ତୁ ଯେ ଆମେ ଏକାଠି ପ୍ଲାନ କରି ହିମାଳୟ ତଳେ ଗୋଟିଏ ନିରୋଳା ଡାକବଙ୍ଗଳାରେ ରମଣ କରିବାକୁ ଚାହିଁଲୁ । ଅବଶ୍ୟ ରମଣ କରିବାକୁ ହେବ ବୋଲି ସେ ମୋତେ କହିନାହିଁ···ଧାତ୍ ! ସବୁ କଥା କଅଣ ତାର କହିବା ଦରକାର ?

ପାହାଡ଼କୁ ଯିବା ପୂର୍ବରୁ ଦୀର୍ଘ ଚାରିମାସ କାଳ ଆମେ ମଇଦାନର ଘାସ ଉପରେ ଗଡ଼ିଛୁ । ମୁଁ ମୋର ସମ୍ଭ୍ରାନ୍ତ ବାପାଙ୍କଠାରୁ ଆରମ୍ଭ କରି ଜର୍ମାନ୍ ଖୁଡ଼ୀଙ୍କ ପର୍ଯ୍ୟନ୍ତ ମୋର ସମସ୍ତ ଫ୍ୟାମିଲି ବିଷୟରେ ଗପିଛି । ସେ କେବଳ ଶୁଣିଛି, ମୃଦୁ ମୃଦୁ ହସିଛି । ତାର ସମସ୍ତଙ୍କ ବିଷୟରେ ଗପିବାପାଇଁ ମୁଁ ତାକୁ ବାଧ୍ୟ କରିନାହିଁ । ବିଚାରୀ ଗରିବ ଘରେ ଜନ୍ମ ହୋଇ ପାଠ ପଢ଼ି ମାଷ୍ଟ୍ରାଣୀ ହୋଇଛି—ସେ ମତେ କେଉଁ ମଜାକଥା ଚଖେଇପାରିବ ?

ମୁଁ ତାକୁ ମୋର ବିପ୍ଳବୀ ଘୃଣା ଓ ହିଂସାର ଚେହେରା ଦେଖାଇଦେଇଛି । ସେ ଦେଖିଛି, ମୃଦୁ ମୃଦୁ ହସିଛି । ମୋତେ ଉସ୍‌କେଇଛି । ସେକ୍‌ସ ପାଇଁ ସେତିକ କଅଣ ଯଥେଷ୍ଟ ନୁହେଁ ?

କହିବାକୁ ଗଲେ ସେ ଅନ୍ୟମାନଙ୍କଠାରୁ ଭିନ୍ନ ନୁହେଁ । ଯେଉଁ ଯୁବତୀମାନେ କଲିକତା ସହରରେ ଆତଯାତ ହେଉଛନ୍ତି, ଚାକିରି କରି ପେଟ ପୋଷୁଛନ୍ତି ଏବଂ ଭୋକ ମେଣ୍ଟାଇବାପାଇଁ ମୋ ପରି ବେକାର ବଡ଼ଲୋକ ପୁଅମାନଙ୍କ ସାଙ୍ଗରେ ମିଶୁଛନ୍ତି···ବିପ୍ଳବୀ ଘୃଣା ଓ ହିଂସାରେ ଛନ୍ଦିହୋଇ ଆନନ୍ଦ ନେଉଛନ୍ତି ।

କେବଳ ଗୋଟିଏ ନୂଆ କଥା । ଆମର ଉଗ୍ର ଆଧୁନିକ ମିଳନ ପାଇଁ କେଉଁ ଚା ଆମଲେଟ୍ ଦୋକାନର ପଛପଟ, କେଉଁ ଆବର୍ଜନା ସ୍ତୂପର ଆଢୁଆଳ କିମ୍ବା କେଉଁ ଗଳିର ଡ୍ରିଗଲି ଉପଯୁକ୍ତ ହୋଇଥାଆନ୍ତା; ଅଥଚ ଦୀର୍ଘ ଚାରିମାସଯାକ ଆମେ କେବଳ

Digitized by srujanika@gmail.com

ମଇଦାନର ଘାସ ଉପରେ ଗଡ଼ିଲୁ । ଘାସ ଛିଣ୍ଡେଇଲୁ । ତ୍ରିଫଳା ଲଜେନ୍ସ ଖାଇଲୁ । ଜ୍ୱାଳାମୟୀ ବକ୍ତୃତାମାନଙ୍କର ଖସମାନ ଖଣ୍ଡଖଣ୍ଡକୁ ମୁଠେଇ (ସମାଜକୁ) ଚପିଧରିଲୁ । କାମୁକ୍ତ 'ଇସ୍' ବୋଲି କହିଲୁ । ମୁଁ କହିଲି···ସେ ଶୁଣିଲା, ଅଳ୍ପ ଅଳ୍ପ ହସିଲା । ମୁଣ୍ଡ ଝୁଙ୍କାଇଲା । କଥା-ନହସରେ ମୁଁ ତାର ମୁହଁ ନିକଟରେ ପହଞ୍ଚିଲେ ସେ ତାର ଓଠ ଗୋଜକଲା, ତାର ସୁଗୋଲ ଶ୍ୟାମଳ ବାହୁରେ ହାତ ରଖିଲେ ସେ ସୁଦୂରକୁ ସୂର୍ଯ୍ୟାସ୍ତକୁ ଅନେଇଲା । ହଁ, ସେ ମୋର ଉଦ୍ଧତ ପୁରୁଷପଣକୁ ସଗର୍ବରେ ତୋଳିନେଲା ପରି ଦିଶିଲା । ବେଳେ ବେଳେ ତାର ଝାସ ସହନପାରି ମୁହଁ ଲୁଚେଇଲା ପରି ମନେହେଲା; କିନ୍ତୁ ସେ କୌଣସି ମତେ ମଇଦାନରୁ ଚଂକିବାକୁ ଚାହିଁଲା ନାହିଁ । ରାତ ହେଲାରୁ କହିଲା—ଉଚ୍ଛୁର ହେଲାଣି, ଘରକୁ ଯିବ । ମାସକ ଉତ୍ତାରୁ ଲାଜ ଲାଜ ହୋଇ ପ୍ରସ୍ତାବ କଲା—ଛୁଟିରେ ପାହାଡ଼କୁ ଗଲେ କେମିତି ହୁଅନ୍ତା ?

ତାର ସଲାଜ ବଦନରୁ ମୁଁ ଅନୁମାନ କଲି ଯେ ସମତଳ ଭୂମିରେ ଯାହା ହୋଇ ନ ପାରିଲା ତାହା କୁଞ୍ଚିକୁଞ୍ଚିକା ଉଚ୍ଚଭୂମିରେ ହେଉ ବୋଲି ସେ ଜଣାଇଦେଲା । ହେଉ— ନାରୀଚରିତର ବୈଚିତ୍ର୍ୟ ମାନିନେବାକୁ ପଡ଼ିବ । ମୁଁ କେଉଁ ବିଦେଶୀ ବହିରେ ପଢ଼ିଥିଲି ଯେ ଜଣେ କୋମଳାଙ୍ଗୀ ଉତ୍ତୁମ ଶେଯକୁ ଗ୍ରୁଡ଼ି ଝଟତଳେ ତା'ର ପୁରୁଷକୁ ପାଇବାକୁ ଚାହିଁଲା । କାହିଁକି ବୋଲି ପଚାରନାହିଁ—ପୁରୁଷର କର୍ତ୍ତବ୍ୟ କରିଯାଅ । ଯଦି ପ୍ରେମ ବହୁମୁଖୀ ହୋଇପାରେ, ସେକ୍ସ କାହିଁକି ନହେବ ? ମୁଁ ନନ୍ଦା ମଲ୍ଲିକକୁ ମନେ ମନେ ଧନ୍ୟବାଦ ଦେଲି । ପାହାଡ଼ ଚଢ଼ିବାର ଯୋଜନା ପ୍ରସ୍ତୁତ କଲି ।

ମିଛସତ କହି ବାପାଙ୍କର ଅନାବଶ୍ୟକ ଧନରୁ ଅଳ୍ପ କିଛି ହାସଲ କରି ମୁଁ ଯାତ୍ରାପଥରେ ଛିଡ଼ାହେଲି । ନନ୍ଦା ମଲ୍ଲିକର ହାତ ଧରିଲି । ମୋର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ, ଯେତେବେଳେ ମାଷ୍ଟ୍ରାଣୀ ତାର ପୁରାତନ ଭ୍ୟାନିଟି ବ୍ୟାଗରୁ ଦିନଶହ ଟଙ୍କା କାଢ଼ି ମୋ ହାତରେ ଗୁଞ୍ଜିଦେଲା । କହିଲା ଯେ ମୋତେ ନେବାକୁ ପଡ଼ିବ, ନହେଲେ···କହିଲା ଯେ କଲିକତାରେ ମୁଁ ତାପାଇଁ ମନଇଚ୍ଛା ଖର୍ଚ୍ଚ କରିପାରେ, ତା'ର କୌଣସି ଆପତ୍ତି ନାହିଁ; କିନ୍ତୁ ପାହାଡ଼ ଉପରକୁ ଯିବାପାଇଁ ସେ ଯେଉଁ ଧନ ସାଇତିଛି ତା'କୁ ସେଇଥିପାଇଁ ନ ସାରିଲେ ତାର ମନ ମରିଯିବ । ତାର ସ୍ଥିର ସୁସ୍ଥ ଓଠ—ଷ୍ଟିକ୍ସ ପରି ବସିରହିଥିବା ଓଠ—କମ୍ପିଉଠିଲା, ସତେକି ମୁଁ ମନାକଲେ ତା'ର ଗ୍ରୁଡ଼ ଫାଟିଯିବ !

ତାର ଏଇ ଖିଆଲଟିକୁ ମଧ୍ୟ ମାନିନେଲି । ଅନ୍ୟ ଉପାୟ ନ ଥିଲା । ଛଦ୍ମନାମ ବହନ କରି ପଡ଼ିପତ୍ନୀ ଛଳରେ ଆମେ ଦାର୍ଜିଲିଂ ମେଲ୍‌ରେ ଉଠିଲୁ ।

ପୂର୍ବରୁ କହିଛି ଯେ ନନ୍ଦା ମଲ୍ଲିକ ସାଧାରଣ ବାଳିକା, ଆତ୍ମଜୀବିକାଧାରିଣୀ ଆଧୁନିକା । ତା'ଛଡ଼ା ମୁଁ ତାକୁ କେବେହେଲେ ସୁନ୍ଦରୀ ବୋଲି ଭାବିନାହିଁ । ଚହଡ଼ା ଗ୍ରୁହାଣି, ପୂରିଲା ଓଠ । ଖସି ଦେହ । କେତେ ଅଳ୍ପ କଥା କହେ ଆପଣ ଦେଖିଛନ୍ତି; କିନ୍ତୁ ସେ ଯେତେବେଳେ ମନ୍ଦ ମଧୁର ହସେ ତା'ର ଖସି ଶ୍ୟାମଳ ଦେହ ଫୁଲିଉଠେ,

Digitized by srujanika@gmail.com

ସତେକି ସେଇ ହସଟିକୁ, ସେଇ ଢେଉଟିକୁ ସମ୍ପୂର୍ଣ୍ଣ ସମୁଦ୍ର ଚହଲେଇ ଦେଉଛି । କହୁଛି, ତାକୁ ଚହ୍ନି ରଖ, ଲୁଚି ରହିଥିବା ପ୍ରବାଳ ଦ୍ୱୀପକୁ ଚହ୍ନି ରଖ···ତାକୁ ଅଧିକାର କରିପାରିଲେ କେତେ ଧନ ମିଳିବ ପରା ! ହେଲେ ମୁଁ ତାକୁ କଦାପି ସୁନ୍ଦର ବୋଲି କହିବି ନାହିଁ । ଯେଉଁ ଚେହେରାରେ ଧାର ନାହିଁ, ମୁନ ନାହିଁ, ଉଜ୍ଜ୍ୱଳ ରଙ୍ଗ ନାହିଁ, ତାକୁ ସୁନ୍ଦର ବୋଲି କହିବି କେମିତି ? କେଉଁ ଶାସ୍ତ୍ରକୁ ନେଇ ?

ନିଉ ଜଲପାଇଗୁଡ଼ି ଷ୍ଟେସନରେ ଓହ୍ଲେଇ କଣ୍ଟେଇ-ଟ୍ରେନରେ ପାହାଡ଼ ଚଢ଼ିଲାବେଳେ କେଉଁ ମୋଡ଼ରେ ପ୍ରଥମେ ସେ ସୁନ୍ଦର ଦେଖାଗଲା ମୋର ମନେପଡ଼ୁ ନାହିଁ । ଯେତେବେଳେ ସେ କହିଲା ଯେ ରାସ୍ତା ନଈ ସାପ ପରି ପାହାଡ଼ରେ ଗୁଡ଼ି ମିଶେଇ ଚାଲୁଛି ଆଉ ଆମ ରେଲଗାଡ଼ି ବଛୁପରି ପାହାଡ଼ ଉପରେ ଡଗ ଡଗ ହୋଇ ଚାଲୁଛି ? ଯେତେବେଳେ ସେ କହିଲା ଯେ ପାଇନ ଗଛଗୁଡ଼ିକ ଅନ୍ୟ ଗଛମାନଙ୍କ ମେଳରେ ଥାଇ ମଧ୍ୟ ମହାମୁନିଙ୍କ ପରି ଦେଖାଯାଉଛନ୍ତି ? ଯେତେବେଳେ ସେ ବୁଦ୍ଧଦେବଙ୍କ ବାଣୀକୁ ଉଡ଼ାଉଥିବା ଧଳା ପତାକାର ଫଡ଼ଫଡ଼କୁ ଛୁଇଁବା ପାଇଁ ହାତ ବଢ଼େଇଲା ? ନା ଯେତେବେଳେ ଚଲାମେଘରେ ଆଖି ବୁଜିଦେଲା ଓ ମେଘ ଚାଲିଗଲାରୁ ଧୋଇଧାଇ ନିର୍ମଳ ହେଲା ପରି ମୋ ଆଡ଼କୁ ଅନେଇଲା ?

କେଉଁ ମୋଡ଼ରେ ମୁଁ ତାର ସୁନ୍ଦରପଣ ଦେଖି ଚମକିପଡ଼ିଲି ? ମନେହେଲା ଯେ ସେ କେବଳ ନାରୀ ନୁହେଁ ?

ଦାର୍ଜିଲିଙ୍ଗରେ ପହଞ୍ଚିଲାବେଳକୁ ମୋର ସନ୍ଦେହ ହେଲା । ଅହେତୁକ ସନ୍ଦେହ । ସତେ କି ନନ୍ଦା ମଲ୍ଲିକ ବଦଳିଯାଇଛି । ସେ ମୋତେ ଦୂରରୁ ଦେଖୁଛି, ମୁଁ କଥା କହିଲେ ସେ ମୋତେ ଦୂରରୁ ଶୁଣୁଛି; ଅଥଚ ସେ ମୋର ପାଖ ଛାଡ଼ିବାକୁ ଚାହୁଁନାହିଁ । ସେ ମୋତେ ଅନେକ ଅଜଣା ଅଭୁଲା କଥା କହିବ, ତା'ପରେ ଯାଇ ଛାଡ଼ିବ । ନିଜକୁ ଆହୁରି ଆହୁରି ସୁନ୍ଦର କରି ଦେଖାଇବ, ମୋର ଚେତନାକୁ ବିଗାଡ଼ିଦେବ, ତା'ପରେ ଯାଇ ଛାଡ଼ିବ ।

ମୁଁ ମୋର ଆଶଙ୍କାକୁ ଗୋଟେଇ ନେଲି । ନିଜକୁ କହିଲି ଯେ ଆମେ ଦୁଇଜଣ ଏଇ ନିଅଣ୍ଡିଆ ନିଉଛୁଣା ପଛୁପଡ଼ା ସମାଜର ମଣିଷ । ମୁଁ ବଡ଼ଲୋକ ଘରର ତିରସ୍କାର । ସେ ଗରିବ ଘରର ଅହଂକାର । ଆମେ ଦୁଇଜଣ ବିବର୍ତ୍ତନରେ ବିଶ୍ୱାସ କରୁ, ରୋଷ୍ଟ୍ ଚିକେନ୍ ଭଲପାଉ, ତ୍ରିଫଳା ଲଜେନ୍ସ ଖାଇ ଯୌବନର ଗପ କରୁ । ମୁଁ କହେ ଓ ସେ ଶୁଣେ । ଏଇ କାଲିକା କଥା—ଆଜି ଦାର୍ଜିଲିଙ୍ଗକୁ ଆସି ଏମିତି କଣ ହୋଇଗଲା କି ?

ସେଦିନ ସଞ୍ଜବେଳେ ମୁଁ ତାକୁ 'ମାଲ୍'ର ଗୋଟିଏ ରେସ୍ତୋରାଁକୁ ଡାକିନେଇ ରୋଷ୍ଟ୍ ଚିକେନ୍ ଖୁଆଇଲି । ଦେଖିଲି ସେ ସନ୍ତୁଷ୍ଟ ହୋଇ ଖାଉଛି । ଭାବିଲି ତାକୁ ମଇଦାନରୁ ଉଠେଇନେଇ ଚୌରଙ୍ଗୀର ଯେ କୌଣସି ରେସ୍ତୋରାଁରେ ଖୁଆଇଥିଲେ ସେ ଅବିକଳ ଏମିତି ଖାଉଥାଆନ୍ତା ।

Digitized by srujanika@gmail.com

ଭାବିଲି ତାକୁ ଆଜି ଦାର୍ଜିଲିଂରେ ଚୁମ୍ବନ କରିବି, ଯାହା କଲିକତାରେ ସେ କୌଣସି ଅନ୍ଧାର ଆଲରେ କରିପାରିଥାଆନ୍ତି ।

ଭାବିଲି ତାକୁ କାଲି ରମଣ କରିବି, ଯାହା କଲିକତାରେ ସେ କୌଣସି···

ଉତ୍ତର ଶେଷ ନ ହେଉଣୁ ସେ କହିଲା—ପାଗ୍‌ଲା ଝୋରାକୁ ବାନ୍ଧିପକେଇଲେ କାହିଁକି ? ରେଳଗାଡ଼ିକୁ ଆଉ କେଉଁ ବାଟେ ଚଳେଇ ନେଇଥିଲେ ହୋଇନଥାଆନ୍ତା ?

ପାଗଲା ଝୋରା ଷ୍ଟେସନ ଉପରେ ନୁହେଁ, ଦୁର୍ବିନୀତା ଗିରି-ନିର୍ଝରିଣୀ, ଯାହାକୁ ଆସିଲା ବେଳେ ବାଟରେ ଦେଖିଥିଲୁ, ଏତିକି ହାଠତ୍ ମୋ ମୁଣ୍ଡରେ ପଶିଲାନାହିଁ । ବୁଝିଲା ପରେ ମୁଁ ନନ୍ଦା ମଲ୍ଲିକକୁ ଉତ୍ତର ଦେବାକୁ ଚାହିଁଲି । ପାଗଲା ଝୋରା ପ୍ରତି ଏତେ ଦରଦ; କିନ୍ତୁ ପାହାଡ଼ୀ ଲେପ୍‌ଚା ଭୁଟାନମାନଙ୍କୁ ଦେଖି ତୋର କରୁଣା ଜାଗିଲାନାହିଁ ? ତାଙ୍କ ମୁହଁରେ ଖୋଲା ହୋଇଥିବା ସହସ୍ର ଦୁଃଖର ଗାର ତୋର ନାରୀହୃଦୟକୁ ମଞ୍ଚି ଦେଇ ପାରିଲା ନାହିଁ ? କିନ୍ତୁ ମୁଁ କିଛି କହିଲି ନାହିଁ । କାରଣ ସେତିକିବେଳେ ସେ ଅସ୍ୱାଭାବିକ ସୁନ୍ଦର ଦେଖାଗଲା । ପାଗଲା ଝୋରା ତା'ର ଚଉଡ଼ା ଗୃହାଣିରେ ମୁଣ୍ଡ ଗୁଞ୍ଜି ଶାନ୍ତ ହୋଇଯାଇଛି ବୋଲି ମନେହେଲା । ମୁଁ ବଦ୍ଧପରିକର ହେଲି ଯେ ମୁଁ ଆଜି ତାକୁ ଯେମିତି ହେଲେ ଚୁମ୍ବନ କରିବି ।

କେଜାଣି କାହିଁକି ମୋତେ ଭଲ ଲାଗିଲା ଯେ ଆସିଲାବେଳଠାରୁ ମେଘ ଘୋଡ଼େଇଛି । କାଞ୍ଚନଜଙ୍ଘାକୁ ଦେଖି ହେଲାନାହିଁ । ନନ୍ଦା ମଲ୍ଲିକ ଦେଖିପାରିଲା ନାହିଁ । ଆଶା କଲି ଯେ ଦାର୍ଜିଲିଂରେ ଥିବାଯାଏ ମେଘ କଟିବ ନାହିଁ ।

ସେଦିନ ରାତିରେ ମିଷ୍ଟର ଓ ମିସେସ୍ ହୋଇ ହୋଟେଲ ରୁମ୍‌ର ଦରଜା ବନ୍ଦ କରିଦେଲାପରେ ମୋର ଛାତି ଥରିଉଠିଲା । ଉତ୍କଣ୍ଠା ନା ଉଦ୍‌ବେଗ ? ମୁଁ ପ୍ରକାଶ୍ୟରେ ହସିଲି— ନନ୍ଦା ମଲ୍ଲିକ ଦେଖୁ, ଯୁଗ୍ମ ଷଡ଼ଯନ୍ତ୍ରକାରିଣୀ ଦେଖୁ, ଆମୋଦିତ ହେଉ । ଏଇ ମିଛ ବାସରଘରର ମଉଜରେ ଉତ୍କଣ୍ଠା ଉଦ୍‌ବେଗ ଆଦି ରୋମାଣ୍ଟିକ ଲକ୍ଷଣଗୁଡ଼ିକ ହସି ହସି ବାଟ କଢ଼େଇ ନେଉ···ଆଜିକାର ଆଇଟେମ୍ ଚୁମ୍ବନ ।

ସଂକ୍ଷେପରେ କହିଦିଏ ଯେ ସେଦିନ ମୁଁ ତାକୁ ଚୁମା ଦେଇ ପାରିଲିନାହିଁ, କାରଣ ସେ ମୋତେ ଚୁମା ଦେଲା । ଅଧଘଣ୍ଟାଏ କି ଘଣ୍ଟାଏ ଯାଏଁ ଝରକାରୁ କଣ ଦେଖିଲା କେଜାଣି ଫେରିଆସି ମୋ ଉପରକୁ ନଇଁଯାଇ ମୋ ଓଠରେ ଦୀର୍ଘ ଚୁମ୍ବନଟିଏ ଦେଲା । ମୁଁ ହାତ ବଢ଼ାଇଲାବେଳକୁ କହିଲା—ନା, ଆଜି ନୁହେଁ । କାଲି ନୁହେଁ । ଦୁଇଦିନ ପରେ ଆମେ ଯେଉଁଠି ଥିବା, ସେହି ଯେଉଁ ଡାକବଙ୍ଗଳା କଥା ଶୁଣିଛୁ, ପାହାଡ଼ର ଦେହକୁ ଲାଗି, ସେଇଠି···

ତା ମଗଜରେ ରୋମାଣ୍ଟିକ୍ ଭୂତ ଏତେ ଉପରକୁ ଉଠିଲାଣି ବୋଲି ମୋର ଧାରଣା ନ ଥିଲା । ପ୍ରତିବାଦ କରି କିଛି ଲାଭ ନାହିଁ । ମୁଁ ସୁବୋଧ ଛୁଆ ପରି ତାର କଥା ମାନି ଶୋଇପଡ଼ିଲି ।

Digitized by srujanika@gmail.com

ତା' ପରଦିନ ସୂର୍ଯ୍ୟ ଅନେକ ଡେରିରେ ଉଠିଲା । ତେଣୁ ଟାଇଗର୍ ହିଲ୍ ଉପରୁ କାଞ୍ଚନଜଙ୍ଘାର ରଙ୍ଗଛଟା ଦେଖିବାର ଅଭିଳାଷ ଅପୂର୍ଣ୍ଣ ରହିଲା । ମୁଁ ନନ୍ଦା ମଲ୍ଲିକ ପ୍ରତି ମୋର ଆନ୍ତରିକ ସହାନୁଭୂତି ଜଣାଇଲି । କହିଲି -ଆଉ କ'ଣ କରିବା ? ଚାଲ, ଆଜି ଦାର୍ଜିଲିଂ ସହରକୁ ଗୋଡ଼ରୁ ମୁଣ୍ଡଯାଏଁ ଦେଖିନେବା ।

ନନ୍ଦା ମଲ୍ଲିକ ହଁ ଭରିଲା; କିନ୍ତୁ ମୋର ମନେହେଲା ସେ ସହାନୁଭୂତି କାମ୍ନା କରୁନାହିଁ । କୌଣସି ଗୋପନ ରହସ୍ୟକୁ ସେ ତା'ର ବିପୁଳ ବକ୍ଷରେ ଲୁଚେଇ ରଖିଛି, ବେଳ ଦେଖି ଖୋଲିଦେବ ।

ପାଇଥିବାର ଆନନ୍ଦରେ ଉଦ୍‌ଭାସିତ (ମୁଁ ତାକୁ ସୁନ୍ଦର ବୋଲି କହୁନାହିଁ) ମୁହଁକୁ ନେଇ ସେ ମୋ ସାଙ୍ଗରେ ବୁଲି ବାହାରିଲା । ଆମେ ଅପର୍ ମାଲ୍, ଲୋଅର୍ ମାଲ୍, ହରେକ ଫୁଲବଗିଚା, ହରେକ ଚିଡ଼ିଆଖାନା—ସେ ଗୋଟିଏ ବାଘ ବିରାଡ଼ିକୁ ଖୋଜିବାକୁ ଚାହିଁଲା—ଏବଂ ବିଭିନ୍ନ ଉଞ୍ଚ ଉଞ୍ଚ ଗଛ, ବାର୍ଚ୍, ପପ୍‌ଲାର ଏମିତି କେତେ କଅଣ ଦେଖି ଝାଳନାଳ ହୋଇ ଫେରିଲୁ । ପ୍ରକୃତିର ତଥାକଥିତ ଦୃଶ୍ୟ ମଝିରେ ମୁଁ ତାକୁ ସାଧାରଣ ଭଲିଆ ମଣିଷମାନଙ୍କ ଅପଦୃଶ୍ୟ ଦେଖାଇଲି । ଉପର ମାଲ୍ ଓ ତଳ ମାଲ୍‌ର ପ୍ରଭେଦ, ଫର୍ କୋଟ୍ ଓ ସାତଖିଆଁ ବୋଟ୍‌ବୁହା କୋଟ୍‌ର ବୈଷମ୍ୟ ଉପରେ ଟୀପ୍‌ପଣୀ ଦେଲି । ମନେ ମନେ ତାକୁ ଚେତାବନୀ ଦେଲି—ସାବଧାନ, ହିଂସା ଓ ଘୃଣାର ଦାସ୍ତିକ୍ କୁଲିଚାରୁ ନାହିଁଟି ! ସେଇ ମାଟିରୁ ସାର ନେଇ ଆମେ ବଞ୍ଚୁଛୁ, ଡାଳ ମେଲୁଛୁ, ଫୁଲ କାଢ଼ୁଛୁ । ସେଇ ମାଟିରୁ ତାତି ନେଇ ଆମେ ସେକ୍‌ସ୍ ତିଆରି କରିବା···ନହେଲେ ତୁ କିଏ ମୁଁ କିଏ ? କାହିଁ ଆମର ସ୍ଥିତି ? କାହିଁ ଆମର ସ୍ଫୀତି ? ଇନ୍‌କିଲାବ ଅଶାନ୍ତିର ଦୀପ୍ତି ?

ବୁଝିପାରୁନାହୁଁ ? ଅପେକ୍ଷା କର । ତୋର କଥା ଅନୁଯାୟୀ ଆଜି ଗୁଡ଼ କାଲି ରାତିରେ, ନିଭୃତ ପାହାଡ଼ିଆ ଡାକବଙ୍ଗଳାରେ, ତାଣ୍ଡବୀ କାମନାରେ ଜଳିଉଠି ପୁଣି ସୁନା ହୋଇ ଉଠିବୁ, ଅପେକ୍ଷା କର !

ହୋଟେଲକୁ ଯିବା ପାଇଁ ଖାଖ ପାହାଚ ଉପରେ ଚଢ଼ି ଚଢ଼ି ଉପରକୁ ଉଠିଲା-ବେଳେ ମୁଁ ତା'ର ନାସ୍ତିଅଙ୍ଗର ପଛକୁ ଅନେଇଲି । ସେଥିରେ ବ୍ୟକ୍ତିଗତ ସୁନ୍ଦରତା ନାହିଁ, ଷ୍ଟାଣ୍ଡାର୍ଡ଼ ସେକ୍‌ସ୍ ଅଛି । ମୁଁ ମୋର କାମନା ପାଇଁ ଆଗରୁ ଇନ୍ଧନ ଯୋଗାଇଲି ।

ସେଦିନ ଅଳସୁଆ ସୂର୍ଯ୍ୟ ଖାମଖିଆଲି ଢଙ୍ଗରେ କେତେବେଳେ ଦେଖାଦେଇ ପୁଣି କୁଆଡ଼େ ମେଘ କୁହୁଡ଼ି ଭିତରେ ପଶିଯାଉଥାଏ । ହୋଟେଲରେ ପହଞ୍ଚି ଶୋଇବା ଘର ଝରକା ଖୋଲିଦେଲାବେଳକୁ ସେ ବୋଧହୁଏ କ୍ଷଣକ ପାଇଁ ଆସି ପହଞ୍ଚିଯାଇଥିଲା । ନନ୍ଦା ମଲ୍ଲିକ ପ୍ରଥମେ ତାକୁ ଦେଖିଲା । ଦେଖି ନାହିଁ-ନ ଥିବା ନିଧି ପାଇଲା ପରି ପାଟିକରି ଉଠିଲା—କାଞ୍ଚନଜଙ୍ଘା ! କେବଳ ସେତିକି ନୁହେଁ, ମୋତେ ଟାଣି ଟାଣି ପାଖକୁ ନେଇଆସିଲା, ଆଉ ସେଇ ଜଣାଶୁଣା ସାଦାମୁଣ୍ଡ ଶୃଙ୍ଗକୁ ହାତ ଦେଖାଇ କହିଲା କାଲି ରାତିରେ ଅନ୍ଧାର ଭିତରେ ମୁଁ ଯେମିତି ଦେଖିଥିଲି, ଠିକ୍ ସେମିତି । ପାଞ୍ଚଟିଯାକ ଲଗାଲଗି ହୋଇ

Digitized by srujanika@gmail.com

ମଧ୍ୟ ଟେକେଛନ୍ତି । ଗୋଟିକରେ ସୁନା, ଗୋଟିକରେ ରୂପା, ଗୋଟିକରେ ରତ୍ନ, ଗୋଟିକରେ ଶସ୍ୟ, ଆଉ ଗୋଟିକରେ ଅସ୍ତ୍ର···ରାଜାଙ୍କ ପାଞ୍ଚଟି ଖଜାଞ୍ଚିଖାନା—ବୁଝିଲ ? କହୁସାରି ସେ ତା'ର ପୂରା ଗୁହାଣି ମୋ ଉପରେ ଲଦିଦେଲା ।

ତାର ପ୍ରଳାପ କାଟିଦେଇ ପାରିଥିଲେ ଘଟଣା ଏତେ ଦୂର ଯାଇ ନ ଥା'ନ୍ତା; କିନ୍ତୁ ସେ ମୋତେ ସମୟ ଦେଲାନାହିଁ । ତା'ର ବିକଟ ସୁନ୍ଦରତା ମୋତେ ସ୍ତବ୍ଧ କରିଦେଲା ।

ବୋଧହୁଏ ସେଇ ମୁହୂର୍ତ୍ତରେ ମୋ ହାତରୁ ଦଉଡ଼ି ଖସିଗଲା । ମୁଁ ଟାଣି-ହୋଇଗଲି, ଆଣ୍ଠୁ ଗଣ୍ଠି ଛେଚିହେଇ ଭୂଇଁରେ ଘୁମୁରିବାଯାଏ ।

ଦୁରାଗ୍ରହିଣୀ ମୋତେ ସମୟ ଦେଲାନାହିଁ, ମୋ ହାତରୁ ସବୁ ଅସ୍ତ୍ର କାଢ଼ିନେଲା । ଦାର୍ଜିଲିଂରେ ଅନ୍ତତଃ ମଣିଷ ଥିଲେ, ସମାଜ ସଂଗ୍ରାମର ପରିଚୟ ପ୍ରମାଣ ଦେଇ ପାରୁଥିଲି । କିନ୍ତୁ ପରିଦିନ ସେ ତାର ବନ୍ଧୁ ଦେଇଥିବା ମାନଚିତ୍ର ଅନୁସାରୀ ମୋତେ ଯୁଆଡ଼େ ଯୁଆଡ଼େ ନେଇଗଲା, ସେଠି ମୁଁ ମୋର ବାହାଦୂରମାନଙ୍କୁ ଦେଖିପାରିଲି ନାହିଁ । ଯେଉଁ-ମାନଙ୍କୁ ଦେଖିଲି ସେମାନେ ମାଟିରୁ ଉଠିଛନ୍ତି । ପ୍ରକୃତିର ଦାସଦାସୀମାନଙ୍କ ପରି ସବୁଦିନ ପାଇଁ ବଞ୍ଚିଛନ୍ତି, ବଞ୍ଚିଛନ୍ତି, ମହାନନ୍ଦ କରୁଛନ୍ତି ବୋଲି ମନେହେଲା । କେଉଁଠି ଟିକିଏ ନିଆଁ ଜଳେଇଛନ୍ତି ପାହାଡ଼କୁ ଉଷ୍ମ କରିବେ ବୋଲି, କେଉଁଠି ଖଣ୍ଡେ କୁଡ଼ିଆ ବାନ୍ଧିଛନ୍ତି ପାହାଡ଼ର କେଉଁ ରନ୍ଧ୍ରଟିକୁ ଯୋଡ଼େଇ ରଖିବେ ବୋଲି, ଜୀବନର ବାମଁଟିକେ ଉପରକୁ ଗୁଡ଼ିଦେଇଛନ୍ତି ପାହାଡ଼ଘେରା କୁହୁଡ଼ିରେ ମିଶିଯିବ ବୋଲି ।

କେବଳ ପାହାଡ଼ ପାହାଡ଼ ପାହାଡ଼—ଧୂସର, ଶ୍ୟାମଳ, ଚିକ୍କଣ, କୋମଳ, ଦନ୍ତୁର, ଲୋମଶ, କୁଳୁକୁଳୁ ହାସ୍ୟବନ୍ତ, ଗୁରୁଗୁରୁ ଗର୍ବିତ, ନିର୍ଲଜ୍ଜ, ନିଭୃତ, ନିରନ୍ତର···

ମୋର ମନେହେଲା ନନ୍ଦା ମଲ୍ଲିକ ମୋ ସାଙ୍ଗରେ ଆଉ କଥା କହିବ ନାହିଁ । ଯାହା କିଛି କହିବାର ଥିଲା ସେଇମାନଙ୍କୁ କହୁଛି । ତା'ର ସାମାନ୍ୟ ନାରୀତ୍ୱଟିକ ସେଇ ସୁପୁରୁଷ ଦାନବମାନଙ୍କୁ ସଁପି ଦେଇସାରିଛି ।

ମଙ୍ଗ୍‌ପୁ ଚାଲିଗଲା, ତା'ପରେ କାଲିମ୍‌ପଙ୍ଗ୍ । ରାସ୍ତା ମହାନନ୍ଦା ଏ ପାଖରେ ସେ ପାଖରେ ମୁହଁ ଦେଖେଇ ଗେହ୍ଲେଇ ଫୁଲେଇ ହୋଇ ପୁଣି କୁଆଡ଼େ ପଳେଇଲେ ।

କାହିଁ ଆମର ଡାକବଙ୍ଗଳା—ଯେଉଁଠି ଆମେ କଲିକତାର ଯୋଡ଼ିଏ ପ୍ରାଣୀ ଯୁବକ ଯୁବତୀ ରମଣ କରିବୁ ବୋଲି ସ୍ଥିର କରିଛୁ ? ଯେଉଁଠି ଆମେ ଝରକା କବାଟ ବନ୍ଦକରି ଏଇ ପାହାଡ଼ମାନଙ୍କ ମୁହଁନଚାହିଁ ପରସ୍ପରକୁ ପାଇବୁ ? ପରସ୍ପର ଦେହରେ ମୁହଁ ମାଡ଼ି ନିଃଶ୍ୱାସ ବନ୍ଦ କରି ଏକ ଆନକୁ କାମୁଡ଼ିବୁ, ବଦାରିବୁ, ଯତ୍ନପୋଷିତ ଅଭିଳାଷକୁ ସାଙ୍ଗକରିବୁ ?

ପୂର୍ବଜନ୍ମରୁ ଚିହ୍ନି ରଖିଥିଲା ପରି ସେ ଗୋଟିଏ ଅନାମଧେୟ ଝୋରାର ପୋଲ ମୁହଁରେ ଟ୍ୟାକ୍‌ସି ଅଟକେଇଲା । ତା'ପରେ ମୋତେ ଝୋରା ପାରିହୋଇ ଖଣ୍ଡେ ଦୂର ଉପରକୁ ଉଠିବାକୁ କହିଲା । ଅଳ୍ପ ସମୟ ପରେ ମୋର ହାତକୁ ମୁଠେଇ ଧରି କହିଲା—ଏଇ ଦେଖ, ଦେଖ, ତୁମର ମୋର ଡାକବଙ୍ଗଳା !

Digitized by srujanika@gmail.com

ପ୍ରଥମେ ମୁଁ ଡାକବଙ୍ଗଳାର ବିଶେଷତ୍ୱ ବୁଝିପାରିଲିନାହିଁ । ଲମ୍ବା ଲମ୍ବା ଗଛ ଘେରା ଗ୍ରେଟିଆ କାଠଘର । ଜଙ୍ଗଲି ଗୋଲାପ ଫୁଲ କାହିଁରେ କେତେ । ଗୋଟିଏ କଳା ବୃଷାଳ କୁକୁର । ସେ ଥରେ ମାତ୍ର ଆମକୁ ଦେଖି ଭୁକିଲା ବିଗୁଲ ବଜାଇଲା ପରି, ସେଇଠୁ ନିଜ ଗୁହାକୁ ଫେରିଗଲା ଏବଂ ଗୋଟିଏ ବୁଢ଼ା ନେପାଳି ଜଗୁଆଳି । ସେ ଆମକୁ ସଲାମ୍ କରି କହିଲା ଯେ ବଡ଼ସାହେବଙ୍କ ଠାରୁ ଆଦେଶ ମିଳିଛି, ଆଜି ରାତିକ ପାଇଁ ସବୁ ବନ୍ଦୋବସ୍ତ କରାହୋଇଛି । ନନ୍ଦା ମଲ୍ଲିକର କେଉଁ ବନ୍ଧୁର କଉଳି ସୁପାରିଶରେ ଡାକବଙ୍ଗଳାଟି ମିଳିଲା ମୁଁ ଜାଣିବାକୁ ଚେଷ୍ଟା କଲିନାହିଁ । ଇଚ୍ଛା କଲେ, ଆଧୁନିକା ଯୁବତୀ, ମାଷ୍ଟ୍ରାଣୀ ହେଉ ବା ଯାହା ହେଉ, କଅଣ ଯୋଗାଡ଼ କରି ନ ପାରେ, ଏଇଆ ଭାବି ମୁଁ ବାରମ୍ବାର 'ଚମତ୍କାର' ବୋଲି କହିଲି ।

ଡାକବଙ୍ଗଳାର ଦାଣ୍ଡ ପାହାଚ ଉପରେ ଛିଡ଼ା ହୋଇ ମୁଁ ବୁଝିଲି ସେ କାହିଁକି ମୋର ପ୍ରଶଂସାକୁ ସହଜ ସ୍ୱାଭାବିକ ବୋଲି ମାନିନେଲା । ତା' ମତରେ ଚମତ୍କାର ହେଉଛି ଏଇ ତଥାକଥିତ ଶୋଭା—ଅନ୍ତରତମ ଅନ୍ତରଙ୍ଗ ପାହାଡ଼ । ଆମେ ପାହାଡ଼ର ଉପରେ ନାହୁଁ, ତଳେ ନାହୁଁ, ସେମାନଙ୍କ ମଝିରେ ଗଳିପଡ଼ିଛୁ । ଅନାବୃତ ଗୁହାଣିରେ ସେମାନେ ଆମକୁ ଚାହିଁରହିଛନ୍ତି, ଆମ ଉପରକୁ ଆଦିମ ଅଣାୟତ୍ତ ନିଃଶ୍ୱାସ ଛାଡ଼ୁଛନ୍ତି ।

ଶେଷକୁ ଏଇଠି ଏମିତିକା ଜାଗାକୁ ଆସିବାକୁ ଥିଲି । ମୁଁ ବହିରୁ ପଢ଼ିଥିଲି ପରି ପଚାରିଲି—ରବୀନ୍ଦ୍ରନାଥ ଏଇଠିକି ଆସିଥିଲେ ? ନା ଆମ୍ବାସାଡ଼ର୍ ଜନ୍ ଗ୍ୟାଲବ୍ରେଥ୍ ? ସେ ହସି ହସି କହିଲା—ନା ନା, ସେମାନେ କେହି ଏଠିକୁ ଆସିନାହାନ୍ତି । ପ୍ରଥମେ ଆମେ ଦୁଇଜଣ ଆସିଛୁ । ସେଇଠୁ ସେ ତା'ର ଗୁହାଣି ତଳକୁ ନଗାଡ଼ି ମୋ ଆଡ଼କୁ ଚାହିଁଲା । ଏପରି ଭାବରେ ଚାହିଁଲା ଯେ ମୋର ମନେହେଲା ସେ ଭାବୁଛି··· ଭାବୁଛି ଯେ ମୋର ଆଉ ନିସ୍ତାର ନାହିଁ । ମୁଁ ତାର ଚାଲେଞ୍ଜ୍‌କୁ ସ୍ୱୀକାର କଲି । ରାତିପାଇଁ ଅପେକ୍ଷା କଲି ।

ମୁଁ ବେଶି କ୍ଷଣ ବାହାରେ ଛିଡ଼ାହୋଇ ସେମାନଙ୍କୁ, ମାନେ ସେଇ ପାହାଡ଼ମାନଙ୍କୁ ଦେଖିବାକୁ ଚାହିଁଲିନାହିଁ । ଦେଖିଲେ କେତେ, ନ ଦେଖିଲେ କେତେ, ମୋର ସନ୍ଦେହ-ରହିଲାନାହିଁ ଯେ ରାତିରେ ଝରକା କବାଟ ବନ୍ଦ କଲେ ମଧ୍ୟ ସେମାନେ ଉପସ୍ଥିତ ରହିବେ, ରହନ୍ତୁ, ମୁଁ ପରୁଆକରେନାହିଁ ।

ହେଲେ ଘର ଭିତରକୁ ଯାଇ ମୋର ଦରପଢ଼ା ଉପନ୍ୟାସକୁ ଧରିବା ପୂର୍ବରୁ ସେମାନଙ୍କର ସମଗ୍ର ଧ୍ୱନି, ବାସ୍ନା ଓ ରଙ୍ଗ ମୋର ଚେତନାକୁ ବାନ୍ଧିରଖିଲା । ମୁଁ ଉପନ୍ୟାସର ଧାଡ଼ିରୁ ଧାଡ଼ି ଯାଏ ପଢ଼ିପାରିଲିନାହିଁ । ମୁଁ ଦେଖିଲି ସେଇ ବିଶାଳ ଦେହ ପୁଲକିତ ହୋଇଉଠୁଛି । ସହସ୍ର ସ୍ୱେଦକଣା ଝଲଉଠୁଛି, ଅଗଣିତ ସବୁଜ ରୋମାଞ୍ଚ ବିନ୍ଦୁକୁ ଚହଲେଇ ଦେଉଛି କେଉଁଠି ଗୋଟିଏ ବଙ୍କାଟଙ୍କା ପଥରଝଡ଼ା ଗଛର ବେଦନା, କେଉଁଠି ଗୋଟିଏ ପାହାଡ଼ିଆ ଚଢ଼େଇର ଚିତ୍କାର, କେଉଁଠି ଗୋଟିଏ ଧୂଆଁ, କେଉଁଠି ଗୋଟିଏ ଧାର···ଚରିନ୍ତାଣୀକୁ ଚିରଦେଲା ପରି । ମୋର ମନେହେଲା ସେମାନେ ମୋତେ

Digitized by srujanika@gmail.com

ଝାଣିନେବାକୁ ଚାହାନ୍ତି, ମୋର ଏକୁଟିଆ ବ୍ୟକ୍ତିତ୍ୱର ଯନ୍ତ୍ରଣାଟିକୁ ସମଗ୍ର ପୁଲକରେ ବ୍ୟକ୍ତ କରିବାକୁ ଚାହାନ୍ତି—ଆଉରି ଗୋଟିଏ ଧୂଆଁ ପରି, ଧାର ପରି ।

ନା-ନା-ନା ! ମୁଁ ବନ୍ଧ ବୁଜିଦେଇ ଡାକବଙ୍ଗଲାର ନିରାଭରଣ ଟେବୁଲ ଉପରେ ମୁଠି ବାଡ଼େଇଲି । ମୁଁ ମୋର ବିଦ୍ରୋହୀ ବ୍ୟକ୍ତିତ୍ୱକୁ କାହାରିକୁ ଭେଟି ଦେଇପାରିବ ନାହିଁ, ତୁମକୁ ନୁହେଁ, ଭଗବାନଙ୍କୁ ନୁହେଁ, ନନ୍ଦାକୁ ନୁହେଁ, କାହାରିକୁ ନୁହେଁ । ମୋର ଗୋଟିଏ ରାତିର ଉଦ୍ଦେଶ୍ୟ, ମୁଁ ନନ୍ଦା ମଲ୍ଲିକକୁ ରମଣ କରିବ । ମୋର ପୁରୁଷତ୍ୱକୁ ପୁଣି ଥରେ ପ୍ରଜ୍ୱଳିତ କରି ସମତଳ ଭୂଇଁକୁ ଫେରାଇନେବ । କଲିକତାରେ ଭେଲା ଭେଲା ହୋଇଥିବା ବିକ୍ଷୁବ୍ଧ ଜନତାର ଦୁଆର ମଝିରେ ଛିଡ଼ାହେବ ।

ଚକେନ୍ ଭଲ ରନ୍ଧାହୋଇଥିଲା; କିନ୍ତୁ ମୋତେ ରୁଚିଲାନାହିଁ । ନେପାଳି ଜଗୁଆଳି ଇଙ୍ଗିତରେ ଜଣାଇଲା ଯେ ଦେଶୀ ମଦ ମିଳିବାର ସମ୍ଭାବନା ଅଛି । ମୁଁ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲି । ମୁଁ ସମ୍ପୂର୍ଣ୍ଣ ସତେଜ, ନିଶାପାନ ଅନାବଶ୍ୟକ ।

ନନ୍ଦା ମଲ୍ଲିକ ରହି ରହି ମନକୁ ମନ ହସୁଛି କାହିଁକି ? ସେ କଣ ମୋର ମୁହଁର ଚେହେରାରୁ କିଛି ଅନ୍ୟଥା, ମାନେ ମୋତେ ଦୁର୍ବଳ ବୋଲି ଭାବୁଛି ?

ରାତିରେ ଝରକା ଖୋଲାଥିଲା କି ନାହିଁ ଓ କେତେଦୂର ଖୋଲାଥିଲା ମୁଁ କହି ପାରିବ ନାହିଁ । ତେବେ ତାର ଦେହର ଆଦିଅନ୍ତ, ପ୍ରତିଷ୍ଠିତ ନାସ୍ତିତ୍ୱ, ବାରି ହୋଇ ଯାଉଥିଲା ।

ପ୍ରଥମେ ମୁଁ କିଛି କଥା ନ କହି ତା'ଦେହରେ ହାତ ରଖିଲି । ସେ ମୋ ହାତକୁ ନିଜ ହାତରେ ତା'ର କୋମଳ ଗୋଲେଇରେ ଚାପିଦେଲା । ସେଇଠୁଁ ମୁଁ ତା'ଦେହରେ ଲେଟିଗଲି ଓ ତାକୁ ଚୁମା ଦେଲି ।

ମୁଁ ତାକୁ ଚୁମା ଦେଲି । ତା' ଓଠରେ ଚୁମା ଦେଲି । ତା' ଗାଲରେ, ତା' କାନ ତଳେ, ତା' ବାହୁରେ ଚୁମା ଦେଲି । ଏତିକରେ ହେବ ନାହିଁ ଭାବି ତା' ଦେହରୁ ଶାଢ଼ି ଖୋଲି ଆହୁରି ଚୁମା ଦେଲି । ତଥାପି ମୋର ମନେହେଲା ଯେ ଏମିତି ହେବନାହିଁ, ଏତିକରେ ଅଣ୍ଟିବନାହିଁ ।

ମୁଁ ନିଜକୁ କହିଲି ଯେ ଏଇ ହେଉଛି ନନ୍ଦା ମଲ୍ଲିକ । ଶତାବ୍ଦୀର କଲିକତାର ନାରୀ । ତାକୁ ଉପଭୋଗ କରିବା, ଆକ୍ରମଣ କରିବା ମୋର ଉଦ୍ଦେଶ୍ୟ, ଜୀବନପଥରେ ଅଗ୍ରଗାମୀ ଆଉ ଗୋଟିଏ ମାଇଲ୍‌ଖୁଣ୍ଟ ।

ଏଇ ହେଉଛି ନନ୍ଦା ମଲ୍ଲିକ । ସେ ଗରିବ ଘରେ ଜନ୍ମ ହୋଇ ମାଷ୍ଟ୍ରାଣୀ ହୋଇ-ଥିବାରୁ କି କେଉଁଥିପାଇଁ ମୋ ପରି ନହେଲା ମୋର ଜାଣି ଲାଭନାହିଁ । ତା' ଘରେ କାର୍ ନାହିଁ, ଡ୍ରାଇଭର୍ ନାହିଁ, ମାଳୀ ନାହିଁ, ଧନବନ୍ତ ଯଶୋବନ୍ତ ବାପା ନାହାନ୍ତି, ଚହଟ-ଚକ୍‌କଣ ଯୋଗ୍ୟ ଭାଇନାହାନ୍ତି, ଫୁଲେଇ ଭଉଣୀନାହାନ୍ତି— ସେଇଥିପାଇଁ କି କେଉଁଥିପାଇଁ ସେ ମୋ ପରି ଘୃଣା କରି ଶିଖିନାହିଁ, ରୋମାଣ୍ଟିକ୍ ହୋଇଉଛି, ମୋର ମୁଣ୍ଡ

Digitized by srujanika@gmail.com

ଘୃଣେଇ ଲାଭ ନାହିଁ । ମୁଁ ଗୃହେଁ ସେକ୍ସ୍ । ହିଂସା ଓ ଘୃଣାର ପରିପୂରକ । ନନ୍ଦା ମଲ୍ଲିକ, ଗୁଣମାସିଆ ରମଣୀ ନନ୍ଦା ମଲ୍ଲିକ ।

ଚୁମ୍ବନ ଯଥେଷ୍ଟ ନହେଲେ ନଖ ଅଛି, ଦାନ୍ତ ଅଛି···

କିନ୍ତୁ ମୋର ଇନ୍ଦ୍ରିୟଗୁଡ଼ିକ ଶିଥିଳ ହୋଇଗଲା । ତରବାରି ଖୋଳରେ ପଶି ରହିଲା । ମୁଁ କେବଳ ତାକୁ କୁଣ୍ଢେଇ ଧରିଲି ଏବଂ ତା' ଦେହରେ ଲେଟିଗଲି, ତା' ଦେହରେ ମିଶିଯିବାକୁ ଗୃହିଁଲି । ମୋର ମନେହେଲା ତାର ନବଡ଼ ଶ୍ୟାମତନୁ ପୁଲକିତ ହୋଇଉଠିଛି, ସହସ୍ର ସ୍ୱେଦକଣା ଝଲକିଉଠୁଛି, ଅଗଣିତ ସବୁଜ ରୋମାଞ୍ଚ ବାହୁ ମୋତେ ଡାକୁଛି······ମାଆ ପରି······କହୁଛି ଆ, ଆ, ମିଶିଯାଆ, ଅସନା ସେକ୍ସ୍‌କୁ ଫିଙ୍ଗିଦେଇ ଅନାବଶ୍ୟକ ବ୍ୟକ୍ତିତ୍ୱକୁ ଗୁଡ଼େଇଦେଇ ମୋର ଜଠର ଭିତରକୁ ଗୁଲିଆ' । ବାପରେ, ମାରିବାଠାରୁ ମରିବାରେ କେତେ ଆରାମ, କେତେ ଶାନ୍ତି !

ମୁଁ ନିଷ୍ପଲା ରାତିର କୋଳରେ ଶୋଇରହିଲି । ସେ ମୋତେ ଘୁଞ୍ଚିବାକୁ ଉଠିବାକୁ ଦେଲା ନାହିଁ ।

···ଏଇ ହେଲା ମୋର କଳଙ୍କ କାହାଣୀ—ଆଉ କଣ କହିବ ?

କଲିକତାକୁ ଫେରିଆସିଲା ପରେ ମୁଁ ତା'ଠାରୁ ଦୂରେଇ ରହିଛି; କିନ୍ତୁ ତା'ପରେ ଏଇ ଚିଠି । ଚିଠିର ଅସଲ କୁଇଧାଡ଼ି ହେଉଛି—

ସେଇଦିନ ରାତିରେ ମୁଁ ବୁଝିନେଇଛି, ତୁମେ ମୋଠାରୁ କେତେ ବଡ଼, କେତେ ମହାନ୍ । ତୁମେ ମୋର ପ୍ରେମିକ ନୁହେଁ, ତୁମେ ମୋର ପୁରୁଷ ।

ମାଷ୍ଟ୍ରାଣୀ କେତେ ଛଳରେ କହୁଛି ଯେ ମୁଁ ହେଉଛି ଅଣପୁରୁଷ, ବେକାର ! ମୁଁ ତା'ର ଠିକଣା ଉତ୍ତର ଦେବି । ଉତ୍ତର ଦେବି କଅଣ, ମୁଁ ତାର ଚିଠିକୁ ଚିକିଟିକି କରି ଛିଣ୍ଡେଇ ଚୁଲି ନିଆଁରେ ଭସ୍ମ କରିଦେବି । ବଞ୍ଚିଥିବାଯାଏଁ ମୁଁ ତା' ପାହାଡ଼ ଦେହର ପାଖ ମାଡ଼ିବାକୁ ଗୃହେଁନାହିଁ ।

□□□

Digitized by srujanika@gmail.com

ମିଶ୍ରବାବୁ

ଶ୍ରାବଣ ଆକାଶରେ ରଙ୍ଗ ଆଲୁଅ ଲେପି ହୋଇ ଯାଇଥିଲା । ରାତି ବିଛଣାରୁ ଉଠିବା ପରେ ଦୁହିଁଙ୍କୁ ଦୁହେଁ ଅଳସେଇ ହେଉଥିଲେ । ଏକ ଆନନ୍ଦକୁ ଚାହିଁ ବିଗତ ରାତିର ବିଚିତ୍ର-ମଧୁର ଅନୁଭୂତିକୁ ମନେପକାଇ ଲାଜରା ହେଉଥିଲେ । ସୁନୀଲ ପଟ୍ଟନାଏକ ଆଖିମିଟିକା ମାରିଲେ । ଚନ୍ଦ୍ରା ପଟ୍ଟନାଏକ ହାତପୋଛା ତଉଲିଆରେ ସ୍ୱାମୀଙ୍କୁ ପିଟିବାକୁ ଆରମ୍ଭ କଲେ ।

କ୍ରିଙ୍ଗ୍, କ୍ରିଙ୍ଗ୍, କ୍ରିଙ୍ଗ୍...

ଛୁଟିଦିନରେ ବଡ଼ସକାଳୁ କାହାର ମୁଣ୍ଡବଥାଉଛି ? ଦୁଧବାଲା କିମ୍ବା କାଗଜ-ବାଲା ହୋଇଥିଲେ ଥରୁଟିଏ ବେଲ୍ ଚିପି ଚାଲିଯାଆନ୍ତାଣି; କିନ୍ତୁ ଏଇ ଜଣକ ବେଲ୍ ବଜେଇବା ଚାଲିଛି—ସତେ କି ତା' ଘରେ ନିଆଁ ଲାଗି ଅଧେ ପୋଡ଼ିଗଲାଣି କିମ୍ବା ହୁଏତ ଲୋକଟା ଅତି ଅଭଦ୍ର ।

ଚାଲିଛି, ଚାଲିଛି । ଦେହରେ ଜାମା ଗଳେଇ, ମୁହଁ ଧୋଇ ଦାଣ୍ଡଦୁଆରକୁ ଯିବା-ଯାଏଁ ମଣିଷକୁ ଅଥୟ କରିସାରିଲାଣି । ବିପଦ ଆପଦ ମାର୍ ଗୋଲି । ମୂର୍ଖ, ଅଭଦ୍ର !

ଚନ୍ଦ୍ରାଙ୍କ ମନରେ ପ୍ରଥମେ ଆଶଙ୍କା ଉପୁଜିଲା । ଅଘଟଣର ବାସ୍ନା ଆସୁଛି । ସରୁ ପାତଳ ମାଇପି-ଚେତନା ଚହଲିଯାଉଛି । ଇଏ ଆମ ମିଶ୍ରବାବୁ ନୁହେଁ ତ ?

ସତକୁ ସତ ସେଇ । ମିଶ୍ରବାବୁ । ହୃଷ୍ଟପୁଷ୍ଟ କୃଷ୍ଣ କଳେବର । ଖୋଲା ହସରେ ସବୁତକ ଧଳାଦାନ୍ତ ଝଟକି ଉଠୁଛି (ବିଜୟ ଉଲ୍ଲାସରେ ଗର୍ଜି ଉଠୁଛି)...ହେଃ ହେଃ କଣ ନିଦ ଭାଙ୍ଗିଗଲା ? ଘରଣୀଙ୍କ ସ୍ୱାସ୍ଥ୍ୟ କିପରି ଅଛି ? ଚା'ପାଣି ବସିଲାଣି ନା ନାହିଁ ?

ଆକାଶର ନିମନ୍ତ୍ରଣ ସରିଗଲାଣି । ମିଶ୍ରବାବୁ ଆସିଛନ୍ତି ।

ଚନ୍ଦ୍ରା ଜାଣିଶୁଣି କିଛି ସମୟପାଇଁ ଶୋଇବାଘରୁ ବାହାରିଲେ ନାହିଁ । ମନଇଚ୍ଛା ମୁହଁ ବିଚକଟେଇ ନିଜକୁ ଦର୍ପଣରେ ଦେଖିଲେ । କିନ୍ତୁ ସୁନୀଲବାବୁଙ୍କର ସେଭଳି ସ୍ୱାଧୀନତା ନ ଥିଲା । ସେ ବନ୍ଧୁଙ୍କର ଉଜ୍ଜ୍ୱଳ ଆବେଗକୁ କୌଣସି ମତେ ସମ୍ଭାଳିନେଇ ଦୁଇ ହାତ ଧରି ସୋଫାରେ ବସେଇଲେ । କହିଲେ, "ବସନ୍ତୁ, ବସନ୍ତୁ, ମୁଁ ଚା' ଆଣିଦେଉଛି— ଛୁଟିଦିନ କିନା... ।" ଓଃ ! ମୋଟା ଓଠ ଢ଼'ଟା କଅଣ କେବେହେଲେ ବୁଜି ରହି-ପାରିବ ନାହିଁ ? ଟକାତୋଳା ଚାହାଣି ସବୁବେଳେ ଏମିତି ଦେବ ଦେବ ବୋଲି ଉତ୍ତର ପଢ଼ୁଥିବ ? ସୁନୀଲବାବୁ ବନ୍ଧୁଙ୍କଠାରୁ ମହଲତ ମାଗି ମୁହଁ ଫେରାଇ ପ୍ରଥମେ କୁଆଡ଼େ ଯିବେ ବୋଲି ସ୍ଥିର କରିପାରିଲେ ନାହିଁ । ଚନ୍ଦ୍ରା କୁଆଡ଼େ ଗଲା ? (ବନ୍ଧୁଙ୍କର ପାଟି ଶୁଭୁଛି,

Digitized by srujanika@gmail.com

ମୁଁ ଆସୁଛି, ଟ୍ରି' କରିଦେବ) କେଟ୍‌ଲି ମଜା ହୋଇନାହିଁ ବୋଧହୁଏ, କିଛି କ୍ଷତି ନାହିଁ (ବନ୍ଧୁଙ୍କର ପାଟି ଆହୁରି ପାଖରୁ ଶୁଭୁଛି—ଆ-ହା, ବ୍ୟସ୍ତ ହୁଅନ୍ତୁ ନାହିଁ !) ଷ୍ଟୋଭ୍‌ର ଫିତା ଉପରକୁ ଉଠୁନାହିଁ···ଉଠିଲା···ଦିଆସିଲି, ଦିଆସିଲି—କାହିଁ ? ଚନ୍ଦା କୁଆଡ଼େ ଗଲା ? (ବନ୍ଧୁ ରୋଷେଇଘରେ ହାଜର୍, ହୋଃ ହୋଃ···ଛାଡ଼ନ୍ତୁ···ମୁଁ କରିଦେଉଛି···)

ସୁଶୀଳବାବୁ ପରାସ୍ତ ହେଲେ । ଝାଉଁଳିଗଲା ପରି କାହାକୁ ଆଉକି ଛାଡ଼ାହେଲେ; କିନ୍ତୁ ମନେ ମନେ କୁହୁଳିଲେ । ତୁମ ବନ୍ଧୁତାରେ କଣ ମାନମର୍ଯ୍ୟାଦା ବୋଲି କିଛି ନାହିଁ ? ତୁମର ବାପା, ମାଆ, ମିଶ୍ରାଣୀ କି ମାଲିକାଣୀ କେହି ତୁମକୁ ସଭ୍ୟତାର ବର୍ଣ୍ଣବୋଧ ଶିଖେଇପାରିନାହାନ୍ତି ?

ଚନ୍ଦା ଆସି ପହଞ୍ଚିଗଲେ ମଧ୍ୟ ମିଶ୍ରବାବୁଙ୍କ ତତ୍ପରତା କ୍ଷାନ୍ତ ହେଲାନାହିଁ । ସେ ତାଙ୍କର ଫୁଲ୍ଲବଦନ ସ୍ୱାମୀ-ସ୍ତ୍ରୀଙ୍କ ସମ୍ମୁଖରେ ଡୋଳା ଧରି କହିଲେ, "ଆପଣମାନେ ହଇରାଣ ହୁଅନ୍ତୁ ନାହିଁ । ନିତ୍ୟକର୍ମ ସାରନ୍ତୁ, ବିଶ୍ରାମ ନିଅନ୍ତୁ କି ଯାହା କରନ୍ତୁ··· ହଃ ହଃ···ମୁଁ ଟ୍ରି' କରିଦେଉଛି । ମୁଁ ସକାଳୁ ସକାଳୁ ସତ୍ୟନାରାୟଣ ମନ୍ଦିରକୁ ଯାଇଥିଲି, ବୁଝିଲେ ନା ? ସ୍ୱବଲି ପାଖରେ ପଟ୍ଟନାଏକ ବାବୁଙ୍କ ଘର, ଅନେକ ଦିନ ହେଲା ଦେଖା-ହୋଇନାହିଁ—ଖବର-ଅନ୍ତର ବୁଝିଆସେ । ଆପଣମାନେ ଆସନ୍ତୁ, ପରେ କଥାବାର୍ତ୍ତା ହେବା, ଟ୍ରି' ପାଣି ଫୁଟିଆସିଲାଣି···"

ଚନ୍ଦା ଦୀର୍ଘନିଶ୍ୱାସ ଛାଡ଼ି ଫେରିଗଲେ । ସୁଶୀଳବାବୁ ନଗ୍ନୋଦ୍ଧବନ୍ଦୀ ହୋଇ କନାଟିଏ ଧରି ଟ୍ରି' କପ୍ ପ୍ଲେଟ୍ ଇତ୍ୟାଦିକୁ ପୋଛିବସିଲେ । ଅନ୍ତତଃ ତିନି ଚାରି ମିନିଟ୍ ବଞ୍ଚିଯିବ—ମିଶ୍ରବାବୁଙ୍କ ରହଣିରୁ—ଆଜି ଭାଗ୍ୟରେ କେତେ ଘଣ୍ଟା ଭୋଗିବାକୁ ଅଛି କେଜାଣି—ଅନ୍ତତଃ ସେତିକି ବଞ୍ଚିଯିବ ।

ଟ୍ରି' ଭଲହୋଇଥିଲା, ସନ୍ଦେହ ନାହିଁ । ଚନ୍ଦା ଆଶ୍ଚର୍ଯ୍ୟ ହେଲେ—ଅନ୍ୟ ଜଣକ ଘରେ ସବୁ ଭାଗମାପ ଜାଣି ଏତେ ସୁନ୍ଦର ଟ୍ରି' କରିବା ସହଜ କଥା ନୁହେଁ; କିନ୍ତୁ ସେ ନୀରବ ରହିଲେ । ମିଶ୍ରବାବୁ ଘରେ ଥିଲାବେଳେ ନୀରବତା ଶ୍ରେୟସ୍କର, ନହେଲେ କେଉଁଠିକା ପାଣି କେଉଁଠିକି ଗଡ଼ିଯିବ । ପାଣି ନୁହେଁ, ଅବାରିତ ଉତ୍ସ । ମିଶ୍ରବାବୁଙ୍କୁ ବିଶ୍ୱାସ ନାହିଁ । ହେଲେ ସୁଶୀଳବାବୁଙ୍କର ଖିଆଲ ରହିଲା ନାହିଁ । ଅଭ୍ୟାସବଶତଃ ସେ କହିପକାଇଲେ—ଫାଷ୍ଟକ୍ଲାସ୍ ! ସେଇଠୁ ମିଶ୍ରବାବୁ ଟ୍ରି' କପ୍‌ଟିକୁ ହାତରୁ ଓହ୍ଲେଇଦେଇ ପୁଣି ଥରେ ହସି ଉଠିଲେ ଏବଂ ଉଦ୍‌ଗାରିଲେ—

"ଧନ୍ୟବାଦ ! ମୋର ଗୋଟାଏ ସ୍ପେଶାଲ କାଇଦା ଅଛି । ଯେତିକି ଟ୍ରି' ପତର ପଡ଼ିବା କଥା ସେଥିରୁ ତିନି ଭାଗରୁ ଦୁଇଭାଗ ପାତ୍ରରେ ଛାଡ଼ିଦେବ, ତା'ଉପରେ ଫୁଟନ୍ତା ପାଣି ଢାଳିବ—କ'ଣ ବୁଝିଲେ ନା ଅବଶିଷ୍ଟ ଭାଗଟିକୁ ପାଣି ଉପରେ ବିଞ୍ଚିଦେବ । ମୁଁ କାହାଠାରୁ ଶିଖିଲି ଜାଣନ୍ତି ? ମୋର ଦାଦପୁଅଭାଇ ନାରଣଭାଇନା, ଭାରି ମଜ୍ଜିଆ ଲୋକ, ଟ୍ରାନ୍‌ସପୋର୍ଟରେ କାମ କରନ୍ତି । ମୁଁ ଥରେ ତାଙ୍କ ଶଶୁରଘରକୁ ଯାଇଥିଲି ।

Digitized by srujanika@gmail.com

ଶୀତଦିନ ସକାଳୁ ସକାଳୁ ତାଙ୍କ ଶଳା ଅନାଦି, ପହିଲମାନ୍ ଟୋକା, କହିଲି କ'ଣ ନା ଆମକୁ ଗ୍ଧ' କରି ଆସେନାହିଁ । କଲିକତିଆ ଯେମିତି ଗ୍ଧ' କରନ୍ତି, ସେ କଲିକତାରେ ତିନି ବର୍ଷ ଥିଲି, ଅମେ ସାତଜନ୍ମରେ ବି ସେମିତି କରିପାରିବୁ ନାହିଁ । ସେଇଠୁ ଆମ ନାରଣ ଭାଇନା କଣ ମୋଡ଼ିଲେ···" ଇତ୍ୟାଦି ।

ଉପାଖ୍ୟାନ ସରିଲାବେଳକୁ ଗ୍ଧ' ଥଣ୍ଡା ହୋଇସାରିଥିଲା । ମିଶ୍ରବାବୁ ତାକୁ ସୁଡ଼୍ ସୁଡ଼୍ କରି ପିଇଲେ । ଦୃଶ୍ୟ ଅସହ୍ୟ । ଚନ୍ଦା ଦୃଷ୍ଟି ଫେରାଇ ଆଣିଲେ; କିନ୍ତୁ ମିଶ୍ରବାବୁ ଦ୍ୱିଗୁଣିତ ଉତ୍ସାହରେ ଆହୁରି କେତେ କ'ଣ କହିବାକୁ ବାକି ଅଛି, ଏଇଭାବରେ ସୋଫା ଉପରକୁ ଗୋଟିଏ ଗୋଡ଼ ଟେକିଲେ ।

ସୁନୀଳବାବୁ ଲକ୍ଷ୍ୟ କଲେ ଯେ ଆକାଶ ତଥାପି ନିର୍ମଳ ଅଛି ଏବଂ ସୂର୍ଯ୍ୟ ଲୁଚି ଲୁଚି ଉପରକୁ ଉଠୁଛନ୍ତି । ଦଶଟା ଭିତରେ ଲାଲ୍‌ଚାନ୍ଦ୍ ଦୋକାନରେ ନ ପହଞ୍ଚିଲେ ଶାଢ଼ି କିଣା ହୋଇପାରିବ ନାହିଁ । ନାରଙ୍ଗୀ ରଙ୍ଗର "ଅଭିମାନ" ଶାଢ଼ି ମାତ୍ର ଗୋଟିଏ ଅଛି, ଚନ୍ଦାର ଜନ୍ମଦିନ ଆଉ ଦୁଇଦିନ ପରେ···ମିଶ୍ରବାବୁ, ଦୟା କରନ୍ତୁ ! ସମସ୍ତ ଥାଉଁ ଥାଉଁ ଆମକୁ ମୁକ୍ତି ଦିଅନ୍ତୁ !

କିନ୍ତୁ ମିଶ୍ରବାବୁ ତାଙ୍କ ଦାଦିପୁଅ ଭାଇଙ୍କ ଶଳା ପହିଲ୍‌ମାନ୍ ଟୋକା ଅନାଦିର ଖାଇବାପିଇବା ଗୁଣ ବିଷୟରେ ଦ୍ୱିତୀୟ ଉପାଖ୍ୟାନ ସାରି, ଘରଣୀଙ୍କ ଅନୁରୋଧ ରକ୍ଷା-କରି ଘରତିଆରି ଲୁଣଗଜାରୁ ଅଧେ ଖାଇଲା ପରେ (ଚନ୍ଦାକୁ ଏତେ ଅତିଥି ସତ୍କାର ଦେଖାଇବାକୁ କିଏ କହିଥିଲା ?) ଦାଦିପୁଅ ଭାଇ ନାରଣଭାଇନାଙ୍କ ମଉଳାଆପଣ ଉପରେ ତୃତୀୟ ଉପାଖ୍ୟାନ ଆରମ୍ଭ କଲେଣି । ଆଉ ରକ୍ଷା ନାହିଁ । ତେବେ କଥା ମଝିରେ ମିଶ୍ରବାବୁ ହାତଘଣ୍ଟା ଦେଖିଲେ । ଅସ୍ୱାଭାବିକ । ଆଶାଦୀପ ପୁଣି ତେଜିଉଠିଲା । ସେଇଠୁ ମିଶ୍ରବାବୁ କହିଲେ—

"ମନ୍ଦିରରୁ ଫେରିଲାବେଳେ ଆମ ଅଫିସ୍‌ର ନାରାୟଣ ସ୍ୱାମୀ ସାଙ୍ଗରେ ଦେଖା-ହେଲା । ବିଚାରାର ପୁଅ ବେମାର, ଦେହସାକ କ'ଣ ସବୁ ଘା' ହୋଇଛି, ଯେତେ ସାହା ଡାକ୍ତରୀ ଔଷଧ ଖାଇଲେ ମଧ୍ୟ ଭଲ ହେଉନାହିଁ । ମୁଁ ତାକୁ ଭରସା ଦେଇଛି ଯେ ମୁଁ ଜଣେ ନାମଜାଦା ହୋମିଓପ୍ୟାଥି ଡାକ୍ତରଙ୍କୁ ଜାଣେ, ସାନେ ଔଷଧରେ ଭଲ ହୋଇଯିବ । ନଅଟା ବେଳକୁ ତାକୁ ସାଙ୍ଗରେ ନେଇ ଡାକ୍ତରଙ୍କ ପାଖରେ ପହଞ୍ଚିବାକୁ ହେବ—ବୁଝିଲେ ନା—ସେଇଥିଲାଗି ଟିକିଏ ତରତର ହେଉଛି ।"

ସୁନୀଳବାବୁଙ୍କ ପିଣ୍ଡରେ ପ୍ରାଣ ପଶିଲା—ହେଲେ ମିଶ୍ରବାବୁଙ୍କ କଥା ସରିନଥିଲା । ସେ କିଅଣ ଭାବିଲା ପରି ହୋଇ କହିଲେ, "ଶୁଣନ୍ତୁ, ମୋର ଗୋଟିଏ ବିଚାର ମନକୁ ଆସିଲା । ଡାକ୍ତରଙ୍କ ଘର ପାଖରେ ମନ୍ଦିରପୁର, ସେଠି ଆଜି ରବିବାର ହାଟ, ତାଜା ପନିପରିବା ପ୍ରଚୁର ମିଳିବ । ଭାବୁଛି ସେଠୁ କିଛି ପରିବାପତ୍ର ଆଣି ଆପଣଙ୍କ ଘରେ ଦେଇଯିବି ଦଶଟା ଏଗାରଟା ବେଳକୁ ।"

Digitized by srujanika@gmail.com

ସ୍ୱାମୀ ସ୍ତ୍ରୀଙ୍କ ମୁହଁରୁ ଏକାଠି ବାହାରିଲା, "ନା—ନା—"

"ଆଜ୍ଞା, କଅଣ ଭାବୁଛନ୍ତି ମୋତେ କଷ୍ଟ ହେବ ବୋଲି ? ଆମେ କଣ ସହରଆ ଜୀବ ହୋଇନୁ ? ହୋଃ...ହୋଃ...ବ୍ୟସ୍ତ ହୁଅନ୍ତୁ ନାହିଁ । ମୁଁ ଠିକ୍ ସମୟରେ ଆସି ପହଞ୍ଚିଯିବି ।"

ବହୁ କଷ୍ଟରେ ସୁନୀଲବାବୁ ବୁଝେଇଲେ ଯେ ଚନ୍ଦାକୁ ସାଙ୍ଗରେ ନେଇ ଜଣକ ଘରକୁ ଯିବାର ଅଛି । ଦଶଟା ଭିତରେ ନ ଗଲେ ଚଳିବ ନାହିଁ । ତେଣୁ ପ୍ରସ୍ତାବଟି ଉତ୍ତମ ହେଲେ ମଧ୍ୟ ଆଉ ଦିନକୁ ଥାଉ ।

ବୁଝିସାରି ମିଶ୍ରବାବୁ ଉଠିଲେ । ବିରାଟ ହସ ଛାଡ଼ିଦେଇ ପ୍ରସ୍ଥାନ କଲେ । କହିଲେ —ସମ୍ଭବ ହେଲେ ଦଶଟା ପୂର୍ବରୁ ପରିବାପତ୍ର ଆଣି ପହଞ୍ଚିବେ ।

ଘରୁ ବାହାରିଲାବେଳକୁ ମୂଷଳଧାର ଆରମ୍ଭ ହୋଇଗଲା । ଚତୁର୍ମାସ୍ୟା ବର୍ଷାକୁ କାହାର ସାଧ୍ୟ ଅଛି ? କିନ୍ତୁ ଆନନ୍ଦପିଆସୀ ନବଦମ୍ପତିଙ୍କର ମନହେଲା ଯେ ମିଶ୍ରବାବୁ ନଅସିଥିଲେ ଅକସ୍ମାତ୍ ବର୍ଷା ବାଧା ସାଧି ନ ଥାଆନ୍ତା । ସକାଳ ସୂର୍ଯ୍ୟ ଯଥାକ୍ରମେ ଗାଦି ମାଡ଼ିବସିଥାଆନ୍ତା ।

ତଥାପି ସେମାନେ ବର୍ଷା କମିଗଲାରୁ ସାହସ ବାନ୍ଧି ବାହାରି ପଡ଼ିଲେ । କୌଣସି ମତେ ଟ୍ୟାକ୍‌ସିଟିଏ ଯୋଗାଡ଼ କରି ଚୌକ୍‌ରେ ପହଞ୍ଚିଲେ । ଲାଲଚାନ୍ଦ ଦୋକାନରୁ ଶାଢ଼ି କିଣିଲେ, ଶାଢ଼ି କିଣିଲା ପରେ ନୁରଜାହାନ୍ ରେସ୍ତୋରାଁରେ କଫି ଓ ଚପ୍ ପକୋଡ଼ା ଖାଇଲେ । ସେଇଠୁଁ ଦି'ପହରିଆ ସିନେମା ଦେଖିଲେ...ଛବିଟି ମିଳନାତ୍ମକ, ହିରୋଇନ୍‌ର ଲୁହ ଶୁଖିବା ପାଇଁ ବିଶେଷ ସମୟ ଲାଗିନଥିଲା । ଅବସରବାସର ସୁରୁଖୁରୁରେ ସମ୍ପନ୍ନ ହେଲା ବୋଲି କହିବାକୁ ହେବ; କିନ୍ତୁ ଘରକୁ ଫେରିବା ବାଟରେ ସୁନୀଲବାବୁ କାହିଁକି ମନଫୁଲିଣିଆ ସିଟି ବଜାଉ ନାହାନ୍ତି ? ଚନ୍ଦା କାହିଁକି ପୂର୍ଣ୍ଣ-କାମ କଳସୀ ପରି ଗଦ୍‌ଗଦ ଗଡ଼ର ଗଡ଼ର ହେଉନାହାନ୍ତି ?

ସୁନୀଲବାବୁ ଭାବିଲେ ଯେ ନୂତନତମ ଡ଼ିଜାଇନ୍‌ର ଶାଢ଼ିଟି ସୁନ୍ଦର ହୋଇଥିଲେ ମଧ୍ୟ ସେଥିରେ କେତେଗୁଡ଼ିଏ ଅନାବଶ୍ୟକ ପୁରୁଣାକାଳିଆ ଆମ୍ବ ରହିଗଲା । ଚପ୍ ପକୋଡ଼ା ଯଥେଷ୍ଟ ଗରମ ନ ଥିଲା । ସିନେମା ଛବିର ହିରୋ ଚନ୍ଦାର ଜଣେ ଦୁଷ୍ଟ ପ୍ରକୃତି ମଉସାଙ୍କ ପରି ଦେଖାଯାଉଥିଲେ । ଏହି ସବୁ ଗ୍ରେଟ ଗ୍ରେଟ କାରଣରୁ ଚନ୍ଦାର ସହାସ ଫୁଟିଉଠିପାରିଲା ନାହିଁ । ସେଥିପାଇଁ ସେ ଏମିତି ଗମ୍ଭୀର ହୋଇ ବାଟ ଚାଲିଛି । ମାଇପି ମନ, ମୁଁ କଣ କରିପାରିବି ?

ସୁନୀଲବାବୁଙ୍କର ମାଇପି ମନକୁ ଚହ୍ନିବାରେ ଭୁଲହୋଇଥିଲା । ବିଚାରି ଲୁହେ, ସେ ମାତ୍ର ଦୁଇବର୍ଷ ହେଲା ବାହା ହୋଇଛନ୍ତି । ତାଙ୍କର ଧାରଣା ନ ଥିଲା ଯେ ଘଟଣା ଗୁରୁତର । ସେ ଭୁଲିଯାଇଥିଲେ ଯେ ରେସ୍ତୋରାଁକୁ ଯିବାବେଳେ ମିଷ୍ଟର ମିତ୍ରଙ୍କ କୁମାରୀ ଭଉଣୀ ସୁହାସିନୀ ମଞ୍ଜୁଳା ସାଙ୍ଗରେ ଦେଖାହୋଇଥିଲା । ଚନ୍ଦା କଣ କହୁଥିଲେ, ଅଧା କଥାରୁ ସେ ଆଗେଇ ଯାଇ ମଞ୍ଜୁଳାଙ୍କ କରମର୍ଦ୍ଦନ କରିଥିଲେ । ପୁଣି ମଞ୍ଜୁଳାଙ୍କ

Digitized by srujanika@gmail.com

ସଙ୍ଗ ଛାଡ଼ିଲା ପରେ, ସେ ନୁରଜାହାନ୍ ରେସ୍ତୋରାଁର ବାଟ ଭୁଲିଯାଇ ଅନ୍ୟ ଗୋଟିଏ ରାସ୍ତାରେ ପଶିଯାଇ ଉଚ୍ଛ୍ୱସିତ କଣ୍ଠରେ ସ୍ତ୍ରୀଙ୍କୁ କହୁଥିଲେ—"ଜାଣିଛ ? ମଞ୍ଜୁଳା ମିଶ୍ର ଯେ କେବଳ ଇଂରେଜୀ ଅନର୍ସରେ ଫାଷ୍ଟକ୍ଲାସ୍ ପାଇଛି ତା' ନୁହେଁ, ସେ କବିତା ଲେଖେ, ତା' କବିତା କୁଆଡ଼େ ଗଲା ସପ୍ତାହ ଇଲଷ୍ଟ୍ରେଟେଡ୍ ଉଇକ୍‌ଲିରେ ବାହାରିଥିଲା···ମୁଁ ତାକୁ ସେଇଆ ପଚାରୁଥିଲି । ଉଇକ୍‌ଲି କଣ ଘରେ ଅଛି ନା କ୍ଳବକୁ ଫେରେଇଦେଲଣି ?" ଚନ୍ଦ୍ରା ଉତ୍ତର ଦେଇ ନ ଥିଲେ । ତଥାପି ସୁନୀଲବାବୁଙ୍କ ମୁଣ୍ଡରେ କିଛି ପଶିନଥିଲା ।

ଚନ୍ଦ୍ରାଙ୍କର ଗମ୍ଭୀରପଣ କ୍ରମଶଃ କୋହଲ ହୋଯାଇଥାନ୍ତା କି ନାହିଁ କେଜାଣି, ସୁନୀଲବାବୁ ଘରକୁ ଫେରିବା ପୂର୍ବରୁ ଆହୁରି ଗୋଟିଏ କୁକର୍ମ କଲେ । କହିଲେ—"ବୁଧବାର ସନ୍ଧ୍ୟାରେ ଆମ ପ୍ରୋଗ୍ରାମ୍ (ଚନ୍ଦ୍ରାଙ୍କ ଜନ୍ମଦିନ ଉପଲକ୍ଷରେ ପ୍ରୋଗ୍ରାମ୍) ସରିଲା ପରେ ମିଶ୍ରଙ୍କ ଘର ବାଟ ଦେଇ ଆସିବା, କଣ କହୁଛ ? ମଞ୍ଜୁଳା କହୁଥିଲା ସେ ତା' ପରଦିନ କଲିକତା ଫେରିଯିବ···କହୁଥିଲା ସେ ଆହୁରି କେତେ କବିତା ଲେଖିଛି, ଆମକୁ ଦେଖାଇବ ।"

ଘରେ ପହଞ୍ଚିଲାକ୍ଷଣି ପଡ଼ୋଶୀ ଘର ଚାକର କହିଲା—"ଆଜ୍ଞା, ଜଣେ କିଏ ମିଶ୍ରବାବୁ ଆସିଥିଲେ, ଫେରିଗଲେ । ଗୋଟିଏ ପରିବା ଟୋକେଇ ଛାଡ଼ିଦେଇ ଯାଇଛନ୍ତି— ଆପଣଙ୍କ ଘରେ ଦେବାକୁ କହିଛନ୍ତି । ଆଣିଦେଉଛି ରହନ୍ତୁ ।"

ସୁନୀଲବାବୁଙ୍କ ପାଟିରୁ ବାହାରିଲା—ପେଷ୍ଟ୍ !

ମିଶ୍ରବାବୁଙ୍କୁ ପୋକଜୋକ ପଦବୀରେ ଭୂଷିତ କରିବା ଅଶୋଭନୀୟ । ମଞ୍ଜୁଳା ମିଶ୍ରଙ୍କ ସାଙ୍ଗରେ ମାତ୍ର ଦୁଇତିନ ମାସ ହେଲି ଚିହ୍ନା ହୋଇଛି; କିନ୍ତୁ ମିଶ୍ରବାବୁଙ୍କ ସାଙ୍ଗରେ ଏଇ ସହରକୁ ବଦଳି ହୋଇ ଆସିଲା ଦିନୁ ବନ୍ଧୁତା ହୋଇଛି ବୋଲି କହିଲେ ଚଳେ । ବାହାଦୂର ଶାହା ବଜାରର ମାଛ ଦୋକାନରେ ପ୍ରଥମେ ଦେଖାହୁଏ । ଜାତୀୟ-ଭାଷା ମାଧ୍ୟମରେ ମାଛ ଚିହ୍ନିବାରେ ଅସୁବିଧା ହେଉଥାଏ, ଏହି ସମୟରେ ପାଖରେ ଛିଡ଼ା ହୋଇଥିବା ଜଣେ ମୋଟା ଭଦ୍ରଲୋକ ଦପଣୀ କମ୍ପାଇ ହସିଉଠିଲେ ଏବଂ ନିର୍ଭେଜାଲ ମାତୃଭାଷାରେ କହିଲେ—"ରୁହନ୍ତୁ, ମୁଁ ବତେଇ ଦେଉଛି । ଇଏ ହେଉଛି ଆମର କଲାବାଇଁଶି ମାଛ, ଇଏ ହେଉଛି ମିରିକାଲି—ବୁଝିଲେ ନା—ମୋ ନାଁ ମାଧବାନନ୍ଦ ମିଶ୍ର, ମୁଁ ଷ୍ଟେଟ୍ ଲାଇବ୍ରେରିରେ କାମ କରେ, ବସା ରାମନଗର, କ୍ୱାଟର ନମ୍ବର ଡ଼ି-ଟୁ-ଥ୍ରୀ-ଟୁ, ମନେରଖିବା ସହଜ (ହିଃ ହିଃ)···ଆପଣଙ୍କ ନାଁ ?"···ସେଇ ଦିନଠାରୁ ବନ୍ଧୁତା ମୂଳଦୁଆ ମାଡ଼ି ଗଢ଼ିଉଠିଲା । ତାକୁ ଚହଲେଇବା ଅସମ୍ଭବ । ସେହିଦିନଠାରୁ ସେ ପଟ୍ଟନାଏକ ପରିବାରକୁ କେତେ ଭଲ କେତେ ସାହାଯ୍ୟ କରିଛନ୍ତି । ଫୁଲଝାଡୁଠାରୁ ଆରମ୍ଭ କରି ଚନ୍ଦ୍ରା ପଟ୍ଟନାଏକଙ୍କର କାନଫୁଲ ମରାମତି ପର୍ଯ୍ୟନ୍ତ ଯାବତୀୟ ଘରକରଣାର ଚାହିଦା ପୂରଣ କରିଛନ୍ତି । ଦଶ ପନ୍ଦର ଦିନରେ ଥରେ ଅଧେ ଦେଖାକରି କିଛି ନା କିଛି ଉପକାର ବାଢ଼ିଦେଇଛନ୍ତି । ମଞ୍ଜୁଳା ମିଶ୍ର କଣ କରିଛନ୍ତି ? ନୂଆ ଫେସନଆ ପୁରୁଷମନ ଲୋଭା ହସର ନମୁନା ଦେଖାଇଛନ୍ତି । ଆଉ ଇଂରେଜୀ କବିତା ଲେଖି—ସେଥିରେ କଣ

Digitized by srujanika@gmail.com

ଅଛି ଭଗବାନ ଜାଣନ୍ତି—ପାଠୁଆ ପୁରୁଷଙ୍କୁ ପାଲରେ ପକାଇବାକୁ ଚାହିଁଛନ୍ତି । ଚନ୍ଦା ପଟ୍ଟନାଏକ ଏହି ମର୍ମରେ ତାଙ୍କ ସ୍ୱାମୀଙ୍କୁ ଦି'ପଦ ଶୁଣେଇ ଦେଇ ପାରିଥାଆନ୍ତେ; କିନ୍ତୁ ସେ ସ୍ୱାମୀଙ୍କ ଭାଷା କିମ୍ବା ପଢ଼ିବା ଟେବୁଲରେ ପଡ଼ିବା କେଉଁଥିରେ ଧ୍ୟାନ ନ ଦେଇ ଗୋଟିଏ ଆସ୍‌ପିରିନ ପାଟିରେ ପକାଇଲେ ଓ ବିଛଣାରେ ଲୋଟିଗଲେ । ସୁନୀଲବାବୁ ଜାଣିଲେ ଯେ ଆଜି ଦିନଟା ମାଟିହୋଇଗଲା ।

...ଚନ୍ଦାଙ୍କ ଜନ୍ମଦିନ, ଚନ୍ଦା ବୁଦ୍ଧିମତୀ, ଆପଣା ଦିନର ଉତ୍ସବରେ କାଳି ଲଗେଇବାକୁ ତାଙ୍କର ଇଚ୍ଛାହେଲାନାହିଁ । ତେଣୁ ସେ ଜନ୍ମଦିନ ପାର୍ଟିରେ (ପାର୍ଟିରେ ମିଶ୍ରବାବୁ ସାମିଲ ନ ଥିଲେ) "ଅଣ୍ଡମାନ" ଶାଢ଼ି ପିନ୍ଧି ହସ ହସ ହୋଇ ଅତିଥିମାନଙ୍କ ଖବର ବୁଝିଥିଲେ । ଶାଢ଼ିଟି ମୋର ଏଇ କିଣେଇଦେଇଛନ୍ତି ବୋଲି ଅବଶ୍ୟ ଫୁଲେଇ ହୋଇ କହି ନ ଥିଲେ । କହିବା ଦରକାର କଅଣ ? ଗାନବାଜଣାରେ ନିଜେ ଗୀତ ଗାଇଲେ ନାହିଁ ସିନା, ଭଲକିଭଲି ଫରମାସି ଦେଲେ । ପାର୍ଟି ସରିଲା ପରେ ମିଷ୍ଟର ମିଶ୍ରଙ୍କ ଘରକୁ ଯିବାରେ ଆପତ୍ତି କିଛି ନ ଥିଲେ । ସେଠି ମଞ୍ଜୁଳା ମିଶ୍ର ମିଳିଲେ ନାହିଁ; କିନ୍ତୁ ଇଲଷ୍ଟ୍ରେଟେଡ୍ ଉଇକ୍‌ଲି ମିଳିଲା, ଯେଉଁଥିରେ ତାଙ୍କ କବିତା ବାହାରିଥିଲା । ଶାଗୁଆ ଆକାଶ । ଘରେ ଆସି ସ୍ୱାମୀ ତାକୁ ଦୁଇ ତିନିଥର ପଢ଼ି କିଛି ବୁଝିନପାରିବାରୁ ଚତୁରପଣ ଦେଖାଇ ସ୍ୱାମୀଙ୍କୁ ଛୁଗୁଲେଇ ନ ଥିଲେ—ସୁନୀଲ ଆକାଶ ବୋଲି ଲେଖିଥିଲେ ବୋଧହୁଏ ଭଲ ବୁଝିପାରିଥାନ୍ତି, ନୁହେଁ ? ନାଁ, ଚନ୍ଦା ପଟ୍ଟନାଏକ ଯଥେଷ୍ଟ ଭଦ୍ର ଓ ସଂସ୍କୃତ ହୋଇ ଜନ୍ମଦିନର ସମ୍ମାନ ରକ୍ଷାକରିଥିଲେ ।

କିନ୍ତୁ ତା' ପରଦିନ ସଞ୍ଜରେ ମେଘ ଫାଟିପଡ଼ିଲା । କଠିଦିନଆ ଅଫିସଫେରନ୍ତା କ୍ଳାନ୍ତ ସୁନୀଲବାବୁ ସ୍ତ୍ରୀଙ୍କ ମୁହଁର ଚେହେରାକୁ ସହିପାରିଲେ ନାହିଁ । ବିବ୍ରତ ହେଲା ପରି କହିଲେ, "ଚନ୍ଦା, କିଣ ହୋଇଛି ତୁମର ? ଅଫିସରୁ ଫେରି ତୁମ ମୁହଁରେ ଟିକିଏ ହସ ଦେଖିବା କିଣ ମୋ ଭାଗ୍ୟରେ ନାହିଁ ?"

ଚନ୍ଦା ଉତ୍ତର ଫିଙ୍ଗିଲେ, "ନାହିଁ । ମୁଁ ମଞ୍ଜୁଳା ମିଶ୍ର ନୁହେଁ । ମୋତେ ସେମିତି ଝଣଝଣିଆ ହସ ହସି ଆସେ ନାହିଁ ?"

"କିଣ କହୁଛ ତୁମେ ?"

"ସତ କହୁଛି—ମୋତେ ହସି ଆସେ ନାହିଁ—କବିତା ଲେଖି ଆସେ ନାହିଁ ।"

"ହ୍ୱାଟ୍ ଡୁ ୟୁ ମିନ୍ ?"

"ତୁମେ ଭଲକରି ଜାଣିଛ ମୁଁ କିଣ କହୁଛି । ତୁମର ମଞ୍ଜୁଳା ମିଶ୍ରଙ୍କ ପରି ଗୋଟିଏ ଝିଅକୁ ବାହା ହେବା ଉଚିତ୍ ଥିଲା ।"

"ଚନ୍ଦା—ଚନ୍ଦା ତୁମେ ମୋତେ ଭୁଲ୍ ବୁଝିଛ । ମଞ୍ଜୁଳା ମିଶ୍ର ମୋର କେହି ନୁହେଁ, କିଛି ନୁହେଁ..."

Digitized by srujanika@gmail.com

ସୁଶୀଳବାବୁ ସ୍ତ୍ରୀଙ୍କ ହାତ ଧରିବାକୁ ଉଦ୍ୟତ ହେଲେ । ଶଶା ଘୁଞ୍ଚି ଆସିଲେ । ସୁଶୀଳବାବୁ ଅଧିକ ଉଦ୍ୟମ କରିବାରୁ ଶଶା ତାଙ୍କୁ ଠେଲିଦେଲେ । ସେଉଠୁଁ ଅଭିମାନର ଲୁହ ଝର ଝର ହୋଇ ବହିଆସିଲା ।

ବିଦଗ୍ଧ ସୁଶୀଳବାବୁ ବାଧହୋଇ ଝରକାର ରେଲିଙ୍ଗକୁ ଧରି ଛିଡ଼ାହେଲେ ଓ ସନ୍ଧ୍ୟାଆ ପୃଥିବୀର ଲୀଳାଖେଳାକୁ ଦେଖିଲେ । ତାଙ୍କର ଖିଆଲ ନ ଥିଲା ଯେ ଏଭଳି ଦାରୁଣ ମୁହୂର୍ତ୍ତରେ ଝରକାବାଟେ ଅପର ପୃଥିବୀକୁ ଚାହିଁରହିବା, ହୁଏତ ସିଗାରେଟ୍ ଫୁଙ୍କିବା ଭାବୁକ—ପ୍ରେମିକର ସାଧାରଣ ଧର୍ମ ।

ସ୍ମରଣ ଥିଲେ ସେ କେବଳ ପୃଥିବୀର ଜାଗତିକତା, ନିତ୍ୟ ନିର୍ବିକାରପଣକୁ ଦେଖୁଥାଆନ୍ତେ । ମେଘ ପରେ ମେଘ, ଚଢ଼େଇ ପରେ ଚଢ଼େଇ, ମଣିଷ ପରେ ମଣିଷ । ଦିନରାତି, ଜନ୍ମମୃତ୍ୟୁର ପୃଷ୍ଠଭୂମିରେ ଆପଣା ଟ୍ରାଜେଡ଼ିକୁ ସଜେଇ ଦେଇ ପାରିଥାଆନ୍ତେ, ଧୀରେ ଧୀରେ ସାଉଁଳେଇ ଦେଇ ପାରିଥାଆନ୍ତେ । କିନ୍ତୁ ଦୁଃଖର ବିଷୟ ସେ ପୃଥିବୀକୁ ତଳମୁହାଁ ହୋଇ ଟିକିନିଖି କରି ଦେଖିଲେ । ଦେଖିଲେ କେମିତି ଗୋଟିଏ କାର୍ ଜଣେ ବାଟଚଲା ମଣିଷ ଉପରେ ମେଞ୍ଚାଏ କାଦୁଅ ଛୁଟିଦେଇଗଲା, ଦେଖିଲେ କେମିତି ଗୋଟିଏ ଚଢ଼େଇ ଆଉ ଗୋଟିଏ ଚଢ଼େଇକୁ କ୍ରୋଧମିଶା ସେକ୍ସ କିମ୍ବା ସେକ୍ସମିଶା କ୍ରୋଧରେ ଖୁମ୍ପିଲା···ଏବଂ ଦେଖିଲେ ଯେ ଜଣେ ମୋଟା ଭଦ୍ରଲୋକ ତା'ର ମୋଟାପଣକୁ ପରୁଆ ନ କରି ଚହଲି ଦୋହଲି କଅଣ ଗୋଟାଏ ଜରୁରୀ କାମ ସାରିଦେବ ବୋଲି ଚାଲିଛି । ମନେହେଲା ଯେ ପୃଥିବୀ ସୁଗୋଲ ସମାହିତ ନୁହେଁ— ଆପଣାପଣରେ ଖଣ୍ଡି ଖଣ୍ଡି ହୋଇ ବ୍ୟକ୍ତ । ବିକୃତ । ଶଶା ମୋତେ ବୁଝିବ ନାହିଁ କି ମୁଁ ତାକୁ ବୁଝେଇ ପାରିବି ନାହିଁ ।

ତାଙ୍କର ଭାବିବାକୁ ଇଚ୍ଛା ହେଲା ଯେ ସେଇ ଯେଉଁ ମୋଟା ଭଦ୍ରଲୋକ ଜଣକ, ସେ ଯଦି ମିଶ୍ରବାବୁ ହୋଇଥାଆନ୍ତେ, ତାହାହେଲେ ମୁଁ ଆଜି ତାଙ୍କ ଗର୍ଦ୍ଦନକୁ ଦୁଇ ହାତରେ ଧରି ମୁହାଁମୁହିଁ ପଚାରନ୍ତି-- କୁହ, ସତ କୁହ, ତୁମେ କଣ ଏତେ ନିର୍ବୋଧ ଯେ ତୁମର ଆପଣାପଣ ବୋଲି କିଛି ନାହିଁ ? ତୁମେ କେଉଁ ଯନ୍ତ୍ରୀର ଯନ୍ତ୍ର ଯେ ପରୋପକାର କରିବା ଛଡ଼ା ତୁମର ଅନ୍ୟ ଗତି ନାହିଁ ? ତୁମେ କେଉଁ ମନଖୁସିରେ ଏମିତି ହୋ ହୋ ହୁଅ ? କୁହ, କୁହ, ନ ହେଲେ ମୁଁ ତୁମର ଗଳା ଚିପିଦେବି ।

ସ୍ୱାମୀ ସ୍ତ୍ରୀ ସେଦିନ ପରସ୍ପରକୁ ପାଖରେ ପାଇବାକୁ ଚେଷ୍ଟା କଲେନାହିଁ । ମୋର କିଛି ଦୋଷ ନାହିଁ । ସେ ଯଦି ପ୍ରକୃତରେ ମୋତେ ଭଲପାଆନ୍ତି (ଭଲପାଏ) ତାହାହେଲେ ସେଇ ପ୍ରଥମେ ମୋ ପାଖକୁ ଆସିବା ଉଚିତ ।

···ଅଭ୍ୟାସର ନକପରେ ଜଣାପଡ଼ିଲା ଯେ ସେମାନଙ୍କ ଭିତରେ ପ୍ରକୃତରେ ପ୍ରେମ ଅଛି । ଅଫିସକୁ ବାହାରିଲା ବେଳେ ସୁଶୀଳବାବୁ ପ୍ରାୟ ତାଙ୍କ ସ୍ତ୍ରୀଙ୍କ ହାତକୁ ଚିପିଦେଇ "ବାଏ" ବୋଲି କୁହନ୍ତି । କିଛି ଦିନ ପରେ ଦେଇ ହାତ ଚିପିବାରେ ଅପର ପକ୍ଷରୁ ମଧ୍ୟ ସାମାନ୍ୟ ଚାପ, ସାମାନ୍ୟ ଅଙ୍ଗୀକାରର ଲକ୍ଷଣ ଦେଖାଗଲା । ଅଫିସରେ ଲଞ୍ଚ୍ ପରେ

Digitized by srujanika@gmail.com

ସୁଶୀଲବାବୁ ସ୍ତ୍ରୀଙ୍କୁ ଫୋନ୍ କରନ୍ତି । କ୍ରମଶଃ ଅପର ପକ୍ଷରୁ ମଧ୍ୟ ପ୍ରଶ୍ନ ମିଳିଲା—ଭଲକରି ଖାଇଛ ତ ? ପଡ଼ୋଶୀ ଘରର ଘରଣୀ କେମିତି ଅଦ୍ଭୁତ ପିଆଜ ଆଦି ଗ୍ରେଟ୍ ଗ୍ରେଟ୍ ଜିନିଷ ମାଗିକରି ନିଅନ୍ତି ଏବଂ ଫେରାନ୍ତିନାହିଁ ତା'ର ନୂତନତମ ଦୃଷ୍ଟାନ୍ତଟିକୁ ଚନ୍ଦା ସ୍ୱାମୀଙ୍କୁ ନ କହି ରହିପାରିଲେନାହିଁ । ସାଙ୍ଗସାଥୀମାନଙ୍କ ସାଙ୍ଗରେ ମିଳାମିଶାର କ୍ରମରେ ମିସେସ୍ ଚନ୍ଦ୍ର ସ୍ୱାମୀଙ୍କ କଥା ଉପରେ ଭଡ଼ ଭଡ଼ ହୋଇ କଥାକହନ୍ତି ଅଥଚ ଇଂରେଜୀ ଉଚ୍ଚାରଣ କରିଆସେନାହିଁ, ଅଫିସ ମ୍ୟାନେଜର୍ ମିଷ୍ଟର ଦେଶାଇ ବଡ଼ଲୋକୀ ଦେଖାଇହୁଅନ୍ତି; କିନ୍ତୁ ଏତେ କୃପଣ ଯେ ଭଙ୍ଗା କପ୍‌ରେ ଚ୍ହ' ଖାଆନ୍ତି ଇତ୍ୟାଦି ବିଷୟରେ ମନ୍ତବ୍ୟ ଏବଂ କେତେବେଳେ କେମିତି ସ୍ମିତହାସର ଆଦାନପ୍ରଦାନ ହେଲା । ତରୁଣ ସ୍ୱାମୀ-ସ୍ତ୍ରୀଙ୍କ ସଂସାର ସହଜ ସାଧାରଣ ହୋଇଆସିଲା···ମନେହେଲା ମଞ୍ଜୁଳା ମିଶ୍ର ମଧ୍ୟ ଗୋଟିଏ ସାଧାରଣ ବ୍ୟତିକ୍ରମ, ଅଭ୍ୟାସର ଅବଗୁଣ ହୋଇ ଆସିଥିଲା, ଚାଲିଗଲା ।

କିନ୍ତୁ ମିଶ୍ରବାବୁଙ୍କର ଦେଖାନାହିଁ ।

ମିଶ୍ର ବାବୁ ନଆସିବାରୁ କଅଣ ମିଳନର ଛନ୍ଦ ଅଧାବାଟରେ ରହିଗଲା ? ସେଇଥି-ପାଇଁ କଅଣ ଆଜିଯାଏଁ—କଲି କରିବାର ମାସକ ଉପରେ ହେଲାଣି—ସ୍ୱାଭ ଶେଯରେ ମଧୁ ମିଳନ ରଚିତ ହୋଇପାରୁନାହିଁ ? ସ୍ୱାମୀ ସ୍ତ୍ରୀ କେବେହେଲେ ଏଭଳି ଗୋଟିଏ ହାସ୍ୟାସ୍ପଦ ଥିଓରି ମାନିନେଇ ପାରନ୍ତେନାହିଁ । ମିଶ୍ରବାବୁଙ୍କ ସାମାଜିକ ସ୍ତର ନିଉନ ବୋଲି କହି ନ କହି, ଆମଠାରୁ ଭିନ୍ନ । ସେ ସୁସ୍ଥିରୁ ଜୀବନର ଉପାଦାନ—ଯଥା ପର୍‌ସିଆନ୍ କାର୍ପେଟ୍, ବାଟିକ୍ କମ୍ବା ପିକାସୋର ଧାର ଧାରନ୍ତି ନାହିଁ । ନିଷ୍ଠୁର ସତ୍ୟ ଯେ ସେ ଆମକୁ ବୋର୍ କରନ୍ତି । ସେ ଆମ ଘରକୁ ନଆସିଲେ ଆମର ବଞ୍ଚିଯାଉଛି !

ତଥାପି ଦୁହେଁ ତାଙ୍କର ଅଭାବ ଅନୁଭବ କଲେ । ଭଲ ହେଉ ମନ୍ଦ ହେଉ ଏଇ ସହରକୁ ଆସିଲା ପରେ ସେ ଯୁଗ୍ମଜୀବନର ଗୋଟିଏ ଅଂଶ ହୋଇ ରହିଥିଲେ । ସାଧାରଣ ଅବସ୍ଥାରେ ହୁଏତ ତାଙ୍କର ଅଦର୍ଶନ ଏତେ ମାଡ଼ିପଡ଼ନ୍ତାନାହିଁ, କିନ୍ତୁ ବର୍ତ୍ତମାନ, ମାନେ ଯୁଦ୍ଧ ସରି ଶାନ୍ତି ଫେରିବା ଅବସ୍ଥାରେ ସେ ମୁହଁ ଲୁଚ୍ଚାଉଛନ୍ତି, ଯତେକ ସେ ଶାନ୍ତିପର୍ବରେ ବିଶ୍ୱାସ କରନ୍ତି ନାହିଁ, ଯତେକ ମଞ୍ଜୁଳା ମିଶ୍ର ଯେଉଁ ବ୍ୟତିକ୍ରମ ଆଣିଦେଲା, ସେଥିରେ ତାଙ୍କର ହାତ ଥିଲା । ଚନ୍ଦା ଓ ସୁଶୀଲବାବୁ ହୁଏତ ସ୍ୱୀକାର କରିଥାଆନ୍ତେ ଯେ ଅଭାବ ଅନୁଭୂତିର କାରଣ ଏହିଭଳି କିଛି ହୋଇପାରେ ।

ଥରେ ଚନ୍ଦା କହିଲେ, "ଜାଣିଛ, ମୁଁ ଆଜି ଉପରବେଳା ଝରକା ପାଖରେ ବସି ସିଲେଇ କରୁଥିଲି, ଦେଖିଲି ମିଶ୍ରବାବୁ ଏଇ ବାଟ ଦେଇ କୁଆଡ଼େ ଲସରପସର ହୋଇ ଧାଇଁଛନ୍ତି । ମୋର ମନେହେଉଛି ଆହୁରି ଥରେ ଦି'ଥର ତାଙ୍କରି ଭଳି କାହାକୁ ଏଇ ବାଟେ ଯିବାର ଦେଖିଛି । ମିଶ୍ରବାବୁ ହୋଇ ନ ଥିବେ ବୋଲି କିଏ କହିବ ?"

ଏଇ ବାଟ ଦେଇ ଯାଆନ୍ତି ତଥାପି ଆମ ଘରକୁ ଆସନ୍ତି ନାହିଁ ! ସୁଶୀଳ ବାବୁଙ୍କୁ ଛଟପଟ ଲାଗିଲା । ନିଜକୁ କହିଲାପରି କହିଲେ—ଶୁଣୁଛ, ତାଙ୍କ ଘରକୁ ଯିବା । କହିଲେ

Digitized by srujanika@gmail.com

ସିନା, ପର ମୁହୂର୍ତ୍ତରେ ତାଙ୍କର ଧାରଣା ହେଲା ଯେ ସେଠି ମିଶ୍ରବାବୁଙ୍କ ନିଜ ରୂପ ଦେଖି ହେବ ନାହିଁ । ସେଠି ମିଶ୍ରାଣୀ ଅଛନ୍ତି, ଯାହାଙ୍କ ପାଟିରୁ କଥା ବାହାରେ ନାହିଁ, ମୁହଁରେ ହସ ନଥାଏ, ଯାହାଙ୍କୁ ଦେଖିଲେ ମନେହୁଏ ଯେ ଜୀବନ ଦୁଃଖମୟ, ହଜାରେ ମିଶ୍ରବାବୁ ଅନ୍ତରଙ୍ଗ ନିଜ ଲୋକ ହୋଇ ହୋ-ହୋ ହୋଇପଡ଼ିଲେ ଉଠିଲେ ମଧ୍ୟ କିଛି ଯାଏ ଆସେ ନାହିଁ । ଦଶବର୍ଷ ହେଲା ବାହା ହେଲେଣି, କୋଳରେ ପିଲାଟିଏ ନାହିଁ । ଚନ୍ଦା ନିରୁତ୍ତର । ପ୍ରସ୍ତାବଟି ପଡ଼ିରହିଲା ।

ଅବଶେଷରେ ମିଶ୍ରବାବୁ ଯେଉଁଦିନ ଆସି ପହଞ୍ଚିଲେ, ସଞ୍ଜ ବୁଡ଼ିଲା ପରେ ଅସମ୍ଭାଳ ଝିଙ୍ଗ୍ ଝିଙ୍ଗ୍ କରି ସେମାନଙ୍କୁ ନୀରବ ମାଗାଜିନ୍ ପଢ଼ାରୁ ଉଠେଇ ଗୋଟିପଣେ ନିଜକୁ ଦେଖାଇଲେ, ସେତେବେଳେ ସ୍ୱାମୀଙ୍କ ଉଲ୍ଲସିତ ବଦନକୁ ଦେଖିଲେ ମନେ ହୋଇଥାଆନ୍ତା ଯେ ସେମାନେ କହୁଛନ୍ତି—ଆଃ ! ଏତେଦିନକେ ଧରାପଡ଼ିଛୁ !

ପୁଣି ମନେହୋଇଥାଆନ୍ତା ଯେ ମିଶ୍ରବାବୁ ଆପଣା ଗୁଣରେ ହସିବାଠାରୁ ସ୍ୱାମୀ ସ୍ତ୍ରୀଙ୍କ ଆନନ୍ଦକୁ ନେଇ ହସୁଛନ୍ତି, ବଢ଼ନ୍ତା ଆନନ୍ଦରେ ଝଲଉଠୁଛନ୍ତି । ଦେବାଠାରୁ ପାଇବା ବଳିପଡ଼ୁଛି ।

"ଆସନ୍ତୁ, ଆସନ୍ତୁ, ଆମେ ଭାବିଲୁ କ'ଣ ହେଲା ଆପଣଙ୍କର···"

"ଚା' ଖାଇବେ ନା କଫି ?"

"ଦେହ ପା' କିଛି ଖରାପ ନ ଥିଲା ତ ?"

"ସରବତ୍ ଆଣିଦେବ ?"

"ଏ ପାଖରେ ଆସି ବସନ୍ତୁ—ସେଇ ସୋଫାଟା ଦବଯାଇଛି ।"

"ଲକ୍ଷ୍ମୀ ଅପା (ମିଶ୍ରାଣୀଙ୍କ ଡାକ ନାମ) ଭଲ ଅଛନ୍ତି ?"

"ଆମେ ଆପଣଙ୍କ ଘରକୁ ଯିବୁ ବୋଲି ଭାବିଥିଲୁ—କିନ୍ତୁ ଏମିତି ବର୍ଷା ଗୁଲିଛି ଯେ—"

···ଜୁଆର ପରେ ଜୁଆର ମାଡ଼ିଆସିଲା । ମିଶ୍ରବାବୁ ଓଲଟା ଚଢ଼ାଉ କରିପାରିଲେ ନାହିଁ । ହୋ-ହୋ ନହୋଇ କେବଳ ଦାନ୍ତ ଦେଖାଇଲେ । କହିଲେ, "କ୍ଷମାକରିବେ, ମୁଁ ଆସିପାରିଲିନାହିଁ କାହିଁକିନା ଟିକିଏ କାମ ପଡ଼ିଗଲା । କ୍ଷମା କରିବେ···"

ବିଜୟର ବାନା ଯଥେଷ୍ଟ ଉପରକୁ ଉଡ଼ୁନାହିଁ—ଉଡ଼େଇବାକୁ ହେବ । କ୍ଷମାର ଯୋଗ୍ୟ ହେବାକୁ ହେଲେ ଆମ କଥା ମାନିବାକୁ ପଡ଼ିବ କିମ୍ବା ଅନ୍ୟ କେଉଁ ପ୍ରରୋଚନାରେ ଉତ୍ତେଜିତ ହୋଇ ସୁଶୀଲବାବୁ କହିଲେ, "ମିଶ୍ରବାବୁ, ମିଶ୍ରବାବୁ, ଗୋଟାଏ ଅନୁରୋଧ ଅଛି, ଗୋଟିଏ ପେଗ୍ ହୁଇସ୍କି ଖାଇଲେ କେମିତି ହୁଅନ୍ତା ?" ଚନ୍ଦା କ୍ଷଣକ ପାଇଁ ସ୍ୱାମୀଙ୍କ ଆଡ଼କୁ ଅବାକ୍ ହୋଇ ଚାହିଁଲେ, ତା' ପରେ ବୁଝିପାରିଲାପରି ସ୍ମିତହାସ ଦେଲେ ।

ମିଶ୍ରବାବୁ ଆଗରୁ କେବେ ମଦ୍ୟପାନ କରିନଥିଲେ; କିନ୍ତୁ ସେ ମନାକଲେନାହିଁ । କେମିତି ମନାକରିବ ? ଯେଉଁମାନେ ମୋତେ ଏତେ ଭଲପାଆନ୍ତି, କେବଳ ଏଇ

Digitized by srujanika@gmail.com

ପଟ୍ଟନାୟକ ଘର ନୁହନ୍ତି—ମାହାନ୍ତି ଘର, ନାରାୟଣ ସ୍ୱାମୀ, ଗୁରୁଦେବ ସିଂ, ଦାସଗୁପ୍ତ, ଅଗରୱାଲ, ଜଗାଖଇନା, ଶହଶହ ଲୋକ, ସହରର ପ୍ରତି ରାସ୍ତା ଗଳିରେ କେହି ନା କେହି ମୋତେ ଚାହାନ୍ତି, ମୋର ଆସିବାକୁ ଅପେକ୍ଷା କରନ୍ତି । ମୁଁ ସେମାନଙ୍କ କଥା ଭାଙ୍ଗିବି କେମିତି ? ଦେଖ, ଏଇ ପଟ୍ଟନାୟକ ଦ'ପ୍ରାଣୀ ଏତେ ଦିନ ପରେ ମୋତେ ପାଇ କେମିତି ଫୁଲି ଉଠୁଛନ୍ତି !

ହୁଇସ୍କି ଆସିଲା । ଧୀରେ ଧୀରେ ଚୁମୁକ ଦେବାକୁ କୁହାଗଲେ ମଧ୍ୟ ମିଶ୍ରବାବୁ ଚରଚର ହୋଇ ପିଇବାକୁ ଲାଗିଲେ—ସତେ କି ସେ ମାତାଲ ହେବାକୁ ଚାହାନ୍ତି । ହଁ, ମନ ଭିତରୁ ତାଙ୍କୁ କିଏ କହୁଥିଲା – ମାଧବାନନ୍ଦ ମିଶ୍ର, ମାତାଲ ହେବାକୁ ଚେଷ୍ଟାକର । ଅନ୍ଧାର ଭିତରେ ମାତାଲ ହୋଇପଡ଼ିଲେ ତୋର ରଙ୍ଗଢଙ୍ଗ ବଦଳିଯିବ, ନଷ୍ଟ ଭାବିବ ତୁ ଆଉ ଜଣେ—ଯାହାକୁ ସେ ପୁରାପୁରି ନେଇପାରିବ ।

ନା—ମାତାଲ ହୋଇ ପାରୁନାହିଁ । ପଟ୍ଟନାୟକବାବୁ, ଆପଣଙ୍କ ମଦରେ କିଛି ମସଲାନାହିଁ । ଏ ଦୁଇଜଣ ମୋ ଆଡ଼କୁ ଏମିତି ଚାହିଁଛନ୍ତି କାହିଁକି ? ମିଶ୍ରବାବୁ ସଚେତନ ହୋଇ ଅଯଥାରେ ହସିଉଠିଲେ ।

ଏତିକିବେଳେ ଚନ୍ଦା ପଟ୍ଟନାୟକ ଅଭିମାନର ଭଙ୍ଗୀରେ ପଚାରି ବସିଲେ, "ମିଶ୍ରବାବୁ, ମୁଁ ଦେଖିଛି ଆପଣ ଏଇ ବାଟଦେଇ କେତେଥର ଯାଆନ୍ତି; କିନ୍ତୁ ଆମଘରକୁ ଥରେହେଲେ ଆସିଲେନାହିଁ ?" ମନେହେଲା ମାଛ ଜାଲରେ ଆସି ପଡ଼ିଲେ ମଧ୍ୟ ତାକୁ ଖୋଞ୍ଚାହେଉଛି, ପଚରା ହେଉଛି—ଧରାପଡ଼ିବାକୁ ଥିଲା ତ ଏମିତି ଖୁପୁରୁ ଖୁପୁରୁ ହେଉଥିଲୁ କାହିଁକି ?

ମିଶ୍ରବାବୁ ଆଖି ବୁଜିଲେ । କହିବାକୁ ପଡ଼ିବ । କହିଦିଏ—"କ'ଣ ହେଲା କି, ମୁଁ ମଝିରେ ମଝିରେ ସତ୍ୟନାରାୟଣ ମନ୍ଦିରକୁ ଯାଉଥିଲି, ଠିକଣା ସମୟରେ ପହଞ୍ଚି ପୂଜାପାଠ କରିବାକୁ ଥିଲା, ବୁଝିଲେ ନା,...ଆଉ କ'ଣ କହିବି ? ମୋର ପ୍ରିୟ ବନ୍ଧୁମାନଙ୍କୁ ଆଉ କ'ଣ କହିପାରିବି ?...କିନ୍ତୁ ହଠାତ୍ ମନେପଡ଼ିଲାପରି ମିଶ୍ରବାବୁ ତାଙ୍କର ପୁରାତନ ମାଟିଆ କୋଟ୍ ପକେଟରୁ ଗୋଟିଏ କାଗଜପୁଡ଼ା ବାହାର କଲେ ଓ ସୁଶୀଲବାବୁଙ୍କ ହାତକୁ ବଢ଼େଇଦେଲେ । କହିଲେ "ସତ୍ୟନାରାୟଣଙ୍କ ଧଣ୍ଡା । ଆପଣ ଦୁହିଙ୍କର ମଙ୍ଗଳ ହେବ ।"

ହୁଇସ୍କିରୁ ଆଉ ଢୋକେ ପିଇଦେଇ ମିଶ୍ରବାବୁ ସତ୍ୟନାରାୟଣଙ୍କୁ ମନେପକାଇଲେ । ପ୍ରଭୁ, ଆପଣଙ୍କ ପ୍ରସାଦର ମୂଲ୍ୟ ରହୁ । ମୁଁ ଜାଣେ ନଷ୍ଟ ମୋତେ ନେଇ ପାରିବ ନାହିଁ । ମୁଁ ତାକୁ ଦେଇପାରିବିନାହିଁ । ଫୁଲ ଫୁଟିବ ନାହିଁ, ଫଳ ଫଳିବ ନାହିଁ; କିନ୍ତୁ ଏଇ-ମାନଙ୍କର ହେଉ, ଯେଉଁମାନେ ମୋତେ ଏତେ ଭଲପାଆନ୍ତି ।

ଦ୍ୱିତୀୟବାର ହୁଇସ୍କି ଓ ଦୁଇଘଣ୍ଟା ବିତିଗଲା ପରେ ସୁଶୀଲବାବୁ ଘଡ଼ି ଦେଖିଲେ । ସ୍ତ୍ରୀଙ୍କୁ ସୂଚନା ଦେଲେ ଯେ ଅତିଥି ଉଠିବା ମତଲବରେ ନାହାନ୍ତି । ହୁଇସ୍କି ଦେଇ ବୋଧହୁଏ ଭୁଲ୍ ହୋଇଛି – କ'ଣ କରାଯିବ ?

Digitized by srujanika@gmail.com

ଯାହାହେଉ ତାଙ୍କୁ ସନ୍ଧ୍ୟାଭୋଜନ ପାଇଁ ନିମନ୍ତ୍ରଣ କରିବା ଉଚିତ ହେବ ବୋଲି କେହି ମନେକଲେ ନାହିଁ । ମିଶ୍ରବାବୁଙ୍କର ମଧ୍ୟ ସେ ଦିଗରେ ଖିଆଲ ନ ଥିଲା । ସତେ କି ସେ ବନ୍ଧୁଙ୍କର ଏଇ ଭଲପାଇବାର ପାଣିସୁଅରେ ମିଶି ଯାଇଛନ୍ତି—ଆଉ କିଛି ଲୋଡ଼ା ନାହିଁ ।

ମିଶ୍ରବାବୁଙ୍କୁ ବିଦାୟ ଦେଇ ଦାଣ୍ଡ ଦରଜା ବନ୍ଦ କରିଦେଲା ପରେ ସୁନୀଲବାବୁ ବାହୁ ପ୍ରସାରି ଚନ୍ଦାଙ୍କୁ କୁଣ୍ଢାଇ ଧରିଲେ । ଦୁହିଁଙ୍କ ଚାହାଣିରେ ଭଲପାଇବାର ସନ୍ଧି ସୁନାରଙ୍ଗ ଫେରି ଆସିଥିଲା । ବାହୁବନ୍ଧନରୁ ସାମାନ୍ୟ ମୁକୁଳି ଯାଇ ଚନ୍ଦା କହିଲେ, "ମିଶ୍ରବାବୁ ସତ୍ୟନାରାୟଣ ମନ୍ଦିରକୁ କାହିଁକି ଏତେ ଥର ଯାଇ ପୂଜାପାଠ କରୁଥିଲେ ଜାଣିଛ ? ଯାହାର ପିଲା ହେଉ ନ ଥିବ ସତ୍ୟନାରାୟଣଙ୍କୁ ଡାକିଲେ କୁଆଡ଼େ ତାଙ୍କର ପିଲା ହୁଏ—ମୋତେ ଆମ ଚାକରାଣୀ ସୁଲୋଚନା କହୁଥିଲା ।"

ସୁନୀଲବାବୁ କଥା କାଟିଦେଇ କହିଲେ, "ବାବୁ, ହଜାରେ ପୂଜାପାଠ କଲେ କ'ଣ ହେବ ? ଅସଲହେଉଛି···" ଘରେ ଆଉ କେହି ନ ଥିବା ସତ୍ତ୍ୱେ ସେ ସ୍ତ୍ରୀଙ୍କ କାନରେ ଫୁସ୍‌ଫୁସ୍ ହୋଇ କ'ଣ କହିଲେ କେଜାଣି ଦୁହେଁ ଉଚ୍ଛ୍ୱସିତ କଣ୍ଠରେ ହସିଉଠିଲେ । ତା'ପରେ ଆଲୁଅ ଲିଭେଇ ଶୋଇବା ଘରକୁ ଯିବାଯାଏଁ ଦୁହିଁଙ୍କର ତର ସହିଲା ନାହିଁ ।

□□□

Digitized by srujanika@gmail.com

ପୁରସ୍କାର

"ଆସିଲୁ ?"

ମାଛଝୋଳ ମିଶ୍ରିତ ଭାତଗୁଣ୍ଡା ପାଟିକୁ ଗଲା । ସେଇଠୁଁ ଶାଗ, ଚଟଣି । ତା'ପରେ କେବଳ ମାଛ । ଆଉ ଗୋଟିଏ ଭାତଗୁଣ୍ଡା । ସେଇଠୁଁ..."ହେ ଗଣେଶ, ତମ ପୋଟଳ ଭଜା କେଉଁଆଡ଼େ ଗଲା ?"

ବନବାସୀବାବୁ ସାଙ୍ଗେ ସାଙ୍ଗେ ଉତ୍ତରଦେବାକୁ ଚାହିଁଲେନାହିଁ—ସତେ କି ତଦ୍ଦ୍ୱାରା ତାଙ୍କୁ ଯାହା ଆଣିବାକୁ କୁହାଗଲା ଓ ଗଣେଶର ପୋଟଳ ଭଜା ମଧ୍ୟରେ କିଛି ପାର୍ଥକ୍ୟ ଜଣାପଡ଼ିବ ।

ବାପା କଣ ପ୍ରଶ୍ନଟିକୁ ମଧ୍ୟ ଭୁଲିଗଲେଣି ? ଗରମ ଗରମ ପୋଟଳ ଭଜା ଥାଳିକୁ ଆସିଲାଣି । ସିଝିନାହିଁ—ଧାଡ଼ୁ । ବଲେଇ ଦରଖିଆ ମାଛଖଣ୍ଡେ ଟାଣିନେଇ ପଳେଇଛି । ନାତି ଗାଧୋଇସାରି ଓଦାସରସର ହୋଇ ଜେଜେଙ୍କ ସାଙ୍ଗରେ ଖାଇବ ବୋଲି ହାଜର । ପିଲାଟାକୁ ଭଲକରି କେହି ପୋଛିଦେଇନାହାନ୍ତି । ବଡ଼ବୋହୂ ଲଜ୍ଜିତ ହୋଇ ପୁଅର କାନ୍ଦଣା ଗ୍ରାହ୍ୟ ନ କରି ତାକୁ ପୋଛିଦେବାକୁ ଗଲେ । ହେଲା; କିନ୍ତୁ ଭୋଜନ ପୂର୍ବର ଏଇ ସାମାନ୍ୟ କୋଳାହଳ ମଝିରେ ମୋ ଉଦ୍ଦେଶ୍ୟରେ ଛଡ଼ା-ହୋଇଥିବା ବିଶେଷ ପ୍ରଶ୍ନଟି କଣ ହଜିଗଲା ? ବନବାସୀବାବୁ ଓଠ ଚପି ନିଃଶ୍ୱାସ ଠୁଳକରି ଘର ଭିତରକୁ ଯିବାକୁ ବାହାରିଲେ । କିଏ ଚାହେଁ ପ୍ରଶ୍ନର ଉତ୍ତର ? ଏଇ ମୋର ବାପା, ପରିବାର, ସମାଜ ?"

ହେଲେ ସେ ଯାଉଁ ଯାଉଁ ଅଟକିଗଲେ । ବାପାଙ୍କୁ ମୁଁ ଜାଣେ । ସେ ଭୁଲି ନାହାନ୍ତି । ପ୍ରଶ୍ନ ଫେରିଆସିବ । ବାରିବଗିଚା, କୁକୁଡ଼ା, ଗାଈ, ନାତିର କାଶ, ଗୃହିଣୀଙ୍କର ଆଣ୍ଠୁଗଣ୍ଠି ବାତ ଇତ୍ୟାଦି ବିବିଧ ବିଷୟର ଚର୍ଚ୍ଚା ହେଲା ପରେ ପାଣି ପିଇ ଢକ୍କାର ମାରିଲା ବେଳକୁ ହୁଏତ ପଚାରିବେ—ହଁ କ'ଣ ହେଲା ? ଆସିଲୁ ସେ ଖଣ୍ଡିକ ?

ବାପା—ସେ ଖଣ୍ଡିକ ଆପଣଙ୍କ ଘରକରଣାର ଅନ୍ୟତମ ବସ୍ତୁ ନୁହେଁ ! ବସ୍ତୁ ନୁହେଁ !!

ବାପାଙ୍କୁ ଦୋଷ ଦେଇ ଲାଭ ନାହିଁ । ସେ ଏ ବୟସରେ ବଦଳି ପାରିବେ ନାହିଁ । ସର୍ବସୁଖ ସମ୍ପତ୍ତି, ଧନ, ଜନ, ଗୋପଲକ୍ଷ୍ମୀ । ପୁଅର ସାହିତ୍ୟ । ପ୍ରତିବେଶୀ ଅବସରପ୍ରାପ୍ତ ହାକିମ ଜଗ୍ଗୀବାବୁଙ୍କ ସାଙ୍ଗରେ ଗପ କଲାବେଳେ ସେ ଅବଶ୍ୟ ଗର୍ବସହକାରେ ଘୋଷଣା କରିପାରନ୍ତି—ଆମ ବବୁ କବିତା ପାଇଁ ପୁରସ୍କାର ପାଇଛି—ଜାଣିଛନ୍ତି ନା ? ପ୍ରଜାତନ୍ତ୍ରରେ ବାହାରିଥିଲା । ଜଗ୍ଗୀବାବୁ ଅଲ୍ପବହୁତ ମୁଣ୍ଡ ଟୁଙ୍ଗାରି କହିବେ—ଭଲ ଭଲ । କେଉଁ ବହି, କେଉଁ କବିତା, କଉଁଲି କବିତା ପାଇଁ ପୁରସ୍କାର

Digitized by srujanika@gmail.com

ମିଳିଛୁ ବୋଲି ଜାଣିବାକୁ ପଡ଼ିବ ନାହିଁ କି ବାପାଙ୍କୁ ଉତ୍ତର ଦେବାକୁ ପଡ଼ିବନାହିଁ । କେତେ ବର୍ଷ ତଳେ ମଧ୍ୟ ବଡ଼ବାପା ଥରେ ମୋ ଲେଖାଲେଖି ବିଷୟରେ ତାଙ୍କୁ ପଚାରୁଥିଲେ, ମୁଁ ଦୂରରେ ଥାଇ ଶୁଣିଥିଲି । କହିଲେ - କବିତା ଲେଖେ ପରା । ମୁଁ ସେଥିରୁ କିଛି ବୁଝେ ନାହିଁ । ଯାହାହେଉ—ଲେଖୁ ଲେଖୁ । ମୋର ଖାଲି ଡର ହେଉଛି ସେଥିରେ ଭାସି ନ ଗଲେ ହେଲା । ବାପା, ଭୟନାହିଁ । ମୁଁ କବିତାରେ ଭାସିଛି, ବୁଡ଼ିଛି, କେତେ ବିଷ ଅମୃତ ଉଦ୍‌ଗାରିଛି, ସେଥିରୁ ଆପଣ କ'ଣ ବୁଝିବେ ? ଆପଣଙ୍କ ପୁଅ ରୋଜଗାର ନ କରୁଛି ନୁହେଁ । ବୋହୂ, ନାତି ନାତୁଣୀ ଯଥାସମ୍ଭବ ସୁଖରେ ଅଛନ୍ତି । ଏବେ ପୁଅ କବିତା ପାଇଁ ପୁରସ୍କାର ପାଇଛି—ଲମ୍ବାଚଉଡ଼ା ସୁନେଲି ଫ୍ରେମରେ ବନ୍ଧା ମାନପତ୍ର । ନୂତନତମ ସମ୍ପତ୍ତି । ତାକୁ କେଉଁଠି ଟାଙ୍ଗିବେ ? ନିଜର ଶୋଇବାଘରେ, ନା ଲୋକଦେଖାଣିଆ ଦାଣ୍ଡଘରେ ?

ଯଥାସମୟରେ ପ୍ରଶ୍ନଟି ଦ୍ୱିତୀୟବାର ପଚରାଗଲା—"ଆଣିଲୁ ନା ? ନହେଲେ ଅସୁବିଧାରେ ପଡ଼ିବୁ । ପୁଣି କେବେ ଘରକୁ ଫେରିଲାବେଳକୁ ସେ ଖଣ୍ଡିକ ହଜିଯାଇଥିବ, ନହେଲେ ତାକୁ ଉଇ ଖାଇଦେଇଥିବେ । ଏଠିକା ଲୋକମାନଙ୍କର କାରବାର ଜାଣିନୁ ?"

"ଆଣିଛୁ । ସେକ୍ରେଟେରୀ ନ ଥିଲେ । ଅନ୍ୟମାନେ ଦେବେ କି ନାହିଁ ବୋଲି ଦୋଦୋପାଞ୍ଚ ହେଉଥିଲେ । ମୁଁ କହିଲି, ମୁଁ କାଲି ଦିଲ୍ଲୀ ଫେରିଯିବି, ନ ନେଲେ ଚଳିବ ନାହିଁ, ପୁରସ୍କାର ପଡ଼ିରହିବ, ମୁଁ ବାଧହୋଇ ସମସ୍ତଙ୍କୁ କହିବି ଯେ ମୁଁ ନିଜେ ଆସି ମାଗିବା ସତ୍ତ୍ୱେ ମୋତେ ଦିଆଗଲା ନାହିଁ ।" ଏସ୍. ଏସ୍. ଏସ୍.—ଶ୍ରୀ ସରସ୍ୱତୀ ସମାଜର ଚପରାଶିଠାରୁ ଆରମ୍ଭ କରି ଜଏଣ୍ଟ୍ ସେକ୍ରେଟେରୀଙ୍କ ପର୍ଯ୍ୟନ୍ତ କେହି ମୋତେ ଚିହ୍ନିପାରିଲେ ନାହିଁ, ମୁଁ ନିଜକୁ ଚିହ୍ନାଇଲା ପରେ ମଧ୍ୟ ଠଉରେଇ ପାରିଲେନାହିଁ ଯେ ମୁଁ ହେଉଛି "ଚମ୍ପା ଏବଂ ଚିତାବାଘ"ର କବି - ଏତେ କଥା ବାପାଙ୍କୁ କହିବା ଦରକାର କିଅଣ ? ବନବାସୀ ସାମନ୍ତରାଏଙ୍କୁ ଇତିହାସ ଚିହ୍ନିବ ।

"ବେଶ୍ କରିଛୁ । ଏମାନଙ୍କୁ ବିଶ୍ୱାସ ନାହିଁ । କାହିଁ, ଆଣିଲୁ ଦେଖିବା ?"

ବନବାସୀବାବୁ ଅବଲମ୍ବେ ଉପର ମହଲାକୁ ଯାଇ ଆଲମାରି ଉପରେ ସନ୍ତର୍ପଣରେ ରଖାହୋଇଥିବା ଚତୁଷ୍କୋଣ ଫ୍ରେମରେ ବନ୍ଧେଇ ମାନପତ୍ରଟିକୁ ଆଣି ବାପାଙ୍କ ହାତକୁ ଦେଲେ । ବେପରୁଆ ଭଙ୍ଗୀର ଆଢୁଆଳରେ ବୃଦ୍ଧିଶବର୍ଷିଆ ମୁହଁ ଯତ୍ସାମାନ୍ୟ ଝଲିଉଠିଲା । ନିଅନ୍ତୁ ବାପା, ଯାହା କରିବାର କରନ୍ତୁ । ଏ ସାମାନ୍ୟ ସାର୍ଟିଫିକେଟ୍ ମୋ ସାହିତ୍ୟର ସାକ୍ଷୀ ନୁହେଁ । ବନବାସୀ ସାମନ୍ତରାଏଙ୍କୁ ଇତିହାସ···

ବାପା ପଢ଼ିଲେ । ବସେଇ ବସେଇ ପଢ଼ିଲେ—

"ଶ୍ରୀ ସରସ୍ୱତୀ ସମାଜ"

[ଓଡ଼ିଶାର ପ୍ରାଚୀନତମ ସାଂସ୍କୃତିକ ଅନୁଷ୍ଠାନ]

ଉଣେଇଶ ଶହ ପଞ୍ଚସ୍ତରି ସାଲରେ ପ୍ରକାଶିତ ଓଡ଼ିଆ କବିତା ସଙ୍କଳନ "ଚମ୍ପା ଏବଂ ଚିତାବାଘ" ଶ୍ରୀ ସରସ୍ୱତୀ ସମାଜଦ୍ୱାରା ବିଶେଷ ଆଦୃତ ହୋଇଥିବାରୁ ଉକ୍ତ

Digitized by srujanika@gmail.com

ପୁସ୍ତକର ରଚୟିତା ଶ୍ରୀ ବନବାସୀ ସାମନ୍ତରାଏଙ୍କୁ ପୁରସ୍କାର ସ୍ୱରୂପ ଏହି ମାନପତ୍ର ପ୍ରଦାନ କରାଗଲା ।

ସ୍ୱାଃ ଜୟଦେବ ରଥ
ସମ୍ପାଦକ

ଥରେ ପଢ଼ିସାରିଲା ପରେ ବାପା ଫୁସ୍‌ଫୁସ୍ ହୋଇ ଶେଷ କେତୋଟି ଶବ୍ଦକୁ ପଇଟେଇଲେ—ପୁ-ର-ସ୍କା-ର ସ୍ୱ-ରୂ-ପ···

ପୁରସ୍କାର—ପୁରସ୍କାର—ଏତେ ନଠେଇ କରି ପଢ଼ୁଛନ୍ତି କାହିଁକି ? ଗତ କୋଡ଼ିଏ ବର୍ଷ ହେଲା ଅବିଚଳିତ ସାହିତ୍ୟ ସାଧନା କରିଆସୁଥିବା ବନବାସୀ ସାମନ୍ତରାଏଙ୍କୁ ଏକଶତ ବର୍ଷରୁ ଊର୍ଦ୍ଧ୍ୱ ପ୍ରାଚୀନତମ ଅନୁଷ୍ଠାନ ଗୋଟିଏ ଲଡ୍‌ଡ୍ରୁ ପ୍ରଦାନ କରିଅଛି । ମଥା ନୁଆଁଇ ହାତପାତି ଗ୍ରହଣ କରିନଥ । ଆଉ କଣ ଚାହିଁଥିଲ ? ତୁମକୁ ଅଭିନନ୍ଦନ କରିଥାଆନ୍ତେ, କହି ଥାଆନ୍ତେ ତୁମର କବିତା ଏତେ ଚମତ୍କାର, ଓଡ଼ିଆ ସାହିତ୍ୟକୁ ତୁମର ଅବଦାନ ଏମିତି ସେମିତି ? ହୁଏତ ତୁମର ସମାଲୋଚକମାନେ ତୁମ କବିତା ବିଷୟରେ କେତେ ବଡ଼ ବଡ଼ କଥା କହିଛନ୍ତି, ତା ବୋଲି କଅଣ ଦେଶର ପ୍ରାଚୀନତମ ସାଂସ୍କୃତିକ ଅନୁଷ୍ଠାନ ସେହିଭଳି ସ୍ତୁତିପାଠ କରିବ ? ପ୍ରାଇଜ୍ ପାଇଲ, ସେଇ ହେଉଛି ତୁମର ପରମ ସୌଭାଗ୍ୟ । କିଛି କ୍ଷତି ନାହିଁ । ବନବାସୀ ସାମନ୍ତରାଏଙ୍କୁ ଘିତିହାସ···

ବାପା ଗଦ୍‌ଗଦ୍ ହୋଇ ପଢ଼ୁଛନ୍ତି, ପ୍ରେମ ଝାଙ୍କୁରି ଉଠୁଛି କି କଅଣ···

ବାପା ଗୁରୁଗମ୍ଭୀର ମୁଦ୍ରାରେ ମାନପତ୍ର ପୁଅ ହାତକୁ ବଢ଼େଇଦେଲେ, ସତେ କି ସମ୍ପତ୍ତିକୁ ଯତ୍ନରେ ସମ୍ଭାଳିଥିବୁ ବୋଲି ଜଣାଇବାକୁ ଚାହାନ୍ତି । ଦୃଶ୍ୟର ଅଳୀକତାକୁ ଆଉ ଲମ୍ବେଇବା ଉଚିତ ନୁହେଁ । ବନବାସୀବାବୁ ଅସହିଷ୍ଣୁ ଭଙ୍ଗୀରେ ପଚାରିଲେ—

"ଦାଣ୍ଡଘରେ ଟାଙ୍ଗିଦେବ ତ ?"

"ନା—ତୁ ତାକୁ ସାଙ୍ଗରେ ନେଇଯାଆ । ଇଏ ହେଉଛି ତୋର ଅତି ନିଜର ଜିନିଷ, ବୁଝିଲୁ ? ସ୍ତ୍ରୀକୁ ଆଉ କେଉଁଠି ଆଉ କାହା ଜିମାରେ ଛାଡ଼ିଦେବା ଅନ୍ୟାୟ ।"

ବନବାସୀବାବୁ ପ୍ରଥମେ ଆଶ୍ଚର୍ଯ୍ୟ ହୋଇ ପରେ ଅବଜ୍ଞାସୂଚକ ସ୍ମିତହାସ ଦେଲେ । ବାପାଙ୍କର ଗୋଟିଏ ନୂଆ ତଥ୍ୟ ବାହାରିଲାଣି; କିନ୍ତୁ ବାପାଙ୍କ ମୁହଁକୁ ଚାହିଁଲା ପରେ ତାଙ୍କର ମନେହେଲା, ସ୍ନେହ ହେଉଛନ୍ତି ମୋ ନିଜ ବାପା । ବାପା ବୁଝନ୍ତି ।

ବାପା ବୁଝନ୍ତି । ତାଙ୍କର ମୁହଁ ଅନାବଶ୍ୟକ ଭାବରେ ଅତିରଞ୍ଜିତ ଆବିଷ୍ଟ ନୁହେଁ; କାହାକୁ କହି ନ ପାରିଲା ଭଳି ଭାବରେ ବିଦଗ୍‌ଧ । ସତେ କି ସେ ମଧ୍ୟ ଦିନେ କେବେ କବିତା ଲେଖିଥିଲେ କିମ୍ବା ମନେ ମନେ ଲେଖିଥିଲେ । ସ୍ୱପ୍ନରୁ ଉଠି ଛଟପଟ ହୋଇ ଗୋଟିଏ ଯୋଡ଼ିଏ ଧାଡ଼ି ରଚନା କରି ଆଉ ଲେଖିପାରି ନ ଥିଲେ···ସେଇ ସର୍ଜନାର ବେଦନା-ଉଲ୍ଲାସକୁ ଆପଣା ଭିତରେ ଲୁଚେଇ ରଖିଥିଲେ । ଏଇକ୍ଷଣି ତାଙ୍କର ମନେ-ପଡ଼ୁଛି—ପୁଅରେ, ଇଏ ହେଉଛି ତୋର । କେବଳ ପୁରସ୍କାର ନୁହେଁ । ଚତୁଷ୍କୋଣ

Digitized by srujanika@gmail.com

ଫ୍ରେମ୍ ଓ କେତୋଟି ଗ୍ରୁପା ଅକ୍ଷର ନୁହେଁ । ସାଧାରଣ ସମ୍ପତ୍ତି ନୁହେଁ । ତୋର ଗୋପନ ଦହନର ଅଙ୍ଗୀକାର । ମୁଁ କଅଣ ଜାଣେନାହିଁ ? ମୁଁ ତୋର ବାପା ପରା !

ସତରେ ? 'ଚମ୍ପା ଏବଂ ଚିତାବାଘ' ଲେଖିଲା ବେଳେ ମୋର କବିଳ ଯନ୍ତ୍ରଣା ହେଉଥିଲା, ବାଘର ବ୍ୟକ୍ତ ବିଭକ୍ତ ପାଟି ଭିତରେ ପଶିଲା ପରେ ଚମ୍ପାଫୁଲର ମହକ ମୋର ଯନ୍ତ୍ରଣାକୁ କବଳ ଗ୍ରାସ କରି ଚେତନାକୁ ଲିଭେଇ ଦେବାକୁ ବସିଥିଲା, ଚେତନା ପୁଣି ଚେଇଁଉଠୁଥିଲା, ଯନ୍ତ୍ରଣା, ପୁଣି ଯନ୍ତ୍ରଣାର ଅବସାନ···ସେଇ ଅନୁଭୂତିର ଛିଟିକାଏ କ'ଣ କେଉଁ ନରେଲା ଗିରି ସକାଳରେ ବାପାଙ୍କୁ ଛୁଇଁଥିଲା ? ଛୁଇଁ ନଥିବ କାହିଁକି ? ମୁଁ ତାଙ୍କ ପୁଅ ପରା !

ପାଣ୍ଡିତ୍ୟ ଦେଖାଇ କେତେଜଣ ସମାଲୋଚକ କହିଲେ, ଇଏ ହେଉଛି ପ୍ରଚ୍ଛନ୍ନ ସେକ୍ସର ପରିଣାମ ଦର୍ଶନ । ଆଉ କେତେଜଣ କହିଲେ ଇଏ ହେଉଛି ପରମାର୍ଥୀ, ଯଶୋଦାଙ୍କ ବିଶ୍ୱରୂପଦର୍ଶନ । କିନ୍ତୁ କେହି କ'ଣ ମୋର ମୂଣ୍ଡବିଥାକୁ ବୁଝିପାରିଲେ ? ଆଙ୍ଗିକ ରୂପକର ତଳେ ତଳେ ମୋର କଲବଲକୁ ଠଉରେଇ ପାରିଲେ ? ପାରିବେ ନାହିଁ, ଶତ ଚେଷ୍ଟା କଲେ ମଧ୍ୟ ପାରିବେନାହିଁ । ବାପା ମୋ କବିତାର ବିନ୍ଦୁବିସର୍ଗ ବୁଝିବାକୁ ଅକ୍ଷମ, ହେଲେ ସେ କବିତାର ମଣିଷକୁ ଜାଣିଛନ୍ତି । ସେଇଲାଗି କହିଲେ ତୁ ଯାକୁ ସାଙ୍ଗରେ ନେଇଯା, ଇଏ ତୋର ନିଜର ଜିନିଷ, ତୋର ଅତି ନିଜ ମୂଣ୍ଡବିଥାର ଗୌରବ । ଅତିବସ୍ତୁ ।

ବାପା ଫେରିଗଲେ । ବନବାସୀବାବୁ ପୁରସ୍କାରକୁ ହାତରେ ଧରି ଛିଡ଼ା ହୋଇ ରହିଲେ ।

"କିଓ, ସେଇଟିକୁ କୁଣ୍ଢେଇପୁଣ୍ଢେଇ ଛିଡ଼ାହୋଇଛ କାହିଁକି ? ଯାଉନା କେଉଁଠି ହେଲେ ଟାଙ୍ଗୀ ଦେଇ ଆସିବ ?" ସ୍ତ୍ରୀ ନୀରା ଦେବୀ ଓଢ଼ଣା ଖସେଇ ଚପଳ ହସଟିଏ ହସିଦେଲେ । ସେଇଠୁ ମୁହଁ ଫୁଲେଇଲେ । "ଯୋଉ ତ ପୁରସ୍କାର ! ଏତେ ବର୍ଷ ପରେ ଫିଙ୍ଗିଲା ପରି ଦି'ପଦ କହିଛନ୍ତି, ମୁଁ ହୋଇଥିଲେ ଫେରେଇ ଦେଇ ଆଆନ୍ତି । କହି ଆଆନ୍ତି—ଥାଉ, ପୁରସ୍କାରଟି ତୁମ ଘରେ ଥାଉ···ଆସ ଆସ, ତାକୁ ରଖିଦେଇ ଖାଇବ ଆସିଲ, ଡେରି ହେଲାଣି, ମୋର କେତେ କାମ ।"

ବନବାସୀବାବୁଙ୍କର ମନେହେଲା ଯେ ଗ୍ରୁଇ ତଳେ ପରିବାର ଗହଣିରେ ଛିଡ଼ା ନ ହୋଇ ଅଗଣା ମଝିରେ ସୂର୍ଯ୍ୟଙ୍କ ତଳେ ଦଣ୍ଡାୟମାନ ହେବା ଉଚିତ ଥିଲା । କ୍ଷଣକ ପାଇଁ ଆପଣାର ନାଭିକୁ ଆଙ୍କୁଡ଼ି ଧରି ଖୁମ୍ବ ବନିଯିବାର ଦୃଶ୍ୟ ସେଇଠି ଶୋଭା ପାଇଥାନ୍ତା । ଭଗବାନ୍, ସୂର୍ଯ୍ୟ, ସ୍ଥାବର ଗଛ ଓ ମୂକ ଗାଈଗୋରୁ ମୋତେ ସମ୍ମାନ ଦେଇଥାନ୍ତେ—ଯେ ମଣିଷ ମଧ୍ୟ କେତେବେଳେ କେମିତି ଆପଣାର କେନ୍ଦ୍ର ବିନ୍ଦୁକୁ ଉପଲବ୍ଧି କରି ସ୍ଥିର ହୋଇପାରେ ।

ଯାହାହେଉ ବନବାସୀବାବୁ ପୁରସ୍କାର ପିଠିରୁ ହାତକୁ ସାମାନ୍ୟ କୋହଲ କରି ଆଣିଲେ । ନୀରା ଦେବୀଙ୍କୁ କହିଲେ, "ମୁଁ ଯାକୁ ସାଙ୍ଗରେ ନେଇଯିବି । ଭାବୁଛି କେମିତି ନେବି ।"

Digitized by srujanika@gmail.com

"ଏଁ—ତୁମ ମୁଣ୍ଡ ଖରାପ ? ଏଠୁ କଲିକତା । ତା' ପରେ ଦିଲ୍ଲୀଯାଏଁ ଚେୟାର କାର୍‌ରେ ବସି ବସି ଯିବ, ଗୋଡ଼ ଲମ୍ବେଇବାକୁ ଜାଗା ନଥିବ, ସେଇଟିକୁ ଥୋଇବ କେଉଁଠି ?"

"ଦେଖାଯିବ ।"

ମୀରା ଦେବୀ ଜାଣନ୍ତି କବିପ୍ରାଣର ଦୃଢ଼ତା—ପାଗଲାମି ବେଳେବେଳେ ଗଜୁରି ଉଠେ ଏବଂ ସେ ଜାଣନ୍ତି ତାକୁ କେମିତି ବେଳ ଉଣ୍ଡି ଉପାଡ଼ିଦେବାକୁ ହୁଏ । ତେଣୁ ସେ ବର୍ତ୍ତମାନ କିଛି ପ୍ରତିବାଦ କଲେନାହିଁ । ବଢ଼ାବଢ଼ି କରିବାକୁ ଗଲେ ।

ଗୃହବର୍ଗର ପୁଅ ପରୁ, ସାନଭାଇର ଦଶମଶ୍ରେଣୀ ଝିଅ ମୀତା ଓ ତାର ସାଙ୍ଗ କନକ ଏକାସାଙ୍ଗରେ ପୁରସ୍କାରକୁ ଦେଖିବେ ବୋଲି ଲେଭେଇଲେ । ବନବାସୀବାବୁ ଉଦାରଚିତ୍ତରେ ମୀତା ହାତକୁ ବଢ଼େଇ ଦେଇ କହିଲେ, "ଆଚ୍ଛା ହେଉ, ନିଅ ! ଟଣାଟଣିକରିବନାହିଁ ।" ବାପମାଆଙ୍କ କଥା ଭିନ୍ନ, ସେମାନେ କବିତା ସମେତ ମୋତେ ଜନ୍ମ ଦେଇଛନ୍ତି । ପିଲାମାନେ ପୁରସ୍କାରର ମିଠାରେ ଖୁସି । ଉଦାସୀନ ଅନ୍ୟମାନେ, ମୋର ପ୍ରାପ୍ତବୟସ୍କ ମଧ୍ୟମବର୍ଗ ପରିବାର ଯେଉଁମାନେ ସାହିତ୍ୟର ଧାର ଧାରନ୍ତିନାହିଁ, ଯେଉଁମାନେ ଅମୂଲ୍ୟକୁ ମୂଲ୍ୟାୟନ ଛଡ଼ା ଆଉ କିଛି ଭାବିପାରିବେ ନାହିଁ ।

ପରିବାରବର୍ଗର କ୍ଷମା ନାହିଁ । ସାନ ଭାଇମାନେ—ଇଞ୍ଜିନିୟର ବ୍ରଜବାସୀ, ଡାକ୍ତର କ୍ଷେତ୍ରବାସୀ, ସେମାନଙ୍କର ସ୍ତ୍ରୀ, ଭଉଣୀ ମାଧୁରୀ, ତା'ର ସ୍ୱାମୀ ଇଣ୍ଡିଆନ ରେଭିନ୍ୟୁ ସର୍ଭିସ୍ ଅମର ଦାସ, ବାକି ଦାଦିପୁଅ, ମାମୁଁଝିଅ, ମାଉସୀପୁଅ, ପିଉସୀଝିଅ, ଭାଇ ଭଉଣୀ କାହିଁରେ କେତେ, ଏକରୁ ଆନ ବଳୀୟାନ, ରୋଜଗାରିଆ, ଶିକ୍ଷିତ (ସେମାନଙ୍କ ଭିତରେ ଅମର ଦାସ ଓ ସାହିତ୍ୟ ଅଧ୍ୟାପିକା ମଞ୍ଜୁଅପା ପରି କେତେ ଜଣ ତଥାକଥିତ ଇଣ୍ଟେଲେକ୍‌ଚୁଆଲ ମଧ୍ୟ ଅଛନ୍ତି)···କେହି ମୋ ପୁରସ୍କାରର ମର୍ଯ୍ୟାଦା ଦେଇପାରିବେନାହିଁ । କେତେଜଣ ପଚାରିବେ—ଖାଲି ଏଇ ମାନପତ୍ର ଖଣ୍ଡିକ ? ଟଙ୍କା ପଇସା କିଛି ଦେଲେନାହିଁ ? ଅନେକ ବାରମ୍ବାର ନିଜର ବୁଦ୍ଧିକୁ ଝାଡ଼ିହେବେ—ହେଲି ଯେ, ଚମ୍ପା ଫୁଲ ସାଙ୍ଗରେ ଶତାବୀଘର ସମ୍ପର୍କ କଅଣ ?

ହାସ୍ୟ !

ମୁଁ ଯେ ମୋର ପୁରସ୍କାରକୁ ନେଇ ବଡ଼େଇ କରୁଛି ତା ନୁହେଁ । ପୁରସ୍କାର ସାମାନ୍ୟ, ବନବାସୀ ସାମନ୍ତରାଏଙ୍କୁ କେବଳ ଇତିହାସ···କିନ୍ତୁ ପରିବାରବର୍ଗ ସେଥିରେ ଯଥାବିଧି ଆଗ୍ରହ ଦେଖାଇଥିଲେ, ଜ୍ୟୋତିର ପରିସର ଫଇଲି ଯାଇଥିଲେ ଘଟଣାଟି କେତେ ସୁନ୍ଦର ହୋଇ ନ ଥାଆନ୍ତା ? ଜ୍ୟୋତିଷ୍କ ନ ହେଲେ ନାହିଁ, ସେମାନେ କ'ଣ ଜ୍ୟୋତିରିଙ୍ଗଣ ସମ ହାଉଜାଉ ହୋଇ ପାରି ନ ଥାଆନ୍ତେ ?

ଧାତ୍ ! ବାପା କହିଲା ଭଲ ଇଏ ମୋର ଅତି ନିଜର ଜିନିଷ । ଆଉ କାହା ସାଙ୍ଗରେ କଅଣ ଅଛି ?

Digitized by srujanika@gmail.com

ପଡ଼ି । ନୀରୁ ଦେବୀଙ୍କ ନମ୍ରତାରେ ଆଉଜି ଆଖି ବୁଜିଥିଲେ ମଧ୍ୟ ବନବାସୀବାବୁ ପୁରସ୍କାରର ଝିଅ ଗ୍ରହଣ ପାରିନଥିଲେ । ପରିବାରକୁ ମାରି ଗୋଲି, ଏଇ ମୋର ନୀରୁ, ମୋର ସ୍ତ୍ରୀ, ପରିଣୀତା । ଇଏ କ'ଣ ମୋର ପୁରସ୍କାର ସାଙ୍ଗରେ ଛନ୍ଦ ହୋଇ-ପାରିବନାହିଁ ?

ନୀରୁ ଦେବୀ ସ୍ୱାମୀଙ୍କ ସାଙ୍ଗରେ ନିଜକୁ ବିଶେଷ ଭାବରେ ଛନ୍ଦି ନେଲେ । ବନବାସୀବାବୁ ବିଚଳିତ ହେଲେନାହିଁ । ଜିଜ୍ଞାସାକୁ ଉପସ୍ଥିତ ଅନୁଭୂତିରେ ଯୋଡ଼ି ଦେଲେ । ସେ କେବଳ ପରିଣୀତା ନୁହେଁ, ମୋର ତିନି ପିଲାଙ୍କ ମାଆ ନୁହେଁ, ସେ ମୋର ନାରୀ । କଅଣ ହେଲି ସେଇଠୁଁ ?

ଦେହରେ ଦେହର ବିଜୁଳି ହଠାତ୍ ଏମିତି ଲାଗିଯିବ ବୋଲି ବନବାସୀବାବୁଙ୍କର ଧାରଣା ନଥିଲା । ସେ ନୀରୁ ଦେବୀଙ୍କୁ ପଗାଢ଼ ଚୁମ୍ବନ ଦେଲେ ଏବଂ ଅଡୁଆ କରୁଥିବା ତୃତୀୟ ବ୍ୟକ୍ତି ପରି ଜିଜ୍ଞାସାକୁ ଆରପାଖରେ ଶୁଆଇଦେଇ ସୁଖି କଲେ ।

ସୁଖ ସରିଲା । ଅମାନିଆ ତୃତୀୟ ବ୍ୟକ୍ତି ଉତ୍ତର ମାଗିଲା । ଏଥର କହ । ଏଇ ତୁମର ଅନ୍ତରଙ୍ଗ ନୀରୁ ଦେବୀ, ପରିବାର ନୁହେଁ, ବନ୍ଧୁ ନୁହେଁ, ସମାଜ ନୁହେଁ ତାହାଁରୁ ଅଧିକ ବୋଲି କହିଲେ କହ । ସେକ୍‌ସରେ ପ୍ରେମ ପୋଡ଼ିଯାଏ ନାହିଁ, ପ୍ରଶମିତ ହୁଏ, ପ୍ରେମରେ ଦିବ୍ୟଚକ୍ଷୁ ଫୁଟିଯାଏ ନାହିଁ ପ୍ରସ୍ଫୁଟିତ ହୁଏ, ଇତ୍ୟାଦି ଯାହା କହିବା କଥା କହ, ହେଲେ ଉତ୍ତର ଦିଅ । ନୀରୁ ତୁମର କବିତାଗତ ଭିତରି ମନକୁ କଳିପାରିବ ? ନ ପାରିଲେ ତୁମ ପୁରସ୍କାରଟି ତା' ପାଇଁ କଅଣ କହିଲ ଦେଖି ?

କାହିଁକି ପାରିବନାହିଁ ? ବନବାସୀବାବୁ ପରିହାସ ଛଳରେ ଉତ୍ତର ଦେବାକୁ ଯାଉଥିଲେ । ହେଲା ଏବେ ସେକସ୍‌ର ସ୍ୱର୍ଗ ଯେତିକି ବାଟ ନରକ ସେତିକି ବାଟ; କିନ୍ତୁ ମୁଆଡ଼େ ଗଲେ ତାକୁ ମୋରି କାବ୍ୟକବିତାରେ ଟାଣି ଲହୁଲୁହାଣ ହୋଇ ଆଗେଇବାକୁ ପଡ଼ିବ । ମୋଠୁଁରୁ ନିସ୍ତାର ନାହିଁ । ମୁଁ ସାଧାରଣ ମଣିଷ ନୁହେଁ, ମୁଁ କବି, ସେ କବିର ନାରୀ—ଏତିକି ବୁଝିପାରୁନାହୁଁ ?

"ମୁଁ ତାକୁ ମୋ ଗହଣା ବାକ୍‌ସ ଭିତରେ ରଖିଦେଇଛି ।"

"କାହାକୁ ?"

"ସେଇ—ପୁରସ୍କାର । ସିଏ ହେଉଛି ମୋର । ମୋରି ବାହାଘର ଶାଢ଼ି, ଗହଣା, ପହିଲି ପ୍ରେମପତ୍ର ଇତ୍ୟାଦି ଯେଉଁଠି ଅଛି ସେଇଠି ରଖିଦେଇଛି । ଏଇ ଘରେ ଖଟତଳେ ଥିବ ସବୁଦିନ ପାଇଁ । କିଛି ଅପତ୍ତି ଅଛି ?"

ଚଞ୍ଚଳ ହାତ ସ୍ଥଗିତ ହେଲା । ବନବାସୀବାବୁ ସ୍ତବ୍‌ଧ ହେଲେ । ଇଏ ହେଉଛି ଉତ୍ତରର ବଡ଼ବାପ ! ସେ ମୋର ପୁରସ୍କାର ସାଙ୍ଗରେ କେବଳ ଛନ୍ଦି ହୋଇନାହିଁ, କହୁଛି କିନିଷଟି ମୋ'ଠାରୁ ବଳି ତାରି, ତାରି ପରମଧନ !

ପ୍ରେମରେ ପରାଭୂତ ହୋଇ ବନବାସୀବାବୁ ସ୍ତ୍ରୀଙ୍କ ଛାତିରେ ମୁଣ୍ଡ ଗୁଞ୍ଜିଲେ । ନୀରୁ ଦେବୀ ବୁଝିଲେ ପ୍ରସ୍ତାବ ଅନୁମୋଦିତ ହେଲା ।

Digitized by srujanika@gmail.com

କ୍ରମଶଃ ପ୍ରସ୍ତାବର ପରିଣାମ ବନବାସୀବାବୁଙ୍କୁ ଘାରିଲା । ପୁରସ୍କାରଟି ଏଇଠି ଥିବ । ଏଇ ପୈତୃକ ଘରେ ପୁରୁଣା ଟ୍ରଙ୍କ୍ ଭିତରେ ପଡ଼ିରହିଥିବ । ଦିଲ୍ଲୀରେ ନୂତନ କବିତା ଲେଖିଲାବେଳେ ଭାବ ଅରଣ୍ୟରେ ଧନ୍ଦାଳି ହେଉଥିଲାବେଳେ ମୋତେ ଅନେଇ ନଥିବ । ଏତେ ଦିନ ପରେ ବହିର୍ଜଗତରୁ ଅପରପକ୍ଷରୁ ଗୋଟିଏ ସ୍ୱୀକାର, ବାର୍ତ୍ତା ମିଳିଥିବାର ସଙ୍କେତ—ବନବାସୀବାବୁ, ତୁମେ ଏକୁଟିଆ ନୁହଁ—ତାକୁ ମୁଁ ଏଇଠି ଛାଡ଼ିଦେଇଯିବ । ମୋର ଅଢ଼ ନଜର କନକ···

ମୀରାର ଅଢ଼ ନଜର କନକ···

ଓଃ, ଦୁହିଙ୍କର ଅଢ଼ ନଜର କନକ ! ମାନୁଛି; କିନ୍ତୁ ମୂଲ୍ୟବୋଧ ଭିନ୍ନ । ମୀରା ପାଇଁ ପ୍ରାପ୍ତି । ମୋ ପାଇଁ ମୋର ଏକୁଟିଆପଣରୁ କିଞ୍ଚିତ ମୁକ୍ତି । ହେଲେ ମୀରାକୁ ବୁଝେଇହେବ ନାହିଁ । ବନବାସୀବାବୁ ସହଜ କାରଣ ଖୋଜିବସିଲେ ।

"ଶୁଣ, ଛିଃ, ଧୀରାଙ୍କର ପରୀକ୍ଷା ଅଛି ବୋଲି ତାଙ୍କୁ ତ ଆମେ ସାଙ୍ଗରେ ଆଣିଲୁ ନାହିଁ । ସେମାନଙ୍କର ଯଦି ମନଦୁଃଖ ହୁଏ ?"

"ମଲା, ଆସନ୍ତା ବର୍ଷ ଖରାଛୁଟିରେ ସେମାନେ କ'ଣ ଆମ ସାଙ୍ଗରେ ଘରକୁ ଫେରିବେନାହିଁ ? ଆସିଲେ ମନ ପୂରେଇ ଦେଖିବେନାହିଁ ?"

କିଛି ସମୟ ଅପେକ୍ଷାକରି ନିରୁପାୟ ହୋଇ ବନବାସୀବାବୁ ଧୀର କଣ୍ଠରେ କହିଲେ, "ତାକୁ ସାଙ୍ଗରେ ନ ନେଲେ ମୋତେ ଶାନ୍ତି ଲାଗିବନାହିଁ···"

ମୀରା ଦେବୀ ଆହତ ହେଲେ । ଅବୋଧ ସ୍ୱାର୍ଥପର ଶିଶୁ । ସାମାନ୍ୟ ଗୋଟିଏ ଖେଳନା, ତାକୁ ମଧ୍ୟ ମୁରୁଛି ପାରିବେନାହିଁ । କବିମାନେ ଅଳ୍ପ ବହୁତ ପାଗଳ ବୋଲି ବୁଝନ୍ତି—କିନ୍ତୁ ସେମାନଙ୍କର ପୁରୁଷପଣ ନାହିଁ ବୋଲି ମୋର ଧାରଣା ନଥିଲା ।

"ମୀରା, ତୁମେ ବୁଝୁନାହଁ, ତୁମେ ଯେମିତି ତୁମ ସାଙ୍ଗରେ ତୁମର ନିର୍ମାଲ୍ୟପେଡ଼ି, କାଳୀ ମାଆଙ୍କ ଫଟୋ ନେଇ ଯିବାକୁ ଚାହଁ···"

ଆସ୍ପର୍ଦ୍ଧାର ଅନ୍ତ ନାହିଁ । ମୀରା ଦେବୀ ତାତି ଉଠିଲେ । ପାଟିରୁ ବାହାରିପଡ଼ିଲା—"ସିଏ ହେଉଛି କ'ଣ ତୁମର ଦିଅଁ ?" ଖଣ୍ଡି ହସ ।

ହସିଲେ ହସ । କହିବାକୁ ଗଲେ ସେଇଆ । ମୋର ଅନ୍ତରତମ ଚେତନା ଅର୍ଥାତ୍ ଆତ୍ମାର ଚିହ୍ନଟ । ଠାକୁର ଛବିକୁ ନିରେଖି ସାଧାରଣ ମଣିଷ ଯେମିତି ଫୁଲିଉଠେ, ସେମିତି, ଠିକ୍ ସେମିତି । ବନବାସୀବାବୁ ଉତ୍ତର ନ ନେଇ ଆପଣା ଆସନରେ ଆସି ବସିଲେ ।

କେତେବେଳକେ ମୀରା ଦେବୀ ନିରୁତ୍ତର ଅନ୍ଧାରକୁ ଛିଣ୍ଡେଇଦେଇ କହିଲେ—

"ରଖ ତୁମ ଦିଅଁଙ୍କୁ । ମୁଁ କାଲି ସକାଳେ କାଢ଼ିଦେଉଛି; କିନ୍ତୁ ତାଙ୍କର ଅପମାନ ହେଲେ, ସେ ଭାଙ୍ଗିରୁଜି ନଷ୍ଟ ହୋଇଗଲେ ମୋତେ କିଛି କହିବ ନାହିଁ, ସାବଧାନ !"

ବନବାସୀବାବୁ ନୀରବରେ ଜିତିଯାଇଥିବାର ଆନନ୍ଦ ଉପଭୋଗ କଲେ ।

Digitized by srujanika@gmail.com

ପୁରସ୍କାରଟି କନାରେ ଗୁଡ଼ାହୋଇ କନା ଧଡ଼ିରେ ବନ୍ଧାହେଲା । ଘରୁ କଟକ ଷ୍ଟେସନ ଯାଏଁ ରିକ୍‌ସାରେ ଯିବାକୁ ପଡ଼ିବ । ଗୃହର ଟୋକା ସନିଆକୁ କୁହାଗଲା ସେ ଗୋଟିଏ ରିକ୍‌ସାରେ ବସି ତାକୁ କୋଳରେ ବସେଇବ । ସନିଆ ଏବେ ଗାଆଁ ଗହଳରୁ ଧରାହୋଇ ଆସିଛି । ମୋଟାବୁଦ୍ଧି । ପଚାରିଲା, "ଆଜ୍ଞା ! ଇଏ କଣ ପେଡ଼ିରେ ପଶିଲା ନାହିଁ ?" ପୁରାତନ ଭୃତ୍ୟ ଜଗନ୍ନାଥ ଦାଶ ଗିଜିଡ଼ି କହିଲା, "ହ୍ୟାପ୍, ତୋର ମେଥିରେ କଅଣ ଅଛି ? ପେଡ଼ିରେ ପଶୁଥିଲେ ତୁ କାହିଁକି ବାବୁ ହୋଇ ରିକ୍‌ସାରେ ବସିଥାନ୍ତୁ ?" ପୁରାତନ ପୂର୍ବାଂଶ ବଡ ସହାନୁଭୂତିପୂର୍ବକ ଗାଉଁଲି ପିଲାକୁ ପାଠ ପଢ଼େଇଲା, "ଆରେ, ପେଡ଼ି ନୁହେଁ, ସୁଟ୍‌କେସ । ଇଏ ହେଉଛି ସାନବାବୁଙ୍କର ପ୍ରାଇଜ୍ । ସୁଟ୍‌କେସରେ ଜାଗା ହେବନାହିଁ—ବୁଝିଲୁ ?" ସନିଆ ବୁଝିଲା ଯେ ତାକୁ ଗୋଟିଏ ଦାମିକା ଚିଜ ସମ୍ଭାଳିବାକୁ ଦିଆଯାଇଛି । ସେ ଖସିପଡ଼ୁଥିବା ପୁରସ୍କାରକୁ ଚଟ୍‌କିନି ଟେକିଆଣି ଜାବୁଡ଼ି ଧରିଲା ।

ପୁରସ୍କାରକୁ ନେଇ ଏଭଳି ଇତର ଆଳାପ-ଆଲୋଚନା ବନବାସୀବାବୁଙ୍କୁ ଭଲ ଲାଗିଲାନାହିଁ । ପୁରସ୍କାରର କଳେବରକୁ ଆଉ ଟିକିଏ ଶ୍ଳେଟ କରିଥିଲେ କଅଣ କ୍ଷତି ହୋଇଥାଆନ୍ତା ? ମୋଟ ଉପରେ ଫ୍ରେମରେ ବନ୍ଧା ନ ହୋଇ ଯଦି କାଗଜ ଖଣ୍ଡେ ହାତକୁ ଆସିଥାଆନ୍ତା···ନା, ନା, ମୋର ଟିକିଏ ଅସୁବିଧା ହେବ ବୋଲି ମୁଁ କେଉଁ ସାହସରେ ଜନଗଣମନର ଗୃହଦାକୁ ଭାଙ୍ଗିଦେବି, କହିବ ଯେ, ଠାକୁରଙ୍କ ଉପରେ ଦେଉଳ ତୋଳା ହେବନାହିଁ ?

କଲିକତା ଯାଏ ପୁରୀ ହାବଡ଼ା ଏକ୍‌ପ୍ରେସ । ବର୍ଥ ତଳେ ଭଉଣୀ ଘରକୁ ଯାଉଥିବା ଚୂଡ଼ା ଗୁଡ଼ିଲ, ଦେଶୀଆଳୁ, ନଡ଼ିଆ ଇତ୍ୟାଦିର ଗଣ୍ଠିରି ଓ ଟୋକେଇ ମଝିରେ ପୁରସ୍କାରକୁ ଠିଆକରି ପେଲିଦେବାରେ କିଛି କଷ୍ଟ ହେଲାନାହିଁ । କେବଳ ଶୋଇଲାବେଳେ ବନବାସୀବାବୁଙ୍କ ମନରେ ଗୋଟିଏ ଅଯଥା ଭାବନା ଆସିଲା—ପୁରସ୍କାର ଗୋଡ଼ତଳକୁ ଅଛି । ସେଇଠୁ ସେ ମନେମନେ ହସିଲେ । ଭାଗ୍ୟ ଭଲ, ଭାବନାର ତୁଣ୍ଡ ନାହିଁ, ଶୀରି ଶୁଣିପାରିନାହିଁ । ସେଉଟି କ'ଣ ସତରେ ସର୍ବସାଧାରଣ ଦିଅଁ ନା କଅଣ ?

ସ୍ତ୍ରୀ ପୁତ୍ର ପୁରସ୍କାର ସମେତ ଗଡ଼ ଗଡ଼ ଯାତ୍ରା କଲାବେଳେ ବନବାସୀବାବୁଙ୍କୁ ଭଲଲାଗିଲା । ଯଦି ମୁଁ ଓଡ଼ିଶାରେ ଥାଆନ୍ତି, ସଭାରେ ଉପସ୍ଥିତ ହୋଇ ସଭାପତିଙ୍କ ହାତରୁ ପୁରସ୍କାର ଗ୍ରହଣ କରିଥାଆନ୍ତି, କୃତଜ୍ଞତାରେ ଜଡ଼ସଡ ହୋଇ ଦି' ପଦ କହିଥାଆନ୍ତି, ତା'ପରେ ପୁରସ୍କାରକୁ ପୈତୃକ ଦାଣ୍ଡଘରେ ଟାଙ୍ଗିଦେଇଥାନ୍ତି, ତାହାହେଲେ ମନେହୋଇଥାଆନ୍ତା ଯେ ମୁଁ ହେଉଛି ଉତ୍ସବର ବଂଶରୁ ଅଂଶ । ଏଇ ଭଲହେଲା, ବିଦେଶରୁ ଆସି ଏକୁଟିଆ ଆପଣା ଖୁସିରେ ମୋ ଜିନିଷଟିକୁ ଟେକି ନେଇଗଲି । ଶତ ବାଧାବିଘ୍ନ ସତ୍ତ୍ୱେ ଉଡ଼େଇ ନେଇ ଗଡ଼େଇ ନେଇଗଲି ।

କଲିକତାରୁ ଦିଲ୍ଲୀ । ବାତାନୁକୂଳିତ ଏକ୍‌ସପ୍ରେସରେ ଦୁର୍ଘ ଯାନ । ଆରମ୍ଭରୁ ଠେଲାପେଲା । ନିୟମ ଅନୁଯାୟୀ ଭାରି ଜିନିଷଗୁଡ଼ିକ ବ୍ରେକଭ୍ୟାନ୍‌ରେ ରଖିବା କଥା; କିନ୍ତୁ ନିୟମଭଙ୍ଗ କରି ଯେତେ ଜିନିଷ ପାଖରେ ରହିପାରିଲା ତେତେ ଭଲ । କୌଣସିମତେ

Digitized by srujanika@gmail.com

ଉପର ଥାକରେ ଢୁକେଇ ଦିଅ କିମ୍ବା ଗୋଡ଼ତଳେ ଗେଞ୍ଜିଦିଅ । ସହଯାତ୍ରୀମାନେ ଓଜର ଆପତ୍ତି କଲେ ହସିଦିଅ, ଆଶ୍ୱାସନା ଦିଅ—ଗାଡ଼ି ଚ୍ଛଲିଲେ ବଳେ ସବୁ ଠିକ୍ ହୋଇଯିବ । ପ୍ରକୃତିର ନିୟମ ଅନୁଯାୟୀ ପ୍ରତ୍ୟେକ ପଦାର୍ଥ ଆପଣା ଥାନରେ ଖାପିଯିବ । ବରାଦ ଭଲ ଥିଲେ ଅଳ୍ପ ବହୁତ ବନ୍ଧୁତା ଗଢ଼ି ଉଠିଲେ ଆଉ କିଛି ଭାବିବାକୁ ନାହିଁ ।

ଚତୁଷ୍କୋଣ ପୁରସ୍କାରର କୋଣବିଶେଷ ଜଣେ ଧୋତି ପିନ୍ଧା ଭଦ୍ରଲୋକଙ୍କର ମାଂସଳ ପେଣ୍ଡାରେ ଖୁଞ୍ଚିହେଲା । ବନବାସୀବାବୁ କ୍ଷମା ମାଗିବା ପୂର୍ବରୁ ସେ ଭଦ୍ରତା ଦେଖାଇଲେ, କୋଇ ପରୁଆ ନହିଁ—କିନ୍ତୁ କିନିଷଟିର ଚେହେରା ଆଖିରେ ପଡ଼ିବାରୁ ସାମାନ୍ୟ ଗମ୍ଭୀର ହୋଇ କହିଲେ—ଇସ୍‌କୋ ଅପନେ ପାସ୍ ରଖୋ । ସମଝେ ?

ଧନ୍ୟବାଦ ! ନିଜ ପାଖରେ ରଖିବୁ ନାହିଁ ଆଉ କ'ଣ ତୁମ ପାଖରେ ଛାଡ଼ିଦେବୁ ? ବନବାସୀବାବୁ ମୁଣ୍ଡ ଝୁଙ୍କାଇ ଧୀରେ ଧୀରେ ଅଗ୍ରସର ହେଲେ । ତେଷଠି ନମ୍ବର ସିଟ୍‌ରେ ବସିପଡ଼ି ପୁରସ୍କାରକୁ ଗୋଡ଼ ତଳେ ଶୁଆଇଦେଲେ । ନା, ଏଥିରେ ବିପଦ, ପାଦ ପଡ଼ିଲେ କାଚ ଭାଙ୍ଗିଯିବ । ସିଧା କରି ଦୁଇ ଜଙ୍ଘ ମଝିରେ ଜାକି ଧରିବାକୁ ପଡ଼ିବ; କିନ୍ତୁ କେତେ ସମୟ ? ପାଖରେ ବସିଥିବା ପୁଅ ବାହାଦୁରି ଦେଖାଇ କହିଲା—ବାପା, ମୋତେ ଦିଅ, ମୁଁ ରଖିବି । ସ୍ୱଭାବତଃ ବନବାସୀବାବୁ ତା'କଥାରେ କାନଦେଲେନାହିଁ । ଉପରେ ରଖାହୋଇଥିବା ଦୁଇ ସୁଟ୍‌କେସ ମଝିରେ ପୂରେଇଦେଲେ ଚଳିବ ପରା ! ନା···ତାହାହେଲେ ଉପାୟ ?

ବାଧ୍ୟହୋଇ ବନବାସୀବାବୁ ପଛ ସିଟ୍‌ରେ ବସିଥିବା ମୀରା ଦେବୀଙ୍କ ଆଡ଼କୁ ଚାହିଁଲେ ।

ଅକୁହା ପ୍ରଶ୍ନର ଉତ୍ତରଦେଇ ମୀରା ଦେବୀ କହିଲେ—ଦିଅ ମୋ' ହାତକୁ ବଢ଼େଇଦିଅ ।

ମୀରା ଦେବୀ ପୁରସ୍କାରକୁ କପରି ଭାବରେ ସମ୍ଭାଳି ନେଲେ; ଶୁଆଇଦେଲେ, ଛିଡ଼ାକରେଇଲେ, ଗୋଡ଼ତଳେ ରଖିଲେ ନା ଦେହକୁ ଲଗେଇ ଉମ୍ଫୁମେଇଲେ, ବନବାସୀବାବୁ ଜାଣିବାକୁ ଚାହିଁଲେନାହିଁ । ମୀରାକୁ ମଧ୍ୟ କଷ୍ଟ ହୋଇପାରେ; କିନ୍ତୁ ସେ ପାରିବ । ରଖାଥୁଆ ସଜଡ଼ାସଜଡ଼ି କରିବାରେ ତାକୁ କେହି ବଳେଇଯିବ ନାହିଁ । ତା' ଛଡ଼ା···ହୋଇପାରେ ସେ ପୁରସ୍କାରକୁ ସାଙ୍ଗରେ ଆଣିବାକୁ ଚାହିଁନଥିଲା, ଦି'ପଦ କିଛି କଥା ମଧ୍ୟ କହିଥିଲା; କିନ୍ତୁ ସେ ମୋର ପ୍ରକୃତ ସହଧର୍ମିଣୀ । ମୋ ଧର୍ମର ରୂପରଙ୍ଗ ଯାହା ହେଉ ନା କାହିଁକି, ସେ ତାକୁ ଯତ୍ନ କରିବ, ସମ୍ମାନ ଦେବ ।

ଗାଡ଼ି ଚାଲିଲା । ଚାଲିବା ଆରମ୍ଭ ହେଲା ମାନେ ଶେଷଯାଏ ଚାଲିବ । ମଣିଷମାନେ ଓ ସେମାନଙ୍କର ବସ୍ତୁଗୁଡ଼ିକ ଚଳଚଳ, ଝୁଲି ଝୁଲି ଯଥାସ୍ଥାନରେ ପହଞ୍ଚିବେ । ମଝିରେ କିଛି କାମ ନାହିଁ, ଚିନ୍ତା ନାହିଁ, ଗପ କର, ବାଜେ ବହି ପଢ଼ିଲେ ପଢ଼ କିମ୍ବା ଦୃଶ୍ୟ ଦେଖ । ଦୃଶ୍ୟକୁ ଆଲ କରି ବିଲର ଗୋଳିଆ ପାଣିକୁ ଚହଲେଇ, ମୂନିଆ ଚଞ୍ଚୁରେ କେଉଁ ସାନ ଜନ୍ତୁଟିକୁ ମାରିଦେଇ, ଟେଲିଗ୍ରାଫ୍ ଖୁଣ୍ଟମାନଙ୍କ ସାଙ୍ଗରେ ଧାଇଁ ଧାଇଁ, ତଳି ମେଘମାନଙ୍କ ଭୁମୁଜୁମିଆ କଅଁଳ ଦେହରେ ଘଷିହୋଇ, ଆନନ୍ଦରେ କୁହାଟ ଛାଡ଼ୁଥିବା

Digitized by srujanika@gmail.com

ନୈସର୍ଗିକ ଲଙ୍ଗଳା ପିଲକୁ ଝତେଇ ହୋଇ···ଆପଣା ଚାକିରି, ବ୍ୟବସାୟ, ପିଲାଛୁଆଙ୍କ କଥା ଭାବ ।

ସମୟ ନଷ୍ଟ କର । ବନବାସୀବାବୁ ସହଯାତ୍ରୀମାନଙ୍କ ପ୍ରତି ଦୟା ଦେଖାଇଲେ । ତ୍ରିକାଳପୁରୁଷ ଅଯାଚିତ ଭାବରେ ଏତେ ସମୟର ଧଳା କାଗଜ ତୁମ ହାତରେ ଛାଡ଼ି ଦେଇଛୁ । ତୁମେ ସେଥିରେ କିଛି ଆଙ୍କିପାରିବନାହିଁ ? ଗାରେଇ ଗୁରେଇ ନଷ୍ଟ କରିଦେବ ?

ମୋ କଥା ନିଆରା । ମୁଁ ହେଉଛି କଳାକାର, କବି । ନିବାସ ପେଟିନ୍ ସାହି, କଟକ । ଧନ୍ଦା, ଦିଲ୍ଲୀ କ୍ଲଥ୍ ମିଲସ୍‌ରେ ଜନୈକ ସାନ ଅଧିକାରୀ । ପରିବାର - ସ୍ତ୍ରୀ, ଦୁଇଟିଝିଅ, ଗୋଟିଏ ପୁଅ; କିନ୍ତୁ ଅବସର ପାଇଲେ ମୁଁ ଏଇ ସାମାନ୍ୟ ପରିଚୟର ଅନେକ ଅନେକ ଊର୍ଦ୍ଧ୍ୱକୁ ଉଠି ବିପୁଳବିଶ୍ୱର ସତମିଛ ଖୋଜିବାକୁ ଯାଇ (କଷ୍ଟ ସହି) କିଛି ଗୋଟାଏ ଗଢିଯାଏ···ଭଗବାନଙ୍କପରି ।

ମୋର ସମୟ ନଷ୍ଟ ହୁଏ ନାହିଁ । ମୁଁ ତାକୁ ବାନ୍ଧିରଖେ ।

ଏଇ ଚବିଶ ଘଣ୍ଟାର ଯାତ୍ରା ଶୋଇବା ସମୟକୁ ଛାଡ଼ିଦେଇ ବାକି ଯାହା ବଞ୍ଚିବ, ମୁଁ ସେଥିରେ ଅବଶ୍ୟ ଗୋଟିଏ ନୂତନ କବିତାର ଭାବ ତିଆରି କରିବି, ପୃଥିବୀର ଦୃଶ୍ୟରୁ କିଛି ଗୋଟେଇ ନେଇ ଅଭିନବ କଥାଛବି ତିଆରି କରିବି···ଦିଲ୍ଲୀରେ ପହୁଞ୍ଚି କାଗଜ କଲମ ଧରିଲେ ହେଲା । ଆଃ ! ଏଇ ହେଉଛି ଆମ କଳାକାରମାନଙ୍କ ଅଭିଶାପ । ଆମେ ତୁମମାନଙ୍କ ପରି ତଥାକଥିତ ଉପଭୋଗ କରିପାରୁନାହିଁ । ବୁଦ୍ଧ, ଯିଶୁଖ୍ରୀଷ୍ଟ ଇତ୍ୟାଦି ମହାମାନବମାନଙ୍କ ସଦୃଶ କଷ୍ଟ ସହି ତୁମମାନଙ୍କ ପାଇଁ ସାରସତ୍ତା ଗଢିଦେଇଯାଉ । ଏଇ ହେଉଛି ଆମର ଅସଲ କାମ—ବାକି ସବୁଗୁଡ଼ା ମିଛ ବୋଲି କହିପାର ।

ଆଗ ଦୁଇଧାଡ଼ିରେ କେଇଜଣ ଟୋକା ବଡ଼ପାଟିରେ ରାଜନୀତି ଗପୁଛନ୍ତି, କଥା କଥାକେ 'ହ୍ୱାଟ୍ ଶାଲ୍' ଆଦି ଶବ୍ଦ ପ୍ରୟୋଗ କରି ଅଦମ୍ୟ ଉତ୍ସାହ ପ୍ରକଟ କରୁଛନ୍ତି । ବାଁ ପାଖ ଯୋଡ଼ିକିଆ ସିଟ୍‌ର ଧାଡ଼ିରେ ଜଣେ ଟୋପିପିନ୍ଧା ବ୍ୟବସାୟୀ ଟୋପି କାଢିଦେଇ ମୁଣ୍ଡ କୁଣ୍ଡେଇହୋଇ ସ୍ତ୍ରୀଙ୍କ ପାଖକୁ ଉଡ଼ିଯାଇ କ'ଣ କଲେ କେଜାଣି, ସ୍ତ୍ରୀଙ୍କ୍ଉଚ୍ଚସ୍ୱରରେ ଲାଜ ହସହସିବାକୁ ପଡ଼ିଲା । ସେଠି ମଧ୍ୟ ଉତ୍ସାହ । ଆକ୍ରମଣ । କେତେଜଣ ଢୁଲାଉଛନ୍ତି । ଜଣେ ଅଧେ ଶୂନ୍ୟ ଦୃଷ୍ଟିରେ ଆକାଶକୁ ଚାହିଁଛନ୍ତି, ସିନେମା ମାଗାଜିନ୍‌ର ପୃଷ୍ଠା ଓଲଟାଉଛନ୍ତି । ଘୋର ଅନାସ୍ଥା । ପରୁ ମନକୁ ମନ ବିଡ଼ିବିଡ଼ି ହେଉଛି ଏବଂ ପକେଟରୁ ଲଜେନ୍‌ସଟିମାନ କାଢି ଖୋବାଉଛି । ପିଲାପଣ । ପଛରୁ ମାଗ ଓ ତା'ର ପାର୍ଶ୍ୱବର୍ତ୍ତୀନୀ ବିସ୍ମୟାତ୍ମକ ଅବ୍ୟୟ ପ୍ରୟୋଗ କରି କଥା ଉପରେ କଥା ଜମେଇ ପରସ୍ପର ବନ୍ଧୁ ବୋଲାଉଛନ୍ତି । ନାରୀପଣ । କେହିହେଲେ ଗଠନମୂଳକ ଭାବଭାବନାକୁ ଛୁଇଁଲାପରି ମନେହେଉନାହାନ୍ତି ।

ଦୂରରେ ଉପର ଥାକରେ ଗୋଟିଏ ସୁଟ୍‌କେସ ଓ ଗୋଟିଏ ଟିଣଡ଼ବା ବିପଜ୍ଜନକ ଭାବରେ ହଲୁଛନ୍ତି···

Digitized by srujanika@gmail.com

କ୍ଷଣକ ପାଇଁ ବନବାସୀବାବୁଙ୍କ ଆଖି ସେଇଠି ଲାଗିଗଲା । ଯେକୌଣସି ମୁହୂର୍ତ୍ତରେ କୁହାବୋଲା ହୋଇ ବୁନ୍ଧୁଙ୍କ ବୁହେଁ ତଳକୁ ଖସିଯାଇପାରନ୍ତି । ଖସି ପଡ଼ି କାହା ମୁଣ୍ଡରେ, କାହା ପିଠିରେ, କାହା ପାଦରେ···ଧଡ଼ାସ୍ !

ଦେହରେ ନ ବାଜିଲେ ରକ୍ଷା; କିନ୍ତୁ ଧର କେଉଁ ମାଟି କିନିଷ କି କାଚ କିନିଷରେ ବାଜିଲା···

ଧର ମୋର ପୁରସ୍କାର ! ଭଗବାନ୍ ! ନା, ଆଶଙ୍କାର କାରଣ ନାହିଁ । ପୁରସ୍କାର ସହଧର୍ମିଣୀଙ୍କ ପାଖରେ ସୁରକ୍ଷିତ । ତଥାପି ବନବାସୀବାବୁ ପଛକୁ ନ ଅନେଇ ରହି-ପାରିଲେନାହିଁ । ମାଙ୍କର ମୁଣ୍ଡ ଉପର ଥାକରେ ଅସ୍ଥିର ତବା ସୁଟ୍‌କେସ୍ କିଛି ନାହିଁ ତ ?

ନାହିଁ । ବନବାସୀବାବୁ ଆଶ୍ୱସ୍ତ ହୋଇ ଦୃଷ୍ଟି ଫେରାଇଲେ । ଆଗାମୀ କବିତାକୁ ଜୀବନ ଦେବାପାଇଁ ପ୍ରଥମେ କେଉଁ ଶବ୍ଦର ମନ୍ତ୍ର ପଢ଼ିଲେ ଭଲହେବ ବୋଲି ଭାବିବସିଲେ ।

କବିତା ଧୀରେ ଧୀରେ ଗଢ଼ିଉଠିଲା; କିନ୍ତୁ ଯଥାସମୟରେ ନିଦ ଆସିଲାନାହିଁ । ଏକେତ ଚଳନ୍ତାରେ ଆଉଜି ଶୋଇପଡ଼ିବାର ଅଭ୍ୟାସ ନାହିଁ । ତା'ଛଡ଼ା ଏତେ ଗୋଳମାଳ—କାହାର ହସ, କାହାର ଘୁଙ୍ଗୁଡ଼ି ଏବଂ କେଉଁ ଅନାବଶ୍ୟକ ଷ୍ଟେସନ୍‌ରେ ଯାତ୍ରୀମାନଙ୍କର ଗମନାଗମନ ।

ବେଳେବେଳେ ମନେହେଲା କବିତା ଯେତିକ ଆଗଉଛି ସେତିକ ପଛଉଛି । ଯେଉଁ ରୂପକର ଅଦେଖା ପବନ କଅଁଳ ସବୁଜକୁ କେବଳ ଛୁଇଁ ଛୁଇଁ କଥା ନ କହି ଗ୍ଭଲିଯାଉଛି, ସେଠି କାନ୍ଦଣାର କୋହ ଭରିବାକୁ ପଡ଼ିବ, ପବନକୁ କିମ୍ବା ସବୁଜକୁ କଥା କୁହେଇ କନ୍ଦେଇବାକୁ ପଡ଼ିବ···କିନ୍ତୁ ପାଟି ଫିଟିଲେ ସୁଁ ସୁଁ ଲାଳସିଙ୍ଘାଣି, ଚିତ୍କାର, ଅକବିତାର ଚେହେରା ଦିଶିଯାଉଛି । ମନେହେଉଛି, ଶୋକ ସୁନ୍ଦର ହେବାକୁ ଗ୍ଭହେଁନାହିଁ । ସେଇ ପୁରୁଣା ସମସ୍ୟା, 'ଚମ୍ପା ଏବଂ ଚଡ଼ାବାଘ'ରେ ଯେମିତି ଥିଲା, କାବ୍ୟଚେତନା ଉପରକୁ ନ ଯାଇ ତଳକୁ ଖସୁଛି, ଅଶବ୍ଦରୁ ଶବ୍ଦକୁ ସ୍ଥୂଳକୁ, ଇତର ଅସୁନ୍ଦର ତଳକୁ ଖସୁଛି । ମିଶେଇବାକୁ ପଡ଼ିବ, ଭିନ୍ନ ରୂପକ ଖଞ୍ଜିଦେବାକୁ ପଡ଼ିବ, ଦର୍ଶେଇବାକୁ ପଡ଼ିବ ଯେ ହିଂସାରେ ମହକ ଅଛି, ମହକରେ ହିଂସା ନାହିଁ, ଗମ୍ଭୀର ଅନୁଭୂତିରେ ବିକୃତିନାହିଁ । ପ୍ରକୃତ କବିତାରେ ଜୀବନ ମିଶିଯାଇଛି, ଜଳଜଳ ହୋଇ ଜୀଇଁ ନାହିଁ···

ରୂପକମାନଙ୍କୁ ସଜାଡ଼ୁ ସଜାଡ଼ୁ ବନବାସୀବାବୁଙ୍କୁ ଗ୍ଭଇନିଦ ଲାଗିଆସିଲା । ନିଦ କରିଛି କି ନାହିଁ ସେ ଏକ ବିକଟ ଶବ୍ଦର ସଂଘାତରେ ଚମକି ଉଠିପଡ଼ିଲେ । ଉପରୁ ଗୋଟାଏ ଟାଣୁଆ ମୁନିଆଁ ସୁଟକେସ ଖସିପଡ଼ି ମୋ ପୁରସ୍କାରକୁ ଭାଙ୍ଗି ଛତୁ କରିଦେଇଛି ।

କାହିଁ ? ଶବ୍ଦ କେଉଁଠୁ ଆସିଲା ? ସବୁ ଯଥାସ୍ଥାନରେ ଅଛି, ମାଙ୍କ ପାଖରେ ମୋ ପୁରସ୍କାର ଆରାମରେ ଅଛି । ଶୋଇପଡ଼ କବି, ଶୋଇପଡ଼ । ବନବାସୀବାବୁ ନିଜକୁ ଥାପୁଡ଼େଇ ସକାଳ ଯାଏଁ ଦିବ୍ୟ ଶୋଇଗଲେ ।

Digitized by srujanika@gmail.com

ସକାଳୁ ଉଠି ବନବାସୀ ବାବୁ ମାଗ୍‌ ଦେବୀଙ୍କୁ ପଚାରିଲେ—

"ନିଦ ହୋଇଥିଲା ?"

"ହୁଁ । ମୁଁ କ'ଣ ତୁମ ପରି ଖବୁକ ହୋଇଛି ?"

(ସ୍ମିତ ହସର ଆଦାନ ପ୍ରଦାନ)

(ମୁହଁ ଚୁହାଁଚୁହିଁ ନୀରବତା)

"ଏଭ୍‌ରିଥିଙ୍ଗ୍‌ ଅଲରାଇଟ୍‌ ?" ଅଭିବ୍ୟକ୍ତିରେ ଅଡୁଆ ପଶିଲେ ବନବାସୀବାବୁ ବେଳେବେଳେ ଇଂରେଜୀ କହନ୍ତି, କଥା-ବସ୍ତୁକୁ ଚାଦରରେ ଘୋଡ଼େଇ ସମତୁଲ କରିଦେଲାପରି ଲାଗେ ।

"ହଁ ଯେ, କିନ୍ତୁ ତୁମର ସେଇ ଲମ୍ବା ଚଉଡ଼ା ପୁରସ୍କାର ଖଣ୍ଡିକ ବଡ଼ ହଇରାଣ କଲା । ମୁଁ ଆଉ ମିସେସ୍‌ ସେନ୍‌ଗୁପ୍ତ ତାକୁ ବଲେଇଛୁଆପରି ଏଠି ସେଠି ଘୁରେଇ ସମ୍ଭାଳିଥିଲୁ; କିନ୍ତୁ କେମିତି କେଜାଣି କଡ଼ରୁ ଟିକିଏ ଫାଟିଯାଇଛି, କାଚ ଫାଟିଯାଇଛି, ବିଶେଷ କିଛି ନୁହେଁ···କାହାକୁ ଦୋଷ ଦେବାର ନୁହେଁ ।"

କାହାକୁ ଦୋଷ ଦେବାର ନୁହେଁ । ଫାଟି ଯାଇଛି, ଭାଙ୍ଗିନାହିଁ, ଛିନ୍ନ ହୋଇ ଯାଇନାହିଁ । ମୂଳରୁ ଶେଷଯାଏଁ ଅଖଣ୍ଡ ହୋଇ ରହିବ ବୋଲି କଥା ନଥିଲା । ଫାଟି ଯିବାର ଅର୍ଥ ନୁହେଁ ଯେ ଦେହଲା କାନ୍ଥରେ ଫାଟ ଧରିଲା···କିଛି ଯାଏଆସେନାହିଁ ।

"କିଛି ଯାଏ ଆସେନାହିଁ ।"

(ସ୍ମିତ ହସର ଆଦାନ ପ୍ରଦାନ)

ବନବାସୀବାବୁ ସଲଖି ହୋଇ ବସିଲେ । କବିତାର କ୍ରମ ଯେଉଁଠି ଅଟକିଥିଲା ତାକୁ ସେଇଠୁ ସିଧାସଳଖ ଆଗେଇ ନେଇ ସାରିଦେବାକୁ ଚାହିଁଲେ, ଯେପରି କି ଦିଲ୍ଲୀରେ ପହଞ୍ଚି କେବଳ କଲମ ଧରିଲେ ହେଲା । ବାରମ୍ବାର ଫଟୋକାଚ କଥା ମନରେ ଆସିବାରୁ ନିଜକୁ କହିଲେ ଯେ ପରୁଆନାହିଁ, ଗତାନୁଗତିକ ଉପମା ଦେବାକୁ ହେଲେ ଚନ୍ଦ୍ରମାରେ କଳଙ୍କ···

ଏହା ପରେ ଯେଉଁ ସାନ ଦୁର୍ଘଟଣା ଘଟିଲା, ସେଥିରେ କାହାର ହାତ ନ ଥିଲା । ଦୈବଦୁର୍ଘଟଣା ବୋଲି କହିବା ମଧ୍ୟ ଉଚିତହେବନାହିଁ, ସେଥିରେ ଦେବତାଙ୍କର କେଉଁ ଉଦ୍ଦେଶ୍ୟ ସାଧିତ ହେଲା ? ବନବାସୀବାବୁଙ୍କ ମନରେ ଖଣ୍ଡିଆଭୂତ ସୃଷ୍ଟି କରିବାରେ ଲାଭ କଅଣ ହେଲା ? ହେଲା କଅଣ କି ରେସ୍ତୋରାଁକାରର ବିଅର୍‌ର ମିସେସ୍‌ ସେନଗୁପ୍ତଙ୍କ ପାଇଁ ଖାଇବା ଥାଳି ଧରି ଆସୁଥିଲା । ଯେହେତୁ ମିସେସ୍‌ ସେନଗୁପ୍ତ ଝରକା ପାଖରେ ବସିଥାଆନ୍ତି, ବିଅର୍‌ରକୁ ମାଗ୍‌ ଦେବୀଙ୍କ ସିଟ୍‌ ଉପର ଦେଇ ଝୁଙ୍କିବାକୁ ପଡ଼ିଲା । ପୁରସ୍କାର ସେତେବେଳକୁ ମାଗ୍‌ ଦେବୀଙ୍କ ଗୋଡ଼ ପାଖରେ ଶାୟିତ ଅବସ୍ଥାରେ ଥିଲା ଓ ତା'ର ଗୋଟିଏ ଅଂଶ ମଝି ବାଟକୁ ସାମାନ୍ୟ ବାହାରି ଆସିଥିଲା । ବିଅର୍‌ର ଝୁଣ୍ଟିଲା । ଝୁଣ୍ଟିଲେ କିଛି କ୍ଷତି ନାହିଁ, ସେଇ ମୁହୂର୍ତ୍ତରେ ବୋଧହୁଏ ରେଳଗାଡ଼ି ଉଚ୍ଚତରୁ

Digitized by srujanika@gmail.com

ଅଧିକ ଅଣେଇ ହୋଇଗଲା । ଫଳତଃ ଥାଳୀରୁ କପ୍ ଖସିପଡ଼ିଲା, କପ୍‌ର ମାଂସ ଝୋଳ ଛାଲହୋଇଗଲା ଓ ମୀରା ଦେବୀଙ୍କର ଶାଢ଼ିଯାକ ଯେ ଲେସିହୋଇଗଲା ଏବଂ ଧାରଟିଏ ଅପ୍ ଅପ୍‌କନ ତଳକୁ ଗଡ଼ିଲା । ପୁରସ୍କାର ଉପରେ ଝୋଳ ପଡ଼ିଲା ।

ମୀରା ଦେବୀ ପାଟିକରି ଉଠିଲେ, ମିସେସ୍ ସେନ୍‌ଗୁପ୍ତ ବ୍ୟସ୍ତ ହୋଇପଡ଼ିଲେ ଏବଂ ବଅରର ମାଙ୍ଗି ମାଗି ପୋଛୁପୋଛୁ କରିବାକୁ ଲାଗିଲା । ବନବାସୀବାବୁ ମୀରାଦେବୀଙ୍କ ପାଖକୁ ଆସି ଶାଢ଼ିର ଦୁର୍ଦ୍ଦଶା ଦେଖି ବିବ୍ରତ ହେଲେ । କିଛି ସମୟ ଉତ୍ତାରୁ ଲକ୍ଷ୍ୟ କଲେ ଯେ ପୁରସ୍କାର ଉପରେ ଝୋଳ ପଡ଼ିଛି ।

ଝୋଳ କନା ଭିଜେଇ କାଚ ଦେହକୁ ଯାଇଛି । କାଚ ଫାଟି ଯାଇଛି, ତେଣୁ ପୁରସ୍କାର ଅକ୍ଷର ଭିତରକୁ ଯାଇଥିବ ।

"ଦେଖିଲଣି ?" ବନବାସୀ ବାବୁ ମୀରାଦେବୀଙ୍କ ଦୃଷ୍ଟି ଆକର୍ଷଣ କଲେ ।

ମୀରାଦେବୀ ସ୍ୱାମୀଙ୍କ ଆତଙ୍କିତ ଗୃହାଣୀକୁ ଅନୁସରଣକରି ଦେଖିଲେ ଏବଂ ଅପ୍ରତ୍ୟାଶିତ ଭାବରେ ସ୍ୱର ଉଞ୍ଚେଇ କହିଲେ, "କଣ ହୋଇଛି ? ତମ ବଅଁ ଅପବିତ୍ର ହୋଇଗଲେ ? ମୋର ଦାମିକା ଶାଢ଼ି ଖଣ୍ଡିକ ନଷ୍ଟ ହୋଇଗଲା, ସେଥିରେ ତୁମର ଦେହକୁ ଲାଗିଲା ନାହିଁ, ଆଉ ତୁମର ସେଇ···ପାଟିରୁ କଣ ବାହାରୁଛି···"

ଏତେ ରାଗିବାର କଅଣ ଅଛି ? ଶାଢ଼ି ପାଇଁ ମୁଁ କଅଣ ଦୁଃଖ କରୁନାହିଁ ? ହେଲେ ପୁରସ୍କାର କେବଳ କାଠ କାଚ କାଗଜ ନୁହେଁ, ତା'ଠାରୁ ଅଧିକ···ମୀରା କଅଣ ଜାଣିନାହିଁ ? ସେ ପରା ନିଜେ ତାକୁ ତାର ଗହଣା ବାକ୍ସ ଭିତରେ ସାଇତିବାକୁ ଯାଉଥିଲା ? ବନବାସୀ ବାବୁଙ୍କ ଇଚ୍ଛାହେଲା ଯେ ଗ୍ରେଟେ ଦେବେ । ତା'ର ଶଠତା ସ୍ୱାର୍ଥପରତାକୁ ଚହଲେଇ ଦେବେ, ଭରା ଡ୍ରେନ୍‌ରେ ମିସେସ୍ ସେନ୍‌ଗୁପ୍ତ ସମେତ ଯେତେକ ଲୋକମାନଙ୍କ ସାମନାରେ ଧରାପକାଇଦେବେ । ବନବାସୀ ବାବୁ ଉଦ୍ୟତ ହେଲେ ।

ଦେଖିଲେ ଯେ ମୀରା ସେଇଟିକୁ କୋଳରେ ଆଣି ପରଖୁଛି । କେତେଦୂର କ୍ଷତ ହୋଇଛି ପରା ବୋଲି ବିଚାରୁଛି । ବନବାସୀ ବାବୁ ଦଣ୍ଡେ ରହିଗଲେ ।

ସେଇଠୁଁ ମୀରା ଦେବୀ ମୁଣ୍ଡ ଟେକି ଆଉ ପଦେ କହିଲେ—

"ମୁଁ ଝୋଳ, ଝୋଳର ଦାଗ ସବୁ ଛଡ଼େଇ ଦେବି । ତୁମ ପୁରସ୍କାର ପୁଣି ଟକ୍ ଟକ୍ ହୋଇ ଉଠିବ; କିନ୍ତୁ ତୁମେ ପାରିବ ? ମୋ ଦେହରେ, ମନରେ ଯେତେକ କଳା ବୋଲିଛି ତାକୁ ଲିଭେଇଦେଇ ପାରିବ ?"

"ଓଃ, କଣ କହୁଛ ତୁମେ ? ଓଡ଼ିଆରେ କହୁଛ ବୋଲି କଣ କେହି ବୁଝିପାରୁ ନ ଥିବେ ?" ବନବାସୀ ବାବୁ ଉତ୍ତ୍ୟକ୍ତ ହେଲେ; କିନ୍ତୁ ଆଗେଇ ପାରିଲେ ନାହିଁ । ଚେତନାର ଗହ୍ୱରରେ ଖଣ୍ଡିଆଭୂତ ନାଚି ଉଠିଲା । କହ, କହ, ଯେତେ କହିବ କହ । ମୁଁ କଅଣ ମନାକରୁଛି ? ତୁମକୁ ବାହାହୋଇ ତୁମକୁ ଭଲପାଇଲେ ମଧ୍ୟ ମୁଁ ତୁମ ଶ୍ରୀଅଙ୍ଗରେ କଳାବୋଳିଛି—ମୋତେ କାହିଁକି ସ୍ମରଣ କରେଇଦେଉଛ ? କାହିଁକି,

Digitized by srujanika@gmail.com

ହାରଯିବାକୁ କହୁଛ ? କାହିଁକି ? କାହିଁକି ?

ନୀରଦେବୀ ଅନୁତପ୍ତ ହୋଇ କହିଲେ—"ଆଇ ଆମ୍ ସରି ।" ବନବାସୀବାବୁ ଶୁଣି ନ ଶୁଣିଲାପରି ରହିଲେ ।

ମୁଁ ଯାହା କରିଛି କେଉଁ ସ୍ୱାମୀ କେଉଁ ପୁରୁଷ କରିନାହିଁ ? ଖାଲି ସେତିକି କାହିଁକି, ମୁଁ ବାପ ଭାଇ, ଭୃତ୍ୟ ମୁନିବ, ସମାଜ ସରକାର ସମସ୍ତଙ୍କ ଦେହରେ କଣ କିଛି କିଛି କଳା ବୋଳି ନାହିଁ ? ବୋଳିଛି । ମୋର ସାଧାରଣ ଜୀବନରେ କେତେ ନଉଚ୍ଛୁଣା କାମ କରିଛି । କିନ୍ତୁ ମୋର ସାହିତ୍ୟ, ମୋର କବିତା ଅପବିତ୍ରହେବନାହିଁ । ତାକୁ କେହି ଅପବିତ୍ର କରିପାରିବେ ନାହିଁ—ବୁଝୁଛ ?

ନୀରୁ, ପ୍ଲିଜ୍, ମୋତେ ହାରଯିବାକୁ କହନାହିଁ । ମୋ ଚନ୍ଦ୍ରମାରେ କଳଙ୍କ ନାହିଁ । ହିଂସାରେ ମହକ ଅଛି, ମହକରେ ହିଂସା ନାହିଁ । ପ୍ରକୃତ କବିତାରେ ଜୀବନ ମିଶିଯାଇଛି । ଜଳଜଳ ହୋଇ ଜାଳିନାହିଁ···

ଦିଲ୍ଲୀରେ ପହଞ୍ଚିବା ଯାଏଁ ନୀରଦେବୀ ସ୍ୱାମୀଙ୍କର ମୁହଁକୁ ସତେଜ କରିବାପାଇଁ ଅନେକ ଚେଷ୍ଟାକଲେ । ପରୁର ସାହାଯ୍ୟ ନେଇ ଏଣୁ ତେଣୁ କଥା ପକେଇ ହସେଇବାର ଯନ୍ତ୍ର କଲେ । ଦିଲ୍ଲୀ ଷ୍ଟେସନରେ ଉତ୍‌ଫୁଲ୍ଲବଦନା ଈରା, ଧୀରା ଦୁଇ ଝିଅଙ୍କ ହାତରେ ପୁରସ୍କାରଟିକୁ ବଢ଼େଇଦେଇ କହିଲେ—

"ଇଏ ହେଉଛି ବାପାଙ୍କ ପ୍ରାଇଜ୍ । କବିତା ପାଇଁ ଏତେ ବଡ଼ ପ୍ରାଇଜ୍ ପାଇଛନ୍ତି, ସାବଧାନରେ ଧରିବ···ଏଥିରେ ଟିକିଏ ଖୋଲ ପଡ଼ିଗଲା ଯେ ବାବୁଙ୍କ ମୁହଁ ଶୁଖିଯାଇଛି । ତୁମେ ଦୁଇଜଣ, ମୁଁ, ପରୁ ଆମେ ସମସ୍ତେ ଏକାଠି ମିଶି ସେଥିରୁ ଦାଗଫାଗ ସବୁ ଛଡ଼େଇଦେବା—କଣ କହୁଛ ?"

"ନିଶ୍ଚୟ !" ଈରା, ଧୀରା ତତ୍‌କ୍ଷଣାତ୍ ରୁମାଲ ଖଣ୍ଡେ ବାହାରକରି କାମ ଆରମ୍ଭ କରିଦେଲେ । ☐☐☐

Digitized by srujanika@gmail.com